ଭକ୍ତକବି ଭକ୍ତଚରଣ ଦାସଙ୍କ ରଚିତ

# ମଥୁରା ମଙ୍ଗଳ

ବିଶୁଦ୍ଧପାଠ, ମୁଖବନ୍ଧ ଓ ଟୀକା ସହ

ରେଭେନ୍‌ସା କଲେଜର ଅବସର ପ୍ରାପ୍ତ ଅଧ୍ୟାପକ
ରାୟ ବାହାଦୁର ଶ୍ରୀ ଆର୍ତ୍ତବଲ୍ଲଭ ମହାନ୍ତି ଏମ୍.ଏ.ଙ୍କ
ଦ୍ୱାରା ସଙ୍କଳିତ

ପ୍ରଥମ ସଂସ୍କରଣ

ପ୍ରକାଶକ—
ଉତ୍କଳ ବିଶ୍ୱବିଦ୍ୟାଳୟ
କଟକ
୧୯୫୧

ମୂଲ୍ୟ ଟ ୨୯
ଅତିରିକ୍ତ · ଟ ୧୯

ପ୍ରାଚୀ ସମିତି ପୂର୍ବେ ବହୁ ପ୍ରାଚୀନ ଗ୍ରନ୍ଥ ପ୍ରକାଶ କରିଥିଲେ ; ଏବେ ସେଗୁଡ଼ିକ ଓ ପ୍ରାଚୀନ ତାଳ ପତ୍ର ପୋଥିମାନ ଉତ୍କଳ ବିଶ୍ୱବିଦ୍ୟାଳୟ ହସ୍ତରେ ଅର୍ପଣ କରିଅଛନ୍ତି ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ କ୍ରମେ ସେଗୁଡ଼ିକ ପ୍ରକାଶ କରିବାର ଭାର ମଧ୍ୟ ଗ୍ରହଣ କରିଅଛନ୍ତି । ସେହି ଗ୍ରନ୍ଥମାନ 'ପ୍ରାଚୀଗ୍ରନ୍ଥମାଳା' ନାମରେ ପ୍ରକାଶିତ ହେବ । ଟୀକା ଓ ମୁଖବନ୍ଧ ଇତ୍ୟାଦି ସହ ମଥୁରା ମଙ୍ଗଳର ଗୋଟିଏ ସଂସ୍କରଣ ଏବଂ କେବଳ ପଦ୍ୟାଂଶ ସମ୍ବଳିତ ଅନ୍ୟ ଏକ ସଂସ୍କରଣ 'ପ୍ରାଚୀଗ୍ରନ୍ଥମାଳା'ର ( ୧ ) ଓ ( ୨ ) ଖଣ୍ଡ ରୂପେ ପ୍ରକାଶିତ ହେଲା ।

# ମୁଖବନ୍ଧ

---

ପ୍ରାୟ ଦୁଇ ବର୍ଷ ତଳେ ମୋହର ପ୍ରିୟ ଛାତ୍ର ଶ୍ରୀମାନ୍ ଜଗଦାନନ୍ଦ ଗ୍ରୀଷ୍ମାବକାଶରେ ଗ୍ରାମକୁ ଯାଇ ଖଣ୍ଡେ ମୁଦ୍ରିତ ମଥୁରାମଙ୍ଗଳ ସହିତ ତାଙ୍କ ଘରର ପୋଥି ମିଳାଇ ମୁଦ୍ରିତ ପୁସ୍ତକମାନଙ୍କର କେତେକ ସ୍ଥଳରେ ଭ୍ରମପ୍ରମାଦ ଥିବାର ଦେଖିଲେ । ସେ ଗ୍ରାମରୁ ଆସି ମୋତେ ସେହି ସେହି ସ୍ଥଳମାନ ଦର୍ଶାଇ ଭିନ୍ନ ଭିନ୍ନ ସ୍ଥଳମାନଙ୍କରୁ ମଥୁରାମଙ୍ଗଳ ପୋଥି ସଂଗ୍ରହ କରି ମଥୁରାମଙ୍ଗଳର ଖଣ୍ଡିଏ ସୁବିଶୁଦ୍ଧ ସଂସ୍କରଣ କରିବା ନିମିତ୍ତ ଅନୁରୋଧ କଲେ । ମୁଁ ସେତେବେଳେ ଅନ୍ୟାନ୍ୟ ଗ୍ରନ୍ଥ ସଂକଳନରେ ବ୍ୟସ୍ତ ଥିଲି । କାଳକ୍ରମେ ପୁରୀ, କଟକ, ବାଲେଶ୍ୱର, ମୟୂରଭଞ୍ଜ, ଢେଙ୍କାନାଳ ପ୍ରଭୃତି ସ୍ଥାନରୁ ୮ ଖଣ୍ଡ ପୋଥି ସଂଗୃହୀତ ହେଲା । ପୋଥି ପାଇବାର ସ୍ଥାନ ଓ ପୋଥିଦାତା ମାନଙ୍କର ନାମ ନିମ୍ନରେ ପ୍ରଦତ୍ତ ହେଲା:—

(କ) ପୁସ୍ତକ—ଅରୁଣୋଦୟ ପ୍ରେସରେ ମୁଦ୍ରିତ ।

(ଖ) ପୋଥି—ପୁରୀ—ଶ୍ରୀ ବାବୁ ଜଗଦାନନ୍ଦ ମହାନ୍ତି—ଲେଖନ ସମୟ ନିର୍ଦ୍ଦେଶ ହୋଇ ନାହିଁ ।

(ଗ) ପୁସ୍ତକ—ବାମଣ୍ଡା ଯନ୍ତ୍ରାଳୟରେ ମୁଦ୍ରିତ ।

(ଘ) ପୋଥି—ମଧୁସୂଦନ ଦାଶ, ଝାଞ୍ଜିରମଙ୍ଗଳା, କଟକ—ଲେଖନ ସମୟ— ଶ୍ରୀ ଦିବ୍ୟସିଂହ ମହାରାଜାଙ୍କ ବିଜେ ଶୁଭରାଜ୍ୟ ସମସ୍ତ ୨୯ ଅଙ୍କ ।

(ଚ) ପୋଥି—ଶ୍ରୀ ବାବୁ ପଦାରବିନ୍ଦ ମହାନ୍ତି, ବି. ଏସ୍‌ସି. ପଦ୍ମପୁର—ଲେଖନ ସମୟ ନାହିଁ ।

(ଛ) ପୋଥି—ରାୟବାହାଦୂର ଦୟାନିଧି ଦାସ, ବି. ଏ, ପୁରୀ କଲେକ୍ଟର, ସା: ଗଡ଼ଜଙ୍ଗ । ଲେଖନକାର ଶ୍ରୀ ପଦ୍ମନାଭ ମିଶ୍ର—ଲେଖନ ସମୟ ୧୩୦୮ ସାଲ ।

(ଜ) ପୋଥି—ଶ୍ରୀ ଗୋବିନ୍ଦଚନ୍ଦ୍ର ମହାପାତ୍ର, ସା: ଢେଙ୍କାନାଳ—ଲେଖନ ସମୟ ନାହିଁ ।

(ଝ) ପୋଥି—ମହନ୍ତ ମହାରାଜ ଏମାର ମଠ, ପୁରୀ—ଲେଖନ ସମୟ— ଶ୍ରୀ ରାମଚନ୍ଦ୍ର ମହାରାଜାଙ୍କ ବିଜେ ଶୁଭରାଜ୍ୟ ସମସ୍ତ ୩୯ ଅଙ୍କ ।

(ଟ) ପୋଥି—ଶ୍ରୀ ବାବୁ ଅଦ୍ୱୈତଚରଣ ମହାନ୍ତି, ବି. ଏ., ପୁରୀ—ଲେଖନ ସମୟ—ରାମଚନ୍ଦ୍ର ଦେବ ମହାରାଜାଙ୍କ ୨୭ ଅଙ୍କ (ଏ ପୁସ୍ତକ ରହିଣି ପରିମାଳ ବିଶେ—ରଢ଼ାଙ୍ଗି ଇଚ୍ଛାବତୀପୁର ଶାସନ ରହିଣି; ବାସୁ ଶତପଥୀଙ୍କର) ।

(ଠ) ପୋଥି—ଶ୍ରୀ ମହେନ୍ଦ୍ରଚନ୍ଦ୍ର ପଣ୍ଡା—ଲେଖନ ସମୟ—୧୨୫୫ ସାଲ । ଶାସନ ଜିଉଁଳିଗ୍ରାମ । ଲେଖନକାର—ରଘୁନାଥ ପତି, ହରିହରପୁର ରାଜ୍ୟ ଆଦିପୁର ଦଣ୍ଡପାଟ ।

ମୋର ତତ୍ତ୍ୱାବଧାନରେ ବାବୁ ଜଗଦାନନ୍ଦ ଉପର୍ଯ୍ୟୁକ୍ତ ମଥୁରାମଙ୍ଗଳ ପୋଥିମାନ ଅରୁଣୋଦୟ ଓ ବାମଣ୍ଡା ପ୍ରେସରୁ ମୁଦ୍ରିତ ପୁସ୍ତକଦ୍ୱୟ ସହିତ ମିଳାଇ ଶୁଦ୍ଧପାଠ ସଂଗ୍ରହ କରିବାକୁ ଲାଗିଲେ । ସେ କାର୍ଯ୍ୟ ସେ ୨୫ ଛାନ୍ଦ ଶେଷ କରିବା ପର୍ଯ୍ୟନ୍ତ ସମୟ ଓ ସୁବିଧା ପାଇଥିଲେ । ପରେ କାର୍ଯ୍ୟାନୁରୋଧରେ ସେ ସ୍ଥାନାନ୍ତରିତ ହେବାରୁ ଅବଶିଷ୍ଟ ୫ ଛାନ୍ଦ ମୋତେ ଗତ ଗ୍ରୀଷ୍ମାବକାଶରେ ଗୋପୀନାଥ ମହାପାତ୍ର ବି. ଏ. ଓ ମୋର କାର୍ଯ୍ୟର ପ୍ରଧାନ ସହାୟକ କଲେଜର ଅଧ୍ୟାପକଦ୍ୱୟ ବାବୁ ଗୁରୁଚରଣ ଓ ଲକ୍ଷ୍ମୀକାନ୍ତଙ୍କ ସହିତ ଶେଷ କରିବାକୁ ହୋଇଥିଲା । ସୁଖର କଥା, ଇତିମଧ୍ୟରେ ମଥୁରାମଙ୍ଗଳ ବି. ଏ. କ୍ଲାସରେ ପଢ଼ା ହେବାର ସ୍ଥିର ହେଲା । ବହୁ ସଂସ୍କରଣ ସତ୍ତ୍ୱେ କଲେଜର ପାଠୋପଯୋଗୀ ସଂସ୍କରଣର ଅଭାବ ଉପଲବ୍ଧି କରି ମୁଁ ଏ ଶୁଦ୍ଧ ସଂସ୍କରଣ ପ୍ରକାଶ କଲି । ସୁଧୀ ପାଠକବର୍ଗଙ୍କୁ ମୋର ସବିନୟ ଅନୁରୋଧ, ସେମାନେ ପୂର୍ବ-ସଂସ୍କରଣମାନଙ୍କ ସହିତ ମତ୍ସଂକଳିତ ଏହି ଗ୍ରନ୍ଥକୁ ବିଚାରପୂର୍ବକ ପାଠକଲେ, ଏହାର ଶୁଦ୍ଧତ୍ୱ ସମ୍ୟକ୍ ପ୍ରକାରରେ ଉପଲବ୍ଧି କରିବେ, ମୋର ପୂର୍ଣ୍ଣ ବିଶ୍ୱାସ ।

**କାଳ ନିରୂପଣ**—ଭକ୍ତଚରଣଙ୍କ ବିଷୟରେ ୰ ତାରିଣୀଚରଣ ରଥ ଯାହା କହିଅଛନ୍ତି, ସେଥିରୁ **ଭକ୍ତଚରଣ ଦାସଙ୍କ** ସଠିକ୍‌ରୂପେ କାଳ ନିରୂପିତ ହୋଇ ପାରୁ ନାହିଁ । ସେ ଉପେନ୍ଦ୍ର ବା କାବ୍ୟଯୁଗକୁ ୧୭୦୦-୧୮୦୦ ରୂପେ ଧରି ଉପେନ୍ଦ୍ର ଭଞ୍ଜ, ଘନ ଭଞ୍ଜ, ଗୋପାଳ କବି, ଅଭିମନ୍ୟୁ, ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା ଓ ଭକ୍ତଚରଣ ଦାସଙ୍କ ବିଷୟ କ୍ରମାନ୍ୱୟରେ ଲେଖି ଅଛନ୍ତି । ଏଥିରୁ ସ୍ପଷ୍ଟ ଅନୁମିତ ହୁଏ ଯେ, ଭକ୍ତଚରଣ ଅଭିମନ୍ୟୁ ଓ ସଦାନନ୍ଦ କବିସୂର୍ଯ୍ୟଙ୍କ ପରକାଳର ବା ସମକାଳର ଲୋକ ଥିଲେ । ସେ ଲେଖି ଅଛନ୍ତି, "କବି ମଥୁରାମଙ୍ଗଳ ନାମକ ରାଧାକୃଷ୍ଣଲୀଳା ବିଷୟକ ଗ୍ରନ୍ଥ ରଚନା କରି ଅଛନ୍ତି । ଗ୍ରନ୍ଥଟି ଜନସାଧାରଣରେ ସୁପରିଚିତ ଓ ସମାଦୃତ । କବିଙ୍କର ବାସସ୍ଥାନ ସାନପଦର । ସେ ଜଣେ ବୈରାଗୀ ଥିଲେ ।" ହଣ୍ଟର ସାହେବ କହନ୍ତି ଯେ, ଭକ୍ତଚରଣ ଦାସ ୧୫୦ ବର୍ଷ ପୂର୍ବେ ଜୀବିତ ଥିଲେ । ସେ ମଥୁରାମଙ୍ଗଳ ନାମକ ରାଧାକୃଷ୍ଣଲୀଳା ବିଷୟକ ଗ୍ରନ୍ଥ ରଚନା କରି ଅଛନ୍ତି ।

ବିଜୟ ବାବୁ ତାଙ୍କ ଓଡ଼ିଆ ସାହିତ୍ୟ-ପରିଚୟ ୨ୟ ଖଣ୍ଡର ମୁଖବନ୍ଧର ୮ ପୃଷ୍ଠାରେ କହନ୍ତି ଯେ, ଭକ୍ତଚରଣ ଦୀନକୃଷ୍ଣଙ୍କର ସମସାମୟିକ ଥିଲେ । ମୁସଲମାନ ରାଜତ୍ୱ ୧୫୬୮ ସାଲରୁ ଆରମ୍ଭ ହୁଏ—ସେ ଦୁହେଁ ଏହି ମୁସଲମାନ ରାଜତ୍ୱର ଆଦିକାଳର କବି ଥିଲେ । ପୁନଶ୍ଚ ସେ ଭକ୍ତଚରଣ ଦାସଙ୍କ ବିଷୟରେ ୧୦ ପୃଷ୍ଠାରେ କହନ୍ତି ଯେ, "ମୁଁ ପୂର୍ବେ କହିସାରିଛି ଯେ ଭକ୍ତଚରଣ ଦୀନକୃଷ୍ଣଙ୍କ ସମସାମୟିକ ଥିଲେ । ସେ ଓ ଦୀନକୃଷ୍ଣ ନୂତନ ଓ ପ୍ରାଚୀନ ସାହିତ୍ୟର ସଂସ୍ଥାନ ଓ ରୀତିର ସନ୍ଧି ବା ମଧ୍ୟବର୍ତ୍ତୀ କାଳର ଲୋକ ଅଟନ୍ତି । ନୂତନ କହିବା ଦ୍ୱାରା ମୋର ଅଭିପ୍ରାୟ ଏହି ଯେ, ତାହା ଅପ୍ରାକୃତିକ (ଶବ୍ଦାଲଙ୍କାରପୂର୍ଣ୍ଣ) ରୀତି ଯାହା କି ଭଞ୍ଜ ଓ ତାଙ୍କ ପରବର୍ତ୍ତୀ ଲେଖକଙ୍କ ଲେଖାର ବିଶେଷତ୍ୱ ।

ବର୍ତ୍ତମାନ ପୂର୍ବବର୍ତ୍ତୀ ଲେଖକମାନଙ୍କ ସମୟ ନିରୂପଣର ସତ୍ୟାସତ୍ୟ ବିଚାର କରାଯାଉ—ଡା. ବଣୀଚରଣଙ୍କ ଲେଖାରୁ କୌଣସି ସଠିକ ସମୟ ନିରୂପଣ କରିବା ଦୁରୂହ । ସେ ହଣ୍ଟରଙ୍କ ସମୟ ନିରୂପଣକୁ ଅବଲମ୍ବନ କରି ଏପରି ଲେଖିଅଛନ୍ତି । ତାଙ୍କର ଭକ୍ତଚରଣଙ୍କ ଜୀବନ-ସମୟର ବିଶେଷ ଧାରଣା ନ ଥିଲା । ହଣ୍ଟର ତାଙ୍କ ଇତିହାସ ୧୮୭୨ ସାଲରେ ମୁଦ୍ରିତ କରାଇ ଅଛନ୍ତି । ତାଙ୍କର ଇତିହାସ ଲେଖା ପ୍ରାୟ ସେହି ବର୍ଷ ବା ତା ପୂର୍ବ ବର୍ଷ ହୋଇଥିବା ସମ୍ଭବପର । ତାଙ୍କ ମତରେ ଭକ୍ତଚରଣ ଦାସ ୧୫୦ ବର୍ଷ ପୂର୍ବର ଲୋକ । ତାଙ୍କ ଗଣନା ଅନୁସାରେ ଭକ୍ତଚରଣ ଦାସ ୧୭୨୨ ସାଲରେ ଜୀବିତ ଥିଲେ । ବିଜୟ ବାବୁଙ୍କ ଉକ୍ତି କୌଣସି ପ୍ରକାରେ ସମର୍ଥିତ ହୋଇପାରିବ ନାହିଁ । କାରଣ ସେ କହନ୍ତି, ଭାଷାର ସରଳତା ଓ ଅପ୍ରାକୃତିକତାର ମଧ୍ୟକାଳର ଲେଖା ଭକ୍ତଚରଣ ଓ ଦୀନକୃଷ୍ଣଙ୍କର ।—କାବ୍ୟରେ କେବଳ ଭାଷାର ରୀତି ବା ସଂସ୍ଥାନ ଯେବେ କାବ୍ୟ ଲେଖକଙ୍କ ସମୟ ନିରୂପଣର ନିଦର୍ଶନ ହୁଏ, ତାହା ହେଲେ ବିଚିତ୍ର ରାମାୟଣର କବିଙ୍କୁ ଦୀନକୃଷ୍ଣ ଓ ଭକ୍ତଚରଣଙ୍କ ବହୁ ପୂର୍ବବର୍ତ୍ତୀ ଲୋକ ବୋଲି ଧରିବାକୁ ହେବ; କାରଣ ବିଚିତ୍ର ରାମାୟଣରେ ମଥୁରାମଙ୍ଗଳ ଓ ରସକଲ୍ଲୋଳ ସ୍ଥିତ କ୍ଲିଷ୍ଟକଳ୍ପନା ପ୍ରଭୃତି ଅପ୍ରାକୃତିକତା ଦୋଷ ପରିଲକ୍ଷିତ ହୁଏ ନାହିଁ । ବିଚିତ୍ର ରାମାୟଣକାର ଯେବେ ବିଚିତ୍ର ରାମାୟଣର ପ୍ରଥମ ଛାନ୍ଦରେ

"ତଦନ୍ତରେ ହରିପ୍ରିୟା ଭେଟି ସାରି ରହି ସିଂହାସନେ ବିଜେ
ଶ୍ରୀ ଦିବ୍ୟସିଂହ ଗଜପତି ଶ୍ରୀ ଜଗନ୍ନାଥ ଶ୍ରୀଚରଣେ ଭଜେ" ଲେଖି ନ ଥାନ୍ତେ ଓ ଭଞ୍ଜଙ୍କ ଚୌପଦୀଭୂଷଣ ବିଷୟ ଉଲ୍ଲେଖ କରି ନ ଥାନ୍ତେ, ତେବେ ବିଜୟ ବାବୁ ତାଙ୍କ ବିଚାରବଳରେ ବିଶ୍ୱନାଥଙ୍କୁ ଉପେନ୍ଦ୍ରଙ୍କ କାଳର ଅନ୍ତତଃ ୧୦୦ବର୍ଷ ପୂର୍ବବର୍ତ୍ତୀ କରି ଥୋଇ ଥାଆନ୍ତେ । ବିଜୟ ବାବୁ ତାଙ୍କର ଓଡ଼ିଆ ସାହିତ୍ୟ-

ପରିଚୟ—ଦ୍ୱିତୀୟ ଖଣ୍ଡ ମୁଖବନ୍ଧର ୧୨ ପୃଷ୍ଠାରେ ଲେଖିଛନ୍ତି ଯେ ବିଶ୍ୱନାଥଙ୍କ ସମୟ ସଠିକ ରୂପେ ଜଣାଯାଏ ନାହିଁ । ସେ ତାଙ୍କର ଗ୍ରନ୍ଥାରମ୍ଭରେ ରାଜା ଦିବ୍ୟସିଂହ ଦେବଙ୍କ ବିଷୟ ଉଲ୍ଲେଖ କରିଅଛନ୍ତି । ଦିବ୍ୟସିଂହ ଦେବ ୧୬୯୨-୯୩ ଠାରୁ ୧୭୧୯-୨୦ ସାଲ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ସେ ମଧ୍ୟ ଉପେନ୍ଦ୍ର ଭଞ୍ଜଙ୍କ ଚୌପଦୀ ଭୂଷଣ ଉଲ୍ଲେଖ କରିଅଛନ୍ତି । ଚୌପଦୀ ଭୂଷଣ ସମ୍ଭବତଃ ଭଞ୍ଜ କବିଙ୍କ ପ୍ରାଥମିକ ଲେଖା ମଧ୍ୟରୁ ଗୋଟିଏ । ତେବେ ସାମୀପ୍ୟ ଦୃଷ୍ଟିରେ ବିଚିତ୍ର ରାମାୟଣର କାଳ ୧୭୧୦ ଠାରୁ ୧୭୨୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଏହି ଦଶନ୍ଧିରେ ନିର୍ଦ୍ଧାରିତ ହୋଇପାରେ । ବିଶ୍ୱନାଥ ଖୁଣ୍ଟିଆ ବିଚିତ୍ର ରାମାୟଣର ପ୍ରଥମ ଛାନ୍ଦରେ ଦୀନକୃଷ୍ଣ ଦାସଙ୍କ କୃତ ଗୁଣସାଗରର ବାଣୀ ଗ୍ରହଣ କରିଅଛନ୍ତି । ଏଥିରୁ ପ୍ରତୀତ ହୁଏ, ଯେପରି କି ଦୀନକୃଷ୍ଣ, ଉପେନ୍ଦ୍ର ଓ ବିଶ୍ୱନାଥ ଦିବ୍ୟସିଂହଙ୍କ ରାଜତ୍ୱ କାଳରେ ଜୀବିତ ଥିଲେ ଓ ଦୀନକୃଷ୍ଣ ଜ୍ୟେଷ୍ଠ ଓ ବିଶ୍ୱନାଥ କନିଷ୍ଠ ଥିଲେ । ତେବେ ଭକ୍ତଚରଣ ଦାସ କେଉଁ କାଳର ଲୋକ ଥିଲେ ? ବିଜୟ ବାବୁଙ୍କ ମତରେ ଭକ୍ତଚରଣ ଦାସ ଦୀନକୃଷ୍ଣ ଦାସଙ୍କ ସମକାଳୀନ ଓ ଉପେନ୍ଦ୍ର ଭଞ୍ଜଙ୍କ ପୂର୍ବବର୍ତ୍ତୀ—ଏହା ବର୍ତ୍ତମାନ ବିଚାର୍ଯ୍ୟ—

(ଦୀନକୃଷ୍ଣ ଓ ଉପେନ୍ଦ୍ରଙ୍କ ସମକାଳତ୍ୱ ରସକଲ୍ଲୋଳର ମୁଖବନ୍ଧରେ ପ୍ରମାଣିତ ହୋଇଅଛି)

(କ) ଦୀନକୃଷ୍ଣଙ୍କ ରସକଲ୍ଲୋଳରେ ଶବ୍ଦାଳଙ୍କାର ପ୍ରୟୋଗ ହେତୁକ ଯେ ଅପ୍ରାକୃତିକତା ଦୋଷ କିୟଦ୍ ପରିମାଣରେ ପରିଲକ୍ଷିତ ହୁଏ, ଭକ୍ତଚରଣଙ୍କ ମଥୁରାମଙ୍ଗଳ ସେଥିରୁ ମୁକ୍ତ ନୁହେଁ । ତାହାର ନିଦର୍ଶନ—

୪ଛାନ୍ଦ ୭ପଦ, ଛା୭।୧୨।୧୪।୧୫, ଛା୮।୮ ପଦ, ଛା୨୯।୩।୮ ପଦମାନ ।

ଏମାନ ପାଠ କଲେ ଜଣାଯାଏ, ଯେପରି କି ଦୀନକୃଷ୍ଣ ଓ ମଥୁରାମଙ୍ଗଳ-କାରଙ୍କ କାଳରେ ଏହି ଅପ୍ରାକୃତିକତା ଦୋଷ କାବ୍ୟରେ ପ୍ରବେଶ ଲାଭ କଲାଣି । ତେବେ ବିଜୟ ବାବୁଙ୍କ ଉକ୍ତି ଅନୁସାରେ କଣ ଉଭୟ ସମକାଳୀନ ଥିଲେ ? ପୂର୍ବୋକ୍ତ ପଦମାନଙ୍କ ମଧ୍ୟରୁ (୧), (୨), (୩), (୫) ପଦମାନ ଦୀନକୃଷ୍ଣଙ୍କ ରସକଲ୍ଲୋଳ ଓ କମଳାକାନ୍ତ ଚୌତିଶାର ପଦମାନଙ୍କର ଅନୁରୂପ; କିନ୍ତୁ ୪ର୍ଥ ଓ ୬ଷ୍ଠ ପଦମାନ ଯେପରି କ୍ଳିଷ୍ଟକଳ୍ପନାବଲମ୍ବୀ ଅଶ୍ଳୀଳାର୍ଥବିଶିଷ୍ଟ ତାହା ଉପେନ୍ଦ୍ର ଭଞ୍ଜୀୟ କାବ୍ୟସ୍ଥିତ ପଦମାନଙ୍କ ସମକକ୍ଷ । ଭକ୍ତଚରଣ ଯେ ଉପେନ୍ଦ୍ର ଭଞ୍ଜଙ୍କ ଲାବଣ୍ୟବତୀ, ବୈଦେହୀଶବିଳାସ, ସୁଭଦ୍ରା ପରିଣୟ, ପ୍ରେମ-ସୁଧାନିଧି, କୋଟିବ୍ରହ୍ମାଣ୍ଡସୁନ୍ଦରୀ ପାଠ କରିଥିଲେ, ତାହା ଜଣା ପଡୁଅଛି ।

(ଖ) ପୂର୍ବପ୍ରଦର୍ଶିତ ସାଙ୍ଗୀ ଓ ଲାଏକ ପ୍ରଭୃତି ଯାବନିକ ଶବ୍ଦମାନଙ୍କ ପ୍ରୟୋଗ କରିଥିବା ହେତୁ ଭକ୍ତଚରଣ ଦୀନକୃଷ୍ଣ ଓ ଉପେନ୍ଦ୍ରଙ୍କ ପରବର୍ତ୍ତୀ ଥିଲେ

ବୋଲି କୁହାଯାଇପାରେ । ଦୀନକୃଷ୍ଣଙ୍କ କୃତିମାନଙ୍କରେ ଯାବନିକ ଶବ୍ଦମାନଙ୍କ ପ୍ରୟୋଗ ବିରଳ । ଦୀନକୃଷ୍ଣ ରକ୍ଷଣଶୀଳ ଥିବା ହେତୁ ଯାବନିକ ଶବ୍ଦ ତାଙ୍କ କୃତିରେ କ୍ୱଚିତ୍ ପରିଦୃଷ୍ଟ ହୁଏ । ଉପେନ୍ଦ୍ର, ଭଞ୍ଜ ଜୁହାର, ବାହାର ( ସୁନ୍ଦର ଅର୍ଥରେ ) ନଜରନଲୀ ପ୍ରଭୃତି କେତେକ ଯାବନିକ ଶବ୍ଦ ବ୍ୟବହାର କରିଅଛନ୍ତି । ଏଥିରୁ ଅନୁମିତ ହୁଏ ଯେ, ଭକ୍ତଚରଣ, ଦୀନକୃଷ୍ଣ ଓ ଉପେନ୍ଦ୍ରଙ୍କଠାରୁ ଅର୍ବାଚୀନ ।

(ଗ) ଦୀନକୃଷ୍ଣଙ୍କ ରସକଲ୍ଲୋଳର ଛାୟା ଭକ୍ତଚରଣଙ୍କ ମଥୁରାମଙ୍ଗଳରେ ନିମ୍ନଲିଖିତ ଭାବରେ ପ୍ରତିବିମ୍ବିତ :—

ରସକଲ୍ଲୋଳର ୩୨-୨୧, ୨୬-୧୧, ୩୩-୨୨, ୩୨-୨୩-୨୫, ୩୩-୧୩ ଓ ୨୧-୨୪, ୩୩-୧୨, ୪-୨୯, ୧୬-୨୪-୨୧-୧୦, ୨୬-୧୧, ୨୫-୧୯ ସହିତ ମଥୁରାମଙ୍ଗଳର ୭-୭, ୭-୧୫, ୭-୧୨, ୨୭-୩୧ ଓ ୨୯।୮, ୨୭-୬୨, ୨୭-୬୩ ୨୮-୧୦, ୨୯-୨୬, ୨୭-୪୫, ୨୭-୬ ଓ ୭. ୨-୫୦-୫୨ ତୁଳନୀୟ ।

କୃଷ୍ଣଚନ୍ଦ୍ର ଅକ୍ରୂରଙ୍କୁ କହିଲେ ଯେ, ପିତା ଆଦେଶ ଦେଲେ ସେ ମଥୁରାକୁ ଯିବେ । ସ୍ୱ ମଥୁରାଗମନ ପିତାଙ୍କ ଆଦେଶ ଉପରେ ନିର୍ଭର କରେ—ଏହା କୃଷ୍ଣଚନ୍ଦ୍ରଙ୍କର ଅକ୍ରୂରଙ୍କୁ କହିବା ରସକଲ୍ଲୋଳରେ ଯେପରି କଥିତ, ମଥୁରାମଙ୍ଗଳରେ ମଧ୍ୟ ସେହିପରି ଲିଖିତ ଅଛି ( ଏହା ମୂଳ ଭାଗବତରେ ନାହିଁ )।

ପ୍ରଭାତ ବର୍ଣ୍ଣନା—ଦୀନକୃଷ୍ଣଙ୍କ ଛ ୧୪-୧୭-୨୧, ୩୬-୩୮ ଓ ୨୭ . ସହିତ ମଥୁରାମଙ୍ଗଳର ଛ ୨୪-୧୬-୨୦ ଓ ଛ ୧୯-୧-୪ ତୁଳନୀୟ ।

(ଘ) ଭାଗବତରେ ଲିଖିତ ଅଛି ଯେ, ଅକ୍ରୂର ବ୍ରଜକୁ ଆସି ନନ୍ଦଙ୍କ ସଙ୍ଗରେ କଥୋପକଥନ କଲେ ଓ କୃଷ୍ଣଚରିତ ଶ୍ରବଣ ପରେ ନନ୍ଦ ଓ ଯଶୋଦା ଦୁଃଖରେ ରୋଦନ କଲେ । ରସକଲ୍ଲୋଳରେ ତାହା ଅନ୍ୟରୂପରେ— ଯଶୋଦା ଅକ୍ରୂରଙ୍କୁ ସମ୍ବର୍ଦ୍ଧନା କରିବା ଓ ତାଙ୍କଠାରୁ କୃଷ୍ଣଚରିତ ଶ୍ରବଣ କରିବା ବର୍ଣ୍ଣିତ ହୋଇଅଛି । ଏହା ଭକ୍ତଚରଣ ମଥୁରାମଙ୍ଗଳରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଅଛନ୍ତି ।

ଦୀନକୃଷ୍ଣ :— ସେ କୃଷ୍ଣଦୂତ ।
ପ୍ରବେଶ ହୋଇଲେ ଗୋପେ ଯାଇଁ ।
କଲେ ରଥ ଉଭା ନନ୍ଦଦ୍ୱାରେ ନେଇ ସେ ।
କୋଟିଏ ସୁବର୍ଣ୍ଣ ପାଇ ଦରିଦ୍ର ଯେମନ୍ତ ହୋଇ
ସେହି ରୂପେ ହେଲେ ନନ୍ଦରାଣୀ ।
କଲେ ଆସନ ପ୍ରଦାନ ନାନାରୂପେ ସନମାନ

କୃଷ୍ଣ ସମାନରେ ପୂଜା କଲେ ପୁଣି । ସେ କୃଷ୍ଣଦୂତ ।
କହ କୃଷ୍ଣସନ୍ଦେଶ ବଚନ ।
କଲେ ଶୟନରେ ନିଶି ଅବସାନ ସେ । ର, କ. ଛ ୩୧-୨୧-୨୨ ପଦ ।

ଭକ୍ତଚରଣ :—ଶୁଣି ଯଶୋବନ୍ତୀ ଆନନ୍ଦେ ଉଠିଲେ ଆଗରେ କୁମରେ ।
ଘଞ୍ଚୁ ବାହାର ଉଦ୍ଧବଙ୍କୁ ଭେଟିଲେ କାନ୍ଦିଲେ କାତରେ ।

× × × ×

ଆଦର ପାଇ ଚରଣ ବେନି ଧୋଇ ବସିଲେ ଆସନ ।
ବୋଲନ୍ତି ଯଶୋଦା କି କାର୍ଯ୍ୟେ ଆପଣ କରିଛ ଗମନ ।
ମ: ମ: ଛ ୨୫-୩-୭ ପଦ ।

କେଶୀର ମୃତ୍ୟୁ ପରେ କଂସର ସଭାସଦମାନଙ୍କ ସଙ୍ଗେ ମନ୍ତ୍ରଣା ଓ ଅକ୍ରୂରଙ୍କୁ ଗୋପକୁ ପଠାଇବା ଦୀନକୃଷ୍ଣ ରସକଲ୍ଲୋଳରେ ଲେଖିଅଛନ୍ତି । ତାହା ମଧ୍ୟ ଭକ୍ତଚରଣ ମଥୁରାମଙ୍ଗଳରେ ଗ୍ରହଣ କରିଅଛନ୍ତି । ମୂଳ ଭାଗବତ, ଜଗନ୍ନାଥ ଦାସଙ୍କ ଭାଗବତ, ବିଷ୍ଣୁପୁରାଣ, ବ୍ରହ୍ମପୁରାଣ, ହରିବଂଶରେ କେଶୀର ମୃତ୍ୟୁ ପୂର୍ବେ କଂସର ମନ୍ତ୍ରଣା କଥିତ ଅଛି । ବ୍ରହ୍ମବୈବର୍ତ୍ତ ପୁରାଣରେ କେବଳ କେଶୀର ମୃତ୍ୟୁର ବହୁକାଳ ପରେ କଂସର ମନ୍ତ୍ରଣା ଲକ୍ଷିତ ଅଛି । ବୋଧହୁଏ ଦୀନକୃଷ୍ଣ ବ୍ରହ୍ମବୈବର୍ତ୍ତ ମତ ଗ୍ରହଣ କରିଥିଲେ । ଭକ୍ତଚରଣ ଦୀନକୃଷ୍ଣଙ୍କର ରସକଲ୍ଲୋଳକୁ ଅବଲମ୍ବନ କରି ସ୍ୱ କାବ୍ୟ ମଥୁରାମଙ୍ଗଳ ଲେଖିବାର ମଧ୍ୟ ଏ ଗୋଟିଏ ନିଦର୍ଶନ ।

ପୂର୍ବୋକ୍ତ ପ୍ରମାଣମାନଙ୍କ ବଳରେ ଅନୁମାନ କରାଯାଇପାରେ ଯେ ଭକ୍ତଚରଣ ଦୀନକୃଷ୍ଣ ଓ ଉପେନ୍ଦ୍ର ଭଞ୍ଜଙ୍କର ୫୦।୬୦ ବର୍ଷ ପରବର୍ତ୍ତୀ; କାରଣ ରସକଲ୍ଲୋଳର ଜନସାଧାରଣରେ ପ୍ରଚାର ନିମନ୍ତେ ୫୦।୬୦ ବର୍ଷ ସ୍ୱଚ୍ଛନ୍ଦରେ ଧରାଯାଇ ପାରେ । ତେବେ ଭକ୍ତଚରଣ ୧୭୫୦ କି ୧୭୬୦ ସାଲରେ ଜୀବିତ ଥିବା ସମ୍ଭବପର ।

ମୁଖବନ୍ଧର ଏହି ପର୍ଯ୍ୟନ୍ତ ଲେଖା ହୋଇଅଛି, ଏମନ୍ତ ସମୟରେ କାର୍ଯ୍ୟାନ୍ତରର ଗୁରୁତ୍ୱ ହେତୁ ମୋତେ ଦିନ ୧୦-୧୫ ଦିନ ପର୍ଯ୍ୟନ୍ତ ଏ କାର୍ଯ୍ୟ ସ୍ଥଗିତ ରଖିବାକୁ ହେଲା । ଇତ୍ୟବସରରେ କଲେଜର ଦ୍ୱିତୀୟ ବାର୍ଷିକ ଶ୍ରେଣୀର ଛାତ୍ର ଶ୍ରୀମାନ୍ ମୀନକେତନ ମହାପାତ୍ରଙ୍କ ମୁଖରୁ ଶୁଣିଲି ଯେ, ମଥୁରାମଙ୍ଗଳକାର ଭକ୍ତଚରଣ ଦାସ ତାଙ୍କ ଗ୍ରାମର ସମୀପବର୍ତ୍ତୀ ସୁନାଖଳା ଗ୍ରାମର ମଠରେ ଅନେକ କାଳ ଅତିବାହିତ କରିଥିଲେ । ପ୍ରାଚୀ ସମିତିର ବ୍ୟବହର୍ତ୍ତା [Secretary] ଏବଂ ମୋର ପ୍ରଧାନ ସହଯୋଗୀ କଲେଜର ସଂସ୍କୃତ ଅଧ୍ୟାପକ ଶ୍ରୀମାନ୍ ଲକ୍ଷ୍ମୀକାନ୍ତ ଚୌଧୁରୀ ଏମ୍. ଏ., ବି. ଏଲ୍., ବାବୁ ମୀନକେତନଙ୍କ ସହିତ

ସୁନାଖଲା ଗ୍ରାମକୁ ଯାଇ ତତ୍ରତ୍ୟ ମଠର ବାବାଜୀ ଓ ଅନ୍ୟାନ୍ୟ ଲୋକଙ୍କ ମୁଖରୁ ଏବଂ ସ୍ୱ ଅନୁସନ୍ଧାନ ଫଳରୁ ଯେ ସମ୍ବାଦ ପାଇଅଛନ୍ତି, ତାହା ନିମ୍ନରେ ପ୍ରଦତ୍ତ ହେଲା ।

ଖୋରଧା, ବାଣପୁର ଓ ଦଶପଲ୍ଲାରେ ଭକ୍ତଚରଣଙ୍କ ୪ ଗୋଟି ମଠ ବିଦ୍ୟମାନ ଅଛି । ଏଥିମଧ୍ୟରୁ ସେ ପୁରୀ ଜିଲ୍ଲା ସମୀପବର୍ତ୍ତୀ ରଣପୁର ଅନ୍ତର୍ଗତ ସୁନାଖଲା ଗ୍ରାମସ୍ଥିତ ମଠରେ ତାଙ୍କ ଜୀବନର ଅଧିକାଂଶ ସମୟ ଅତିବାହିତ କରିଥିଲେ । ଭକ୍ତଚରଣ ପ୍ରଥମତଃ ଦଶପଲ୍ଲା ମଧ୍ୟଖଣ୍ଡ ଗୌଡ଼ପାଟଣାରେ ମଠ ସ୍ଥାପନ କରି ବୃନ୍ଦାବନଚନ୍ଦ୍ରଙ୍କ ପୂଜା କରୁଥିଲେ । କୌଣସି ଅଯଥା ଅନୁରୋଧ ରକ୍ଷା ନ କରିବାରୁ ସେ ତତ୍ରତ୍ୟ ରାଜାଙ୍କ ଚକ୍ଷୁଶୂଳ ହେଲେ । ରାଜାଙ୍କ ଭୃତ୍ୟମାନଙ୍କ ଦ୍ୱାରା ତାଙ୍କ ଇଷ୍ଟଦେବ ନଦୀଗର୍ଭରେ ନିକ୍ଷିପ୍ତ ହୁଅନ୍ତେ, ସେ ଦଶପଲ୍ଲା ତ୍ୟାଗ କରି ଚାଲି ଆସିଥିଲେ (ବର୍ତ୍ତମାନ ସେହି ମଠରେ ରାମ, ଲକ୍ଷ୍ମଣ ଓ ସୀତା ପୂଜା ପାଉଅଛନ୍ତି) । ଭକ୍ତଚରଣ ସୁନାଖଲାରେ ମଠ କରି ରହିବାର କିଛି ଦିନ ଅନ୍ତେ ସେ ସ୍ୱପ୍ନାବସ୍ଥାରେ ଆଦିଷ୍ଟ ହୋଇ ନଦୀଗର୍ଭରୁ ବୃନ୍ଦାବନଚନ୍ଦ୍ରଙ୍କ ବିଗ୍ରହ ଉଦ୍ଧାର କରି ସ୍ୱ ମଠରେ ସ୍ଥାପନ କଲେ ।

ସୁନାଖଲା ଗ୍ରାମର ୫ ମାଇଲ ଦୂରବର୍ତ୍ତୀ ଖୋରଧା ଅନ୍ତର୍ଗତ ସାନପଦର ଗ୍ରାମରେ ଭକ୍ତଚରଣଙ୍କ ଦୁଇ ଗୋଟି ମଠ ଅଛି । ଦିବ୍ୟସିଂହ ଦେବଙ୍କର ଭଗିନୀ ମୁକ୍ତା ଦେଈ ମହାରାଣୀ ନିଜ ଗୁରୁ ଭକ୍ତଚରଣଙ୍କୁ ତନ୍ମଧ୍ୟରୁ ଗୋଟିଏ ମଠ ବୃତ୍ତି ବାଡ଼ି ଖଞ୍ଜି ଦାନ କରିଥିଲେ; କିନ୍ତୁ ଭକ୍ତଚରଣ ସେଠାକୁ ନ ଯାଇ ନିଜର କୌଣସି ଶିଷ୍ୟଙ୍କୁ ସେଠାକୁ ପଠାଇଥିଲେ ।

ସୁନାଖଲା ଲୋକେ ପରମ୍ପରାକ୍ରମେ ଶୁଣି କହନ୍ତି ଯେ, ଭକ୍ତଚରଣ ଶ୍ୟାମଳବର୍ଣ୍ଣବିଶିଷ୍ଟ, ଖର୍ବ ଓ କୃଶକାୟ ଥିଲେ । ତାଙ୍କ ଶିରରେ ଅତ୍ୟଳ୍ପ କେଶ ମାତ୍ର ଥିଲା । ସେ ପଦବ୍ରଜରେ ଭାରତର ସମସ୍ତ ତୀର୍ଥ ପର୍ଯ୍ୟଟନ କରିଥିବାର ପ୍ରସିଦ୍ଧି ଅଛି । ସେ ବୈଦ୍ୟଶାସ୍ତ୍ରରେ ପାରଦର୍ଶୀ ଥିଲେ । ଶ୍ୱାସ, ଯକ୍ଷ୍ମା ଓ କୁଷ୍ଠରୋଗୀମାନଙ୍କୁ ଚିକିତ୍ସା କରି ସେ ଅତ୍ୟଳ୍ପ ସମୟ ମଧ୍ୟରେ ଆରୋଗ୍ୟ କରି ପାରୁଥିଲେ ବୋଲି ଲୋକେ କହନ୍ତି । ତାଙ୍କ ରଚିତ ଓ ସ୍ୱହସ୍ତଲିଖିତ ବୈଦ୍ୟଶାସ୍ତ୍ରବିଷୟକ ଦୁଇ ଖଣ୍ଡ ପୋଥି ସେ ଦେହତ୍ୟାଗ କରିବା ପୂର୍ବରୁ ସେହି ଗ୍ରାମର ଅଧିବାସୀ ଓ ତାଙ୍କର ଏକାନ୍ତ ଅନୁଗତ କବିରାଜ ଦାମୋଦର ଆଚାର୍ଯ୍ୟଙ୍କୁ ଦେଇଯାଇଥିଲେ । ତନ୍ମଧ୍ୟରୁ ଖଣ୍ଡିଏ ବିଦ୍ୟମାନ ଥିବା ଲକ୍ଷ୍ମୀକାନ୍ତ ବାବୁ ଦେଖିଅଛନ୍ତି । ଅନ୍ୟ ଖଣ୍ଡିକ କୀଟମାନଙ୍କ ଦ୍ୱାରା ନଷ୍ଟ ହୋଇ ଯାଇଅଛି । ଭକ୍ତଚରଣ ମାଧ୍ୱାଚାର୍ଯ୍ୟ ସମ୍ପ୍ରଦାୟର ଅନ୍ତର୍ଭୁକ୍ତ ଥିଲେ । ସନ୍ନ୍ୟାସଧର୍ମ ଗ୍ରହଣ କରିବା ପୂର୍ବରୁ ତାଙ୍କର ନାମ ବୈରାଗୀ ଚରଣ ପଟ୍ଟନାୟକ ଥିଲା । ଜୀବନର

ତୃତୀୟ ଅବସ୍ଥାରେ ସୁନାଖଳାରେ ରହିବା ସମୟରେ ସେ ମଥୁରାମଙ୍ଗଳ ରଚନା କରିଥିଲେ । ସୁନାଖଳା ଗ୍ରାମର ଲୋକେ କହନ୍ତି ଯେ, ଭକ୍ତଚରଣ ପ୍ରାୟ ୮୪ ବର୍ଷ ପର୍ଯ୍ୟନ୍ତ ଜୀବିତ ଥିଲେ । ଦେହତ୍ୟାଗ କରିବାର ଆଠଦିନ ପୂର୍ବରୁ ସେ ନିଜର ମୃତ୍ୟୁ ବିଷୟ ଜାଣି ପାରି ଦାମୋଦର ଆଚାର୍ଯ୍ୟ ପ୍ରଭୃତି ତାଙ୍କର ଅନୁଗତ ଲୋକ ଓ ଅନ୍ୟାନ୍ୟ ଶିଷ୍ୟବର୍ଗଙ୍କ ସହିତ ସଂକୀର୍ତ୍ତନ କରି କରି ପୁରୀ ଧାମକୁ ଯାତ୍ରା କରିଥିଲେ ଓ ସେଠାରେ ବାସେଲୀ ସାହିରେ ଅବସ୍ଥିତ "ମଧୁମଙ୍ଗଳ" ରଚୟିତା ଦୁଃଖୀଶ୍ୟାମ ଦାସଙ୍କ ମଠରେ ଅବସ୍ଥାନ କରି 'କାର୍ତ୍ତିକ ଶୁକ୍ଳ ଏକାଦଶୀରେ ସଜ୍ଞାନରେ ଓ ହରିନାମ ସଂକୀର୍ତ୍ତନ କରୁଁ କରୁଁ ବୃନ୍ଦାବନ ପ୍ରାପ୍ତ ହୋଇଥିଲେ । ଭକ୍ତଚରଣ କେଉଁ ସାଲରେ ଦେହତ୍ୟାଗ କରିଥିଲେ, ତାହା ଦାମୋଦର ଆଚାର୍ଯ୍ୟଙ୍କ ନିମ୍ନଲିଖିତ ବଂଶଲତାରୁ କେତେକ ପରିମାଣରେ ଅନୁମିତ ହୋଇପାରେ ।

## ଛକଡ଼ି ଆଚାର୍ଯ୍ୟ

| | |
|---|---|
| ବିଶ୍ୱନାଥ (୪୦ ବର୍ଷ) | ଦାମୋଦର (୯୦) |
| ବାମଦେବ (୭୮ ବର୍ଷ) | ଲିଙ୍ଗରାଜ (୩୦) |
| ଯଦୁନାଥ (୭୯ ବର୍ଷ) ( ବ୧୨ର୍ଷ ହେଲା ମୃତ୍ୟୁ) | ବିରୂପାକ୍ଷ (୫୦) (ବ୫ର୍ଷ ହେଲା ମୃତ୍ୟୁ) |
| ବୈଦ୍ୟନାଥ (ବର୍ତ୍ତମାନ ବୟସ ୫୦ ବର୍ଷ) | ସଦାଶିବ (ବର୍ତ୍ତମାନ ବୟସ ୨୫) |

ହେଡ଼ପଣ୍ଡିତ, ଉଚ୍ଚ ପ୍ରାଥମିକ ସ୍କୁଲ, ସୁନାଖଳା ।

ବ୪୦ର୍ଷ ପୂର୍ବେ ଦାମୋଦର ଆଚାର୍ଯ୍ୟ ତାଙ୍କ ବ୯୦ର୍ଷ ବୟସରେ ଦେହତ୍ୟାଗ କରିଥିଲେ । ତାଙ୍କୁ ଯେତେବେଳେ ୧୬ ବର୍ଷ ବୟସ ହୋଇଥିଲା, ସେତେବେଳେ ସେ ଭକ୍ତଚରଣଙ୍କ ସହ ପୁରୀ ଧାମକୁ ଯାଇଥିଲେ ଅର୍ଥାତ୍ ଆଜକୁ ବ୧୧୪ର୍ଷ ପୂର୍ବେ ଭକ୍ତଚରଣ ପ୍ରାୟ ବ୮୫ର୍ଷ ବୟସରେ ଦେହତ୍ୟାଗ କରିଥିଲେ । ଏଥିରୁ ଅନୁମିତ ହୁଏ ଯେ, ସେ ପ୍ରାୟ ୧୭୨୮ ସାଲରେ ଜନ୍ମଗ୍ରହଣ କରି ୧୮୧୩ ସାଲରେ ଦେହତ୍ୟାଗ କରିଥିଲେ । ପୁନଶ୍ଚ ବୃନ୍ଦାବନ ଶାଥୁଆଙ୍କ ପିତାମହ ଅନନ୍ତ ଶାଥୁଆ ତାଙ୍କ ୧୫।୧୬ ବର୍ଷ ବୟସରେ ଭକ୍ତଚରଣଙ୍କଠାରୁ ଦୀକ୍ଷା ଗ୍ରହଣ କରିଥିଲେ । ଗୁରୁଙ୍କ ଆଦେଶ ଲଙ୍ଘନ କରି ଜନାୟକ ଗୁଣିବାରୁ ସେ କୁଷ୍ଠରୋଗରେ ଆକ୍ରାନ୍ତ ହୋଇଥିଲେ । ଭକ୍ତଚରଣ ତାଙ୍କ ପ୍ରତି ବିରକ୍ତ ହୋଇ କହିଥିଲେ—

"ଆରେ ଆରେ ଗୁରୁବିଦ୍ରୋହି । ତୋ ମୁଖ କେବେହେଁ ନ ଚାହିଁ
ଦେଖ ତ ବ୍ରାହ୍ମଣେ ଦେବତେ କାଷ୍ଠ । କରନ୍ତି ଜାଣ୍ଟୁ ପାଷାଣ ଦେବତା ।
ଏହାଙ୍କୁ କିପାଇଁ ଗୁରୁ ନ କଲୁ । ମଙ୍ଗଳଚଣ୍ଡିଆ ଗୁରୁ ତୁ କଲୁ ।"

ତଦନନ୍ତର ସେ ଅନୁତପ୍ତ ହୋଇ ଗୁରୁଙ୍କ ଅନୁସରଣ କରିବାରୁ ରୋଗମୁକ୍ତ ହୋଇଥିଲେ । ବୃନ୍ଦାବନ ଶାଥୁଆଙ୍କ ବର୍ତ୍ତମାନ ବୟସ ୭° ବର୍ଷ, ଏଥିରୁ ଭକ୍ତ-ଚରଣଙ୍କ ସମୟ ମଧ୍ୟ ନିରୁପିତ ହୁଏ । ଭକ୍ତଚରଣ ୧୮୦୦ ସାଲ ପରେ ଜୀବିତ ଥିବା ସୁନିଶ୍ଚିତ ।

ଭକ୍ତଚରଣ ତୃତୀୟାବସ୍ଥାରେ ମଥୁରାମଙ୍ଗଳ ରଚନା କରିଥିବା ପୂର୍ବେ କଥିତ ହୋଇଅଛି—ସେ ତାଙ୍କ ୫୦ ବର୍ଷ ବୟସରେ ମଥୁରାମଙ୍ଗଳ ଲେଖିଥିଲେ; ତାହା ପ୍ରାୟ ୧୭୭୦-୧୭୭୫ ସାଲର ଆଖପାଖ ହେଉଅଛି । ତାରିଣୀଚରଣ ଭକ୍ତଚରଣଙ୍କୁ ଓ ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମାଙ୍କୁ ଅଭିମନ୍ୟୁଙ୍କ ପରବର୍ତ୍ତୀ କରି ଥୋଇ ଅଛନ୍ତି । ଏହା ତାଙ୍କର ଭ୍ରମ, କାରଣ ସଦାନନ୍ଦ କବିସୂର୍ଯ୍ୟ ଅଭିମନ୍ୟୁଙ୍କ ଗୁରୁ । ଉତ୍କଳ-ସାହିତ୍ୟର ଇତିହାସରେ ଭକ୍ତଚରଣ ଦାସ, ସଦାନନ୍ଦ କବିସୂର୍ଯ୍ୟ ଓ ଅଭିମନ୍ୟୁଙ୍କ ନାମ କ୍ରମାନୁୟରେ ରହିବାର କଥା । ଏହି ତିନି ଜଣ ଏକ-କାଳରେ ଜୀବିତ ଥିଲେ । ଏମାନଙ୍କ ମଧ୍ୟରେ ଭକ୍ତଚରଣ ଓ ସଦାନନ୍ଦ ସମବୟସ୍କ ଏବଂ ଭକ୍ତଚରଣ ଜ୍ୟେଷ୍ଠ ଓ ଅଭିମନ୍ୟୁ କନିଷ୍ଠ ଥିଲେ । ହଣ୍ଟର ସାହେବଙ୍କ ଉକ୍ତି ଅନୁସାରେ ଭକ୍ତଚରଣ ୧୭୭୩ ସାଲରେ ଜୀବିତ ଥିଲେ । ଲକ୍ଷ୍ମୀକାନ୍ତ ବାବୁଙ୍କ ଗଣନା ଅନୁସାରେ ସେ ୧୭୨୯ ସାଲରେ ଜନ୍ମଗ୍ରହଣ କରିଥିଲେ । ତାହାଁ ହଣ୍ଟରଙ୍କ ମତକୁ ତ୍ୟାଗ କରିବାରେ ବାଧ ହେଲୁ । କିନ୍ତୁ ହଣ୍ଟର ସାହେବ ସତ୍ୟର ସମୀପବର୍ତ୍ତୀ । ହଣ୍ଟର ଓ ତାରିଣୀଚରଣ ଏ ବିଷୟରେ ଧନ୍ୟବାଦର ପାତ୍ର; କିନ୍ତୁ ବିଜୟ ବାବୁଙ୍କ ଉକ୍ତି ଭ୍ରାନ୍ତିମୂଳକ ଓ ସତ୍ୟର ତଥା କଳ୍ପନାର ବହୁଦୂରରେ । ବିଜୟ ବାବୁଙ୍କ ଅନୁସନ୍ଧାନକୁଶଳତା ବିସ୍ମୟ ଉତ୍ପାଦନ କରେ ମାତ୍ର ।

[ପାଠକବର୍ଗ ! ମୁଁ ଆଭ୍ୟନ୍ତରୀଣ ପ୍ରମାଣ ବଳରେ ଭକ୍ତଚରଣଙ୍କ ସମୟ ଯାହା ନିରୂପଣ କରିଥିଲି, ତାହା ଲକ୍ଷ୍ମୀକାନ୍ତଙ୍କ ଅନୁସନ୍ଧାନ ଫଳରେ ପ୍ରାପ୍ତ ସମୟ ନିରୂପଣ ସଙ୍ଗେ ସମାନ କହିଲେ ଚଳେ ।] ବୈରାଗୀ ଚରଣ ପଟ୍ଟନାୟକଙ୍କ ଜନ୍ମସ୍ଥାନ ଓ ପିତାଙ୍କ ନାମ ପ୍ରଭୃତି ଏ ପର୍ଯ୍ୟନ୍ତ ଜଣାଯାଇ ନାହିଁ । ପ୍ରାଚୀ ସମିତି ଏ ବିଷୟରେ ଅନୁସନ୍ଧାନ କରି ବୈରାଗୀ ଚରଣଙ୍କ ପୂର୍ଣ୍ଣ ଜୀବନଚରିତ ପ୍ରକାଶ କରିବାରେ ବ୍ରତୀ ଅଛନ୍ତି ।

**ମଥୁରାମଙ୍ଗଳ ଓ ତାହା ଦେଖିବାର ଉପଯୋଗିତା** } ମଥୁରାପୁରୀର ମହତ୍ତ୍ୱ ଆଦୌ ଜ୍ଞାତବ୍ୟ:- କୃଷ୍ଣଚନ୍ଦ୍ରଙ୍କର ପ୍ରଧାନତଃ ଦୁଇଟି ଧାମ, ଯଥା:—ମଥୁରା ଓ ଦ୍ୱାରକା । ମଥୁରା ମଧ୍ୟ ଦୁଇ ଭାଗରେ ବିଭକ୍ତ—ଗୋକୁଳ

ଓ ମଥୁରାପୁର । ଗୋକୁଳ, ଗୋଲୋକର ପ୍ରତିରୂପ, ତାହା ମଥୁରା ଠାରୁ ଶ୍ରେଷ୍ଠ । ମଥୁରା ବିଷୟରେ ପଦ୍ମପୁରାଣ ପାତାଳଖଣ୍ଡରେ କଥିତ ହୋଇଅଛି ଯେ—

"ଅହୋ ମଧୁପୁରୀ ଧନ୍ୟା ବୈକୁଣ୍ଠାଚ ଗରୀୟସୀ,
ଦିନମେକଂ ନିବାସେନ ହରୌ ଭକ୍ତିଃ ପ୍ରଜାୟତେ ।"

ଅଯୋଧ୍ୟା ମଥୁରା ମାୟା କାଶୀ କାଞ୍ଚୀ ଅବନ୍ତିକା,
ପୁରୀ ଦ୍ୱାରବତୀ ଚୈବ ସପ୍ତୈତା ମୋକ୍ଷଦାୟିକାଃ ।

ଏବଂ ସପ୍ତପୁରୀଣାନ୍ତୁ ସର୍ବୋତ୍କୃଷ୍ଟନ୍ତୁ ମାଥୁରମ୍
ଶ୍ରୂୟତାଂ ମହିମା ଦେବି ! ବୈକୁଣ୍ଠଭୁବନୋତ୍ତମଃ ।

ପୁନଶ୍ଚ:—ନିତ୍ୟାଂ ମେ ମଥୁରାଂ ବିଦ୍ଧି ବନଂ ବୃନ୍ଦାବନଂ ତଥା ।
ଯମୁନାଂ ଗୋପକନ୍ୟାଶ୍ଚ ତଥା ଗୋପ ବାଳକାନ୍ ।"

ଦ୍ୱାରକା, ମଥୁରା ଓ ଗୋକୁଳ ଏହି ତିନି ଧାମ ମଧ୍ୟରେ କୃଷ୍ଣଙ୍କ ମାଧୁର୍ଯ୍ୟ-ଲୀଳା ଗୋକୁଳରେ ସବୁଠାରୁ ଅଧିକ; ତେଣୁ ଗୋକୁଳଧାମ ସମସ୍ତଙ୍କ ମଧ୍ୟରେ ଶ୍ରେଷ୍ଠ । କଳିରୂପୀ କଂସ ଓ ତାହାର ଅନୁଚରମାନଙ୍କଦ୍ୱାରା ପବିତ୍ର ଭୂମି ମଥୁରା ପ୍ରପୀଡ଼ିତ ହେବାରୁ ଭଗବାନ୍ କୃଷ୍ଣଚନ୍ଦ୍ର, ସେମାନଙ୍କୁ ନାଶ କରି ସେଠାରେ ଧର୍ମ ତଥା ମଙ୍ଗଳ ସ୍ଥାପନ କରିଥିଲେ—ମଙ୍ଗଳ ବିଧି ତାଙ୍କଦ୍ୱାରା ମଥୁରାର ମଙ୍ଗଳ ବିହିତ ହୋଇଥିବାରୁ କବି ତାହା ବର୍ଣ୍ଣନା କରି କାବ୍ୟର ନାମ ମଥୁରାମଙ୍ଗଳ ଦେଇ-ଅଛନ୍ତି । ମଥୁରାମଙ୍ଗଳ ଶ୍ରୀକୃଷ୍ଣଚନ୍ଦ୍ରଙ୍କ ଲୀଳାତ୍ମକ କାବ୍ୟ । ଏଥିରେ ପ୍ରଧାନ ଭାବରେ କୃଷ୍ଣଚନ୍ଦ୍ରଙ୍କ ଶେଷକୈଶୋର ଅବସ୍ଥା ବର୍ଣ୍ଣିତ ହୋଇଅଛି । ବାଲ୍ୟ, ପୌଗଣ୍ଡ ଓ କୈଶୋରର ଆଦ୍ୟ ଦୁଇ ଅବସ୍ଥାର କ୍ରିୟାକଳାପମାନ ସୂଚିତ ହୋଇଅଛି ମାତ୍ର । ଏହି କାବ୍ୟରେ କୃଷ୍ଣଚନ୍ଦ୍ରଙ୍କ ଯେ ଲୀଳା ବର୍ଣ୍ଣିତ ହୋଇଅଛି ସେଥିରେ ବୀର, ଶୃଙ୍ଗାର ଓ କରୁଣରସ ସମ୍ପୂର୍ଣ୍ଣରୂପେ ପରିସ୍ଫୁଟ ପାଏ । କାବ୍ୟ ପାଠ କଲେ ଜଣାଯାଏ ଯେପରି କାବ୍ୟଟି କରୁଣରସାତ୍ମକ । କେବଳ କରୁଣ-ରସାତ୍ମକ କହିଲେ ଯଥେଷ୍ଟ ହେବ ନାହିଁ, କାବ୍ୟ ବତ୍ସଳ ଓ ଶୃଙ୍ଗାରାଶ୍ରିତ କରୁଣ-ରସାତ୍ମକ । ଶୃଙ୍ଗାର ରସର ବିପ୍ରଲମ୍ଭ କ ବିରହରେ ଚିନ୍ତାଜନିତ ଖେଦ, ବିଳାପ ଅନ୍ୟାନ୍ୟ ସମସ୍ତ ବିଷୟକୁ ଅଭିଭୂତ କରି ଦେଇଅଛି । ଯଶୋଦାଙ୍କ ବାତ୍ସଲ୍ୟାଶ୍ରିତ କରୁଣଭାବ ହୃଦୟସ୍ପର୍ଶୀ ହେଲେହେଁ ଗୋପୀବିଳାପର ସମକକ୍ଷ ନୁହେଁ । ତେଣୁ କବି କାବ୍ୟର ନାମ ଗୋପୀବିଳାପ ନ କରି ମଥୁରାମଙ୍ଗଳ କି ନିମିତ୍ତ କରି-ଅଛନ୍ତି—ଏହା ବିସ୍ମୟ । ପୂର୍ବେ କଥିତ ହୋଇଅଛି, ଭକ୍ତଚରଣ ଏକରହି ବୃନ୍ଦା-ବନଚନ୍ଦ୍ରଙ୍କ ଉପାସନା କରୁଥିଲେ । "ଗୋପୀଙ୍କ ଭଜିଲୁ ଭକ୍ତି ପ୍ରେମଭକ୍ତି ପାଇଁ ।" ଏହି ଗୋପୀ ଭକ୍ତିର ରସ ଆସ୍ୱାଦନ କରିବା ଅର୍ଥରେ କବି, ନିଜେ ଗୋପୀ-ଭାବରେ ଅନୁପ୍ରାଣିତ ହୋଇ ସେହି ବିରହୀ ବୃନ୍ଦାବନଚନ୍ଦ୍ରଙ୍କର ଗୋପୀମାନଙ୍କ

ପ୍ରତି ବସ୍ତୁର ଭାବ ଦର୍ଶାଇବା ବିଷୟମାନ ବର୍ଣ୍ଣନା କରି ସ୍ୱ ଭକ୍ତିର ପରାକାଷ୍ଠା ଦର୍ଶାଇଅଛନ୍ତି । ମଥୁରାମଙ୍ଗଳ ଶବ୍ଦ ମଧ୍ୟ ଆପେକ୍ଷିକ, କାରଣ ମଥୁରାର ମଙ୍ଗଳରେ ଗୋପର ଅମଙ୍ଗଳ ଅର୍ଥାତ୍ ଗୋପରେ କୃଷ୍ଣଚନ୍ଦ୍ରଙ୍କ ବିରହ ସୂଚିତ ହେଉଅଛି । ଆହୁରି ମଧ୍ୟ କବି କୃଷ୍ଣଚନ୍ଦ୍ରଙ୍କ ମୁଖରେ ଅଷ୍ଟମ ଛାନ୍ଦରେ କୁହାଇ ଅଛନ୍ତି:—

"ପ୍ରବାସୀ ହୋଏ ଯେବେ ପ୍ରାଣ ନାୟକ,
ପୁଣି ଆସିଲେ ସୁଖ ହୋଏ ଅନେକ ।"

"ନ ବିନା ବିପ୍ରଲମ୍ଭେନ ସମ୍ଭୋଗଃ ପୁଷ୍ଟିମଶ୍ନୁତେ ।
କଷାୟିତେ ହି ବସ୍ତ୍ରାଦୌ ଭୂୟାନ୍ ରାଗୋ ବିବର୍ଦ୍ଧତେ ।"

କୃଷ୍ଣଚନ୍ଦ୍ର ମଧ୍ୟ ନିଜେ ଗୋପୀମାନଙ୍କୁ କହୁଅଛନ୍ତି:—

"ନାହଂ ତୁ ସଖ୍ୟୋ ଭଜତୋଽପି ଜନ୍ତୂନ୍ ଭଜାମ୍ୟମୀଷାମନୁବୃତ୍ତିବୃତ୍ତୟେ ।
ଯଥାଽଧନୋଽଲବ୍ଧଧନେ ବିନଷ୍ଟେ ତଚ୍ଚିନ୍ତୟାନ୍ୟନ୍ନିଭୃତୋ ନ ବେଦ ।"

ଭା ୧୦ ୩୨-୨୦

ଶୁଣ ଗୁଆଳୀ ସାବଧାନେ । ମୋତେ ଭଜନ୍ତି ଯେତେ ଜନେ ।

× × ×

ସେହିସନ ହୋଇ ମୋର ଲୋକେ । ଭକତି କରୁଥାନ୍ତି ଥୋକେ ।

ଜଃ ଭାଃ ୧୦-୩୩

ଜଳମଗ୍ନ ବୃନ୍ଦାବନଚନ୍ଦ୍ରଙ୍କ ବିଷୟ ସ୍ୱପ୍ନରେ ଦେଖିବା ପରେ ଜଳରୁ ତାଙ୍କୁ ଉଦ୍ଧାର କରି ପୂଜା କରିବା ବିଷୟକୁ ନେଇ ଅକ୍ରୂରଙ୍କୁ ଜଳରେ ମଗ୍ନ ହୋଇ କୃଷ୍ଣଚନ୍ଦ୍ରଙ୍କୁ ଦେଖିବା ଓ ବାହାରରେ ରଥରେ ମଧ୍ୟ ତାଙ୍କୁ ଦେଖିବା ସଙ୍ଗରେ ସଂଯୋଜନ କରି ଯେପରି କବି ସ୍ୱଭକ୍ତଭାବକୁ ଅକ୍ରୂରଙ୍କ ଭକ୍ତିଭାବ ମଧ୍ୟରେ ପରିସ୍ଫୁଟ କରାଇଅଛନ୍ତି; ପୁନଶ୍ଚ ଗୋପୀ ଭାବର ପରାକାଷ୍ଠା ଦର୍ଶନଚ୍ଛଳରେ ନିଜକୁ ଉଦ୍ଧବ-ଭାବରେ ଅନୁପ୍ରାଣିତ କରି ଯଶୋଦାଙ୍କ ସ୍ନେହ ଓ ଗୋପୀମାନଙ୍କ ପ୍ରେମମାହାତ୍ମ୍ୟ ପ୍ରଦର୍ଶିତ କରିଅଛନ୍ତି । ଏହି ମଥୁରାମଙ୍ଗଳରେ କବି ଯେପରି ଶ୍ରେଷ୍ଠ ଭକ୍ତମାନଙ୍କ ମଧ୍ୟରେ ଭକ୍ତିର ତାରତମ୍ୟ ଦର୍ଶାଇ ଅଛନ୍ତି, ବୋଧହୁଏ ସେ ଗୋପମଙ୍ଗଳ† କାବ୍ୟରେ ତାଦୃଶ ଦେଖାଇ ପାରି ନାହାନ୍ତି । କାରଣ ଗୋପମଙ୍ଗଳ କାବ୍ୟରେ ବିରହର ଏତାଦୃଶ ଉତ୍କଟ ଭାବ ବର୍ଣ୍ଣନର ଅବକାଶ ନାହିଁ । ବର୍ତ୍ତମାନ କାବ୍ୟର ପୁରୁଷମାନଙ୍କ ନାୟକ, ନାୟିକା, ତାଙ୍କ ଅନୁଚର ଓ ପ୍ରତିନାୟକ ଏବଂ ତଦନୁଚରମାନଙ୍କ ବିଷୟ ବିଚାର କଲେ ମଥୁରାମଙ୍ଗଳର ଉପାଦେୟତା ସ୍ପଷ୍ଟ ପ୍ରତୀୟମାନ ହେବ ।

---

†କବି ଗୋପମଙ୍ଗଳ ନାମକ ଏକ କାବ୍ୟ ଲେଖିଥିଲେ ବୋଲି ସୁନାଖଳାସ୍ଥ ଲୋକମାନେ କହନ୍ତି, କିନ୍ତୁ ତାହାର ପୋଥି ମିଳି ନାହିଁ ।

ପ୍ରଥମତଃ—ବୃନ୍ଦାବନ ବା ଗୋପପୁର ମଥୁରାମଣ୍ଡଳର ମଧ୍ୟବର୍ତ୍ତୀ । ଦ୍ୱିତୀୟତଃ କୃଷ୍ଣଙ୍କ ମଥୁରାବିଜୟରେ କଂସ ଓ ତାହାର ଅନୁଚରମାନଙ୍କ କଥା, ଅକ୍ରୂର, ଗଜାସ୍ତିଢ, ମାଳୀ, କୁବୁଜା, ଉଦ୍ଧବ, ନନ୍ଦ, ଯଶୋଦା, ଗୋପୀମାନଙ୍କ ବିଷୟ କହି କବି ଭାଗବତର ସପ୍ତମ ସ୍କନ୍ଧ ପ୍ରଥମ ଅଧ୍ୟାୟ ୨୯ ଶ୍ଳୋକର ଭାବ ସମ୍ପୂର୍ଣ୍ଣରୂପେ ବ୍ୟାଖ୍ୟାନ କରିଅଛନ୍ତି ।

**ଭକ୍ତରୂପରେ କଂସାଦିଙ୍କ ସ୍ଥାନ**

"କାମାଦ୍ ଦ୍ୱେଷାଦ୍ଭୟାତ୍ ସ୍ନେହାଦ୍ ଯଥା ଭକ୍ତ୍ୟେଶ୍ୱରେ ମନଃ ।
ଆବେଶ୍ୟ ତଦଘଂ ହିତ୍ୱା ବହବସ୍ତଦ୍ଗତିଂ ଗତାଃ ॥
କାମାଦ୍ଗୋପ୍ୟୋ ଭୟାତ୍ କଂସୋ ଦ୍ୱେଷାଚ୍ଚୈଦ୍ୟାଦୟୋ ନୃପାଃ
ସମ୍ବନ୍ଧାଦ୍ବୃଷ୍ଣୟଃ ସ୍ନେହାଦ୍ଯୂୟଂ ଭକ୍ତ୍ୟା ବୟଂ ବିଭୋ ॥"

ନାରଦ ଯୁଧିଷ୍ଠିରଙ୍କୁ କହିଲେ, "ମହାରାଜା, ବହୁ ବ୍ୟକ୍ତି ଭକ୍ତି ଅନୁସାରେ କାମ, ଦ୍ୱେଷ, ଭୟ ଅଥବା ସ୍ନେହ ହେତୁ ଭଗବାନ୍ ପରମେଶ୍ୱରଙ୍କଠାରେ ମନ ସଂଯୋଗ କରି କାମାଦିଜନିତ କଳୁଷ ତ୍ୟାଗପୂର୍ବକ ତାହାଙ୍କ ଗତି ପ୍ରାପ୍ତ ହୋଇଅଛନ୍ତି । ଗୋପୀମାନେ କାମ ହେତୁ, କଂସ ଭୟ ହେତୁ, ଶିଶୁପାଳ ପ୍ରଭୃତି ରାଜାମାନେ ଦ୍ୱେଷ ହେତୁ, ଯାଦବମାନେ ସମ୍ବନ୍ଧ ହେତୁ, ତୁମ୍ଭେମାନେ ସ୍ନେହ ହେତୁ ଏବଂ ଆମ୍ଭେମାନେ ଭକ୍ତିହେତୁ ତାହାଙ୍କ ଗତି ପ୍ରାପ୍ତ ହୋଇଅଛୁଁ ।

ପୁନଶ୍ଚ:—"ଯଥା ବୈରାନୁବନ୍ଧେନ ମର୍ତ୍ତ୍ୟସ୍ତନ୍ମୟତାମିୟାତ୍ ।
ନ ତଥା ଭକ୍ତିଯୋଗେନ ଇତି ମେ ନିଶ୍ଚିତା ମତିଃ ।" ୭ମ ସ୍କନ୍ଧ ।

ସେମାନଙ୍କ କଥିତ ବୈରାନୁବନ୍ଧ ବୈଧୀ ଭକ୍ତିଯୋଗଠାରୁ ଶ୍ରେଷ୍ଠ । କାରଣ ଭାଗବତ ଦ୍ୱିତୀୟ ସ୍କନ୍ଧରେ:—

"ଯେ ଚ ପ୍ରଲମ୍ବଖରଦର୍ଦ୍ଦୁର [ ବକ ] କେଶ୍ୟରିଷ୍ଟ ମଲ୍ଲେଭକଂସଯବନାଃ
କୁଜପୌଣ୍ଡ୍ରକାଦ୍ୟାଃ...ଯାସ୍ୟନ୍ତ୍ୟଦର୍ଶନମଲଂ ବଲଭୀମପାର୍ଥବ୍ୟାଜାହ୍ୱୟେନ
ହରିଣା ନିଲୟଂ ତଦୀୟମ୍ ।" ୨ୟ ସ୍କନ୍ଧ ୭ଅଧ୍ୟାୟ ୩୩-୩୪ ।

କଂସ ପ୍ରଭୃତି ମୁକ୍ତ ହୋଇ ବୈକୁଣ୍ଠ ପ୍ରାପ୍ତ ହୋଇଥିଲେ ।

ପୁନଶ୍ଚ ତଥା ବ୍ରହ୍ମାଣ୍ଡ ପୁରାଣେ—

"ସିଦ୍ଧଲୋକସ୍ତୁ ତମସଃ ପାରେ ଯତ୍ର ବସନ୍ତି ହି ।
ସିଦ୍ଧାଃ ବ୍ରହ୍ମସୁଖେ ମଗ୍ନା ଦୈତ୍ୟାଶ୍ଚ ହରିଣା ହତାଃ ।"

ଦ୍ୱେଷଭାବରେ କଂସାଦି ବ୍ରହ୍ମସୁଖରେ ମଗ୍ନ ହୋଇ ସିଦ୍ଧଲୋକରେ ବାସ କରୁଅଛନ୍ତି । ପୁନଶ୍ଚ ଦଶମସ୍କନ୍ଧ ୮୭ ଅଧ୍ୟାୟ ୨୩ ଶ୍ଳୋକ, ଶ୍ରୁତିମାନେ କହିଲେ—

"ନିଭୃତ ମରୁନ୍ମନୋଽକ୍ଷ-ଦୃଢ଼ଯୋଗଯୁଜୋ, ହୃଦି
ଯନ୍ମୁନୟ ଉପାସତେ ତଦରୟୋଽପି ଯୟୁଃ ସ୍ମରଣାତ୍ ।
ସ୍ତ୍ରିୟ ଉରଗେନ୍ଦ୍ର ଭୋଗଭୁଜଦଣ୍ଡ ବିଷକ୍ତଧିୟୋ
ବୟମପି ତେ ସମାଃ ସମଦୃଶୋଽଙ୍ଘ୍ରି ସରୋଜସୁଧାଃ ।"

ହେ ଭଗବାନ୍ ! ପ୍ରାଣ, ମନ ଓ ଇନ୍ଦ୍ରିୟ ସଂଯମ କରି ଦୃଢ଼ ଯୋଗବଳରେ ମୁନିମାନେ ଆପଣଙ୍କର ଯେ ବ୍ରହ୍ମାଖ୍ୟ ତତ୍ତ୍ୱ ହୃଦୟରେ ଉପାସନା କରନ୍ତି, ଆପଣଙ୍କୁ ସ୍ମରଣ କରି ଆପଣଙ୍କ ଶତ୍ରୁଗଣ ମଧ୍ୟ ସେହି ତତ୍ତ୍ୱ ପ୍ରାପ୍ତ ହୋଇଅଛନ୍ତି । ଆପଣ ଅପରିଚ୍ଛିନ୍ନ, କିନ୍ତୁ ପରିଚ୍ଛିନ୍ନରୂପେ ଆପଣଙ୍କୁ ଦର୍ଶନ କରି ସର୍ପେନ୍ଦ୍ର-ଦେହ ସଦୃଶ ଆପଣଙ୍କ ଭୁଜଦଣ୍ଡରେ ନିବିଷ୍ଟ ଚିତ୍ତା କାମାତ୍ମା ସ୍ତ୍ରୀଗଣ ଏବଂ ଆପଣଙ୍କ ଚରଣ-କମଳସୁଧାରସ ପରାୟଣ ସମଦର୍ଶୀ ଆମ୍ଭେମାନେ ଆପଣଙ୍କ ନିକଟରେ ତୁଲ୍ୟ । ଦ୍ୱେଷ ହେତୁ ଶତ୍ରୁମାନେ ବ୍ରହ୍ମସୁଖ, ଅନୁରାଗ ହେତୁ ପ୍ରିୟମାନେ ତାହାଙ୍କୁ ଭଜନା କରି ପ୍ରେମସ୍ୱରୂପ ତାଙ୍କର ପାଦପଦ୍ମସୁଧା ଲାଭ କରନ୍ତି । ପୂତନା, ତୃଣା, ବକ, ଅଘ, ଅରିଷ୍ଟ ପ୍ରଭୃତି ଓ ରଜକ, ମଲ୍ଲାଦି ଏବଂ କଂସ ପ୍ରଭୃତି ଦ୍ୱେଷ ହେତୁ ବ୍ରହ୍ମସୁଖ, ଗନ୍ଧାଯୁତ, ମାଳୀ, କୁବ୍ଜା, ଉଦ୍ଧବ, ଅକ୍ରୂର, ନନ୍ଦ, ଯଶୋଦା, ଗୋପୀମାନେ ଅନୁରାଗ ହେତୁ ପ୍ରେମରୂପୀ ଭଗବାନ୍ କୃଷ୍ଣଚନ୍ଦ୍ରଙ୍କ ପ୍ରେମାସ୍ୱାଦ—ନିତ୍ୟଲୀଳାର ଚିଦାନନ୍ଦ ସୁଖ ଲାଭ କରି ପାର୍ଷଦ ଓ ଅନ୍ତରଙ୍ଗ ସଖୀଙ୍କ ପ୍ରେମମୟ ପଦବୀର ଅଧିକାରୀ ଅଟନ୍ତି । ଅନୁରାଗ ବା ଆନୁକୂଲ୍ୟବଶତଃ ଯେ ଭକ୍ତ ତାହା ରାଗାତ୍ମିକା, କୃଷ୍ଣବସ୍ତୁରେ ଯେ ପ୍ରେମମୟ ତୃଷ୍ଣା ତାହାର ନାମ ରାଗ । ସେହି ରାଗମୟୀ ଭକ୍ତିକୁ ରାଗାତ୍ମିକା କୁହାଯାଏ । ତାହା ଦ୍ୱିବିଧ—ସମ୍ବନ୍ଧରୂପା ଓ କାମରୂପା ।

**ସମ୍ବନ୍ଧ**—ଅକ୍ରୂର, ଉଦ୍ଧବ, ବସୁଦେବ, ଦେବକୀ, ନନ୍ଦ, ଯଶୋଦା, ଏମାନଙ୍କ ସହିତ କୃଷ୍ଣଚନ୍ଦ୍ରଙ୍କର ସମ୍ବନ୍ଧ । ରାଗାତ୍ମିକା ଭକ୍ତିଭାବରେ ଅକ୍ରୂରଙ୍କ ଠାରୁ ନନ୍ଦ ଓ ଯଶୋଦା ଉଦ୍ଧବ ଶ୍ରେଷ୍ଠ ।

ବସୁଦେବ ଓ ଦେବକୀଙ୍କଠାରୁ ନନ୍ଦ ଓ ଯଶୋଦାଙ୍କ ବାତ୍ସଲ୍ୟଭକ୍ତି ଶ୍ରେଷ୍ଠ ।

**ନନ୍ଦ ଓ ଯଶୋଦା**

"ତସ୍ୟୈତଦ୍‌ଭକ୍ତିବର୍ଯାସ୍ୟ ତାଦୃଶେନ ବୀରେଣ ତୌ ।
ଆବାଭ୍ୟାମପି ମାହାତ୍ମ୍ୟଂ ପ୍ରାପ୍ତୌ ସପରିବାରକୌ ।"

ବୃହଦ୍‌ଭାଗବତାମୃତ—ତୌ ଯଶୋଦାନନ୍ଦୌ ଆବାଭ୍ୟଂ ଦେବକୀ ବସୁଦେବାଭ୍ୟାମପି ସକାଶାନ୍ମାହାତ୍ମ୍ୟଂ ପ୍ରାପ୍ତୌ । ବୃହଦ୍‌ଭାଗବତାମୃତ ଟୀକା:—ଉଦ୍ଧବଙ୍କଠାରୁ ଯଶୋଦାଙ୍କ ସ୍ଥାନ ଅତି ଉଚ୍ଚରେ, ତାହା ମଥୁରାମଙ୍ଗଳ ପାଠରେ ସ୍ପଷ୍ଟ ପ୍ରତୀୟମାନ ହୁଏ ।

ଉଦ୍ଧବ ଅକ୍ରୂରଙ୍କଠାରୁ ଭକ୍ତିଭାବରେ ଶ୍ରେଷ୍ଠ, କାରଣ ଭଗବାନ୍ କହିଅଛନ୍ତି

**ଉଦ୍ଧବ**

"ନୋଦ୍ଧବୋଽଣ୍ୱପି ମନ୍ନ୍ୟୂନୋ ଯଦ୍‌ଗୁଣୈର୍ନାର୍ଦ୍ଦିତଃ ପ୍ରଭୁଃ ।"

ପୁନଶ୍ଚ ଭାଗବତ ଏକାଦଶସ୍କନ୍ଧ ୧୬ ଅଧ୍ୟାୟ ବା ବିଭୂତି ଅଧ୍ୟାୟରେ ଉଦ୍ଧବ ଭଗବାନଙ୍କ ଦ୍ୱାରା ମହାଭକ୍ତରୂପେ କଥିତ ହୋଇଅଛନ୍ତି:—

"ବାସୁଦେବୋ ଭଗବତାଂ ତ୍ୱନ୍ତୁ ଭାଗବତେଷ୍ୱହଂ"

ଯାହାକୁ ଅବଲମ୍ବନ କରି ସନାତନ ଗୋସ୍ୱାମୀ ବୃହଦ୍-ଭାଗବତାମୃତ ପ୍ରଥମ ଖଣ୍ଡ ଷଷ୍ଠ ଅଧ୍ୟାୟରେ:—

ପ୍ରଥମତଃ—ବୃନ୍ଦାବନ ବା ଗୋପପୁର ମଥୁରାମଣ୍ଡଳର ମଧ୍ୟବର୍ତ୍ତୀ । ଦ୍ୱିତୀୟତଃ କୃଷ୍ଣଙ୍କ ମଥୁରାବିଜୟରେ କଂସ ଓ ତାହାର ଅନୁଚରମାନଙ୍କ କଥା, ଅକ୍ରୂର, ଗନ୍ତାସୃତି, ମାଳୀ, କୁବୁଜା, ଉଦ୍ଧବ, ନନ୍ଦ, ଯଶୋଦା, ଗୋପୀମାନଙ୍କ ବିଷୟ କହି କବି ଭାଗବତର ସପ୍ତମ ସ୍କନ୍ଧ ପ୍ରଥମ ଅଧ୍ୟାୟ ୨୯ ଶ୍ଳୋକର ଭାବ ସମ୍ପୂର୍ଣ୍ଣରୂପେ ବ୍ୟାଖ୍ୟାନ କରିଅଛନ୍ତି ।

**ଭକ୍ତରୂପରେ କଂସାଦିଙ୍କ ସ୍ଥାନ**

"କାମାଦ୍ ଦ୍ୱେଷାଦ୍ଭୟାତ୍ ସ୍ନେହାଦ୍ ଯଥା ଭକ୍ତ୍ୟେଶ୍ୱରେ ମନଃ ।
ଆବେଶ୍ୟ ତଦଘଂ ହିତ୍ୱା ବହବସ୍ତଦ୍‌ଗତିଂ ଗତାଃ ॥
କାମାଦ୍‌ଗୋପ୍ୟୋ ଭୟାତ୍ କଂସୋ ଦ୍ୱେଷାଚ୍ଚୈଦ୍ୟାଦୟୋ ନୃପାଃ
ସମ୍ବନ୍ଧାଦ୍‌ବୃଷ୍ଣୟଃ ସ୍ନେହାଦ୍‌ଯୂୟଂ ଭକ୍ତ୍ୟା ବୟଂ ବିଭୋ ॥"

ନାରଦ ଯୁଧିଷ୍ଠିରଙ୍କୁ କହିଲେ, "ମହାରାଜା, ବହୁ ବ୍ୟକ୍ତି ଭକ୍ତି ଅନୁସାରେ କାମ, ଦ୍ୱେଷ, ଭୟ ଅଥବା ସ୍ନେହ ହେତୁ ଭଗବାନ୍ ପରମେଶ୍ୱରଙ୍କଠାରେ ମନ ସଂଯୋଗ କରି କାମାଦିଜନିତ କଳୁଷ ତ୍ୟାଗପୂର୍ବକ ତାହାଙ୍କ ଗତି ପ୍ରାପ୍ତ ହୋଇ-ଅଛନ୍ତି । ଗୋପୀମାନେ କାମ ହେତୁ, କଂସ ଭୟ ହେତୁ, ଶିଶୁପାଳ ପ୍ରଭୃତି ରାଜାମାନେ ଦ୍ୱେଷ ହେତୁ, ଯାଦବମାନେ ସମ୍ବନ୍ଧ ହେତୁ, ତୁମ୍ଭେମାନେ ସ୍ନେହ ହେତୁ ଏବଂ ଆମ୍ଭେମାନେ ଭକ୍ତିହେତୁ ତାହାଙ୍କ ଗତି ପ୍ରାପ୍ତ ହୋଇଅଛୁଁ ।

ପୁନଶ୍ଚ:—"ଯଥା ବୈରାନୁବନ୍ଧେନ ମର୍ତ୍ତ୍ୟସ୍ତନ୍ମୟତାମିୟାତ୍ ।
ନ ତଥା ଭକ୍ତିଯୋଗେନ ଇତି ମେ ନିଶ୍ଚିତା ମତିଃ ।" ୭ମ ସ୍କନ୍ଧ ।

ସେମାନଙ୍କ ନିନ୍ଦିତ ବୈରାନୁବନ୍ଧ ବୈଧୀ ଭକ୍ତିଯୋଗଠାରୁ ଶ୍ରେଷ୍ଠ । କାରଣ ଭାଗବତ ଦ୍ୱିତୀୟ ସ୍କନ୍ଧରେ:—

"ଯେ ଚ ପ୍ରଲମ୍ବଖରଦର୍ଦ୍ଦୁରକେଶ୍ୟରିଷ୍ଟ ମଲ୍ଲେଭକଂସଯବନାଃ କୁଜପୌଣ୍ଡ୍ରକାଦ୍ୟାଃ...ଯାସ୍ୟନ୍ତ୍ୟଦର୍ଶନମଲଂ ବଲପାର୍ଥଭୀମବ୍ୟାଜାହ୍ୱୟେନ ହରିଣା ନିଲୟଂ ତଦୀୟମ୍ ।" ୨ୟସ୍କନ୍ଧ ୭ଅଧ୍ୟାୟ ୩୩-୩୪ ।

କଂସ ପ୍ରଭୃତି ମୁକ୍ତ ହୋଇ ବୈକୁଣ୍ଠ ପ୍ରାପ୍ତ ହୋଇଥିଲେ ।

ପୁନଶ୍ଚ ତଥା ବ୍ରହ୍ମାଣ୍ଡ ପୁରାଣେ—

"ସିଦ୍ଧଲୋକସ୍ତୁ ତମସଃ ପାରେ ଯତ୍ର ବସନ୍ତି ହି ।
ସିଦ୍ଧାଃ ବ୍ରହ୍ମସୁଖେ ମଗ୍ନା ଦୈତ୍ୟାଶ୍ଚ ହରିଣା ହତାଃ ।"

ଦ୍ୱେଷଭାବରେ କଂସାଦି ବ୍ରହ୍ମସୁଖରେ ମଗ୍ନ ହୋଇ ସିଦ୍ଧଲୋକରେ ବାସ କରୁଅଛନ୍ତି । ପୁନଶ୍ଚ ଦଶମସ୍କନ୍ଧ ୮୭ ଅଧ୍ୟାୟ ୨୩ ଶ୍ଳୋକ, ଶ୍ରୁତିମାନେ କହିଲେ—

"ନିଭୃତ ମରୁନ୍ମନୋଽକ୍ଷ-ଦୃଢ଼ଯୋଗଯୁଜୋ, ହୃଦି
ଯନ୍ମୁନୟ ଉପାସତେ ତଦରୟୋଽପି ଯଯୁଃ ସ୍ମରଣାତ୍ ।
ସ୍ତ୍ରିୟ ଉରଗେନ୍ଦ୍ର ଭୋଗଭୁଜଦଣ୍ଡ ବିଷକ୍ତଧିୟୋ
ବୟମପି ତେ ସମାଃ ସମଦୃଶୋଽଙ୍ଘ୍ରି ସରୋଜସୁଧାଃ ।"

ହେ ଭଗବାନ୍ ! ପ୍ରାଣ, ମନ ଓ ଇନ୍ଦ୍ରିୟ ସଂଯମ କରି ଦୃଢ଼ ଯୋଗବଳରେ ମୁନିମାନେ ଆପଣଙ୍କର ଯେ ବ୍ରହ୍ମାଖ୍ୟ ତତ୍ତ୍ୱ ହୃଦୟରେ ଉପାସନା କରନ୍ତି, ଆପଣଙ୍କୁ ସ୍ମରଣ କରି ଆପଣଙ୍କ ଶତ୍ରୁଗଣ ମଧ୍ୟ ସେହି ତତ୍ତ୍ୱ ପ୍ରାପ୍ତ ହୋଇଅଛନ୍ତି । ଆପଣ ଅପରିଚ୍ଛିନ୍ନ, କିନ୍ତୁ ପରିଚ୍ଛିନ୍ନରୂପେ ଆପଣଙ୍କୁ ଦର୍ଶନ କରି ସର୍ପେନ୍ଦ୍ର-ଦେହ ସଦୃଶ ଆପଣଙ୍କ ଭୁଜଦଣ୍ଡରେ ନିବଦ୍ଧ ଚିତ୍ତା କାମାତ୍ମା ସ୍ତ୍ରୀଗଣ ଏବଂ ଆପଣଙ୍କ ଚରଣ-କମଳସୁଧାରସ ପରାୟଣ ସମଦର୍ଶୀ ଆମ୍ଭେମାନେ ଆପଣଙ୍କ ନିକଟରେ ତୁଲ୍ୟ । ଦ୍ୱେଷ ହେତୁ ଶତ୍ରୁମାନେ ବ୍ରହ୍ମସୁଖ, ଅନୁରାଗ ହେତୁ ପ୍ରିୟମାନେ ତାହାଙ୍କୁ ଭଜନା କରି ପ୍ରେମସ୍ୱରୂପ ତାଙ୍କର ପାଦପଦ୍ମସୁଧା ଲାଭ କରନ୍ତି । ପୂତନା, ତୃଣା, ବକ, ଅଘ, ଅରିଷ୍ଟ ପ୍ରଭୃତି ଓ ରଜକ, ମଲ୍ଲାଦି ଏବଂ କଂସ ପ୍ରଭୃତି ଦ୍ୱେଷ ହେତୁ ବ୍ରହ୍ମସୁଖ, ଗନ୍ତାସ୍ତୃତ, ମାଳୀ, କୁବ୍ଜା, ଉଦ୍ଧବ, ଅକ୍ରୁର, ନନ୍ଦ, ଯଶୋଦା, ଗୋପୀମାନେ ଅନୁରାଗ ହେତୁ ପ୍ରେମରୂପୀ ଭଗବାନ୍ କୃଷ୍ଣଚନ୍ଦ୍ରଙ୍କ ପ୍ରେମାସ୍ୱାଦ—ନିତ୍ୟଲୀଳାର ଚିଦାନନ୍ଦ ସୁଖ ଲାଭ କରି ପାର୍ଷଦ ଓ ଅନ୍ତରଙ୍ଗ ସଖୀଙ୍କ ପ୍ରେମମୟ ପଦବୀର ଅଧିକାରୀ ଅଟନ୍ତି । ଅନୁରାଗ ବା ଆନୁକୂଲ୍ୟବଶତଃ ଯେ ଭକ୍ତି ତାହା ରାଗାତ୍ମିକା, କୃଷ୍ଣବସ୍ତୁରେ ଯେ ପ୍ରେମମୟ ତୃଷ୍ଣା ତାହାର ନାମ ରାଗ । ସେହି ରାଗମୟୀ ଭକ୍ତିକୁ ରାଗାତ୍ମିକା କୁହାଯାଏ । ତାହା ଦ୍ୱିବିଧ—ସମ୍ବନ୍ଧରୂପା ଓ କାମରୂପା ।

**ସମ୍ବନ୍ଧ**—ଅକ୍ରୁର, ଉଦ୍ଧବ, ବସୁଦେବ, ଦେବକୀ, ନନ୍ଦ, ଯଶୋଦା, ଏମାନଙ୍କ ସହିତ କୃଷ୍ଣଚନ୍ଦ୍ରଙ୍କର ସମ୍ବନ୍ଧ । ରାଗାତ୍ମିକା ଭକ୍ତିଭାବରେ ଅକ୍ରୁରଙ୍କଠାରୁ ନନ୍ଦ ଓ ଯଶୋଦା ଉଦ୍ଧବ ଶ୍ରେଷ୍ଠ ।

ବସୁଦେବ ଓ ଦେବକୀଙ୍କଠାରୁ ନନ୍ଦ ଓ ଯଶୋଦାଙ୍କ ବାତ୍ସଲ୍ୟଭକ୍ତି ଶ୍ରେଷ୍ଠ ।

**ନନ୍ଦ ଓ ଯଶୋଦା**

“ତସ୍ୟୈତଦ୍ଭକ୍ତବର୍ଯ୍ୟସ୍ୟ ତାଦୃଶେନ ବୀରେଣ ତୌ ।
ଆବାଭ୍ୟାମପି ମାହାତ୍ମ୍ୟଂ ପ୍ରାପ୍ତୌ ସପରିବାରକୌ ।”

ବୃହଦ୍ଭାଗବତାମୃତ—ତୌ ଯଶୋଦାନନ୍ଦୌ ଆବାଭ୍ୟାଂ ଦେବକୀ ବସୁଦେବାଭ୍ୟାମପି ସକାଶାନ୍ମାହାତ୍ମ୍ୟଂ ପ୍ରାପ୍ତୌ । ବୃହଦ୍ଭାଗବତାମୃତ ଟୀକା:—ଉଦ୍ଧବଙ୍କଠାରୁ ଯଶୋଦାଙ୍କ ସ୍ଥାନ ଅତି ଉଚ୍ଚରେ, ତାହା ମଥୁରାମଙ୍ଗଳ ପାଠରେ ସ୍ପଷ୍ଟ ପ୍ରତୀୟମାନ ହୁଏ ।

ଉଦ୍ଧବ ଅକ୍ରୁରଙ୍କଠାରୁ ଭକ୍ତିଭାବରେ ଶ୍ରେଷ୍ଠ, କାରଣ ଭଗବାନ୍ କହିଅଛନ୍ତି

“ନୋଦ୍ଧବୋଽଣ୍ୱପି ମନ୍ନ୍ୟୂନୋ ଯଦ୍ଗୁଣୈର୍ନାର୍ଦ୍ଦିତଃ ପ୍ରଭୁଃ ।”

**ଉଦ୍ଧବ**

ପୁନଶ୍ଚ ଭାଗବତ ଏକାଦଶସ୍କନ୍ଧ ୧୬ ଅଧ୍ୟାୟ ବା ବିଭୂତି ଅଧ୍ୟାୟରେ ଉଦ୍ଧବ ଭଗବାନଙ୍କ ଦ୍ୱାରା ମହାବିଭୂତିରୂପେ କଥିତ ହୋଇଅଛନ୍ତି:—

“ବାସୁଦେବୋ ଭଗବତାଂ ତ୍ୱନ୍ତୁ ଭାଗବତେଷ୍ୱହଂ”

ଯାହାଙ୍କୁ ଅବଲମ୍ବନ କରି ସନାତନ ଗୋସ୍ୱାମୀ ବୃହଦ୍-ଭାଗବତାମୃତ ପ୍ରଥମ ଖଣ୍ଡ ଷଷ୍ଠ ଅଧ୍ୟାୟରେ:—

"ପୁରା ତନୈଃ ବୃନ୍ଦୈଃ କୈଶ୍ଚ ସେବକୈର ଲବ୍‌ଧମାପ୍ୟେ ଫଲମନୁଗ୍ରହଂ ପ୍ରଭୋଃ ।
ମହତ୍ତମୋ ଭାଗବତେଷୁ ଯସ୍ତତୋ ମହାତ୍ମିଭୂତ ସ୍ୱୟମୁଚ୍ୟତେ ଚ ଯଃ ।"

**ଅକ୍ରୂର** ଅକ୍ରୂର ଜଣେ ଯାଦବ । ସେ ଯାଦବମାନଙ୍କ ମଧ୍ୟରେ କୃଷ୍ଣଙ୍କର ଜଣେ ବଡ଼ ଭକ୍ତ । ଉଦ୍ଧବଙ୍କଠାରୁ ଭକ୍ତଭାବରେ ହୀନ ହେଲେହେଁ ତାଙ୍କର ଭଗବଦନୁରାଗ ଅନନ୍ୟସାଧାରଣ । "ଅକ୍ରୂରସ୍ତୁ ଭବନ୍ଦ୍ରନୋ" ଶାସ୍ତ୍ରପ୍ରସିଦ୍ଧ ଓ କୃଷ୍ଣତାପିନୀରେ ସେ ସତ୍ୟରୂପେ କଥିତ ହୋଇଅଛନ୍ତି ।

**ଗନ୍ତାୟିତ ଓ ମାଳୀର ଭକ୍ତି**—ଦାସ୍ୟ ଭକ୍ତି—ଏକାଙ୍ଗୀ ଭକ୍ତି । ତାହା କଂସାଦିଙ୍କ ଭକ୍ତିଠାରୁ ଉତ୍କୃଷ୍ଟ ଓ ଯାଦବଗଣଙ୍କ ଭକ୍ତିଠାରୁ ନିକୃଷ୍ଟ ।

**ଗୋପୀମାନଙ୍କର ଭକ୍ତି**—କାମରୂପା, ରାଗାତ୍ମିକା । ଗୋପସ୍ତ୍ରୀଙ୍କ ପ୍ରେମ ପ୍ରତ୍ୟୁପଜନରହିତ, ସୁବିଶୁଦ୍ଧ ଓ ଅପ୍ରାକୃତ । ତାହା କାମରୂପରେ କଥିତ । ରହସ୍ୟମଞ୍ଜରୀ ମୁଖବନ୍ଧ ଦ୍ରଷ୍ଟବ୍ୟ । ସେମାନଙ୍କର ମହତ୍ତ୍ୱ ଓ ବିଭାଗର ବିସ୍ତୃତ ପ୍ରେମପଞ୍ଚାମୃତର ମୁଖବନ୍ଧରେ ପ୍ରଦର୍ଶିତ ହୋଇଅଛି ।

**ଗୋପୀମାନଙ୍କର ଉଦ୍ଧବଙ୍କଠାରୁ ଶ୍ରେଷ୍ଠତ୍ୱ**—

ଆସାମହୋ ଚରଣରେଣୁଜୁଷାମହଂ ସ୍ୟାମ୍—୧୦।୪୭।୬୧ ।

"ନାହଂ ଗୋପୀ ପରେ ଭକ୍ତୋ ହରେଶ୍ଚ ପରମାତ୍ମନଃ ।
ଯାଦୃଶୀ ଲେଭିରେ ଗୋପ୍ୟୋ ଭକ୍ତିର୍ନାନ୍ୟେ ଚ ତାଦୃଶୀ ।"

ପୁନଶ୍ଚ ଭଗବଦ୍ ବାକ୍ୟଂ-ଆଦିପୁରାଣେ:—

"ନ ତଥା ମେ ପ୍ରିୟତମା ବ୍ରହ୍ମା ରୁଦ୍ରାଶ୍ଚ ପାର୍ଥିବ ।
ନ ଚ ଲକ୍ଷ୍ମୀର୍ନ ଚାତ୍ମା ଚ ଯଥା ଗୋପୀଜନୋ ମମ ।"

**ଗୋପୀମାନଙ୍କ ମଧ୍ୟରେ ରାଧା ଶ୍ରେଷ୍ଠ**—

ପଦ୍ମପୁରାଣେ:—"ଯଥା ରାଧା ପ୍ରିୟା ବିଷ୍ଣୋସ୍ତସ୍ୟ କୁଣ୍ଡଂ ପ୍ରିୟଂ ତଥା,
ସର୍ବଗୋପୀଷୁ ସୈବୈକା ବିଷ୍ଣୋରତ୍ୟନ୍ତବଲ୍ଲଭା ।"

ଆଦିପୁରାଣରେ:—ତ୍ରୈଲୋକ୍ୟେ ପୃଥିବୀ ଧନ୍ୟା ଯତ୍ର ବୃନ୍ଦାବନଂ ପୁରୀ
ତତ୍ରାପି ଗୋପିକାଃ ପାର୍ଥ ! ତତ୍ର ରାଧାଭିଧା ମମ ।"

**କୁବ୍‌ଜା**—କାମପ୍ରାୟା (କେବଳ କାମର ରୀତି ଦର୍ଶନ ହେତୁ, କାରଣ ବ୍ରଜସୁନ୍ଦରୀମାନଙ୍କ ତୁଲ୍ୟ ବିଶୁଦ୍ଧ-ପ୍ରେମର ଅଭାବ । କୁବ୍‌ଜା ପ୍ରଭୃତିଙ୍କଠାରେ ଯେ ରୀତି ଦେଖା ହୁଏ ତାହା କାମପ୍ରାୟାରୂପେ କଥିତ । କୁବ୍‌ଜା ମଥୁରାଙ୍ଗନା, ବିଦର୍ଭାଙ୍ଗନା, ଦେବାଙ୍ଗନାମାନେ ସାଧାରଣୀ ଓ ରୁକ୍ମିଣ୍ୟାଦି ସମଞ୍ଜସା । ରହସ୍ୟମଞ୍ଜରୀର ମୁଖବନ୍ଧ ଦେଖ ।

ରୂପଗୋସ୍ୱାମୀ ଉଜ୍ଜ୍ୱଳନୀଳମଣିରେ ସାଧାରଣୀ, ସମଞ୍ଜସା ଓ ସମର୍ଥା ନାରୀମାନଙ୍କର ଯେ ଲକ୍ଷଣ ଦେଇଅଛନ୍ତି, ସେଥିରୁ ଜଣାଯାଏ ସାଧାରଣୀଠାରୁ

ସମଞ୍ଜସା ଓ ସମଞ୍ଜସାଠାରୁ ସମର୍ଥା ବଡ଼ । ପ୍ରକାରାନ୍ତରେ ଦେଖିଲେ କୁବ୍ଜା ସାଧାରଣୀ ହେଲେହେଁ ମଥୁରାଲୀଳାର ନାୟିକା ହେତୁ ଗୋପୀମାନଙ୍କଠାରୁ ନ୍ୟୂନ ଓ ଦ୍ୱାରକାଲୀଳାର ନାୟିକାଙ୍କଠାରୁ ଅଧିକ ରୂପେ ଗ୍ରହଣ କରାଯାଇପାରେ । ଭାଗବତ ୧୦ମ ସ୍କନ୍ଧ ୪୨ ଅଧ୍ୟାୟ ୧୦ମ ଶ୍ଳୋକର

("ଏହି ବୀର ! ଗୃହଂ ଯାମୋ ନ ତ୍ୱାଂ ତ୍ୟକ୍ତୁଂ ମିହୋତ୍ସହେ
ତ୍ୱୟୋନ୍ମଥିତଚିତ୍ତାୟାଃ ପ୍ରସୀଦ ପୁରୁଷର୍ଷଭ !")

ଟୀକାରେ ବଲ୍ଲଭାଚାର୍ଯ୍ୟ "ଗୋପିକାବଦେଷାପି କାମଦେବ ପୁରୁଷାର୍ଥଂ ମନ୍ୟତେ" ଇତି । ଏହାଦ୍ୱାରା କୁବ୍ଜାଙ୍କ ରତି ଯେ କାମପ୍ରାୟା, ତାହା ସ୍ପଷ୍ଟ ବୁଝାଗଲା । ଗୋପୀମାନେ ବିଶୁଦ୍ଧ ସତ୍ତ୍ୱମୟୀ, ଜ୍ଞାନମୟୀ ଓ ଆନନ୍ଦମୟୀ; ଏହା ଭାଗବତ ପାଠରୁ ସ୍ପଷ୍ଟ ବୋଧିତ ହୁଏ । ବ୍ରଜଲୀଳା ଶୁଦ୍ଧ ସତ୍ତ୍ୱମୟୀ । ମଥୁରାଲୀଳା ସତ୍ତ୍ୱମୟୀ ଓ ରଜୋମୟୀ ଏବଂ ଦ୍ୱାରକା ଲୀଳା ରଜୋମୟୀ ଅଟେ । ତଦନୁରୂପ ବୃନ୍ଦାବନରେ ଗୋପୀମାନଙ୍କସହ କୃଷ୍ଣଚନ୍ଦ୍ର ମାଧୁର୍ଯ୍ୟମୟ । ସେ ମଥୁରାରେ କୁବ୍ଜାଦିଙ୍କ ସହ ମାଧୁର୍ଯ୍ୟ ଓ ଐଶ୍ୱର୍ଯ୍ୟମୟ ନାରାୟଣ । ଭକ୍ତଠାରୁ ପାପକାଳିମା ଦୂର କରି ଭକ୍ତକୁ ସ୍ୱପ୍ରେମ ଭୋଗ କରାଇବାର କୁବ୍ଜା-ଉପାଖ୍ୟାନ ଗୋଟିଏ ଜ୍ୱଳନ୍ତ ନିଦର୍ଶନ । ଭଗବତ୍‌ପର ଯୋଗୀବତ୍ ତପଃସମାଧିବଳରେ ସ୍ୱାର୍ଥପର ହୋଇ ବ୍ରହ୍ମାନନ୍ଦ ସୁଖ ଆସ୍ୱାଦ କରିବା ତୁଲ୍ୟ କୁବ୍‌ଜାର ରତିକୁ ଗ୍ରହଣ କରିବାକୁ ହେବ । (କାରଣ ସାଧାରଣୀ କେବଳ ସ୍ୱ ସୁଖ ଚାହେଁ) । ପ୍ରସଙ୍ଗାନୁରୋଧରେ ଯାଦବରମଣୀଙ୍କ ସହିତ କୁବ୍‌ଜାର ତାରତମ୍ୟ ପ୍ରଦର୍ଶିତ ହେଲା ମାତ୍ର । ଅନ୍ୟ ଭାବରେ ଦେଖିଲେ ସମଞ୍ଜସା ନାୟିକା ସାଧାରଣୀଠାରୁ ଶ୍ରେଷ୍ଠ । ଏହା ରୂପଗୋସ୍ୱାମୀ ଉଜ୍ଜ୍ୱଳନୀଳମଣିରେ ଦର୍ଶାଇ ଅଛନ୍ତି, ଯଥା—

ସାଧାରଣୀ ନିଗଦିତା ସମଞ୍ଜସାସୌ ସମର୍ଥା ଚ ।
କୁବ୍‌ଜାଦିଷୁ ମହିଷୀଷୁ ଚ ଗୋକୁଳଦେବୀଷୁ ଚ କ୍ରମତଃ
ମଣିବଚ୍ଚିନ୍ତାମଣିବତ୍ କୌସ୍ତୁଭମଣିବତ୍ତ୍ରିଧାଭିମତା ।
ନାତିସୁଲଭେୟମଭିତଃ ସୁଦୁର୍ଲଭା ସ୍ୟାଦନନ୍ୟଲଭ୍ୟା ଚ ।

ଅନୁକୂଳ ଓ ପ୍ରତିକୂଳଭାବରେ ଯେଉଁ ଭକ୍ତଶ୍ରେଷ୍ଠମାନେ କୃଷ୍ଣଚନ୍ଦ୍ରଙ୍କର ଭଜନା କରିଥିଲେ ସେହିମାନଙ୍କର ବିଷୟ ଗୋପ ଓ ମଥୁରା ଲୀଳାରେ ବର୍ଣ୍ଣିତ ହୋଇଥିବାରୁ କବି ଭକ୍ତଚରଣ ମଥୁରାମଙ୍ଗଳ ଲେଖି ସେ ସମସ୍ତ ସୁସ୍ପଷ୍ଟ ରୂପେ ଓ ସୁନ୍ଦର ଭାବରେ ପ୍ରତିପାଦିତ କରିଅଛନ୍ତି । ଏ ପ୍ରସଙ୍ଗରେ ମନେ ରଖିବାକୁ ହେବ କୃଷ୍ଣଙ୍କ ଲୀଳା ଚିନ୍ମୟୀ । ସେହି ଚିନ୍ମୟୀ ଲୀଳାରେ ବିଶୁଦ୍ଧ ସତ୍ତ୍ୱ, ରଜ ଓ ତମଗୁଣମାନଙ୍କର ବିଚାର କରିବାକୁ ହେବ ।

"ସୁରାଡମୈବାଧୁନ୍ନକୈଷ୍ଟ ସେବକେରଲବ୍ଧମାସ୍ତେ ଽଲମନୁଗ୍ରହଂ ପ୍ରଭୋଃ ।
ମହତ୍ତମୋ ଭାଗବତେଷ୍ୱ ଯସ୍ତତୋ ମହାନୁଭୂତ ସ୍ୱୟମୁଚ୍ୟତେ ଚ ଯଃ ।"

**ଅକ୍ରୂର** ଅକ୍ରୂର ଜଣେ ଯାଦବ । ସେ ଯାଦବମାନଙ୍କ ମଧ୍ୟରେ କୃଷ୍ଣଙ୍କର ଜଣେ ବଡ଼ ଭକ୍ତ । ଉଦ୍ଧବଙ୍କଠାରୁ ଭକ୍ତିଭାବରେ ହୀନ ହେଲେହେଁ ତାଙ୍କର ଭଗବଦନୁରାଗ ଅନନ୍ୟସାଧାରଣ । "ଅକ୍ରୂରସ୍ତ୍ୱଭିବନ୍ଦନେ" ଶାସ୍ତ୍ରପ୍ରସିଦ୍ଧ ଓ କୃଷ୍ଣତାପିନୀରେ ସେ ସଖ୍ୟରୂପେ କଥିତ ହୋଇଅଛନ୍ତି ।

**ଗନ୍ତାୟିତ ଓ ମାଳୀର ଭକ୍ତି**—ଦାସ୍ୟ ଭକ୍ତି—ଏକାଙ୍ଗୀ ଭକ୍ତି । ତାହା କଂସାଦିଙ୍କ ଭକ୍ତିଠାରୁ ଉତ୍କୃଷ୍ଟ ଓ ଯାଦବଗଣଙ୍କ ଭକ୍ତିଠାରୁ ନିକୃଷ୍ଟ ।

**ଗୋପୀମାନଙ୍କର ଭକ୍ତି**—କାମରୂପା ରାଗାତ୍ମିକା । ଗୋପସ୍ତ୍ରୀଙ୍କ ପ୍ରେମ ପ୍ରକୃତ୍ୟୋଜନରହିତ, ସୁବିଶୁଦ୍ଧ ଓ ଅପ୍ରାକୃତ । ତାହା କାମରୂପରେ କଥିତ । ରହସ୍ୟମଞ୍ଜରୀ ମୁଖବନ୍ଧ ଦ୍ରଷ୍ଟବ୍ୟ । ସେମାନଙ୍କର ମହତ୍ତ୍ୱ ଓ ବିଭାଗର ବିସ୍ତୃତ ପ୍ରେମପଞ୍ଚାମୃତର ମୁଖବନ୍ଧରେ ପ୍ରଦର୍ଶିତ ହୋଇଅଛି ।

**ଗୋପୀମାନଙ୍କର ଉଦ୍ଧବଙ୍କଠାରୁ ଶ୍ରେଷ୍ଠତ୍ୱ—**

ଆସାମହୋ ଚରଣରେଣୁଜୁଷାମହଂ ସ୍ୟାମ୍—୧୦।୪୭।୬୧ ।

"ନାହଂ ଗୋପୀ ପରୋ ଭକ୍ତୋ ହରେଶ୍ଚ ପରମାତ୍ମନଃ ।
ଯାଦୃଶୀ ଲେଭିରେ ଗୋପ୍ୟୋ ଭକ୍ତିର୍ନାନ୍ୟେ ଚ ତାଦୃଶୀ ।"

ପୁନଶ୍ଚ ଭଗବଦ୍ ବାକ୍ୟଂ-ଆଦିପୁରାଣେ:—

"ନ ତଥା ମେ ପ୍ରିୟତମା ବ୍ରହ୍ମା ରୁଦ୍ରାଶ୍ଚ ପାର୍ଥିବ ।
ନ ଚ ଲକ୍ଷ୍ମୀର୍ନ ଚାତ୍ମା ଚ ଯଥା ଗୋପୀଜନୋ ମମ ।"

**ଗୋପୀମାନଙ୍କ ମଧ୍ୟରେ ରାଧା ଶ୍ରେଷ୍ଠ—**

ପଦ୍ମପୁରାଣେ:—"ଯଥା ରାଧା ପ୍ରିୟା ବିଷ୍ଣୋସ୍ତସ୍ୟ କୁଣ୍ଡଂ ପ୍ରିୟଂ ତଥା,
ସର୍ବଗୋପୀଷୁ ସୈବୈକା ବିଷ୍ଣୋରତ୍ୟନ୍ତବଲ୍ଲଭା ।"

ଆଦିପୁରାଣରେ:—ତ୍ରୈଲୋକ୍ୟେ ପୃଥିବୀ ଧନ୍ୟା ଯତ୍ର ବୃନ୍ଦାବନଂ ପୁରୀ
ତତ୍ରାପି ଗୋପିକାଃ ପାର୍ଥ ! ତତ୍ର ରାଧାଭିଧା ମମ ।"

**କୁବ୍ଜା**—କାମପ୍ରାୟା (କେବଳ କାମର ରୀତି ଦର୍ଶନ ହେତୁ, କାରଣ ବ୍ରଜସୁନ୍ଦରୀମାନଙ୍କ ତୁଲ୍ୟ ବିଶୁଦ୍ଧ-ପ୍ରେମର ଅଭାବ । କୁବ୍ଜା ପ୍ରଭୃତିଙ୍କଠାରେ ଯେ ରୀତି ଦେଖା ହୁଏ ତାହା କାମପ୍ରାୟାରୂପେ କଥିତ । କୁବ୍ଜା ମଥୁରାଙ୍ଗନା, ବଦର୍ଯ୍ୟଙ୍ଗନା, ଦେବାଙ୍ଗନାମାନେ ସାଧାରଣୀ ଓ ରୁକ୍ମିଣ୍ୟାଦି ସମଞ୍ଜସା । ରହସ୍ୟମଞ୍ଜରୀର ମୁଖବନ୍ଧ ଦେଖ ।

ରୂପଗୋସ୍ୱାମୀ ଉଜ୍ଜ୍ୱଳନୀଳମଣିରେ ସାଧାରଣୀ, ସମଞ୍ଜସା ଓ ସମର୍ଥା ନାୟିକାମାନଙ୍କର ଯେ ଲକ୍ଷଣ ଦେଇଅଛନ୍ତି, ସେଥିରୁ ଜଣାଯାଏ ସାଧାରଣୀଠାରୁ

ସମଞ୍ଜସା ଓ ସମଞ୍ଜସାଠାରୁ ସମର୍ଥା ବଡ଼ । ପ୍ରକାରାନ୍ତରେ ଦେଖିଲେ କୁବ୍ଜା ସାଧାରଣୀ ହେଲେହେଁ ମଥୁରାଲୀଳାର ନାୟିକା ହେତୁ ଗୋପୀମାନଙ୍କଠାରୁ ନ୍ୟୁନ ଓ ଦ୍ୱାରକାଲୀଳାର ନାୟିକାଙ୍କଠାରୁ ଅଧିକରୂପେ ଗ୍ରହଣ କରାଯାଇପାରେ । ଭାଗବତ ୧୦ମ ସ୍କନ୍ଧ ୪୨ ଅଧ୍ୟାୟ ୧୦ମ ଶ୍ଳୋକର

("ଏହି ବୀର ! ଗୃହଂ ଯାମୋ ନ ତ୍ୱାଂ ତ୍ୟକ୍ତୁଂ ମିହୋତ୍ସହେ
ତ୍ୱୟୋନ୍ମଥିତଚିତ୍ତାୟାଃ ପ୍ରସୀଦ ପୁରୁଷର୍ଷଭ !" )

ଟୀକାରେ ବଲ୍ଲଭାଚାର୍ଯ୍ୟ "ଗୋପିକାବଦେଷାପି କାମଦେବ ପୁରୁଷାର୍ଥଂ ମନ୍ୟତେ" ଇତି । ଏହାଦ୍ୱାରା କୁବ୍ଜାଙ୍କ ରତି ଯେ କାମପ୍ରାୟା, ତାହା ସ୍ପଷ୍ଟ ବୁଝାଗଲା । ଗୋପୀମାନେ ବିଶୁଦ୍ଧ ସତ୍ତ୍ୱମୟୀ, ଜ୍ଞାନମୟୀ ଓ ଆନନ୍ଦମୟୀ; ଏହା ଭାଗବତ ପାଠରୁ ସ୍ପଷ୍ଟ ବୋଧିତ ହୁଏ । ବ୍ରଜଲୀଳା ଶୁଦ୍ଧ ସତ୍ତ୍ୱମୟୀ । ମଥୁରାଲୀଳା ସତ୍ତ୍ୱମୟୀ ଓ ରଜୋମୟୀ ଏବଂ ଦ୍ୱାରକାଲୀଳା ରଜୋମୟୀ ଅଟେ । ତଦନୁରୂପ ବୃନ୍ଦାବନରେ ଗୋପୀମାନଙ୍କସହ କୃଷ୍ଣଚନ୍ଦ୍ର ମାଧୁର୍ଯ୍ୟମୟ । ସେ ମଥୁରାରେ କୁବ୍ଜାଦିଙ୍କ ସହ ମାଧୁର୍ଯ୍ୟ ଓ ଐଶ୍ୱର୍ଯ୍ୟମୟ ନାରାୟଣ । ଭକ୍ତଠାରୁ ପାପବାସନା ଦୂର କରି ଭକ୍ତକୁ ସ୍ୱପ୍ରେମ ଭୋଗ କରାଇବାର କୁବ୍ଜା-ଉପାଖ୍ୟାନ ଗୋଟିଏ ଜ୍ୱଳନ୍ତ ନିଦର୍ଶନ । ଭଗବତ୍‌ପର ଯୋଗୀବତ୍ ତପଃସମାଧିବଳରେ ସ୍ୱାର୍ଥପର ହୋଇ ବ୍ରହ୍ମାନନ୍ଦ ସୁଖ ଆସ୍ୱାଦ କରିବା ତୁଲ୍ୟ କୁବ୍ଜାର ରତିକୁ ଗ୍ରହଣ କରିବାକୁ ହେବ । (କାରଣ ସାଧାରଣୀ କେବଳ ସ୍ୱ ସୁଖ ଚାହେଁ) । ପ୍ରସଙ୍ଗାନୁରୋଧରେ ଯାଦବରମଣୀଙ୍କ ସହିତ କୁବ୍ଜାର ତାରତମ୍ୟ ପ୍ରଦର୍ଶିତ ହେଲା ମାତ୍ର । ଅନ୍ୟ ଭାବରେ ଦେଖିଲେ ସମଞ୍ଜସା ନାୟୀ ସାଧାରଣୀଠାରୁ ଶ୍ରେଷ୍ଠ । ଏହା ରୂପଗୋସ୍ୱାମୀ ଉଜ୍ଜ୍ୱଳନୀଳମଣିରେ ଦର୍ଶାଇ ଅଛନ୍ତି, ଯଥା—

ସାଧାରଣୀ ନିଗଦିତା ସମଞ୍ଜସାସୌ ସମର୍ଥା ଚ ।
କୁବ୍ଜାଦିଷୁ ମହିଷୀଷୁ ଚ ଗୋକୁଲଦେବୀଷୁ ଚ କ୍ରମତଃ
ମଣିବଚ୍ଚିନ୍ତାମଣିବତ୍ କୌସ୍ତୁଭମଣିବଦ୍ଧିଭିମତା ।
ନାତିସୁଲଭେୟମଭିତଃ ସୁଦୁର୍ଲଭା ସ୍ୟାଦନନ୍ୟଲଭ୍ୟା ଚ ।

ଅନୁକୂଳ ଓ ପ୍ରତିକୂଳଭାବରେ ଯେଉଁ ଭକ୍ତଶ୍ରେଷ୍ଠମାନେ କୃଷ୍ଣଚନ୍ଦ୍ରଙ୍କର ଭଜନା କରିଥିଲେ ସେହିମାନଙ୍କର ବିଷୟ ଗୋପ ଓ ମଥୁରା ଲୀଳାରେ ବର୍ଣ୍ଣିତ ହୋଇଥିବାରୁ କବି ଭକ୍ତଚରଣ 'ମଥୁରାମଙ୍ଗଳ' ଲେଖି ସେ ସମସ୍ତ ସୁସ୍ପଷ୍ଟରୂପେ ଓ ସୁନ୍ଦର ଭାବରେ ପ୍ରତିପାଦିତ କରିଅଛନ୍ତି । ଏ ପ୍ରସଙ୍ଗରେ ମନେ ରଖିବାକୁ ହେବ କୃଷ୍ଣଙ୍କ ଲୀଳା ଚିନ୍ମୟୀ । ସେହି ଚିନ୍ମୟୀ ଲୀଳାରେ ବିଶୁଦ୍ଧ ସତ୍ତ୍ୱ, ରଜ ଓ ତମଗୁଣମାନଙ୍କର ବିଚାର କରିବାକୁ ହେବ ।

---

# ମଥୁରାମଙ୍ଗଳ ଛାନ୍ଦମାନଙ୍କର
# ସଂକ୍ଷିପ୍ତ ସୂଚନା ଓ ବିଷୟ ବିଚାର

**୧ମ ଛାନ୍ଦ**—ଭବକଳ୍ପତରୁ ହରିନାମକୀର୍ତ୍ତିନଲାଳସୀ କବିଙ୍କର ନିର୍ବିଘ୍ନରେ ହରିଲୀଳାବିଷୟକ କାବ୍ୟ ସମାପ୍ତି ନିମନ୍ତେ କୃଷ୍ଣସ୍ତୁତି; ଦୁର୍ମିଳାନନ୍ଦନ କଂସର ଉତ୍ପୀଡ଼ନରେ ସୁରନରଙ୍କର ଆତଙ୍କ ଓ ଭକ୍ତଙ୍କ ଦୁଃଖ ନିବାରଣାର୍ଥ ସୁରମାନଙ୍କ ସହିତ ବ୍ରହ୍ମାଙ୍କର କ୍ଷୀରସାଗରଶାୟୀ ବିଷ୍ଣୁଙ୍କୁ ପ୍ରାର୍ଥନା; ଦୟାବାରିନିଧି ଭଗବାନଙ୍କର କଂସଦମନ ନିମନ୍ତେ ନରକଳେବରଧାରଣପୂର୍ବକ ବସୁଦେବ ଗୃହରେ ଜନ୍ମହେବା ରୂପ ଦେବଙ୍କୁ ଅଭୟବାଣୀ; ଦେବତାଙ୍କର ସାନନ୍ଦ ପ୍ରତ୍ୟାବର୍ତ୍ତନ, କୃଷ୍ଣଚନ୍ଦ୍ରଙ୍କ ଦେବକୀ ଉଦରରେ ଜନ୍ମ ଏବଂ କଂସଭୟରେ ବସୁଦେବଙ୍କର କୃଷ୍ଣଙ୍କୁ ଗୋପରେ ସ୍ଥାପନ, ବାଳକ କୃଷ୍ଣଙ୍କ ଦ୍ୱାରା ପୂତନା, ତୃଣ, ଶକଟ, ଅଘାଦି ଅସୁରଙ୍କ ବିନାଶ ସାଧନ; କାଳୀୟଦମନ, ବରୁଣଠାରୁ ନନ୍ଦଙ୍କୁ ମୋଚନ; ଇନ୍ଦ୍ରବିବାଦରେ ଗୋବର୍ଦ୍ଧନ ଉତ୍ତୋଳନ; ଗୋପୀବସ୍ତ୍ରହରଣ; କେଶୀମନ୍ତ୍ରଣା ପ୍ରଭୃତି ବିସ୍ମୟକର କ୍ରିୟାକଳାପ ଶ୍ରବଣରେ କଂସର ଭୟସଞ୍ଚାର ଓ କପଟରେ କୃଷ୍ଣବିନାଶସାଧନ ଇଚ୍ଛାରେ କୃଷ୍ଣଙ୍କୁ ମଥୁରା ଆନୟନ ନିମନ୍ତେ ଅକ୍ରୂରଙ୍କୁ ସାନୁନୟ ଅନୁରୋଧ; ଆଜ୍ଞାପତ୍ରିକାସହ ଅକ୍ରୂରଙ୍କର ଗୋପଗମନ ଉଦ୍‌ଯୋଗ। ଜାଗରଣରେ କଂସର ଭୟରେ ସର୍ବତ୍ର କୃଷ୍ଣରୂପ ଓ ସ୍ୱପ୍ନରେ ଅଶୁଭଲକ୍ଷଣଦର୍ଶନ ପ୍ରଭୃତି ପ୍ରଥମ ଛାନ୍ଦରେ ବର୍ଣ୍ଣିତ ହୋଇଅଛି।

**ବିଚାର**—ମୂଳ ଭାଗବତ ଓ ଜଗନ୍ନାଥ ଦାସଙ୍କ ଭାଗବତରେ ଅକ୍ରୂରଙ୍କ ମଥୁରାଯାତ୍ରା ପରେ କେଶୀର ମୃତ୍ୟୁ ଲିଖିତ ହୋଇଅଛି। ଭକ୍ତଚରଣ ଅକ୍ରୂରଙ୍କ ମଥୁରାଯାତ୍ରା ପୂର୍ବରୁ କେଶୀର ମୃତ୍ୟୁ ସଂଗଠିତ କରାଇଅଛନ୍ତି। ଏ ସ୍ଥଳରେ ଭକ୍ତଚରଣ ଦୀନକୃଷ୍ଣଙ୍କର ରସକଲ୍ଲୋଳକୁ ଅବଲମ୍ବନ କରିଅଛନ୍ତି। ମୂଳ ଭାଗବତ ଓ ଜଗନ୍ନାଥ ଦାସଙ୍କ ଭାଗବତରେ ଲିଖିତ ଅଛି ଯେ କଂସ କୃଷ୍ଣଙ୍କ ଭୟରେ ଆତୁର ହୋଇ କେଶୀ ପ୍ରଭୃତି ଦାନବଙ୍କ ସହ ମନ୍ତ୍ରଣା କରିବା ପରେ ଅକ୍ରୂରଙ୍କ ସଙ୍ଗରେ ମନ୍ତ୍ରଣା କରିଥିଲା। ମଥୁରାମଙ୍ଗଳରେ କଂସ ଅକ୍ରୂର ଆଗରେ ଭୀତ ହୋଇ ନିଜର କାର୍ଯ୍ୟର କ୍ରମ କହିବା ଲିଖିତ ଅଛି। ଧନୁର୍ଯାତ୍ରା ଓ ରଙ୍ଗସଭା କରିବା ବିଷୟ ଚାଣୁର ମୁଷ୍ଟିକାଦିଙ୍କୁ କହିବା ପରେ କଂସ ଅକ୍ରୂରକୁ କହିଥିଲା। ଏହା ମୂଳ ଭାଗବତ ଓ ଜଗନ୍ନାଥ ଦାସଙ୍କ ଭାଗବତରେ ଅଛି। କବି ଏ ବିଷୟ ପ୍ରଥମ ଛାନ୍ଦରେ ଉଲ୍ଲେଖ କରି ନାହାନ୍ତି। ତେବେ...ଆପେ ମରିବା ୧୧୪-୮୯, ଏହା ଜଗନ୍ନାଥ ଦାସଙ୍କ ଭାଗବତର "ବିପୁଲୁ ବୁଦ୍ଧିବଳେ ମାରି, ତେବେ ଜୀବନ ସୁଖେ ଧରି" ଅବଲମ୍ବନରେ ଲିଖିତ। କଂସର ଚିଠାଉ ଲେଖିବା ଓ ନନ୍ଦଙ୍କୁ ଦେବା ନିମନ୍ତେ ଅକ୍ରୂର ହସ୍ତେ ଦେବା ଓ ଅକ୍ରୂରର ନନ୍ଦଙ୍କୁ

ଶ୍ରୀମୁଖ ପ୍ରଦାନ କରିବା ବିଷୟ ମୂଳ ଭାଗବତରେ ନାହିଁ । ଅକ୍ରୂର ନନ୍ଦଙ୍କୁ ପତ୍ର ଦେବା ବିଷୟ ଜଗନ୍ନାଥ ଦାସଙ୍କ ଭାଗବତରେ ଅଛି । ଯଥା—

"ଏମନ୍ତ କହି ରାଜାଲୋକ । ନନ୍ଦକୁ ଦେଲେକ ଶ୍ରୀମୁଖ ॥
ନନ୍ଦ ଉଠିଲେ ଘେନି କରେ । ଶ୍ରୀମୁଖ ଲଗାଇଲେ ଶିରେ ।"

ଏହି ଶ୍ରୀମୁଖ ବିଷୟ ବିପ୍ରନାରାୟଣ ଓ ଅଚ୍ୟୁତାନନ୍ଦଙ୍କ ହରିବଂଶ ଗ୍ରନ୍ଥରେ ଏବଂ ଦୀନକୃଷ୍ଣଙ୍କ ରସକଲ୍ଲୋଳରେ ଲିଖିତ ଅଛି ।

"ମନ୍ତ୍ରୀର ବଚନ କଲି ତତକ୍ଷଣ, ଆପଣେ ଶ୍ରୀମୁଖ ଯେ କରଇ ନିରମାଣ ।"

(ବିପ୍ରନାରାୟଣ ହରିବଂଶ)

ଗଳାରେ ପତ୍ରିକାକୁ ଲମ୍ବାଇବା ଯାହା କବି ଲେଖିଅଛନ୍ତି, ତାହା ବିପ୍ର ନାରାୟଣ ଦାସ ଓ ଅଚ୍ୟୁତାନନ୍ଦ ଦାସଙ୍କ ହରିବଂଶରେ ଅଛି । ଯଥା—

"କଂସର ଆଜ୍ଞା ଗଳାରେ ଲମ୍ବାଇ ଅକ୍ରୂର ।"

(ବିପ୍ରନାରାୟଣ ହରିବଂଶ)

"ଶ୍ରୀମୁଖ ଗୋଟାଏ ଗଳଦେଶେ ଲମ୍ବିଅଛି ।"

ଅଚ୍ୟୁତାନନ୍ଦଙ୍କ ହରିବଂଶ) •

ପୂର୍ବେ ଓଡ଼ିଶାରେ ଦୂତମାନଙ୍କର ଶ୍ରୀମୁଖ ଗଳାରେ ଲମ୍ବାଇ ଯାଉଥିବାର ପ୍ରଥା ଥିଲା । ଭାଗବତ ଦଶମସ୍କନ୍ଧ ୪୫ ଅଧ୍ୟାୟରେ ଧନୁଭଙ୍ଗ ପରେ କଂସର ବ୍ୟାକୁଳତା ଓ ଦୁର୍ନିମିତ୍ତଦର୍ଶନ ବିଷୟରେ ଯେ ପଦମାନ ଅଛି, ତାହା ଅବଲମ୍ବନ କରି କବି ଅକ୍ରୂର ମଥୁରା ଯିବାର ପରେ ୧ରେ କଂସକୁ ବ୍ୟାକୁଳ କରାଇ ଅଛନ୍ତି ଓ ଦୁର୍ନିମିତ୍ତମାନ ଦର୍ଶାଇ ଅଛନ୍ତି ।

"କେମନ୍ତେ ରଖିବି ଜୀବନ । ଏମନ୍ତେ ହେଲା ଛନ ଛନ ॥
ନିଦ୍ରା ନ ମଣ୍ଡଇ ନୟନେ । ଭାଳଇ ଅତି ଭୟ ମନେ ॥
ପୁଣି କ୍ଷଣକେ ନିଦ୍ରା ମୋହି । ସଭୟେ ପୁଣି ହିଁ ଚାହିଁଇ ॥

*   *   *   *   *   *

ନିଶ୍ୱାସ ଶୁଭେ ଶଙ୍ଖ ପ୍ରାୟେ   *   *   *
ହୃଦରେ ଜବା ପୁଷ୍ପମାଳ   *   *   *
ଦକ୍ଷିଣ ଦିଗେ ଯାଏ ଧାଇଁ । ଚୂଳ ବନ୍ଧନ ଶିରେ ନାହିଁ ।"

(ଜଗନ୍ନାଥଙ୍କ ଭାଗବତ)

ଏହି ଦୁର୍ନିମିତ୍ତ ଦର୍ଶନ ବିଷୟ ବ୍ରହ୍ମବୈବର୍ତ୍ତ ପୁରାଣରେ ନନ୍ଦଙ୍କୁ ଭଗବାନ୍ କହିଅଛନ୍ତି ।

ଜାଗ୍ରତ ମନୁଷ୍ୟ ଯାନ ଆରୋହଣ, ନମିତ୍ତ:—

"ଅଭ୍ୟଙ୍ଗିତସ୍ତୁ ତୈଳେନ ଯୋ ଗଚ୍ଛେଦ୍ଦକ୍ଷିଣାଂ ଦିଶମ୍ ।
ଖରୋଷ୍ଟ୍ରମହିଷାରୂଢୋ ମୃତ୍ୟୁ ପ୍ରସ୍ୟ ନ ସଂଶୟଃ ।"

ସ୍ୱପ୍ନେ—"ବାନରଂ ବାୟସଂ ଶ୍ୱାନଂ ଉଲୂକଂ କୃକଳଂ ଖରଂ
ପଶ୍ୟାମି ବକ୍ରୁଦ୍ଧାକାରଂ ଶବ୍ଦଂ କୁର୍ବନ୍ତମୁଲ୍ବଣମ୍ ।"

ମଥୁରାମଙ୍ଗଳସ୍ଥ "ଶଙ୍ଖଶବଦ ନିଶ୍ୱାସ ପବର୍ଜ"ର ଜଗନ୍ନାଥ ଦାସଙ୍କ ଭାଗବତରେ "ନିଶ୍ୱାସ ଶୁଭେ ଶଙ୍ଖ ଘ୍ରାଣେ" ଅନୁରୂପ ପଦ ଅଛି । କିନ୍ତୁ ରାଜକିଶୋର ବାବୁ ତାଙ୍କ ବାବୁଙ୍କ ସଂସ୍କରଣରେ ପଦକୁ ଅବିଶୁଦ୍ଧ କରି "ଶ୍ୱାସ ନ ବାଜେ ଶଙ୍ଖପ୍ରାଣେ" ଛପାଇ ଅଛନ୍ତି । ବୋଧହୁଏ ସେ ପଣ୍ଡିତ ମହାଶୟଙ୍କ ସାହାଯ୍ୟ ନେଇ ମୂଳଭାଗବତ "ଘ୍ରାଣଘୋଷାନୁପଶ୍ରୁତି" ( ପ୍ରାଣବାୟୁ ଶବ୍ଦ ଶୁଣିବାକୁ ପାଇଲା ନାହିଁ )ର ଅର୍ଥ ରକ୍ଷା କରିବା ଉଦ୍ଦେଶ୍ୟରେ ଜଗନ୍ନାଥ ଦାସଙ୍କ "ଶଙ୍ଖ" ଓ ମୂଳ ଭାଗବତରେ "ଅନୁପଶ୍ରୁତି" ଯୋଗ କରି ଏକ ଅପୂର୍ବ ଅଭିନବ ପଦ ବସାଇ ଅଛନ୍ତି ।

"ସ୍ୱପ୍ନ ସତ ନୁହେ ବେଦ ଭାଷଇ" ଏ ବିଷୟ କହି କଂସ ନିଜେ ଆଶ୍ୱସ୍ତ ହେଲେ ଓ ଉତ୍କଟେଚ୍ଛାର କାର୍ଯ୍ୟ କରିବାରେ—କୃଷ୍ଣମରଣ ଉପାୟ ବିଧାନରେ ନିଯୁକ୍ତ ହେଲେ, ନିଜେ ନିଶ୍ଚିନ୍ତ ହୋଇ ରହିଲେ । ତାହାର ଏପରି ବେଦୋକ୍ତି—ଶାସ୍ତ୍ରୋକ୍ତିରେ ଆଶ୍ୱସ୍ତ ହେବା ଭାଗବତାଦିରେ ନାହିଁ । କବି ଏଠାରେ ଭଗବାନଙ୍କ ମାୟାର ପ୍ରାଧାନ୍ୟ ଦର୍ଶାଇବାକୁ ଏପରି କରିଅଛନ୍ତି । ଭାଗବତରେ ଧନୁଭଙ୍ଗ ପରେ ଭାଗବତକାର କଂସକୁ ସ୍ୱପ୍ନରେ ଓ ଜାଗରଣରେ ଦୁର୍ନିମିତ୍ତମାନ ଦର୍ଶାଇ ଅଛନ୍ତି । କବି ଅକ୍ରୂର ଗମନ ପରେ ଦୁର୍ନିମିତ୍ତମାନ ଦର୍ଶାଇ କାବ୍ୟ ବିଷୟର ସୂତ୍ରକୁ ସମ୍ବଧାନାର୍ଥ କଂସର ଉକ୍ତ ବେଦୋକ୍ତିରେ ବିଶ୍ୱାସ ସ୍ଥାପନ କରାଇଅଛନ୍ତି ।

## ଦ୍ୱିତୀୟ ଛାନ୍ଦ

ସ-ସୂ । କୃଷ୍ଣଦର୍ଶନୋତ୍ସୁକ ଅକ୍ରୂରଙ୍କର ଗୋପକୁ ଦ୍ରୁତଗମନ ଏବଂ କୃଷ୍ଣଙ୍କ ଲୀଳା-ଅଙ୍ଗ-ସଙ୍ଗଲାଭ ଚିନ୍ତାରେ ଆନନ୍ଦପ୍ରକାଶ; ମାର୍ଗସ୍ଥିତ "ବାଲକୃଦନ୍ତ" ଶ୍ରୀକୃଷ୍ଣଙ୍କ ଧ୍ୱଜ-ଅଙ୍କୁଶ-ଚକ୍ର-ପ୍ରଭୃତି-ଯୁକ୍ତ ପଦପଦ୍ମ ଦର୍ଶନରେ ଭାବାବିଷ୍ଟ ଅକ୍ରୂରଙ୍କର ଅଶ୍ରୁମୋଚନ ଓ ମୋହ; ଗୋଷ୍ଠ ପ୍ରବେଶାନ୍ତେ ଗୋଦୋହନରତ ରାମକୃଷ୍ଣଙ୍କ ଦର୍ଶନ; ଆପଦମସ୍ତକ ଶ୍ରୀକୃଷ୍ଣଙ୍କ ରୂପ ଓ ବେଶଭୂଷାଦି ବର୍ଣ୍ଣନ; କୃଷ୍ଣଚନ୍ଦ୍ରଙ୍କ ଯଥାର୍ଥ ପରିଚୟ ନ ପାଇ ଅକ୍ରୂରଙ୍କର ଭ୍ରମ; କୃଷ୍ଣଙ୍କର ଅକ୍ରୂରଙ୍କୁ ସସ୍ନେହ ଆଲିଙ୍ଗନ ଏବଂ ଅକ୍ରୂରଙ୍କ ସହ ଗୃହଗମନ; ଦକ୍ଷିଣୋଚିତ ନମ୍ରତାରେ କୃଷ୍ଣଙ୍କର ଅକ୍ରୂରସତ୍କ୍ରିୟା, ମଥୁରାର କୁଶଳପ୍ରଶ୍ନ ଓ ତାଙ୍କର ଗୋପକୁ ଆସିବାର କାରଣ ଜିଜ୍ଞାସା; କପଟ ଧନୁଶ ନିମିତ୍ତ କୃଷ୍ଣଙ୍କୁ ମଥୁରା ନେବାରେ କଂସର ଦୌତ୍ୟସ୍ୱୀକାର ରୂପ ଅକ୍ରୂରଙ୍କ ପ୍ରତ୍ୟୁତ୍ତର; କୃଷ୍ଣଙ୍କ ଆଦେଶରେ ନନ୍ଦଙ୍କୁ କଂସର ଆଜ୍ଞାପତ୍ରିକା ଦାନ ଓ ତାଙ୍କଠାରେ ସକ୍ରୋଧ ପ୍ରତ୍ୟୁତ୍ତର ।

**ଉତ୍ତର :—ଅକ୍ରୂରଙ୍କ ଭ୍ରମ କୃଷ୍ଣଦର୍ଶନରେ ଆନନ୍ଦ ଅନୁଭବ ।**

"ବାଲବୃନ୍ଦ" ଦର୍ଶନରେ ସାତ୍ତ୍ୱିକ ଭାବ ଜନ୍ମ ।

କ୍ୱଚିଦ୍ରୁଦନ୍ତ୍ୟଚ୍ୟୁତ ଚିନ୍ତୟା କ୍ୱଚିଦ୍ଧସନ୍ତି ବଦନ୍ତ୍ୟଲୌକିକାଃ ।
ନୃତ୍ୟନ୍ତି ଗାୟନ୍ତ୍ୟନୁଶୀଳୟନ୍ତ୍ୟଜଂ ଭବନ୍ତି ତୂଷ୍ଣୀଂ ପରମେତ୍ୟ ନିର୍ବୃତାଃ ।
( ଭାଗବତ । )

ପୁନରପି କୃଷ୍ଣଦର୍ଶନ ଆଶାରେ ନାନା ଭାବୋଦ୍ଗମ ଇତ୍ୟାଦି ଭାଗବତରେ ବାଲବୃନ୍ଦ ଦର୍ଶନ ପୂର୍ବର ଭାବନାର ଅନୁରୂପ ଓ ସଂକ୍ଷିପ୍ତକରଣ । ତତ୍ପରେ ଅକ୍ରୂରଙ୍କର ରାମକୃଷ୍ଣ ଦର୍ଶନରେ ରାମ ଓ କୃଷ୍ଣଙ୍କ ରୂପ ବର୍ଣ୍ଣନ କବି ଯାହା କରିଅଛନ୍ତି, ତାହା ମଧ୍ୟ ଭାଗବତର ଅନୁରୂପ । କବି ସେ ବର୍ଣ୍ଣନକୁ ବିସ୍ତାର କରି ମନୋହର କରି ଅଛନ୍ତି । ମଥୁରାମଙ୍ଗଳରେ ଲିଖିତ ଅଛି ଯେ, ଅକ୍ରୂର ପ୍ରଥମତଃ ରାମକୃଷ୍ଣଙ୍କର ରୂପ ଦେଖିଥିଲେ, କିନ୍ତୁ ପରେ ରାମକୃଷ୍ଣଙ୍କ ସଦୃଶ ଗୋପବାଳକମାନଙ୍କ ମଧ୍ୟରେ ସେ ଦୁହିଙ୍କୁ ଚିହ୍ନିପାରି ନ ଥିଲେ; ପଶ୍ଚାତ୍ କୃଷ୍ଣଚନ୍ଦ୍ରଙ୍କ ଦ୍ୱାରା ମାୟା ସଂହରଣ ଉତ୍ତାରେ ଅକ୍ରୂରମୁଖରେ ରାମକୃଷ୍ଣଙ୍କ ରୂପ ବର୍ଣ୍ଣିତ ହୋଇଅଛି । ଅକ୍ରୂର ପ୍ରଥମତଃ ଗୋପବାଳକଙ୍କ ମଧ୍ୟରେ ରାମକୃଷ୍ଣଙ୍କୁ ଚିହ୍ନି ପାରି ନ ଥିଲେ, ଏହା ଜଗନ୍ନାଥ ଦାସଙ୍କ ଭାଗବତରେ ଅଛି ।

"ଅକ୍ରୂର ଦେଖି ବିସ୍ମୟଇ । ରାମ ଗୋବିନ୍ଦ ନ ଚିହ୍ନଇ ॥
ସର୍ବେ ଦିଶନ୍ତି ଏକାମତେ । ମୁଁ ଅବା ଜାଣିବି କେମନ୍ତେ ॥
ଦାସବତ୍ସଳ ଭଗବାନ । ଜାଣିଲେ ଅକ୍ରୂରର ମନ ॥
ତତ୍କ୍ଷଣେ ନିଜ ରୂପ ହୋଇ । ଗାଇ ଦୁହାନ୍ତି ବେନି ଭାଇ ॥"

ମୂଳ ସଂସ୍କୃତ ଭାଗବତରେ ଗୋପବାଳକଙ୍କ ସମରୂପତ୍ୱ, ଅକ୍ରୂରଙ୍କ ଭ୍ରମ ଓ କୃଷ୍ଣଚନ୍ଦ୍ରଙ୍କ ଦ୍ୱାରା ମାୟାସଂହରଣ ପ୍ରଭୃତି ନାହିଁ । ଜଗନ୍ନାଥ ଦାସ ଓ ଭକ୍ତଚରଣ ଦାସ ଏରୂପ ବର୍ଣ୍ଣନ କରି ସାଧାରଣ ଭକ୍ତଙ୍କ ଦୃଷ୍ଟିରେ କୃଷ୍ଣ ଓ ତାଙ୍କ ଅନୁଚରମାନଙ୍କ ସମରୂପତ୍ୱ ଦର୍ଶାଇ ପରେ ଭକ୍ତର ଆର୍ତ୍ତି ଦୂରୀକରଣାର୍ଥ ଭଗବାନଙ୍କ ମାୟା ସଂହରଣ ଦ୍ୱାରା ଗୋଲୋକର ପ୍ରତିରୂପ ଗୋକୁଳର ମହାତ୍ମ୍ୟ ପ୍ରଖ୍ୟାପନ କରି ଅଛନ୍ତି । ଭକ୍ତଚରଣ ପ୍ରଥମେ କୃଷ୍ଣରୂପ ଓ ପରେ ଗୋପ-ବାଳକଙ୍କ ସଙ୍ଗେ କୃଷ୍ଣଙ୍କ ସମରୂପତ୍ୱ ପ୍ରଦର୍ଶନ ଦ୍ୱାରା ଭଗବନ୍ମାୟାର ଅଘଟନ-ଘଟନପଟୁତ୍ୱର ସମ୍ପୂର୍ଣ୍ଣ ନିଦର୍ଶନ ଉପସ୍ଥାପିତ କରିଅଛନ୍ତି । କବି ଅକ୍ରୂରଙ୍କର

---

ମୂଳ ସଂସ୍କୃତ ଭାଗବତରେ "ପପ୍ରଚ୍ଛ ସତ୍କୃତଂ ନନ୍ଦଃ କଥଂ ସ୍ଥ ନିରନୁଗ୍ରହେ । କଂସେ ଜୀବତି ଦାଶାର୍ହ ! ସୌନପାଳା ଇବାବୟଃ ୪୧ ଯୋଽବଧୀତ୍ ସ୍ୱସ୍ୱସୁସ୍ତୋକାନ୍ କ୍ରୋଶନ୍ତ୍ୟା ଅସୁତୃପଖଳଃ । କିନ୍ନୁ ସ୍ୱିତ୍ତତ୍ପ୍ରଜାନାଂ ବଃ କୁଶଳଂ ବିମୃଶାମହେ । ୪୨ । ଇତ୍ଥଂ ସୂନୃତୟା ବାଚା ନନ୍ଦେନ ସୁସଭାଜିତଃ । ଅକ୍ରୂରଃ ପରିପୃଷ୍ଟେନ ଜହାବଧ୍ୱପରିଶ୍ରମମ୍ । ୪୩ । ଇତ୍ୟାଦି ଏହି ତିନି ଶ୍ଳୋକର

ରାମକୃଷ୍ଣଙ୍କ ପାଦତଳେ ପ୍ରଣାମ ଓ ରାମକୃଷ୍ଣଙ୍କ ଦ୍ୱାରା ଅକ୍ରୂରଙ୍କ ପାଦଧୌତକ୍ରିୟା ଓ ପାଦସଂବାହନ ବ୍ୟାପାର ଲେଖିଅଛନ୍ତି । ଏହାଦ୍ୱାରା କୃଷ୍ଣଚନ୍ଦ୍ରଙ୍କର ଭଗବତ୍ତ୍ୱ ଓ ଲୋକାଚାରର ଶିକ୍ଷକତ୍ୱ ପ୍ରକାଶିତ ହୁଏ ।

ଯଥୋଚିତ ସମ୍ବର୍ଦ୍ଧନା ସହ ରାମକୃଷ୍ଣ ଅକ୍ରୂରଙ୍କୁ ରତ୍ନପଲଙ୍କରେ ଶୁଆଇ ତାଙ୍କ "ରାମଗୋବିନ୍ଦ ବେନି ସୋଦର ଚାପେ ଚରଣ ଦୁଇ" ପାଦ "ଚାପିବା" ପରେ ମୂଳ ସଂସ୍କୃତ ଭାଗବତରେ ନନ୍ଦଙ୍କର ଉପସ୍ଥିତି ଓ ନନ୍ଦଙ୍କ ସହ ଅକ୍ରୂରଙ୍କ କଥୋପକଥନ ବର୍ଣ୍ଣିତ ହୋଇଅଛି ।

ଏହା ଜଗନ୍ନାଥ ଦାସଙ୍କ ଭାଗବତରେ ନାହିଁ । ଜଗନ୍ନାଥ ଦାସଙ୍କ ଭାଗବତର

"ଅକ୍ରୂର ପାଦେ କର ଦେଇ । ଧୀରେ ଚାପନ୍ତି ଭାବଗ୍ରାହୀ ।"
ରାମ ଚାପନ୍ତେ କରସ୍ଥଳ । ପୁଲକ ଅକ୍ରୂର ଶରୀର ।।

(ଏ ପାଠ ରାଜକିଶୋରବାବୁଙ୍କ ସୁସଂସ୍କରଣରେ ଓ ଅନ୍ୟାନ୍ୟ ମୁଦ୍ରିତ ସଂସ୍କରଣମାନଙ୍କରେ ଅଛି—କିନ୍ତୁ କଟକ, ପୁରୀ, ବାଲେଶ୍ୱର, ଅନୁଗୁଳ, ଢଗିରଆ ପ୍ରଭୃତିର ୧୨ ଖଣ୍ଡ ପୋଥିରେ ଏ ପଦଟି ନାହିଁ । ଏ ପଦ ପ୍ରକ୍ଷିପ୍ତବତ୍ ପ୍ରତୀୟମାନ ହୁଏ) ପଦ ପରେ

"ନନ୍ଦଙ୍କୁ ନିଦ୍ରାମୋହ କରି । ଏକାନ୍ତେ ପୁଚ୍ଛନ୍ତି ମୁରାରି"

ପଦ ଅଛି । ଭିନ୍ନ ଭିନ୍ନ ସ୍ଥାନର ପୋଥିମାନଙ୍କରେ ଓ ଅନ୍ୟାନ୍ୟ ମୁଦ୍ରିତ ସଂସ୍କରଣମାନଙ୍କରେ ଏ ପଦ ଅଛି । ଏହାକୁ ଅବଲମ୍ବନ କରି ଭକ୍ତଚରଣ ଲେଖିଅଛନ୍ତି—

"ନିଦ୍ରାରେ ମୋହ ହୋଇଣ ଥିଲେ ଉଠିଲେ, ଚେତା ପାଇଁ ।୨।୪୮।"

---

ଟୀକା କରିନାହାନ୍ତି, କାରଣ ସେ ଯେଉଁ ଭାଗବତ ପୋଥିର ଟୀକା କରୁଥିଲେ ସେଥିରେ ଏହି ଭିନ୍ନ ଶ୍ଲୋକ ନ ଥିଲା । "ଚୈତନ୍ୟସ୍ୱରୂପ ବ୍ରହ୍ମଗିରିଙ୍କ ଦ୍ୱାରା ସମ୍ପାଦିତ ଭାଗବତର ଟିପ୍ପଣୀରେ ଲିଖିତ ଅଛି, "ଇମେ ନଶ୍ଲୋକା ବିଜୟଧ୍ୱଜୀୟେ ନ ସନ୍ତି ।" ତେବେ କଣ ଜଗନ୍ନାଥ ଦାସ ବିଜୟଧ୍ୱଜଙ୍କ ପାଠ ଅବଲମ୍ବନ କରିଥିଲେ ? ତାହା ମଧ୍ୟ କହି ହେବ ନାହିଁ ; କାରଣ ଜଗନ୍ନାଥ ଦାସଙ୍କ ପରବର୍ତ୍ତୀ ପଦ "ପଶୁ ମାଇକରେ ଯେସନେ, ବନ୍ଧରେ ଥାନ୍ତି ପଶୁଗଣେ" ଦ୍ୱାରା ସ୍ପଷ୍ଟ ଜଣାପଡ଼ୁଛି ଯେ, ସେ "ସୌନପାଳା ଇବାବଦ୍ଧାଃ" ପାଠ ଜାଣିଥିଲେ । ବୋଧହୁଏ ସେ ବିଜୟଧ୍ୱଜ ଧୃତପାଠ ଓ ଶ୍ରୀଧର ସ୍ୱାମୀ ଧୃତ ପାଠ ଉଭୟରେ ସାମଞ୍ଜସ୍ୟ ଆଣିବା ଅଭିପ୍ରାୟରେ ବା ମୂଳଭାଗବତରୁ ସ୍ୱାଧୀନଭାବରେ ଏପରି ଲେଖିଅଛନ୍ତି ।

ରାଜକିଶୋର ବାବୁ ଏ ସ୍ଥଳରେ ମୂଳ ସଂସ୍କୃତ ଭାଗବତର ପଦମାନଙ୍କ ଅର୍ଥ ରକ୍ଷା କରିବା ଉଦ୍ଦେଶ୍ୟରେ ନିଜେ ପଦମାନ ଯୋଡ଼ି ବସାଇ ଦେଇଅଛନ୍ତି । ଦୁଃଖର କଥା, ସେ ସ୍ୱକୃତ ପଦମାନ ପାଦଟିପ୍ପଣୀରେ ଦେଇ ଜଗନ୍ନାଥ ଦାସଙ୍କ ପଦମାନ ଅକ୍ଷୁଣ୍ଣ ଭାବରେ ରକ୍ଷା କରିଥିଲେ ସମ୍ପାଦକଙ୍କର ଉପଯୁକ୍ତ କାର୍ଯ୍ୟ କରିଥାନ୍ତେ । ଜଗନ୍ନାଥ ଦାସଙ୍କ ଭାଗବତ ରାଜକିଶୋର ବାବୁଙ୍କର ଏ କାର୍ଯ୍ୟ ଦ୍ୱାରା ବିକୃତ ହେଲା ମାତ୍ର ।

'ପିତାଙ୍କର ଆଦେଶ ହେଲେ ମୁଁ ମଥୁରାକୁ ଯିବି' ଏହା କୃଷ୍ଣ ଅକ୍ରୂରଙ୍କୁ କହନ୍ତେ ଅକ୍ରୂରଙ୍କ ଚିନ୍ତା; ଅକ୍ରୂରଙ୍କ ମନୋଭାବ ଜାଣି କୃଷ୍ଣଚନ୍ଦ୍ରଙ୍କର ପ୍ରତିଜ୍ଞା—

"ମୁଁ ମଥୁରା ଯିବି କଂସ ମାରିବି ମନେ ନ କର ଭ୍ରାନ୍ତି"

ଓ ନନ୍ଦକୁ ଚିଠାଉ ଦେବା ନିମନ୍ତେ ଅକ୍ରୂରକୁ ଆଦେଶ ଓ ଅକ୍ରୂର ନନ୍ଦଙ୍କ ଆଗରେ କୋପଚିତ୍ତରେ କହିବା ଯାହା ଜୀବ ଲେଖିଅଛନ୍ତି ତାର ତୁଳନା ନିମନ୍ତେ ରସକଲ୍ଲୋଳ ଓ ହରିବଂଶଦ୍ୱୟର ପଦମାନ ଉଦ୍ଧୃତ କଲୁଁ ।

(୧). କହ ଯାଇଁ ଗୋପରେ ତୁମ୍ଭେ ଏ ବାରତା,
କି ବୋଲନ୍ତି ଜନକଜନନୀ ଶୁଣି ତା ।
କେବେହେଁ ରାଜା ଆଜ୍ଞା, ନ କରିବ ଅବଜ୍ଞା, କରିବ ନାହିଁ ନିଉନତା ସେ ॥
କେଶୀ ଜୀବନହର ଆଜ୍ଞା ପାଇ ଅକ୍ରୂର ଗୋପରେ ପ୍ରବେଶ ହୋଇଲେ ।
କଂସ ଉଦ୍ଧୃତି ନେଇ ନନ୍ଦଙ୍କ କରେ ଦେଇ ସକଳ ସନ୍ଦେଶ କହିଲେ—

(ର: କ: ୧୯-୨୦)

(୨) କୃଷ୍ଣଚନ୍ଦ୍ର ଅକ୍ରୂରଙ୍କୁ କହିଲେ ଯେ ନନ୍ଦ, ଯଶୋଦା, ଗୋପୀ ଓ ଗୋପାଳ-
ମାନେ ମୋତେ ଗୋପରେ ତୁମ୍ଭଙ୍କୁ ଛାଡ଼ିବାକୁ ଅନୁରୋଧ କରିବେ ।
ତାହା ତୁମ୍ଭେ ନ ଶୁଣି କ୍ରୋଧ ପ୍ରକାଶ କରିବ ।
ଏବେ ତୁ ଅକ୍ରୂର ହୋ କରିଥିବୁ ତେଜ ।
ଏମନ୍ତ ବୋଲି ଆଜ୍ଞା ସେ ଦେଲେ ଦେବରାଜ ।

(ବିପ୍ରନାରାୟଣଙ୍କ ହରିବଂଶ)

(୩) ଯେ ଆଜ୍ଞା ଦେଇ ଅଛଇ କଂସ ନରନାହା ,
ସେମାନଙ୍କୁ ମନାଇଣ କହ ସବୁ ତାହା ।
ତେବେ ଯାଇଁ କାର୍ଯ୍ୟ ସିନା ହୋଇବ ସାଧନ ।
ଶୁଣି କରି ଅକ୍ରୂରର ହରଷିତ ମନ ।

(ଅଚ୍ୟୁତାନନ୍ଦଙ୍କ ହରିବଂଶ)

ପୂର୍ବୋକ୍ତ ବିଷୟ ମୂଳ ଭାଗବତ କି ଜଗନ୍ନାଥ ଦାସଙ୍କ ଭାଗବତରେ ନାହିଁ । ଚିଠାଉକୁ ଶିରରେ ଲଗାଇ ନନ୍ଦଙ୍କର ପଢ଼ିବା ଜଗନ୍ନାଥ ଦାସଙ୍କ ଭାଗବତର ଅନୁରୂପ ।

ନନ୍ଦ ଉଠିଣ ଘେନି କରେ । ଶ୍ରୀମୁଖ ଲଗାଇଲ ଶିରେ । (ଭା: ଖ।)

# ତୃତୀୟ ଛାନ୍ଦ

କଂସର ପଣ:—ଇନ୍ଦ୍ର ଚନ୍ଦ୍ରାଦି ଦେବତାମାନଙ୍କର ବଶ୍ୟତା ସ୍ୱୀକାର ରୂପ ସ୍ୱକୀୟ ପ୍ରଭୂତ ବଳବୀର୍ଯ୍ୟର ଘୋଷଣା; ନନ୍ଦର ଅବଜ୍ଞା; ପ୍ରତିଶୋଧ ନିମନ୍ତେ କଂସର ତର୍ଜନ; ସବାନ୍ଧବ ସମ୍ଭାର ସହିତ ଯାଇ ରାଜକୃପା ଭିକ୍ଷା କରିବା ନିମିତ୍ତ ନନ୍ଦଙ୍କ ପ୍ରତି ଆଦେଶବାଣୀ; ବନ୍ଧୁଜନୋଚିତ ଆଦର ଗୌରବରେ ଭ୍ରବ ଧନୁର୍ଭଙ୍ଗୋତ୍ସବରେ ରାମହରଙ୍କ ଉପସ୍ଥିତି ନିମନ୍ତେ ଆଜ୍ଞା; କାତର ହୃଦୟରେ ନନ୍ଦଙ୍କର ମଥୁରାଗମନବାର୍ତ୍ତା ରାଜ୍ୟରେ ଘୋଷଣା ଓ ବନ୍ଧୁ ଆଦରରେ ଅକ୍ରୂରଙ୍କ ସତ୍କାର ।

**ବିସ୍ତର**—କଂସର ପଣରେ ଲକ୍ଷିତ ବିଷୟମାନ ଯାହା କବି ସନ୍ନିବେଶିତ କରି ଅଛନ୍ତି, ତାହା ଜଗନ୍ନାଥ ଦାସଙ୍କ ଭାଗବତ ୩୯ ଅଧ୍ୟାୟରେ (ମୂଳସଂସ୍କୃତ ଭାଗବତର ୩୬ ଅଧ୍ୟାୟରେ) ଅକ୍ରୂରଙ୍କ ପ୍ରତି କଂସର ଉକ୍ତିରେ ଥିବା ।

"ଶ୍ୱଶୁର ଜରାସନ୍ଧ ମୋର । ସଙ୍ଗାତ ଦ୍ୱିବିଦ ବାନର ॥
ଆଉର ନାରକା ଅସୁର । ବନ୍ଧୁ ସୁହୃଦ ବାଣାସୁର ॥
ଏ ମୋର ଅଟନ୍ତି ବଳୀୟାର । ମୋତେ ଡରଇ ସୁନାସୀର ॥"

ପଦମାନଙ୍କୁ, ଓ ବିପ୍ରନାରାୟଣ ଦାସଙ୍କ ହରିବଂଶର ବିଶେଷତଃ ଅଚ୍ୟୁତା-ନନ୍ଦଙ୍କ ହରିବଂଶର ଚଠାଉ ବିଷୟକୁ ଅବଲମ୍ବନ କରି କବି ନିଜର କାବ୍ୟରେ ତାକୁ ପରିବର୍ଦ୍ଧିତ କରିଅଛନ୍ତି ।

ପୁନଶ୍ଚ କଂସର ଚଠାଉରେ ଥିବା "ସମସ୍ତ ଦୋଷ ତୋର କ୍ଷମା ହୋଇଲା, ମନେ ନ କରିବୁ ତ୍ରାସ । ସମ୍ଭାର ଦଧି ଶତେ ଭାର ଘେନି ଆଇ ଗୋଷ୍ଠିକା ଅଧମ ଆଦି" ଓ ପ୍ରଥମ ଛାନ୍ଦରେ "ବରଷକର ବର୍ତ୍ତିନା ଦେଇଣ ଏହା ଘେନାଇଁ ଆପଣା ସଙ୍ଗେଣ"—ପଦମାନଙ୍କ ସହିତ ଜଗନ୍ନାଥ ଦାସଙ୍କ ଭାଗବତର "ଗୋରସ ଆଣ ଶତେ ଭାର, ଧନୁ ଉତ୍ସବ ଯାତ୍ରା ମୋର" ଅଚ୍ୟୁତାନନ୍ଦ ଦାସଙ୍କ ହରିବଂଶର "ଦୁଧ ଦହିମାନ ଶୀଘ୍ର ଦେବୁ ପଠାଇ" ଓ ବିପ୍ରନାରାୟଣ ହରିବଂଶର "ଅଷ୍ଟ ବରଷର ବର୍ତ୍ତିନ ବସାଣ ନ ଦଅଇ ଅଛୁ" ସହ ତୁଳନା କରଣୀୟ । ମଥୁରା-ମଙ୍ଗଳର "ସମସ୍ତ ଦୋଷ ତୋ ର କ୍ଷମ ହୋଇଲା"—ନନ୍ଦଙ୍କର ଦୋଷ ବିସ୍ତର କଲେ ଜଣାଯାଏ ଯେ (୧) ବସୁଦେବଙ୍କ ପୁତ୍ର କୃଷ୍ଣଙ୍କ ସ୍ୱଗୃହରେ ଲାଳନ ପାଳନ କରିବା ଓ ତାଙ୍କ ଦ୍ୱାରା ନିଜର ଅନୁଚରମାନଙ୍କର ମୃତ୍ୟୁ ଘଟାଇବା, (୨) ବିପ୍ର-ନାରାୟଣ ଦାସଙ୍କ ହରିବଂଶ ଅନୁସାରେ ପୂର୍ବୋକ୍ତ ଦୋଷ ବ୍ୟତୀତ "ଆଠ ବରଷର ବର୍ତ୍ତିନ ବସାଣ ନ ଦେଇ" ଅଧିକ ଦୋଷ କରିବା, (୩) ଅଚ୍ୟୁତାନନ୍ଦଙ୍କ

ହରିବଂଶ ଅନୁସାରେ କଂସର ନିମନ୍ତ୍ରଣ ରକ୍ଷା ନ କରି ଧନୁଯାତ୍ରାକୁ ନ ଯିବା ପ୍ରଭୃତି ଦୋଷ ହୋଇପାରେ ।

## ଚତୁର୍ଥ ଛାନ୍ଦ

ଧନୁ ଉତ୍ସବ ଦର୍ଶନ ନିମନ୍ତେ କୃଷ୍ଣଙ୍କର ମଥୁରାଗମନ-ବାର୍ତ୍ତା ଶ୍ରବଣରେ ଗୋପୀଙ୍କ ଆତଙ୍କ ଓ ଉତ୍କଣ୍ଠା ବର୍ଦ୍ଧନ । ସନ୍ଧ୍ୟାରସନ୍ଧି କାଳରେ ଗୋପୀଙ୍କର ନନ୍ଦଙ୍କ ଗୃହକୁ ଗମନ ଓ କୃଷ୍ଣଙ୍କ ଆୟୋଜନର କାରଣ ଜିଜ୍ଞାସା, କୃଷ୍ଣଙ୍କର ମଥୁରାଗମନର ଅବଶ୍ୟମ୍ଭାବିତ୍ୱ ପ୍ରତିପାଦନ ଏବଂ ଗୋପୀମାନଙ୍କର ଚିନ୍ତାସାଗରରେ ମଜ୍ଜନ

**ବିଶେଷ:**—ଗୋପୀଙ୍କର ବିଳାପରେ କୃଷ୍ଣବିହୁନେ ମରଣ ଲୋଡ଼ିବା, ଅଖି ଫୁଟିଯିବା, ପୃଥ୍ୱୀ ଅଶୋଭା ହେବା, ନିଜ ନିଜର ମୃତ୍ୟୁ ବିରହରେ କଂସକୁ ସ୍ତ୍ରୀହତ୍ୟା ଲାଗିବା ପ୍ରଭୃତି ଜଗନ୍ନାଥ ଦାସଙ୍କ ଭାଗବତରୁ ବିଷୟର ଯୁନ୍ଦର ବିସ୍ତୃତି । ବିଶେଷତଃ ୧୩ ପଦ ଓ ୧୪ ପଦ ଜଗନ୍ନାଥ ଦାସଙ୍କ ଭାଗବତର ପଦମାନଙ୍କ ଭାବର ବିସ୍ତାରୀକରଣ:—

"ମଥୁରାପୁର ନାରୀଗଣ । ଗୃହଁ ମେ ହେବେ ନାରାୟଣ ।
ମଧୁର ହାସେ କୃଷ୍ଣମନ । ପଶନ୍ତେ ବାନ୍ଧିବେ ବନ୍ଧନ ।
ଗୋବିନ୍ଦ ରତିରସେ ଭିତା । ଛାଡ଼ିବେ ଗୋପପୁର ଚିନ୍ତା ।
ଭୁଲାଇ କୃଷ୍ଣ ହଳଧାରୀ । ଛାଡ଼ି ନ ଦେବେ ଗୋପପୁରୀ ।"

(ଇ: ୬: ୪୬)

ପୁନଶ୍ଚ "କୃଷ୍ଣଙ୍କୁ...ଅଗଣା" ବିହ୍ୱଳମତି-ଗୋପୀମାନଙ୍କର କୃଷ୍ଣଦର୍ଶନରେ ଏଥି ବାତର ପ୍ରସଙ୍ଗ ଭାଗବତରେ ନାହିଁ; କାରଣ ଭାଗବତରେ ଗୋପୀମାନଙ୍କର ପ୍ରସଙ୍ଗ ଯଶୋଦାବିଳାପରେ ଓ କୃଷ୍ଣଚନ୍ଦ୍ରଙ୍କ ମଥୁରାପ୍ରୟାଣ କାଳରେ ହୋଇଅଛି । ତାହା ମଧ୍ୟ ଭକ୍ତଚରଣ ଗୋପୀମାନଙ୍କ ମୁଖରେ ଅତି କରୁଣ ଭାବରେ ସମାହିତ କରିଅଛନ୍ତି ।

## ପଞ୍ଚମ ଛାନ୍ଦ

ଗୋପୀମାନଙ୍କର ମନସ୍ତାପ ବର୍ଦ୍ଧନ, ପୂତନା-ଶକଟ-ତୃଣ-ବକ-ନିଧନ, କାଳୀୟଦମନ, ଗୋବର୍ଦ୍ଧନଧାରଣ, ବରୁଣବିବାଦ, ଖାଟଭିକ୍ଷା, ବସ୍ତ୍ରହରଣ, ରାତ୍ରିବଂଶୀବାଦନ, ରାଧାଙ୍କ ଭୂତଛଡ଼ା, ବୃନ୍ଦାବନଗଣରହୀରି ପ୍ରଭୃତି କୃଷ୍ଣଚନ୍ଦ୍ରଙ୍କ କାର୍ଯ୍ୟକଳାପ ଓ ହାବଭାବାଦି ଗୋପୀମାନଙ୍କ ଦ୍ୱାରା ଆବେଗଭରା କ୍ରନ୍ଦନ ସହ ବର୍ଣ୍ଣନା । କୃଷ୍ଣଚନ୍ଦ୍ରଙ୍କ ଦ୍ୱାରା ଗୋପୀଙ୍କୁ ଆଶ୍ୱାସନାପ୍ରଦାନ, ନନ୍ଦରାଣୀଙ୍କ ବିଳାପର ସୂଚନା ।

ବର୍ଗର:—ଗୋପୀଙ୍କ ଦ୍ବାରା ଗୋଟି ଗୋଟି କରି କୃଷ୍ଣଚନ୍ଦ୍ରଙ୍କ କିମ୍ବା-କଳାପବର୍ଣ୍ଣନ ଭାଗବତରେ ନାହିଁ । ତାହା କିନ୍ତୁ କିମ୍ବୃତ୍ ପରିମାଣରେ ହରି ନାରାୟଣଙ୍କ ହରିବଂଶରେ ଅଛି ।

ବୃନ୍ଦାବତୀ:—

"ଭୁତ ଛଡାଇବ କେ ରାଧାଙ୍କୁ ।
କେହୁ ହରିବ ଦୁଃଖ ବାଧାକୁ ।
କେହୁ ବୃନ୍ଦାବତୀ ସଙ୍ଗେ ବିହରିବ ।
ବୃନ୍ଦାବନେ ଖୋଜିବ କାହାକୁ ହେ ମୋହନ ।"

ପୁନଶ୍ଚ:—'ପୁଣି କଉତୁକ ଭଆଇଲେ । ବୃନ୍ଦାବତୀ ସଙ୍ଗେ କାହିଁ ଗଲେ' । ୨୭।୨୭ ଏହି ଉକ୍ତିଦ୍ୱୟରୁ ଜଣାପଡୁଛି ଯେ ଭକ୍ତଚରଣ ଜଗନ୍ନାଥ ଦାସଙ୍କ ମତାବଲମ୍ବୀ ଓ ଅତିବଡ଼ି ସମ୍ପ୍ରଦାୟର ଅନ୍ତର୍ଭୁକ୍ତ ଥିଲେ । ଗୌଡ଼ୀୟ ବୈଷ୍ଣବମାନେ ବିଶେଷତଃ ସନାତନ ଗୋସ୍ବାମୀ ପ୍ରମୁଖ "ଅନୟାରାଧିତୋ ନୂନଂ" ଏହି ଭାଗବତଶ୍ଳୋକର ଟୀକାରେ ସେହି ଗୋପୀଙ୍କୁ ରାଧାରୂପେ ଗ୍ରହଣ କରିଅଛନ୍ତି । ପ୍ରେମପଞ୍ଚାମୃତ ମୁଖବନ୍ଧ ଦ୍ରଷ୍ଟବ୍ୟ ।

ଜଗନ୍ନାଥ ସ୍ୱଭାଗବତ ତିରିଶ ଅଧ୍ୟାୟରେ ଲେଖିଅଛନ୍ତି:—

"ଗୋପିକା ବୃନ୍ଦାବତୀ ନାମେ । ଥିଲା ଯେ କୃଷ୍ଣ ସନ୍ନିଧାନେ ।
ପୂର୍ବେ ସେ ଅଛି ତପ କରି । ଗୋବିନ୍ଦ ତାର ଭୁଜ ଧରି ।
ଛନ୍ଦିଲେ ଗୋପୀଙ୍କର ମନ । କୃଷ୍ଣ ହୋଇଲେ ଅନ୍ତର୍ଦ୍ଧାନ ।"

ବୃନ୍ଦାବତୀ ତପସ୍ୟା କରି କୃଷ୍ଣଚନ୍ଦ୍ରଙ୍କୁ ପାଇବା ଅଚ୍ୟୁତାନନ୍ଦ ସ୍ୱହରିବଂଶରେ ମଧ୍ୟ ଉଲ୍ଲେଖ କରିଅଛନ୍ତି ।

ବ୍ରହ୍ମବୈବର୍ତ୍ତ ପୁରାଣ କୃଷ୍ଣଖଣ୍ଡରେ ବୃନ୍ଦାବତୀଙ୍କ ତପଶ୍ଚରଣ ଓ କୃଷ୍ଣପ୍ରାପ୍ତି-ବିଷୟ ବିସ୍ତୃତ ଭାବରେ ବର୍ଣ୍ଣିତ ହୋଇଅଛି ।

"କମଳାଂଶେ ତସ୍ୟ (କେଦାରନୃପସ୍ୟ) ନାମ୍ନା ବୃନ୍ଦା ତପସ୍ୱିନୀ
ନ ବବ୍ରେ ସା ବରଂ କଞ୍ଚିଦ୍ ଯୋଗଶାସ୍ତ୍ରବିଶାରଦା ।

× × × ×

ସା ଜଗାମ ଚ ଗୋଲୋକଂ କୃଷ୍ଣେନ ସହ କୌତୁକାତ୍ ।
ରାଧା ସମା ଚ ସୌଭାଗ୍ୟାଦ୍ ଗୋପୀଶ୍ରେଷ୍ଠା ବଭୂବ ହ
ବୃନ୍ଦା ଯତ୍ର ତପସ୍ତେପେ ତତ୍ତୁ ବୃନ୍ଦାବନଂ ସ୍ମୃତମ୍ ।
ବୃନ୍ଦା ଯତ୍ର କୃତକ୍ରୀଡ଼ା ତେନ ବା ମୁନିପୁଙ୍ଗବ !

× × × ×

ବା—କୁଶଧ୍ୱଜସ୍ୟ କନ୍ୟେ ଦ୍ୱେ ଧର୍ମଶାସ୍ତ୍ରବିଶାରଦେ
ତୁଳସୀବେଦବତ୍ୟୌ ଚ ବିରକ୍ତେ ଭବକର୍ମଣି ।

× × ×

ତସ୍ୟା ନାମାନ୍ତରଂ ବୃନ୍ଦା ତଦର୍ଥଂ ତପୋବନମ୍
ତେନ ବୃନ୍ଦାବନଂ ନାମ ପ୍ରବଦନ୍ତି ମନୀଷିଣଃ ।
ବା—ରାଧା ଷୋଡ଼ଶ ନାମ୍ନାଞ୍ଚ ବୃନ୍ଦାନାମ ଶ୍ରୁତୌ ଶ୍ରୁତମ୍
ତସ୍ୟାଃ କ୍ରୀଡ଼ାବନଂ ରମ୍ୟଂ ତେନ ବୃନ୍ଦାବନଂ ସ୍ମୃତମ୍ ।

× × ×

ରାଧାଙ୍କ ନାମ ବୃନ୍ଦାଶବ୍ଦର ବ୍ୟୁତ୍ପତ୍ତି ବ୍ରହ୍ମବୈବର୍ତ୍ତମତେ—
ବୃନ୍ଦଃ ସଙ୍ଘବଚଃ ସଖ୍ୟୁରକାରୋଽପ୍ୟସ୍ତିବାଚକଃ
ସଖୀ ବୃନ୍ଦୋଽସ୍ତି ଯସ୍ୟାଶ୍ଚ ସା ବୃନ୍ଦା ପରିକୀର୍ତ୍ତିତା ।"

ସଂସ୍କୃତ ଭାଗବତର "ଗୋପୀ"ଙ୍କୁ କେଦାର ନୃପକନ୍ୟା ବା କୁଶଧ୍ୱଜ କନ୍ୟା ଗ୍ରହଣ ନ କରି ରାଧାଙ୍କୁ ଗ୍ରହଣ କଲେ ଜଗନ୍ନାଥ ଦାସଙ୍କ "ପୂର୍ବେ ସେ ଅଛି ତପ କରି" ପଦ ଅନାବଶ୍ୟକ ଓ ରାଧାଙ୍କୁ ଗ୍ରହଣ ନ କରି ବୃନ୍ଦାବତୀଙ୍କୁ ଗ୍ରହଣ କରିବାର ସମୀଚୀନତ୍ୱ ପ୍ରେମପଞ୍ଚାମୃତର ମୁଖବନ୍ଧରେ ପ୍ରଦର୍ଶିତ ହୋଇଅଛି । ଭକ୍ତଚରଣ ମଥୁରାମଙ୍ଗଳରେ ରାଧା ଓ ବୃନ୍ଦାବତୀଙ୍କୁ ସ୍ୱତନ୍ତ୍ର ରୂପେ ଗ୍ରହଣ କରିଅଛନ୍ତି । ଭକ୍ତଚରଣ ଗୌଡ଼ୀୟ ଗୋସ୍ୱାମୀ ମାନଙ୍କ ମତାବଲମ୍ବୀ ନ ଥିଲେ, ଏଥିରୁ ସୁସ୍ପଷ୍ଟ ପରିଲକ୍ଷିତ ହୁଏ ।

## ଷଷ୍ଠ ଛାନ୍ଦ

"ଅରୁଣା", "ଅଲଅଲ" କୃଷ୍ଣଙ୍କ ଦୈନନ୍ଦିନ କ୍ରିୟାକଳାପ, ନନ୍ଦତାମସା, ଗୋପୀଗୁହାରି ପ୍ରଭୃତି ବିଷୟ ନେଇ ଯଶୋଦାଙ୍କର କ୍ରନ୍ଦନ ଓ ଜ୍ୟେଷ୍ଠ ରାମଙ୍କ-ଠାରେ କୃଷ୍ଣଙ୍କର ସମସ୍ତ ଭାର ଅର୍ପଣ, ପୁତ୍ରର ଭାବୀ ବିପଦ ଆଶଙ୍କାରେ ମାତୃଜନୋଚିତ କାତରତା, ରୋହିଣୀଙ୍କର ରାମଗୁଣ ବାହୁନି ବିଳାପ, ରଜନୀ ପ୍ରଭାତରେ ମଥୁରାଗମନ ନିମିତ୍ତ ରାମହରିଙ୍କ ସାଜସଜ୍ଜା—ଏହି ଛାନ୍ଦରେ ବର୍ଣ୍ଣିତ ।

**ବିଚାର:**—ମଥୁରାମଙ୍ଗଳସ୍ଥିତ ଅକ୍ରୂର ସହ କୃଷ୍ଣଙ୍କ ମଥୁରା ଯାତ୍ରାକାଳରେ ଯଶୋଦାଙ୍କ ବିଳାପ ଜଗନ୍ନାଥ ଦାସଙ୍କ ଭାଗବତର ଯଶୋଦା ବିଳାପର ଅବଲମ୍ବନରେ ଲିଖିତ । କିନ୍ତୁ କବି ଭକ୍ତଚରଣ କୃଷ୍ଣଚନ୍ଦ୍ରଙ୍କର ବିରହାଶଙ୍କା ହେତୁ ଯଶୋଦାଙ୍କ ବିଳାପରେ ବାତ୍ସଲ୍ୟରସର ପୂର୍ଣ୍ଣତାର ପରିସ୍ଫୂର୍ତ୍ତି ଦେଖାଇଅଛନ୍ତି ।

**ବିସ୍ତର:**—ଗୋପୀଙ୍କ ଦ୍ୱାରା ଗୋଟି ଗୋଟି କରି କୃଷ୍ଣଚନ୍ଦ୍ରଙ୍କ କ୍ରିୟା-କଳାପବର୍ଣ୍ଣନ ଭାଗବତରେ ନାହିଁ । ତାହା କିନ୍ତୁ କଳ୍ପିତ୍ ପରିମାଣରେ ଶିଶୁ ନାରାୟଣଙ୍କ ହରିବଂଶରେ ଅଛି ।

**ବୃନ୍ଦାବତୀ:**—

"ଭୂତ ଛଡ଼ାଇବ କେ ରାଧାଙ୍କୁ ।
କେହୁ ହରିବ ଦୁଃଖ ବାଧାକୁ ।
କେହୁ ବୃନ୍ଦାବତୀ ସଙ୍ଗେ ବାହୁଡ଼ିବ ।
ବୃନ୍ଦାବନେ ଖୋଜିବ କାହାକୁ ହେ ମୋହନ ।"

ପୁନଶ୍ଚ:—'ପୁଣି କଉତୁକ ଭିଆଇଲେ । ବୃନ୍ଦାବତୀ ଘେନି କାହିଁ ଗଲେ' । ୨୭।୨୬ ଏହି ଉଦ୍ଧୃତିରୁ ଜଣାପଡ଼ୁଛି ଯେ ଭକ୍ତଚରଣ ଜଗନ୍ନାଥ ଦାସଙ୍କ ମତାବଲମ୍ବୀ ଓ ଅତିବଡ଼ ସମ୍ପ୍ରଦାୟର ଅନ୍ତର୍ଭୁକ୍ତ ଥିଲେ । ଗୌଡ଼ୀୟ ବୈଷ୍ଣବମାନେ ବିଶେଷତଃ ସନାତନ ଗୋସ୍ୱାମୀ ପ୍ରମୁଖ "ଅନୟାରାଧିତୋ ନୂନଂ" ଏହି ଭାଗବତଶ୍ଲୋକର ଟୀକାରେ ସେହି ଗୋପୀଙ୍କୁ ରାଧାରୂପେ ଗ୍ରହଣ କରିଅଛନ୍ତି । ପ୍ରେମପଞ୍ଚାମୃତ ମୁଖବନ୍ଧ ଦ୍ରଷ୍ଟବ୍ୟ ।

ଜଗନ୍ନାଥ ସ୍ୱଭାଗବତ ବିଂଶ ଅଧ୍ୟାୟରେ ଲେଖିଅଛନ୍ତି:—

"ଗୋପିକା ବୃନ୍ଦାବତୀ ନାମେ । ଥିଲା ଯେ କୃଷ୍ଣ ସନ୍ନିଧାନେ ।
ପୂର୍ବେ ସେ ଅଛି ତପ କରି । ଗୋବିନ୍ଦ ତାର ଭୁଜ ଧରି ।
ଛାଡ଼ିଲେ ଗୋପୀଙ୍କର ମନ । କୃଷ୍ଣ ହୋଇଲେ ଅନ୍ତର୍ଦ୍ଧାନ ।"

ବୃନ୍ଦାବତୀ ତପସ୍ୟା କରି କୃଷ୍ଣଚନ୍ଦ୍ରଙ୍କୁ ପାଇବା ଅଚ୍ୟୁତାନନ୍ଦ ସ୍ୱହରିବଂଶରେ ମଧ୍ୟ ଉଲ୍ଲେଖ କରିଅଛନ୍ତି ।

ବ୍ରହ୍ମବୈବର୍ତ୍ତ ପୁରାଣ କୃଷ୍ଣଖଣ୍ଡରେ ବୃନ୍ଦାବତୀଙ୍କ ତପଶ୍ଚରଣ ଓ କୃଷ୍ଣପ୍ରାପ୍ତି ବିଷୟ ବିସ୍ତୃତ ଭାବରେ ବର୍ଣ୍ଣିତ ହୋଇଅଛି ।

"କମଳାଂଶେ ତସ୍ୟ (କେଦାରନୃପସ୍ୟ) ନାମ୍ନା ବୃନ୍ଦା ତପସ୍ୱିନୀ
ନ ବବ୍ରେ ସା ବରଂ କଞ୍ଚିଦ୍ ଯୋଗଶାସ୍ତ୍ରବିଶାରଦା ।

× × × ×

ସା ଜଗାମ ଚ ଗୋଲୋକଂ କୃଷ୍ଣେନ ସହ କୌତୁକାତ୍ ।
ରାଧା ସମା ଚ ସୌଭାଗ୍ୟାଦ୍ ଗୋପୀଶ୍ରେଷ୍ଠା ବଭୂବ ହ
ବୃନ୍ଦା ଯତ୍ର ତପସ୍ତେପେ ତତ୍ତୁ ବୃନ୍ଦାବନଂ ସ୍ମୃତମ୍ ।
ବୃନ୍ଦା ଯତ୍ର କୃତକ୍ରୀଡ଼ା ତେନ ବା ମୁନିପୁଙ୍ଗବ !

× × × ×

ବା—କୁଶଧ୍ୱଜସ୍ୟ କନ୍ୟୈ ଦ୍ୱେ ଧର୍ମଶାସ୍ତ୍ରବିଶାରଦେ
ତୁଳସୀବେଦବତ୍ୟୌ ଚ ବିରକ୍ତେ ଭବକର୍ମଣି ।

× × ×

ତସ୍ୟା ନାମାନ୍ତରଂ ବୃନ୍ଦା ତଦ୍ଦତ୍ତଞ୍ଚ ତପୋବନମ୍
ତେନ ବୃନ୍ଦାବନଂ ନାମ ପ୍ରବଦନ୍ତି ମନୀଷିଣଃ ।

ବା—ରାଧା ଷୋଡ଼ଶ ନାମ୍ନାଞ୍ଚ ବୃନ୍ଦାନାମ ଶ୍ରୁତୌ ଶ୍ରୁତମ୍
ତସ୍ୟାଃ କ୍ରୀଡ଼ାବନଂ ରମ୍ୟଂ ତେନ ବୃନ୍ଦାବନଂ ସ୍ମୃତମ୍ ।

× × ×

ରାଧାଙ୍କ ନାମ ବୃନ୍ଦାଶବ୍ଦର ବ୍ୟୁତ୍ପତ୍ତି ବ୍ରହ୍ମବୈବର୍ତ୍ତମତେ—
ବୃନ୍ଦଃ ସଙ୍ଘବଚଃ ସଖ୍ୟୁରକାରୋଽପ୍ୟସ୍ତିବାଚକଃ
ସଖୀ ବୃନ୍ଦୋଽସ୍ତି ଯସ୍ୟାଶ୍ଚ ସା ବୃନ୍ଦା ପରିକୀର୍ତ୍ତିତା ।”

ସଂସ୍କୃତ ଭାଗବତର "ଗୋପୀ"ଙ୍କୁ କେଦାର ନୃପକନ୍ୟା ବା କୁଶଧ୍ୱଜ କନ୍ୟା ଗ୍ରହଣ ନ କରି ରାଧାଙ୍କୁ ଗ୍ରହଣ କଲେ ଜଗନ୍ନାଥ ଦାସଙ୍କ "ପୂର୍ବେ ସେ ଅଛି ତପ କରି" ପଦ ଅନାବଶ୍ୟକ ଓ ରାଧାଙ୍କୁ ଗ୍ରହଣ ନ କରି ବୃନ୍ଦାବତୀଙ୍କୁ ଗ୍ରହଣ କରିବାର ସମୀଚୀନତ୍ୱ ପ୍ରେମପଞ୍ଚାମୃତର ମୁଖବନ୍ଧରେ ପ୍ରଦର୍ଶିତ ହୋଇଅଛି । ଭକ୍ତଚରଣ ମଥୁରାମଙ୍ଗଳରେ ରାଧା ଓ ବୃନ୍ଦାବତୀଙ୍କୁ ସ୍ୱତନ୍ତ୍ର ରୂପେ ଗ୍ରହଣ କରିଅଛନ୍ତି । ଭକ୍ତଚରଣ ଗୌଡ଼ୀୟ ଗୋସ୍ୱାମୀ ମାନଙ୍କ ମତାବଲମ୍ବୀ ନ ଥିଲେ, ଏଥିରୁ ସୁସ୍ପଷ୍ଟ ପରିଲକ୍ଷିତ ହୁଏ ।

## ଷଷ୍ଠ ଛାନ୍ଦ

"ଅବୁଝା", "ଅଲିଅଳ" କୃଷ୍ଣଙ୍କ ଦୈନନ୍ଦିନ କ୍ରିୟାକଳାପ, ନନ୍ଦତାମସା, ଗୋପୀଗୁହାରି ପ୍ରଭୃତି ବିଷୟ ନେଇ ଯଶୋଦାଙ୍କର କ୍ରନ୍ଦନ ଓ ଜ୍ୟେଷ୍ଠ ରାମଙ୍କଠାରେ କୃଷ୍ଣଙ୍କର ସମସ୍ତ ଭାର ଅର୍ପଣ, ପୁତ୍ରର ଭାବୀ ବିପଦ ଆଶଙ୍କାରେ ମାତୃଜନୋଚିତ କାତରତା, ରୋହିଣୀଙ୍କର ରାମଗୁଣ ବାହୁନି ବିଳାପ, ରଜନୀ ପ୍ରଭାତରେ ମଥୁରାଗମନ ନିମିତ୍ତ ରାମହରିଙ୍କ ସାଜସଜ୍ଜା—ଏହି ଛାନ୍ଦରେ ବର୍ଣ୍ଣିତ ।

**ବିଚାର:**—ମଥୁରାମଙ୍ଗଳସ୍ଥିତ ଅକ୍ରୁର ସଙ୍ଗେ କୃଷ୍ଣଙ୍କ ମଥୁରା ଯାତ୍ରାକାଳରେ ଯଶୋଦାଙ୍କ ବିଳାପ ଜଗନ୍ନାଥ ଦାସଙ୍କ ଭାଗବତର ଯଶୋଦା ବିଳାପର ଅବଲମ୍ବନରେ ଲିଖିତ । କିନ୍ତୁ କବି ଭକ୍ତଚରଣ କୃଷ୍ଣଚନ୍ଦ୍ରଙ୍କର ବିରହାଶଙ୍କା ହେତୁ ଯଶୋଦାଙ୍କ ବିଳାପରେ ବାତ୍ସଲ୍ୟରସର ପୂର୍ଣ୍ଣତାର ପରିସ୍ଫୁର୍ତ୍ତି ଦର୍ଶାଇଅଛନ୍ତି ।

କୃଷ୍ଣଚନ୍ଦ୍ରଙ୍କ ମଥୁରା ଯିବା କାଳରେ ଯଶୋଦାଙ୍କ ବିଳାପ ମୂଳ ସଂସ୍କୃତ ଭାଗବତ ଓ ହରିବଂଶରେ ନାହିଁ । ମଥୁରାରେ ପୂର୍ଣ୍ଣ ଯତ୍ନ ନେଇ କୁଶଳରେ କୃଷ୍ଣଙ୍କୁ ପ୍ରତ୍ୟାବର୍ତ୍ତନ କରାଇବା ଭାର ଯଶୋଦା ଅକ୍ରୂରଙ୍କ ବନ୍ଧୁ ମିନତି ସହ ଅର୍ପଣ କରିଥିଲେ, ଏହା ବିପ୍ରନାରାୟଣ ଦାସଙ୍କ ହରିବଂଶରେ ଲକ୍ଷିତ ଅଛି । କୃଷ୍ଣଙ୍କ ଗୁଣ ବାହୁଲ୍ୟ ଯଶୋଦାଙ୍କ ବିଳାପ ସେଥିରେ ବର୍ଣ୍ଣିତ ହୋଇ ନାହିଁ । ଅଚ୍ୟୁତାନନ୍ଦଙ୍କ ହରିବଂଶରେ ଯଶୋଦାଙ୍କ ବିଳାପ ବର୍ଣ୍ଣିତ ହୋଇଅଛି ।

## ସପ୍ତମ ଛାନ୍ଦ

'କୃଷ୍ଣଙ୍କର ମଥୁରାଗମନ ସୁନିଶ୍ଚିତ' ଏହି ବାର୍ତ୍ତାରେ କ୍ଷୁବ୍ଧା ଓ ବିହ୍ୱଳା ଗୋପୀଙ୍କର ଗୁରୁଗଉରବରେ ଜଳାଞ୍ଜଳି ଦେଇ କୃଷ୍ଣଙ୍କ ରଥ ଓଗାଳିବା ଓ କୃଷ୍ଣଙ୍କୁ ଛାଡ଼ିଯିବା ନିମନ୍ତେ ଅକ୍ରୂରଙ୍କୁ ଅତିଶୟ ମିନତି କରିବା, ଶେଷରେ ନିରାଶ ହୃଦୟରେ ଅକ୍ରୂରଠାରେ ରାଜଭୃତ୍ୟ ସୁଲଭ ନିଷ୍ଠୁରତା ଦୋଷ ଆରୋପପୂର୍ବକ ନିନ୍ଦାବାଦ କରିବା ।

ବିଚାରଃ—ଏହି ଛାନ୍ଦ ଜଗନ୍ନାଥ ଦାସଙ୍କ ଭାଗବତ ଅବଲମ୍ବନରେ ଲିଖିତ ହୋଇଥିଲେହେଁ କବି ଗୋପୀମୁଖରେ କୃଷ୍ଣଚନ୍ଦ୍ରଙ୍କୁ ରାମଚନ୍ଦ୍ର, ଭ୍ରମର, ସାଗର, ଚନ୍ଦ୍ରଙ୍କ ସଙ୍ଗେ ତୁଳନା କରି ବିଷୟର ମନୋହର ଓ ଜୀବନ୍ତ ଚିତ୍ରଣ ଦେଇ ଅଛନ୍ତି । ପରେ ଗୋପୀଙ୍କୁ ତନ୍ମୟତ୍ୱ ଦେଖାଇ ଅଛନ୍ତି (ଏହାହିଁ ପ୍ରକୃତ ଭଗବତ୍ ଭକ୍ତିର ପରାକାଷ୍ଠା ) କିନ୍ତୁ ତାହା ସଙ୍ଗେ ସଙ୍ଗେ "ରାଜଜା-ଅରି ବଇରି-ଧ୍ୱଜର ପତିଙ୍କୁ ସେବି ପାଇଥିଲୁଁ", "ଶିରୀଷ ଉପରେ ଗିରୀଶ-ଅରି-ଜନକ-ମଇନ-ବାହନ" ପ୍ରଭୃତି ଗୋପୀଙ୍କ ବିଳାପ ମଧ୍ୟରେ କୁହାଇ କାବ୍ୟକୁ ଅପ୍ରାକୃତିକତା ଦୋଷରେ ଦୂଷିତ କରିଅଛନ୍ତି । ଏଥି ନିମିତ୍ତ ସେ ଦାୟୀ । ଦୀନକୃଷ୍ଣ, ଉପେନ୍ଦ୍ରଙ୍କ ପ୍ରଭାବ ଏଡ଼ି ନ ପାରି କବି, ସ୍ୱାଭାବିକ ଭାବ ବା ତଦାନୀନ୍ତନ ପ୍ରଚଳିତ ପାଣ୍ଡିତ୍ୟ ଦର୍ଶାଇଅଛନ୍ତି ମାତ୍ର । ଗୋପୀମୁଖରେ ଅକ୍ରୂରଙ୍କ ଦୁଷ୍ଟସ୍ୱଭାବ, ଉଚ୍ଚକୁଳଜାତ ଅଥଚ ହୀନବୁଦ୍ଧି ପ୍ରଭୃତି ଦୃଷ୍ଟାନ୍ତ ଛଳରେ କହିବା, ପ୍ରସଙ୍ଗାନୁରୋଧରେ ସମୀଚୀନ ହୋଇଅଛି ।

## ଅଷ୍ଟମ ଛାନ୍ଦ

ପରସ୍ପର ପ୍ରୀତିରଜ୍ଜୁବଦ୍ଧ ଗୋପୀ ଓ କୃଷ୍ଣଙ୍କର ବିଦାୟକାଳୀନ ଉକ୍ତିପ୍ରତ୍ୟୁକ୍ତି ଗୁଣରେ ମଥୁରାନାରୀଙ୍କଠାରୁ ଗୋପନାରୀଙ୍କୁ ଉତ୍କର୍ଷପ୍ରଦାନପୂର୍ବକ ଆଶୁ ଗୋପ ପ୍ରତ୍ୟାବର୍ତ୍ତନରୂପ କୃଷ୍ଣଙ୍କର ଗୋପୀଙ୍କୁ ଅଭୟବାଣୀ, ନୈରାଶ୍ୟକ୍ଲିଷ୍ଟା ଗୋପୀଙ୍କର କୃଷ୍ଣବାକ୍ୟରେ ଅପ୍ରତ୍ୟୟ ଏବଂ କୃଷ୍ଣଙ୍କର ଧର୍ମକୁ ସାକ୍ଷୀପ୍ରଦାନ ।

ବିଚାର:—"ବୃନ୍ଦାବନକୁ କଷ୍ଟ କରାଯାଉଛି"—ଏହା ଜଗନ୍ନାଥଦାସଙ୍କ ଭାଗବତସ୍ଥ "ଉତ୍ସବ ଦେଖି ତୋଷମନେ, ଆସିବୁ ଆମ୍ଭେ ବୃନ୍ଦାବନେ" ପଦର ଅନୁରୂପ । ମଥୁରା ଯାତ୍ରାକାଳରେ ଗୋପୀ ଓ କୃଷ୍ଣଙ୍କର ଉକ୍ତି ପ୍ରତ୍ୟୁକ୍ତି ଯାହା ଜଗନ୍ନାଥ ଦାସଙ୍କ ଭାଗବତରେ ଅଛି, ତାହା ମୂଳ ଭାଗବତର ପୂର୍ଣ୍ଣ ଅନୁରୂପ ନୁହେଁ । ମୂଳ ଭାଗବତରେ ଲେଖିଅଛି ଯେ, କୃଷ୍ଣଚନ୍ଦ୍ର ମଥୁରାପ୍ରୟାଣ କାଳରେ ବିରହବିଧୁରା ଅନୁଗାମିନୀ ଗୋପୀମାନଙ୍କୁ ଦୂତଦ୍ୱାରା "ଫେରି ଆସିବି" ଏହି ପ୍ରେମଗର୍ଭିତ ବାକ୍ୟ ପ୍ରେରଣ କରି ସେମାନଙ୍କୁ ସାନ୍ତ୍ୱନା ପ୍ରଦାନ କରାଇଥିଲେ । ଜଗନ୍ନାଥ ଦାସ କୃଷ୍ଣ ଗୋପୀଙ୍କ ଉକ୍ତି ପ୍ରତ୍ୟୁକ୍ତି ଛଳରେ କୃଷ୍ଣଙ୍କ ମୁଖରେ କଂସର ଆଜ୍ଞାରେ ଅକ୍ରୂର ଧରିନେବା ରୂପ କପଟ ଉକ୍ତି ଓ ମଥୁରା ଯାଇ କଂସଠାରୁ ପୁରସ୍କାର ପାଇ ବୃନ୍ଦାବନେ ଫେରି ଆସିବା ପ୍ରଭୃତି ବିଷୟ କୁହାଇଥିଲେ । ରସକଲ୍ଲୋଳକାର ଜଗନ୍ନାଥ ଦାସଙ୍କର ଭକ୍ତ । ଦୀନକୃଷ୍ଣ ସେହି ପଦମାନଙ୍କର ଭାବକୁ ରକ୍ଷା କରି କାବ୍ୟର ଛଟାରେ ତାହାକୁ ପ୍ରକାରାନ୍ତରେ କହିଅଛନ୍ତି ମାତ୍ର ।

"କଉତୁକ ଦେଖିବୁଁ ରାଜା ଆଜ୍ଞା ରଖିବୁଁ
ପ୍ରବେଶ ହେବୁଁ ତୁମ୍ଭ ପାଶେ ।" ୨୬ । ୨୨ ।

ଦୀନକୃଷ୍ଣଙ୍କ ଉପରୋକ୍ତ ପଦ ସହିତ ଭକ୍ତଚରଣଙ୍କର ପଦର ସାମ୍ୟ ଦେଖ:—

"କୃଷ୍ଣ କହନ୍ତି ଶୁଣ ସାରଙ୍ଗନେତ୍ରି ! ନ କର କିଛି ଚିନ୍ତା କନକଗାତ୍ରି !
ଧନୁ ଉତ୍ସବ କଉତୁକ ଦେଖିବୁଁ । କଂସକୁ ଭେଟି ଦେଇ ଗୋପେ ଆସିବୁ ।" ୮ । ୧୬ ।

ପୁନଶ୍ଚ—ମଥୁରାବାସୀଙ୍କ ପ୍ରତି ଈର୍ଷା ପ୍ରକାଶ (ଯାହା ଚତୁର୍ଥ ଛାନ୍ଦର ବିଚାରରେ ପ୍ରଦତ୍ତ ହୋଇଅଛି) ମୂଳ ଭାଗବତର ୩୯ଶ ଅଧ୍ୟାୟରେ ମଧ୍ୟ ଅଛି । ରସକଲ୍ଲୋଳର ଛା ୨୬ । ୨୦ ପଦ ସହିତ ମଥୁରା ମଙ୍ଗଳର ଛା ୮ । ୯ ପଦ ଦ୍ରଷ୍ଟବ୍ୟ ।

କୃଷ୍ଣଙ୍କ କପଟ ଉକ୍ତିର ବିଷୟ :—ରସକଲ୍ଲୋଳର ୨୬ । ୨୨ ରେ "କପଟ ଚିତ୍ତେ ହରି । ଏକାନ୍ତ କହି କରି" ଇତ୍ୟାଦି ଓ ମଥୁରାମଙ୍ଗଳର ଛା ୮ । ୨୦ ପଦ ତୁଳନୀୟ ।

## ନବମ ଛାନ୍ଦ

ଗୋପୀଙ୍କ କାରୁଣ୍ୟୋକ୍ତି, ଗୋପୀମାନଙ୍କୁ ସାନ୍ତ୍ୱନା ଦେବା ପାଇଁ କୃଷ୍ଣଙ୍କର ସୁଦାମକୁ ଆଦେଶ, କଠିନ ହୃଦୟରେ ଗୋପୀକୃଷ୍ଣଙ୍କର ବିଦାୟ, ଗୋପୀମାନଙ୍କ ବିରହଲକ୍ଷଣ ବୃଦ୍ଧି, ବଳ, ସୌନ୍ଦର୍ଯ୍ୟ ଓ ମାଧୁର୍ଯ୍ୟ ହାନି ।

ବିଚାର—କରୁଣ ଛନ୍ଦର ବାକ୍ୟସର୍ଗସୁନ୍ଦର ଚଟୀକରଣ । ଙ୍କ ସହଜ ସରଳ ଆତ୍ମନିବେଦନ, ଭଗବଦର୍ପିତ ପ୍ରାଣ ଓ ହୃଦୟର ଙ୍କ ଉନ୍ନତ ବିଚେଷ୍ଟା ବା ବିକ୍ଷିପ୍ତ ଙ୍କ ଆବେଗ, ଆଲୋଚନା ଓ ଉଦ୍ବେଳନ ! ଏଥିରୁ ସ୍ପଷ୍ଟ ପ୍ରତୀତ ହୁଏ ଯେ, କବି ଗୋପୀଭାବରେ ସମ୍ପୂର୍ଣ୍ଣ ଅଭିଭୂତ ଓ ଆତ୍ମହରା ହୋଇ ନିଜର ବିଳାପ ଛଳରେ ଏପରି କହିଯାଇ ଅଛନ୍ତି । ଏହି ବର୍ଣ୍ଣନକ୍ରିୟାରେ କବି ଆତ୍ମଭାବ ସଂରକ୍ଷଣ କରି ପାରିଥିଲେ, ଏହା ପାଠକମନରେ ଯୁଗପ ସନ୍ଦେହ ଓ ଆଶ୍ଚର୍ଯ୍ୟ ଜାତ କରାଏ ।

ଜଗନ୍ନାଥ ଦାସଙ୍କ ଭାଗବତ ଅନୁସାରେ କୃଷ୍ଣଚନ୍ଦ୍ର ସୁଦାମଦ୍ୱାରା ଧନୁଯାଗ ଦେଖି ଶୀଘ୍ରଦିନେ ଫେରି ଆସିବ, ଏହି ସମ୍ବାଦ ଗୋପୀଙ୍କ ନିକଟକୁ ପଠାଇବା ବା ମଥୁରା ମଙ୍ଗଳ ଅନୁଷ୍ଠାନରେ ଗୋପୀମାନଙ୍କୁ ସାନ୍ତ୍ୱନା ଦେବା ନିମିତ୍ତ କୃଷ୍ଣଙ୍କର ସୁଦାମକୁ ଆଦେଶ ଦେବା ମୂଳ ଭାଗବତରେ ନାହିଁ । ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ, ଭକ୍ତଚରଣ ଜଗନ୍ନାଥ ଦାସଙ୍କ ଭାଗବତ ଅହରହ ପାଠ କରୁଥିଲେ । ମହାପୁରୁଷ ଜଗନ୍ନାଥ ଦାସ ସୁଦାମ ଉପରେ ଗୋପୀଙ୍କର ଭାର ଅର୍ପଣ କରିବା ଓ ଅଚ୍ୟୁତାନନ୍ଦଙ୍କର ଶୂନ୍ୟସଂହିତାରେ ସୁଦାମକୁ ନୃତ୍ୟସ୍ଥଳରେ ପ୍ରବେଶ କରାଇବା ଏକାପ୍ରକାର ଭାବୁକତାର ନିଦର୍ଶନ ।

## ଦଶମ ଛାନ୍ଦ

ରଥାରୂଢ଼ ରାମକୃଷ୍ଣଙ୍କ ଅଭିଯାନକାଳୀନ ଶୋଭା ବର୍ଣ୍ଣନ, ଯମୁନା ଦର୍ଶନରେ ଅକ୍ରୂରଙ୍କ ସ୍ନାନାଭିଳାଷ ଓ କୃଷ୍ଣଙ୍କ ଅନୁମତି ପ୍ରାର୍ଥନା, ସ୍ନାନକାଳରେ ଜଳ ମଧ୍ୟରେ ଏବଂ ସ୍ନାନାନ୍ତେ ତୀରଦେଶରେ ଅକ୍ରୂରଙ୍କର ଶ୍ରୀହରିରୂପ ଦର୍ଶନ, ସନ୍ଦେହ ଦୂରୀକରଣାର୍ଥ ପୁନର୍ବାର ଅକ୍ରୂରଙ୍କର ଜଳରେ ମଜ୍ଜନ, ଲକ୍ଷ୍ମୀ ସରସ୍ୱତୀ ପ୍ରଭୃତି ଦେବୀ ଓ ନାରଦାଦି ପରିବୃତ ଅନନ୍ତଶିରସ୍ଥିତ ଶ୍ରୀକୃଷ୍ଣଙ୍କ ଲାବଣ୍ୟମଞ୍ଜୁଳ ରୂପ ଦର୍ଶନରେ ଅକ୍ରୂରଙ୍କ ତନ୍ମୟତା ଓ କୃଷ୍ଣଙ୍କ ସ୍ତୁତି ।

ବିଚାର:—ଗୋପସିନ୍ଧୁ···ନନ୍ଦସୁତ । ୫ ।
ଙ୍କ ଅବା ......ଆଗତ । ୬ ।

ଏହି ଦୁଇପଦର ବିଷୟ କବି ଯେପରି ଜଗନ୍ନାଥଙ୍କର ଚନ୍ଦନଯାତ୍ରା ଓ ରଥଯାତ୍ରାକୁ ଲକ୍ଷ୍ୟ କରି ବର୍ଣ୍ଣନା କରିଅଛନ୍ତି ।

ମୂଳ ଭାଗବତରେ ଓ ଜଗନ୍ନାଥଙ୍କ ଭାଗବତରେ ଲିଖିତ ଅଛି ଯେ, ଅକ୍ରୂର ଜଳରେ ଦ୍ୱିତୀୟ ଥର ବୁଡ଼ି ପ୍ରଥମେ ରାମ ଅର୍ଥାତ୍ ସହସ୍ର ଫଣାଧାରୀ ଅନନ୍ତଙ୍କୁ ଦେଖି ପରେ ତାଙ୍କର କୋଳରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମଧାରୀ କୃଷ୍ଣଚନ୍ଦ୍ରଙ୍କୁ

ଦେଖିଲେ । ଭକ୍ତଚରଣ ଅକ୍ରୂରଙ୍କୁ କୃଷ୍ଣଚନ୍ଦ୍ରଙ୍କୁ ପ୍ରଥମେ ଦର୍ଶନ କରାଇବା ପରେ ତାଙ୍କୁ ଅନନ୍ତଙ୍କ ମସ୍ତକରେ ବିହାର କରୁଥିବା ଦର୍ଶାଇ ଅଛନ୍ତି । ମୂଳ-ଭାଗବତରେ ଓ ଜଗନ୍ନାଥଙ୍କ ଭାଗବତରେ ସଙ୍କର୍ଷଣଙ୍କ କୋଳରେ ପ୍ରଦ୍ୟୁମ୍ନରୂପୀ କୃଷ୍ଣଙ୍କ ବିଷୟ ଓ ମଥୁରାମଙ୍ଗଳରେ ଅନନ୍ତ ସଙ୍କର୍ଷଣ ମସ୍ତକରେ ଅନିରୁଦ୍ଧରୂପୀ କୃଷ୍ଣଙ୍କ ବିଷୟ କଥିତ ଅଛି । ଭକ୍ତଚରଣ ଯୋଗଗମ୍ୟ ଲୀଳାପ୍ରିୟଙ୍କ ବିଷୟ କହି ଜ୍ଞାନମାର୍ଗରେ ସୂଚନା ଦେଇଅଛନ୍ତି । ଅକ୍ରୂରଙ୍କ ସ୍ନାନାଦି ବିଷୟ ରସ-କଲ୍ଲୋଳରେ ନାହିଁ । ଭାଗବତରେ ଦୀର୍ଘ ସ୍ତୁତି କଥିତ ହୋଇଅଛି । କବି ଭକ୍ତ-ଚରଣ କେବଳ ସ୍ତୁତି ପଢ଼ିବା ବିଷୟ କହି କାର୍ଯ୍ୟ ନିର୍ବାହ କରିଅଛନ୍ତି ।

## ଏକାଦଶ ଛାନ୍ଦ

ଚତୁର କଥୋପକଥନରେ ରାମକୃଷ୍ଣ ଓ ଅକ୍ରୂରଙ୍କର ମଥୁରା ଗମନ, ମଥୁରା ପ୍ରବେଶରେ ସ୍ୱଗୃହରେ ରାତ୍ରି ଯାପନ ନିମିତ୍ତ ଅକ୍ରୂରଙ୍କର କୃଷ୍ଣଙ୍କୁ ଅନୁରୋଧ, କୃଷ୍ଣଙ୍କର ଅନିଚ୍ଛା ପ୍ରକାଶ ଓ ମଧୁବନରେ ଅବସ୍ଥାନ, କଂସକୁ ଅକ୍ରୂରଙ୍କର କୃଷ୍ଣ-ଗମନ ସମ୍ବାଦଦାନ ଓ କଂସଠାରୁ ଅକ୍ରୂରଙ୍କର ଗୌରବ ପ୍ରାପ୍ତି, ଶତ୍ରୁର ବିନାଶ ସାଧନ ଚିନ୍ତାରେ କଂସର ଆନନ୍ଦ ବୃଦ୍ଧି ।

ବିଚିତ୍ର — କୃଷ୍ଣଙ୍କୁ ନଦୀସ୍ନାନ ବିଷୟକ ପ୍ରଶ୍ନରେ ଅକ୍ରୂରଙ୍କର ତତ୍ତ୍ୱବିଷୟ ଜ୍ଞାପନ ଓ ତତ୍ତ୍ୱଶ୍ରବଣରେ କୃଷ୍ଣଚନ୍ଦ୍ରଙ୍କ ହାସ୍ୟ ଭାଗବତରେ ନାହିଁ । ହାସ୍ୟଦ୍ୱାରା କବି କୃଷ୍ଣଚନ୍ଦ୍ରଙ୍କ ଲୀଳାକାରିତ୍ୱର ବିଷୟ ସୂଚନା କରିଅଛନ୍ତି ।

ଅନୁଗାମୀ ମାତା ପିତା ଓ ବ୍ରଜବାଳକମାନଙ୍କୁ ଅପେକ୍ଷା କରି ରହିବା ବିଷୟ ଯାହା କବି କୃଷ୍ଣଙ୍କ ମୁଖରେ ଅକ୍ରୂରଙ୍କୁ ଅନୁରୋଧ କରିଅଛନ୍ତି । ୭।୮ ପଦ) ତାହା ଜଗନ୍ନାଥ ଦାସଙ୍କ ଭାଗବତର ଅନୁରୂପ ।

"ବୋଲନ୍ତି ପ୍ରଭୁ ଗୋପୀନାଥ । ଅକ୍ରୂର ଦଣ୍ଡେ ରୁନ୍ଧା ରଥ ।
ପଛେ ଅଛନ୍ତି ଗୋପବାଳ । ଏଠାରେ ହୋନ୍ତୁ ଏକମେଳ ।
ଏମନ୍ତ ବୋଲୁ ବୋଲୁ ପଥେ । ଗୋପ ଲେ ମିଳିଲେ ତୁରିତେ ।

ମୂଳ ଭାଗବତରେ କିନ୍ତୁ ନନ୍ଦ ଓ ଗୋପବାଳକମାନେ ଆଗରୁ ଯାଇ ଶ୍ରୀକୃଷ୍ଣଙ୍କୁ ଅପେକ୍ଷା କରି ରହିବା କଥିତ ଅଛି ।

"ତାବଦ୍ ବ୍ରଜୌକସସ୍ତତ୍ର ନନ୍ଦଗୋପାଦୟୋଽଗ୍ରତଃ
ପୁରୋପବନମାସାଦ୍ୟ ପ୍ରତୀକ୍ଷନ୍ତୋଽବତସ୍ଥିରେ ।"

ଅକ୍ରୂରଙ୍କର କୃଷ୍ଣଙ୍କୁ ସ୍ୱପୁର ନେବାରେ ଅନୁରୋଧ ଓ ସ୍ତୁତି ବିଷୟ ଭାଗବତ ଦ୍ୱୟରେ ଅଛି । କବି ତାହା କାବ୍ୟାନୁରୋଧରେ ପରିହାର କରିଅଛନ୍ତି ।

"ଶୁଣିଲେ କଂସ......ବନମାଳୀ" । ୧୨ । ୧୩ । ପଦଦ୍ୱୟଦ୍ୱାରା କୃଷ୍ଣଚନ୍ଦ୍ରଙ୍କର ଅକ୍ରୂରଗୃହକୁ ନ ଯିବାର ଶୋଭନ ଯୁକ୍ତି ଦେଖାଇ କବି ନିଜର ସ୍ୱାତନ୍ତ୍ର୍ୟ ଓ ଉପଯୁକ୍ତ କାର୍ଯ୍ୟ ସମ୍ବିଧାନର କୁଶଳତା ଦର୍ଶାଇ ଅଛନ୍ତି ।

ଅକ୍ରୂରଙ୍କ "ପାଟଛୋଟି ନେଇ" "ଆସନ ଦେଇ" "ପାଶେ ବସାଇ" କର୍ଣ୍ଣମୂଳେ କହିବା ଓ କାର୍ଯ୍ୟ ସଫଳ ହେବା ପ୍ରଭୃତି କଂସମୁଖରେ ପ୍ରଶ୍ନ କରାଇବା କବିଙ୍କ ରାଜନୀତିଜ୍ଞାନର ପୂର୍ଣ୍ଣ ପରିଚୟ ଦେଉଅଛି । ଅନ୍ୟାନ୍ୟ ବିଷୟ ଭାଗବତର ଅନୁରୂପ ।

## ଦ୍ୱାଦଶ ଛାନ୍ଦ

ରାମ ହରିଙ୍କ ବିନାଶ ପ୍ରସଙ୍ଗରେ କଂସର ସ୍ୱ ଅସୁର ସୈନ୍ୟମାନଙ୍କ ସଙ୍ଗେ ମନ୍ତ୍ରଣା ଓ କୃଷ୍ଣଙ୍କ ବଳବୀର୍ଯ୍ୟ ବର୍ଣ୍ଣନା, ଅସୁରଙ୍କର କଂସକୁ ସାହସଦାନ, ସିଂହ-ଦ୍ୱାରରେ କୁବଳୟା ସ୍ଥାପନ, ଦ୍ୱିତୀୟ ଦ୍ୱାରରେ ମଲ୍ଲ ନିଯୋଗ ଆଦି କଂସର ବିପ୍ଲବଦମନରେ ସତର୍କତା ।

**ବିଚାର:**—କଂସର କୃଷ୍ଣମାରଣମନ୍ତ୍ରଣା ମୂଳ ଭାଗବତର ୩୬ଶ ଅଧ୍ୟାୟରେ ଓ ଜଗନ୍ନାଥ ଦାସଙ୍କ ଭାଗବତ ୩୯ଶ ଅଧ୍ୟାୟରେ ବର୍ଣ୍ଣିତ ହୋଇଅଛି । ତାହା ଅକ୍ରୂରକୁ ଗୋପପୁରକୁ ପଠାଇବା ପୂର୍ବରୁ ଭାଗବତରେ ପ୍ରଦତ୍ତ ହୋଇଅଛି । କବି ଭକ୍ତଚରଣ ପ୍ରଥମ ଛାନ୍ଦରେ କୃଷ୍ଣଙ୍କ ଦ୍ୱାରା ନିହତ ବୀରମାନଙ୍କ କଥା, କୃଷ୍ଣଙ୍କୁ ମଥୁରାକୁ ଆଣିବା ବିଷୟ କଂସ ମୁଖରେ କୁହାଇଅଛନ୍ତି । ମଥୁରାପ୍ରାପ୍ତି ପରେ କୃଷ୍ଣଙ୍କ ମାରଣ ଉପାୟ ସମ୍ବିଧାନ ବା ମନ୍ତ୍ରଣା କଂସଦ୍ୱାରା କରାଇ କବି କାବ୍ୟର ବିଷୟକୁ ଉପଯୁକ୍ତ ସ୍ଥାନରେ ସୁନ୍ଦରରୂପେ ସଂଯୋଜିତ କରି ଉପସ୍ଥାପିତ କରିଅଛନ୍ତି । ମଲ୍ଲଯୁଦ୍ଧର କତିପୟ ସୁନ୍ଦର ଜୀବନ୍ତ ଚିତ୍ରଣ ଉତ୍କଳର ତାତ୍କାଳିକ ମଲ୍ଲଯୁଦ୍ଧର ଆଭାସ ପ୍ରଦାନ କରୁଅଛି । ମଲ୍ଲଯୁଦ୍ଧର ବିଷୟମାନ ସାରଳା ମହାଭାରତରେ ସ୍ଥାନେ ସ୍ଥାନେ ବର୍ଣ୍ଣିତ ହୋଇଅଛି ।

## ତ୍ରୟୋଦଶ ଛାନ୍ଦ

ଅଗ୍ରଜପୁରଃସର ଗୋପବାଳକପରିବୃତ କୃଷ୍ଣଙ୍କର ମଥୁରାକଟକ ଭ୍ରମଣ, କୃଷ୍ଣଙ୍କ ମଦନମୋହନ ରୂପ ବର୍ଣ୍ଣନ, କଟକ ଶୋଭାଦର୍ଶନରେ କୃଷ୍ଣଙ୍କର ଆନନ୍ଦ ପ୍ରକାଶ, କଂସର ଭାବୀ ବିନାଶ ସ୍ମରଣରେ କୃଷ୍ଣଙ୍କ ଅନୁଶୋଚନା, ଦ୍ୱାରପାଳର ଅନୁମତିକ୍ରମେ କୃଷ୍ଣଙ୍କର ଗଡ଼ ପ୍ରବେଶ ।

**ବିଚାର**—କବି ଭାଗବତ ଅନୁଯାୟୀ ମଥୁରାଗଡ଼ର ବିସ୍ତୃତ ବର୍ଣ୍ଣନା କରି ନ ଥିଲେହେଁ "ମଥୁରା ଗଡ଼ଦ୍ୱାରରେ ଡାଠକା" ଏହି ପଦଦ୍ୱାରା କେବଳ ଗଡ଼ଦ୍ୱାରର ମହତ୍ତ୍ୱ ଓ ସୌନ୍ଦର୍ଯ୍ୟର ଆଭାସ ଦେଇ ଗଡ଼ର ମହତ୍ତ୍ୱ ଓ ସୌନ୍ଦର୍ଯ୍ୟର ପୂର୍ଣ୍ଣ ପରିଚୟ ଦେଇଅଛନ୍ତି । ଭାଗବତକାର ଗଡ଼ର ବର୍ଣ୍ଣନା କରିଅଛନ୍ତି, ଭକ୍ତ-ଚରଣ ଗଡ଼ଦ୍ୱାରର ବିଷୟ କହିଅଛନ୍ତି । କୃଷ୍ଣଚନ୍ଦ୍ରଙ୍କଦ୍ୱାରା ସୁନ୍ଦର ଓ ପବିତ୍ର ମଥୁରାଗଡ଼ର ପ୍ରଶଂସା ଓ ସହଜ ସରଳ ଓ ମନୋହର ଦୃଷ୍ଟାନ୍ତଦ୍ୱାରା କଂସର ହୀନତ୍ୱ ତଥା ଦୁର୍ଜନତ୍ୱ ପ୍ରତିପାଦିତ କରାଇଅଛନ୍ତି । ୧୧ଶ ଓ ୧୨ଶ ପଦ ଦେଖ ।

ସ୍ୱଦୁର୍ଜନତା ହେତୁ ରାଜଭୋଗ ହରାଇ କଂସର ଅଚିର ମୃତ୍ୟୁରେ କୃଷ୍ଣଙ୍କର ଦୁଃଖ ପ୍ରକାଶ—ବିଚାରଶୀଳ ମାନବର କର୍ତ୍ତବ୍ୟ ବିଶେଷର ନିଦର୍ଶନ ଦେଇଅଛନ୍ତି ।

କୃଷ୍ଣଙ୍କର ଦ୍ୱାରପାଳଙ୍କୁ ଗଡ଼ପ୍ରବେଶ ନିମିତ୍ତ ଅନୁରୋଧ ଓ ଦ୍ୱାରପାଳର ଗଡ଼ପ୍ରବେଶରେ ଅନୁମତି—ଯାହା ମଥୁରାମଙ୍ଗଳରେ ଲିଖିତ ଅଛି, ତାହା ଭାଗବତରେ ନାହିଁ ।

କବି ଏହି ଛାନ୍ଦର ୩—୮ ପଦମାନଙ୍କରେ କୃଷ୍ଣଚନ୍ଦ୍ରଙ୍କ ଶୋଭା ବର୍ଣ୍ଣନା କରି ୧୪ଶ ଛାନ୍ଦରେ ନାରୀମାନଙ୍କ ବିଭ୍ରମ ବର୍ଣ୍ଣନାର ପଥ ସୁଗମ କରି ଦେଇ-ଅଛନ୍ତି । ଭାଗବତଦ୍ୱୟରେ ଏ ସ୍ଥାନରେ କୃଷ୍ଣଙ୍କର ରୂପ ବର୍ଣ୍ଣନା ହୋଇ ନାହିଁ ।

## ଚତୁର୍ଦ୍ଦଶ ଛାନ୍ଦ

କୃଷ୍ଣଗୁଣପରିଚିତା ମଥୁରାନାରୀଙ୍କର କୃଷ୍ଣଗମନ ସମ୍ବାଦ ଶ୍ରବଣରେ ଆନନ୍ଦ ଓ ତନ୍ମୟତା ଏବଂ କୃଷ୍ଣଦର୍ଶନ ଲାଳସାରେ ଗୁରୁଗୌରବ ତଥା କୁଳ-ଲଜ୍ଜା ପ୍ରଭୃତିକୁ ଜଳାଞ୍ଜଳି ଦେଇ ରାଜଦାଣ୍ଡରେ ଆତ୍ମବିସ୍ମୃତା ପାଗଳିନୀ ପରି କୃଷ୍ଣାଭିମୁଖରେ ଦ୍ରୁତ ଗମନ, କୃଷ୍ଣଙ୍କର ଦେବଜନମନଲୋଭା ନୃତ୍ୟ ।

**ବିଚାର**—ମଥୁରାନାରୀମାନଙ୍କର ଏ ଅବସ୍ଥା ବର୍ଣ୍ଣନ ଭାଗବତର ଅନୁରୂପ । ଏ ନାରୀମାନେ କୃଷ୍ଣଙ୍କର ଭକ୍ତା, ଭକ୍ତ ଭାବରେ ଗୋପନାରୀଙ୍କଠାରୁ ନ୍ୟୂନା । ଏମାନଙ୍କ ଭକ୍ତି କାମପ୍ରାୟା । "ସ୍ୱଜନମାର୍ଯ୍ୟପଥଞ୍ଚ ହିତ୍ୱା" ଏହି ଗୋପୀ ଭାବର ସତ୍ତା ଏମାନଙ୍କଠାରେ ମଧ୍ୟ ପରିଦୃଷ୍ଟ ହୁଏ । ସଂସ୍କୃତ ଓ ପ୍ରାକୃତ କବିମାନେ ସୁନ୍ଦର ନାୟକର ଆଗମନରେ ନାରୀମାନଙ୍କର ବିଭ୍ରମ ଦର୍ଶାଇ ଅଛନ୍ତି । କିନ୍ତୁ ଏହା ଅନ୍ୟ ରୀତିର; ଏହି ବିଭ୍ରମ କାମଜନିତ ନୁହେଁ ।

କାମଚ୍ଛଳରେ ଜଗତମଙ୍ଗଳଙ୍କଠାରେ ପ୍ରଗାଢ଼ ଅନୁରାଗର ପରିଚୟ । ଆଧୁନିକ ଦୃଷ୍ଟିରେ ଏହା ଦୂଷ୍ୟ ହୋଇପାରେ; କିନ୍ତୁ ଏହା ତାହା ନୁହେଁ । ଏହି ଆପାତ ଦୂଷ୍ୟ ଦୃଶ୍ୟ ମଧ୍ୟରେ ଯେ ଆବେଗ, ଯେ ଉତ୍କଣ୍ଠା, ଯେ ଉନ୍ମାଦନା ପରିସ୍ଫୁଟି ପାଉଅଛି, ତାର ସ୍ଥାନ କାବ୍ୟକଳାର କମନୀୟ ଛଟାର ବିସ୍ତାରରେ ଓ ଧର୍ମରାଜ୍ୟର ଐକାନ୍ତିକ ଅନୁରାଗ ପ୍ରଦର୍ଶନ ସରଣୀର ଅନୁରୋଧରେ ସ୍ୱତନ୍ତ୍ର ଓ ଉଚ୍ଚ ।

## ପଞ୍ଚଦଶ ଛାନ୍ଦ

କଂସର ଦୁକୂଳବାହୀ ରଜକକୁ କୃଷ୍ଣଙ୍କର ସାନୁନୟ ବସ୍ତ୍ରଭିକ୍ଷା, ଜାତି କୁଳ ବିଷୟରେ ରଜକର କୃଷ୍ଣଙ୍କ ପ୍ରତି ତୀବ୍ର କଟୂକ୍ତି, କୃଷ୍ଣଙ୍କର ଚପେଠାଘାତରେ ରଜକର ମୃତ୍ୟୁ, ଗୋପାଳବାଳକମାନଙ୍କଦ୍ୱାରା ବସ୍ତ୍ରହରଣ, କଂସର ବେଶକାରୀଦ୍ୱାରା କୃଷ୍ଣଙ୍କ ବେଶ ରଚନା, ସୁଦାମା ମାଳିର ସ୍ନେହଭରା ଭକ୍ତି ଓ କୃଷ୍ଣଙ୍କୁ ମାଳା ପ୍ରଦାନ ।

**ବିଚାର**—ମଥୁରାରାଜ କଂସକୁ ନିଧନ କରିବାକୁ କୃଷ୍ଣଚନ୍ଦ୍ର ଯାଉଅଛନ୍ତି । କଂସ ରଜ ଓ ତମ ଗୁଣରେ ଅଭିଭୂତ । ତାର ପରିକରବର୍ଗ ମଧ୍ୟ ତଦ୍ରୂପ । ରଜକ ତମ ଗୁଣରେ ବିଭୋର । ସେ କାହୁଁ ସତ୍ତ୍ୱମୟ କୃଷ୍ଣଚନ୍ଦ୍ରଙ୍କୁ ଚିହ୍ନିବ ? ତମଗୁଣର ମୂର୍ତ୍ତିଭୂତ ରଜକକୁ ନାଶ କରି ସତ୍ତ୍ୱରୂପ ପ୍ରଦାନ କରିବା ସତ୍ତ୍ୱମୟଙ୍କର କାର୍ଯ୍ୟ । ରଜକର ମୃତ୍ୟୁରେ କୈବଲ୍ୟପ୍ରାପ୍ତିର ଅର୍ଥ ଶୁଦ୍ଧ ସତ୍ତ୍ୱ ସ୍ୱରୂପ ପ୍ରାପ୍ତି । ସାଂସାରିକ ଦୃଷ୍ଟିରେ ଦେଖିଲେ ରାଜା ଭଣଜା କୃଷ୍ଣଚନ୍ଦ୍ର ରାଜେଶ୍ୱର କଂସକୁ ଦର୍ଶନ କରିବାକୁ ଯାଉଅଛନ୍ତି । ରାଜବନ୍ଧୁ ଜନୋଚିତ ପରିଚ୍ଛଦ ଗ୍ରହଣ କରିବା ସମୀଚୀନ । କୃଷ୍ଣଚନ୍ଦ୍ରଙ୍କର ଗୋପବେଶ ଅତି ସରଳ । ତାହା ପରିତ୍ୟାଗ କରିବା ସାଂସାରିକ ଦୃଷ୍ଟିରେ ଉଚିତ ମନେକରି ସେ ରଜକକୁ ଅନୁନୟ ବିନୟ କଲେ । ରାଜଭୃତ୍ୟର ରାଜଭାଗିନେୟଙ୍କୁ ଭର୍ତ୍ସନା କରିବା ନିତାନ୍ତ ଦୋଷାବହ, ଘୋର ଅବମାନନା, ଦଣ୍ଡ—ପ୍ରାଣହତ୍ୟା ଉପାୟାନ୍ତର ନାହିଁ । ତହୁଁ ଚପେଠାଘାତରେ ପ୍ରାଣନାଶ କରିବା ସାଂସାରିକ (ରାଜନୀତି) ଦୃଷ୍ଟିରେ ସମୀଚୀନ । ପୁନଶ୍ଚ ମନେ ରଖିବା ଉଚିତ ଯେ, କୃଷ୍ଣଚନ୍ଦ୍ର ଗୋପର ପୂର୍ଣ୍ଣ ମାଧୁର୍ଯ୍ୟ ଲୀଳାରୁ ମାଧୁର୍ଯ୍ୟମିଶା ଐଶ୍ୱର୍ଯ୍ୟ ଲୀଳା ଦର୍ଶାଇବାକୁ ମଥୁରାକୁ ଯାଉଅଛନ୍ତି । ତହୁଁ ଐଶ୍ୱର୍ଯ୍ୟଲୀଳାର ପ୍ରଥମ ଉପକ୍ରମ । ରାଜନୀତି ମାର୍ଗରୁ ବିଚାର କଲେ, ସ୍ପଷ୍ଟ ପ୍ରତୀତ ହୁଏ ଯେ ପାଦହ୍ରାବନତ ମଥୁରାରାଜ୍ୟରେ ପ୍ରଥମ ପଦକ୍ଷେପ ମାତ୍ରେ ଦୁର୍ବୃତ୍ତ କଂସର ଦୁଷ୍ଟ ଅନୁଚରକୁ ହତ୍ୟା କରିବା ଦ୍ୱାରା ସମଗ୍ର ମଥୁରାମଣ୍ଡଳସ୍ଥ ଶତ୍ରୁପକ୍ଷଙ୍କ ହୃଦୟରେ ଆତଙ୍କ ଜନନ ଓ ସୁହୃଦ ପକ୍ଷଙ୍କ ହୃଦୟରେ ଆଶ୍ୱାସ ପ୍ରଦାନ କରାଗଲା । ସେକ୍ସପିୟରଙ୍କ ରିଚାର୍ଡ଼ ସେକେଣ୍ଡ ( Richard II )

ନାଟକରେ ଲକ୍ଷିତ ଅଛି ଯେ ବଲିଂବ୍ରୋକ୍ (Bolingbroke) ଇଂଲଣ୍ଡରେ ପଦାର୍ପଣ କରି ରିଚାର୍ଡ୍ ସେକେଣ୍ଡଙ୍କର ଦୁଷ୍ଟ ଭୃତ୍ୟଦ୍ୱୟ ବୁଶି ଓ ଗ୍ରୀନ (Bushy and Green)ଙ୍କୁ ପ୍ରାଣଦଣ୍ଡ ବିଧାନ କରିଥିଲେ । ଏହାଦ୍ୱାରା ସେ ଶତ୍ରୁପକ୍ଷଙ୍କ ମନରେ ଆତଙ୍କ ଜନ୍ମାଇଥିଲେ । ଏହାହିଁ ରାଜନୀତିରେ ଅନୁମୋଦିତ ।

ବେଶକାରୀ ଦ୍ୱାରା ରାମକୃଷ୍ଣଙ୍କର ନେପଥ୍ୟବିଧାନ ରାଜର୍ଷିକତାର ପରିଚୟ ଓ ରାଜଭଗିନେୟଙ୍କର ଉପଯୁକ୍ତ ବେଶ ପରିପାଟୀର ପରିଚୟ ଦେଉଅଛି ।

× × × ×

ମୂଳ ଭାଗବତରେ ରଜକ ବିଷୟରେ ଲକ୍ଷିତ ଅଛି—

"ରଜକଂ କଞ୍ଚିଦାୟାନ୍ତଂ ରଙ୍ଗକାରଂ ଗଦାଗ୍ରଜଃ
ଦୃଷ୍ଟ୍ୱାଽଯାଚତ ବାସାଂସି ଧୌତାନ୍ୟତ୍ୟୁତ୍ତମାନି ଚ ।"

× × × ×

ଏହି ରଜକ ବସ୍ତ୍ର ପରିଷ୍କାରକ ଓ ରଙ୍ଗକାରକ ଥିବା ବିଷ୍ଣୁପୁରାଣ, ପଦ୍ମପୁରାଣ ଓ ହରିବଂଶରେ ମଧ୍ୟ କଥିତ ହୋଇଅଛି । ବ୍ରହ୍ମବୈବର୍ତ୍ତରେ କେବଳ ରଜକ ଶବ୍ଦ ପଠିତ । ରଜକର ମୁକ୍ତି ପାଇବା କଥା ମୂଳ ଭାଗବତ, ବିଷ୍ଣୁ, ପଦ୍ମ, ହରିବଂଶ ପ୍ରଭୃତିରେ ନାହିଁ । ସେ ରଜକ ଗୋଲୋକଧାମ ଯାଇ କୃଷ୍ଣଙ୍କ ପାର୍ଷଦଶ୍ରେଷ୍ଠତ୍ୱ ପ୍ରାପ୍ତ ହେବା କଥା ବ୍ରହ୍ମବୈବର୍ତ୍ତରେ ଅଛି ।

"ରତ୍ନଯାନେନ ଗୋଲୋକଂ ପାର୍ଷଦୈର୍ବେଷ୍ଟିତେନ ଚ
ଯଯୌ ରଜକରାଜଶ୍ଚ ତ୍ୟକ୍ତ୍ୱା ଦିବ୍ୟକଲେବରମ୍
ଶଶ୍ୱଦ୍ ଯୌବନମୁକ୍ତଞ୍ଚ ଜରାମୃତ୍ୟୁହରଂ ବରମ
ପୀତବସ୍ତ୍ରସମାଯୁକ୍ତଂ ସସ୍ମିତଂ ଶ୍ୟାମସୁନ୍ଦରମ୍
ବଭୂବ ସୋଽପି ଗୋଲୋକେ ପାର୍ଷଦେଷୁ ଚ ପାର୍ଷଦଃ
କୃଷ୍ଣସ୍ୟାଗମନଂ ଭକ୍ତ ସସ୍ମାର ସତତଂ ବଶୀ ।"

× × × ×

ଜଗନ୍ନାଥ ଦାସଙ୍କ ଭାଗବତରେ "ରଜକ ଭୂମିରେ ପଡ଼ିଲା, ଜୀବନ ଗୋବିନ୍ଦେ ପଶିଲା ।" ଏହି ଉକ୍ତି ଅବଲମ୍ବନରେ ମଥୁରାମଙ୍ଗଳକାର ରଜକର ଗୋବିନ୍ଦ ଅଙ୍ଗେ ପଶିବା କଥା ଉଲ୍ଲେଖ କରିଅଛନ୍ତି । ଯଥା—

"ପଶିଲା ପ୍ରାଣ ଗୋବିନ୍ଦ ଅଙ୍ଗେ । × × × ×

× × × × । ଦୁଷ୍ଟଭାବରେ ହରିଙ୍କି ପାଇଲା । ୧୫ ୧୦-୧୧

ଦୀନକୃଷ୍ଣ ତାଙ୍କ ରସକଲ୍ଲୋଳରେ ରଜକର ମୃତ୍ୟୁ ବିଷୟରେ କହିଅଛନ୍ତି । ଯଥା :—

"କୋପେ ଗୃହପୋଡ଼େ ମାଇଲେ ଛାଡ଼ିଲା ପ୍ରାଣ । କଳୁଷ ପକାଇ ପାଇ ଗଲା ନିର୍ବାଣ । କୃପାନିଧି କୋପ କୃପା ଏକ ପ୍ରକାରେ । କରୁଥାଇ ଅନୁମାନ ମୁକତି ଦ୍ୱାରେ ।" ବିପ୍ର ନାରାୟଣ ଦାସ ସ୍ୱକୃତ ହରିବଂଶରେ ଲେଖିଅଛନ୍ତି:—

"ରଜକକୁ ମୁକତି କରି ସ୍ୱର୍ଗପୁର ଦେଲେ ।"

**ଗନ୍ତ୍ରାୟିତ ବା ବେଣକାରୀ**—ମୂଳ ଭାଗବତରେ ଗନ୍ତ୍ରାୟିତ "ବାୟୁକ" ଓ ବ୍ରହ୍ମବୈବର୍ତ୍ତ ପୁରାଣରେ "କୁବିନ୍ଦ" ରୂପେ କଥିତ । ବାୟୁକ ଓ କୁବିନ୍ଦ ଶବ୍ଦର ଅର୍ଥ ତନ୍ତୁବାୟ ବା ତନ୍ତୀ । ପୂର୍ବକାଳରେ ତନ୍ତୀମାନେ ବେଣକାରୀ ଥିବାର ପରିଚୟ ମିଳୁଅଛି । ଏହି ବେଣକାରୀର କଥା ହରିବଂଶ, ବିଷ୍ଣୁ, ପଦ୍ମପୁରାଣାଦିରେ ନାହିଁ । ଗନ୍ତ୍ରାୟିତ ବିଷୟ ବିପ୍ର ନାରାୟଣଙ୍କ ହରିବଂଶ ଓ ରସକଲ୍ଲୋଳରେ ଉଲ୍ଲେଖ ଅଛି । ଗନ୍ତ୍ରାୟିତର ସେବାରେ କୃଷ୍ଣଚନ୍ଦ୍ର ସନ୍ତୁଷ୍ଟ ହୋଇ ତାକୁ ଯେଉଁ ବର ଦେଇଥିଲେ, ତାହା ଭାଗବତରେ ନିମ୍ନଲିଖିତରୂପେ କଥିତ ଅଛି :—

"ଗୋବିନ୍ଦ ଗନ୍ତ୍ରାୟିତେ ଚାହିଁ । ବୋଲନ୍ତି ପ୍ରଭୁ ଭାବଗ୍ରାହୀ ।
ସମ୍ପଦ ହେଉ ତୋ ଅନେକ । ବହୁତ ପୁତ୍ର ନାତି ଦେଖ ।

ବଳ ତୋହର ଦେହେ ହେଉ । ମୋହର ପାଦେ ଚିତ୍ତ ଥାଉ
ଅନ୍ତେ ପଶିବୁ ମୋର ଦେହେ । କହି ଚଳିଲେ ଦେବରାୟେ ।"

କୃଷ୍ଣଚନ୍ଦ୍ର ଗନ୍ତ୍ରାୟିତକୁ ବରପ୍ରାର୍ଥନା କରିବା ନିମିତ୍ତ କହିବା ଭାଗବତରେ ନାହିଁ । କୃଷ୍ଣଚନ୍ଦ୍ର ତାହାର କାର୍ଯ୍ୟରେ ସନ୍ତୁଷ୍ଟ ହୋଇ ତାହାକୁ ସ୍ୱତଃ ବରପ୍ରଦାନ କରିଥିଲେ; କିନ୍ତୁ ତାହା ବିପ୍ରନାରାୟଣ ଦାସ ସ୍ୱ ହରିବଂଶରେ ଲେଖିଅଛନ୍ତି; ଯଥା—

"ବେନି ଭାଇ ତାହାକୁ ଯେ ହୋଇଲେ ପରସନ୍ନ ।
ବର ତୁମ୍ଭେ ଗନ୍ତ୍ରାୟିତ ମାଗସି ବଚନ ।
ଗନ୍ତ୍ରାୟିତ ବୋଇଲା ତୁମ୍ଭେ ଶୁଣିବା ଗୋସାଇଁ ।
କି ବର ମାଗିବି ଯେ କେବଣ ଅପୂର୍ବ ଅଛଇ ।
ନିଶ୍ଚୟ ମୋତେ ଯେବେ ତୁମ୍ଭେ ଦେବ ବର ।
ମଲେଣ ବୈକୁଣ୍ଠ ତୁମ୍ଭେ ମୋତେ ଦେବାକି ଦାମୋଦର ।

ଶ୍ରୀକୃଷ୍ଣ ବୋଇଲେ ତୋତେ ଦେବା ଏହି ବର ।
ଏତେ ବୋଲି ବଳରାମେ କରିଲେ ଧିକ୍କାର ।”

ଭକ୍ତଚରଣ ମଧ୍ୟ ତାହାହିଁ କରିଅଛନ୍ତି—

“ବୋଲନ୍ତି, ବର ମାଗ ବନ୍ଧନ । ଗନ୍ଧୀରିଡ କହେ ଶୁଣ ମୋହନ ।
ଧନ ଜନ ଭଗପଦକୁ ଛାଡ଼ି । ତହିଁ କାର୍ଯ୍ୟ ନାହିଁ ଗରୁଡ଼ାରୂଢ଼ି ।
ତୋ ପାଦ ପଙ୍କଜେ କର ମଧୁପ । ହୋଇ ବୋଇଲେ ଗୋକୁଳ ଭୂପ ।
ସେଠାରୁ ବଜେ ପୂତନାରିପୁ । ନବ ପୟୋଦ କ ଉଦୟବପୁ ।”

ତନ୍ତୁବାୟକୁ କୃଷ୍ଣ ଇହ ଜନ୍ମରେ ଭୁକ୍ତି ଓ ଭକ୍ତି ଏବଂ ପରଜନ୍ମରେ ମୁକ୍ତିଲଭ ରୂପ ବର ପ୍ରଦାନ କରିଥିଲେ । ହରିବଂଶମତେ ସେ ମୃତ୍ୟୁ ପରେ ନିତ୍ୟ ଐଶ୍ୱର୍ଯ୍ୟଲୀଳା ଭୋଗ ବାଞ୍ଛା କରିଥିଲା । ମଥୁରାମଙ୍ଗଳ ମତେ ସେ ଭୁକ୍ତି ମୁକ୍ତିକୁ ହେୟ ଜ୍ଞାନ କରି ଚିରନ୍ତନ ଦାସ୍ୟଭକ୍ତି ଲୋଡ଼ିଥିଲା । ଏହାଦ୍ୱାରା ଭକ୍ତଚରଣ ଭକ୍ତିକୁ ମୁକ୍ତି ଓ ଭୁକ୍ତିଠାରୁ ଉଚ୍ଚ ଆସନ ପ୍ରଦାନ କଲେ ।

**ମାଳାକାର**—ସୁଦାମା ମାଳାକାର ବିଷୟ ଯାହା ଜଗନ୍ନାଥ ଦାସଙ୍କ ଭାଗବତରେ ଅଛି, ତାହାର ସଂକ୍ଷିପ୍ତ ସୂଚନା ମାତ୍ର ମଥୁରାମଙ୍ଗଳରେ ଭକ୍ତଚରଣ କରିଅଛନ୍ତି । ମୂଳ ଭାଗବତରେ ଅଛି ଯେ—

“ତତଃ ସୁଦାମ୍ନୋ ଭବନଂ ମାଳାକାରସ୍ୟ ଜଗ୍ମତୁଃ
ତୌ ଦୃଷ୍ଟ୍ୱା ସ ସମୁତ୍ଥାୟ ନନାମ ଶିରସା ଭୁବି ।”

ଅର୍ଥାତ୍ ରାମକୃଷ୍ଣ ଦୁହେଁ ସୁଦାମା ଘରେ ଯାଇ ଉପସ୍ଥିତ ହେଲେ । ସୁଦାମା ସେ ଦୁହିଁଙ୍କୁ ଦେଖିବା ମାତ୍ରେ ଗାତ୍ରୋତ୍ଥାନ କରି ନମସ୍କାର କଲା ଇତ୍ୟାଦି । ମାଳୀର ଦ୍ୱାରରେ ଉପସ୍ଥିତ ହୋଇ ତାକୁ ଆହ୍ୱାନ କରିବା ଜଗନ୍ନାଥ ଦାସଙ୍କ ଭାଗବତରେ ଅଛି ।

“ମାଳୀର ଦ୍ୱାରେ ଉଭା ହୋଇ । ଡାକନ୍ତି ପ୍ରଭୁ ଭାବଗ୍ରାହୀ ।”

ମଥୁରାମଙ୍ଗଳରେ ମଧ୍ୟ ତଦ୍ରୂପ ।

“ଡାକନ୍ତି ରାମଗୋବିନ୍ଦ ବେନି । ଅଇଲା ଝଣି ଶୋହିଲା ମେଦିନୀ ।”

## ଷୋଡ଼ଶ ଛାନ୍ଦ

ସୁଦାମା ମାଳୀ ରାମକୃଷ୍ଣଙ୍କୁ ମାଳା ଓ ପୁଷ୍ପରେ ମଣ୍ଡନ କରିବାରେ କୃଷ୍ଣଙ୍କର ତୃପ୍ତି ଓ ବର ପ୍ରଦାନ, କୁବୁଜାକର୍ତ୍ତୃକ ଶ୍ରୀକୃଷ୍ଣଙ୍କ ଅଙ୍ଗେ ସୁବାସ ଚନ୍ଦନ ଲାଗି, କୃଷ୍ଣଙ୍କ ଦ୍ୱାରା କୁବୁଜାର ନବ ଯୌବନ ତଥା ସୌନ୍ଦର୍ଯ୍ୟ ପ୍ରାପ୍ତି, କୃଷ୍ଣଙ୍କୁ ରମଣ-ରୂପେ ପ୍ରାପ୍ତି ନିମନ୍ତେ କୁବୁଜାର ସକରୁଣ ପ୍ରାର୍ଥନା, କୃଷ୍ଣଙ୍କର ସ୍ୱାମିତ୍ୱ ସ୍ୱୀକାର, ବାସକସଜ୍ଜା କୁବୁଜାର କୃଷ୍ଣପ୍ରତୀକ୍ଷା ।

**ବିଚାର**—ଭକ୍ତଚରଣ ସୁଦାମାର ବର ପ୍ରାର୍ଥନା ଓ ତତ୍‌ପ୍ରାପ୍ତି ବିଷୟ କେବଳ ନିର୍ଦ୍ଦେଶ କରିଅଛନ୍ତି । ତହୁଁ ଜଗନ୍ନାଥ ଦାସଙ୍କ ଭାଗବତସ୍ଥିତ ବିଷୟକୁ ଅବିକଳ ଗ୍ରହଣ କରିବା ନିମନ୍ତେ ସେ ସେପରି ଇଙ୍ଗିତ କରି ଅଛନ୍ତି ।

“ସୁଦାମା ମୁଖ ଚାହିଁ ହରି । ବୋଲନ୍ତି ରାମ କର ଧରି ।
ବର ତୁ ମାଗ ତୋଷ ମନେ । ଭକତି କଲୁ ଯେତେ ମନେ ।

× × × ×

ମାଳୀର ମନ ତୋଷ କରି । ଧନ ଆୟୁଷ ଯଶଶିରୀ ।
ଦେଇ ଚଳିଲେ ଦାମୋଦର । ଗୋପ କୁମରେ ହଳଧର ।”

**କୁବୁଜା**—କୁବୁଜା ବିଷୟରେ ଜଗନ୍ନାଥ ଦାସ ସ୍ୱ ଭାଗବତରେ ଯାହା ଲେଖି ଅଛନ୍ତି, ତାହା ମୂଳ ଭାଗବତର ବିସ୍ତୃତି । ତାଙ୍କ ଭାଗବତକୁ ଅବଲମ୍ବନ କରି ଭକ୍ତଚରଣ ସଂକ୍ଷିପ୍ତଭାବରେ କୁବୁଜା ସମ୍ବନ୍ଧରେ ଲେଖିଅଛନ୍ତି ; କିନ୍ତୁ କୁବୁଜାର ନୂତନ ସୁନ୍ଦର ରୂପକୁ ବିସ୍ତୃତ ଭାବରେ ବର୍ଣ୍ଣନା କରିଅଛନ୍ତି । ମୂଳ-ଭାଗବତ ଓ ଜଗନ୍ନାଥ ଦାସଙ୍କ ଭାଗବତରେ କୁବୁଜା କୃଷ୍ଣଚନ୍ଦ୍ରଙ୍କର ଉତ୍ତରୀୟ ଧରିବା କଥା ଉଲ୍ଲେଖ ଅଛି । ଭକ୍ତଚରଣ ପ୍ରଥମରେ ଗୋବିନ୍ଦଙ୍କର ଭୁଜ ଧରିବା ପରେ ଉତ୍ତରୀୟ ଧରିବା କଥା ଲେଖିଅଛନ୍ତି । ଏତଦ୍ଦ୍ୱାରା କୁବୁଜାର ପ୍ରଗାଢ଼ ଅନୁରାଗ କଥା ସେ କହିଅଛନ୍ତି । ୨୩ ଓ ୨୪ ପଦରେ କୁବୁଜାର ଅନୁଯୋଗ ସମୀଚୀନ ହୋଇଅଛି । ଏହା କବିଙ୍କର ବିଚାରଚାତୁରୀର ନିଦର୍ଶନ । ଅନ୍ୟାନ୍ୟ ବିଷୟ ଜଗନ୍ନାଥ ଦାସଙ୍କ ଭାଗବତର ଅନୁରୂପ । ପୂର୍ବେ କୁବୁଜା ବିଷୟ କଥିତ ହୋଇଛି । ପୁନଶ୍ଚ କୁବୁଜା ବିଷୟ ନିମିତ୍ତ ମୋର ପ୍ରିୟ ଛାତ୍ର କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ମଥୁରାମଙ୍ଗଳ ପ୍ରବନ୍ଧ ଦ୍ରଷ୍ଟବ୍ୟ ।

## ସପ୍ତଦଶ ଛାନ୍ଦ

ଭାବୀ କଂସନିଧନାର୍ଥ ଧରିତ୍ରୀର ଆନନ୍ଦ ପ୍ରକାଶ ଓ ଦେବତାମାନଙ୍କର କୃଷ୍ଣସ୍ତୁତି, ଗୋପବାଳକମାନଙ୍କର ଶୋଭା ଓ ନୃତ୍ୟ ବର୍ଣ୍ଣନା, ରାମକୃଷ୍ଣଙ୍କର ଧନୁଗୃହ ଗମନ, ଦ୍ୱାରପାଳମାନଙ୍କୁ କଟୁ ବ୍ୟଙ୍ଗୋକ୍ତି, ରାମଙ୍କ ଜନିତ ଦ୍ୱାରୀମାନଙ୍କ ବିନାଶସାଧନ ଓ ଛତ୍ରଭଙ୍ଗ, କୃଷ୍ଣଙ୍କ ଦ୍ୱାରା ଧନୁଭଗ୍ନ ଓ ଗୋପବାଳକଙ୍କଦ୍ୱାରା ଧନୁଗୃହ ଲୁଣ୍ଠନ, ମାତା ପିତାଙ୍କର ଆନନ୍ଦ ବୃଦ୍ଧି କରି ରାମହରିଙ୍କର ମଧୁବନକୁ ପ୍ରତ୍ୟାଗମନ ଓ ଭୋଜନାନ୍ତେ ସୁଖଶୟନ ।

**ବିଚାର:**—ଧରାର ଆନନ୍ଦ ପ୍ରକାଶ ଓ ଦେବତାଙ୍କ ସ୍ତୁତି ଏବଂ ଗୋପ-ବାଳକମାନଙ୍କ ସହ ଶ୍ରୀକୃଷ୍ଣଙ୍କର ଯାତ୍ରାର ବର୍ଣ୍ଣନା କବିଙ୍କ ସ୍ୱାତନ୍ତ୍ର୍ୟର

ପରିଚୟ ଦେଉଅଛି । ଧନୁର୍ଗୃହ ଦ୍ୱାରରେ ଉପସ୍ଥିତ ହୋଇ ରାମକୃଷ୍ଣ ଦ୍ୱାରୀଙ୍କୁ ବାଟ ଛାଡ଼ିବା ନିମନ୍ତେ ଅନୁରୋଧ କଲେ । ଏହା ଜଗନ୍ନାଥ ଦାସଙ୍କ ଭାଗବତ ଓ ମଥୁରାମଙ୍ଗଳରେ ଲେଖିତ ଅଛି । ଦ୍ୱାରୀମାନେ ରାମକୃଷ୍ଣଙ୍କୁ ଗାଳିଦେଇ ବାଟ ନ ଛାଡ଼ିବାରୁ ରାମକୃଷ୍ଣ ବଳପୂର୍ବକ ଧନୁଗୃହରେ ପ୍ରବେଶ କରିବା ଜଗନ୍ନାଥ ଦାସଙ୍କ ଭାଗବତରେ ଅଛି । ଦ୍ୱାରୀମାନଙ୍କୁ କୃଷ୍ଣଚନ୍ଦ୍ରଙ୍କର ବାଟ ଛାଡ଼ିଦେବା ନିମନ୍ତେ ଅନୁରୋଧ ଓ ଦ୍ୱାରୀମାନଙ୍କୁ ତିରସ୍କାର ବିଷୟ ମୂଳ ଭାଗବତରେ ନାହିଁ । କେବଳ ଦ୍ୱାରୀମାନଙ୍କର ନିଷେଧ ସତ୍ତ୍ୱେ ରାମକୃଷ୍ଣଙ୍କର ଧନୁଗୃହରେ ପ୍ରବେଶ ମାତ୍ର ଲିଖିତ ଅଛି । ଭକ୍ତଚରଣ ଦ୍ୱାରୀମାନଙ୍କ ମୁଖରେ କୃଷ୍ଣଚନ୍ଦ୍ରଙ୍କ ପ୍ରତି ତୀବ୍ର ତିରସ୍କାର ଓ ସଶସ୍ତ୍ର ପଥନିରୋଧ କରାଇ ଅଛନ୍ତି । ବଳରାମଙ୍କ ଦ୍ୱାରା ଯୂଥ ଯୂଥ ଦ୍ୱାରୀମାନଙ୍କ ମଧ୍ୟରୁ କେତେକ ନିହତ ହେଲେ ଓ କେତେକ ଭୟରେ ପଳାୟନ କଲେ । ଏହା ମଥୁରାମଙ୍ଗଳକାରଙ୍କ ସ୍ୱାତନ୍ତ୍ର୍ୟର ପରିଚୟ । ଏହି ଛାନ୍ଦର ଅନ୍ୟାନ୍ୟ ବିଷୟ ଜଗନ୍ନାଥ ଦାସଙ୍କ ଭାଗବତ ବିଷୟ ସଂକ୍ଷିପ୍ତକରଣ । ଛନ୍ଦଧରେ ରାମକୃଷ୍ଣଙ୍କ ମାତା ପିତାଙ୍କ ପାଖକୁ ଫେରି ଆସିବା ବିଷୟ ଯାହା ୧୭୩ ପଦରେ ଲିଖିତ ଅଛି, ତାହା ଜଗନ୍ନାଥ ଦାସଙ୍କ ଭାଗବତର

"ଯଶୋଦା ଘେନି ବେନି ସୁତ । କୋଳେ ବସାଇ ତୋଷଚିତ୍ତ ।
ଚୁମ୍ବନ ଦେଇ ନନ୍ଦରାଏ । ପାଖେ ବସିଲେ ବେନି ପୋଏ ।"

ପଦମାନଙ୍କର ଅନୁରୂପ, ଏହା ମୂଳ ଭାଗବତରେ ନାହିଁ । କବି କୃଷ୍ଣଚନ୍ଦ୍ରଙ୍କୁ ବେଣୁ ନେଇ ମଥୁରାକୁ ଯିବା କହୁଅଛନ୍ତି, ତାହା ପ୍ରମାଦରୂପେ ଧରିବାକୁ ହେବ । ଏହା ତାଙ୍କ ଭାବ-ବିହ୍ୱଳତାର ପରିଚୟ "ସାମିସ୍ଥାନେ ଦେଇ ଅଛନ୍ତି ବେଣୁ ।" ୧୭ । ୧୭ । "ଶ୍ରୀଭୁଜେ ମୋହନବଂଶୀ ।" ୧୯ । ୧୫ । "ବେଣୁ ପୂରିଲେ ହସ୍ତୀର ଭାଲପଟେ" । ୨୧ । ୩୧ ।

## ଅଷ୍ଟାଦଶ ଛାନ୍ଦ

ଉଗରମୁଖରୁ ରଜକ ନିଧନ, ଗନ୍ଧପୁଷ୍ପ ହରଣ, ଧନୁର୍ଭଙ୍ଗ ଆଦି ଶ୍ରବଣ କରି କଂସର କ୍ରୋଧ ପ୍ରକାଶ ଓ ମଲ୍ଲମାନଙ୍କର କାପୁରୁଷତାକୁ ତିରସ୍କାର, କଂସର କ୍ରୋଧର ଉପଶମ ଓ ସନ୍ତୋଷ ନିମିତ୍ତ ମଲ୍ଲମାନଙ୍କର ସାହସ ଦାନ ।

**ବିଚାର**—ଲୋକମାନଙ୍କର ଶୟନ ନେତ୍ର ପ୍ରାପ୍ତ ଅବସରରେ ଦୂତମାନେ ରାଜ୍ୟର ଓ ପରରାଜ୍ୟର ବୃତ୍ତାନ୍ତ ରାଜାଙ୍କୁ ଜଣାଇବା ରାଜନୀତି ଶାସ୍ତ୍ରାନୁମୋଦିତ ।

"ବୋଲଇ କଂସ, ହୋଇଲି ନଷ୍ଟ ନାଶ, କାହିଁକି ଧଟର ଆଣିଲ ।" ଏହି ଭାବାର୍ଥକ ପଦମାନ ଭାଗବତରେ ନାହିଁ । ଦୁଇ ଓଡ଼ିଆ ହରିବଂଶରେ ଅଛି । ଏହି ଛାନ୍ଦର ଅନ୍ୟାନ୍ୟ ସମସ୍ତ ବିଷୟ କବିଙ୍କ କବିତ୍ୱଶକ୍ତି ତଥା

ସ୍ୱାତନ୍ତ୍ର୍ୟର ପରିଚୟ ପ୍ରଦାନ କରୁଅଛୁ । ଧନୁର୍ଭଙ୍ଗ ପରେ କଂସର ସ୍ୱପ୍ନ ଦେଖିବା ଭାଗବତରେ ଲିଖିତ ଅଛି । ଅକ୍ରୂରଙ୍କୁ ଗୋପକୁ ପଠାଇବା ପରେ କଂସର ସ୍ୱପ୍ନ ଦେଖିବା ବିଷୟ କବି କହିଅଛନ୍ତି ।

## ଊନବିଂଶ ଛାନ୍ଦ

ପ୍ରାତଃ ବର୍ଣ୍ଣନା, ରାମକୃଷ୍ଣଙ୍କ ନିତ୍ୟକୃତ୍ୟ ସମାପନ ଓ ନନ୍ଦ ଯଶୋଦା ସହ କଂସଦର୍ଶନକୁ ଗମନ, କଂସର ବସୁଦେବଙ୍କ ପ୍ରତି ଆକ୍ଷେପୋକ୍ତି, କୃଷ୍ଣଙ୍କ ନିଧନ ନିମନ୍ତେ ସିଂହଦ୍ୱାରରେ କୁବଳୟା ଓ ବ୍ୱିତୀୟଦ୍ୱାରରେ ମଲ୍ଲ ନିଯୋଗ ।

**ବିଗ୍ରହ**—ପ୍ରଭାତ **ବର୍ଣ୍ଣନା** ରସକଲ୍ଲୋଳର ଅନୁରୂପ—ଏହା ପୂର୍ବେ କଥିତ ହୋଇଅଛି । ରାମକୃଷ୍ଣ ନିତ୍ୟକୃତ୍ୟ କ୍ରିୟା ଓ କୃଷ୍ଣଙ୍କ ରୂପବର୍ଣ୍ଣନା ଯାହା ଭକ୍ତଚରଣ ଲେଖିଅଛନ୍ତି, ତାହା ଜଗନ୍ନାଥ ଦାସଙ୍କ ଭାଗବତରେ ୪୩ ଅଧ୍ୟାୟସ୍ଥ—

"ଭୃତ୍ୟଙ୍କୁ ନିକଟେ ବୁହାଇ । ସ୍ନାହାନ କଲେ ବେନି ଭାଇ ।
ଭୋଜନ କଲେ ଦୁଧସର । ଆନନ୍ଦେ ନାନା ଉପହାର ।
ଭିବଧ ନାନା ଅଳଙ୍କାର । ବସ୍ତ୍ର ପିନ୍ଧିଲେ ପୀତ ନୀଳ ।"ର ବିସ୍ତୃତି ।

ପାର୍ଥକ୍ୟ ଏହି ଯେ କଂସର ଦୂତ ଆସିବା ପୂର୍ବରୁ ନିତ୍ୟକର୍ମ ସାରିବା ଓ ଦୂତଙ୍କ ଆଗମନ ପରେ ନନ୍ଦଙ୍କର ରଙ୍ଗସଭାକୁ ଯିବା ଭକ୍ତଚରଣ ଲେଖିଅଛନ୍ତି । ନନ୍ଦ, ଯଶୋଦା, ବସୁଦେବ ଓ ଦେବକୀଙ୍କ ପ୍ରତି ଉକ୍ତି ଓ ଏହି ଗୁରୁଜନଙ୍କୁ ନିଧନ କରିବା ପ୍ରତିଜ୍ଞା କବିଙ୍କର ବସ୍ତୁ ସଂଗ୍ରଥନ ବା ସଂସ୍ଥାପନଚାତୁରୀର ନିଦର୍ଶନ ।

## ବିଂଶ ଛାନ୍ଦ

କୃଷ୍ଣଙ୍କ ନବଲାବଣ୍ୟ ମୂର୍ତ୍ତି ଦର୍ଶନରେ ମଥୁରାନାରୀଙ୍କର ବୟସ ଓ ଅବସ୍ଥା ନିରପେକ୍ଷରେ କାମବିକାର, କୃଷ୍ଣଙ୍କ ଅଙ୍ଗ ପ୍ରତ୍ୟଙ୍ଗ ସୁଷମା ବର୍ଣ୍ଣନ, କୃଷ୍ଣଙ୍କର ସବାଦ୍ୟ ଖେଳରେ କଂସର ସିଂହଦ୍ୱାରରେ ପ୍ରବେଶ, ହସ୍ତିପାଳର ବାଦ୍ୟ ନିର୍ଘୋଷ ସ୍ଥଗିତ କରିବା ନିମନ୍ତେ ସଗର୍ବ ଆଦେଶ ଓ କୃଷ୍ଣଙ୍କର ଉତ୍ତର ଦାନ ।

**ବିଗ୍ରହ**—ମଥୁରାର ନାରୀମାନେ କାମପ୍ରିୟା—ଏହା ପୂର୍ବେ କଥିତ ହୋଇଅଛି । କୃଷ୍ଣଙ୍କ **ଦର୍ଶନରେ** ଗୋପୀମାନଙ୍କ ତୁଲ୍ୟ ସେମାନେ ବିହ୍ୱଳା, ଲୌକିକ ଲଜ୍ଜାଶୂନ୍ୟା । ଏହାର ବିଗ୍ରହ ପୂର୍ବେ କଥିତ ହୋଇଅଛି । 'ରସ-କଲ୍ଲୋଳ' ୨୮ଶ ଛାନ୍ଦର ପ୍ରଥମ ୧ ପାଦକୁ ଅବଲମ୍ବନ କରି ମାଥୁରନାରୀଙ୍କର କୃଷ୍ଣଦର୍ଶନରେ ଅବସ୍ଥା କବି ବିସ୍ତରଭାବରେ ଉପେନ୍ଦ୍ରଭଞ୍ଜୀୟ ଶୈଳୀରେ ବର୍ଣ୍ଣନା କରିଅଛନ୍ତି । ଯୋଗମୁକ୍ତ, ଭକ୍ତର ପରମାତ୍ମା ଦର୍ଶନରେ ଯେ ଜଡ଼ଭାବ ତାହାର ଏ ଜ୍ୱଳନ୍ତ ନିଦର୍ଶନ ।

# ଏକବିଂଶ ଛାନ୍ଦ

ମାହୁନ୍ତର କୋପ ଓ ହସ୍ତୀ ସହିତ ଯୁଦ୍ଧ କରିବା ନିମନ୍ତେ କୃଷ୍ଣଙ୍କୁ ଆହ୍ୱାନ । କୃଷ୍ଣଙ୍କ କପଟପୂର୍ବକ ସ୍ୱୀୟ ଅସାମର୍ଥ୍ୟ ଜ୍ଞାପନ, ମାହୁନ୍ତର ଦର୍ପ ପ୍ରକାଶ କୃଷ୍ଣଙ୍କର ହସ୍ତୀ ସହ ଯୁଦ୍ଧ, କୃଷ୍ଣଙ୍କ ଅଦର୍ଶନରେ ବିପଦ ଆଶଙ୍କା କରି ମଥୁରା ନାରୀମାନଙ୍କର ଦୁଃଖ ଓ ସ୍ୱଜୀବନ ପ୍ରତି ଅନାସ୍ଥା ଭାବ ପ୍ରକାଶ, କୃଷ୍ଣଙ୍କ ମାୟାରଚନା, ହସ୍ତୀ ଓ ମାହୁନ୍ତର ବିନାଶ ସାଧନ, ମଥୁରାନାରୀଙ୍କ ଆନନ୍ଦ ପ୍ରକାଶ, ଚାଣୂରର କୃଷ୍ଣଙ୍କୁ ଯୁଦ୍ଧ ନିମନ୍ତେ ଆହ୍ୱାନ ଓ କୃଷ୍ଣଙ୍କର ଅନିଚ୍ଛା ପ୍ରକାଶ, କୃଷ୍ଣଚାଣୂର ଯୁଦ୍ଧ ।

**ବିଚାର**:—ମଥୁରାମଙ୍ଗଳରେ ଯେପରି ମାହୁନ୍ତ ଓ କୃଷ୍ଣଚନ୍ଦ୍ରଙ୍କ କଥୋପକଥନ ଅଛି, ତାହା ଭାଗବତରେ ନାହିଁ । କେବଳ "ବାଟ ଛାଡ଼ିଦେବା ନିମିତ୍ତ" ମାହୁନ୍ତକୁ କୃଷ୍ଣଚନ୍ଦ୍ରଙ୍କ ଅନୁରୋଧ ସଙ୍ଗେ ସଙ୍ଗେ ମାହୁନ୍ତର କୋପ ପ୍ରକାଶ, "କୃଷ୍ଣଚନ୍ଦ୍ରଙ୍କ ତଦନୁରୂପ ବ୍ୟବହାର" ଓ ଯୁଦ୍ଧୋଦ୍ୟମ ଭାଗବତରେ ବର୍ଣ୍ଣିତ ଅଛି । ଶ୍ରୀକୃଷ୍ଣ ହୀନତା ହୀନବା ପ୍ରଖ୍ୟାପକ କୋମଳ ବାଣୀରେ ଯେ ସାମ୍ୟନୀତି ପ୍ରଯୁକ୍ତ ହୋଇଅଛି, ତାହା ତାଙ୍କ ମହୋଦାରତା ଓ ମହାମହିମତ୍ୱର ପରିଚାୟକ । ଏହି ସାମ ପ୍ରୟୋଗରେ ଦୁଷ୍ଟ ଦନ୍ତୀକୁ ଅବିଚଳିତ ନ ଦେଖି କୃଷ୍ଣଚନ୍ଦ୍ର ଦାନ ଓ ଭେଦର ଅବକାଶର ଅଭାବ ଦୃଷ୍ଟିରେ ଦଣ୍ଡ ପ୍ରୟୋଗ କଲେ । ଏହି ନୀତି ଦ୍ୱାରପାଳ, ରଜକ, ମାହୁନ୍ତ ଓ ମଲ୍ଲମାନଙ୍କଠାରେ ପ୍ରଯୁକ୍ତ ହୋଇଅଛି ।

କୃଷ୍ଣଙ୍କ ମାୟା-ରଚନା ଓ ଅଦର୍ଶନ ଭାଗବତ ମତେ:—

"ଗୋବିନ୍ଦ ମାୟାଯୋଗ ବଳେ । ଲୁଚିଲେ ହସ୍ତୀ ପେଟ-ତଳେ ।"

× × × ×

"ପାଦ ଲାଗନ୍ତେ ଧୂଳି ଜଡ଼ି । କୃଷ୍ଣ ପଡ଼ିଲେ ମୁଖ ମାଡ଼ି ।"

× × × ×

"ଲୋକେ ହୋଇଲେ ହତଜ୍ଞାନ । ଡାକନ୍ତି ରଖ ନାରାୟଣ ।"

ପୁନଶ୍ଚ ଗଜର ହତ୍ୟାକାଳରେ:—

"ଗୋବିନ୍ଦ ଯୋଗମାୟାବଳେ । ବୁଲାଇ ପକାଇଲେ ତଳେ" ଇତ୍ୟାଦି ।

ମଥୁରାମଙ୍ଗଳ ମତେ:—

"ପଡ଼ି ଶୂନ୍ୟ ହେଲେ ଜଗତବନ୍ଧୁ । ଅନାଇ ଅଛନ୍ତି ମଥୁରାବଧୂ । ହାହାକାର ଧ୍ୱନି ଶୁଭଇ ଉଚ୍ଛେ··କେ ବୋଲଇ ପାଇ ନାହିଁକି ।" ୧୨।୨୪।

"ଜଗତ ଜୀବନ ବ୍ୟାପିଲେ ମାୟା । ଚଉଦଗରେ ବିସ୍ତାରିଲେ କାୟା ।"
ଯେଣିକି ଚାହେଁ ବଳିଷ୍ଠ ହାତୀ । ତେଣେ ଦେଖଇ ବିଜେ ଦାଶରଥି ।"

ଭାଗବତର ସାଧାରଣ ଶ୍ଲୋକଙ୍କ ପରିବର୍ତ୍ତେ ଭକ୍ତଚରଣ "ମଥୁରାବଧୂ"ଙ୍କୁ ଗ୍ରହଣ କରି ଓ ପ୍ରାଣତର୍ପଣହୃଦୟ ଠାକୁରଙ୍କ ଅଦର୍ଶନରେ ସେମାନଙ୍କୁ ଆତ୍ମହରା କରାଇ ତୀବ୍ର କାରୁଣ୍ୟର ଉଦ୍ବୋଲ୍ଲାସିକା ଭାଷାଦ୍ୱାରା ବିପ୍ରଲମ୍ଭଜନିତ ମଧୁର ରସର ସମୁଚିତ ପରିସ୍ଫୁର୍ତ୍ତି ପ୍ରଦର୍ଶନ କରିଅଛନ୍ତି । କୁବଳୟା କଂସବତ୍ ଉଦ୍ୟରେ ସଟଂସ କାଳର କାଳସ୍ୱରୂପୀ କୃଷ୍ଣଚନ୍ଦ୍ରଙ୍କୁ ଦେଖିଲା । ଏହାଦ୍ୱାରା ହସ୍ତୀର ଦୈତ୍ୟାତ୍ମତ୍ୱ ପ୍ରଦର୍ଶିତ ହୋଇଅଛି । ଏହା ମୂଳ ଭାଗବତ ବା ଜଗନ୍ନାଥ ଦାସଙ୍କ ଭାଗବତରେ ନାହିଁ । ହସ୍ତୀର ମୃତ୍ୟୁକାଳରେ କୃଷ୍ଣ ଅଙ୍ଗରେ ପ୍ରବେଶ ଜାରି ନିର୍ବାଣ ଲଭିବା ମୂଳ ଭାଗବତରେ ବା ରସକଲ୍ଲୋଳରେ ନାହିଁ । ଜଗନ୍ନାଥ ଦାସଙ୍କ ଭାଗବତରେ—

"ଢଳେ ପଡ଼ନ୍ତେ ପ୍ରାଣ ଗଲା, ତକ୍ଷଣେ ଗୋବିନ୍ଦେ ପଶିଲା ।" ଏହିପଦକୁ ଅବଲମ୍ବନ କରି ଭକ୍ତଚରଣ "ଦୀନବନ୍ଧୁ ଅଙ୍ଗେ ପଶିଲା ଯାଇ । ଅଶେଷ ଜନ୍ମ କଳୁଷ ହରାଇ" ଇତ୍ୟାଦି । ୩୧ ଓ ୩୨ । ପଦ ଦେଖ ।

ଏତଦ୍ଦ୍ୱାରା ଭକ୍ତଚରଣ ସ୍ୱଭାବମଧୁରତ୍ୱରେ ଭଗବାନଙ୍କ ଲୀଳାର ମହିମା କୀର୍ତ୍ତନ କଲେ । ମୂଳ ଭାଗବତ ଅନୁସାରେ କୃଷ୍ଣଚନ୍ଦ୍ର ହସ୍ତୀକୁ ତଳେ ପକାଇ ତାର ଦୁଇ ଦାନ୍ତକୁ ଉପାଡ଼ିଲେ ଓ ସେହି ଦନ୍ତଦ୍ୱାରା ହସ୍ତୀ ଓ ହସ୍ତୀପାଳକୁ ନାଶ କଲେ । ଜଗନ୍ନାଥ ଦାସଙ୍କ ଭାଗବତ ମତେ କୃଷ୍ଣଚନ୍ଦ୍ର ହସ୍ତୀକୁ ନାଶ କରି ସାରିବା ପରେ ତାର ଦାନ୍ତ ଦୁଇକୁ ଉପାଡ଼ି ମାହୁନ୍ତକୁ ପ୍ରହାର କଲେ । ଭକ୍ତଚରଣଙ୍କ ମତେ କୃଷ୍ଣଚନ୍ଦ୍ର ବେଣୁ ପ୍ରହାରରେ ହସ୍ତୀର ପ୍ରାଣନାଶ କଲେ ଓ ପରେ "ଦନ୍ତୀଦନ୍ତ ତାଡ଼ି"ମାହୁନ୍ତକୁ ତଦ୍ଦ୍ୱାରା ପ୍ରହାର କରି ବଧ କଲେ । ବେଣୁଦ୍ୱାରା ହସ୍ତୀର ମୃତ୍ୟୁ ଅସମ୍ଭବବତ୍ ପ୍ରତୀୟମାନ ହୁଏ । କବି ଭଗବାନଙ୍କ ଅଘଟନଘଟନପଟୀୟସୀ ଶକ୍ତିକୁ ଲକ୍ଷ୍ୟ କରି ସ୍ୱଭାବମଧୁରତ୍ୱରେ ଏପରି ଉକ୍ତି କରିଅଛନ୍ତି । ଏହି ଛାନ୍ଦର ଅନ୍ୟାନ୍ୟ ବିଷୟ ଜଗନ୍ନାଥ ଦାସଙ୍କ ଭାଗବତର ଅନୁରୂପ । ତାହାର ବିସ୍ତୃତ ଟୀକାରେ ପ୍ରଦତ୍ତ ହୋଇଅଛି । ୪୩ ଓ ୪୪ ପଦଦ୍ୱାରା କବିଙ୍କର ମଲ୍ଲଯୁଦ୍ଧରେ ଜ୍ଞାନ ଥିବା ସ୍ପଷ୍ଟ ପ୍ରତୀତ ହୁଏ ।

## ଦ୍ୱାବିଂଶ ଛାନ୍ଦ

କୃଷ୍ଣ ଚାଣୂରୁ ସମର ଓ ଚାଣୂରର ମୃତ୍ୟୁ । ରାମଙ୍କ କର୍ତ୍ତୃକ ମୁଷ୍ଟିକ ଓ କୂଟ ଦୈତ୍ୟର ବିନାଶ ସାଧନ, କ୍ରୁଦ୍ଧ କଂସର ନନ୍ଦ, ଯଶୋଦା ଓ ଦେବକୀ, ବସୁ

ଦେବକୀଙ୍କ ଶୂଳୀଦଣ୍ଡ ଆଜ୍ଞା, କୃଷ୍ଣଙ୍କ ମନରେ କ୍ରୋଧଜନ୍ମ, କୃଷ୍ଣଙ୍କର ମଞ୍ଚାରୋହଣ ଓ କଂସର ବିନାଶ ସାଧନ, ଦେବଗଣଙ୍କର ଆନନ୍ଦ ପ୍ରକାଶ ।

**ବସ୍ତୁତ** —"ଯୁଦ୍ଧକ୍ଷେତ୍ରରେ ମୃତ୍ୟୁ ଲଭିଲେ ସ୍ୱର୍ଗସୁଖ ଭୋଗ କରିବାକୁ ହୁଏ"—କର୍ତ୍ତବ୍ୟନିଷ୍ଠ ସାହସୀ କ୍ଷତ୍ରିୟ ବୀରର ଏହି ଉକ୍ତି ଶାସ୍ତ୍ରାନୁମୋଦିତ । କବି ଚାଣୂରମୁଖରେ ଏହା କୁହାଇ ଆସନ୍ନ ମୃତ୍ୟୁରେ ମଧ୍ୟ ତାକୁ ସମରବିମୁଖ କରାଇ ନାହାନ୍ତି । ଏପରି ଉକ୍ତି ଭାଗବତକାର ଚାଣୂରମୁଖରେ କରାଇ ନାହାନ୍ତି । କବି ୩ୟ ପଦରେ ମୂଳ ଭାଗବତ ଅନୁରୂପ ମାଲଯୁଦ୍ଧର କିଛି ଆଭାଷ ଦେଇ ଅଛନ୍ତି । ୪।୫।୬ ପଦମାନଙ୍କରେ ସୁନ୍ଦର ଉପମାରାଜିରେ କୃଷ୍ଣ ଚାଣୂରଙ୍କର ଶକ୍ତିର ଯେ ତାରତମ୍ୟ ଦର୍ଶାଇ ଅଛନ୍ତି, ତାହା ତାଙ୍କ କବିତ୍ୱର ପରିଚୟ ଦେଉଅଛି । ୭ମ ପଦର ବିଷୟ ଭାଗବତ ବର୍ଣ୍ଣନାର ଭାବାନୁରୂପ; କିନ୍ତୁ ଭକ୍ତଚରଣ ନାରୀର ଅତୁଳ ଆକାଂକ୍ଷା ଓ ଦୈବକୁ ଆକୁଳ ଆବେଦନ ଦ୍ୱାରା ପ୍ରସଙ୍ଗକୁ ରମଣୀୟ କରି ଉପସ୍ଥାପିତ କରିଅଛନ୍ତି । ଏହି ସ୍ଥଳରେ ମୂଳ ଭାଗବତ ଓ ଜଗନ୍ନାଥ ଦାସଙ୍କ ଭାଗବତ ପାଠ କଲେ ସୁନ୍ଦର ବିଷୟ-ପ୍ରତିପତ୍ତି ହେବ । ରସକଲ୍ଲୋଳକାର ମଧ୍ୟ ପଦକରେ ସେହି କଥା ସାଙ୍ଗ କରି ଅଛନ୍ତି ।

"କେ ବୋଲଇ ଏଠାରେ ନ ଥିବା, କିଆଁ ବାଳକବଧ ଦେଖିବା,
କାହାରି ତ ଧର୍ମ ନାହିଁ ଏ ଅଧର୍ମ ସଭା ଉପେକ୍ଷିବା ।"

ରସକଲ୍ଲୋଳକାର ଭାଗବତର ବିଷୟକୁ ସଂକ୍ଷିପ୍ତ କରି କହିଅଛନ୍ତି । ଭକ୍ତଚରଣ ସେହି ଗୋଟିକ ପଦରେ ନିଜର ସ୍ୱାତନ୍ତ୍ର୍ୟ ଦର୍ଶାଇ ଅଛନ୍ତି ।

ଜଗନ୍ନାଥ ଦାସଙ୍କ ଭାଗବତରେ ଜନକ ଜନନୀ ବସୁଦେବ ଦେବକୀଙ୍କ ବେଦନ ଓ ଦୈବନିନ୍ଦା କଥିତ ଅଛି । ମୂଳ ଭାଗବତରେ ପିତାମାତାଙ୍କର ଶୋକରେ କେବଳ କାତର ହେବା ବର୍ଣ୍ଣିତ ଅଛି । ଦୀନକୃଷ୍ଣଙ୍କର ରସକଲ୍ଲୋଳରେ—

"କ୍ରୋଧ କରି ଜନକ ଜନନୀ । କଷ୍ଟ ଦଶା ତ ଅଛନ୍ତି ଘେନି ।
କରନ୍ତି ଚିନ୍ତା ନିଜ ଇଷ୍ଟ ଦେବତା ଆନନ୍ଦ କରି ଅବନୀ"

ଏହି ପଦ ଅବଲମ୍ବନ କରି ଭକ୍ତଚରଣ ଦେବାର୍ଚ୍ଚନ ଓ ବ୍ରାହ୍ମଣଭୋଜନ ମନାସିବା ଲେଖିଅଛନ୍ତି । ୧୧ପଦର ଫୁଲମଣ୍ଡା ପ୍ରହାର ପରି ମୁଠା ଘାତ, ଜଗନ୍ନାଥ ଦାସଙ୍କ ଭାଗବତରେ "ଫୁଲ ଯେଣ୍ଡାଏ କରେ ଧରି । ଗଜ ଶରୀରେ ଯେହ୍ନେ ମାରି" ଓ ମୂଳ ଭାଗବତର 'ମାଳାହତ ଇବ ଦ୍ୱିପଃ' ସଙ୍ଗେ ତୁଳନୀୟ । ଚାଣୂର ମୃତ୍ୟୁରେ

"ବସୁଭାବରେ ଶ୍ରୀକୃଷ୍ଣ କରେ ମଲ୍ଲ, ରହିଲା ଅପୂର୍ବ ଧାମରେ" ଓ ମୁଷ୍ଟିକ ମୃତ୍ୟୁରେ "ପାଇଲା ସୁଗତି ପରମ ସମ୍ପତ୍ତି ହରିଲା କଳୁଷଭାରକୁ" ବିଷୟକ ଉକ୍ତି ଭାଗବତରେ ଉଲ୍ଲେଖ ନାହିଁ । ରସକଲ୍ଲୋଳକାର କିନ୍ତୁ କହିଅଛନ୍ତି "କଂସନିବାରଣ ମାଲଙ୍କ ପରାଣ ଘେନିଗଲେ ଦେଇ ନିର୍ବାଣ" । ଏଠାରେ କବି ଦୀନକୃଷ୍ଣଙ୍କୁ ଅନୁକରଣ କରିଅଛନ୍ତି । କୁକୁଠ ନାମକ ଦୈତ୍ୟ ବା ଦୁଷ୍ଟ ରାକ୍ଷସ ବଳରାମଙ୍କ ଦ୍ୱାରା ହତ ହେବା ଭକ୍ତଚରଣ କହିଅଛନ୍ତି । ମୂଳ ଭାଗବତ ଓ ଜଗନ୍ନାଥଙ୍କ ଭାଗବତ ଓ ଅଚ୍ୟୁତାନନ୍ଦଙ୍କ ହରିବଂଶର "କୂଠ" ନାମକ ମାଲର କଥା କଥିତ ଅଛି । ଏ ସ୍ଥଳରେ ଭକ୍ତଚରଣ ବୋଧହୁଏ ଜଗନ୍ନାଥ ଦାସଙ୍କ "କୂଠ ନାମେ ଥିଲା" ପଦକୁ ଭ୍ରମକ୍ରମେ "ମାଲେ କୁକୁଠ ନାମେ ଥିଲା" ପାଠ କରି କୂଠ ଦୈତ୍ୟ ସ୍ଥାନରେ କୁକୁଠ ଦୈତ୍ୟରୂପେ ପାଠ କରିଅଛନ୍ତି ।

ନନ୍ଦ, ଯଶୋଦା, ଦେବକୀ ଓ ବସୁଦେବଙ୍କୁ ଶୂଳରେ ବସାଇ ହତ୍ୟା କରିବା ଓ ରାମକୃଷ୍ଣଙ୍କର ଶିରଚ୍ଛେଦ କରିବା ନିମନ୍ତେ କଂସର ଆଜ୍ଞା ଦେବା ଯାହା ଜଗନ୍ନାଥ ଦାସ ସ୍ୱ ଭାଗବତରେ ଲେଖିଅଛନ୍ତି, ତାହା ମଥୁରାମଙ୍ଗଳକାର ଅବଲମ୍ବନ କରିଅଛନ୍ତି "ଦେଖି କଂସାସୁର...ଯମପାଶ" ଏହି ୨୫ ଟି ପଦ ସହିତ ଓଡ଼ିଆ ଭାଗବତର—

"ନନ୍ଦ ବସୁଦେବଙ୍କୁ ନିଅ । ଶିର ଛେଦାଇ ଶୂଳ ଦିଅ ।

× × × ×

ଯେତେ ଗୋପାଳ ପୁଅ ସଙ୍ଗେ । ହାଣି ପକାଅ ଯାଇ ବେଗେ ।"

ଭକ୍ତଚରଣ "ଗୋପାଳ ପୁଅର" ପରିବର୍ତ୍ତିରେ "ଯାଦବସବୁଙ୍କୁ" ଗ୍ରହଣ କରିଅଛନ୍ତି । ମୂଳ ଭାଗବତରେ ନନ୍ଦର ବନ୍ଧନ, ବସୁଦେବ ସାନୁଚର ଉଗ୍ରସେନର ବଧ ଆଜ୍ଞା ପ୍ରଦତ୍ତ ହେବା ଲିଖିତ ଅଛି । ଭକ୍ତଚରଣ "ସାନୁଚର ଉଗ୍ରସେନ" ସ୍ଥାନରେ 'ଯାଦବ ସବୁ' ଗ୍ରହଣ କରି ମୂଳ ଭାଗବତର ଏହି ସ୍ଥାନକୁ ଅବଲମ୍ବନ କରିଅଛନ୍ତି ।

କଂସର ମୃତ୍ୟୁ ବିଷୟ ବର୍ଣ୍ଣନା ଓଡ଼ିଆ ଭାଗବତର ଅନୁରୂପ । ଉଭୟରେ କୃଷ୍ଣଙ୍କର ମୁଖଦର୍ଶନରେ କଂସର ମୃତ୍ୟୁ ହେବା ଲିଖିତ । କିନ୍ତୁ ମୂଳ ଭାଗବତରେ ଅଛି—କୃଷ୍ଣ କଂସକୁ ମଞ୍ଚ ଉପରୁ ଭୂମିରେ ନିକ୍ଷେପ କରି ତା ଉପରେ ନିପତିତ ହେଲେ । କଂସ ତହୁଁ ନିଷ୍ପିଷ୍ଟ ହୋଇ ପ୍ରାଣତ୍ୟାଗ କଲା । କୃଷ୍ଣଙ୍କ ମୁଖ ଦର୍ଶନରେ

ପ୍ରାଣତ୍ୟାଗ କରିବାଦ୍ୱାରା କଂସର ବୈରିଭାବରେ ଭଗବଦ୍‌ଭକ୍ତି ବିଷୟ ପୂର୍ବେ ବିସ୍ତାର ଭାବରେ କୁହାଯାଇଅଛି । ମାୟାଧରଙ୍କ ମାୟୋକ୍ତି "ଛାଡ଼ ଛାଡ଼ ମାମୁଁ ଉଚିତ ନୁହଇ ମୁଁ ତୁମ୍ଭ ବହୁଣୀନନ୍ଦନ" ମୂଳ ଭାଗବତ ଓ ଓଡ଼ିଆ ଭାଗବତରେ ନାହିଁ । ଏହା କେବଳ କଂସ ପକ୍ଷୀୟ ଲୋକଙ୍କ ମନରେ ପ୍ରକୃତ ବିଷୟରେ ଭ୍ରମ ଜନ୍ମାଇବା ନିମିତ୍ତ କଥିତ । କଂସର ନିଧନରେ ଦେବ, ଗନ୍ଧର୍ବ, କିନ୍ନର ପ୍ରଭୃତିଙ୍କ ଆନନ୍ଦ ପ୍ରକାଶ—ଯାହା କବି କହିଅଛନ୍ତି, ତାହା ଭାଗବତସ୍ଥ ବିଷୟର କାବ୍ୟଛଟାର ବିସ୍ତୃତୀକରଣ ।

"ଆକାଶୁ କୁସୁମ ବରଷି । ନିର୍ମଳ ଦଶ ଦିଗ ଦିଶି ।
× × × ×
ଗୀତ ବିନୋଦେ ବିଦ୍ୟାଧର । ଦୁନ୍ଦୁଭି ବଜାଇ ସୁସ୍ୱର ।"

## ତ୍ରୟୋବିଂଶ ଛାନ୍ଦ

କଂସପକ୍ଷୀୟ ରାଜାମାନଙ୍କର ପଳାୟନ, ବଳରାମଙ୍କ ଦ୍ୱାରା କଙ୍କ, ଧଙ୍କ ପ୍ରଭୃତିଙ୍କ ବିନାଶସାଧନ । କଂସମୃତ୍ୟୁରେ ରାଣୀମାନଙ୍କର ସ୍ୱାମୀଗୁଣ ବାହୁନି ବିଳାପ, କୃଷ୍ଣଙ୍କର କପଟ କ୍ରନ୍ଦନ ଓ ନିଜପ୍ରତି କଂସର ମନ୍ଦ ବ୍ୟବହାରକୁ ମଙ୍ଗଳ ବ୍ୟବହାର ରୂପେ ପ୍ରତିପାଦନ, ଉଗ୍ରସେନଙ୍କୁ ରାଜ୍ୟପ୍ରଦାନ, ଦେବକୀ ବସୁଦେବଙ୍କର ବନ୍ଧନମୋଚନ, ମଧୁପୁରରେ ସୁଖାବସ୍ଥାନ ଓ କୁବୁଜାପୁର ଗମନ ।

ବିଚାର:—କଂସପକ୍ଷୀୟ ରାଜାମାନଙ୍କ ବିଷୟ ଜଗନ୍ନାଥ ଦାସଙ୍କ ଭାଗବତର ୪୬ଶ ଅଧ୍ୟାୟରେ ଲିଖିତ । ତାହା ମୂଳ ଭାଗବତରେ ସେ ସ୍ଥଳରେ ଅର୍ଥାତ୍ ମୂଳ ଅନୁସାରେ ୪୨ଶ ଅଧ୍ୟାୟରେ ବା କଂସର ମୃତ୍ୟୁ ପରେ ୪୪ଶ ଅଧ୍ୟାୟରେ ଉଲ୍ଲେଖ ନାହିଁ ।

"ରଙ୍ଗସଭାରେ ବିଜେ କଲ । ରାଜାଗଣଙ୍କୁ ଅଣାଇଲ ।
ଆସିଥିଲେ ଯେ ରାଜାଗଣେ । କଂସ ଡକାଇ ଜଣେ ଜଣେ ।
× × × ×
କଂସର ପ୍ରିୟପଣେ ଆସି । ମିଳିଲେ ସୋମ ସୂର୍ଯ୍ୟବଂଶୀ ।"

ସୁନଷ୍ଟ କଙ୍କ, ଧଙ୍କ, ଶତ୍ରାଜିତଙ୍କ ଦ୍ୱାରା ରାମକୃଷ୍ଣ ବେଷ୍ଟିତ ହେବା ଗ୍ରନ୍ଥରେ ଲିଖିତ । ଭାଗବତରେ କଂସର "ସୁନାମା, ନ୍ୟଗ୍ରୋଧ, କଙ୍କ, ଶଙ୍କୁ ସୁହୃ, ରାଷ୍ଟ୍ରପାଳ, ସୃଷ୍ଟି, ତୁଷ୍ଟିପାଳ" ଅଷ୍ଟ ଭ୍ରାତାଙ୍କ କଥା କଥିତ ହୋଇଅଛି ।

"କଂସର ଅଷ୍ଟ ଭ୍ରାତା ଥିଲେ । ମିଳିଲେ ରାମକୃଷ୍ଣ ତୁଲେ ।
କଙ୍କ ନ୍ୟଗ୍ରୋଧ ଆଦିକରି । ଧାଇଁଲେ ଖଡ଼୍ଗ ଉଭାରି ।।" ଜଃ ଭାଃ

କବି ଏ ବିଷୟରେ ସାବଧାନ ହେଲା ପରି ଜଣାପଡ଼ୁ ନାହାନ୍ତି ।

କଂସର ମୃତ୍ୟୁବାର୍ତ୍ତା ଶୁଣି କଂସର ରାଣୀମାନେ ମୃତ ପତି ନିକଟରେ ଉପସ୍ଥିତ ହୋଇ କ୍ରନ୍ଦନ କରିବାକୁ ଲାଗିଲେ । କବି ସେମାନଙ୍କୁ ରାକ୍ଷସୀ କହି ଭାଗବତସ୍ଥ ବିଷୟରୁ ସ୍ୱତନ୍ତ୍ରରୂପେ ସେମାନଙ୍କର ବିଳାପ ଭାଗବତଦ୍ୱୟରେ କରାଇ ଅଛନ୍ତି । କଂସ ମନ୍ଦ ଅସୁରବୁଦ୍ଧି ହେତୁ ସାଧୁସନ୍ଥ ଦ୍ୱନ୍ଦ୍ୱଭାବ, ଧର୍ମମାର୍ଗ ପରିତ୍ୟାଗ ଓ ବ୍ରାହ୍ମଣ ଠାକୁରଙ୍କଠାରେ ଶତ୍ରୁତା କରିବାରେ ଦୁର୍ନିବାର ମୃତ୍ୟୁ ଲଭିବା ବିଷୟ ରାଣୀମାନେ କହି ନିଜର ହିତାହିତ-ବିଚାରଜ୍ଞତା; ଧର୍ମପ୍ରାଣତା ତଥା ଉଚ୍ଚ ମାନବିକତାର ପରିଚୟ ଦେଇଅଛନ୍ତି ।

"ଆଶ୍ୱାସ କରି କଂସନାରୀ । ବଦନ ପୋଛିଲେ ମୁରାରି ।
ଜଣ ଜଣକେ ବୋଧ କଲେ । ଅନଳେ କଂସ ପୋଡ଼ାଇଲେ ।"

ଏହି ବିଷୟକୁ ଅବଲମ୍ବନ କରି ଦୀନକୃଷ୍ଣ ରସକଲ୍ଲୋଳର ୨୯ଶ ଛାନ୍ଦରେ ଯାହା ବର୍ଣ୍ଣନା କରିଅଛନ୍ତି, ତାହା କପଟପୂର୍ଣ୍ଣ ।

"କରି ଦେବତାଙ୍କ କାର୍ଯ୍ୟ କରୁଣାନିଧି । କାଇତବେ ମାଇଁ କି କହିଲେ ପ୍ରବୋଧି ।

× × × ×

କାଳଯାକ ଚିନ୍ତଇ ମୋ ଅପୂର୍ବ ଶୁଭ । କିଛି ନ ପାଇଲା ମୋହଠାରୁ ସେ ଲାଭ ।
କର୍ମରେ ତାହାର ନାହିଁ, ନାହିଁ ମୋ ଯଶ । କହି ଏମନ୍ତ ମାଇଁ କି କଲେ ସନ୍ତୋଷ ।"

ମଥୁରାମଙ୍ଗଳରେ ମାୟାଧର ଶ୍ରୀକୃଷ୍ଣ କପଟପୂର୍ଣ୍ଣ ବ୍ୟଙ୍ଗୋକ୍ତିରେ ରୋଦନ କରି କଂସରାଣୀମାନଙ୍କ ମନରେ ବିଶ୍ୱାସ ଜନ୍ମାଇ ପାରିଥିଲେ । "ତାତମାତଙ୍କୁ ଷାଙ୍କୋଳି" ଦିଆଇବା, "ଷଡ଼ବାଳକ" ମାରିବା, "ପୁତନା ଯେପରି ସଙ୍ଗୋଳିବା ।" "ଶକଟା, ତୃଣା, ବକା, ବ୍ୟୋମା, ଅଘା, ବତ୍ସାଙ୍କର ମାତୁଳ ଉକ୍ତିରେ ସଙ୍ଗୋଳିବା", "ଅକ୍ରୂର ପେଷି ଡକାଇ ଆଣିବା", ବୀରପଣ ପରୀକ୍ଷା ଛଳରେ ହସ୍ତୀ ଓ ମଲ୍ଲଙ୍କ ସଙ୍ଗରେ ଯୁଝାଇବା", ରଜାଙ୍କ ଭଣଜା ହୋଇ ତଳେ ରହି ଦର୍ଶନ କରିବା ଅବିଧେୟ, ଏହି ବିଚାରରେ ମଞ୍ଚା ଉପରକୁ ଉଠିବା; ସଙ୍ଗେ ସଙ୍ଗେ ମାମୁଙ୍କ କୋଳ କରିବା ସମୟରେ ଉଭୟଙ୍କର ତଳେ ପଡ଼ିବା ଓ ସୁକୁମାର ତନୁ ମାମୁଙ୍କର ପ୍ରାଣନାଶ ପ୍ରଭୃତି ଅଭାଗ୍ୟର କଥା । ଦୁଃଖର କଥା-ସମସ୍ତେ ଦୈବର ବାମରୁ ବା ନିଜ ନିଜର ମନ୍ଦବୁଦ୍ଧିରୁ ମଲେ; କିନ୍ତୁ ଅପବାଦ ହେଲା

ମୋ ନାମରେ—ଏହା ଶ୍ରୀକୃଷ୍ଣଙ୍କ ଉକ୍ତି । (୩୪—୫୪ ପଦ ଦ୍ରଷ୍ଟବ୍ୟ) । ଏହି ବର୍ଣ୍ଣନକ୍ରିୟାରେ ଭକ୍ତଚରଣ ସ୍ୱକବିତ୍ୱଶକ୍ତି ଓ ଔଚିତ୍ୟ ଜ୍ଞାନର ଯଥେଷ୍ଟ ପରିଚୟ ପ୍ରଦାନ କରିଅଛନ୍ତି ।

ମୂଳ ଭାଗବତରେ ଓ ଜଗନ୍ନାଥ ଦାସଙ୍କ ଭାଗବତରେ କୃଷ୍ଣଚନ୍ଦ୍ର ପ୍ରଥମତଃ ମାତାପିତାଙ୍କ ଶୃଙ୍ଖଳମୋଚନ କରି ଉଗ୍ରସେନଙ୍କୁ ରାଜପଦରେ ଅଭିଷିକ୍ତ କରିଥିଲେ । ମଥୁରାମଙ୍ଗଳରେ କାନ୍ହୁ "ଉଗ୍ରସେନଙ୍କୁ ନୃପତି କଲେ । ମାତାପିତା ବନ୍ଧନ ଫେଡ଼ିଲେ ।" ଏ ସ୍ଥଳରେ ଦୀନକୃଷ୍ଣ କେବଳ କୃଷ୍ଣଙ୍କ ଦ୍ୱାରା ପିତାମାତାଙ୍କ ଶୃଙ୍ଖଳ ମୋଚନ କଥା କହିଅଛନ୍ତି, ଉଗ୍ରସେନର ରାଜପଦପ୍ରାପ୍ତି ବିଷୟ ଉଲ୍ଲେଖ କରି ନାହାନ୍ତି ।

ଏହା ପରେ କୃଷ୍ଣଚନ୍ଦ୍ର, ନନ୍ଦ ଯଶୋଦାଙ୍କୁ ଗୋପକୁ ବିଦାୟ ଦେବା ଭକ୍ତ-ଚରଣ ଲେଖିଅଛନ୍ତି । ତାହା ଓଡ଼ିଆ ଭାଗବତର ଅନୁରୂପ ।

"ନନ୍ଦ ଯଶୋଦାଙ୍କର ମନ ।ମୋହିଲେ ପ୍ରଭୁ ଭଗବାନ ।"
ପୁନଶ୍ଚ "ଯଶୋଦା ରାମକୃଷ୍ଣ ଚାହିଁ । କୋଳେ ବସାଇ ଚୁମ୍ବ ଦେଇ ।"
୪୯ଶ ଅଧ୍ୟାୟ

ମୂଳଭାଗବତରେ ଯଶୋଦାଙ୍କ ନାମ ଉଲ୍ଲେଖ ନାହିଁ । ବୋଧହୁଏ ଜଗନ୍ନାଥ ଦାସ

"ପିତର୍ଯୁବାଭ୍ୟାଂ ସ୍ନିଗ୍ଧାଭ୍ୟାଂ ପୋଷିତୌ ଲାଲିତୌ ଭୃଶମ୍
ପିତ୍ରୋରଭ୍ୟଧିକା ପ୍ରୀତିରାତ୍ମଜେଷ୍ୱାତ୍ମନୋଽପି ହି ।"

ଏହି ପଦକୁ ଅବଲମ୍ବନ କରି ନନ୍ଦ ଓ ଯଶୋଦା ଉଭୟଙ୍କ କଥା କହି ଅଛନ୍ତି ।

ଦୀନକୃଷ୍ଣ ଦାସ ସ୍ୱ ରସକଲ୍ଲୋଳରେ କେବଳ ନନ୍ଦଙ୍କର କଥା କହି କୃଷ୍ଣଙ୍କ ମୁଖରେ ଉକ୍ତି କରାଇ ଅଛନ୍ତି—

"କରାଇ ପରମାନନ୍ଦ ଆନନ୍ଦକନ୍ଦ । କହିଲେ ନନ୍ଦକୁ ବୋଧକରି ଗୋବିନ୍ଦ । କହିବ ଅମ୍ଭାଙ୍କୁ ମୋର ଦଣ୍ଡ ପ୍ରଣାମ । କରୁଥିବେ ଚିନ୍ତା ଏକା ମୋହରି ନାମ" ୨୯ । ୧୨-୧୩ ।

ଦୀନକୃଷ୍ଣଙ୍କ ମତେ କେବଳ ନନ୍ଦ ମଥୁରାକୁ ଯାଇଥିଲେ । ଯଶୋଦା ତାଙ୍କ ସଙ୍ଗରେ ଯାଇ ନ ଥିଲେ ।

ମୂଳ ଭାଗବତ ଅନୁସାରେ କୃଷ୍ଣଚନ୍ଦ୍ର, ବ୍ରଜବାସୀମାନଙ୍କ ସହିତ ନନ୍ଦଙ୍କୁ ସାନ୍ତ୍ୱନା କରି ବସ୍ତ୍ରଅଲଙ୍କାର ପ୍ରଭୃତିଦ୍ୱାରା ସାଦରେ ପୂଜା କଲେ ।

"ଏବଂ ସାନ୍ତ୍ୱୟ୍ୟ ଭଗବାନ୍ନନ୍ଦଂ ସବ୍ରଜମଚ୍ୟୁତଃ
ବାସୋଽଲଙ୍କାରକୁପ୍ୟାଦ୍ୟୈରର୍ହୟାମାସ ସାଦରମ୍ ।"

ବ୍ରଜବାସୀଙ୍କ ବିଷୟ ଭକ୍ତଚରଣ ଏ ସ୍ଥଳରେ ଉଲ୍ଲେଖ କରି ନାହାନ୍ତି, କିନ୍ତୁ ଦୀନକୃଷ୍ଣ ରସକଲ୍ଲୋଳରେ କହିଅଛନ୍ତି—

"କୋଳ କରି ସୁବଳ ସୁଦାମ ସଖାଙ୍କୁ,
କୋମଳେ କହିଲେ ତୁମ୍ଭେ ଯାଅ ଗୋପକୁ ।"

ଏହା ସହିତ ମଥୁରାମଙ୍ଗଳର ୯ମ ଛାନ୍ଦର ୧୦ମ ପଦର ମେଳ ହେଉ ନାହିଁ, କାରଣ ସେଠାରେ କୃଷ୍ଣଚନ୍ଦ୍ର ସୁଦାମାଙ୍କୁ ଗୋପୀମାନଙ୍କ ଭାର ଅର୍ପଣ କରି ମଥୁରାକୁ ଯିବା ଲିଖିତ ହୋଇଅଛି ।

"ଗୋପୀଙ୍କ ଆରତ ବଚନ ଶୁଣି । ସୁଦାମାକୁ ଚାହିଁ ମୁରଲିପାଣି ।
ବୋଇଲେ ଗୋପୀଙ୍କି କର ସନ୍ତୋଷ । ନିଶ୍ଚିନ୍ତେ ରହିଥାଅ ନିଜ ବାସ ।
ମୋ ଆସିବା ଯାଏ । କୃଶ ନ କରିବ କନକ କାୟେ ।"୯।୧୦

୫୮ପଦରେ ଭକ୍ତଚରଣ କୃଷ୍ଣଚନ୍ଦ୍ରଙ୍କ କୁବୁଜାପୁରକୁ ଗମନ ବିଷୟ କହି ତତ୍ପୂର୍ବେ ୧୪ଛାନ୍ଦରେ ଗୋପୀଙ୍କ ବିଷୟ କୃଷ୍ଣଙ୍କ ମନରେ ପଡ଼ିବା ଲେଖିଅଛନ୍ତି । ଓଡ଼ିଆ ଓ ମୂଳ ଭାଗବତରେ ରାମକୃଷ୍ଣଙ୍କ ବିଦ୍ୟାଶିକ୍ଷା, ଗୁରୁପୁତ୍ର ଉଦ୍ଧାର, ଉଦ୍ଧବଙ୍କର ବ୍ରଜକୁ ଆଗମନ ଉଦ୍ଧବଙ୍କ ମଥୁରା ପ୍ରସ୍ଥାନ ପ୍ରଭୃତିରେ ୩୬ ଅଧ୍ୟାୟ ପରେ ମୂଳ ଭାଗବତର ୪୮ ଅଧ୍ୟାୟ ଓ ଓଡ଼ିଆ ଭାଗବତର ୫୧ ଅଧ୍ୟାୟରେ କୁବୁଜାର ସନ୍ତୋଷ ବିଧାନ ଲିଖିତ ହୋଇଅଛି । କୃଷ୍ଣଚନ୍ଦ୍ର ଉଦ୍ଧବ ସହି କୁବୁଜା ଗୃହକୁ ଯିବାର ଓ କୁବୁଜାପୁରରୁ ପ୍ରତ୍ୟାବର୍ତ୍ତନ କରିବା ଭାଗବତରେ ଲିଖିତ ଅଛି । ଭକ୍ତଚରଣ ଏ ସ୍ଥଳରେ ମୂଳ ଭାଗବତକୁ ଅବଲମ୍ବନ ନ କରି ରସକଲ୍ଲୋଳକାରଙ୍କୁ ଅନୁକରଣ କରିଛନ୍ତି ମାତ୍ର ।

ଉଗ୍ରସେନଙ୍କ ରାଜପଦରେ ଅଭିଷିକ୍ତ ହେବା ବିଷୟ ମୂଳ ଭାଗବତରେ ବସୁଦେବ ଓ ଦେବକୀଙ୍କ ଆଶ୍ୱସ୍ତ ହେବା ପରେ ଏବଂ ନନ୍ଦଯଶୋଦାଙ୍କ ବିଦାୟ ହେବାପୂର୍ବେ ୪୫ଶ ଅଧ୍ୟାୟରେ ଓ ଓଡ଼ିଆ ଭାଗବତ ୪୮ଶ ଅଧ୍ୟାୟରେ ଲିଖିତ ଅଛି ।

କଂସ ସ୍ତ୍ରୀଦ୍ୱୟ ଅସ୍ତି ଓ ପ୍ରାପ୍ତି (ଓଡ଼ିଆ ଭାଗବତ ଅନୁସାରେ ହେତି ଓ ପ୍ରହେତି) ସ୍ୱାମୀ ମୃତ୍ୟୁ ପରେ ସ୍ୱ ପିତା ଜରାସନ୍ଧର ପୁରକୁ ଯିବା ମୂଳ ଭାଗବତ ୫୦ ଅଧ୍ୟାୟ ଓ ଓଡ଼ିଆ ଭାଗବତର ୫୪ ଅଧ୍ୟାୟରେ ବର୍ଣ୍ଣିତ ଅଛି ।

# ଚତୁର୍ବିଂଶ ଛାନ୍ଦ

ମଥୁରାରେ ରହିବା କାଳରେ ଗୋପପୁର ଓ ଗୋପୀଙ୍କ କଥାମାନ ସ୍ୱପ୍ନରେ ଦେଖି କୃଷ୍ଣଙ୍କ ଚିତ୍ତରେ ବ୍ୟାକୁଳତା, ସଖା ଓ ଗୋପୀମାନଙ୍କୁ ସନ୍ତୋଷିବା ନିମିତ୍ତ ସ୍ୱ ଶୁଭଜ୍ଞାପକ ଚିଠାଉ ସହ ଉଦ୍ଧବଙ୍କୁ ଗୋପକୁ ପ୍ରେରଣ; ଗୋପୀ ଓ କୃଷ୍ଣଭାବ ଚିନ୍ତନରେ ଉଦ୍ଧବଙ୍କର ସାତ୍ତ୍ୱିକ ଭାବ ଜାତ ତଥା ଆନନ୍ଦାଶ୍ରୁ ମୋଚନ କୃଷ୍ଣବିରହଜନିତ ଶ୍ରୀହୀନ ଗୋପନଗରରେ ଗୋପବାଳଙ୍କ ସଙ୍ଗେ ଉଦ୍ଧବଙ୍କର କଥୋପକଥନ; କୃଷ୍ଣ ବିରହକାତର ଗୋପବାଳକଙ୍କୁ ଉଦ୍ଧବଙ୍କର ସ୍ୱପରିଚୟ ଦାନ ଓ ସେମାନଙ୍କ ସହ ନନ୍ଦ ନବର ଗମନ ।

**ବିଚାର:**—ମୂଳ ଭାଗବତରେ ଲିଖିତ ଅଛି ଯେ କୃଷ୍ଣଚନ୍ଦ୍ର ସ୍ୱ ସଖା ଉଦ୍ଧବଙ୍କ ହସ୍ତରେ ହସ୍ତ ମିଳାଇ ତାଙ୍କୁ ବ୍ରଜକୁ ଯାଇ ନିଜର କୁଶଳବାର୍ତ୍ତା ଜ୍ଞାପନଦ୍ୱାରା ପିତାମାତାଙ୍କ ଆନନ୍ଦ ଉତ୍ପାଦନ ଓ ଗୋପୀମାନଙ୍କ ମନସ୍ତାପ ଦୂର କରିବାକୁ ଅନୁରୋଧ କରିଥିଲେ । ଗୋପୀମାନଙ୍କ ତଦ୍‌ଗତପ୍ରାଣତ୍ୱ ବର୍ଣ୍ଣିତ ହୋଇଅଛି । କୃଷ୍ଣଙ୍କ ମଦନବାଧା କଥିତ ହୋଇ ନାହିଁ । ଓଡ଼ିଆ ଭାଗବତରେ

"ଦୟାସାଗର ନରହରି । ମନେ ସୁମରି ଗୋପନାରୀ ॥
ଆନନ୍ଦେ ରଜନୀ-ପାହିଲା । ରବି କିରଣ ପ୍ରକାଶିଲା ॥
ଉଦ୍ଧବ ରାଇ ନରହରି । କହନ୍ତି କରେ କର ଧରି ।"
(ଅନ୍ୟ ସମସ୍ତ ମୂଳ ଭାଗବତ ଅନୁଯାୟୀ)

ମଥୁରାମଙ୍ଗଳ ମତେ ଜାଗରଣରେ ତଥା ସ୍ୱପ୍ନରେ କୃଷ୍ଣଚନ୍ଦ୍ରଙ୍କ ମନରେ ଗୋପପୁର କଥା ପଡ଼ିବାକୁ ଲାଗିଲା । ନନ୍ଦ, ଯଶୋଦା ସହ ଓ ଗୋପୀମାନଙ୍କ ଦୁଃଖ ନାଶ କରିବା ନିମିତ୍ତ ସେ ଉଦ୍ଧବଙ୍କୁ ନିଜର କୁଶଳବାର୍ତ୍ତା ସହ ପଠାଇବା ନିମନ୍ତେ ମନସ୍ଥ କଲେ । କୃଷ୍ଣଙ୍କ ମୁଖରେ ଗୋପୀମାନଙ୍କ ବିଷୟ ଯାହା ଏ ସ୍ଥଳରେ କବି କୁହାଇ ଅଛନ୍ତି, ତାହା ଭାଗବତର ଅନୁରୂପ । ସେ ରସକଲ୍ଲୋଳକାରଙ୍କ ପରି ଅତ୍ୟଧିକ ଶୃଙ୍ଗାରଭାବର ଆଶ୍ରୟରେ କୃଷ୍ଣଚନ୍ଦ୍ରଙ୍କୁ କାମକ୍ଲିଷ୍ଟ ତଥା ଆତ୍ମହରା କରାଇ ଦୀର୍ଘ ବିଳାପ କରାଇ ନାହାନ୍ତି, କିନ୍ତୁ ସେ ରସକଲ୍ଲୋଳକାରଙ୍କ ପ୍ରଭାତ ବର୍ଣ୍ଣନକୁ ଏ ସ୍ଥଳରେ ଅବିକଳ ଅବଲମ୍ବନ କରିଅଛନ୍ତି କହିଲେ ଦୋଷାବହ ହେବ ନାହିଁ ।

(ରସକଲ୍ଲୋଳରେ ୨୯ଶ ଛାନ୍ଦର ୫୩ ପଦଠାରୁ ୩୧ ଛାନ୍ଦର ୮ ପଦ ପର୍ଯ୍ୟନ୍ତ ଗୋପୀମାନଙ୍କ ବିଷୟ କୃଷ୍ଣଙ୍କ ମୁଖରେ କଥିତ ହୋଇଅଛି ।)

ଉଦ୍ଧବଙ୍କୁ ସ୍ୱଜନଙ୍କୁ ଡାକିଆଣିବା ବିଷୟ ଜଗନ୍ନାଥ ଦାସଙ୍କ ଭାଗବତର ପୂର୍ବୋକ୍ତ ୮ ପଦ ରସକଲ୍ଲୋଳର ୩୧ ଛାନ୍ଦ ୯ ପଦ "କାନ୍ଧେ ଏ ପକାଇ ନିଃଶ୍ୱାସ । କୃପା କରି ଉଦ୍ଧବଙ୍କୁ ଡାକି ପାଶ ସେ" ତୁଳନୀୟ । ଭକ୍ତଚରଣ ସାତ୍ୟକଙ୍କ ଦ୍ୱାରା ଉଦ୍ଧବଙ୍କୁ ଡକାଇ ଆଣିବା ବିଷୟ ଲେଖିଅଛନ୍ତି ।

ଗୋପୀମାନଙ୍କ ଭାବୀ ଦର୍ଶନ ଚିନ୍ତାରେ ଉଦ୍ଧବଙ୍କର ପଥରେ ଯେ ସାତ୍ତ୍ୱିକ ଭାବ ଜାତ ହୋଇଥିଲା, ତାହା ଏ ସ୍ଥଳରେ ମୂଳ ଭାଗବତରେ ନାହିଁ ।୩୩।୩୪ ପଦ ସହ ରସକଲ୍ଲୋଳର ଏହି—

"କଦମ୍ବଫୁଲ ପରିଯେ  କଳେବର ଶୋଭା ପାଏ
ନୟନୁ ଗଳଇ ଅଶ୍ରୁଜଳ,
କୃଷ୍ଣ କୀର୍ତ୍ତନରେ ଭୋଳ  ନାନାପ୍ରକାରେ ମଙ୍ଗଳ
ଅଙ୍ଗେ ପ୍ରକାଶ ହୁଅଇ ମଳ ମାଳ ସେ—କୃଷ୍ଣଦୂତ ।"

୩୧ଶ ଛାନ୍ଦର ୨୧ ପଦ ତୁଳନୀୟ ।

ମଥୁରାମଙ୍ଗଳରେ ଉଦ୍ଧବ ଗୋପପୁରରେ ପ୍ରଥମତଃ କୃଷ୍ଣଙ୍କ ବାଲ୍ୟସଖା ଗୋପବାଳକଙ୍କୁ ଦେଖି ସେମାନଙ୍କୁ ସେ ସ୍ଥାନର ନାମ ପଚାରିଥିଲେ । ଏହି ପ୍ରଶ୍ନରେ କୃଷ୍ଣବିରହରେ କାତର ଗୋପବାଳକମାନେ ଗୋପନଗରରେ କୃଷ୍ଣଚନ୍ଦ୍ରଙ୍କ ସଖ୍ୟଲୀଳା ବିଷୟ ହୃଦୟର କାରୁଣ୍ୟରେ କହି ଉଦ୍ଧବଙ୍କୁ ଚମତ୍କୃତ କରି ଦେଇଥିଲେ । ଉଦ୍ଧବ ଓ ଗୋପବାଳକମାନଙ୍କ ଉକ୍ତି ପ୍ରତ୍ୟୁକ୍ତି ଯାହା କବି ସଂଗ୍ରନ୍ଥନ କରିଅଛନ୍ତି, ତାହା ତାଙ୍କ ସ୍ୱାଧୀନ ଚିନ୍ତାପ୍ରସୂତ । ଏହା ଭାଗବତରେ ବା ରସକଲ୍ଲୋଳାଦିରେ ନାହିଁ । କବି ଏହାଦ୍ୱାରା ଉଦ୍ଧବଙ୍କ ଶାନ୍ତଭକ୍ତିରୁ ଗୋପବାଳକଙ୍କ ସଖ୍ୟ ଭକ୍ତିର ଉତ୍କର୍ଷ ସୁନ୍ଦରଭାବରେ ପରିସ୍ଫୁଟ କରାଇଅଛନ୍ତି ।

## ପଞ୍ଚବିଂଶ ଛାନ୍ଦ

ବ୍ରଜବାଳକଙ୍କଠାରୁ କୃଷ୍ଣଦୂତ ଉଦ୍ଧବଙ୍କ ଆଗମନବାର୍ତ୍ତା ଶ୍ରବଣ କରି ଯଶୋଦାଙ୍କ ସସମ୍ଭ୍ରମ ଆଗମନ ଓ ଉଦ୍ଧବ ଦର୍ଶନରେ ପୁତ୍ରଭ୍ରମ; ଉଦ୍ଧବଙ୍କ ପରିଚୟ ପାଇ କୃଷ୍ଣଙ୍କ କୁଶଳ ପ୍ରଶ୍ନ ଜିଜ୍ଞାସା ଓ କୃଷ୍ଣଗୁଣ ବର୍ଣ୍ଣନାପୂର୍ବକ ବିଳାପ; ଉଦ୍ଧବଙ୍କ କର୍ତ୍ତୃକ କୃଷ୍ଣଙ୍କ ବ୍ରହ୍ମତ୍ୱ ପ୍ରତିପାଦନ ଓ ବ୍ରହ୍ମଜ୍ଞାନ ଶୁଣି ଯଶୋଦାଙ୍କର ତଦ୍‌ବାକ୍ୟ ପ୍ରତି ଅନାସ୍ଥା ପ୍ରଦର୍ଶନ ଏବଂ "ହା କୃଷ୍ଣ" "ହା ପୁତ୍ର" କହି ମୋହପ୍ରାପ୍ତି । ଜଳକୁମ୍ଭହସ୍ତା ଗୋପୀଙ୍କର ରଥ ଓ ନନ୍ଦମନ୍ଦିରରେ ଉଦ୍ଧବ

ଦର୍ଶନରେ କୃଷ୍ଣଭ୍ରମ ଏବଂ ଗୋପଦାଣ୍ଡରେ କୃଷ୍ଣ ଆଗମନ ଘୋଷଣା, ବିରହକ୍ଷିନ୍ନା ଗୋପୀଙ୍କର କୃଷ୍ଣଙ୍କ ଦୁର୍ଲ୍ଲଭ ରୂପ ଆଶାରେ ନନ୍ଦଗୃହ ପ୍ରବେଶ ।

**ବିସ୍ତର:**—ଭାଗବତରେ ଲିଖିତ ଅଛି ଯେ, ପ୍ରଥମତଃ ଉଦ୍ଧବଙ୍କର ନନ୍ଦଙ୍କ ସହିତ ସାକ୍ଷାତ୍; ନନ୍ଦଙ୍କର ଉଦ୍ଧବଙ୍କୁ କୃଷ୍ଣତୁଲ୍ୟ ସତ୍କାର; କୃଷ୍ଣଚନ୍ଦ୍ରଙ୍କ ଗୁଣ-କ୍ରିୟା ବର୍ଣ୍ଣନ କରି ନନ୍ଦଙ୍କର ଦୁଃଖ ପ୍ରକାଶ; ତତ୍ ଶ୍ରବଣରେ ଯଶୋଦାଙ୍କର ବିଳାପ, ଜ୍ଞାନମିଶ୍ରା-ଭକ୍ତି-ଯୋଗବଳରେ ଉଦ୍ଧବଙ୍କଦ୍ୱାରା ନନ୍ଦଙ୍କ ସମକ୍ଷରେ ପୂର୍ଣ୍ଣବ୍ରହ୍ମ କୃଷ୍ଣଙ୍କର ମହିମା ଓ ତଥା ଭଗବତତତ୍ତ୍ୱ ପ୍ରତିପାଦନ । ମୂଳ ଭାଗବତର ଏହି ଶ୍ଲୋକଦ୍ୱୟ ତାର ନିଦର୍ଶନ ।

"ଯୁବୟୋରେବ ନୈବାୟମାତ୍ମଜୋ ଭଗବାନ୍ ହରିଃ
ସର୍ବେଷାମାତ୍ମଜୋ ହ୍ୟାତ୍ମା ପିତା ମାତା ସ ଈଶ୍ୱରଃ ।
ଦୃଷ୍ଟଂ ଶ୍ରୁତଂ ଭୂତଭବଦ୍ଭବିଷ୍ୟତ୍ ସ୍ଥାସ୍ନୁଶ୍ଚରିଷ୍ଣୁର୍ମହଦଳ୍ପକଂ ଚ
ବିନାଚ୍ୟୁତାଦ୍ ବସ୍ତୁତରଂ ନ ବାଚ୍ୟଂ ସ ଏବ ସର୍ବଂ ପରମାର୍ଥଭୂତଃ ।"

୨୭—୪୧।୪୩

"ତୁମ୍ଭେ ଯେ କହ ଚକ୍ରଧର । ନିଶ୍ଚୟ ଆମ୍ଭର କୁମର ॥
ସକଳ ଜନଙ୍କର ସୁତ । ତାତ ଜନନୀ ସେ ଅନନ୍ତ ॥
ସକଳ ଜୀବ ଆତ୍ମା ହରି । ଏ ମାୟା ବଳେ ଅଛି ଧରି ॥
ଏଣୁ ସେ ଈଶ୍ୱର ବୋଲାଇ । ଜନ୍ମ ମରଣ ତାର ନାହିଁ ॥
ଯେତେ ଦେଖ ନନ୍ଦ ଦେଖୁ ତୁହି । ଭୂତ ଭବିଷ୍ୟ ଯେତେ ଠାଇଁ ॥
ସ୍ଥାବର ଜଙ୍ଗମ ଜଗତ । ଯେ ଯେତେ ଅଳପ ମହତ ॥
ହରିହୁଁ ନାହିଁଟି ଏ ଅନ୍ୟ । ସକଳ ପ୍ରଭୁ ଭଗବାନ ॥"

ରସକଲ୍ଲୋଳ ମତେ ଗୋପପୁରରେ ଉଦ୍ଧବ ନନ୍ଦଙ୍କ ଦ୍ୱାରରେ ଉପସ୍ଥିତ ହେବା କ୍ଷଣି ନନ୍ଦରାଣୀ ଯଶୋଦା ତାଙ୍କୁ କୃଷ୍ଣ ସମାନରେ ପୂଜା କଲେ । ଉଦ୍ଧବ କୃଷ୍ଣଙ୍କ କୁଶଳବାର୍ତ୍ତା କହି ଶାନ୍ତ୍ୱନ କଲେ । ଏତିକି ମାତ୍ର ରସକଲ୍ଲୋଳରେ ଅଛି । ନନ୍ଦଙ୍କ ବିଷୟ ଉଲ୍ଲେଖ ନାହିଁ ବା ନନ୍ଦରାଣୀଙ୍କ ସହ ଦୀର୍ଘ କଥୋପକଥନ କଥିତ ନାହିଁ ।

ଭକ୍ତଚରଣ ଦୀନକୃଷ୍ଣଙ୍କ ତୁଲ୍ୟ ଉଦ୍ଧବଙ୍କୁ ଯଶୋଦାଙ୍କ ଭେଟ କରାଇ ପରସ୍ପର ମଧ୍ୟରେ କୃଷ୍ଣ ବିଷୟକ କଥୋପକଥନ କରାଇ ଅଛନ୍ତି । ନନ୍ଦଙ୍କ ସ୍ଥାନରେ ନନ୍ଦରାଣୀଙ୍କୁ ଗ୍ରହଣ କରିବାର ଉଦ୍ଦେଶ୍ୟ ଏହି ଯେ, କୃଷ୍ଣଙ୍କ ପିତାଙ୍କଠାରୁ କୃଷ୍ଣ ମାତା ପୁତ୍ର ଅଭାବରେ ସନ୍ତପ୍ତା ଅଧୀରା, ବିହ୍ୱଳା ଓ ଆତ୍ମଜ୍ଞାନଶୂନ୍ୟା ଯଶୋଦାଙ୍କ

ସରଳ, ଅଟଳ, ଅନୁରାଗ ସେହି ଘନବରଣୀୟାଙ୍କଠାରେ, ଯାହାକୁ ଆପଣା ହସ୍ତରେ ସେ ଲାଳିତ ପାଳିତ କରିଛି, ଯାହାର ଦୁଃଖ-ସୁଖରେ ସେ ଆପଣାର ଦୁଃଖ ସୁଖକୁ ମିଶାଇ ଯାହାକୁ ନିଜର ଜୀବନଠାରୁ ବଡ଼ ମଣି ବଢ଼େଇ ଆଣିଛି, ଯାହା ସମକ୍ଷରେ ଜଗତର ଅନ୍ୟ ଯାବତୀୟ ବିଷୟ ତୁଚ୍ଛ, ଯାହାର ସରଳ, ସହଜ ବିଶ୍ୱାସ ସମକ୍ଷରେ ସମସ୍ତ ବିଷୟ ପରିହତ, ଯାହାର ଦୃଷ୍ଟିରେ ସତ୍ୟ ବାସ୍ତବ ଓ ବାସ୍ତବହିଁ ସତ୍ୟ, ଯାହାର ବାସ୍ତବ ସତ୍ୟ ଛଡ଼ା ଅନ୍ୟ ପ୍ରସଙ୍ଗରେ ଲୋଡ଼ା ନାହିଁ, ତାହାର ସେ ପ୍ରାଣଧନ ଅଭାବରେ ହୃଦୟର ଆବେଗ, ଆଲୋଡ଼ନା ଓ ଉନ୍ମାଦନାର ଏହି ଏକ ଜ୍ୱଳନ୍ତ ଚିତ୍ର ।

କୃଷ୍ଣଙ୍କ ସମରୂପ ଉଦ୍ଧବଙ୍କୁ ଦୂରରୁ ସ୍ୱରୂପେ ମଣି ସ୍ନେହ କରିବା (୪ପଦ) ଓ ୭ ପଦଠାରୁ ୧୭ପଦ ପର୍ଯ୍ୟନ୍ତ ଯଶୋଦାଙ୍କର ଉକ୍ତିଦ୍ୱାରା ତାଙ୍କର କୃଷ୍ଣଙ୍କଠାରେ ପ୍ରଗାଢ଼ ଅନୁରାଗ ହେତୁକ ଚିତ୍ତବିକ୍ଷିପ୍ତି ସୁସ୍ପଷ୍ଟରୂପେ ପରିସ୍ଫୁଟ ହେଉଅଛି ।

ଭକ୍ତକବି ଭକ୍ତଚରଣ ଜ୍ଞାନ ଓ ଭକ୍ତିର ତାରତମ୍ୟ ଦର୍ଶାଇବା ଛଳରେ ଯଶୋଦା ଓ ଗୋପୀଙ୍କ ସହ ଉଦ୍ଧବଙ୍କ କଥୋପକଥନ କରାଇଅଛନ୍ତି । ସେ ଉଦ୍ଧବଙ୍କୁ ଶାନ୍ତ ତଥା ଦାସ୍ୟଭକ୍ତିର ସାଧକରୂପେ ଉପସ୍ଥାପିତ କରି ସଖ୍ୟ ଓ ଗୋପୀମାନଙ୍କ ଭାବରେ ଉଦ୍ଧବ ମୁଗ୍ଧ ହେବା ମଥୁରାମଙ୍ଗଳରେ ଲିଖିତ ଅଛି । ଯଶୋଦାଙ୍କ ଖେଦୋକ୍ତି ଶୁଣି ଉଦ୍ଧବ ତାଙ୍କୁ ଆଶ୍ୱସ୍ତ କରିବା ଅଭିପ୍ରାୟରେ କୃଷ୍ଣଙ୍କ ଅନ୍ତର୍ଯ୍ୟାମିତ୍ୱ, ସର୍ବକାରଣତ୍ୱ ପ୍ରତିପାଦନ କଲେ । ଯଶୋଦା ଉତ୍ତର କଲେ "ସାଧକ ଯୋଗୀମାନେ ସେ ସବୁ ବିଷୟ ଜାଣନ୍ତି । ସେମାନେ ନିର୍ଗୁଣ ବ୍ରହ୍ମଙ୍କୁ ଶୁଦ୍ଧ ନିର୍ଗୁଣ ହୃଦୟରେ ଜାଣନ୍ତି । ମୁଁ ସ୍ତ୍ରୀ, ମୁଁ ଗୁଣର ଉପାସିକା, ମୋ ପ୍ରତି ଗୁଣବର୍ଜିତ ନୁହେଁ, ତହୁଁ ଅବସ୍ଥିତ (?); ତାହା ମୋ ମତରେ ଯୋଗ୍ୟ ହେବ ନାହିଁ । ମୁଁ ଚାହେଁ ମୋର କହ୍ନାକୁ, ସେ ମୋ ହୃଦୟରେ ସବୁବେଳେ ନାଚୁଛି । ସେ ଲୀଳାକାରୀ, ସେ ସଗୁଣ, ମୁଁ ନିର୍ଗୁଣ ବ୍ରହ୍ମ ବୁଝେଁ ନାହିଁ । ଏହା ଶୁଣି ଉଦ୍ଧବ ପୁନଶ୍ଚ କହିଲେ—ଜ୍ଞାନୀମାନଙ୍କ ଉପାସ୍ୟ ମୂଳ ବ୍ରହ୍ମ—ଯାହାର ତତ୍ତ୍ୱ ଶିବ,

---

(?) ଏହାର ଅର୍ଥ ଭିନ୍ନ । ଯଶୋଦା ଉଦ୍ଧବଙ୍କ ଜ୍ଞାନର ହୀନତ୍ୱ ପ୍ରତିପାଦନ କରିବା, ନିର୍ଗୁଣଠାରୁ ସଗୁଣ ଭଗବାନ୍ ହରିଙ୍କ ମହତ୍ତ୍ୱ ପ୍ରତିପାଦନ କରିବା ଅଭିପ୍ରାୟରେ କହିଅଛନ୍ତି । ଏହା ବିରକ୍ତିସୂଚକ ଉକ୍ତି । ଆମ୍ଭେମାନେ ଚିନ୍ମୟୀ—ଯୋଗମାୟା ସହିତ ଲୀଳାର ଆସ୍ୱାଦନକାରିଣୀ—ମାୟିକ ଜ୍ଞାନ ବିଷୟରେ ଆମ୍ଭର ଆସ୍ଥା ନାହିଁ ।

ବ୍ରହ୍ମା, ନାରଦ, ଅନନ୍ତ ସମ୍ପୂର୍ଣ୍ଣରୂପେ ଜାଣନ୍ତି ନାହିଁ—ଯାହା ଶୁକ,ସନକାଦି କଚ୍ଛି ଜାଣନ୍ତି—ତାହା ତୁମ୍ଭେ ଯଶୋଦା କିପରି ଜାଣିବ ?" ତାହାର ଉତ୍ତରରେ ଯଶୋଦା କହିଲେ, "ମୁଁ ତାହାର ଗର୍ଭଧାରିଣୀ, ସେ ମୋର ପୁଅ ।" ତାଙ୍କୁ ତ ତୁଳଶୂନ୍ୟ କହୁଛ, ସେ କାହାରି ନୁହେଁ; ତେବେ ତାଙ୍କୁ ତୁମ୍ଭେ କିପରି ବଶ କଲ ? ତାଙ୍କୁ ବ୍ରହ୍ମ କହି ଯୋଗୀମାନେ ମୁକ୍ତି ନିମନ୍ତେ ଧ୍ୟାନ କରନ୍ତି । ଏହି ସ୍ଥଳରେ ମୁକ୍ତିକୁ ବଡ଼ ବୋଲି ମାନନ୍ତି ନାହିଁ—ଏ ସ୍ଥାନ ଛାଡ଼ି ଯାଅ, ଯୋଗୀ ଋଷିଙ୍କ ନିକଟରେ ଏ ବିଷୟ ବିସ୍ତାର କର । ଗୋପପୁର ତ ଜ୍ଞାନ ଓ ବ୍ରହ୍ମଭଜନର ସ୍ଥାନ ନୁହେ । ମୋର ଜ୍ଞାନ, ଭଜନ, ସାଧନ, ସ୍ମରଣ କେବଳ ସେହି ଘନବରଣୀୟ କହ୍ନା । ମୁକ୍ତି ଯେଉଁ ସ୍ଥାନରେ ଦାସୀ, ଜ୍ଞାନ ଯେଉଁ ସ୍ଥାନରେ କିଙ୍କର, ସେ ସ୍ଥାନରେ ସେସବୁର ମହତ୍ତ୍ୱ ନାହିଁ । ଏହା ଚିନ୍ମୟଲୀଳାର ସ୍ଥାନ । ଏଠାରେ ସବୁ ମହାଭାବମୟ—ଏହା ସଚ୍ଚିଦାନନ୍ଦଙ୍କ ବିହାରସ୍ଥଳୀ—ଏଠାରେ ସନ୍ଧିନୀ ସମ୍ବିତ୍ ଓ ହ୍ଲାଦିନୀ ଶକ୍ତିର ବିଳାସ—ମୁକ୍ତିର ଅନେକ ଉଚ୍ଚସ୍ତରରେ ଜ୍ଞାନର ଅତି ଉଚ୍ଚ କୋଟିରେ ଏହାର ଅବସ୍ଥିତି । ଏହା ଜ୍ଞାନର ସ୍ଥାନ ନୁହେଁ—ଏହା ଜ୍ଞାନର ଫଳ ବା ପରିଣତିର ସ୍ଥାନ ।

ଯଶୋଦା ଉଦ୍ଧବଙ୍କୁ କହିଲେ, "କୃଷ୍ଣ ଚାରି ଦିନେ ଫେରି ଆସିବ ବୋଲି କହି ଯାଇଥିଲା । ତୁମେ କହୁଛ ସେ ଆସିବ ବୋଲି, କିନ୍ତୁ 'ମୋ ପୁଣ କୃଷ୍ଣ ପରାଏ ତୁମ୍ଭେ ନୁଅ' ।" ଏହା ଶୁଣି ଉଦ୍ଧବ କହିଲେ—

"ମୁଁ କି ତାଙ୍କ ସଙ୍ଗେ ସମାନ ହୋଇପାରିବି ? ସେ ବିଶ୍ୱରୂପୀ, ସର୍ବବ୍ୟାପୀ, ଶ୍ରୁତିର ଅଗୋଚର । ସେ ଆଦି, ଅନାଦି, ନିରାକାର, ପରମପୁରୁଷ ।" ଏହା ଶୁଣି ଯଶୋଦା କ୍ରୁଦ୍ଧ ହୋଇ କହିଲେ, "ଜଣେ ଗୁଣ୍ଡାଏ ଗପୁଛି—ମୁଁ ଯାହାକୁ ଜଠରରୁ ଜନ୍ମ କଲି, ତାଙ୍କୁ ବ୍ରହ୍ମ ବୋଲି କହୁଛି—ଏଇକ୍ଷଣି ମଥୁରା ଯାଇ କାନ୍ଧରେ ଘେନି ଚାଲି ଆସିବ । ତୁମ ବ୍ରହ୍ମ ଧରା ଛୁଆଁ ଦିଏ ନାହିଁ—ମୁଁ କହ୍ନାକୁ ଯାମଳାର୍ଜୁନରେ ବାନ୍ଧିଲି; ଇତ୍ୟାଦି ଇତ୍ୟାଦି । ସେ କଥାମାନ ଛାଡ଼ି ମୋ ପୁଅକୁ ମୋତେ ଆଣି ଦିଅ ।" ଉଦ୍ଧବ ଶୁଣି କହିଲେ, "ସେ ତ ଇଚ୍ଛାବିହାରୀ—ତାଙ୍କୁ କିଏ ଆଣି ପାରିବ ?" ତା ଶୁଣି ଯଶୋଦା କହିଲେ, "ତୁମେ ମଥୁରାବାସୀଯାକ ଅନେକ ବଚନ କଥା କହ । ତୁମେ ସବୁ ଜ୍ଞାନବଳରେ ଅନେକ ଯୁକ୍ତି ତର୍କ କର । ସେସବୁ ଆମ ତୁଚ୍ଛ ମଣୁ—ଆମେ ଜାଣୁ, ଭାବ. . . ଇତ୍ୟାଦି ।"

ଯଶୋଦା ଉଦ୍ଧବଙ୍କ କଥୋପକଥନର ଭାବ ମୂଳ ଭାଗବତରେ ନାହିଁ ବୋଲି ପ୍ରତୀତ ହୁଏ । କିନ୍ତୁ ଟୀକାକାରମାନଙ୍କ ବିଶେଷତଃ ସନାତନ ଗୋସ୍ୱାମୀ, ଜୀବଗୋସ୍ୱାମୀ ଓ ବିଶ୍ୱନାଥ ଚକ୍ରବର୍ତ୍ତୀ ପ୍ରଭୃତିଙ୍କ ଟୀକାରେ ସେହି ଭାବ ସୁନ୍ଦର

ଭାବରେ ପରିସ୍ଫୁଟ ପାଏ । ଶ୍ରୀଧର ସ୍ୱାମୀ ମଧ୍ୟ ଦଶମସ୍କନ୍ଧ ୪୭ଶ ଅଧ୍ୟାୟ ୩୪ଶ ଶ୍ଳୋକ ଟୀକାରେ ଏହାର ସୂଚନା ଦେଇଅଛନ୍ତି :—

"କିମ ଧ୍ୟାନବାଖ୍ୟାନାଖ୍ୟାନବିଦ୍ୟୟା ପ୍ରଲୋଭୟସି ବୟଂ ତୁ ସର୍ବସୁନ୍ଦରଂ ସକଳ ଗୁଣାଳଙ୍କୃତେନ ତ୍ୱୟା ବିରହଂ ନୈବ ସହାମ"—ଶ୍ରୀଧର ସ୍ୱାମୀକୃତ ଭାବାର୍ଥ ଦୀପିକା ।

ଆମ୍ଭମାନଙ୍କୁ ଅପରଲୋକଙ୍କ ପରି ବ୍ରହ୍ମଜ୍ଞାନ କହି ଭୁଲାଉଅଛ; କିନ୍ତୁ ଆମ୍ଭେମାନେ ସର୍ବସୁନ୍ଦର ଗୁଣାଳଙ୍କୃତ ତୁମ୍ଭର ବିରହ ସହିପାରୁ ନାହୁଁ ।

ପୁନଶ୍ଚ ଭକ୍ତିକୁ ଉଚ୍ଚ ସ୍ଥାନ ଦେଇ ଶ୍ରୀଧର ସ୍ୱାମୀ ୧୦ମସ୍କନ୍ଧ ୪୭ଶ ଅଧ୍ୟାୟ ୩୬ଶ ଶ୍ଳୋକର ଟୀକାରେ କହିଅଛନ୍ତି, ତଦ୍ୟଥା— 'ମଥନଂ ବିନା ନ ଦୃଶ୍ୟତେ ତଥା ଭକ୍ତିଂ ବିନା କୃଷ୍ଣେ ପ୍ରୀତିଭବଃ ।'

ଶ୍ରୀଧରସ୍ୱାମୀଙ୍କ ଭାବାର୍ଥ ଗ୍ରହଣ କରି ସନାତନ ଗୋସ୍ୱାମୀ, ଜୀବଗୋସ୍ୱାମୀ, ବିଶ୍ୱନାଥ ଚକ୍ରବର୍ତ୍ତୀ ପ୍ରଭୃତି ନନ୍ଦ ଓ ଉଦ୍ଧବ ଏବଂ ଗୋପୀ ଓ ଉଦ୍ଧବଙ୍କ କଥୋପକଥନର ଭାବ ବିଶଦ ଭାବରେ ବାଖ୍ୟା କରିଅଛନ୍ତି । ଭକ୍ତଚରଣ ସେହି ସବୁ ବିଷୟକୁ ଗ୍ରହଣ କରି ସ୍ୱ ମଥୁରାମଙ୍ଗଳରେ ତାହା ସୁନ୍ଦରରୂପେ ସନ୍ନିବେଶିତ କରିଅଛନ୍ତି ।

ବ୍ରହ୍ମୋପାସକମାନଙ୍କର ମୋକ୍ଷହିଁ ପରମାର୍ଥ । ତାହା ଭାଗବତରେ କୈତବ ରୂପରେ ସ୍ୱୀକୃତ । ଭାଗବତର ପ୍ରଥମସ୍କନ୍ଧ ଦ୍ୱିତୀୟ ଶ୍ଳୋକ "ଧର୍ମଃ ପ୍ରୋଜ୍ଝିତ-କୈତବୋଽତ୍ର" ଏହାର ଟୀକାରେ ଶ୍ରୀଧରସ୍ୱାମୀ "ପ୍ରକର୍ଷେଣ ଉଜ୍ଝିତ-କୈତବଂ ଫଳାଭିସନ୍ଧିଲକ୍ଷଣଂ କପଟଂ ଯସ୍ମିନ୍ ସଃ ପ୍ରଶବ୍ଦେନ ମୋକ୍ଷାଭିସନ୍ଧିରପି ନିରସ୍ତଃ" ଲେଖିଅଛନ୍ତି ।

ପୁନଶ୍ଚ— "ନ କିଞ୍ଚିତ୍ ସାଧବୋ ଧୀରା ଭକ୍ତା ହ୍ୟେକାନ୍ତିନୋ ମମ ।
ବାଞ୍ଛନ୍ତ୍ୟପି ମୟା ଦତ୍ତଂ କୈବଲ୍ୟମପୁନର୍ଭବମ୍ ।
ସାଧବୋ ହୃଦୟଂ ମହ୍ୟଂ ସାଧୂନାଂ ହୃଦୟଂ ତ୍ୱହମ୍
ମଦନ୍ୟତ୍ତେ ନ ଜାନନ୍ତି ନାହଂ ତେଭ୍ୟୋ ମନାଗପି"

ପ୍ରକୃତ ଭକ୍ତମାନେ ନିର୍ଗୁଣ ପ୍ରେମ ରସିକ:—

ସାତ୍ତ୍ୱିକଂ ସୁଖମାତ୍ମୋତ୍ଥଂ ବିଷୟୋତ୍ଥଂ ତୁ ରାଜସମ୍
ତାମସଂ ମୋହଦୈନ୍ୟୋତ୍ଥଂ ମନ୍ନିଷ୍ଠଂ ନିର୍ଗୁଣଂ ସ୍ମୃତମ୍ ।

ସାତ୍ତ୍ୱିକ୍ୟାଧ୍ୟାତ୍ମିକୀ ଶ୍ରଦ୍ଧା କର୍ମଶ୍ରଦ୍ଧା ତୁ ରାଜସୀ ।
ତାମସ୍ୟଧର୍ମେ ଯା ଶ୍ରଦ୍ଧା ମତ୍‌ସେବାୟାନ୍ତୁ ନିର୍ଗୁଣା ।॥॥"

ନନ୍ଦ ଯଶୋଦାଙ୍କ ପ୍ରେମ ନିର୍ଗୁଣ । ସେହି ପ୍ରେମରେ କୃଷ୍ଣଚନ୍ଦ୍ର ଆକୃଷ୍ୟମାଣ ହୋଇ "ଗଚ୍ଛୋଦ୍ଧବ ! ବ୍ରଜଂ ସୌମ୍ୟ ! ପିତ୍ରୋର୍ନୌ ପ୍ରୀତିମାବହ ।" ଏହି ପ୍ରୀତି ଚିନ୍ମୟୀ—ଶୁଦ୍ଧବାତ୍ସଲ୍ୟାଖ୍ୟପ୍ରେମାତିଶଯ୍ୟବତୀ ।

ବିଶ୍ୱନାଥ ଚକ୍ରବର୍ତ୍ତୀ ଦଶମସ୍କନ୍ଧ ୪୭ ଅଧ୍ୟାୟ ୪୪ ଶ୍ଳୋକର ଯେ ଟୀକା ଲେଖିଅଛନ୍ତି, ତାହାହିଁ ମଥୁରାମଙ୍ଗଳାସ୍ଥ ଯଶୋଦା ଓ ଉଦ୍ଧବଙ୍କ କଥୋପକଥନର ମୂଳଭୂତରୂପେ ଗ୍ରହଣୀୟ । ଉଦ୍ଧବ ନନ୍ଦ ଯଶୋଦାଙ୍କୁ ସାନ୍ତ୍ୱନା କରିପାରି ନ ଥିଲେ । ନନ୍ଦ ଯଶୋଦା ମଧ୍ୟ ଉଦ୍ଧବଙ୍କ ପ୍ରବୋଧନରେ ଆସ୍ଥା ଦେଇ ନ ଥିଲେ । କୃଷ୍ଣ ପରମେଶ୍ୱର, ଏ ବିଷୟ ଉଦ୍ଧବ ଆମ୍ଭଙ୍କୁ ଜଣାଇଲେ, ଏହା କଣ ମୁଁ ଜାଣି ନାହିଁ । ଗର୍ଗଋଷି କୃଷ୍ଣଙ୍କ ନାମକରଣ ସମୟରେ ମୋତେ କହିଥିଲେ ଯେ, ତୁମ୍ଭ ପୁତ୍ର ନାରାୟଣସମ । ସେ ନାରାୟଣ, ପରମାତ୍ମା, ପରଂବ୍ରହ୍ମ, ଏହା ମୁଁ ଜାଣେ, କିନ୍ତୁ ତେବେ ସୁଦ୍ଧା ସେ ଆମ୍ଭ ଦୁହିଙ୍କର ପୁତ୍ର, ଆମ୍ଭର ଏହି ଅନୁଭବରେ କୌଣସି ବାଧା ବା ଆପତ୍ତି ନାହିଁ । ଏହି ଅନୁଭବହିଁ ଏହାର ପ୍ରମାଣ, ଗର୍ଗମୁନିଙ୍କ ବାକ୍ୟ ସତ୍ତ୍ୱେ ଆମ୍ଭେମାନେ ତାଙ୍କୁ ପୂଜ୍ୟରୂପେ ଭାବି ନ ଥିଲେହେଁ କୃଷ୍ଣଙ୍କୁ ପାନସିଠା ଦେଇ ଆମ୍ଭମାନଙ୍କ ମନରେ ଆନନ୍ଦ ଛଡ଼ା ଆଉ କିଛି ବୋଧ ନ ହେବା, କୃଷ୍ଣଜନ୍ମ ପୂର୍ବରେ ଆମ୍ଭମାନଙ୍କର ନାରାୟଣ ଧ୍ୟାନଯୋଗ୍ୟ ଥିଲେହେଁ ବର୍ତ୍ତମାନ ଧ୍ୟାନ-ମାତ୍ରରେ ତାଙ୍କର ସ୍ଫୁରିତ ଓ ଆବିର୍ଭୂତ ହେବା ଆମ୍ଭମାନଙ୍କର ମନଃପ୍ରସାଦର କାରଣ । ଆମ୍ଭମାନଙ୍କର ସେହି ପୁତ୍ରଠାରେ ଯେ ବ୍ୟବହାର ଦୋଷଯୁକ୍ତ ନୁହେଁ । ଆମ୍ଭେ ଦୁହେଁ ପିତା ମାତା, ତାଙ୍କର ଏହି ଅନୁଭବ ମଧ୍ୟ ଏହାର ପ୍ରମାଣ । ପାନସିଠା ନ ଦେଲେ, କ୍ରୋଡ଼ରେ ନ ବସାଇଲେ, ଆଲିଙ୍ଗନ ଚୁମ୍ବନାଦି ଲାଳନକ୍ରିୟା ନ କଲେ, କୃଷ୍ଣଙ୍କର ମୁଖ ଶୁଖିଯିବା ବହୁଥର ଦେଖା ହୋଇଅଛି । ଯଦି ଯଶୋଦା ତାଙ୍କର ମାତା ନୁହନ୍ତି, ତେବେ ଦୁଧକଳସ ଭାଙ୍ଗିବା ଅପରାଧରେ ତାଙ୍କୁ ଉପର ବାନ୍ଧିଥିଲେ ଓ ବନ୍ଧନରେ ତାଙ୍କ ମୁଖର ମ୍ଳାନ ଏବଂ ମୋହରାର ବନ୍ଧନମୁକ୍ତ ହେଲାରୁ ମୁଖରେ ପ୍ରସନ୍ନତା ଦେଖା ହୋଇ-

---

॥॥କୃଷ୍ଣଙ୍କ ସେବାଦି ନିର୍ଗୁଣ ଭକ୍ତିରୂପେ ଗ୍ରହଣୀୟ । ଏହି ନିର୍ଗୁଣତ୍ୱ ବ୍ରହ୍ମୋପାସକଙ୍କ ତଥା କେବଳ ଜ୍ଞାନମାର୍ଗାବଲମ୍ବୀଙ୍କ ନିର୍ଗୁଣତ୍ୱଠାରୁ ପୃଥକ୍; ଏହି ନିର୍ଗୁଣତ୍ୱ କୃଷ୍ଣ-ସେବାଦିରେ ସଗୁଣତ୍ୱ ପ୍ରାପ୍ତ ହୁଏ । ଯୋଗମାୟାଶ୍ରିତ ଲୀଳାର ଅଙ୍ଗଭୂତ ହେତୁ ଏହା ସଗୁଣତା ଲାଭ କରେ । ଏହି ସଗୁଣତା ମାୟିକ ନୁହେଁ; କିନ୍ତୁ ଫଳାଭିସନ୍ଧିଶୂନ୍ୟ । ମାୟାର ପ୍ରକୃତିର ଅତି ଉର୍ଦ୍ଧ୍ୱଦେଶରେ କୃଷ୍ଣଲୀଳାରସର—ଆନନ୍ଦଚିନ୍ମୟ ରସର ଆସ୍ୱାଦନଜନିତ ଗୁଣବତ୍ତ୍ୱର ସଂସ୍ଥାପନ ।

ଅଛି । ଆମ୍ଭମାନଙ୍କର ପିତୃଭୂରେହିଁ ସେ ପରମେଶ୍ୱର ମଧ୍ୟ ବହୁ ଅନୁଷ୍ଠ ସନ-ଭର୍ତ୍ସନା, ବନ୍ଧନାଦିକୁ ସ୍ୱୀକାର କରିଥିଲେ । ତାହା ନ ହେଲେ ସର୍ବବ୍ୟାପକ ପରଂବ୍ରହ୍ମ ପରମେଶ୍ୱରଙ୍କର କପରି ବନ୍ଧନ ସମ୍ଭବ ହୁଅନ୍ତା । ମଥୁରାରେ ଗୃଣିର କଂସାଦିଙ୍କ ବଧାନନ୍ତର ସମସ୍ତେ ତାଙ୍କୁ ସମ୍ବୋଧନ କରି କହିଥିଲେ, "ହେ କୃଷ୍ଣ ! ତୁମ୍ଭେ ପରମେଶ୍ୱର ।" କିନ୍ତୁ ଦେବକୀ "ମୁଁ ତୋର ମାତା", ବସୁଦେବ "ମୁଁ ତୋର ପିତା", ଅନ୍ୟମାନେ "ଅମ୍ଭେମାନେ ତୁମ୍ଭର ପିତୃବ୍ୟ", କେତେକ "ଆମ୍ଭେ-ମାନେ ତୁମ୍ଭ ଭ୍ରାତା, ଆତ୍ମୀୟ ଓ ବନ୍ଧୁ କହି ନିଜସ୍ୱତ୍ୱକୁ ନିମନ୍ତ୍ରଣ କରି ମଥୁରାରେ କୃଷ୍ଣଙ୍କୁ ଅବରୁଦ୍ଧ କରିବାକୁ ପ୍ରବର୍ତ୍ତିତ ହେଲେ । ସେତେବେଳେ ମଦ୍ ପ୍ରଭୁ ହେଁ ସେହି ଲୋକମାନଙ୍କ ମୁଖାପେକ୍ଷାରେ ମହାସଙ୍କଟମୟ ଜାଲରେ ପତିତ ହେଲେ । ନିଜେ ବ୍ରଜକୁ ଆସିବାରେ ଅସମର୍ଥ ହୋଇ ସମସ୍ତ ଲୋକମାନଙ୍କ ମନ ରକ୍ଷା କରିବା ଅଭିପ୍ରାୟରେ କହିଥିଲେ—"ମୁଁ ସ୍ୱୟଂ ପରମେଶ୍ୱର ଓ ସର୍ବେଶ୍ୱର ସ୍ରଷ୍ଟା, ମୋର କିଏ ପିତା, କିଏ ମାତା, କିଏ ଆତ୍ମୀୟ, କିଏ ବା ବନ୍ଧୁ ; କିନ୍ତୁ ତୁମ୍ଭେମାନେ ସର୍ବଶାସ୍ତ୍ର ଦେଖ "ଯେ ମୋଠାରେ ଭକ୍ତି କରିବ ତାହାଙ୍କରହିଁ ମୁହିଁ ଓ ଅନ୍ୟଙ୍କର ନୁହେଁ—ମୁଁ ତାହାଙ୍କର ଘରକୁହିଁ ଯିବି । ସେହି କେବଳ ମୋର ପିତୃ ପ୍ରଭୃତି—କିନ୍ତୁ ଏହି ଅଜ୍ଞ ବାଳକ ବୁଦ୍ଧିମାନ୍ ହେଲେହେଁ ମୋର ପୂର୍ବର ମହାଗମ୍ଭୀର ହୃଦୟରେ ପ୍ରବେଶ କରିବାରେ ଅସମର୍ଥ ହୋଇ ତାହାର ସେହି ବାକ୍ୟ ଶୁଣି କୃଷ୍ଣଙ୍କର ଏହା ଅଭିପ୍ରାୟ ବୋଲି ଜାଣି ଏଠାକୁ ଆସି ମୋତେ ସେହିପରି ପ୍ରବୋଧ କଲା । କିନ୍ତୁ ମୋ ପୂର୍ବଦ୍ୱାରା ଏହା ଶ୍ରୁତିରେ ସର୍ବ ଉକ୍ତ ହୋଇଥିଲା କି, ଯେ ମୋଠାରେ ଭକ୍ତି କରିବ ସେ ମୋର ପିତାଦି, ତାହାଙ୍କ ଗୃହରେ ମୁଁ ବାସ କରିବି" ଇତ୍ୟାଦି ।

## ଷଷ୍ଠବିଂଶ ଛାନ୍ଦ

ଉଦ୍ଧବଙ୍କ ସମୀପାଗମନରେ ଗୋପୀମାନଙ୍କ ଭ୍ରମ ଦୂର—ଅତିଶୟ ବିରହ-ତା ପରେ ସେମାନଙ୍କ ସ୍ୱକର୍ମ ନିନ୍ଦା—କୃଷ୍ଣସନ୍ଦେଶଶ୍ରବଣାଭିପ୍ରାୟରେ ଉଦ୍ଧବଙ୍କୁ ପରିବେଷ୍ଟନ—ଗୋପୀମାନଙ୍କୁ ଉଦ୍ଧବଙ୍କ କୃଷ୍ଣ ପ୍ରତ୍ୟାଗମନରୂପ ଆଶ୍ୱାସ ପ୍ରଦାନ ।

**ବକ୍ତ୍ରଃ**—ଗୋପୀମାନେ ନିଜେ ନିଜର ଦଶା ବାହାନା ଦେବକୁ ଧିକ୍କାର କରି କୃଷ୍ଣଙ୍କ ନିଷ୍ଠୁର ବ୍ୟବହାର ବିଷୟ ଉଦ୍ଧବଙ୍କୁ କହିଥିଲେ । ୩,୮ ଓ ୧୪ ପର୍ଦ୍ଦା ଦ୍ରଷ୍ଟବ୍ୟ । କବି ଏ ଛନ୍ଦରେ ଯେ ଉପମାବଳି ଦ୍ୱାରା ଗୋପୀମାନଙ୍କୁ ବିଳାପ କରାଇଅଛନ୍ତି ତାହା ଭାଗବତସ୍ଥିତ ଉପମାବଳିଠାରୁ ପୃଥକ୍ । କିନ୍ତୁ ଉଭୟର ଭାବ ସମାନ ? ଉଦ୍ଧବ ଗୋପୀମାନଙ୍କ ଦୁଃଖ ଦେଖି ବିସ୍ମିତ ହୋଇ କହିଲେ, "ଧନ୍ୟ ଏ ଆଭୀରନାରୀ ମହିମା ଦୁର୍ଲଭ । ଭାବେ କିଣନ୍ତି ଦୀନବାନ୍ଧବ କୃଷ୍ଣଙ୍କୁ ।"

ଗୋପୀମାନେ ଗୃହପାଖରେ ବେଢ଼ି ବସିଲେ । ସେମାନଙ୍କ ମଧ୍ୟରେ କବି ବୃନ୍ଦାଙ୍କୁ ଗୋବିନ୍ଦଲୀଳାର ଜଣେ ପ୍ରଧାନ ଆସ୍ୱାଦନକାରିଣୀ, ସଂଯୋଜୟିତ୍ରୀ ବା ନାୟିକାରୂପେ ଦର୍ଶାଇ ଅଛନ୍ତି;

"ମଧ୍ୟରେ ଗୋବିନ୍ଦ ଦୂତ କହନ୍ତି ବାରତା ।
ବୃନ୍ଦା ଆଦି ଗୋପୀମାନେ ଶୁଣନ୍ତି ସମସ୍ତ ।
ବୃନ୍ଦା ପଚାରନ୍ତି କିସ କହିବ ହେ କହ ।
ଗୋବିନ୍ଦ ବିଷୟଙ୍କୁ ଶୁଣାଇ ରଖ ଦେହ ।"

## ସପ୍ତବିଂଶ ଛାନ୍ଦ

ଏହି ଛାନ୍ଦରେ କବି ଭକ୍ତଚରଣ ଉଦ୍ଧବମୁଖରେ କୃଷ୍ଣଚନ୍ଦ୍ରଙ୍କ ଅଳଂଘନେ ଫେରି ଆସିବା ଓ କୃଷ୍ଣଚନ୍ଦ୍ରଙ୍କ ଅନ୍ତର୍ଯ୍ୟାମିତ୍ୱ, ଚତୁର୍ଭୁଜ ହରିରୂପରେ ଜ୍ଞାନଗମ୍ୟତ୍ୱ ପ୍ରଭୃତି ବ୍ରହ୍ମଜ୍ଞାନ କହି ଗୋପୀମାନଙ୍କୁ ପ୍ରବୋଧ କଲେ । ଗୋପୀମାନେ ଜ୍ଞାନଠାରୁ ଭକ୍ତିର ଉତ୍କର୍ଷ ଦର୍ଶାଇ ଉଦ୍ଧବୋକ୍ତିର ଅସାରତା ପ୍ରତିପାଦନ କଲେ । ତତ୍ପରେ ଉଦ୍ଧବ ସମକ୍ଷରେ ଭ୍ରମରର ବୃନ୍ଦା ଗୋପୀର ପାଦଦେଶରେ ପତନ ପରେ ଖଣ୍ଡିତା ଗୋପୀଙ୍କ ଦ୍ୱାରା କୃଷ୍ଣଚନ୍ଦ୍ରଙ୍କ କାତରତ୍ୱ, ନିଷ୍ଠୁରତ୍ୱ ଓ ପତି ପୁତ୍ର ବିଷୟାଦି ପରିତ୍ୟାଗ କରି ତତ୍ପଦାଶ୍ରୟ ଫଳରେ, ନିଜ ନିଜର ଦାରୁଣ ଯନ୍ତ୍ରଣା ଅନୁଭବ ବୁଝାଇ, ଦକ୍ଷିଣ ନାୟକ କୃଷ୍ଣଙ୍କ ସହଧର୍ମୀ ଚରଣପତିତ ଦୂତ ଭ୍ରମରକୁ ପାଦଚାଳନଦ୍ୱାରା ବିତାଡ଼ନା କଲେ । ତଦ୍ଦର୍ଶନରେ ଉଦ୍ଧବଙ୍କ ସାଶ୍ଚର୍ଯ୍ୟ ଅନୁଭୂତି ଓ ଭାବ ବେଶରେ ଗୋପୀଙ୍କ ପଦରେ ନମସ୍କାର ଅନେ୍ୟ (ନା)! ଉତ୍କର୍ଷଦ୍ୱେଷୀ ଉଦ୍ଧବ ଗୋପୀଙ୍କର ଉକ୍ତ ପ୍ରତ୍ୟୁକ୍ତିରେ ଉଦ୍ଧବଙ୍କ ଭକ୍ତିର ଶ୍ରେଷ୍ଠତ୍ୱ ସ୍ୱୀକରଣ । ଗୋପୀମାନଙ୍କ ଦ୍ୱାରା ଉଦ୍ଧବଙ୍କୁ କୃଷ୍ଣକ୍ରୀଡ଼ା ସଙ୍କେତ ସ୍ଥାନ ପ୍ରଦର୍ଶନ । ଉଦ୍ଧବଙ୍କ କୃଷ୍ଣପତ୍ରିକା ଅର୍ପଣ ଓ ଚନ୍ଦ୍ରାବଳୀର ପତ୍ର ପଠନ ।

ବିଚାର:—ଭାଗବତରେ କୃଷ୍ଣଚନ୍ଦ୍ରଙ୍କ ଦ୍ୱାରା ନିଷ୍ଠୁରଭାବରେ ପରିତ୍ୟକ୍ତ ହେବା ବିଷୟ କହି ଗୋପୀମାନଙ୍କ "କୃଷ୍ଣର ଲୀଳା କର୍ମମାନ, ସୁନ୍ଦର କରନ୍ତି ରୋଦନ" ବିଳାପ କରିବା ସମୟରେ ଭ୍ରମର ଆସି କୌଣସି ଗୋପୀଙ୍କର ପାଦଦେଶରେ ପତିତ ହେବା ଓ ସେହି ଗୋପୀଙ୍କର କୃଷ୍ଣଦୂତ ଜ୍ଞାନରେ ସେହି ଭ୍ରମରକୁ ସାଧିକ୍ଷେପ ଉକ୍ତି କରିବା; ଉଦ୍ଧବଙ୍କର ଗୋପୀଭାବ ଦର୍ଶନରେ ସାଶ୍ଚର୍ଯ୍ୟ ଅନୁଭୂତି ଓ ଗୋପୀମାନଙ୍କ ପ୍ରତି କୃଷ୍ଣଚନ୍ଦ୍ରଙ୍କ ଉପଦେଶ ବା ଆଶ୍ୱାସ-ବାଣୀ ଉଦ୍ଧବଙ୍କ ଦ୍ୱାରା କଥିତ ହେବା ପ୍ରଭୃତି ଭାଗବତରେ ବର୍ଣ୍ଣିତ ଅଛି ।

ମଥୁରାମଙ୍ଗଳରେ କବି କୃଷ୍ଣଙ୍କ ବଚନ ଉଦ୍ଧବମୁଖରେ ନ ଶୁଣାଇ ଉଦ୍ଧବଙ୍କ ଦ୍ୱାରା ଜ୍ଞାନ ଉପଦେଶ ଦିଆଇଅଛନ୍ତି ଓ ଜ୍ଞାନ ଉପଦେଶ ପରେ ଭ୍ରମରର ବିଷୟ ଅବତାରିତ କରି ଭାଗବତକାରଙ୍କଠାରୁ ନିଜର ସ୍ୱାତନ୍ତ୍ର୍ୟ ଦେଖାଇଅଛନ୍ତି । ମୂଳ ଭାଗବତରେ—

"କାଚିନ୍ମଧୁକରଂ ଦୃଷ୍ଟ୍ୱା ଧ୍ୟାୟନ୍ତୀ କୃଷ୍ଣସଙ୍ଗମମ୍
ପ୍ରିୟପ୍ରସ୍ଥାପିତଂ ଦୂତଂ କଳ୍ପୟିତ୍ୱେଦମବ୍ରବୀତ୍ ।"

ଶ୍ରୀଧର ସ୍ୱାମୀ, ସୁଦର୍ଶନ ସୂରି, ବୀରରାଘବ, ବିଜୟଧ୍ୱଜ, ବଲ୍ଲଭାଚାର୍ଯ୍ୟ, ଶୁକଦେବ ପ୍ରଭୃତି ଟୀକାକାରମାନେ "କାଚିତ୍" ଶବ୍ଦର ଅର୍ଥ କୌଣସି ଗୋପୀ ବୋଲି କହି ନୀରବ ରହିଅଛନ୍ତି । ସନାତନ ଗୋସ୍ୱାମୀ, ଜୀବଗୋସ୍ୱାମୀ, ବିଶ୍ୱନାଥ ଚକ୍ରବର୍ତ୍ତୀ, ଏନପଣ୍ଡି,, ସୂରି ପ୍ରଭୃତି ଟୀକାକାରମାନେ 'କାଚିତ୍' ଶବ୍ଦର ଅର୍ଥରେ ବୃଷଭାନୁ-ନନ୍ଦିନୀ ରାଧାଙ୍କୁ ଗ୍ରହଣ କରିଅଛନ୍ତି । ଜଗନ୍ନାଥ ଦାସ ସ୍ୱ ଭାଗବତରେ—

"ଏମନ୍ତେ ଶୁଣ ନରପତି । ଗୋପୀଏ ନାମ ବୃନ୍ଦାବତୀ ।

× × × ×

ଭ୍ରମର ଉଡ଼ୁଥିଲା ଶୂନ୍ୟେ । ବସିଲା ତାହାର ଚରଣେ ।"

ବୃନ୍ଦାବତୀଙ୍କୁ ଗ୍ରହଣ କରିଅଛନ୍ତି । ଭକ୍ତଚରଣ ତ ହାହିଁ କରିଅଛନ୍ତି—"ପଡ଼ିଲା ସେ ବୃନ୍ଦା ଗୋପୀପଦେ ସେ" ୨୨, ୪୦ । ଭ୍ରମର ବିଷୟ ରସକଲ୍ଲୋଳରେ ନାହିଁ । ରସକଲ୍ଲୋଳକାର ଉଦ୍ଧବ ଗୋପୀଙ୍କ କଥୋପକଥନକୁ ପ୍ରକାରାନ୍ତରେ ଉପସ୍ଥାପିତ କରିଅଛନ୍ତି । ରସକଲ୍ଲୋଳରେ ଉଦ୍ଧବ ଜ୍ଞାନମାର୍ଗର ଆଶ୍ରୟ ଗ୍ରହଣ କରି ଗୋପୀମାନଙ୍କ ମନରେ କ୍ରୋଧ ଜନ୍ମାଇ ନାହାନ୍ତି । ସେଥିରେ ପ୍ରଥମରୁ ଗୋପୀଭାବରେ ମୁଗ୍ଧ ହୋଇ ଉଦ୍ଧବ କହିଅଛନ୍ତି;—

"ଜଳେ ଥଳେ ଯୋଗୀ ଯୋଗବାଟ ଜଗି ଦେଖନ୍ତି ନାହିଁ ଯାହାକୁ ।
କେଉଁଭାଗ୍ୟବଳେ ଏତେ କାଳ କୋଳେ ଘେନି ଖେଳିଲ ତାହାଙ୍କୁ ।"୩୩

ରସକଲ୍ଲୋଳରେ ଗୋପୀ ସ୍ୱକରୁଣଭରା ଅଧିକ୍ଷେପବାଣୀ ତଥା ଅଭିମାନୋକ୍ତି ଉଦ୍ଧବଙ୍କୁ ମୁଖ୍ୟଭାବରେ କହିଅଛନ୍ତି । ଭାଗବତରେ କିନ୍ତୁ ସେହି ଗୋପୀ ଭ୍ରମର ଛଳରେ ଉଦ୍ଧବକୁ ସ୍ୱଚ୍ଛନ୍ଦପ୍ରଭାବ ବ୍ୟକ୍ତ କରିଅଛନ୍ତି । *ମଥୁରାମଙ୍ଗଳରେ

---

*"ମଧୁକରୋପଦେଶେନ ଉଦ୍ଧବମେବାବ୍ରବୀତ୍"—ଶ୍ରୀଧର ଓ ବୀରରାଘବ
"ଭ୍ରମର ଉଦ୍ଧବସ୍ଥାନେ ଦୂତମାରୋପ୍ୟ ପ୍ରାୟଃ ସାକ୍ଷାଦୁଦ୍ଧବଂ ପ୍ରତି କାତରବଚନୋ ! ଲଭ୍ୟ ଚ ବକ୍ତୁମଶକ୍ୟତ୍ୱାଦେଦମବ୍ରବୀତ୍" ଶୁକଦେବ ।

୪୨ ପଦଠାରୁ ୫୩ ପଦ ପର୍ଯ୍ୟନ୍ତ ପଦମାନଙ୍କରେ ମୂଳ ଭାଗବତର ୧୦ । ୪୭-୧୨ ଶ୍ଳୋକର * ଭାବ ପର୍ଯ୍ୟନ୍ତ ସଂରକ୍ଷିତ ହୋଇଅଛି ।

"କଲାଜନେ ନ ଯିବୁ ପରତେ"—୫୫ ପଦ ଓ "ଦେଖ କଳା ନନ୍ଦବଳା ଆମ୍ଭ ଜାତି କୁଳ ନେଲା କାଳେ କାଳେ ରଖିଲା ଦୂଷଣ ।"୫୬ପଦର ପଂକ୍ତିଦ୍ୱୟ ମୂଳ ଭାଗବତର ୪୭ ଅଧ୍ୟାୟସ୍ଥ ୧୭ ଶ୍ଳୋକର "ଅଲମସିତସଖ୍ୟୈଃ"ର ଛାୟା । "ଶ୍ୟାମା ଇଦୃଶା ଭବନ୍ତି ତତ୍‌କସ୍ୟାପି ଶ୍ୟାମସ୍ୟ ସଖ୍ୟୈରଲମ୍"(ସନାତନ ଗୋସ୍ୱାମୀ । ) ଅସିତେଷ୍ଣ ନ୍ୟାୟେନ ନୈଲ୍ୟଂ କୃଷ୍ଣଂ ହିଛ ପାମରନ୍ୟାୟେୈଃଭ-ସ୍ତେଡଃ"(ବୀରରାଘବ) ଇତ୍ୟାଦି ୫୬ ପଦସ୍ଥ "ଫୁଲଗଭା ପ୍ରାୟେ କରି ଫିଙ୍ଗିଦେଲା ଭୋଗ ସାରି" ପଂକ୍ତି ମୂଳ ଭାଗବତରେ "ସକୃଦଧରସୁଧାଂ ସ୍ୱାଂ ମୋହିନୀଂ ପାୟୟିତ୍ୱା ସୁମନସ ଇବ ସଦ୍ୟସ୍ତତ୍ୟଜେଽସ୍ମାନ୍ ଭବାଦୃକ୍" ୧୦ । ୪୭ । ୧୩ ପଦସ୍ଥ ପ୍ରଥମ ଚରଣର ଅନୁରୂପ । ଉପରି କଥିତ ଦୁଇ ବିଷୟ ଜଗନ୍ନାଥଙ୍କ ଭାଗବତରେ ନାହିଁ ।

"ନ ମାନିଲୁ ଗୁରୁଜନ•••କୁଲଟା ହୋଇଲୁ ବ୍ରଜବାଳୀ" ଏହି ୬୧ ପଦଟି ଜଗନ୍ନାଥ ଦାସଙ୍କ ଭାଗବତର "ପତି ତନୟ ଇଷ୍ଟ ଭାଇ । ଆମ୍ଭେ ତେଜିଲୁ ତୋର ପାଇଁ" ଓ ମୂଳ ଭାଗବତର "ସ୍ୱକୃତ ଇହ ବିସୃଷ୍ଟାପତ୍ୟପତ୍ୟନ୍ୟଲୋକାଃ ।"

ପୁନଶ୍ଚ ୭୨ ପଦସ୍ଥ "ଦେଖ ରେ ଷଟ୍‌ଚରଣ କୁଚ ଯୁଗରେ ଭୂଷଣ କରିଅଛୁଁ କରଜଚିହ୍ନକୁ" ପଂକ୍ତିର ଅନୁରୂପ "ଦଦୃଶୁରସକୃଦେବାତତ୍‌ନଖସ୍ପର୍ଶ ତୀବ୍ର-ସ୍ମରରୁଜ" ମୂଳ ଭାଗବତର ୧୦।୪୭।୧୯ ପଦର ଦ୍ୱିତୀୟ ଚରଣର ଅଂଶ ଦର୍ଶନୀୟ ।

ଏହି ଭ୍ରମର ଗୀତା—ଅର୍ଥାତ୍ ଭ୍ରମର ପ୍ରତି ଗୋପୀଙ୍କ ଉକ୍ତିକୁ ବୈଷ୍ଣବ-ମାନେ ଉପନିଷଦ୍‌ସାରସଂଗ୍ରହ ରୂପେ କହିଅଛନ୍ତି । ମଥୁରାମଙ୍ଗଳରେ ଏହି ଗୀତାର ବିଷୟ ୪୨ପଦଠାରୁ ୭୨ ପଦ ପର୍ଯ୍ୟନ୍ତ ୨୨ ପଦରେ ଯଥା କଥଞ୍ଚିତ୍ କଥିତ

---

* ମଧୁପ କିତପବନ୍ଧୋ ! ମାସ୍ପୃଶାଙ୍ଘ୍ରିଂ ସପତ୍ନ୍ୟାଃ କୁଚବିଲୁଳିତମାଲା କୁଙ୍କୁମ ଶ୍ମଶ୍ରୁଭିର୍ନଃ; ବହତୁ ମଧୁପତିସ୍ତାନ୍ ମାନିନୀନାଂ ପ୍ରସାଦଂ ଯଦୁସଦସି ବିଡ଼ମ୍ବ୍ୟଂ ଯସ୍ୟ ଦୂତସ୍ତ୍ୱମୀଦୃକ୍ ।୧୦ ।୪୭। ହେ ଧୂର୍ତ୍ତବନ୍ଧୁ ଭ୍ରମର ! ଆମର ଚରଣ ସ୍ପର୍ଶ କର ନାହିଁ । ଦେଖୁଛି ତୋର ଶ୍ମଶ୍ରୁରେ ସପତ୍ନୀଙ୍କ ( ମଥୁରାନାରୀଙ୍କ) ସ୍ତନ-ସ୍ପୃଷ୍ଟ ମାଳାର କୁଙ୍କୁମ ଲାଗିଅଛି । ମଧୁପତି ସେହି ସବୁ ମାନିନୀଙ୍କର ଯଦୁସଭାର ଉପହାସର ବିଷୟୀଭୂତ ଓ ପ୍ରସାଦ ବହନ କରନ୍ତୁ । କିତପେ ବାନ୍ଧବ ତୁ ଅଟେ... କୁଙ୍କୁମ ଲାଗିଅଛି ମୁଖେ ॥ ଜ : ଭା:—

ହୋଇଅଛି । ଭନ୍ମଧରୁ ୫୩, ୫୪, ୫୭—୬୦, ୬୨—୬୫ ପଦମାନ କବି ସ୍ୱକଳ୍ପିତରେ ସଂଯୋଜନ କରିଅଛନ୍ତି । ଭ୍ରମର ପ୍ରତ୍ୟୁକ୍ତି "ଏମନ୍ତ ବୋଲି ସେ ବାଳୀ ..ଦିଗେ ଗଲି" ୬୨ ପଦର ବିଷୟ ଭାଗବତରେ ନାହିଁ । ଏହା କବିଙ୍କ କଳ୍ପନାପ୍ରସୂତ । ଉଦ୍ଧବ ଜ୍ଞାନମାର୍ଗକୁ ଆଶ୍ରୟ କରି ଗୋପୀମାନଙ୍କୁ ସାନ୍ତ୍ୱନା ଦେବାକୁ ଲାଗିଲେ । ସେ ପ୍ରଥମରେ "ଆସିବେ ଅଳ୍ପ ଦିନେ ଶ୍ୟାମ"କହି ବନମାଳୀଙ୍କୁ ଅନ୍ତର୍ଯାମୀ, ବ୍ରହ୍ମ, ଚତୁର୍ଭୁଜ ହରିରୂପେ ପ୍ରତିପାଦନ କରିବା ଦ୍ୱାରା ଗୋପୀଙ୍କ ନିକଟରେ ନିଜର ଶୁଷ୍କ ଜ୍ଞାନଭାବର ତଥା ଭକ୍ତିହୀନତାର ପରିଚୟ ଦେଲେ । କାରଣ କୃଷ୍ଣଚନ୍ଦ୍ର ଅନ୍ତର୍ଯାମୀ ହେଲେହେଁ ଗୋପ ଗୋପୀଙ୍କ ଦୃଷ୍ଟିରେ ସେ ଶରୀରଧାରୀ ଲୀଳାରୂପୀ ରୂପେ ବିରାଜିତ । ବ୍ରହ୍ମରୂପେ କହି ସେ ଭଗବାନ୍ କୃଷ୍ଣଚନ୍ଦ୍ରଙ୍କୁ ଖର୍ବ କରିଦେଲେ । ବ୍ରହ୍ମ ତାଙ୍କ ତନୁର କିରଣ । କୃଷ୍ଣଚନ୍ଦ୍ର ଅବୟବୀ, ବ୍ରହ୍ମ ତାଙ୍କ ଅବୟବ ସମଷ୍ଟିର ଜ୍ୟୋତି । ତାହା ତାଙ୍କ ଶକ୍ତି ବା ଗୁଣର ରୂପାନ୍ତର ମାତ୍ର (୧୪ ପଦର ଟୀକା ଦେଖ) ଧ୍ୟାନଗମ୍ୟ ଋଷିସେବ୍ୟ ଶଙ୍ଖଚକ୍ର-ଗଦାଧାରୀ ବିଷ୍ଣୁ କହିଲେ—ସେ କୃଷ୍ଣଚନ୍ଦ୍ରଙ୍କର ଅଂଶାଂଶ ଧରିବାକୁ ହେବ । ତତ୍ତ୍ୱ ସେ ଭଗବାନ୍ ନୁହନ୍ତି ! (ଷଡ଼ଚକ୍ର ଓ ମଣିମଣ୍ଡପ ବିଷୟ ଟୀକାରେ ଦେଖ ) ।

ଜ୍ଞାନ ରସହୀନ, ଅସାର ଓ ତୁଚ୍ଛ ରୂପେ ଗୋପୀଙ୍କଦ୍ୱାରା କଥିତ ହୋଇ-ଅଛି । ବର୍ତ୍ତମାନ ବିଚାର୍ଯ୍ୟ ଜ୍ଞାନ କଅଣ ? ସାଧାରଣତଃ ଶାସ୍ତ୍ରରେ ପରିଦୃଷ୍ଟ ହୁଏ ଯେ, ଜ୍ଞାନର ଫଳ ମୁକ୍ତି । ମୁକ୍ତି ଭାଗବତରେ କୈତବ ରୂପେ ପ୍ରତିପାଦିତ । ଜ୍ଞାନ ପ୍ରାକୃତିକ ଗୁଣଲୋପରେ ନିର୍ଗୁଣ ଭାବରେ ଅଧିଗତ ହୁଏ । ରସ ନିର୍ଗୁଣର ବିଷୟ ନୁହେ । ଗୁଣବତ୍ତ୍ୱରେ ରସବତ୍ତ୍ୱ ସ୍ୱୀକୃତ । ଭଗବାନ୍ କୃଷ୍ଣଚନ୍ଦ୍ରଙ୍କ ଲୀଳା ଅର୍ଥାତ୍ ଗୁଣ ପ୍ରକଟନରେ ରସବତ୍ତା ଅଙ୍ଗୀକାର କରିବାକୁ ହେବ । ସେ ଗୁଣ ପ୍ରାକୃତ ଗୁଣ ନୁହେଁ; ତାହା ଅହଙ୍କାରବର୍ଜିତ—ମାୟୋପାଧିଶୂନ୍ୟ । ଭଗବତ୍ ଗୁଣ ମହିମା ସମକ୍ଷରେ ମାନବର ଆତ୍ମସମର୍ପଣହେତୁକ ଅପ୍ରାକୃତ ଆନନ୍ଦ ଉପଲବ୍ଧିହିଁ ଭକ୍ତିନାମରେ ପର୍ଯ୍ୟବସିତ । ଏତଦ୍ଦୃଷ୍ଟିରେ ଜ୍ଞାନ ଭକ୍ତିସମକ୍ଷରେ ହୀନ । ଭଗବାନଙ୍କଠାରେ ଆତ୍ମସମର୍ପଣ ବିଷୟ କବି ୧୧ ପଦରେ ସୁନ୍ଦର ରୂପେ ଉପସ୍ଥାପିତ କରିଅଛନ୍ତି । ବର୍ତ୍ତମାନ ବିଚାର୍ଯ୍ୟ ଯେ ଜ୍ଞାନ କଅଣ ଆଦୌ ପରିହାର୍ଯ୍ୟ ? ମଥୁରାମଙ୍ଗଳର ୨୬ ଛାନ୍ଦର ୧୨ ପଦରେ କବି ଯାହା କହିଛନ୍ତି, ସେଥିରୁ ସ୍ପଷ୍ଟ ଜଣାଯାଏ, ଯେପରି କି ଜ୍ଞାନକୁ ଏକାବେଳକେ ପରିହାର କରିବାକୁ ପଡ଼ିବ । "ତଥାପି ମଧୁର ରସେ, ଜ୍ଞାନ ଯେବେ ଅଳ୍ପ ମିଶେ, ତାକୁ ସେ କରଇ ବେଗେ ନାଶ" ଇତ୍ୟାଦି ଏହି ଉକ୍ତି ଭକ୍ତିଚରଣ ଗୋପୀମୁଖରେ କରାଇ-ଅଛନ୍ତି । ଗୋପୀମାନଙ୍କ ସ୍ୱରୂପ ବା ଭାବ ନିର୍ଣ୍ଣୟ କଲେ ବିଷୟର ସୁନ୍ଦର ପ୍ରତିପତ୍ତି ହେବ । ବୈଷ୍ଣବ-ପୁରାଣମାନଙ୍କ ଅନୁସାରେ ଗୋପୀମାନେ ଚତୁର୍ବିଧ; ଯଥା:—

ବ୍ରଜକନ୍ୟା, ବେଦକନ୍ୟା, ମୁନିକନ୍ୟା ଓ ଦେବକନ୍ୟା; ଏହିମାନେ ରାସଲୀଳାର ଆସ୍ୱାଦନକାରିଣୀ । ଏମାନଙ୍କ ବିଷୟ ବିଶଦଭାବରେ ପ୍ରେମପଞ୍ଚାମୃତର ମୁଖବନ୍ଧରେ କଥିତ ହୋଇଅଛି । ବ୍ରଜକନ୍ୟାମାନେ ନିତ୍ୟସିଦ୍ଧା କୃଷ୍ଣଙ୍କର ନିତ୍ୟଲୀଳା ଆସ୍ୱାଦନକାରିଣୀ ଓ ଅଙ୍ଗଭୂତା । ରାଧାଙ୍କର ଉଦ୍ଧବଙ୍କୁ ଜ୍ଞାନତତ୍ତ୍ୱ ଉପଦେଶ ବ୍ରହ୍ମବୈବର୍ତ୍ତ ପୁରାଣରେ ବିସ୍ତର ଭାବରେ କଥିତ ହୋଇଅଛି । ଅନ୍ୟମାନେ ସାଧନସିଦ୍ଧା । ଏହି ଚତୁର ଶ୍ରେଣୀ ମଧ୍ୟରୁ କେହି ଜ୍ଞାନବର୍ଜିତା ନୁହନ୍ତି । କୃଷ୍ଣଚନ୍ଦ୍ର ସଚ୍ଚିଦାନନ୍ଦ ବିଗ୍ରହ, ତହୁଁ ତାଙ୍କ ଲୀଳା ଚିନ୍ମୟୀ । ତାଙ୍କ ଅଙ୍ଗଭୂତା ନିତ୍ୟସିଦ୍ଧାମାନେ ମଧ୍ୟ ଚିନ୍ମୟୀ । ଉଗ୍ରତପା ପ୍ରଭୃତି ଋଷିମାନେ ଓ ଦଣ୍ଡକାରଣ୍ୟବାସୀ ମୁନିମାନେ ଗୋପତ୍ୱ ପ୍ରାପ୍ତ ହେବା ପୁରାଣପ୍ରସିଦ୍ଧ । ଜ୍ଞାନମୟୀ ବେଦକନ୍ୟା ଓ ଦେବକନ୍ୟାମାନେ ମଧ୍ୟ ଗୋପୀତ୍ୱ ପ୍ରାପ୍ତ ହୋଇ କୃଷ୍ଣଙ୍କ ଚିତ୍‌ଲୀଳାର ବିଳାସିନୀ ହେବା ଭାଗବତ ଓ ପଦ୍ମାଦି ପୁରାଣମାନଙ୍କରେ ଲକ୍ଷିତ ଅଛି । ତହୁଁ ଗୋପୀମାନେ ଜ୍ଞାନବର୍ଜିତା ନୁହନ୍ତି । ତେବେ ଉପର କବିଙ୍କ ଉକ୍ତିକୁ ଏ ସ୍ଥଳରେ ସମର୍ଥନ କରାଯିବ । ତାର ଅଭିପ୍ରାୟ ଏହି ଯେ, ଜ୍ଞାନର ପରିଣତିରେ ଜୀବ ଆନନ୍ଦ ଉପଲବ୍ଧି କରେ । ସେହି ଆନନ୍ଦ ସୁଖରୂପ, ତାହା ଯୋଗର ଚରମ ଫଳ, ତାହାହିଁ ଭକ୍ତିନାମରେ ଅଭିହିତ । ସେ ଅବସ୍ଥାରେ ଜ୍ଞାନ ତାର ଆତ୍ମସତ୍ତା ହରାଇ ଭକ୍ତିଦେବୀଙ୍କ ମାହାତ୍ମ୍ୟରେ ବିହ୍ୱଳ ହୋଇପଡ଼େ । ଏ ସ୍ଥଳରେ ଜ୍ଞାନ ଭକ୍ତିର ସୋପାନ ମାତ୍ର । ସେହି ସୋପାନ ଅତିକ୍ରମ କରି ଭକ୍ତିର କୋଠିରେ ଅବସ୍ଥିତ କରିବା ଜୀବର ଭାଗ୍ୟରେ କ୍ୱଚିତ୍ ଘଟିଥାଏ । ଯେଉଁମାନଙ୍କର ସେହି ଅହୈତୁକୀ ଭକ୍ତି ସମ୍ଭବେ, ସେହିମାନେହିଁ ଶ୍ରୀକୃଷ୍ଣଲୀଳା-ଅସ୍ୱାଦନକାରୀ । ବର୍ତ୍ତମାନ ଭକ୍ତିର ସ୍ୱରୂପ ବିଚାର କର୍ତ୍ତବ୍ୟ—ଭକ୍ତି ବିହିତା ଓ ଅବିହିତା ରୂପରେ ଦ୍ୱିବିଧ । ବିହିତା ଭକ୍ତି ଶୁଦ୍ଧା ଓ ମିଶ୍ରା ରୂପରେ ଦ୍ୱିପ୍ରକାର । ମିଶ୍ରାଭକ୍ତି ତ୍ରିବିଧ—ଯଥା:—ତାମସୀ, ରାଜସୀ ଓ ସାତ୍ତ୍ୱିକୀ । ହିଂସାର୍ଥୀ, ଦମ୍ଭାର୍ଥୀ ଓ ମାତ୍ସର୍ଯ୍ୟାର୍ଥୀ ରୂପେ ତାମସୀ ମିଶ୍ରା ଭକ୍ତି ତିନି ପ୍ରକାର; ରାଜସୀ କର୍ମମିଶ୍ରା ଭକ୍ତି ତ୍ରିବିଧ—ବିଷୟାର୍ଥୀ, ଯଶୋଽର୍ଥୀ ଓ ଐଶ୍ୱର୍ଯ୍ୟାର୍ଥୀ । ସାତ୍ତ୍ୱିକୀ ମଧ୍ୟ ତ୍ରିବିଧ:—କର୍ମପାପ୍ୟାର୍ଥୀ, ବିଷ୍ଣୁପ୍ରୀତିସିଦ୍ଧ୍ୟର୍ଥୀ । କର୍ମମିଶ୍ରା ଭକ୍ତି ଗୃହସ୍ଥମାନଙ୍କ ଠାରେ ପରିଦୃଷ୍ଟ ହୋଇଥାଏ । କର୍ମଜ୍ଞାନମିଶ୍ରା—ଉତ୍ତମ, ମଧ୍ୟମ ଓ ଅଧମ ରୂପରେ ତ୍ରିବିଧ—ଏହା ବାନପ୍ରସ୍ଥଙ୍କଦ୍ୱାରା ଆଚରିତ । ଜ୍ଞାନମିଶ୍ରା ନିର୍ଗୁଣା ଭକ୍ତି—ଏହା ଭିକ୍ଷୁଙ୍କଦ୍ୱାରା ସେବିତ । ଶୁଦ୍ଧା ବିହିତା ଭକ୍ତି—ଅହୈତୁକୀ, ଅବ୍ୟବହିତା ରୂପରେ ଜ୍ଞାତ । ଏହା କୃଷ୍ଣଲୀଳା ଆସ୍ୱାଦନକାରୀ ବୈଷ୍ଣବମାନଙ୍କର । ଅବିହିତା ଭକ୍ତି ( ରୁଚି ବା କାମାନୁଗା )—କାମଜା, ଦ୍ୱେଷଜା, ଭୟଜା ଓ ସ୍ନେହଜା ରୂପରେ ଚତୁଃପ୍ରକାର । କାମଜା—ଗୋପୀପ୍ରଭୃତିଙ୍କର; ଦ୍ୱେଷଜା—ଶିଶୁପାଳପ୍ରଭୃତିଙ୍କର; ଭୟଜା କଂସପ୍ରଭୃତିଙ୍କର ଓ ସ୍ନେହଜା—ପାଣ୍ଡବ ପ୍ରଭୃତିଙ୍କର । ସର୍ବତ୍ର ଜ୍ଞାନର ସତ୍ତା ସ୍ୱୀକାର କରିବାକୁ ହେବ ।

କର୍ମମିଶ୍ରା ଭକ୍ତିରେ ତାମସଜ୍ଞାନ, ରାଜସଜ୍ଞାନ ଓ ସାତ୍ତ୍ୱିକଜ୍ଞାନର ସତ୍ତ୍ୱା ବିଦ୍ୟମାନ। କର୍ମଜ୍ଞାନ-ମିଶ୍ରା ଓ ଜ୍ଞାନମିଶ୍ରା ଭକ୍ତିରେ ଜ୍ଞାନର ବିଷୟ କହିବା ବାହୁଲ୍ୟ ମାତ୍ର। ଶୁଦ୍ଧା ବିହିତା ( ବୈଧୀ ) ଭକ୍ତିରେ କର୍ମ ତଥା ଜ୍ଞାନ ସ୍ୱୀକାର କରିବାକୁ ହେବ। କାରଣ, କୃଷ୍ଣ ଭଜନୀୟ—ଏହି ଅନୁସନ୍ଧାନ ରୂପ ଜ୍ଞାନ ଓ ଶ୍ରୀକୃଷ୍ଣଙ୍କ ଭଜନାଦି କର୍ମ ଏହି ଶୁଦ୍ଧା ଭକ୍ତିରେ ବର୍ଜନୀୟ ନୁହେଁ। ତେବେ କେଉଁ କର୍ମଜ୍ଞାନ ଓ ବୈରାଗ୍ୟ ତ୍ୟାଜ୍ୟ; ତାହା ଅଧୁନା ବିଚାର୍ଯ୍ୟ। ଭକ୍ତି ଜୀବର ଏକମାତ୍ର ପୁରୁଷାର୍ଥ ସାଧନ। ଏହି ଭକ୍ତି ହ୍ଲାଦିନୀ ( ଆନନ୍ଦମୟୀ ) ଶକ୍ତି ଓ ସମ୍ବିତ୍ ( ଜ୍ଞାନ ) ଶକ୍ତିର ସାରଭୂତା। ତେଣୁ ଭକ୍ତିକୁ ଜ୍ଞାନରୂପିଣୀ ଓ ଆନନ୍ଦଦାୟିନୀ କହିବାକୁ ହେବ। ଜ୍ଞାନର ସାରହିଁ ଭକ୍ତି। ଏହି ଜ୍ଞାନ ଦ୍ୱିବିଧ—ବିଦ୍ୟା ଓ ବେଦନ। ଶୁଦ୍ଧତତ୍ତ୍ୱାର୍ଥାନୁସନ୍ଧି "ଅର୍ଥାତ୍ ନିର୍ଭେଦବ୍ରହ୍ମାନୁସନ୍ଧାନାତ୍ମକ ଜ୍ଞାନର ନାମ ବିଦ୍ୟା" ଏହି ବିଦ୍ୟା କୈବଲ୍ୟ ବା ନିର୍ବାଣ ମୁକ୍ତିର ସାଧନ। ଏହି ବିଦ୍ୟା ମୁକ୍ତିଚତୁଷ୍ଟୟ ( ସାଲୋକ୍ୟ, ସାରୂପ୍ୟ, ସାମୀପ୍ୟ ଓ ସାଯୁଜ୍ୟ ) ସାଧକ ଜ୍ଞାନ ବା ବିଧିଭକ୍ତି ଅଟେ। ନିର୍ଗୁଣ ଭକ୍ତିରୂପ ପ୍ରକୃତପୁରୁଷାର୍ଥସାଧକ ଜ୍ଞାନ ବା ରୁଚିଭକ୍ତି ( ଅବିହିତା ) ବା ( କାମାନୁଗା ) ର ନାମ ବେଦନ। ଶାସ୍ତ୍ରୀୟ ଜ୍ଞାନ ଓ ବୈରାଗ୍ୟ ଭକ୍ତ୍ୟୁତ୍ଥ ଦ୍ୱାରଭୂତ। ଜ୍ଞାନ ଓ ବୈରାଗ୍ୟ ସାଧାରଣତଃ ଭକ୍ତିମାର୍ଗରେ ବର୍ଜନୀୟ ହେଲେହେଁ ଅବିରୋଧୀ। ଜ୍ଞାନ ଓ ବୈରାଗ୍ୟ ଚିତ୍ ପ୍ରବେଶରେ ସହାୟ, ଏହା ଅବଶ୍ୟ ସ୍ୱୀକାର୍ଯ୍ୟ।* ଯେ ଜ୍ଞାନ ଓ ବୈରାଗ୍ୟଦ୍ୱାରା ଚିତ୍ତର କଠିନତା ଜାତ ହୁଏ, ତାହା ଭକ୍ତିମାର୍ଗରେ ବର୍ଜନୀୟ। ଭକ୍ତି ଅତ୍ୟନ୍ତ ସୁକୁମାର ପ୍ରକୃତି, କୌଣସି ପ୍ରକାରରେ ଚିତ୍ତରେ କଠିନତା ଜାତ ହେଲେ ଭକ୍ତି ସ୍ଫୂର୍ତ୍ତିର ବ୍ୟାଘାତ ହୁଏ ବୋଲି କଥିତ ଅଛି।

"କର୍ମ ବିକ୍ଷେପକଂ ତସ୍ୟା ବୈରାଗ୍ୟଂ ରସଶୋଷକମ୍
ଜ୍ଞାନଂ ହାନିକରଂ ତତ୍ତ୍ୱଚ୍ଛେଦାଧିକଂ ଭିନ୍ନଯାତି ତାମ୍।"

---

*ଦୁରଧିଗମାର୍ଥକ ଶ୍ରୁତିଯୁକ୍ତିଭ୍ୟାଂ ଦୁଷ୍କରସ୍ତତ୍ରାପି ବହୁବିଷୟକତ୍ୱେନ ବହୁଶାଖଃ ତତ୍ତ୍ୱବିମର୍ଶଃ। ସ ଗୃନନ୍ଦରୂପ ଭଗବଦ୍ବିଭାବନୋପନତମାର୍ଦ୍ଦବେ ତଦେକାନୁରକ୍ତେ ଚେତସି ନାବୁଝମର୍ହତି କାର୍କଶ୍ୟକରତ୍ୱାତ୍। କିନ୍ତୁ ବୈମୁଖ୍ୟିନାଂ ଏବଂ କଦାଚିଦ୍ଭଗବଦ୍ଭାବାନୁଭବତୟା ପ୍ରବର୍ତ୍ତତେ ( ଗୋବିନ୍ଦଭାଷ୍ୟ )। ଦୁରଧିଗମାର୍ଥ ଶ୍ରୁତି ଓ ଯୁକ୍ତିଦ୍ୱାରା ତତ୍ତ୍ୱନିର୍ଣ୍ଣୟ ସୁଦୁଷ୍କର। ଏହା ବହୁବିଷୟକ ହେତୁ ବହୁଶାଖାସମନ୍ୱିତ। ଆନନ୍ଦସ୍ୱରୂପ ଭଗବାନଙ୍କ ବିଭାବନଦ୍ୱାରା ମୃଦୁତାପ୍ରାପ୍ତ ଓ ଶ୍ରୀକୃଷ୍ଣାନୁରକ୍ତ ଚିତ୍ତରେ ଏହି ତତ୍ତ୍ୱ ବିଚାର ସଙ୍ଗତ ହୁଏ ନାହିଁ। କାରଣ ତଦ୍ଦ୍ୱାରା ଚିତ୍ତ କର୍କଶ ହୋଇଯାଏ। କିନ୍ତୁ ଏହି ତତ୍ତ୍ୱବିଚାର ଯୋଗୀ ଋଷିଙ୍କ ବ୍ୟୁତ୍ଥାନ କାଳରେ ( ବାହ୍ୟଦଶାରେ ) ସମୟେ ସମୟେ ତତ୍ତ୍ୱବିଦ୍ପ୍ରସଙ୍ଗରେ ତଦ୍ଭାବାନୁଭବ ( ଭଗବତ୍ ଭାବବୋଧ ) ରୂପରେ ପ୍ରବୃତ୍ତ ହୋଇଥାଏ।

କର୍ମ ଚିତ୍ତକୁ ବିକ୍ଷିପ୍ତ କରେ, ବୈରାଗ୍ୟ ଶୁଷ୍କ କରେ, ଜ୍ଞାନ ଶ୍ରଦ୍ଧାଶୂନ୍ୟ କରେ ବୋଲି ଭକ୍ତିରେ ଏହି ତିନୋଟି ବିରୋଧୀ ବସ୍ତୁ ବର୍ଜନୀୟ ହୋଇଅଛି । ଶ୍ରଦ୍ଧାଯୁକ୍ତ ମୁନିମାନେ ଅନୁକୂଳ ଜ୍ଞାନ ବୈରାଗ୍ୟଯୁକ୍ତ ଶ୍ରୁତିଗୃହୀତ ଭକ୍ତିଦ୍ୱାରା ଏହି ତତ୍ତ୍ୱର ସାକ୍ଷାତ୍କାର ଲାଭ କରନ୍ତି ।

ଭଗବାନ୍ ସ୍ୱୟଂ କହିଅଛନ୍ତି ,"ଚତୁର୍ବିଧ ସାଧକଙ୍କ ମଧ୍ୟରେ ନିତ୍ୟଯୁକ୍ତ ଜ୍ଞାନୀ ଯଦି ଏକାନ୍ତ ଭକ୍ତ ହୁଏ, ସେ ସର୍ବାପେକ୍ଷା ଶ୍ରେଷ୍ଠ । ଜ୍ଞାନୀମାନେ ମୋର ପ୍ରିୟ ଏବଂ ମୁଁ ମଧ୍ୟ ଜ୍ଞାନୀମାନଙ୍କର ପ୍ରିୟ *। ପୁନଶ୍ଚ ନିଷ୍କାମକର୍ମୀ, ଜ୍ଞାନୀ ଅଷ୍ଟାଙ୍ଗଯୋଗୀ ଓ ଭକ୍ତିଯୋଗୀ ଏହି ଚତୁର୍ବିଧ ଯୋଗୀଙ୍କ ମଧ୍ୟରେ ଭକ୍ତିଯୋଗୀ ଶ୍ରେଷ୍ଠ †। ଯୋଗ ଗୋଟିଏ ସୋପାନମୟ ମାର୍ଗବିଶେଷ । ନିଷ୍କାମ କର୍ମଯୋଗ ଏହି ସୋପାନର ପ୍ରଥମ କ୍ରମ । ସେଥିରେ ଜ୍ଞାନ ଓ ବୈରାଗ୍ୟ ଯୁକ୍ତ ହୋଇ ଦ୍ୱିତୀୟ କ୍ରମରୂପ ଜ୍ଞାନଯୋଗ ହୁଏ । ସେଥିରେ ପୁନଶ୍ଚ ଈଶ୍ୱର-ଚିନ୍ତାରୂପ ଧ୍ୟାନ ଯୁକ୍ତ ହେଲେ, ଅଷ୍ଟାଙ୍ଗ ଯୋଗରୂପ ତୃତୀୟକ୍ରମ ହୁଏ । ସେଥିରେ ଭଗବତ୍ ପ୍ରୀତି ସଂଯୁକ୍ତ ହେଲେ ଭକ୍ତିଯୋଗରୂପ ଚତୁର୍ଥକ୍ରମ ହୁଏ । ନିର୍ଗୁଣ ଜ୍ଞାନମିଶ୍ରା ଭକ୍ତିର ପରିଣାମ ଓ ଶୁଦ୍ଧା ଭକ୍ତି; ଯାହା ଅହୈତୁକୀ ବା ଅବ୍ୟବହିତା ରୂପରେ କଥିତ; ତାହା ଏକ ବୋଲି ଧରିବାକୁ ହେବ । "ଶ୍ରବଣ କୀର୍ତ୍ତିନାଦି ଭକ୍ତିମାସୁ ଯୋଗିତମ" ବିଶ୍ୱନାଥ ଚକ୍ରବର୍ତ୍ତୀ । ମଥୁରାମଣ୍ଡଳକାର ଶୁଦ୍ଧା ବୈଧୀ ଭକ୍ତିର ପକ୍ଷପାତୀ । ଶୁଦ୍ଧାଭକ୍ତିର ସାଧନ ମଧ୍ୟ ସହଜ ନୁହେ । ଏହି ଶୁଦ୍ଧା-ଭକ୍ତିର ଲକ୍ଷଣ ରୂପଗୋସ୍ୱାମୀ 'ଭକ୍ତିରସାମୃତ ସିନ୍ଧୁ'ରେ ଲେଖିଅଛନ୍ତି:—

---

*ପୁନଶ୍ଚ:—ତସ୍ମାନ୍ମଦଭକ୍ତିଯୁକ୍ତସ୍ୟ ଯୋଗିନୋ ବୈ ମଦାତ୍ମନଃ । ନ ଜ୍ଞାନଂ ନ ଚ ବୈରାଗ୍ୟଂ ପ୍ରାୟୋ ଶ୍ରେୟୋ ଭବେଦିହ (ଭାଗବତ) । ମଦ୍‌ଭକ୍ତିଯୁକ୍ତ, ମଦାତ୍ମ ଯୋଗୀମାନଙ୍କ ପକ୍ଷରେ ଜ୍ଞାନ ଓ ବୈରାଗ୍ୟ ପ୍ରାୟ ଶ୍ରେୟସ୍କର ନୁହେଁ । ଜ୍ଞାନ ଓ ବୈରାଗ୍ୟ ଜନ୍ମମୃତ୍ୟୁରୂପ ପାଶର ନାଶକ । ଭଗବତ୍ ପ୍ରେମିକଙ୍କର ଉକ୍ତ ପାଶର ଆଶଙ୍କା ନ ଥିବାରୁ ଜ୍ଞାନ ଓ ବୈରାଗ୍ୟର ବିଶେଷ ପ୍ରୟୋଜନ ଥାଏ ନାହିଁ । ତେବେ ସୁଦ୍ଧା ଭକ୍ତିର ଅଙ୍ଗୀଭୂତ ଜ୍ଞାନ ଓ ବୈରାଗ୍ୟ ବର୍ଜନୀୟ ନୁହେ । ଏହି ହେତୁ ଜ୍ଞାନ ଓ ବୈରାଗ୍ୟ ପ୍ରାୟ ଶ୍ରେୟସ୍କର ନୁହେଁ, ଏରୂପ କଥିତ ହୋଇ-ଅଛି, କାରଣ ଜ୍ଞାନ ବୈରାଗ୍ୟଯୁକ୍ତ କେତେକ ଯୋଗୀଋଷିଙ୍କ ଚିତ୍ତର ଦ୍ରୁତତ୍ୱରେ ଗୋପୀତ୍ୱ ପ୍ରାପ୍ତ ହେବା ଶାସ୍ତ୍ରପ୍ରସିଦ୍ଧ ।

†ଚତୁର୍ବିଧା ଭଜନ୍ତେ ମାଂ ଜନାଃ ସୁକୃତିନୋଽର୍ଜୁନ !
ଆର୍ତ୍ତୋ ଜିଜ୍ଞାସୁରର୍ଥାର୍ଥୀ ଜ୍ଞାନୀ ଚ ଭରତର୍ଷଭ ॥
ତେଷାଂ ଜ୍ଞାନୀ ନିତ୍ୟଯୁକ୍ତ, ଏକଭକ୍ତିର୍ବିଶିଷ୍ୟତେ ।
ପ୍ରିୟୋହି ଜ୍ଞାନିନୋଽତ୍ୟର୍ଥମହଂ ସ ଚ ମମ ପ୍ରିୟଃ ।ଗୀତା,୭-୧୬-୧୭

"ଅନ୍ୟାଭିଲାଷିତାଶୂନ୍ୟଂଜ୍ଞାନକର୍ମାଦ୍ୟନାବୃତମ୍
ଆନୁକୂଲ୍ୟେନ କୃଷ୍ଣାନୁଶୀଳନଂ ଭକ୍ତିରୁତ୍ତମା ।"

ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟରେ ଅନୁକୂଳ ଅନୁଶୀଳନକୁ ( ସେବା, କୀର୍ତ୍ତନ, ସ୍ମରଣ ଇତ୍ୟାଦି ) ଭକ୍ତି କୁହାଯାଏ । ଏହି ଅନୁଶୀଳନ ଜ୍ଞାନ ଓ କର୍ମାଦି ଦ୍ୱାରା *ପ୍ରଭାବିତ ନ ହେଲେ ଓ ଅନ୍ୟ ବସ୍ତୁର ପ୍ରତି ସ୍ପୃହାଶୂନ୍ୟ ହେଲେ ଉତ୍ତମା ଭକ୍ତି ହୁଏ । ଏହା ଗୋପାଳତାପିନ୍ୟୁକ୍ତ ଭକ୍ତିଲକ୍ଷଣର ଅବିକଳ ଅନୁବାଦ କହିଲେ ଚଳେ । "ଭକ୍ତିରସ୍ୟ ଭଜନଂ ତଦିହାମୁତ୍ରୋପାଧିନୈରାସ୍ୟେନାମୁଷ୍ମିନ୍ ମନଃ ସଙ୍କଳନମେତଦେବ ନୈଷ୍କର୍ମ୍ୟମିତି;" ସର୍ବୋପାଧିଶୂନ୍ୟ ହୋଇ ଅନୁକୂଳ ଭାବରେ ଶ୍ରୀକୃଷ୍ଣଭଜନର ନାମହିଁ ଭକ୍ତି ଏବଂ ଏହାଦ୍ୱାରାହିଁ ନୈଷ୍କର୍ମ୍ୟ ସିଦ୍ଧି, ଭକ୍ତିର ତତ୍ତ୍ୱ ଭାଗବତ ଏକାଦଶସ୍କନ୍ଧ ୨ୟ ଅଧ୍ୟାୟ ଓ ତୃତୀୟ ଅଧ୍ୟାୟର ୧୮ଶ ଶ୍ଳୋକଠାରୁ ୩୨ଶ ଶ୍ଳୋକମାନଙ୍କରେ ସୁନ୍ଦର ରୂପରେ ବ୍ୟାଖ୍ୟାନ ହୋଇଅଛି । ଏହାକୁ ଅବଲମ୍ବନ କରି ଗୋସ୍ୱାମୀମାନେ ସେମାନଙ୍କ ଭକ୍ତିଗ୍ରନ୍ଥ ଲେଖିଅଛନ୍ତି । ତାହାକୁ ଅବଲମ୍ବନ କରି ଭକ୍ତଚରଣ ନିଜର ଭକ୍ତିଭାବ ସ୍ୱଗ୍ରନ୍ଥ ମଥୁରାମଙ୍ଗଳରେ ଅଭିବ୍ୟକ୍ତ କରିଅଛନ୍ତି ।

**ଶୁଦ୍ଧାଭକ୍ତି:**—ଅଜ୍ଞପୁରୁଷମାନଙ୍କର ସହଜରେ ବା ଶୀଘ୍ର ଭଗବତ୍ ପ୍ରାପ୍ତି ନିମିତ୍ତ ଯେ ସମସ୍ତ ଉପାୟ ଭଗବାନ୍ ନିଜ ମୁଖରେ କହି ଅଛନ୍ତି, ସେହି ସବୁକୁ ଭାଗବତ ଧର୍ମ ବୋଲି ଜାଣିବ । ହେ ରାଜନ୍ ! ଏହି ସବୁକୁ ଆଶ୍ରୟ କଲେ ବିଘ୍ନ ହୁଏ ନାହିଁ । ଏହି ସବୁ ଧର୍ମରେ ଆଖି ବୁଜି ଦଉଡ଼ିଲେ ସୁଦ୍ଧା ଝୁଣ୍ଟି ପଡ଼ିଯିବ ନାହିଁ । ନିଜର ପ୍ରକୃତିଗତ ଭାବ ହେତୁ ଶରୀର, ମନ ଇନ୍ଦ୍ରିୟସମୂହ, ବୁଦ୍ଧି ଓ ଅହଙ୍କାରକର୍ତ୍ତୃକ ଜୀବ ଯେ ସବୁ କର୍ମ କରେ ସେ ସମୁଦାୟ ପରମେଶ୍ୱର ନାରାୟଣଙ୍କୁ ସମର୍ପଣ କରିବ । କୃଷ୍ଣଚନ୍ଦ୍ରଙ୍କର ସୁମଙ୍ଗଳ

---

ଯୋଗିନାମପି ସର୍ବେଷାଂ ମଦ୍‌ଗତେନାନ୍ତରାତ୍ମନା
ଶ୍ରଦ୍ଧାବାନ୍ ଭଜତେ ଯୋ ମାଂ ସ ମେ ଯୁକ୍ତତମୋ ମତଃ ॥

*ଜ୍ଞାନମତ୍ର ନିର୍ଭେଦବ୍ରହ୍ମାନୁସନ୍ଧାନଂ ନ ତୁ ଭଜନୀୟତ୍ତ୍ୱାନୁସନ୍ଧାନମପି ତସ୍ୟାବଶ୍ୟାପେକ୍ଷଣୀୟତ୍ୱାତ୍ । କର୍ମସ୍ମୃତ୍ୟାଦ୍ୟୁକ୍ତଂ ନିତ୍ୟନୈମିତ୍ତିକାଦି ନ ଭଜନ ପରିଚର୍ଯାଦି ତସ୍ୟ ତଦନୁଶୀଳନରୂପତ୍ୱାତ୍ । ଆଦିଶବ୍ଦେନ ବୈରାଗ୍ୟ ଯୋଗ-ସାଂଖ୍ୟାଭ୍ୟାସାଦୟଃ ।

ନିମିଙ୍କ ପ୍ରତି କବିଙ୍କ ଭକ୍ତି (ସଂସ୍କୃତ ଭାଗବତର ୧୧ଶ ସ୍କନ୍ଧ ୨ୟ ଅଧ୍ୟାୟରେ ଦ୍ରଷ୍ଟବ୍ୟ ) ।

ଜନ୍ମ, କର୍ମବିବରଣ ଓ ନାମ ଶ୍ରବଣ କରି ନିର୍ଲଜ୍ଜଭାବରେ ଗାନ କରି ନିସ୍ପୃହ ହୃଦୟରେ ବିଚରଣ କରିବ । ଏହି ପ୍ରକାର ବ୍ରତ[illegible] ହରିଙ୍କର ନାମ କୀର୍ତ୍ତନରେ ଜାତପ୍ରେମ ଓ ବିଗଳିତହୃଦୟ ହୋଇ ଅବଶ ଓ ଉନ୍ମତ୍ତତୁଲ୍ୟ ଉଚ୍ଚହାସ୍ୟ କରନ୍ତି, କେତେବେଳେ ରୋଦନ କରନ୍ତି, ଚିତ୍କାର କରନ୍ତି, ଗାନ କରନ୍ତି, କେତେବେଳେ ମଧ୍ୟ ନୃତ୍ୟ କରନ୍ତି । ସେ ଆକାଶ, ବାୟୁ, ଅଗ୍ନି, ଜଳ, ପୃଥିବୀ, ଜ୍ୟୋତିଷ୍କ, ଭୂତଗଣ, ଦିଗ ବିଦିଗ, ବୃକ୍ଷ, ନଦୀ, ସମୁଦ୍ର ଏ ସମସ୍ତ ପ୍ରାଣୀମାନଙ୍କୁ ହରିଙ୍କ ଶରୀରଜ୍ଞାନରେ ପ୍ରଣାମ କରନ୍ତି । ହେ ରାଜନ୍ ! ଯେ ସବୁ ଭକ୍ତ ଅଭ୍ୟାସ କରି ହରିଙ୍କ ଚରଣସେବା କରନ୍ତି, ସେମାନଙ୍କର ଏହିପରି 'ଭକ୍ତି', 'ବିରକ୍ତି' ଓ 'ଭଗବତ୍‌ଜ୍ଞାନ' ହୁଏ । ତାହାପରେ ସେମାନେ ପରମ ଶାନ୍ତି ଲାଭ କରନ୍ତି । ଏହି ଶୁଦ୍ଧା ଭକ୍ତି ଦ୍ୱିଭାଗରେ ବିଭକ୍ତ— ବୈଧୀ, ରୁଚି ବା କାମାନୁଗା । ଶୁଦ୍ଧାବୈଧୀ ବା ସାଧାନ ଭକ୍ତି ପ୍ରହ୍ଲାଦଙ୍କ ଦ୍ୱାରା ନବଧା ଭକ୍ତି ରୂପରେ କଥିତ; "ଶ୍ରବଣଂ କୀର୍ତ୍ତନଂ ବିଷ୍ଣୋଃ ସ୍ମରଣଂ ପାଦସେବନମ୍ । ଅର୍ଚ୍ଚନଂ ବନ୍ଦନଂ ଦାସ୍ୟଂ ସଖ୍ୟମାତ୍ମନିବେଦନମ୍"✱ ଏହି ସାଧନଭକ୍ତିର ଚତୁଃଷଷ୍ଟି ଅଙ୍ଗ ଭକ୍ତିରସାମୃତସିନ୍ଧୁରେ ନିରୂପିତ ହୋଇଅଛି ।†

ଏହି ଶୁଦ୍ଧାଭକ୍ତିରେ ମଧ୍ୟ ଭଜନୀୟତ୍ୱ (ଭଜନର ବିଷୟ ଶ୍ରୀକୃଷ୍ଣ ) ଅନୁସନ୍ଧାନ ରୂପ ଜ୍ଞାନ ଏବଂ ଶ୍ରୀକୃଷ୍ଣ ଭଜନାଦି ରୂପ କର୍ମ ବର୍ଜ୍ଜନୀୟ ନୁହେଁ । ଭକ୍ତିର ତିନିଗୋଟି ଅବସ୍ଥା :—ସାଧନ, ଭାବ ଓ ପ୍ରେମ । ଜୀବର ବହିର୍ମୁଖତା ( ସଂସାର ବିଷୟ ପ୍ରତି ଆସକ୍ତି ) ନିବୃତ୍ତ ହୋଇ ଈଶ୍ୱର, ଆତ୍ମା ପ୍ରଭୃତିର ବିଶ୍ୱାସ ଜନ୍ମିଲେ କ୍ରମେ ସେହି ସେହି ବିଷୟରେ ଆଲୋଚନା କରିବା ନିମିତ୍ତ ମନ ପ୍ରବର୍ତ୍ତିତ ହୁଏ । ଏହିପରି ଅପ୍ରାକୃତ ତତ୍ତ୍ୱର ଆଲୋଚନାରୁ ଶ୍ରବଣ କୀର୍ତ୍ତନାଦି ସହି ଏହା ଚରମ ଅବସ୍ଥା ପ୍ରାପ୍ତ ହୁଏ । ଏହି ଚେଷ୍ଟା ସାଧନରୂପରେ ପ୍ରକାଶ ପାଏ । ପରେ ଏହା ଭାବକୁ ଉଦ୍ଦୀପନ କରେ । ଏହି ଭାବର ପରିଣତିହିଁ ପ୍ରେମ*। ଶ୍ରୀକୃଷ୍ଣ ବିଷୟକ ଭାବ ବାସନାରୂପେ ଆତ୍ମାରେ ନିତ୍ୟ ବିରାଜିତ ଥାଏ । ସାଧନ ଭକ୍ତି ଏହି ଭାବକୁ ଜୀବର ହୃଦୟରେ ପ୍ରକଟିତ କରିଦିଏ ବୋଲି ଏହା ସାଧନ ରୂପେ ଓ ଭାବ ସାଧ୍ୟ ରୂପେ କଥିତ ହୁଏ । ଯେଉଁ-ମାନଙ୍କ ହୃଦୟରେ କିନ୍ତୁ ସ୍ୱାଭାବିକ ରାଗ ବିରାଜିତ, ସେମାନଙ୍କ ପକ୍ଷରେ ସାଧନ ଭକ୍ତିର ଆବଶ୍ୟକତା ନାହିଁ । ଗୋପୀମାନେ ରାଗାନୁଗା ଭକ୍ତିର

---

✱ଏହାର ବିସ୍ତୃତ ଏହି ଶ୍ଳୋକର ଜୀବଗୋସ୍ୱାମୀ କୃତ ଟୀକାରେ ଦ୍ରଷ୍ଟବ୍ୟ ।
†ଗୁରୁସେବା ସାଧୁସଙ୍ଗ ପ୍ରଭୃତି ଏତନ୍ମଧ୍ୟରେ ସୂଚିତ । ମନେ ରଖିବା ଉଚିତ ଯେ ସର୍ବଦା ନିଜ ପ୍ରଯତ୍ନରେ ଶିଥିଳତା କରିବା ଉଚିତ ନୁହେଁ । "ଅଥ ସ୍ୱପ୍ରଯତ୍ନତୋ ବଳବାନ୍ ଶ୍ରୀ ଗୁରୁପ୍ରସାଦୋ ବେତ୍ତି ସନ୍ଦେହେ କୃତେ ତତ୍ ପ୍ରସାଦସ୍ୟ କାର୍ଯ୍ୟତ୍କର-

ଅଧିକାରଣୀ; ତହିଁ ବୈଧୀ ଭକ୍ତି ଓ ଜ୍ଞାନମିଶ୍ରା ଭକ୍ତିକୁ ସେମାନେ ଆଦର କରନ୍ତି ନାହିଁ । ସେମାନେ ମହାଭାବମୟୀ; ତହିଁ ନୀଚ ସ୍ତରର ବିଷୟ ସେମାନଙ୍କ ସମକ୍ଷରେ ହେୟ । ଏହି ପ୍ରସଙ୍ଗରେ ଭାଗବତର ଗୂଢ଼ ଅର୍ଥ ପ୍ରକାଶ କରି ଗୋପୀଙ୍କ ପ୍ରକୃତ ଚିହ୍ନ ଦେବା ଉଦ୍ଦେଶ୍ୟରେ କବି ଗୋପୀ ଉଦ୍ଧବଙ୍କ ମଧ୍ୟରେ କଥୋପକଥନ କରାଇ ଭକ୍ତି ଓ ଜ୍ଞାନ ମଧ୍ୟରେ ଭକ୍ତିକୁ ଉଚ୍ଚ ସ୍ଥାନ ପ୍ରଦାନ କରିଅଛନ୍ତି । ଏହା ମଧ୍ୟ ୨୫ ଛାନ୍ଦର ବିସ୍ତୃତରେ ସୂଚିତ ହୋଇଅଛି । ୧୦ମସ୍କନ୍ଧ ୪୭ ଅଧ୍ୟାୟ ୩୪ ଶ୍ଳୋକର ଟୀକାରେ ଶ୍ରୀଧରସ୍ୱାମୀ "କମନୀୟାନିବାସାନା ମ୍ବିଦ୍ୟାୟା ପ୍ରଲେଭୟସି ବୟଂ ତୁ ସର୍ବସୁନ୍ଦର ସକଳଗୁଣାଲଂକୃତେନ ତ୍ୱୟା ବିରହଂ ନୈବ ସହାମଃ"। ଏହି ଶ୍ଳୋକର ଟୀକା ଯାହା ବିଶ୍ୱନାଥ ଚକ୍ରବର୍ତ୍ତୀ କରିଅଛନ୍ତି, ତାହା ନିମ୍ନରେ ପ୍ରଦତ୍ତ ହେଲା । ତାହା ପାଠକଲେ ମଧୁଗ୍ରାମଙ୍ଗଳ ସ୍ଥିତ ବିଷୟର ସୁନ୍ଦର ପ୍ରତିପତ୍ତି ହେବ । † ସେଥିରୁ ଜଣାଯାଏ ବ୍ରହ୍ମଜ୍ଞାନ ଛଡ଼ା ଅନ୍ୟ ସନ୍ଦେଶ ଉଦ୍ଧବ ଆଣିଥିଲେ ତାହା ୧୦ମ ସ୍କନ୍ଧର ୪୭, ଅଧ୍ୟାୟସ୍ଥ ୩୪ ୩୫,୩୬,୩୭ ଶ୍ଳୋକର ଭାବ । ତାହା ଜଗନ୍ନାଥ ଦାସଙ୍କ ଭାଗବତରେ—

"ତୁମ୍ଭଙ୍କୁ ମୋର ମାୟା ନାହିଁ । ତେଣୁ ରହିଲୁଁ ଦୂର ହୋଇ ॥
ତୁମ୍ଭ ନୟନ ମନ ସଙ୍ଗେ । ମୋହର ଚିତ୍ତ ଅନୁରାଗେ ॥

× × × × ×

ଯାଇ ନ ପାରି ସ୍ୱାମୀ ବଳେ । ପ୍ରାଣ ଛାଡ଼ିଲେ ଜ୍ଞାନବଳେ ॥
ଆକାଶେ ଦେହେ ଥିଲେ ଗୃହିଁ । ପଶିଲ ମୋର ଦେହେ ଯାଇଁ ॥"

ପୂର୍ବ ଉଦ୍ଧୃତ ଓଡ଼ିଆ ଭାଗବତ ଶେଷ ଦୁଇ ପଦର *ଭାବ କେତେକ ଟୀକାକାରଙ୍କ ଅର୍ଥ ସହିତ ମେଳ ନ ଘଟିବାରୁ ମୂଳଶ୍ଳୋକ ଉଦ୍ଧୃତ କଲି—

"ଯା ମାୟା କ୍ରୀଡ଼ତା ରାତ୍ର୍ୟାଂ ବନେଽସ୍ମିନ୍ ବ୍ରଜଆସ୍ଥିତାଃ
ଅଲବ୍ଧରାସାଃ କଲ୍ୟାଣ୍ୟୋ ମାଽପୁର୍ମଦ୍‌ବୀର୍ଯ୍ୟଚିନ୍ତୟା "୩୭ ।

---

ତ୍ୱାତ୍ ସ୍ୱପ୍ରସଦୋ ବଲବାନିତି ଶ୍ରୋତବ୍ୟୋ ମନ୍ତବ୍ୟ ଇତ୍ୟାଦି ଶ୍ରୁତେଃ । ଗୁରୁପ୍ରସାଦୋ ବଲବାନ୍ ନ ତସ୍ମାଦ୍ ବଲବତ୍ତରମ୍ । ତଥାପି ଶ୍ରବଣାଦିଶ୍ଚ କର୍ତ୍ତବ୍ୟୋ ମୋକ୍ଷସିଦ୍ଧୟେ । (ଗୋବିନ୍ଦ ଭାଷ୍ୟ ) ।

†ଭାବ:—ଶୁଦ୍ଧସତ୍ତ୍ୱବିଶେଷାତ୍ମା ପ୍ରେମସୂର୍ଯ୍ୟାଂଶୁସାମ୍ୟଭାକ୍ । ରୁଚିଭିଶ୍ଚିତ୍ତମାସୃଣ୍ୟ-କୃଦସୌ ଭାବ ଉଚ୍ୟତେ । ବିଶେଷ ଶୁଦ୍ଧ ସତ୍ତ୍ୱ ସ୍ୱରୂପ ପ୍ରେମରୂପ ସୂର୍ଯ୍ୟକିରଣ ସଦୃଶ ଏକ ରୁଚି ( ଭଗବତ୍ ପ୍ରାପ୍ତିରେ ଅଭିଳାଷ ) ଦ୍ୱାରା ଚିତ୍ତର ସ୍ନିଗ୍ଧତାକାରଣୀ ଯେ ଭକ୍ତି, ତାହାର ନାମ ଭାବ ।

ଭାବ ସ ଏବ ସାନ୍ଦ୍ରାତ୍ମା ବୁଧୈଃ ପ୍ରେମା ନିଗଦ୍ୟତେ ।

ସନାତନ ଗୋସ୍ୱାମୀଙ୍କ ମତେ "ମୋର ବୀର୍ଯ୍ୟର ଚିନ୍ତାରେ ଅର୍ଥାତ୍ ରାସକ୍ରୀଡ଼ାଦି ଲକ୍ଷଣମାନଙ୍କ ଚିନ୍ତାରେ ବା ଧ୍ୟାନରେ ମୋତେ ପ୍ରାପ୍ତ ହେଲେ । ଏହା ଦ୍ୱାରା ମଦ୍‌ଧ୍ୟାନର ପ୍ରଭାବ ପ୍ରକାଶିତ ହେଲା—ଏପରି ବିଶ୍ୱାସ କରିବା ଉଚିତ ।"

ଜୀବ ଗୋସ୍ୱାମୀଙ୍କ ମତରେ "ସେମାନେ ଚିନ୍ତା କରି ଅପ୍ରକଟ ପ୍ରକାଶ ସ୍ୱରୂପ ବୃନ୍ଦାବନରେ ମୋତେ ପ୍ରାପ୍ତ ହେଲେ—ତୁମ୍ଭେମାନେ କଲ୍ୟାଣୀ, ତୁମ୍ଭେମାନେ ମୋତେ ସାକ୍ଷାତ୍ ପାଇବ—ଗୁଣମୟ ଦେହ ତ୍ୟାଗ କରି ଏପରି ଭାବିବ ନାହିଁ ।" ବିଶ୍ୱନାଥ ଚକ୍ରବର୍ତ୍ତୀଙ୍କ ମତରେ "ସେମାନଙ୍କ ମନୋରଥ ସିଦ୍ଧ ନ ହେବାରୁ ମୋର ବିଚ୍ଛେଦରୂପ ମହାପୀଡ଼ାରେ ମରିବାକୁ ଇଚ୍ଛା କରି ମଧ୍ୟ ସେହି କଲ୍ୟାଣୀମାନେ ଜୀବିତାବସ୍ଥାରେହିଁ ମୋର ବୀର୍ଯ୍ୟଚିନ୍ତା ବଳରେ ମୋତେ ପାଇଲେ । ବ୍ରଜରେ ସେହି ସ୍ଥାନରେ ମୁଁ ଆବିର୍ଭୂତ ହେବାରୁ ରମଣକାରୀ ମୋ ସଙ୍ଗରେ ସେମାନେ ସେହି ରାତିରେ ବ୍ରଜରେ ଥିଲେ; ତାର ପର ରାତିମାନଙ୍କରେ ରାସଲୀଳାକୁ ମଧ୍ୟ ପ୍ରାପ୍ତ ହେଲେ ।"

ବଲ୍ଲଭାଚାର୍ଯ୍ୟଙ୍କ ମତରେ "ଏହାର ନିଦର୍ଶନ କହି ମୋକ୍ଷ ପ୍ରକାରକୁ କହିଲେ ମୁଁ ବନରେ ଥିଲେହେଁ ଯେଉଁ ଗୋପୀମାନେ ମୋତେ ବ୍ରଜରେ ପାଇଥିଲେ—ଅମଙ୍ଗଳ ବିଷୟ ହେତୁ ଦେହତ୍ୟାଗ କଥା ସ୍ପଷ୍ଟରୂପରେ କଥିତ ହେଲା ନାହିଁ । ଦେହତ୍ୟାଗ ପୂର୍ବକ ସେମାନେ ମୋତେ ପ୍ରାପ୍ତ ହୋଇଥିଲେ, ଇତ୍ୟାଦି ।"

---

ଭୋ ଉଦ୍ଧବ ! ଏତେନ ସନ୍ଦେଶେନ ତ୍ୱାଂ ଦ୍ୱିଗୁଣଂ ଜ୍ୱାଲୟସି । ତସ୍ମାତ୍ତ୍ୱଂ ସନ୍ଦେଶପ୍ରେଷକଂ କାଳଦେଶପାତ୍ରାନଭିଜ୍ଞଂ କିଂ ବ୍ରୂମସ୍ତ୍ୱାଂ ବା ପରାମର୍ଶଶୂନ୍ୟଂ କମାକ୍ଷିପାମଃ । ଏତଦ୍ ବ୍ରହ୍ମଜ୍ଞାନଂ ଖଳୁ ବ୍ରଜଭୂମାବସ୍ୟାଂ କାଃ କ୍ରେଷ୍ୟନ୍ତି ଯସ୍ୟ ଭାବସ୍ତ୍ୱୟା ଏତାବଦ୍‌ଦୂରମାନୀତଃ । କିମେତେ ଗୋପୀଜନା ଜନ୍ମାବଧି ଶ୍ରୀକୃଷ୍ଣସୌନ୍ଦର୍ଯ୍ୟାମୃତପାୟିନଃ ସମ୍ପ୍ରତି ବ୍ରହ୍ମଜ୍ଞାନନିମ୍ବରସଂ ପାସ୍ୟନ୍ତି । ମହାଦୁର୍ଭିକ୍ଷେ ବରମିହ ସ୍ୱୟଂ ପ୍ରାଣାନ୍ ଜହତି ତଦପି ଶବ ନଶ୍ନନ୍ତି । ଶୃଣୁ ରେ ମହାମୂର୍ଖ ! ଶୃଣୁ ଇଦଂ ବ୍ରହ୍ମଜ୍ଞାନଂ ଖଳୁ ସଂସାରରୋଗସ୍ୟୌଷଧଂ ମହାମୁନିଚିକିତ୍ସକାନାଂ ହୃଦୟପଣ୍ୟଶାଳାୟାଂ ତିଷ୍ଠତି ।

କିଞ୍ଚ ସ୍ୱ ସନ୍ଦେଶସ୍ୟାନ୍ତରସ୍ଥାତ୍ କାର୍ଯ୍ୟଦନୁକୂଲୋଽପ୍ୟର୍ଥୋ ଯୋ ଯଥାକଥଞ୍ଚିଦ୍ଭାସତେ ସା କିଂ ତଦଭିପ୍ରେତଃ ଘୁଣାକ୍ଷରନ୍ୟାୟେନାୟାତୋ ବେତି ନାତ୍ର ବିଶ୍ୱସିମ ଇତି ସସମ୍ଭ୍ରମଂ ବ୍ରୁବାଣାସୁ ତାସୁ ଭୋ ସ୍ୱାମିନଃ କ୍ଷଣମବଧତ୍ତ ବ୍ରହ୍ମଜ୍ଞାନାଦନ୍ୟମପି ସ୍ୱସନ୍ଦେଶମାନୀତବାନିତ୍ୟୁକ୍ତ୍ୱା ତତ୍‌ଶ୍ରେ ତ୍ୱଂ ଶ୍ରଦ୍ଧଧାନାସ୍ତା ପ୍ରତି କୃଷ୍ଣବାକ୍ୟମାହ ।

ଏହି ଶ୍ଳୋକରେ ଯେଉଁ ଗୋପୀମାନଙ୍କ କଥା କଥିତ ହେଲା, ସେମାନେ ମୁକ୍ତିକାମ୍ୟ-ଧ୍ୟାନଶୀଳା । ଜ୍ଞାନମିଶ୍ରା ଭକ୍ତିବଳରେ ପ୍ରୀତିମୟୀ ପାଗଳ ହୋଇ ପଡ଼ିଥିଲେ । ସନାତନ, ଜୀବ, ବିଶ୍ୱନାଥ ଏକ ସମ୍ପ୍ରଦାୟର ଅନ୍ତର୍ଭୁକ୍ତ ହୋଇ ସୁଦ୍ଧା ସେମାନଙ୍କ ଟୀକାରେ ସଂପୂର୍ଣ୍ଣ ମେଳ ହେଉ ନାହିଁ । ବଲ୍ଲଭାଗ୍ରଣୀ ଓ ଜଗନ୍ନାଥ ଦାସଙ୍କର ଏକମତ । ସେମାନେ ଜ୍ଞାନମିଶ୍ରା ଭକ୍ତିବଳରେ ପ୍ରୀତିମୟୀ ପାଗଳ ଥିଲେ ପରି ଜଣା ପଡ଼ୁଅଛନ୍ତି । ଭାଗବତର ଏହି ବିଷୟ— ଅର୍ଥାତ୍, ବିରହରେ ଭାବ ଅନ୍ତର୍ବୃଦ୍ଧି ପାଏ ଓ ଭଗବାନଙ୍କ ଲୀଳାଚନ୍ଦ୍ରାରେ ଭଗବାନ୍ ସମୀପବର୍ତ୍ତୀ ହୁଅନ୍ତି— ଭକ୍ତଚରଣ ସମ୍ପୂର୍ଣ୍ଣ ଭାବରେ ପରିତ୍ୟାଗ କରି କେବଳ ଜ୍ଞାନ ଓ ଭକ୍ତି ମଧ୍ୟରେ ପାର୍ଥକ୍ୟ ନିର୍ଦ୍ଦେଶ ପୂର୍ବକ ଭକ୍ତିମୟୀ ଗୋପୀଙ୍କ ମହାଦଶା ବର୍ଣ୍ଣାଇ ଅଛନ୍ତି ବୋଲି ପ୍ରତୀତ ହୁଏ । ଉଦ୍ଧବ ଯେତେ ପ୍ରକାରରେ ଗୋପୀମାନଙ୍କୁ ଜ୍ଞାନତତ୍ତ୍ୱ ବୁଝାଇଲେହେଁ ସେମାନେ ସେହି ଘନବରଣୀୟା କାହ୍ନାଙ୍କ ବ୍ୟତୀତ ଅନ୍ୟ କିଛି ଜାଣନ୍ତି ନାହିଁ ବୋଲି କହିଲେ । "କାଳିନ୍ଦୀ ହ୍ରଦରେ ପଶି . . ସେ ନାଗର ମୂଳ ଆମ୍ଭ ବ୍ରହ୍ମ" ସ୍ପଷ୍ଟ 'ଆମ୍ଭ ବ୍ରହ୍ମ ସବୁର ଗୋସାଇଁ ହେ ଦ୍ୱାରଭୂତ । ତୁମ୍ଭ ବ୍ରହ୍ମ କୃଷ୍ଣ ବୋଲେ ଛନ୍ତି ଆଜ୍ଞା ପାଇ ସମସ୍ତ କରନ୍ତି ।" ଉଦ୍ଧବଙ୍କ ନିକଟରେ କୃଷ୍ଣଙ୍କ ମଧୁର ଲୀଳା ବର୍ଣ୍ଣନା "ଆହୁରି ବଡ଼ନେ ଜଳକେଳି ଜଳକେଳି କରିବାରେ—ଦାରୁଣ ବାଧାତା କଲେ ଏହା" ଆହୁରି ମଧ୍ୟ ସେମାନଙ୍କର ଅହୈତୁକୀ ଆତ୍ୟନ୍ତିକୀ ଭକ୍ତିର ପରିଚୟ "ନ ମାନିଲୁ ଗୁରୁଜନ ନ କଲୁଁ ପତିବଚନ କୁଳଟା ହୋଇଲୁ ବ୍ରଜବାଳୀରେ । ମଧୁକର ! ତହିଁରୁ ମିଳିଲା ଏହି ସୁଖ । ମିଥ୍ୟା ନୁହେ ସାକ୍ଷାତରେ ଦେଖ," ଇତ୍ୟାଦି ଇତ୍ୟାଦି । ବିଶ୍ଳେଷିତ ସହିତ ଦେଖିଲେ ଜଣାପଡ଼େ ଯେ, ସେମାନେ ସର୍ବଦା କୃଷ୍ଣଚନ୍ଦ୍ରାରେ ବିହ୍ୱଳା । ଭାଗବତର ସେହି ୩୪, ୩୫, ୩୬, ୩୭ ଶ୍ଳୋକର ଭାବ ସେମାନଙ୍କଠାରେ ଚରିତାର୍ଥ ହୋଇଅଛି । ତହୁଁ ଏପରି ଉପଦେଶବାଣୀ ନିଷ୍ପ୍ରୟୋଜନ ରୂପ ମନେ ହୁଏ । କବି ଭକ୍ତଚରଣ ଏଠାରେ ନିଜର ଅପୂର୍ବ ଭକ୍ତିମତ୍ତା ଓ ବର୍ଣ୍ଣନାକୌଶଳର ପରିଚୟ ଦେଇଅଛନ୍ତି ।

ଉଦ୍ଧବ ଗୋପୀମାନଙ୍କ ଭାବରେ ମୁଗ୍ଧ ଏବଂ ଆତ୍ମହରା ହୋଇ ବାତୁଳ ହୋଇ ପଡ଼ିଲେ । ଜ୍ଞାନୀ, ବିବେକୀ ଉଦ୍ଧବ ଶିଶୁବତ୍ ଆଚରଣ କଲେ । ତାଙ୍କ ହୃଦୟରେ ଜ୍ଞାନନଦୀ ପ୍ରେମପାରାବାରରେ ନିମଗ୍ନ ହେଲା । ତାଙ୍କର ହୃଦୟ ଗୋପୀପ୍ରେମରେ—ଏକ ଅପୂର୍ବ ମହାଭାବରେ ଭରପୂର ହୋଇଗଲା । ସେ ଅଜ୍ଞାନବତ୍, ଶିଶୁବତ୍, ବିସ୍ମୟାନୁଭୂତିରେ ଯନ୍ତ୍ରରେ ଶୃଙ୍ଖଳିତ ହେଲାପରି ଗୋପୀମାନଙ୍କ ପାଦପ୍ରଦେଶରେ ପଡ଼ିଲେ । ଗୋପୀମାନେ ସମୁଚିତ ମର୍ଯ୍ୟାଦା— ପ୍ରକୃତ ପ୍ରେମିକ ଭକ୍ତର ବ୍ୟବହାର ଦେଖାଇ କହିଲେ—ଆମ୍ଭେମାନେ ସାମାନ୍ୟ ଯୁବତୀ, ତୁମ୍ଭେପରି ସର୍ବଶାସ୍ତ୍ରଦର୍ଶୀ, ଗୋବିନ୍ଦଭକ୍ତ ଆମ୍ଭର ପାଦରେ ପଡ଼ିବା

ଉଚିତ ହେଲ ନାହିଁ । ପ୍ରୀତି ପରଶରେ ଜ୍ଞାନଲୁହା ବଦଳି ଯାଇଛି । ତାହାର ତ ଆତ୍ମସତ୍ତା ନାହିଁ । ସେ କି ଆଉ କିଛି ଶୁଣେ ? ଉଦ୍ଧବ ଉତ୍ତର କହିଲେ, "ଆମ୍ଭେ କି ଜାଣୁ ସେ ରସ, ଶେଷ ବିରହ ମହେଶ ଯେଉଁ ପ୍ରେମ ଅଟେ ମହାଗୁଢ଼—ଜ୍ଞାନ ଛାଡ଼ି ଭକ୍ତିପାଦେ ବନ୍ଦେ । ୭୦-୭୧ । ସେ ଗୋପୀପ୍ରେମରେ ବୁଡ଼ି ହୋଇ ପଡ଼ିଲେ—

"ଏବଂ ବ୍ରୁବତଃ ସ୍ୱପ୍ରିୟନାମଗୀତ୍ୟା ଜାତାନୁରାଗୋ ଦ୍ରୁତଚିତ୍ତ ଉଚ୍ଚୈଃ
ହସତ୍ୟଥ ରୋଦିତି ରୌତି ଗାୟତ୍ୟୁନ୍ମାଦବନ୍ନୃତ୍ୟତି ଲୋକବାହ୍ୟଃ ।"

ଏହି ଶ୍ଳୋକର ଅର୍ଥ ଉଦ୍ଧବଙ୍କଠାରେ ଚରିତାର୍ଥ ହେଲା । ଏ ସ୍ଥଳରେ ଭାଗବତରେ ଉଦ୍ଧବଙ୍କର ସାତ୍ତ୍ୱିକଭାବ ଜାତ ହେବା ଲିଖିତ ନାହିଁ; କିନ୍ତୁ ଭକ୍ତ-ଚରଣ ସ୍ୱ ଭକ୍ତପ୍ରାଣତାରେ ଏପରି ଉଦ୍ଧବଙ୍କୁ କରିଅଛନ୍ତି । ଉଦ୍ଧବ ଗୋପୀଙ୍କ ନିକଟରେ ପରାଜିତ ହେଲେ; ପ୍ରେମର ମହତ୍ତ୍ୱ ସୁନ୍ଦରରୂପରେ ସ୍ଥାପିତ ହେଲା ।

ଉଦ୍ଧବ ପରାଜିତ ହୋଇ ଗୋପୀଙ୍କ ପାଦଦେଶରେ ପଡ଼ିବା ଓ ସେମାନଙ୍କ ପ୍ରେମମାହାତ୍ମ୍ୟରେ ବିସ୍ମିତ ହେବା ବିଷୟ ଯାହା ଭକ୍ତଚରଣ ଲେଖିଛନ୍ତି, ତାହା ଭାଗବତର ଅନୁରୂପ । ଭାଗବତରେ କିନ୍ତୁ ଗୋପୀମାନଙ୍କର ଉଦ୍ଧବଙ୍କୁ କୃଷ୍ଣଙ୍କ ଲୀଳା ସ୍ଥାନମାନ ଦର୍ଶାଇବା ପରେ ତାହା ଉକ୍ତ ହୋଇଅଛି ।

"ନଦୀ କାନନ ଗିରି ତଟେ । କୁସୁମ ତରୁଙ୍କ ନିକଟେ ॥
× × × ×
ଗୋପୀଙ୍କ ପାଦତଳେ ପଡ଼ି । କହେ ଉଦ୍ଧବ କର ଯୋଡ଼ି ।"

ଉଦ୍ଧବ ଉବାଚ

"ତୁମ୍ଭେ ଗୋ ସର୍ବ ଗୋପୀଜନ । ଏ ମହୀତଳେ ଜାତ ଧନ୍ୟ ॥
ଦେବେ ନ ଜାଣନ୍ତି ଯାହାକୁ । ତୁମ୍ଭେ ଗୋ ପାଇଲ ତାହାକୁ ॥" ଇତ୍ୟାଦି ।

ଏହି ସ୍ଥଳରେ ଜଗନ୍ନାଥ ଦାସ, ମୂଳ ଭାଗବତର ଶ୍ଳୋକମାନଙ୍କର ଭାବମାନ ରକ୍ଷା କରି ସ୍ୱତନ୍ତ୍ରଭାବରେ ଲେଖିଯାଇ ଅଛନ୍ତି । ତହୁଁ ଏ ସ୍ଥଳରେ ମୂଳ ଭାଗବତର ପଦମାନଙ୍କର ସନ୍ନିବେଶକୁ ଉଚିତ ମନେ କରୁଛି—

"ସରିଦ୍ ବନଗିରିଦ୍ରୋଣୀର୍ବୀକ୍ଷନ୍ କୁସୁମିତାନ୍ ଦ୍ରୁମାନ୍
କୃଷ୍ଣଂ ସଂସ୍ମାରୟନ୍ ରେମେ ହରିଦାସୋ ବ୍ରଜୌକସାମ୍" ୧୦।୪୭।୫୬

ସେହି ହରିଦାସ—ନଦୀ, ବନ, ପର୍ବତ, ଦ୍ରୋଣୀ (ଜଳାଶୟ) ଓ କୁସୁମିତ ବନ ଦର୍ଶନ କରି ବ୍ରଜବାସୀମାନଙ୍କୁ ଶ୍ରୀକୃଷ୍ଣ ସ୍ମରଣ କରାଇ ଆନନ୍ଦରେ କାଳଯାପନ କରିବାକୁ ଲାଗିଲେ ।

ଉଦ୍ଧବଙ୍କ କରରେ କର ଧରି ଗୋଟି ଗୋଟି କରି କୃଷ୍ଣଲୀଳା ସ୍ଥାନମାନ ଦର୍ଶାଇବା କେବଳ ଜଗନ୍ନାଥ ଦାସ ଲେଖିଅଛନ୍ତି । ତାହା ମୂଳ ଭାଗବତରେ ନାହିଁ । ଏ ସ୍ଥଳରେ ଭକ୍ତଚରଣ ଜଗନ୍ନାଥ ଦାସଙ୍କୁ ଅବଲମ୍ବନ କରିଅଛନ୍ତି ।

ଗୋପୀଙ୍କୁ ଉଦ୍ଧବଙ୍କ ନମସ୍କାର ହେବା ବିଷୟ "ବୃନ୍ଦାବନମାଦ୍ଧ- ଗୋପୀନାଂ କୃଷ୍ଣବେଶାତ୍ମବିକ୍ଳବମ୍—ଉଦ୍ଧବଃ ପରମ ପ୍ରୀତସ୍ତାନଭିପୂଜ୍ୟ ଜଗୌ ॥"

ପୁନଶ୍ଚ ଗୋପୀମାହାତ୍ମ୍ୟରେ ବିସ୍ମିତ ଓ ମୁଗ୍ଧ ହୋଇ ଯାହା ଗାନ କରିଥିଲେ ତାହା ବୈଷ୍ଣବଙ୍କର ଆଦରର ଧନ। ସେହି ୭ଟି ଶ୍ଳୋକ ମଧ୍ୟରୁ କେବଳ ଦୁଇଟି ନିମ୍ନରେ ପ୍ରଦତ୍ତ ହେଲା। କାରଣ ଏହି ଶ୍ଳୋକମାନଙ୍କର ଅନୁବାଦ ଓଡ଼ିଆ ଭାଗବତରେ ନାହିଁ।

ଏତାଃ ପରଂ ତନୁଭୃତୋ ଭୁବି ଗୋପବଧ୍ୱୋ, ଗୋବିନ୍ଦ ଏବ ନିଖିଳାତ୍ମନି ରୂଢ଼ଭାବାଃ। ବାଞ୍ଛନ୍ତି ଯଦ୍ ଭବଭୟୋ ମୁନୟୋ ବୟଂ ଚ, କିଂ ବ୍ରହ୍ମ ଜନ୍ମଭିରନନ୍ତକଥା ରସସ୍ୟ। ୫୮। ଆସାମହୋ ଚରଣରେଣୁଜୁଷାମହଂ ସ୍ୟାଂ ବୃନ୍ଦାବନେ ଗୁଲ୍ମଲତୌଷଧୀନାମ୍। ଯା ଦୁସ୍ତ୍ୟଜଂ ସ୍ୱଜନମାର୍ଯ୍ୟପଥଞ୍ଚ ହିତ୍ୱା ଭେଜୁର୍ମୁକୁନ୍ଦପଦବୀଂ ଶ୍ରୁତିଭିର୍ବିମୃଗ୍ୟାମ୍। ୬୧।

"ସଂସାର ମଧ୍ୟରେ ଏହି ଗୋପୀମାନେ ଯଥାର୍ଥ ଦେହ ଧାରଣ କରିଅଛନ୍ତି। କାରଣ ଏମାନେ ଅଖିଳାତ୍ମା ଭଗବାନଙ୍କଠାରେ ଏହିପରି ପରମ ପ୍ରେମବତୀ ହୋଇ ରହିଅଛନ୍ତି। ଏହି ପ୍ରେମ ସାମାନ୍ୟ ନୁହେଁ। ସଂସାର-ଭୀରୁ ମୁନିମାନେ ମୁକ୍ତିଲାଭ କରି ଏହା ବାଞ୍ଛା କରିଥାନ୍ତି। ହରିକଥାରେ ଯାହାଙ୍କର ଏକାନ୍ତ ଅନୁରାଗ ଅଛି, ତାଙ୍କର ବ୍ରହ୍ମଜନ୍ମରେ ପ୍ରୟୋଜନ କଣ ? ( ୫୮ ଶ୍ଳୋକ )। "ଏହି ଯେ ସବୁ ଗୋପୀମାନେ ଦୁସ୍ତ୍ୟଜ ସ୍ୱଜନ ଓ ଆର୍ଯ୍ୟଧର୍ମ ( ପତିବ୍ରତ୍ୟ ) ତ୍ୟାଗ କରି—ବେଦରେ ଯାହାଙ୍କର ଅନ୍ୱେଷଣ କରିବାକୁ ହୁଏ, ସେହି ଗୋବିନ୍ଦ ପଦବୀ ଭଜନା କରୁଅଛନ୍ତି। ବୃନ୍ଦାବନ ମଧ୍ୟରେ ଯେ ସବୁ ଗୁଲ୍ମ, ଲତା ଏବଂ ଔଷଧ ଏମାନଙ୍କର ଚରଣରେଣୁ ସେବନ କରୁଅଛନ୍ତି, ମୁଁ ଯେପରି ସେହି ସବୁଙ୍କ ମଧ୍ୟରେ ଜଣେ ହୁଏ" ( ୬୧ ଶ୍ଳୋକ )। ଉଦ୍ଧବଙ୍କ ମଥୁରା ପ୍ରତ୍ୟାବର୍ତ୍ତନ କାଳରେ ଜଗନ୍ନାଥ ଦାସ ଯାହା ଲେଖିଅଛନ୍ତି, ତାହା ମୂଳ ଭାଗବତରେ ନାହିଁ। ତାହା ଭକ୍ତଚରଣ ମଧ୍ୟ ଅବଲମ୍ବନ କରି ନାହାନ୍ତି।

"ଆମ୍ଭର ମନ ବାଞ୍ଛା ଯେତେ। ସଂକଳ୍ପ ନିତ୍ୟ ହୃଦଗତେ ॥

× × × × × ×

ଶୁଦ୍ଧ ବିବେକ ଜ୍ଞାନ ଭେଦେ। ଗତି ପାଇବୁଁ କୃଷ୍ଣପାଦେ ॥"

ଜଗନ୍ନାଥ ଦାସଙ୍କ ଜ୍ଞାନମିଶ୍ରା ଭକ୍ତିର ଏ ସମ୍ପୂର୍ଣ୍ଣ ପରିଚୟ। କୃଷ୍ଣଚନ୍ଦ୍ର ଗୋପକୁ ଫେରିବେ ନାହିଁ, ଏହା ଭାଗବତ ପାଠରୁ ଜାଣି ବୋଧହୁଏ ସେ ଏପରି ଉକ୍ତି ଗୋପୀଙ୍କ ମୁଖରେ କରାଇ ଅଛନ୍ତି।

ଉଦ୍ଧବଙ୍କ ଦ୍ୱାରା କୃଷ୍ଣଚନ୍ଦ୍ରଙ୍କ ପତ୍ର ଚନ୍ଦ୍ରାବଳୀ ଗୋପୀଙ୍କୁ ପ୍ରଦତ୍ତ ହେବା ଯାହା ଭକ୍ତଚରଣ ଲେଖିଅଛନ୍ତି, ତାହା ତାଙ୍କ କଳ୍ପନାପ୍ରସୂତ ନାୟକ ନାୟିକାଙ୍କ ପତ୍ରଦ୍ୱାରା କବି ବିରହଭାବକୁ ଗାଢ଼ କରି ଦର୍ଶାଇ ଅଛନ୍ତି

ଏହି ଛାନ୍ଦ ଲେଖିବା ବେଳେ କବି ଗୋପୀଭାବରେ ମୁଗ୍ଧ, ମତ୍ତ ହୋଇ ପଡ଼ିଥିବା ସ୍ପଷ୍ଟ ଜଣା ପଡ଼ୁଅଛି । ଆଶ୍ଚର୍ଯ୍ୟର ବିଷୟ, ସେ କିପରି ଆତ୍ମଭାବ ସଂରକ୍ଷଣ କରି ଏସବୁ ଲେଖି ପାରିଥିଲେ । ମନରେ ଅନେକ ଭାବ ଖେଳୁଥିବ ଅନେକ ଅପ୍ରକାଶିତ ରହିବା ସମ୍ଭବପର । ଭକ୍ତକବି ଭକ୍ତଚରଣଙ୍କ ଭକ୍ତିଭାବ କିପରି ଥିଲା ଏବଂ ସେ କିପରି ଆତ୍ମହରା ହୋଇଥିଲେ ତାହାର ନିଦର୍ଶନ-କଳ୍ପେ ଏହି ଛାନ୍ଦର ୩୨ ପଦ ଉଦ୍ଧାର କଲି ।

''ବଡ଼େ ସବୁ ପାରି ପାଇ ସାନରେ କଳଙ୍କ ହୋଇ
ଏହି କଥା ମନେ **ଧରିଥିବ** ।
ଏମନ୍ତ ବୋଲି ମହିଳା ବାଣୀକି ମୁଦ୍ରି ରହିଲା
ଆଗସରି ହୋଇଲା **ଆବେଗ**—ସେ କୋମଳାଙ୍ଗୀ ।
ଅଧର କମ୍ପାଇ କହେ ସ୍ୱଗେ, ଭିଡ଼ି ଭେଦ ବଚସ ଦୂତ ଆଗେ ।।''

ଯତି ନାହିଁ, ଶୃଙ୍ଖଳା ନାହିଁ—କବି ତ ଭାବାବିଷ୍ଟ, ସେଥିରେ ବ୍ୟତିକ୍ରମତା ଗୋପୀଙ୍କ ବ୍ୟତିକ୍ରମତା ସଦୃଶ ମହତ୍ତ୍ୱର ପରିଚାୟକ ।

## ଅଷ୍ଟବିଂଶ ଛାନ୍ଦ

ଶ୍ରୀକୃଷ୍ଣଙ୍କ ପତ୍ରଃ—କନ୍ଦର୍ପତାପପୀଡ଼ିତ କୃଷ୍ଣଙ୍କର ରାଧା ଗୁଣ ଓ ରୂପ ବର୍ଣ୍ଣନ । ସକଳ ଗୋପାଙ୍ଗନାମାନଙ୍କ ସମୀପକୁ ଆଶୁ ପ୍ରତ୍ୟାଗମନର ସନ୍ଦେଶ ପ୍ରଦାନ । ପତ୍ର ପାଠାନ୍ତେ ଗୋପୀମାନଙ୍କର ସ୍ୱ ସ୍ୱ ପୁର ଗମନ । ନନ୍ଦଙ୍କ ମନ୍ଦିରରେ ଉଦ୍ଧବଙ୍କ ସୁଖାବସ୍ଥାନ ।

ଏହି ପତ୍ରଟି ଆଧୁନିକ ରୁଚିର ଅନୁକୂଳ ନୁହେ । କବି ଏ ଛାନ୍ଦରେ ଉପେନ୍ଦ୍ର ଓ ଘନକୃଷ୍ଣଙ୍କର ବର୍ଣ୍ଣନାଶୈଳୀକୁ ଅବଲମ୍ବନ କରିଅଛନ୍ତି । ଉଦ୍ଧବଙ୍କ ମୁଖରେ କୃଷ୍ଣଙ୍କ ଆଶ୍ୱାସ, ଉପଦେଶ ବାଣୀ ମାନ ଭାଗବତରେ ମିଳେ—ଏପରି ପତ୍ରର ସଙ୍କେତ ସେଥିରେ ନାହିଁ । ରସକଲ୍ଲୋଳରେ ମଧ୍ୟ ନାହିଁ । ରସକଲ୍ଲୋଳରେ କେବଳ—

"କେତେ କୋଟି ଦଣ୍ଡବତ ପୁଣ୍ଡରୀକନେତ୍ରକୁ ଆମ୍ଭର କହିବ ।
କୁବୁଜା ପାଶରେ ଥିବା ସମୟରେ ଦୁଃଖ ଏକା ନ କହିବ ।" ଅଛି ।

କବି ଉପେନ୍ଦ୍ର ଭଞ୍ଜଙ୍କ ନାୟକ, ନାୟିକାଙ୍କ ପତ୍ର ଓ ପ୍ରତିପତ୍ର ପ୍ରେରଣ ରୀତିକୁ ଗ୍ରହଣ କରିଅଛନ୍ତି । ରାଧାଙ୍କ ରୂପ, ହାବ, ଭାବ, ଲୀଳା ପ୍ରଭୃତିର

ବର୍ଣ୍ଣନାରେ ଯେ ସୌନ୍ଦର୍ଯ୍ୟ ଅଛି, ତାହା ପ୍ରାଚୀନ କବି ଉପେନ୍ଦ୍ର ଭଞ୍ଜ, ଦୀନକୃଷ୍ଣଙ୍କ କୃତିମାନଙ୍କରେ ପରିଦୃଷ୍ଟ ହୁଏ । ବର୍ଣ୍ଣନାରେ ଅଶ୍ଳୀଳତା ମଧ୍ୟ ପରିଦୃଷ୍ଟ ହୁଏ । ତାହା ଦେଶକାଳପାତ୍ର ଓ ଚରିତ୍ର ଦୃଷ୍ଟିରେ ମାର୍ଜ୍ଜନୀୟ ।

## ଊନବିଂଶ ଛାନ୍ଦ

ଉଦ୍ଧବଙ୍କର ମଥୁରା ପ୍ରତ୍ୟାଗମନ ଶ୍ରବଣରେ ବ୍ରଜନାରୀଙ୍କର ରାଧାଙ୍କ ନିକଟକୁ ଗମନ ଓ କୃଷ୍ଣଙ୍କ ନିକଟକୁ ପତ୍ରିକା ଦେବା ନିମିତ୍ତ ଅନୁରୋଧ । କୃଷ୍ଣଙ୍କ ଗୁଣ, ମହତ୍ତ୍ୱ ଓ କ୍ରିୟାକଳାପ ବର୍ଣ୍ଣନ କରି ପତ୍ର ଲେଖନ ଓ ଉଦ୍ଧବଙ୍କୁ ପତ୍ରିକା ଦାନ ।

ବିଚାର—ଉଦ୍ଧବଙ୍କ ହସ୍ତରେ "ଗୋପେଶ, ଅନେକ ଅଳଙ୍କାର ଦେଲେ ।" ଭାଗବତରେ "ଗୋପାଳେ ନନ୍ଦ ଆଦି କରି । ଦେଲେ ସେ ନାନା ଦ୍ରବ୍ୟ ଭରି" ତୁଳନୀୟ । ରାଧାଙ୍କ ପତ୍ରରେ ଅଶ୍ଳୀଳତା ଯଥାସମ୍ଭବ ବର୍ଜିତ ହୋଇଅଛି । ଏ ପତ୍ରଟି ଅତି ସୁନ୍ଦର ଓ ସଂଯତ ଭାବରେ ଲିଖିତ । ଯେଉଁ ସ୍ଥାନମାନଙ୍କରେ 'କାମ' ର ବିଷୟ କଥିତ ହୋଇଅଛି, ତାହା ଦୂଷିତ ରୁଚିର ପରିଚାୟକ ନୁହେଁ । ଏହି ପତ୍ରରେ ନିଜର ମନ୍ଦ ଦଶା ଜନ୍ୟ ରାଧାଙ୍କ ହୃଦୟର କାରୁଣ୍ୟ, ସମୁଚିତ ଅଭିଯୋଗ, ଆକୁଳ ନିବେଦନ, ସଦମ୍ଭ ଅନୁଯୋଗ, ନାରୀ-ଜନୋଚିତ ସାୟୁଜ୍ୟ ଭକ୍ତି ଛନ୍ଦେ ଛନ୍ଦେ ଉପମାଦି ଅଳଙ୍କାରରାଜିରେ ବିରାଜିତ ହୋଇ ପାଠକଙ୍କୁ ଚମତ୍କୃତ, ଆନନ୍ଦିତ ଓ ମୁଗ୍ଧ କରି ଦେଉଅଛି । କାରଣରେ କବିର ମାଧୁର୍ଯ୍ୟର ପରାକାଷ୍ଠା ହୁଏ, ତାହାର ଏ ଛାନ୍ଦଟି ଗୋଟିଏ ସୁନ୍ଦର ନିଦର୍ଶନ ହୃଦୟର କାରୁଣ୍ୟ—୧ଠାରୁ ୨୪ପଦ ।

× × × ×

ସମୁଚିତ ଅଭିଯୋଗ:—୧୭ଠାରୁ ୨୦ ପଦ ଓ ୩୧ ଠାରୁ ୩୫ ପଦ ।
ଆକୁଳ ନିବେଦନ:—୭, ୮, ୧୪, ୨୫, ୨୮, ୨୯ ପଦମାନ ।
ସଦମ୍ଭ ଅନୁଯୋଗ:—୨୬ ଓ ୩୬ ପଦଦ୍ୱୟ ।
ସାୟୁଜ୍ୟ ଭକ୍ତି :—୨୨, ୩୦, ୩୫ ଓ ୩୭ ପଦମାନ ।

ଭାଗବତରେ କଥିତ ଅଛି ଯେ, ଶ୍ରୀକୃଷ୍ଣଙ୍କ ଉପଦେଶ ବାଣୀରେ ଗୋପୀ-ମାନଙ୍କ ବିରହଜ୍ୱର ଦୂର ହେଲା । ଶ୍ରୀକୃଷ୍ଣ ଅଧୋକ୍ଷଜ ଏବଂ ଆତ୍ମା ଏହା ଜାଣି-ପାରି ସେମାନେ ଉଦ୍ଧବଙ୍କୁ ପୂଜା କଲେ । ଇତ୍ୟାଦି ।

ଶୁକ ଉବାଚ—"ତତସ୍ତାଃ କୃଷ୍ଣସନ୍ଦେଶୈର୍ବ୍ୟପେତବିରହଜ୍ୱରାଃ ।
ଉଦ୍ଧବଂ ପୂଜୟାଞ୍ଚକ୍ରୁର୍ଜ୍ଞାତ୍ୱାତ୍ମାନମଧୋକ୍ଷଜମ୍ ।"

ଜଗନ୍ନାଥ ଦାସଙ୍କ ଭାଗବତରେ ଏହି ସ୍ଥାନରେ ମୂଳଭାଗବତରୁ ଅନେକ ଛାଡ଼ି ଅଛି । ଏହି ଶ୍ଳୋକର ଭାବ ଗୋପୀମୁଖରେ କଥିତ ହୋଇଅଛି ।

"ଗୋବିନ୍ଦ ଲୀଳାରସ ପାଇ । ଆମ୍ଭେ ଗୋପୀଏ ତୋଷ ହୋଇ ।" ବୋଧହୁଏ ଜଗନ୍ନାଥ ଦାସ ଏହି ଶ୍ଲୋକର ମର୍ମ ସ୍ୱଳ୍ପକମନ୍ଧା ଭକ୍ତିମାର୍ଗରେ ଗ୍ରହଣ କରି ପୂର୍ବୋକ୍ତ ଭାଗବତୋକ୍ତ ଶ୍ଲୋକସ୍ଥ "ଅଲବ୍ଧଭାଷ କଲ୍ୟାଣୈଷ୍ୟା ମାପୂର୍ଣ୍ଣଦ୍ୱାର୍ଥାଚନ୍ଦ୍ରୟା" ଦୃଷ୍ଟିରେ ଉଦ୍ଧବ ପ୍ରତ୍ୟୁତ୍ତରକୁ ଲକ୍ଷରେ ଗୋପୀମୁଖରେ—

ଈଶ୍ୱର ମାୟାଚକ୍ରେ ପଡ଼ି । ଜନ୍ମ ମରଣ ପଥ ବୁଡ଼ି ।
ଶୁଦ୍ଧ ବିବେକ ଜ୍ଞାନ ଭେଦେ । ଗତି ପାଇବୁ କୃଷ୍ଣପାଦେ ।"

ଲେଖି ଅଛନ୍ତି । ଶ୍ରୀ ସନାତନ ଗୋସ୍ୱାମୀ "ଉଦ୍ଧବଙ୍କ ପ୍ରୀତି ନିମିତ୍ତ ବା କୃଷ୍ଣଙ୍କ ଶୋକ ଶାନ୍ତି ନିମିତ୍ତ ବା ପରୀକ୍ଷିତଙ୍କ ଚିତ୍ତ ସମାଧାନାର୍ଥ ବା କୃଷ୍ଣଙ୍କର ସମ୍ବାଦ (ତୁମ୍ଭମାନଙ୍କ ସଙ୍ଗରେ ମୋର ବିରହ କୌଣସି ପ୍ରକାରେ ସମ୍ଭବେ ନାହିଁ) ବଳରେ "ଆତ୍ମାନଂ—ପ୍ରିୟକୃତ୍; ଅଧୋକ୍ଷଜ—ବ୍ରଜରାଜକୁମାରଙ୍କୁ ଏହିଠାରେ ଦେଖିବୁ ବୋଲି ଜାଣିଥିଲେ ।" ଜୀବଗୋସ୍ୱାମୀ ଓ ବିଶ୍ୱନାଥ ଚକ୍ରବର୍ତ୍ତୀ ଏହି ମର୍ମରେ ଅନ୍ୟ ରୀତିରେ ଏହି ଶ୍ଲୋକର ବ୍ୟାଖ୍ୟା କରିଅଛନ୍ତି । ଦୀନକୃଷ୍ଣଙ୍କ ଗୁଣସାଗର ଓ ଦନାଇ ଦାସଙ୍କ 'ଗୋପୀଭାଷା'ରେ ମଧ୍ୟ ଗୋପୀମାନଙ୍କ ବିରହ-ବ୍ୟଥା ଦୂର ହେବା ଲେଖା ନାହିଁ । ବିରହଜ୍ୱର ଦୂର ହେବା କଥା ରସ-କଲ୍ଲୋଳରେ ବା ମଥୁରାମଙ୍ଗଳରେ ନାହିଁ । ଏ ସ୍ଥଳରେ ଭକ୍ତଚରଣ ଓଡ଼ିଆ ଭାଗବତକୁ ଅବଲମ୍ବନ ନ କରି ଉତ୍କଳର ପୂର୍ବ ଲେଖକଙ୍କ ମତ ଗ୍ରହଣ ପୂର୍ବକ ରୁକ୍ମିଣୀ ରାଧାଙ୍କ ହସ୍ତରେ କୃଷ୍ଣଚନ୍ଦ୍ରଙ୍କ ନିକଟକୁ ପତ୍ର ଲେଖାଇଅଛନ୍ତି । ଏହି ପତ୍ରରେ ସଂସ୍କୃତ ଭାଗବତର ନିମ୍ନୋକ୍ତ ଶ୍ଲୋକମାନଙ୍କ ଭାବ ସଂରକ୍ଷିତ ହୋଇ-ଅଛି ।*

ବେଶ୍ୟା ପିଙ୍ଗଳା ମଧ୍ୟ କହିଅଛି, "ଆଶା ପରିତ୍ୟାଗ କରିବା ପରମ ସୁଖ । ଆମ୍ଭେମାନେ ତାହା ଜାଣୁ, କିନ୍ତୁ ଆଶା ତ୍ୟାଗ କରି ହେଉ ନାହିଁ । ଶ୍ରୀକୃଷ୍ଣଙ୍କ ଏକାନ୍ତ କଥା କିଏ ତ୍ୟାଗ କରି ପାରିବ ? ଯାହାଙ୍କର ବିନା ଇଚ୍ଛାରେ ମଧ୍ୟ ଲକ୍ଷ୍ମୀ ତାଙ୍କ ଅଙ୍ଗକୁ କେତେବେଳେହେଁ ଛାଡ଼ି ଯାଉ ନାହାନ୍ତି । ଶ୍ରୀକୃଷ୍ଣଙ୍କର ଲଳିତ ଗତି, ଉଦାର ହାସ୍ୟଲୀଳା ଓ ଦୃଷ୍ଟି ଏବଂ ମଧୁର ବାକ୍ୟ ଆମ୍ଭମାନଙ୍କର ଚିତ୍ତ ହରଣ କରୁଅଛି । ତେବେ କିପରି ତାଙ୍କୁ ଭୁଲି ପାରିବୁଁ । ହେ କୃଷ୍ଣ, ହେ ରମାନାଥ, ହେ ବ୍ରଜନାଥ, ହେ ଦୁଃଖନାଶିନୀ, ହେ ଗୋବିନ୍ଦ, ଗୋକୁଳ ଦୁଃଖସାଗରରେ ମଗ୍ନ ହୋଇଅଛି, ଏହାକୁ ଉଦ୍ଧାର କର ।"

ଏହି ପଦମାନଙ୍କର ଅନୁବାଦ ଜଗନ୍ନାଥ ଦାସଙ୍କ ଭାଗବତରେ ନ ଥିବାରୁ ମୂଳ ଭାଗବତର ଶ୍ଲୋକମାନ ଏଠାରେ ପ୍ରଦତ୍ତ ହେଲା ।

---

* ସଂ: ଭା ୧୦।୪୭—୪୮, ୪୯, ୫୨ ଓ ୫୩ ପଦମାନ ଦ୍ରଷ୍ଟବ୍ୟ

# ତ୍ରିଂଶ ଛାନ୍ଦ

ଉଦ୍ଧବଙ୍କର ମଥୁରା ପ୍ରବେଶ ଓ କୃଷ୍ଣଙ୍କର ଉଦ୍ଧବ, ଗୋପୀ ଗୋପାଳ ଓ ପିତାମାତାଙ୍କ କୁଶଳ ପ୍ରଶ୍ନ, ଉଦ୍ଧବଙ୍କର ଗୋପପୁରର ଶ୍ରୀହୀନତା ଓ ଗୋପୀମାନଙ୍କ ବିରହ ବର୍ଣ୍ଣନା; ଗୋପୀଭାବ ସ୍ମରଣରେ ଶ୍ରୀକୃଷ୍ଣଙ୍କର ଦୁଃଖ ପ୍ରକାଶ । ସଂସାରର ନଶ୍ୱରତା ବୋଧରେ ସାର୍ବଜନୀନ ପ୍ରୀତି ଓ ଭଗବଦ୍‌ଭକ୍ତି ସାଧନ ନିମିତ୍ତ କବିଙ୍କର ସଂସାରଜନଙ୍କୁ ସାନୁନୟ ଅନୁରୋଧ ।

**ବିଚାର**—ସର୍ବଭକ୍ତବରୀୟସୀ ଗୋପୀମାନଙ୍କ ଭାବ ଉଦ୍ଧବଙ୍କ ହୃଦୟରେ ବଦ୍ଧମୂଳ । ଭାଗବତରେ ଉଦ୍ଧବ ବ୍ରଜବାସୀମାନଙ୍କର ଐକାନ୍ତିକ ଭକ୍ତିର ବିଷୟ କହିବା କଥା କେବଳ ସୂଚିତ ହୋଇଅଛି, "କୃଷ୍ଣାୟ ପ୍ରଣିପତ୍ୟାହଂ ଭକ୍ତ୍ୟୁଦ୍ରେକଂ ବ୍ରଜୌକସାମ୍ ।" ଓଡ଼ିଆ ଭାଗବତରେ "ଗୋପୀ ଗୋପାଳ ଭାବ ଘେନି । କୃଷ୍ଣଙ୍କୁ କହେ ପୁଣି ପୁଣି ।" ରସକଲ୍ଲୋଳରେ ଉଦ୍ଧବ ସାଧାରଣ ଭାବରେ ଗୋପୀମାନଙ୍କ ମନ୍ଦ ଦଶା ୩୪ ଛାନ୍ଦର ୨ । ୩ ପଦରେ କହି ୪ର୍ଥ ପଦଠାରୁ ୧୮ଶ ପଦ ପର୍ଯ୍ୟନ୍ତ ଗୋପୀମାନଙ୍କ ବିରହଦଶା, ଉପଗ୍ରହ ଆଦି ବିଷୟ ବର୍ଣ୍ଣନ କରିଅଛନ୍ତି ।

"କାହାର ବଦନେ ନାହିଁ ପ୍ରସନ୍ନ । କାହାର ନାହିଁ ବିଷୟ ଦର୍ଶନ ।
କହିବାକୁ ଶକ୍ୟ ନାହିଁ କାହାର । କାହାଁକ ଥିବ ଆହାର ବିହାର ।
କେବଳ ବିରସ, କରିଛି ସକଳ ହୃଦରେ ବାସ ।" ର: କ:—୩୪ । ୩

ଭକ୍ତଚରଣ ଦୀନକୃଷ୍ଣଙ୍କ ତୁଲ୍ୟ ଉଦ୍ଧବଙ୍କ ମୁଖରେ ବିସ୍ତର ଭାବରେ ଗୋପୀଙ୍କ ଦଶା କୁହାଇ ଅଛନ୍ତି ସତ୍ୟ, କିନ୍ତୁ ତାଙ୍କର ଏ ଛାନ୍ଦର ରଚନାପଦ୍ଧତି ତାଙ୍କଠାରୁ ସମ୍ପୂର୍ଣ୍ଣ ପୃଥକ୍ କହିଲେ ଚଳେ । ଭକ୍ତଚରଣଙ୍କ ପଦମାନ ପାଠ କଲେ ହୃଦୟରେ ଯେପରି କରୁଣ ଝଙ୍କାର ବିଧ୍ୱନିତ ହୁଏ, ସେପରି ରସକଲ୍ଲୋଳ ପଦମାନଙ୍କରେ ହୁଏ ନାହିଁ । ଭକ୍ତଚରଣଙ୍କ ଉଦ୍ଧବ ଗୋପୀ-ପ୍ରେମ ମାହାତ୍ମ୍ୟରେ ବିହ୍ୱଳ । ସେ ଗୋପୀଙ୍କ ସେବା ଛଡ଼ା ଆଉ କିଛି ଶ୍ରେୟ ମଣି ନାହାନ୍ତି—ଏପରି କି ସେ ଶ୍ରୀକୃଷ୍ଣଙ୍କ ଅନୁଜ୍ଞା ସହି ଗୋପପୁରରେ ସେହି ମହାଭାବମୟୀଙ୍କ ସହବାସ କରିବାକୁ ଉଦ୍‌ବିଗ୍ନ । ପ୍ରେମମୟୀ ଗୋପୀଙ୍କ ଭାବପ୍ରାପ୍ତି ନିମନ୍ତେ ସେ ଗୋବିନ୍ଦଙ୍କୁ ଛାଡ଼ିବାକୁ ପ୍ରସ୍ତୁତ । ଭଗବାନଙ୍କୁ ଛାଡ଼ି ଭକ୍ତପ୍ରବରମାନଙ୍କ ସେବା କରିବା ନିମିତ୍ତ ଉନ୍ମନା ।

"ଏବେ ଏହି କୃପା କର    ଆଜ୍ଞା ଦିଅ ଗିରିଧର
ଫେରିଯିବି ସେହି ବୃନ୍ଦାବନ ହେ । ଦୀନବନ୍ଧୁ !
ଗୋପୀଙ୍କ ସଙ୍ଗେ ବସିଥିବି । ଏଥେ ଥାଇ କି ସୁଖ ଭୁଞ୍ଜିବି ସେ ।

# ମଥୁରାମଙ୍ଗଳ

## ପ୍ରଥମ ଛାନ୍ଦ

( ରାଗ—ଚକ୍ରକେଳି )

ଜୟ ଗୋବିନ୍ଦ ଗୋକୁଳ-ସୁନ୍ଦର । ଜୟ ରାମ-ଅନୁଜ ଦାମୋଦର ।୧।
ଜୟ କଂସାରି ଜଗତ-ତାରଣ । ଜୟ ମାଧବ ନନ୍ଦକ-ଧାରଣ ।୨।
ଜୟ ରମାରମଣ ଦଇତାରି । ଜୟ ଅନନ୍ତ ଅଖିଳବିହାରୀ ।୩।
ଜୟ ଗରୁଡ଼ାସନ ପୀତବାସ । ଜୟ ବକାରି ନରକବିନାଶ ।୪।
ଜୟ ଭକତବତ୍ସଳ ମୁରାରି । ଜୟ କାରଣସଲିଳବିହାରୀ ।୫।
ଜୟ ଜଗତଜୀବନ ମୋହନ । ଜୟ ନୃସିଂହ ହିରଣ୍ୟଧ୍ୱଂସନ ।୬।
ଜୟ ଯାଦବ-ବରଜଚନ୍ଦ୍ରମା । ଜୟ ସର୍ବ କାରଣ ବିଶ୍ୱକର୍ମା ।୭।
ନାନା ରୂପ, ଅରୂପ ତୁହି ହୁଅ । ପ୍ରାଣିମାନଙ୍କ ହିତେ ଦେହ ବହୁ ।୮।
ଗୋରୁ ବ୍ରାହ୍ମଣ ରକ୍ଷଣେ ତୋ ଜାତ । କେହି ନ ଜାଣେ ଆଦି ମଧ୍ୟ ଅନ୍ତ ।୯।
ସର୍ବ ଆତ୍ମାରେ ତୁହି ଆତ୍ମାରାମ । ତୋର ବିହୁନେ ନାହିଁ କର୍ମାକର୍ମ ।୧୦।
ତୁ ସେ ଆଦି ଅନାଦି ନିର୍ବିକାର । ଶ୍ରୁତି ସ୍ମୃତିଙ୍କ ନାହିଁ ଗୋଚର ।୧୧।
ତୋର ଆଜ୍ଞା ଶିରେ ଧରି ବିରଞ୍ଚି । ଚତୁର୍ଦ୍ଦଶ ଭୁବନ ଅଛି ରଚି ।୧୨।
ଇନ୍ଦ୍ର ଚନ୍ଦ୍ର ସୂର୍ଯ୍ୟ ଆଦି ଦେବତା । ତୋର ସର୍ଜିଲାରୁ ଏହି ବକତା ।୧୩।
ତୋହୋ ନ କଲା ଆଉ ନାହିଁ କେହି । ତୁ ସେ ସର୍ବକର୍ତ୍ତା ଭାବଗ୍ରାହୀ ।୧୪।
ଏଣୁ ମନରେ କରଇ ବିଚାର । ତୋହର ବର୍ଣ୍ଣନକେ ଗତି ନାହିଁ ମୋର ।।
ଯେବେ ସୁଦୟା କରିବ ମୋହରେ । ମନ ରଖାଇ ପଙ୍କଜ ପୟରେ ।୧୬।
ଆଉ ସମ୍ପଦେ ନାହିଁ ପ୍ରୟୋଜନ । ଭକ୍ତି ବିନେ ମୋ ଦରିଦ୍ର ଜୀବନ ।୧୭।
ସୁଜ୍ଞ ଜନଙ୍କ ମୁଖରୁ ଶୁଣିଲି । କୃଷ୍ଣ ଭଜିଲେ ତରନ୍ତି ଜାଣିଲି ।୧୮।
ଜ୍ଞାନ ସ୍ମରଣ ପଠନ ଶ୍ରବଣେ । ପୂର୍ବେ ତରିଅଛନ୍ତି ମୁନିଗଣେ ।୧୯।
ଯେଣୁ ପୁରାଣେ ହୋଇଛି ଲେଖନ । ମିଥ୍ୟା ନୁହଇ ପ୍ରମାଣ ବଚନ ।୨୦।
କଳି ଜୀବଙ୍କେ ଯେ ହରି ଭଜନ୍ତି । ଭବ କଲୁଷ ସନ୍ତାପ ତେଜନ୍ତି ।୨୧।

ଏଣୁ ବିଚାର କରଇ ମନରେ । [illegible]ର୍ପା ମରୁଛନ୍ତି ଏ ଭବବନରେ ।୨୨।
ଧନ ଜନ ଜୀବନ ଚିର ନୋହେ । ପାପ-ଅନଳ ପିଣ୍ଡ-କାଷ୍ଠ ଦହେ ।୨୩।

ଲୋଭ ସକଳ ଦ୍ରବ୍ୟ ପ୍ରବର୍ତ୍ତାଇ । କାମ କାମିନୀ ମଦରେ ମତାଇ ।୨୪।
ମୋହ ମୋହିତ କଲା ଦିବାନିଶି । ମର୍ମେ ଘୋଟି ରହିଲା ପାପରାଶି ।୨୫।

ଚଳି ନୁହଇ ଯାତନାରେ ପଡ଼ି । ଦିନୁ ଦିନୁ ଆୟୁଷ ଗଲା ଛାଡ଼ି ।୨୬।
ଏଣୁ ବିଚାର କଲି ମୋର ଚିତ୍ତେ । ବୁଦ୍ଧି ନ ଦିଶେ ତରିବା କେମନ୍ତେ ।୨୭।

କୃଷ୍ଣ ଚରିତ ଅମୃତ ବାରିଧି । କଳି-କଲୁଷ-ରୋଗକୁ ଔଷଧି ।୨୮।
ତହିଁ କିଛି ପ୍ରସଙ୍ଗରେ କହିବି । ଦୁଷ୍ଟ ପାତକଭାରକୁ ଦହିବି ।୨୯।

ଗୀତ କରି ରଚିବି ହରିଲୀଳା । ଦୟା କର ହେ ସ୍ୱାମୀ ନନ୍ଦବାଳା ।୩୦।
ଯେଉଁ ରୂପେ କଂସ କେଶୀ ବଧିଲ । ଏଥି ପରେ ନାନା ଦୁଷ୍ଟ ସାଧିଲ ।୩୧।

ତାହା କହିବାକୁ ମୋର ବିଚାର । ଭାଗବତରେ ଜାଣିବ ପ୍ରଚାର ।୩୨।
ମୋର ହୃଦରେ ବସି ଦିଅ କହି । ଭକ୍ତଚରଣ ଏତକ ମାଗଇ ।୩୩।

ଏଥୁ ଅନନ୍ତରେ ଶୁଣ ସୁଜନ । ଶୁକ କହନ୍ତି ରାଜନ ଆଗେଶ ।୩୪।
ପରୀକ୍ଷିତ ଶୁଣି ହୋଏ ଉପତ । କୃଷ୍ଣଚରିତ ନାମ ଭାଗବତ ।୩୫।
ଦଶମସ୍କନ୍ଧ ଚରିତ ବର୍ଣ୍ଣନ । ଯେଉଁ ମତେ କଂସ ଜନ୍ମ ମରଣ ।୩୬।
ମହାପ୍ରତାପୀ ଦ୍ରୁମିଳ ନନ୍ଦନ । ଇନ୍ଦୁମତୀ ଗର୍ଭେ ହେଲା ଜନମ ।୩୭।

ବାହୁବଳେ ପୃଥିବୀ ଆକ୍ରୋଶିଲା । ନୃପବରମାନଙ୍କୁ ବିନାଶିଲା ।୩୮।
ଗୋରୁ ବ୍ରାହ୍ମଣଙ୍କୁ ଦେଲା କଷଣ । ଡରେ ଦେବତା ପଶିଲେ ଶରଣ ।୩୯।
ଧର୍ମ ନାଶି ଅଧର୍ମ କର୍ମ କଲା । ଦିନୁ ଦିନୁ ଜୀବଙ୍କୁ ଦୁଖ ଦେଲା ।୪୦।
ଦେଖି ସହି ନ ପାରିଲେ ଅମର । ସର୍ବେ ମେଳ ହୋଇ କଲେ ବିଚାର ୪୧

କ୍ଲେଶ କରିବା ବୋଲେ ସୁନାସୀର । ବେଳୁ ବେଳ ଦୁଖ ଦେଲା ଅସୁର ।୪୨।
କାହା ଆଗେ କହିବା ଗଲା ମହୀ । ଇନ୍ଦ୍ର ବଚନେ ପିତାମହ କହି ।୪୩।
କ୍ଷୀରସାଗରେ ଶୟନ ଅନନ୍ତ । ଯାଇ ଗୁହାରି କରିବା ଦେବନ୍ତ ।୪୪।
ଆମ୍ଭ ଅର୍ଥେ ହୋଇବେ ଅବତାର । ତେବେ ଦୁଷ୍ଟ ରାକ୍ଷସ ଯିବ ମାର ।୪୫।

ଏଥି ବାହାରେ ଅନ୍ୟ ଗତି ନାହିଁ । ବେଦବର ଉଠିଲେ ଏତେ କହି ।୪୬।
ସର୍ବ ଦେବତା ସଙ୍ଗରେ ଘେନାଇଁ । କ୍ଷୀରସାଗରତଟେ ହେଲେ ଯାଇଁ ।୪୭।
ଅତି ଆରତେ ଡାକନ୍ତି ଅମର । ଦେବ ରକ୍ଷାକର ମହୀ ତୋହର ।୪୮।
ଯେବେ ନ ରଖିବ ନାଶ ଗଲୁଟି । ଦୈତ୍ୟ ସ୍ୱର୍ଗଭୁବନ କଲା ଲୁଟି ।୪୯।

ଗୋରୁ ବ୍ରାହ୍ମଣ ସୁଜନ ନାଶିଲା । ମହା ଅଧର୍ମେ ମହୀକି ଗ୍ରାସିଲା ।୫୦।
ସୁରଗଣ ବିକଳ କର୍ଣ୍ଣେ ଶୁଣି । ଦୟାସାଗର ପ୍ରଭୁ ଚକ୍ରପାଣି ।୫୧।
ଆଜ୍ଞା କଲେ ସକଳ ସୁରେ ଯାଅ । ଦୈତ୍ୟ ମାରିବି ଅଳପ ଦିନ ରହ ।୫୨।

ବସୁଦେବ ଘରେ ହେବ ଜନମ । ବଢ଼ି କଂସକୁ ନାଶିବ ବହନ ।୫୩।
ଶୁଣି ଆନନ୍ଦେ ବାହୁଡ଼ି ଦେବତା । ଯହୁଁ ଆଜ୍ଞା ଦେଲେ ସୃଷ୍ଟିକରତା ।୫୪।
କେତେ ଦିନ ଅନ୍ତରେ ଭଗବାନ । ପୃଥ୍ୱୀ ହିତେ ତେଜି ନାଗଶୟନ ।୫୫।
ଦେବକୀର ଉଦରେ କଲେ ବାସ । ଜନ୍ମ ଲଭିଲେ ରହି ଦଶ ମାସ ।୫୬।
ବସୁଦେବ ଗୋପେ ଛାଡ଼ି ଆଇଲା । ତହୁଁ ଯେତେ ଯେତେ ଲୀଳା ହୋଇଲା ।
ଦିନୁ ଦିନୁ ବଢ଼ିଲେ ନନ୍ଦଘରେ । ଚନ୍ଦ୍ର ଯେସନେ ଚନ୍ଦ୍ରମା ପକ୍ଷରେ ।୫୮।
ସାତ ଦିନରେ ମାଇଲେ ପୂତନା । ଯାର ନାମ ଅଟଇ ବଜ୍ରସେନା ।୫୯।
ତୃଣା ଶକଟା ବକା ଅଘାସୁର । ମାରି ତାରିଲେ କୁବେର କୁମର ।୬୦।
କାଳୀ କାଳିନ୍ଦୀ ହ୍ରଦରେ ଦଳିଲେ । ବନ ଅନଳ ଖାଇଁତେ ଗିଳିଲେ ।୬୧।
ବତ୍ସ ବାଳକ ହରିଲା ବିଧାତ । ନିଜ ଅଙ୍ଗରୁ ସର୍ବ କଲେ ଜାତ ।୬୨।
ନନ୍ଦ ରାଜାକୁ ହରିଲା ବରୁଣ । ତାଙ୍କୁ ଆଣିଦେଲେ ରମାରମଣ ।୬୩।
ଇନ୍ଦ୍ର ବିବାଦେ ତୋଳି ଗୋବର୍ଦ୍ଧନ । ଗୋପ ରଖିଲେ ଜଗତ୍-ଜୀବନ ।୬୪।
ବୃନ୍ଦାବନରେ କରନ୍ତି ବିଳାସ । ସଙ୍ଗେ ଘେନି ଅନେକ ବାଳଶିଶ ।୬୫।
ବସ୍ତ୍ର-ଚୋରି ଆଦି ଯେତେ ଚରିତ । କେହୁ କହିବ କରି ଆଦିଅନ୍ତ ।୬୬।
ରାସେ ରସିଲେ ଗୋପୀଙ୍କ ସଙ୍ଗତେ । ଏହି ମତି ବେଭାର ଯେତେ ଯେତେ ।୬୭
କେଶୀ ପିଣ୍ଡ ମର୍ଦ୍ଦିଲେ ବାହୁବଳେ । ପ୍ରାଣେ ମାଇଲେ ଯେତେ ଦୈତ୍ୟ ଗଲେ ॥
ତାହା ଶୁଣି ଉଠିଲା କଂସାସୁର । ଭୟେ କମ୍ପଇ ହୋଇ ଥରହର ।୬୯।
ମନ୍ତ୍ରୀ ଅକ୍ରୂରକୁ ଘେନି ଭଳଇ । କ୍ରୋଧେ ନୟନୁ ଲୋତକ ଗଳଇ ।୦।
କହେ କାତର ଭରେ ହୋଇ ଛନ୍ନ । ମନ୍ତ୍ରୀ ଶୁଣିବା ମୋହର-ବଚନ ।୭୧।
ମୁନିବର ନାରଦ ଗଲେ କହି । ତେଣୁ କରି ଅସ୍ଥିର ମୋର ଦେହି ।୭୨।
ନନ୍ଦନନ୍ଦନ ମୋହର ବଇରୀ । ତାକୁ କେମନ୍ତେ ପକାଇବ ମାରି ।୭୩।
ଯେତେ ଚଳେ ସଂହାରିବା ନିମନ୍ତେ । ତାଙ୍କୁ ମାଇଲା ଗୋବିନ୍ଦ କାଇଁତେ ।୭୪।
କେତେ ଉପାୟ କଲି ତାଙ୍କ ପାଇଁ । ତହିଁ କିଛି ନୋହିଲେ ବେନିଭାଇ ।୭୫
ବିଷ ସ୍ତନେ ଭରି ଗଲା ପୂତନା । ତାକୁ ଜାଣି ମାଇଲା ନନ୍ଦକାହ୍ନା ।୭୬।
ପୁଣ ତୃଣା ଶକଟା ବେନି ଗଲେ । ସେହି ନାଶିଲେ, ବାହୁଡ଼ି ନଇଲେ ।୭୭।
ବକା ଅଘା ବ୍ୟୋମ ବତ୍ସାସୁରକୁ । କେଶୀ କଦମ୍ବା ଧେନୁକା ଖରକୁ ।୭୮।
ମାରି ନାଶିଲେ ଛନ୍ତି ବେନି ଭାଇ । କିସ କରିବ ଶୁଣ ମନ୍ତ୍ରୀସାଇଁ ।୭୯।
ମୋର ବିଶ୍ୱାସ ତୁ, ଏଣୁ କହୁଛି । ଆଣି ଦେବୁ ନନ୍ଦର ବେନି ବଛି ।୮୦।
କାଲି ପ୍ରଭାତେ କରିବୁ ଗମନ । ରାମକୃଷ୍ଣ ଆଦି ନନ୍ଦ ରାଜନ ।୮୧।
ବରଷକଂ ବଢ଼ିନ ବସାଣ । ଏହା ଘେନାଇଁ ଆପଣା ସଙ୍ଗେଣ ।୮୨।
ମୋହ ସମୁଖରେ କରାଇବୁ ଭେଟ । ବଳେ ଧରି ମାରିବ ନନ୍ଦଝୁଟ ।୮୩।
ତେବେ ସୁଖେ ଭୁଞ୍ଜିବି ନାନା ଭୋଗ । ଯେତେ କାଳ ପର୍ଯ୍ୟନ୍ତେ ଥିବ ଯୋଗ ।୮୪

ବ୍ୟାଧି ଅଳପ ହୋଇ ସଞ୍ଚରଇ । ହେଳା ମାନବକେ ପରାଣେ ମାରଇ ।୮୫
ଶୂନ୍ୟ ମଣ୍ଡଳେ ମେଘ ପ୍ରକାଶଇ । ଛିଦ୍ର ହୋଇ ବହୁତ ବରଷଇ ।୮୬।
ଭସ୍ମ କୁଣ୍ଡରେ ଅଗ୍ନିକଣା ଥାଇ । ମନ୍ଦ ପବନେ ବଳିଷ୍ଠ ହୁଅଇ ।୮୭।
ଜାଳେ ସଂସାର କରଇ ଦାହନ । ସେହି ପ୍ରକାରେ ନନ୍ଦର ତନୁଜ ।୮୮।
ତାଙ୍କୁ ବେଳହୁଁ ଉପାଏ ମାରିବା । ନ ମାରିଲେ କାଳେ ଆପେ ମରିବା ।୮୯
ତେଣୁ କରି କହିଲି ମନ୍ତ୍ରୀବର । ମୋହ ଅର୍ଥେ ଉପାଏ ତୁମେ କର ।୯୦।
ଏତେ ବୋଲି ବେନିକର ଧରିଲା । ଶୋକେ ଆଲିଙ୍ଗନ କରି କହିଲା ।୯୧।
କରେ ବହୁତ ପ୍ରକାରେ ବିନତି । କହୁ କହୁ ପ୍ରବେଶ ହେଲା ରାତି ।୯୨
ନିଜ କରେ ଲେଖନପତ୍ର ଧରି । ଆଜ୍ଞାପତ୍ରିକା ଲେଖି ଦଣ୍ଡଧାରୀ ।୯୩।
ମୁଦି ଅକ୍ରୂର କରେ ସମର୍ପିଲା । ଯାଅ ବୋଲି ହରଷେ ଆଜ୍ଞା ଦେଲା ।୯୪।
ମନ୍ତ୍ରୀ ଗଲାରେ ଲମ୍ଭାଇ ବାହାର । ଚିତ୍ତ ଆନନ୍ଦେ ହୋଇଲା ମନ୍ଦିର ।୯୫।
କଂସ-ରାଜାହିଁ ନିଶ୍ଚିନ୍ତେ ରହିଲା । କାଳଚକ୍ରେ ପଡ଼ି ମୋହ ହୋଇଲା ।୯୬।
ସ୍ନାନ ମାର୍ଜନ ଭୋଜନ ଶୟନ । କିଛି ନ ରୁଚଇ ବିଷ ସମାନ ।୯୭।
ଯେଉଁ ଦିଗକୁ ଚାହଁଇ ଅନାଇଁ । ସେହୁ ଦିଗେ ଦିଶେ ନନ୍ଦକହ୍ନାଇ ।୯୮।
ଶୋଇ ସପନେ ଚମକି ପଡ଼ଇ । କାନ୍ଧ ବଚନ ଘଣକେ ହୁଡ଼ଇ ।୯୯।
ଝାଇଁ ମାରଇ ନିଶ୍ୱାସ ପ୍ରଖର । ସପନରେ ଦେଖଇ ନିଜ ଶିର ।୧୦୦।
ଶଙ୍ଖ ଶବଦ ନିଶ୍ୱାସ ପବନ । କରେ ଦକ୍ଷିଣ ଦିଗକୁ ଗମନ ।୧୦୧।
କଣ୍ଠେ ମନ୍ଦାରମାଳ ବିଭୂଷଣ । କରି ମଇଁଷିଯାନ ଆରୋହଣ ।୧୦୨।
ଚର୍ମ ଦେଶରେ ପଡ଼ିଛି କବରୀ । ଫିଟି ପବନେ ଉଡ଼େ କେରି କେରି ॥
ଚୌଦିଗେ ଶୃଗାଳ ଶ୍ୱାନ ପେଚ । ଗୃଧ୍ର ଅହି ମଞ୍ଜାରୀ ଦ୍ୱିଜ ଉଚ ।୧୦୩।
ପ୍ରାଣ ନ ରହଇ ଯେଉଁ ସ୍ୱପନେ । କଂସ ଦେଖିଲା ତା ବେନି ନୟନେ ॥
ଚେତ ଉଠେ ମନରେ ବିଚାରଇ । ସ୍ୱପ୍ନ ସତ୍ୟ ନୋହେ ବେଦ ଭାଷଇ ॥
ମନେ ଏମନ୍ତ ବିଚାରି ଶୋଇଲା । ନିଶି ପାହିଣ ପ୍ରଭାତ ହୋଇଲା ।୧୦୪।
ଜାଣି ଅକ୍ରୂର ଉଠିଲା ଆସନ୍ନ । ପୂର୍ବ ଦିଗେ ଦେଖିଲା ଉଦେ ଭାନୁ ॥
ନିତ୍ୟକର୍ମ ସାରି ହେଲା ବାହାର । ଭକ୍ତ ଦାସ ସାଜେ ରଥ ତାହାର ॥

——0——

## ଦ୍ୱିତୀୟ ଛାନ୍ଦ

(ରାଗ—କାଳୀ

କୃଷ୍ଣଦର୍ଶନ ଆଶେ ଉଚ୍ଛନ୍ନ ହୋଇ ସଫଲାସୁତ ।
ସାଜିଲା ରଥ ଯୋଚିଲା ଅଶ୍ୱ ହେଜିଲା ଯିବା ପଥ ।
ବାଗ ଦଉଡ଼ି ଧରିଣ ଚଢ଼ି ଯା ବୋଲି ଦେଲା ଚୂଳ ।
ଚକ୍ଷୁ ମଟକେ ଅତିଛଟକେ ମଥୁରାସୀମା ବଳ । ୨ ।

କରେ ଗମନ ଅତି ଶୋଭନ ଦିଶିବ ରଥବର ।
ଯହିଁରେ ବସେ ଦେବଙ୍କ ରାଜେ କରିବେ ମଧୁପୁର ।୩।
କଂସନଗର କରେ ବାହାର ଧନ୍ୟ ହୋଇଲି ଆଜ ।
ଧନ୍ୟ ମୋ ତାତ ଧନ୍ୟ ମୋ ମାତ ଦେଖିବି ଦେବରାଜ ।୪।
ଧନ୍ୟ ରେ ନେତ୍ର ହେବ ପବିତ୍ର ଚାହିଁ ଜଳଦତନୁ ।
ଗୋପାଳ ମେଳେ ନନ୍ଦର କୋଳେ ବସି ଯେ ଥିବେ କାହ୍ନୁ ।୫।
ଦୂରୁ ଅନାଇ ଡାକିବେ ଭୁଇ-ଭାଇ ଅକ୍ରୂର ଆସ ।
ସେ ବାଣୀ ଶୁଣି ଶ୍ରବଣ ବେନି ତେଜିବେ ସର୍ବଦୋଷ ।୬।
ଶରୀର ଗନ୍ଧ ପାଇ ଆନନ୍ଦ ହୋଇବ ନାସାଦ୍ୱାର ।
କରିଚନ୍ଦ୍ର କୋଳ ଅଙ୍ଗ ନିର୍ମଳ ହୋଇବ ଆଜ ମୋର ।୭।
ବିଶ୍ୱାସମାନ ପରି ରାମ-କୃଷ୍ଣ କରିବେ ପୂଜା ।
ସଦାନ୍ତୁ ଶତ୍ରୁ ପେଷିଲା ମୋତେ ଧନ୍ୟ ସେ କଂସରାଜା ।୮।
ପାଇବି ଗତି ଦେଖି ଶ୍ରୀପତି ଛେଦିବି ଭବବନ୍ଧ ।
ସ୍ନେହରେ କରି ବ୍ରଜବିହାରୀ କର ଦେବେ ମୋ କନ୍ଧ ।୯।
ଏମନ୍ତ ଭାଳି ଆସନ୍ତେ ଚଳି ଦେଖିଲା ବାଲିବୃନ୍ଦ ।
ଧ୍ୱଜ ଅଙ୍କୁଶ ଚକ୍ରାଦି ଚିହ୍ନ ସହିତେ ପଦ୍ମପାଦ ।୧୦।
ଆନନ୍ଦ ହୋଇ ରଥରୁ ଡେଇଁ ଶିରେ ନିଜଙ୍କେ ବାଲି ।
ହା କୃଷ୍ଣ ବୋଲି ନ ପାରେ ଟୁଳି, ନୟନୁ ଅଶ୍ରୁ ଗଳି ।୧୧।
କହି ହୁଙ୍କାଇ, ଉଠି ପଡ଼ଇ, ଗଡ଼ଇ ପାଦ ପରେ ।
ଶୂନ୍ୟକୁ କୋଳ କରି ଆକୁଳ, କମ୍ପଇ ପ୍ରେମଭରେ ।୧୨।
ଚକ୍ଷୁ ବୁଜଇ ମନେ ହେଜଇ, ଗୋବିନ୍ଦ ଲୀଳାମାନ ।
ଉଚେ ଗର୍ଜଇ ବାତୁଳ ହୋଇ କ୍ଷଣକେ ଅଚେତନ ।୧୩।
ଅଳପ ଚାହିଁ ନୟନ ଦୁଇ ପୁଣି ବୁଜଇ ଭାବେ ।
ଗୋପୀମୋହନ ହେ ଶ୍ୟାମଘନ ବୋଲି ଆରତେ ଭବେ ।୧୪।
ମୁଁ ହୀନ ମୂଢ଼ ପାପିଷ୍ଠ ବଡ଼ ନାହିଁ ମୋହର ଭାଗ୍ୟ ।
ସତେ କି ଥରେ ନେତ୍ରପଥରେ ଦେଖିବି ଗୋପମାର୍ଗ ।୧୫।
ନମିବି ପାଦେ ଅତି ଆନନ୍ଦେ ତୋଳି ଧରିବେ ହରି ।
ରାମ ସହିତେ ଦର୍ଶିବେ ମୋତେ ପ୍ରେମାଲିଙ୍ଗନ କରି ।୧୬।
କହି ଏସନ ବସିଲା ଯାନ ବାହୁଡ଼ି ଧୀରେ ଧୀରେ ।
ତୁରିତେ ଯାଇ ପ୍ରବେଶ ହେଲା ଗୋପର ସୀମାନ୍ତରେ ।୧୭।
ଦେଖିଲା ଗୋଷ୍ଠେ ଗୋପାଳ ମେଳେ ଗାଈ ଦୁହନ୍ତି ହରି ।
ନୀଳଜୀମୂତ-ବରନ ପୀତ-ବସନ ବପୁଧର ।୧୮।

ଶିରେ ସେ ମୁଣ୍ଡୀ କି ଅବା ମଣ୍ଡି ଥୋଇଛନ୍ତି ଇନ୍ଦ୍ରଧନୁ ।
ଭ୍ରମରଶ୍ରେଣୀ ଚୁମ୍ବନ୍ତି ଜାଣି ସୁଗନ୍ଧ ଗନ୍ଧ ଯେଣୁ ।୧୯ ।
ଅଳକାପନ୍ତି ଝଳ ଦିଶନ୍ତି ଭ୍ରୂଲତା ସୁସ୍ୱରୂପ ।
ନୟନ ବାଣ ଅଞ୍ଜନ ଗୁଣ କର୍ଣ୍ଣ ପର୍ଯ୍ୟନ୍ତେ ଧାପ ।୨୦ ।

ତିଳକୁସୁମ ନାସା ସୁଷମ ଅଧର ପାରିଜାତ ।
କର୍ଣ୍ଣକୁଣ୍ଡଳ ରବିମଣ୍ଡଳ ନିନ୍ଦଇ ଶତପତ୍ର ।୨୧ ।
ତାଳମ୍ବ ବୀଜ ବଦନ ତେଜ ରୁଚି ନିନ୍ଦଇ ଇନ୍ଦୁ ।
ଦ୍ରୁହାସ କାଲେ ଚାହିଁଲେ ଡୋଳେ ଭୁଲିବେ କୁଳବଧୂ ।୨୨।

କଣ୍ଠରେ ଦାମ ଗନ୍ଥଇ କାମ ନାନା ରତନମାନ ।
ବାହେ ଭୂଷଣ ମଣିକଙ୍କଣ ଦୋହନ କାଳେ ସ୍ୱନ ।୨୩।
ପରିଧାପନ ପୀତବସନ ଘନେ ଅଙ୍ଗିର ପରି ।
ପାଦେ ନୂପୁର-ନାଦ ମଧୁର ଶୁଣି କେ ହେବ ଧୀର ।୨୪।
ପୁଣି ଚାହିଁଲ ରୋହିଣୀବାଳା ଶିରେ ସପତ ଫେଣୀ ।
ମଣିମୁକୁଟ ଲମ୍ବିତପଟ ଅଳକା ଭୃଙ୍ଗଶ୍ରେଣୀ ।୨୫।

ଗୋକ୍ଷୀର ବର୍ଣ୍ଣ, ନୟନ ଘୂର୍ଣ୍ଣ ଅଳସ ପ୍ରାୟେ ଚାହେଁ ।
କର୍ଣ୍ଣେ କୁଣ୍ଡଳ କି ମାର୍ତ୍ତଣ୍ଡ ଚନ୍ଦ୍ରମା ପାଶେ ରହେ ।୨୬
ଅଧର ରଙ୍ଗ ଦିଶଇ, ସଙ୍ଗ ହେଲା କି କଞ୍ଜ ଜବା ।
ନାସାରେ ହେମ ବସଣୀ ସମ ଲକ୍ଷ୍ୟ କାହାକୁ ଦେବା ।୨୭ ।
ବାହେ ବାହୁଟୀ ଦିବ୍ୟ ଭୂଷଣ, କଟୀରେ ନୀଳପଟ ।
ଚରଣେ ନାନା କମ ମଞ୍ଜୀର ଶବଦ ପରକଟ ।୨୮।

ଦୁହନ୍ତି ଗାଇ ସୋଦର ଦୁଇ ସଙ୍ଗେ ବହୁତ ବାଳ ।
ବାଛୁରୀମାନେ ଅଙ୍ଗ ଲିହନ୍ତେ ଲାଗି ରହିଛି ଲାଳ ୨୯।
ଦୁହନ୍ତି ଚାଣ୍ଡେ, ଭରନ୍ତି ଭାଣ୍ଡେ, ଚୁଅନ୍ତି ତଳାତଳ ।
ଗୋପନନ୍ଦନେ ବାଦବଚନେ ଏକ ଆରେକ ବଳ ।୩୦।

ସମ ବସନ ସମ ଗମନ ସମ ଚାହିଁବା ଠାଣି ।
ଚିହ୍ନି ନ ପାରି କେ ରାମହରି ଭ୍ରମଇ ମନ୍ତ୍ରୀମଣି ।୩୧।
ନନ୍ଦନନ୍ଦନ ଜାଣି ତା ମନ ସଦୟୁ ଚାହେଁ ଭଲ
ଏ ସେ ଅକ୍ରୂର କଂସ ନଗର ମୋହର ପ୍ରାଣସରି ।୩୨ ।
ମୋର ଭଗତ ସଫଳସୁତ ଦ୍ୱିତୀୟେ ତାତଭ୍ରାତ ।
ଏହାଙ୍କୁ ମାୟା କଲେ ନ ପୁଣି ତରଇ ହୋଇ ନସ୍ତ ।୩୩ ।
ଏତେ ବିଚାରି ମାୟା ସଂହରି, ଅକ୍ରୂର ଦେଲା ଚାହିଁ ।
ଜାତରତରେ କମ୍ପେ ଅଥିରେ, ପାଦେ ପଡ଼ିଲା ଶୋଇ ।୩୪ ।

ବାହୁ ପ୍ରସାରି ତୋଳିଲେ ହରି ଝାଡ଼ି ଅଙ୍ଗରୁ ଧୂଳି ।
ରାମ ସହିତେ ଆନନ୍ଦଚିତ୍ତେ ଅକ୍ରୂରେ କୋଳାକୋଳି ।୩୫ ।
ନୟନୁ ଧାର ବହଇ ଉର ଭିଜିଲା ଗୃହୁଁ ଗୃହୁଁ ।
ଜଳେ ଲବଣ ପ୍ରାୟେ ପ୍ରେମେଣ ମଜ୍ଜିଲେ କହୁଁ କହୁଁ ।୩୬ ।
ଦାସ-ଜୀବନ ଜାଣି ତା ମନ ପୁଣି ଭିଡ଼ନ୍ତି ଭାବେ ।
କଣ୍ଠରେ କର ପକାଇ ଧୀର ଗମନ୍ତି ନିଯାଦବେ । ୩୭ ।
ମନ୍ଦିରେ ନେଇ ଆସନ ଦେଇ ଜଳେ ଧୋଇଲେ ପାଦ ।
ବିବିଧପୁର-ପିଷ୍ଟକ ସର ଲବଣୀ ଆଦି ଖାଦ୍ୟ । ୩୮ ।
ସୁଖେ ଭୁଞ୍ଜାଇ ପାନ ଭିଙ୍ଗାଇ କର୍ପୂର ସଙ୍ଗେ ଦେଇ ।
ବାସଚନ୍ଦନ ଅଙ୍ଗେ ଲେପନ କରନ୍ତି ବେନି ଭାଇ । ୩୯ ।
ଆସିବାବେଳେ ହୃଦମଣ୍ଡଳେ ବିଚାରିଥିଲା ଯାହା ।
ଦାସବତ୍ସଳ ଯଶୋଦାବାଳ ଜାଣି କରନ୍ତି ତାହା । ୪୦ ।
ରତ୍ନପଲଙ୍କେ ଝୀନବସନ ଶେଯାଇ ପୁଷ୍ପ ବିଞ୍ଚି ।
ଶିରକୁ ସୀମ—ସ୍ଥାନ ଯୋଗାଇ କର୍ପୂରଧୂଳି ସିଞ୍ଚି । ୪୧ ।
ଅକ୍ରୂରବୀର ତହିଁ ଉପର ଶୋଇଲା ଶାନ୍ତ ହୋଇ ।
ରାମ ଗୋବିନ୍ଦ ବେନି ସୋଦର ଚୃପେ ଚରଣ ଧୁଇ । ୪୨ ।
ମଥୁରା କଥା ପଚାରି ବାରି ନୟନୁ ଝରି ଝରି ।
ମାତା ପିତାଙ୍କ କୁଶଳଟିକି କହ ହେ ମନ୍ତ୍ରୀବର । ୪୩ ।
କଂସ ଅସୁର ମାରିଲା ମୋର ଯେତେ ସୋଦର ଜାତ ।
ସେ କଥା ଜାଣି ଜନକ ଆଣି ମୋତେ ଥୋଇଲା ଏଥ । ୪୪ ।
ଦୁସ୍ତର ଦୁଃଖ ଦିଅଇ, ସୁଖ ତିଳ-ପ୍ରମାଣେ ନାହି ।
ଯାଦବକୁଳ କାଳଅନଳ ହୋଇଲା ଭୋଜସାଇଁ । ୪୫ ।
ଦୁର୍ମିଳଚାଠ ଅଜ୍ଞାନ ନଷ୍ଟ ସେ ଥିବ ଯେତେ ଦିନ ।
କାହାର ଧନ ଜୀବନ ଘର ନୋହିବ ହୀନ । ୪୬ ।
ହେ ତାତ ! ସତ କହ, କି କାର୍ଯ୍ୟେ ଅଇଲ ଗୋପଦେଶ ।
ଶୁଣି ଅକ୍ରୂର ବୋଲଇ, ତୁ କି ନ ଜାଣୁ ପୀତବାସ । ୪୭ ।
ପାରିଲେ ରଖ, ହେଲା ନରେଖ କଂସର ଦର୍ପ ହରି ।
ଏହି ବିଷୟେ ଆସିଛି ମୁହିଁ, ପଚାରୁଁ ଭଙ୍ଗୀ କରି ।
ପେଷିଛି ନୃପ ତୋତାରେ କୋପ କରି ବହୁତ ବାଟେ ।
ଧରାଇ ନେଇ ମାରିବାପାଇଁ ପତ୍ର ଲେଖିଛି ରାଗେ । ୪୯ ।
ଏ ବାଣୀ ଶୁଣି ଶାରଙ୍ଗପାଣି ବୋଲନ୍ତି ଦରହାସେ ।
ଲେଖିଛି, କିସ ନପଡ଼ି କଂସ ବନ୍ଧ ପିତାଙ୍କ ପାଶେ । ୫୦ ।

କଂସ ବୋଲନ୍ତି ବରଜପତି ତାହା ଶୁଣିମା ଦେଖି ।
ସେ ଯେବେ 'ଯାଅ' ବୋଲିବେ ତେବେ ଯାଦବେ ହେବେ ସୁଖୀ । ୫୧ ।
ନ ଯିବେ ସୁତ ବୋଇଲେ ତାତ କେମନ୍ତେ ଯିବୁଁ ଆଉ ।
ଏ ବାଣୀ ଶୁଣି ସେ ମନ୍ତ୍ରୀମଣି ହୃଦେ ପଶିଲା ଦାଉ । ୫୨ ।
କଂସର ଗୃହ କରେ ବିଗ୍ରହ କିସ କରିବ ମୁହିଁ ।
କୃଷ୍ଣ ନ ନେଲେ ମୋତେ କି ଭଲେ ରଖିବ ଭୋଜସାଇଁ । ୫୩ ।
ବ୍ରହ୍ମାଣ୍ଡମାନେ ଯା ରୋମମୂଳେ ନିବାସ କରିଛନ୍ତି ।
ପାଦ ପାତାଳ, ଶିର ଅମ୍ବର, ଯାକୁ ନ ଜାଣେ ଶ୍ରୁତି । ୫୪ ।
ରୂପ ଅରୂପ କ୍ଷଣ କ୍ଷଣକେ ହୁଅଇ ଇଚ୍ଛା ସୁଖେ ।
ଏହା ନ ଗଲେ କେ ନେଇପାରେ, ବୋଲି ଭାଳଇ ଦୁଃଖେ । ୫୫ ।
ଅକ୍ରୂର ମନ ଜାଣିଲେ ଶ୍ୟାମ; ବୋଲନ୍ତି ଶୁଣ ମନ୍ତ୍ରୀ ।
ମଥୁରା ଯିବା, କଂସ ମାରିବା, ମନେ ନ କର ଭ୍ରାନ୍ତି । ୫୬ ।
ଉଠାଉ ତାର ନନ୍ଦ ଆଗର ଦିଅ ସଙ୍କଳସୂତ୍ର ।
ଶୁଣି ଅକ୍ରୂର ନନ୍ଦ ଆଗର କହଇ କୋପଚରିତ୍ର । ୫୭ ।
ନିଦ୍ରାରେ ମୋହ ହୋଇଣ ଥିଲି, ଉଠିଲି ଚେତ ପାଇ ।
କଂସର ପତ୍ର ବୋଲିଣ ଗାନ୍ଧି କମ୍ପାଇ ଉଭା ହୋଇ । ୫୮ ।
ବୋଲେ ଅକ୍ରୂର ହେ ଗୋପବୀର ରାଜାର ଆଜ୍ଞା ଘେନ ।
ଉତ୍ତର ହେଲେ ନ ବଞ୍ଚିବୁ ଭଲେ, ଲେଖିଛି ଯେଉଁମାନ । ୫୯ ।
ଶୁଣି କାତର ହୋଇ ପତ୍ରର ଶିରେ ଲଗାଇ ପଢ଼େ ।
କହେ ଭଗତ-ଚରଣ ଦାସ ଅକ୍ରୂର କୋପ ଗାଢ଼େ । ୬୦ ।

---

## ତୃତୀୟ ଛାନ୍ଦ

—— × ——

( ରାଗ-ବଙ୍ଗଳାଶ୍ରୀ )

ଲେଖିଅଛି କଂସ ହୋଇ ମହାରୋଷ, ଆହେ ଗୋପପତି ନନ୍ଦ ।
ଆଜ୍ଞାପ୍ରମାଣେ ଉତକାଳେ ଆସିବୁ, ନୋହିଲେ ଛେଦିବି କନ୍ଧ । ୧ ।
ଜାଣୁ ତ ମୋର ବଳ ବୀର୍ଯ୍ୟ ଯେତେକ, ଅରିକୁଳକୁ କେତୁ ।
ପ୍ରତିଜ୍ଞାରେ ରଣ ତେଜି ରଣରାଜ-ସୁରେନ୍ଦ୍ରେହେଁ ଲଭନ୍ତି ମୃତ୍ୟୁ । ୨ ।
କୋପ କଲେ ମହୀ ଦୋହଲ ଉଠଇ, ମେରୁ ହୋଏ ଥରହର ।
ରାଜ୍ୟ ଦେଲେ ଜନ୍ତୁ-ପକ୍ଷି ଭୟ କରେ; ଆଉମାନେ କେତେ ଛାର । ୩ ।

ବଧାଘାତେ ଶକ୍ର-କୂଟ ଭୂଧରକୁ କରି ପାରଇ ମୁଁ ଚୂନା ।
ଅଇଷ୍ଟ ଭରସଲ-ବାନା ବହଇ, ଶରଣକୁ ବଜ୍ରସେଣ୍ଡା । ୪ ।
ଦାନପଣକୁ ସୁନାସୀର ପରାଏ, ଗମ୍ଭୀର ପଣେ ଜଳଧି ।
ପଣ୍ଡିତପଣେ ଦେବଗୁରୁ ହାରଇ, ବେଦବେଦାନ୍ତରେ ଋଧି । ୫ ।
ଧାର୍ମ୍ମିକ ପଣେ କେହି ସମ ନୁହନ୍ତି, ପରଜା ପାଳନେ ତାତ ।
ମୋର ଦେଶରେ ଭୟଙ୍କର ପ୍ରଚଣ୍ଡ ହୋଇ ନ ବହଇ ବାତ । ୬ ।
ଅଗ୍ନି ଦେବତା ଶିଖାମାନ ନଉନ ଦେଖି ମୋର ତେଜ ବଳ ।
ସୁଜନ ରକ୍ଷି ଦୁର୍ଜନକୁ ମାରଇ, ଏକଥା ମୋହର ମୂଳ । ୭ ।
ଗଡ଼ ଦେଖି ବଡ଼ ସ୍ୱର୍ଗୀମାନେ ଆଡ଼ ହୁଅନ୍ତି ବହୁତ ଦୂରୁ ।
କଟକାଇ କଲେ ଅମରେ ପଳାଇ ଯାଆନ୍ତି ଅମରପୁରୁ । ୮ ।

ଯାଦବକୁଳ କୁମୁଦବନ ପ୍ରାଏ, ମୁଁ ତହିଁକି ନିଶାମଣି ।
ସୁନ୍ଦରପଣେ କାମ ସରି ନୁହଇ, ସହିବା-ପଣେ ଧରଣୀ । ୯ ।
ଯୁଦ୍ଧ ନ କରି ଯୋଦ୍ଧାମାନ ଜିଣିଲି, ବ୍ରହ୍ମାଣ୍ଡ ହୋଇଲା ମୋର ।
ଏହିଠାରେ ଥାଇ ଦର୍ଶନେ ନ ଆସୁ, ଏତେ ଗାରିମା ତୋହର । ୧୦ ।

ଜଡ଼ଗୋଷ୍ଠୀକେ ସର୍ବଜନ୍ତୁ ମରିବେ ଭିନପୁରେ ଥିବେ ଯେତେ ।
ଦୟା କରି ତାଙ୍କୁ ଶରଣ ରଖିଲି ଯେଣୁ ଆଶ୍ରେ କଲେ ମୋତେ । ୧୧ ।
ଇନ୍ଦ୍ର ଚନ୍ଦ୍ର ସୂର୍ଯ୍ୟ ସଙ୍ଗେ ଅଷ୍ଟଭୂଜ ସମସ୍ତେ ମୋହର ବଶ ।
ମହାଦୁଷ୍ଟମାନେ ଛାଡ଼ି ପଳାଇଲେ ଶୁଣି ମୋର ବୀରଘୋଷ । ୧୨ ।
ଛାର ଗଉଡ଼ ଅଟୁ ତୁ ଏତେ ମୂଢ଼ ନ ଦେଉ ମୋହର କର ।
ଦେବ ଯେବେ ଧାପ ରଖିବ କେ ବାପ ! ଅନଳେ ଦହିବ ପୁର । ୧୩ ।

ଶଶୁର ଯାର ଜରାସନ୍ଧ ଦଇତ, ସଖା ଯାର ବୀର କେଶୀ ।
ଏକା ନିମେଷକେ ଚରାଚର ମଣ୍ଡି ପକାଇ ପାରଇ ଧ୍ୱଂସି । ୧୪ ।
ଶୂର ନାରକା, ବ୍ୟୋମା, ଅଘା, ପ୍ରଲମ୍ବା, କଦମ୍ବା, ଦୁର୍ବନ୍ଧ ବୀର ।
ଚାଣୂର, ମୁଷ୍ଟିକ, ଶଲ୍ୟ ଆଦିମାନେ ଅଛନ୍ତି ମୋ ହନ୍ତକାର । ୧୫ ।
କେବଳ ଶିରୀଷ—କୁସୁମକୁ ମହା—ପ୍ରଳୟ ବରଷା ଲୋଡ଼ା ।
ସେହି ପ୍ରାୟେ ମୁହିଁ, ସେହି ପ୍ରାଏ ତୁହି, ଶିଶୁରେ ଯେ ପିବୁ ସଢ଼ା । ୧୬ ।
ଏବେ ମୋର ଅନୁଭକ୍ତିବ ହୋଇଛି, ସମ୍ଭାର ଘେନାଇ ଆସ ।
ସମସ୍ତ ଦୋଷ ତୋର କ୍ଷମା ହୋଇଲା ମନେ ନ କରିବୁ ତ୍ରାସ । ୧୭ ।
ସମ୍ଭାର ଦଧି ଶକଟେ ଭରି ଘେନାଇ ଗୋଟିକା ଅଧାମ ଆଦି ।
ସଙ୍ଗେ ଗୋପ ଦଶ ପଞ୍ଚାଶ ଆଣିବୁ, କରିବେ ସେ ଯାନାବଧି । ୧୮ ।
ରାମ କୃଷ୍ଣ ଦେନି ଭାଇଙ୍କି ଅକ୍ରୂରଙ୍କ ସଙ୍ଗେ ସଙ୍ଗ କରି ଦେବୁ ।
କେତେଡ଼େ ହେଲେଣି ତୋର ନନ୍ଦନନ୍ଦନ ତାହାଙ୍କୁ ଆମ୍ଭେ ଦେଖିବୁ । ୧୯ ।

ସେହି ଦେଖିବେ ମହାଧନୁ ଉଚ୍ଛବ; ଶୁଭକଥା ସିନା ତୋତେ ।
ବଡ଼ଲୋକ ସଙ୍ଗେ ସଙ୍ଗ ହୋଇ ଯିବେ, ଭୟ ନ ରହିବ ଚିତ୍ତେ । ୧୦ ।
ବୃଦ୍ଧଶରୀର, କେତେ ଦିନ ବଞ୍ଚିବୁ, ମିଥ୍ୟା ମାଟି କଳେବର ।
ତୋହର ଥାଉଁ ଥାଉଁ କୁମରବେନିଙ୍କି ଆମ୍ଭେ ପରତେ କର । ୧୧ ।
ଶାଢ଼ୀ ବନ୍ଧାଇ ରାଜନପଣ ଦେଇ ସୁଖେ ଗୃହେ ବସିଥାଅ ।
ଆମ୍ଭର ଯେତେ ହାନିଲାଭ ହୋଇବ କରିବେ ତୋହର ପୁଅ । ୧୨ ।
ନିଶି ପାହିଲେ ଧନୁପୂଜା ହୋଇବ; ଅଳସ ନ କର ଆସ ।
ଏମନ୍ତ ବୋଲି ଚିଠାଉ ଲେଖିଅଛି, ପଢ଼ି ନନ୍ଦ ହେଲେ ତୋଷ । ୧୩ ।
ବିସ୍ମୟ ଚିତ୍ତରେ ହୃଦୟ ଭିତରେ କଲା ମହାଘୋର ଭୀତି ।
ଯହୁଁ ଶୁଣିଲା ମଥୁରା ଯିବେ ଦୂତ ସଙ୍ଗେ ରାମ ଶ୍ରୀପତି । ୧୪ ।
ପରିଜନ ରାଇ ବୋଲେ ଗୋପସାଇଁ ଗୋପରେ ଘୋଷଣା ଦିଅ ।
ନିଶି ପାହିଲେ ମଥୁରାପୁର ଯିବେ, ସମ୍ଭାର ସଜାଡ଼ି ଥାଅ । ୧୫ ।
ଏତେକ ଭାଷି ଅକ୍ରୂରକୁ ଚରଚ୍ଚ କରଇ ବରଜ ରାଜା ।
ବୋଲେ ବଇରାଗୀ ଭଗତଚରଣ ଗୋପରେ ବାଜଇ ବାଜା । ୧୬ ।

---

## ଚତୁର୍ଥ ଛାନ୍ଦ

( ରାଗ—ବିଲାସମଞ୍ଜରୀ ୧ )

ଦାଣ୍ଡରେ ଶୁଭିଲା ରାମ କୃଷ୍ଣ ବେନି ଭାଇ ।
ଅକ୍ରୂର ଆସିଛି ତାଙ୍କୁ ଧରିନେବା ପାଇଁ ।
ରାଜା ପରଜା ସହିତେ
ସଜ ହୋଇଥାଅ, କାଲି ଚଳିବା ପ୍ରଭାତେ । ୧ ।

କରିଛି ସାଯୁକପୂଜା କଂସ ବୀରମଣି ।
ଆସିଛନ୍ତି ଅନେକ ଦେଶରୁ ନୃପମଣି ।
ତାହା ଦେଖିବାର ପାଇଁ ।
ଏଣୁକରି କଂସ ଦୂତ ଅଛି ପଠାଇ । ୨ ।

ଶୁଣି ଗୋପପୁରଜନେ ହୋଇଲେ ଅରତି
ବଜ୍ର ବାଜି ଥାକର ହୁଅଇ ଯେସନ୍ତେ ପାତ ।
ସେହି ମତ ହେଲେ ଗୋଇ ।
ଏକକୁ ଆରେକ ବୋଲେ, କି କରିବା ସହି । ୩ ।

ପାଞ୍ଚ ସାତ ମେଳି ହୋଇ କରନ୍ତି ବିଚାର ।
କୃଷ୍ଣ ବିନୁ ପରାଣ ଧରିବ କାହାର ଛାର ।

ନଶ୍ଚେଁ ହୋଇବ ମରଣ ।
ଯେତେବେଳେ ଗୋପ ତେଜି ଯିବେ ନାରାୟଣ ।୪।

କେ ବୋଲଇ, ମରଣ ଆମ୍ଭଙ୍କୁ ପଛେ ହେଉ ।
ମଥୁରା ନ ଯାଇ କୃଷ୍ଣ ଗୋପପୁରେ ଥାଉ ।
କଥା ରହନ୍ତା ସଂସାରେ
ପ୍ରାଣ ଦେଇଛନ୍ତି ଗୋପୀ ଶ୍ରୀକୃଷ୍ଣ ଆଶାରେ ।୫।

କେଉଁ ଏଣୀଦୃଶା ଭାଷି କରଇ ରୋଦନ ।
କାଲଠାରୁ ଫୁଟିଯିବ ଏ ବେନି ନୟନ ।
ଅନ୍ଧ ହୋଇ ବସିଥିବା ।
ଅକ୍ରୂର ହସ୍ତରେ ଯେଣୁ ବେନି ଚକ୍ଷୁ ଦେବା ।୬।

କେ ବୋଲଇ, କାଲଠାରୁ କୁମୁଦ ମରବେ ।
କୁମୁଦ-ରମଣ ଯେଣୁ କୁମୁଦକୁ ଯିବେ ।
ଅନ୍ଧକାରକୁ ବାଢ଼ିବ ।
ସତେ କି ଚନ୍ଦ୍ରମା ଚନ୍ଦ୍ରମଣିକି ଛାଡ଼ିବ ।୭।

କେଉଁ କରୀନ୍ଦ୍ରଗମନା ନୟନ୍ତ ଲୋଚକ ।
ଭୂମିକି ଅନାଇ କ୍ରୋଧେ କହଇ ଅନେକ ।
ଆମ୍ଭ ସଙ୍ଗ ତୁହ୍ମ ହେବୁ ।
ଭୂଷଣବହୁନେ ଅଙ୍ଗ ଅଶୋଭା ଦଶିବୁ ।୮।

କେ ବୋଲେ, ଯମୁନାଗର୍ଭେ ଜୀବନ ହରିବା ।
ଦାରୁଣ କଂସନୃପତି ନାମରେ ମରିବା ।
ସ୍ତ୍ରୀହତ୍ୟା ଦୋଷ ପାଉ ।
ସୁଖ ଶିରୀ ଛାଡ଼ି ନିଜ ଜୀବନ ହରାଉ ।୯।

କେ ବୋଲଇ, ଭୋଜପତି ଆମ୍ଭ ଆୟୁ ନେଉ
ଆମ୍ଭେ ମରୁଁ ଆମ୍ଭ କୃଷ୍ଣ ଗୋପପୁରେ ଥାଉ ।
ଏହା କରୁ ଗୋ ଦଇବ ।
କେ ବୋଲେ, ଏମନ୍ତ ସଖି କେବେହେଁ ନୋହିବ ।୧୦।

କେଉଁ ପ୍ରେମଶୀଳା ଲୀଳା ବାହୁନ କାନ୍ଦଇ
କେହୁ କାହା ଗଳେ ବାହୁ ଆରତେ ଛନ୍ଦଇ ।
କେହୁ ଧରଣୀରେ ପଡ଼େ ।
କେହୁ ନିଜ ଭୁଜ ନେଇ ହୃଦୟରେ କୋଡ଼େ ।୧୧।

ନିଶ୍ୱାସ ପକାଇ କେହୁ ହୁଅଇ ସ୍ତମ୍ଭିତ ।
ହା ଗୋବିନ୍ଦ ବୋଲି କେହୁ ହୋଏ ମୂର୍ଚ୍ଛିତ ।
କେହୁ ବୋଲେ, ନନ୍ଦ ବାଇ
କେ ବୋଲେ, ଯଶୋଦା କିମ୍ପା ନ କହେ ଭଙ୍ଗାଇ । ୧୨

ଏହା ଶୁଣି ସାରଣୀ କହଇ ପ୍ରଭୁବାଣୀ ।
ଏଥିର ବିଚାର ସର୍ବେ ଅଛଇ ମୁଁ ଜାଣି ।
ମଧୁପୁର ନାରୀମାନେ ।
ଜାଣନ୍ତି ଭେଳକି ମନ୍ତ୍ର, ଭୁଲାନ୍ତି କୃଷ୍ଣନେ । ୧୩ ।

ଅକ୍ରୂର ହସ୍ତରେ ଔଷଧି ଦେଇଛନ୍ତି ।
ତେଣୁ ନନ୍ଦ ଯଶୋଦା ବଚନ ନ କହନ୍ତି ।
ସତ୍ୟ ଏ ମୋର ବଚନ ।
ଏହା ଶୁଣି ହେମମାଳା କରଇ ନିବେଦନ । ୧୪ ।

ଏମନ୍ତ ହୋଇଲେ ସଖି ବୁଡ଼ିଲା ମୋ ଭେଳା ।
ଗଲେ କି ଆସିବେ ଆଉ ଯଶୋଦାଙ୍କ ବାଳା ।
ଧାତା ଛାଡ଼ିଲା ନିଶ୍ଚିତ ।
କେମନ୍ତେ ବଞ୍ଚିବେ ତାଙ୍କ ବୃଦ୍ଧ ତାତ ମାତ । ୧୫ ।

ଏତେ କହି ବ୍ରଜଗୋଇ ନନ୍ଦପୁରେ ମିଳି ।
ଦେଖିଲେ ଅକ୍ରୂର ନନ୍ଦ ରାମ ବନମାଳୀ ।
ବସି କରନ୍ତି ବିଚାର ।
ସଜାଡ଼ନ୍ତି ପରିଜନେ ଯିବାର ସମ୍ଭାର । ୧୬ ।

କୃଷ୍ଣଙ୍କୁ ଅନାଇଁ ଗୋପୀ ବୋଲନ୍ତି ବଚନ ।
ଅକ୍ରୂର କାହିଁକି ଗୋପେ କରିଛି ଗମନ ?
କିମ୍ପା ବାଜଇ ବାଜଣା ?
ଗୋରସରେ କାହିଁପାଇଁ ପୂରିଛି ଅଗଣା ? ୧୭ ।

ବିରଜ ବୋଲନ୍ତି ଶୁଣ ବିରଜ-ଚତୁରୀ ।
ଅକ୍ରୂରକୁ ବରଟିଛି କଂସ ଦଣ୍ଡଧାରୀ ।
ରାମ ସଙ୍ଗେ ମୋତେ ନେବ ।
ଭଲ ମନ୍ଦ କି ହୋଇବ ଜାଣିଇ ଦଇବ । ୧୮ ।

ପିତା ମାତା ଆଦି କରି ନେବ ମଥୁରାକୁ ।
କାଲି ଯିବୁ ରଥେ ବସି ରାଜା ଭେଟିବାକୁ ।

ଧନୁ-ଉତ୍ସବ 'ଦେଖିବୁଁ ।
ଦିନା ଦୁଇ ଗୃହ ରହ ଲେଉଟି ଆସିବୁଁ ।୧୯।
ଶୁଣିଲେ ଗୋପରମଣୀ ରମଣ ବଚନ ।
ଚିନ୍ତା- ରତ୍ନାକରେ ବୁଡ଼ିଗଲା ମନମୀନ ।
କହେ ଭଗତ ଚରଣ ।
କୃଷ୍ଣଗୁଣ ଗୁଣି ଗୋପୀ କରନ୍ତି କାରୁଣ ।୨୦।

—❋—

## ପଞ୍ଚମ ଛାନ୍ଦ

(ମଧୁପ ଚଉତିଶା ବୃତ୍ତ)

:x0x:

କହୁଛନ୍ତି ଗୋପୀ ଗୋବିନ୍ଦଙ୍କୁ
ଚାହିଁ ଶ୍ରୀମୁଖ-ଅରବିନ୍ଦକୁ
ମଥୁରା ଗଲେ ଅକ୍ରୁର ସଙ୍ଗେ ସଙ୍ଗେ
ଗୋପୀମାନଙ୍କୁ ଦେବ କାହାକୁ ହେ ମୋହନ । ୧ ।
ତୁମ୍ଭ ପଛେ ପଛେ ଜୀବ ଯିବ
କାହିଁ ପାଇଁ ଏ ପିଣ୍ଡରେ ଥିବ
ଯାହା ବାହା ସାହା ପାଇ ବଞ୍ଚିଥିଲୁ
ସେହୁ ଯେବେ କଂସପୁର ଯିବ ହେ ମୋହନ । ୨ ।
ବିଷ ଦେଇ ନାଶ କର ଯାଅ
ନଜଞ୍ଜାଲେ ମଧୁପୁରେ ଥାଅ
ତିଲେ ଅନ୍ତର ହୋଇଲେ ମରୁଥାଉଁ
ଏବେ ଦୁଇ ଗୃହ ଦିନ କହୁ ହେ ମୋହନ । ୩ ।
ଯେତେବେଳେ ଯାଅ ବୃନ୍ଦାବନେ
ସଙ୍ଗେ ଗୋପାଳ ବାଳକମାନେ
ଧେନୁ ଚରାଇ ବାହୁଡ଼ି ଆସିବାକୁ
ପଥ ଚାହିଁ ଥାଉଁ ଗୋପୀମାନେ ହେ ମୋହନ । ୪ ।
ଗୋପେ ପଶି ଆସି ଯେତେବେଳେ
ପ୍ରାଣ ପଶଇ ହୃଦୟସ୍ଥଳେ
ଚନ୍ଦ୍ର ଦେଖି ଯେହ୍ନେ କୁମୁଦ-ବିପିନ
ମହା ଆନନ୍ଦେ ଫୁଟଇ ଜଳେ ହେ ମୋହନ । ୫ ।

ରବି ଦେଖି ଯେସନ୍ତେ ଅରବିନ୍ଦ
ଚକ୍ଷୁ ପାଇଲେ ଯେସନେ ଅନ୍ଧ
ଚିରକାଳ ଦୁଃଖୀ          ରତନ ଲଭିଲେ
ଯେସନ୍ତେ ହୁଅଇ ସେହ୍ନୁ ଆନନ୍ଦ ହେ ମୋହନ । ୬ ।
ନବ ଲାବଣ୍ୟ ବାରିଦ ତନୁ
ଦେଖି ଦୁଖ ଦୂର କରୁ ମନୁ
ଜୀବନଜଳ-ଡୋଳା          ଦେଖିଲେ କି ଡୋଳା
କେବେ ପାସୋରି ପାରିବ ମନୁ ହେ ମୋହନ । ୭ ।
କର୍ଣ୍ଣ ଡେରି ଶୁଣୁଥାଉଁ ବଂଶୀ
କାମକାଣ୍ଡେ ହୋଉଥାଉଁ ଧ୍ୱଂସି
ଏବେ ସେମାନ          ଆଜୁଁ ଶୂନ୍ୟ ହୋଇବ
କି କରିବୁଁ ବୃନ୍ଦାବନବାସୀ ହେ ମୋହନ । ୮ ।
ଇନ୍ଦ୍ର ବିବାଦୁଁ କେହୁ ରଖିବ
ଗୋବର୍ଦ୍ଧନ କେ କରେ ଟେକିବ
ଷଣ୍ଢା ଶକଟା          ତୃଣା ବକା ନିବାରି
ବନ ଅନଳ କେହୁ ଭକ୍ଷିବ ହେ ମୋହନ । ୯ ।
ନନ୍ଦରାଣୀ ବାନ୍ଧିବ କାହାକୁ
ଜଳୁଁ ଆଣି କେ ଦେବ ନନ୍ଦକୁ
କାଳୀ ଫଣାରେ          କେହୁ ନୃତ୍ୟ କରିବ
କେହୁ ତାରିବ ମଣିଚୂଡ଼କୁ ହେ ମୋହନ । ୧୦ ।
ବାଟ ଜଗି କେ ମାଗିବ ଘାଟ
ତାଳ ଦେଲେ କେ କରିବ ନାଟ
କେହୁ ଲବଣୀ          ଚୋରି କରି ଖାଇଲେ
ରାଣୀ କାହାକୁ ପିଟିବ ଷଠ ହେ ମୋହନ । ୧୧ ।
ଅମ୍ଭ ବସ୍ତ୍ର କେହୁ ହରି ନେବ
ନେଇ କଦମ୍ବ-ବୃକ୍ଷେ ବାନ୍ଧିବ
କଉତୁକ କରି          ବରଜ ଚତୁରୀ
ଆମ୍ଭ ମନକୁ କେ ବିଲୋହିବ ହେ ମୋହନ । ୧୨ ।
ନିଶାକାଳେ କେ ବାଇବ ବଂଶୀ
ବନେ ନେବ ଗୋପ ଶୁଭ୍ରକେଶୀ
କାହା ସଙ୍ଗେ ରଙ୍ଗେ          ରାହାସମଣ୍ଡଳେ
ଘୂରିବୁ ଆମ୍ଭେ ବ୍ରହ୍ମନଶି ହେ ମୋହନ । ୧୩ ।

କାହା ଅଙ୍ଗେ ଲେପିବୁଁ ଚନ୍ଦନ
ପିନ୍ଧାଇବୁ କାହାକୁ ବସନ
ବନ କୁସୁମ ମାଳମାନ ଗୁନ୍ଥିଣ
କାହା କଣ୍ଠେ କରିବୁଁ ଭୂଷଣ ହେ ମୋହନ । ୧୪ ।

କାହା ଚୂଳରେ ଖଞ୍ଜିବୁ କଆଁ
କାହା ହୁଆରେ ଭଡ଼ିବୁ ହୁଆ
କାହା ସମ୍ମୁରେ ଲାଜ ଲାଜ ହୋଇଣ
ମଥା ଅନାଇ ହୋଇବୁ ଠିଆ ହେ ମୋହନ । ୧୫ ।

କାହା ନାମେ ଗାଉଥିବୁ ଗୀତ
କାହା ସଙ୍ଗରେ ଖେଳିବୁ ଦ୍ୟୂତ
କାହାକୁ ଦ୍ୱାରବନ୍ଦ ଧରି ଅଳପ
ହସି ଚାହିଁବୁ କହ ତ ସତ ହେ ମୋହନ । ୧୬ ।

କେହ୍ନ ନେସସ୍ତାନ୍ତେ ଠାରୁଥିବ
ନିଧୁବନ କେ କଢ଼ାଇ ନେବ
ଶଶିଖଣ୍ଡ ଗଣ୍ଡ— ଦେଖରେ ଆମୂର
କେହ୍ନ ପୁଣ ପୁଣ ତ ଚୁମ୍ବିବ ହେ ମୋହନ । ୧୭ ।

ଭୂତ ଛଡ଼ାଇବ କେ ରାଧାଙ୍କୁ
କେହ୍ନ ହରିବ ଦୁଃଖ ବାଧାକୁ
କେହ୍ନ ବୃନ୍ଦାବତୀ ସଙ୍ଗେ ବିହରିବ
ବୃନ୍ଦାବନେ ଖୋଜିବୁଁ କାହାକୁ ହେ ମୋହନ । ୧୮ ।

କେଳି କଦମ୍ବ କେହ୍ନ ବଅଁବ
ତୁମ୍ଭ ବିହ୍ନେ ପ୍ରାଣ ମୁଞ୍ଚିବ
ଯମ ବହେଣୀ ଯମୁନା ଆଜଠାରୁ
କୃଶ ହୋଇ ସେ ଦୂରେ ଘୁଞ୍ଚିବ ହେ ମୋହନ । ୧୯ ।

ଖଗ ମୃଗ ମହୀରୁହ ମାନେ
ପ୍ରାଣ ହାରିବେ ତୁମ୍ଭ ବିହ୍ନେ
ଗୋପ ଭୁବନ ଅସୁନ୍ଦର ଦିଶିବ
କାନ୍ତ ନ ଥିଲେ ନାରୀ ଯେସନେ ହେ ମୋହନ । ୨୦ ।

ତାପି ହୋଇବୁଁ ସକଳ ଜୀବୁ
ଦିନୁ ଦିନ ଚିନ୍ତା ହେବ ଗରୁ

ଗାଢ଼ ପୀଡ଼ିତକ  ବାଡ଼ ହେଲ୍ଲ କଂସ—
ହୁଡ ଏମନ୍ତ ବଚୃରୁଁ ହେ ମୋହନ । ୨୧ ।
କାହା ସଙ୍ଗରେ ଫଗୁ ଖେଳିବୁ
କାହା କଥାରୁ କର୍ଣ୍ଣ ଡେରିବୁ
କାହା ପାଇଁ ରହୁ—  ପଲଙ୍କ ପକାଇ
ଆସିବାକୁ ଗୃହ ବସିଥିବୁ ହେ ମୋହନ । ୨୨ ।
କାହା ମୁଖରେ ଦେବୁ ତାମ୍ବୂଳ
କାହା ନୟନେ ଦେବୁ କଜ୍ଜଳ
କାହା ସୁନ୍ଦରୁ  ଚିକୁର ବେଣୀ କରି
ସାଜିବୁ କର୍ଣ୍ଣ କୁଣ୍ଡଳ ହେ ମୋହନ । ୨୩ ।
ତୁଲ୍ୟ ବୟସ ବାଳକ ମେଳେ
ଖେଳୁଥିବ କେ ଯମୁନାକୂଳେ
ଜାହାକୁ ଦେଖିବା—  ପାଇଁ ଗୋପଗୋଷ୍ଠି
ଜଳ ନିମନ୍ତେ ଚଳିବୁ ମେଳେ ହେ ମୋହନ । ୨୪ ।
କଥା ନ କହ କାହ୍ନୁଁ କି ହେଉ
ଅକ୍ରୂର କି ବଳେ ନେବ ଧରି
ଘେନିବୁଁ ଜୀବନ  ଭାଙ୍ଗିବୁ ତା ଯାନ
କଥା ରହିଥାଉ ତିନିପୁରୀ ହେ ମୋହନ । ୨୫ ।
ଶୁଣି ବୋଲନ୍ତି ଗୋକୁଳବନ୍ଧୁ
ଦୁଃଖ ନ କର ଗୋ ବ୍ରଜବଧୂ
ତୁମ୍ଭ ପ୍ରସନ୍ନେ  ଯାଉଁ ଦେଖି ଆସିବୁଁ
ହରି ରଖିବେ ସର୍ବ ଆପଦୁଁ ଗୋ ଗୋପୀଏ । ୨୬ ।
ନନ୍ଦରାଣୀ କରନ୍ତି ରୋଦନ
କୋଳେ ଧରିଣ ନିଜ ନନ୍ଦନ
ଚରଣ ଧରି  ଭକ୍ତିଦାସ କାନ୍ଦଇ
ବେଢ଼ି କାନ୍ଦନ୍ତି ସକଳ ଜନ ହେ ମୋହନ । ୨୭ ।

---

## ଷଷ୍ଠ ଛାନ୍ଦ

( ରାଗ—ବରାଡ଼ି; କାହ୍ନୁଡ଼ା ବସନ୍ତ ବୃତ୍ତ— )

ଆରେ ବାବୁ ଶ୍ୟାମଘନ  ତୁ ଗଲେ ମଧୁଭୁବନ
କାହା ମୁଖ ଅନାଇ ବଞ୍ଚିବୁ,

ହେବ ଦଶଦିଗ ଶୂନ୍ୟ      ଅସ୍ଥିର ହେବ ଜୀବନ
କସି ଦିବସରେ ଝୁରୁଥିବି ରେ ଜୀବଧନ ।
ଜୀବନ ବାହୁଡ଼େ ଯେସନ୍ତେ ଝସ
ଗଙ୍ଗା ବିଜେ ଯେସନ୍ତେ ଗ୍ରାମ ଦେଶ ରେ । ୧ ।

କାହା ଅଙ୍ଗେ ଚନ୍ଦୁସମ      ଲେପିବି କରି ସୁଷମ
ନିଦ୍ରାରେ କେ ହେଉଥିବ ଘାରୁ ।
କାହାକୁ ଅଞ୍ଜନ ଦେବି,      ବସ୍ତ୍ର ପାରି ଶୁଆଇବି,
ପିତାଙ୍କୁ ମାଗିବ କେହୁ ହରି ରେ ଜୀବଧନ ।
ଏ କଥା ସୁମରି ଯିବ ମରି ।
ନଷ୍ଟେ ଯେବେ ଯିବୁ ମଧୁପୁରୀ । ୨ ।

ବାନ୍ଧିବି କାହାର କେଶ      କୁସୁମେ କରି ସୁବେଶ
କାହା ଲଲାଟରେ ଦେବି ଚିତା
କାହାର କର୍ଣ୍ଣେ କୁଣ୍ଡଳ      ଖଞ୍ଜିବି ରେ ମୋର ବାଳ
କାହା ପାଇଁ କରୁଥିବି ଚିନ୍ତାରେ ଜୀବଧନ ।
କାହା ଅଙ୍ଗୁ ଧୂଳି ଦେବି ପୋଛି ।
କାହାକୁ ବା ଟିହ୍ନାଇବି କାଛିରେ । ୩ ।

ଯେତେବେଳେ ବନେ ଯାଉ      ସଙ୍ଗରେ ମୋ ପ୍ରାଣ ନେଉ
କିମିତେ ବିଚ୍ଛେଦ ନ ସହଇ,
ଏବେ ଯିବୁ ମଥୁରାକୁ      ମୋତେ ସମର୍ପି କାହାକୁ
ଚନ୍ଦ୍ରମୁଖ ନ ଦେଖିଲେ ମୁହିଁ ରେ ଜୀବଧନ ।
ଜୀବନ ହାରିବି ଗଣ୍ଡଜଳେ
ତୁ ମୋତେ ଅନ୍ତର ହେଲେ ତିଳେ ରେ । ୪ ।

ସର ଲବଣୀ ଅଧାମ      ପକ୍ୱରମ୍ଭା ସୁଧାସମ
ମୁଖେ ଦେଲେ ଥୁ ଥୁ କରି ଫିଙ୍ଗୁ ।
ଯେତେରୂପେ ନାଳଆଇ      ପରଷଇ ବଳଆଇ
କୋପେ ଉଠି ପାକଭାଣ୍ଡ ଭାଙ୍ଗୁ ରେ ଜୀବଧନ
ଏବେ ଦୂର ହୋଇବ ସେ କଥା
କି ନ କରେ ଦାରୁଣ ବିଧାତା ରେ । ୫ ।

ଛାଇକି ଅନାଇଁ ଡରୁ,      ଧାଇଁ ମୋତେ କୋଳ କରୁ
ବସନେ ଘୋଡ଼ାଉ ମୁଖ ଗୋଟି
ହୋଉଥାଉ ଥରହର      ଦେଖିଲେ ଅନ୍ଧାର ଘର
ଭଇ ପାଉଛୁ ନ ପାରୁ ଉଠି ରେ ଜୀବଧନ ।

ମଧୁପୁରେ ହସ୍ତୀ ଘୋଡ଼ାମାନ
ଗର୍ଜିଲେ ନ ପୁଣ ଡରୁ ଶ୍ୟାମ ରେ । ୬ ।

କାହ୍ନେ ଦେଖି ତରପନ୍ତି ନାନା ଭୟଙ୍କର ମୂର୍ତ୍ତି
ଭୟେ ଯାଉ ସେ ଘରୁ ପଳାଇ
ଏବେ କଂସପୁର ଯିବୁ ରାକ୍ଷସମାନ ଦେଖିବୁ
ଡର କାହାକୁ ଧରିବୁ ଯାଇ ରେ ଜୀବଧନ ।
ମାଏ ବୋଲି ଡାକିବୁ କାହାକୁ
ସାହା ବାକେ ଆହା ବୋଲିବାକୁ । ୭ ।

ନିଶାକାଳେ ମୋର କୋଳେ ଶୋଇଥାଉ ଶ୍ରମବଳେ
ସ୍ୱପନରେ ଦେଖି କିସ କିସ
ମା ବୋଲି ଚମକି ପଡ଼ୁ କଣ୍ଠେ ଦୁଇଭୁଜ ଭିଡ଼ୁ
ପୁଣି ଶୋଉ ଘୋଡ଼ି ହୋଇ ବାସ ରେ ଜୀବଧନ ।
ସେ କଥା ସୁମରି ମରି ଯିବି
ଉଠ ବୋଲି କାହାକୁ ଡାକିବି ରେ । ୮ ।
ପ୍ରଭାତକାଳେ କେ ମୋତେ ଡାକିବ କ୍ଷୁଧା ଆରତେ
କାହାକୁ ଭୁଞ୍ଜାଇଦେବି ସର ।
କେ ଧରି ମନ୍ଥନଦଣ୍ଡ ଭାଙ୍ଗିବ ମୋ ଦଧିଭାଣ୍ଡ
କାହାକୁ ବାନ୍ଧିବି ଅର୍ଜୁନର ରେ ଜୀବଧନ ।
କାହା ନାମେ ଗାଉଥିବି ଗୀତ ।
କାହାକୁ ଡାକିବେ ଗୋପସୁତ ରେ । ୯ ।

କାହା ନାମେ ଗୋପନାରୀ କରିବେ ମୋତେ ଗୁହାରି
କାହା କରୁ ଛଡ଼ାଇବି ମାଟି ।
କେହୁ ତୁଣ୍ଡ ଦେଖାଇବ, ଖେଳେ କେହୁ ଦେଖାଇବ,
ଅଧାମ କା ଅଧରେ ଦେବଟି ରେ ଜୀବଧନ ।
କାହାକୁ ବୋଲିବି ଝୁଲିଆଣ୍ଡି ।
କାହାକୁ ଡାକିବ କରି ପାଟି ରେ । ୧୦ ।

ଗାଈ କେ ଚରାଇ ନେବ ରାମ ସଙ୍ଗେ ବନ ଯିବ
ନାନାରଙ୍ଗେ କେ ବାଇବ ବଂଶୀ ।
କରିବ କେ ବାଳମେଳ, ମଧ୍ୟେ ନାଚୁଥିବ ଭଲ
କାହାକୁ ଚାହିଁବେ ବ୍ରଜବାସୀ ରେ ଜୀବଧନ ।
ଅସୁନ୍ଦର ଦିଶିବ ଭୁବନ ।
ଆଉ କାହିଁ ଦେଖିବି ସେମାନ ରେ । ୧୧ ।

କେ ଆଣିଦେବ ନନ୍ଦକୁ, ଦାଣ୍ଡେ ଖୋଜିବ କାହାକୁ
କାହାକୁ ଦେଖିବ ନୀପମୂଳେ,
କେହୁ ଉଦ୍ଧେ ପଳାଇବ ନନ୍ଦଙ୍କ ଆଗେ କହିବ
ଆଜ ମୋତେ ମାଏ ମରୁଥିଲେ ରେ ଜୀବଧନ ।
ତହିଁ ପାଇଁ ଚଳ ହେବେ ତାତ
କ୍ରୋଧେ ମୋତେ ଦଣ୍ଡିବେ ବହୁତ ରେ । ୧୨ ।

ଏତେ ବୋଲି ନନ୍ଦରାଣୀ, ନୟନୁ ବହାଇ ପାଣି
ଚୁମ୍ବ ଦେଇ ଶ୍ୟାମ ଗଣ୍ଡସ୍ଥଳେ,
ନୀଳାମ୍ବର ମୁଖ ଚାହିଁ, ବୋଲନ୍ତି ମୋ ବାପ ଭାଇ
କାଲି ଯିବ ମଥୁରାମଣ୍ଡଳେ ରେ ବଳରାମ ।
ସଙ୍ଗେ ସଙ୍ଗେ ଘେନିଥିବୁ ହରି ।
ଜଗିବଟି ଦେଖି କଂସପୁରୀ ରେ । ୧୩ ।

ତୁ ଯେ ବଳେ ବଳୀଆର ନବାଳ ମୋର କୁମର
ନ ଜାଣଇ ଚତୁରାଇପଣ ।
ନ ପୁଣ ହୋଇବ ବଣା, ଜାଣି ନ ପାରିବ ଠଣା
ଏଣୁକରି କହୁଅଛୁ ଶୁଣ ରେ ବଳରାମ ।
ଯହିଁ ଗଲେ ନ ଛାଡ଼ିବୁ କ୍ଷଣେ
ଭଣ୍ଡେ ନ ପଶିବ ବଡ଼ପଣେ ରେ । ୧୪ ।

ସେ ନୋହେଟି ଗୋପପୁର, ଗୋପୀମାନଙ୍କର ଘର
କାହିଁ ନ କରିବ ହୁରିଜୁରି,
ଦାରୁଣ ନୃପତି କଂସ, ଶୁଣିଲେ କରିବ ରୋଷ,
ଶୀଘ୍ରେ ଯାଇ ଆସ ରାମହରି ରେ ବଳରାମ ।
ଆସିବାକୁ ପଥ ଚାହିଁଥିବି ।
ଉଚ୍ଛୁର ହୋଇଲେ ଧାଇଁଯିବି ରେ । ୧୫ ।

ଏ ବାଣୀ ଶୁଣି ରୋହଣୀ, କାନ୍ଦିଣ ଲୋଟେ ଧରଣୀ
ରାମ ରାମ ବୋଲି ବାହୁନଇ,
କୋଳେ ଧରି ନିଜ ସୁତ, ବୋଲଇ ହୋଇ ଆରତ,
ଚନ୍ଦ୍ରମୁଖଗୋଟି ଲୁଚ୍ଛି ଯାଇ ରେ ବଳରାମ
ମନ୍ଦ କଂସ ବୁଦ୍ଧି ଭଆଇଲା ।
ଆମ୍ଭଙ୍କୁ ଏ ଦଶା ଦଆଇଲା ରେ । ୧୬ ।

ଶୁଣି ଅକ୍ରୂର ପ୍ରଜ୍ୱଳି, ନନ୍ଦକୁ ଦେଉଛି ଗାଳି,
ସାଜ ସାଜ, ପାହିଲା ରଜନୀ,

ସାଜିଲେଣି ବୋଲେ ନନ୍ଦ, କେବଳ ରାମ ଗୋବିନ୍ଦ,
ସଜ ହେଉଛନ୍ତି ମନ୍ତ୍ରୀମଣି ସେ କଂସଦୂତ ।
ଶୁଣି ବୋଲେ ସାଜ ବେଗ କର ।
ଉତ୍ତୁରେ କୋପିବେ ଦଣ୍ଡଧାରୀ ହେ । ୧୭ ।
ସାଜିଲେ ଗୋପାଳକୁଳ, ଚଳିଲ୍ଲ ଗୋପେ ଛହଳ
ନଗ୍ର ନରନାରୀ ଧାଇଁଛନ୍ତି,
ଉଠିଲେ ନନ୍ଦନନ୍ଦନ, ବସିଲେ ଅକ୍ରୁର-ଯାନ
ଗୋପନାରୀ ଓଗାଳି ଅଛନ୍ତି ସେ ଶ୍ୟାମବନ୍ଧୁ ।
ହୋଇଛନ୍ତି ବଚନ କାଛେଣି ।
କୋଟିଏ କାମକୁ ପାରେ ଜିଣି ସେ । ୧୮ ।
ରାମ ସଜ ଅତି ଶୋଭା, ଦେଖି ମନ-ନେତ୍ର ଲୋଭା,
ଗୋପ ପୋଏ ଏହିମତି ସଜ,
ବେନି ମତ୍ତ ସିଂହ ସଙ୍ଗେ ମତ୍ତଗଜ କିବା ରଙ୍ଗେ
ତେତେକେ ଶୋଭା ବରଜତନୁଜ ସେ ଗୋପୀମାନେ ।
ଚଉପାଶେ ସିଂହର ଘରଣୀ ।
ଦେଖି ଶୋଭା ପାଉଛି ଧରଣୀ ସେ । ୧୯ ।
ଗହଳ ଗୋକୁଳଦାଣ୍ଡ, ଆନନ୍ଦ ହୋଏ ବ୍ରହ୍ମାଣ୍ଡ,
ବଗୁରଇ ଯିବ ଏବେ ଭାର,
ମଥୁରାକୁ ଯିବେ ହରି, ମାରିବେ କଂସକୁ ଧରି
ଏତେ ବୋଲି ଆନନ୍ଦିତ ଧରା ସେ ବସୁମତୀ ।
ଯହୁଁ ରଥେ ବିଜେ ଗୋପୀନାଥ ।
ଭକ୍ତଦାସ ହୋଇଲ୍ଲ ଅନାଥ ସେ । ୨୦ ।

---

## ସପ୍ତମ ଛାନ୍ଦ

( ରାଗ—ଆହାରୀ । ଚୂତାଇ ବାରମାସୀ ବାଣୀ (?) )

କୃଷ୍ଣର ଗମନ ଦେଖି ଛନଛନ ହୋଇ ସକଳ ଗୋପାଙ୍ଗନା ।
ଗୁରୁ ଗଉରବ ବାରି ନ ପାରନ୍ତି ଆରତେ ସଫଖିନୟନା ।
ଡାକନ୍ତି । ଆହେ ବାରିଧରବରନା ।
ବନା ଦୋଷେ ରୋଷେ ନାଶ କରିଯାଅ, ନୋହୁ ଗୋପୀକୁଳ-ପୂତନା । ୧ ।
ଦଶରଥ ସୁତ ପ୍ରାଏ ନନ୍ଦସୁତ କରୁଛ ତ ଆଣି ବିସ୍ତର ।
ସେ ଛାଡ଼ିଥିଲେ ସିନା ଏକ ନାୟିକା, ତୁମ୍ଭେ ତ ଛାଡ଼ୁଛ ଅପାର ।

କୃଷ୍ଣ ହେ । ସେ ବଧିଲେ ଏକ କାଳୀକି ।
ତୁମ୍ଭେ ଯେତେ କାଳୀ ମାରି ଯାଉଅଛ ମନେ ହେଜ ପାରୁ ନାହଁ କି ? ୨ ।

ତୁମ୍ଭେ କୃଷ୍ଣଚନ୍ଦ୍ର ସେ ଶ୍ରୀରାମଚନ୍ଦ୍ର, ଏଣୁ ମିତ୍ରଗୁଣ ବହୁଛ ।
ସେ ତାତ ମାତ ଛାଡ଼ି ବନେ ପଶିଲେ, ତୁମ୍ଭେ ଏବେ ତେଜି ଯାଉଛ ।
କୃଷ୍ଣ ହେ । ସେ ନେଇଥିଲେ ସହୋଦର ।
ତୁମ୍ଭେ ସେହିରୂପେ ଭ୍ରାତଙ୍କୁ ନେଉଛ ଯୁହେଁ ହେଲ ଏକ ପ୍ରକାର । ୩ ।

ତାଙ୍କୁ ସୁମନ୍ତ ରଥବରେ ବସାଇ ଘେନିଗଲା ଘୋର ବନକୁ ।
ତୁମ୍ଭଙ୍କୁ ଅକ୍ରୂର ସେହି ପରକାରେ ନେଉଅଛି ମଧୁବନକୁ ।
କୃଷ୍ଣ ହେ । ସେ ସଙ୍ଗେ ନେଇଥିଲେ ନାରୀ ।
ଏହି ଗୁଣେ ତୁମେ ଊଣା ପଡ଼ୁଅଛ, ଆଉ ସକଳ ଗୁଣେ ସରି । ୪ ।

କେଉଁ ନାୟିକା ଏହା ଶୁଣି ବୋଇଲା, ଏମନ୍ତ ନୁହଇ ଗୋବିନ୍ଦ ।
କୁସୁମ ସୁବେଶ ଦେଖିଲେ ଭ୍ରମର ଯେସନେ ହୁଅଇ ଆନନ୍ଦ ।
ସେ ଯେତେକେ । ପ୍ରୀତି ଲଗାଇ ରସ ନିଏ ।
ପ୍ରାନ୍ତେ ତାହାର କାନ୍ତି ଦୂର ହୁଅଇ, ଅନ୍ୟ କୁସୁମ ପାଶେ ଯାଏ । ୫ ।

ସେହିମତ କରି ଛାଡ଼ି ଯାଉଛନ୍ତି ଶ୍ରୀବୃନ୍ଦାବନବଶାମଣି ।
ସ୍ୱ ସ୍ୱରୂପ ଭାବ ଏକ କରି ଜାଣ, ଯେଣୁ ମଇନ ବେଣୁପାଣି ।
ଏମନ୍ତ । ଶୁଣି ଆର ଗୋପୀ ବୋଇଲା ।
କାକ କୋକିଳ ପ୍ରାୟ ଶ୍ରୀକୃଷ୍ଣଚନ୍ଦ୍ର କଥା ଏବେ ସଖି ! ହୋଇଲା । ୬ ।

କେ ବୋଇଲ, ସାଗର ପରାୟେ ହୋଇଲେ ଆମ୍ଭର କରୁଣାସାଗର ।
ନାନା ରତନ ଗର୍ଭରେ ଦେଖି କିସ ହେବ ? ମୁଖେ ନାହିଁ ମଧୁର ।
ସେ ଯେତେକେ । ତୃଷାର୍ତ୍ତି ତୃଷା ନ ହରଇ ।
ଶୁଦ୍ଧ ଜଳ ବୋଲି ଲୋଭରେ ଖାଇଲେ ମୁଖେ ଦେଇ ପ୍ରାଣେ ମରଇ । ୭ ।
କେ ବୋଲେ, ଚନ୍ଦ୍ରଙ୍କୁ ସମାନ ନୋହିବେ, ଗୁଣ ଗୋଟିକେ ହେବ ଊଣା
ସେ ଗୁଣ ଏବେ ଏଠାରେ ଜଣାଗଲା ଯେଣୁ ନୋହୁଅଛି କରୁଣା ।
ସଜନ । କାହାକୁ କରିବା ଗୁହାରି ।
ଯେହୁ ଶୁଣନ୍ତା ହୃଦୟର ବେଦନା ସେହୁ ତ ଯାଉଛି ସଂହାରି । ୮ ।
ଏତେ କହି ଶୋକେ ଏକକୁ ଆରକେ ଓଗାଳି ରହିଛନ୍ତି ପଥ ।
ଅକ୍ରୂରକୁ ଚାହିଁ ବକଲେ ବୋଲନ୍ତି ବାହୁଡ଼ିଯାଅ ଘେନି ରଥ ।
ଆମ୍ଭର । ଗୋବିନ୍ଦ ଗୋପରୁ ନ ଯିବେ ।
ସାରିବୁଁ ମହତ କହୁଅଛୁଁ ସତ ଗୋପାଳମାନେ କି କରିବେ । ୯ ।
ବାଛ ପରାଏ ହୋଇ ଗୋପସୁନ୍ଦରୀ କହନ୍ତି କୃଷ୍ଣ ଅକ୍ରୂରକୁ ।
ବାହୁଜ ରୋଦନ କରନ୍ତି ମଦନ-ମୋହନ ମୁଖ-ସଦନକୁ ।

କୃଷ୍ଣ ହେ । ଶୁଣୁ ନାହଁ କିମ୍ପା କହଲେ ।
କୁହର ମୁଦ୍ଦାଳ ପରାଏ ଶ୍ରବଣ କରୁଅଛ ଯେତେ ବୋଇଲେ । ୧୦ ।

ଯେତେ ସଙ୍କଟମାନଙ୍କରୁ ତାରିଛ ଏବେ କି ତାହା ପାସୋରୁଛ ।
ମଥୁରା ଯିବ ବୋଲି ସଜ ହୋଇଣ ରଖିଲା ଜନଙ୍କୁ ନାଶୁଛ ।
କୃଷ୍ଣ ହେ । ଉଚିତ ନୁହଇ ଏ କଥା ।
କେବଳ ସେ ବେଳ ଗୋବିନ୍ଦ ପରାଏ ନୋହୁଅଛ ସ୍ୱଖ କରତା । ୧୧ ।

ବାଘଜ-ଅରି-ବାରି-ଧ୍ୱଜର ପତିଙ୍କ ସେବା ପାଇଥିଲୁ ।
ଛାଡ଼ିଲା ଦାଇବ, କହିଲେ କି ହେବ, ମଧୁରିପୁଙ୍କ ପ୍ରାୟେ ହେଲୁ ।
କୃଷ୍ଣ ହେ । ସେ ଯେହ୍ନେ ସଞ୍ଚି ରଖିଥାଇ ।
ମୁଖରେ ଅନଳ ଲଗାଇ ଶବର ପ୍ରାଣେ ମାରି ସୁଖେ ନିଅଇ । ୧୨ ।

ସେହିରୂପେ ଆମ୍ଭେ ସେହିରୂପେ ତୁମ୍ଭେ ସେହିରୂପେ ହେଲା ଅକ୍ରୂର ।
ମଥୁରା ନାଗରୀ ଜେତେ ତପ କଲେ ତାଙ୍କୁ ଭୋଗ୍ୟ ହେଲା ଏଥର ।
କୃଷ୍ଣ ହେ । ଗୋପୀ ହୋଇଲୁଁ କିରମାଖୀ ।
ତାଙ୍କ ବଦନ- କୁମୁଦ ପ୍ରକାଶିବ ଆମ୍ଭ ଗୋକୁଳଚନ୍ଦ୍ର ଦେଖି । ୧୩ ।

ଶିରୀଷ-ଉପରେ-ଗିରୀଶ-ଅରି-ଜନକ-ମଈନ-ବାହନ ।
ମହାପ୍ରଳୟରେ ରସ ବରଷିଲେ ସେ ଯେହ୍ନେ ହୁଅଇ ମଳିନ ।
କୃଷ୍ଣ ହେ । ସେହିମତ ହେବୁଁ ଗୁଆଳୀ ।
ତପନ କିରଣ ଲାଗିଲେ ଯେସନ ହୋଇଯାଏ ଗଙ୍ଗଶିଉଳୀ । ୧୪ ।

କମଠ ଯେହ୍ନେ କୋଟ ଛାଡ଼ି ପଳାଏ, ଅନାଥ ହୁଅନ୍ତି ନନ୍ଦନ ।
ତାଙ୍କୁ ରକ୍ଷା କରି-ବାକୁ କେ ନଥାଇ, ତେସନ ହେବୁ ଗୋପୀଜନ ।
କୃଷ୍ଣ ହେ । ସେହିମତି ହେବୁ ନିରେଖ ।
ଉଣାଇଣେ ଏକ ମିଶାଇ ଖାଇବୁଁ, ପ୍ରତ୍ୟକ୍ଷେ ବେନି ଭାଇ ଦେଖ । ୧୫ ।

ରହିଥାଉ କଥା ଚଉଦଭୁବନେ କୃଷ୍ଣ ବିହୁନେ ଗୋପୀ ମଲେ ।
ଆସ୍ତେ ନ ମାରି ମାରିବା ବୁଦ୍ଧି କରି ମଧୁନଗରେ ବିଜେ କଲେ ।
କୃଷ୍ଣ ହେ । ସ୍ତ୍ରୀହତ୍ୟା ଦୋଷ ପାଇବ ।
ପାଳିଲା ଜନଙ୍କୁ ନାଶକଲେ ବୋଲି ଲୋକେ ଅପବାଦ ହୋଇବ । ୧୬ ।

କାହିଁ ଆଣିଲା ଅକ୍ରୂରକୁ କହଇ, କି କର୍ମ କରୁଛୁ ଗୁଆଁର ।
ଜୀବର ଜୀବନ ଧରି ନେଉଅଛୁ, କି ନାଶିଲୁ ଆମ୍ଭେ ତୋହର ।
ଅକ୍ରୂର । କ୍ରୂର ସ୍ୱଭାବ ବହୁଅଛୁ ।
ରାମ ଗୋବିନ୍ଦ ଆମ୍ଭ ବେନି ନୟନ ଚକ୍ଷୁ ମାରି କାଢ଼ି ନେଉଛୁ । ୧୭ ।

ପ୍ରୀତିଲତାକୁ କୁଠାର ପ୍ରାୟେ ହୋଇ ଛେଦନ କରୁଛୁ ମୂଳରୁ ।
ଅବିଶ୍ୱାସୀ ବୋଲି ଏବେ ଯେ ଜାଣିଲୁ ରାଜା ଉଗ୍ର ହେଲାଠାରୁ ।

ଅକ୍ରୂର । ନୃପସେବକେ ବଡ଼ ରାଢ଼
କହିତ ଆଜ୍ଞାରେ ଅଛି ପ୍ରତିଜ୍ଞାରେ ମାନନ୍ତି ନାହିଁ ସାନ ବଡ଼ । ୧୮ ।

ତଥାପି ଦୁଷ୍ଟଜନଙ୍କର ସ୍ୱଭାବ କେବେହେଁ ନୁହଇ ଅନ୍ତର ।
ଅଳପ ଉଶ୍ୱାସ ପାଇଲେ ଘୋଟନ୍ତି ଯେସନେ ଭେଳକ ମନ୍ତ୍ର ।
ଅକ୍ରୂର । ସ୍ୱଜାତି ଦେଖି ମିଳିଯାଇ ।
ହୀନ ପ୍ରକୃତିକି ଛାଡ଼ି ନ ପାରଇ, ଯେସନେ ନିଜ ଅଙ୍ଗ ଛାଇ । ୧୯ ।

ଜମ୍ବୁ ଯେସନେ ସାଗରୁ ଜାତ ହୋଇ ନୀଚବଦନେ କରେ ସ୍ୱନ ।
ବଡ଼ଲୋକସୁତ ହୋଇଲେ କି ହେବ ବୁଦ୍ଧି ତାହାର ବଡ଼ ହୀନ ।
ଅକ୍ରୂର । ଏହିରୂପେ ତୋର ପ୍ରକୃତି ।
ଭଲ ମନ୍ଦ ଦୁଇ କଥା ନ ବିଚାରୁ, ବିଚାରୁଛୁ ଚିର ଅକୀର୍ତ୍ତି । ୨୦ ।

ନାନା ପ୍ରକାରେ ବରଜ ନାରୀମାନେ କରନ୍ତି ଅକ୍ରୂର ନିନ୍ଦନ ।
ଆରତ-ସରିତେ ପଡି ବୁଡ଼ିଗଲେ ତେଜି ଲଜ୍ଜା କୁଳ ସଦନ ।
ରମଣୀ । କରନ୍ତି ବିବିଧ ବିଳାପ ।
ଭଗତଚରଣ ଦାସ କହେ ଅଙ୍ଗେ ଘୋଟି ଯାଉଛି ଗରୁ ତାପ । ୨୧ ।

---

## ଅଷ୍ଟମ ଛାନ୍ଦ

( ରାଗ—କଳହଂସ କେଦାର (?) )

କୃଷ୍ଣ କହନ୍ତି, ଶୁଣ ବରଜବଧୂ । କୁମୁଦ ତେଜଇ କି କୁମୁଦବନ୍ଧୁ ଗୋ ।
ବିଚାରୁଛ କି, ଗଲେ ଆସିବ ନାହିଁ । ପଦ୍ମ ବହୁନେ ଭୃଙ୍ଗ ରହିବ କାହିଁ ଗୋ ।
ଜଳ ନ ପାଇ କାହିଁ ବଞ୍ଚିବ ମୀନ । ଚାତକ ବଞ୍ଚିବ କି ନ ଦେଖି ଘନ ଗୋ ।
ପହିଁ ଥିଲେ ତୁମ୍ଭର ନିକଟେ ଅଛି । ଗିରି ଧନକୁ କାହିଁ କରି ଯାଉଛି ଗୋ ।୨।
କୃଷ୍ଣ ବଚନ ଶୁଣି ବୋଲନ୍ତି ଗୋପୀ । ନ ହେବେ କାହିଁ ଆମ୍ଭ ସମାନେ ପାପୀ ।
ତେଜି ଯାଉଛ ଯେଣୁ ଗୋପଜୀବନ । ହେଲୁଣି ଜୀବ କି ଜୀଉଁ ମୃତ ସମାନ ହେ ।୩।
ବୋଇଲ ଯେ ପଦ୍ମକୁ ନ ଛାଡ଼େ ଅଳି । ଅନ୍ୟ କୁସୁମ ଦେଖି ତକ୍ଷଣେ ଚଳି ହେ
ରଖଇ ନାହିଁ ଅଉ ତାଠାରେ ସ୍ନେହ । ନପୁଣ ସେହିମତ ଆପଣ ହୁଅ ହେ ।୪।
ଘନ ଚାତକ ବୋଲି ଯାହା କହିଲ । ଏ କଥାରେ କପଟ ବୁଦ୍ଧି ବହିଲ ହେ ।
ମାରିବା ପାଇଁ ଅଛ ଆମ୍ଭମାନଙ୍କୁ । ଏଣୁ ଦେଖାଇ କହୁଅଛ ଘନକୁ ହେ ।୫।
ତୃଷାଆରତେ ଯେହ୍ନେ ଚାତକ ପକ୍ଷୀ । ଭୂମିଜଳ ନ ପିଏ ଘନକୁ ଦେଖି ହେ ।
ପ୍ରୀତି ଭାଜିବ ବୋଲି କରେ ବିଚାର । ସେହି ପ୍ରକାରେ ସିନା ତୁମ୍ଭ ଆମ୍ଭର ହେ ।୬।
ତଥାପି ବୃଷ୍ଟି ନ କଲେହେଁ ଜୀମୂତ । ଚାତକ କି କରିବ କହ ନିଅୃତ ହେ ।
ସେ କଥା ଶୁଣି ଆମ୍ଭ ବଚନ ଶୁଣ । ନ ଶୁଣ ବୋଲି ନନ୍ଦ ଯଶୋଦା ରାଣ ହେ ।୭।

ଶଶିଭୂଷଣର ସୁପ୍ରିୟର ଶୁଣି । ହସି ବୋଲନ୍ତି, ଶୁଣ ପ୍ରାଣମିତଣି ଗୋ ।
ଉତ୍ତର ହେଲେ କଂସ କରିବ ରୋଷ । କି କଥା ଅଛି, ସଖି, ବନ୍ଧନ ଭୂଷ ଗୋ ।୮।
ବୋଲନ୍ତି ଗୋପଗୋଈ, ଶୁଣ ମୁରାରି । ଜାଣନ୍ତି ମନ୍ତ୍ରଯନ୍ତ୍ର ମଥୁରାନାରୀ ହେ ।
ଏଣୁ ଡରୁଛୁ ବ୍ରଜବନିତାମାନେ । ଭୁଲାଇ ନ ଛାଡ଼ିବେ ଗୋପଭୁବନେ ହେ ।୯।
କୃଷ୍ଣ ବୋଲନ୍ତି ଶୁଣ, ରମଣୀବୃନ୍ଦ । କର୍ପୂର ସମାନ କି ଭସ୍ମରଗନ୍ଧ ଗୋ ।
ପଦ୍ମ ସମାନ କାହିଁ ହେବ କୁଟଜ । ସମାନ କଲ୍ଲ ଲୋକ ସିନା କଳଙ୍କ ଗୋ ।୧୦
ପାଟ ଝସର କାହିଁ ସମାନ ମୂଲ । ହୀରା ସଙ୍ଗରେ ମାଲା ହେବ କି ତୁଲ ଗୋ ?
ପିତ୍ତଳ ନୋହେ କଳଧଉତ ସମ । ଚନ୍ଦ୍ର ପାରୁସେ କାହିଁ ରହିବ ତମ ଗୋ ? ୧୧
ସେହି ପ୍ରକାରେ କାହିଁ ମଥୁରାନାରୀ । ସେ ହେବେ ତୁମ୍ଭ କଉଁ ଗୁଣରେ ସରି ଗୋ
ରହିବୁ ନାହିଁ, ଯାଇ ଆସିବୁ ଆମ୍ଭେ । ମେଲାଣି ଦିଅ ସଖି ମନ୍ଥୁ ଆରମ୍ଭେ ଗୋ ।୧୨
ନନ୍ଦନନ୍ଦନ ବାଣୀ ଶୁଣିଲେ ଗୋଈ । କହନ୍ତି ସୁନାଗାନ୍ଧୀ ବ ତୁଳ ହୋଇ ଯେ ।
କାଉଁ ଦଇବ ଏହା କରୁଛି ଆଣି । କେହ ବଞ୍ଚିବୁ ଆମ୍ଭେ ଅବଳା ପ୍ରାଣୀ ହେ ।୧୩
ତିଳେ ଅନ୍ତର ହେଲେ ଯେମନ୍ତ ହେଉ । ଘର ରୁଚଇ ନାହିଁ, ଅନାଇ ଥାଉଁ ହେ
ଏବେ ସେ ଶ୍ରୀବଦନ ଅନ୍ତର ହେଲେ । ପରାଣ ନିକି ପିଣ୍ଡେ ରହିବ ଭଲେ ହେ ।୧୪
ବସି ଯେ ଭଜିଥିବୁ ଆସିବା ଯାଏ । ନଇଲେ ପ୍ରାଣ ଦେବୁ ତୁମରି ଲାଗେ ହେ ।
ତିନି ଭୁବନେ ଅପକୀର୍ତ୍ତି ପାଇବ । ସ୍ତ୍ରୀହତ୍ୟା ଦୋଷକୁ କେବେ ବହିବ ହେ । ୧୫
କୃଷ୍ଣ କହନ୍ତି ଶୁଣ ସାରଙ୍ଗନେତ୍ରି । ନ କର କିଛି ଚିନ୍ତା କନକଗାତ୍ରି ଗୋ ।
ଧନୁଉତ୍ସବ କଉତୁକ ଦେଖିବୁଁ । କଂସକୁ ଭେଟି ଦେଇ ଗୋପେ ଆସିବୁ ଗୋ ୧୬
ଶ୍ୟାମସୁନ୍ଦର ତୁମ୍ଭେ ଆମ୍ଭ ଜୀବନ । ତୁମ୍ଭ ସଙ୍ଗରେ ନିଶ୍ଚେ ଯିବ ଜୀବନ ହେ ।
ପିଣ୍ଡ ରହିବ ଗୋପେ କହୁଛୁଁ ସତ । ମଥୁରା ନେଉଠାଣି ପ୍ରାଣ ପ୍ରାପତ ହେ ।୧୭।
ରାମଅନୁଜ ଭଣି ଶୁଣ ଗୋ ଭୀରୁ । ଏମନ୍ତ କହୁଛ କି ଆମ୍ଭେ ପଚାରୁ ଗୋ
ପ୍ରବାସୀ ହୋଏ ଯେବେ ପ୍ରାଣନାୟକ । ପୁଣି ଆସିଲେ ସୁଖ ହୋଏ ଅନେକ ଗୋ ୧୮
ଏ ବାଣୀ ଶୁଣି ଗୋପୀ ବୋଲନ୍ତି ଭଲ । ଅଇଲେ ଭଲ ସିନା ନଇଲେ ମଲ୍ଲ ହେ
ସେହି ପ୍ରକାରେ କଲ୍ଲ ପ୍ରାଏ ବିଚାରୁଁ । ନଇଲେ କି କରିବୁ ? ଆମ୍ଭେ ପଚାରୁଁ ହେ
ସୁସ୍ୱର କରି ହରି କହନ୍ତି ପୁଣ । ଏଥିକି ସାକ୍ଷୀ ସଖି ରମାରମଣ ଗୋ ।
ନିୟମ କରୁଅଛୁଁ ଧର୍ମକୁ ଚାହିଁ । ବୋଲେ ଭଗତଦାସ ବିଶ୍ୱାସ ନାହିଁ ଯେ ।୨୦ ।

---

## ନବମ ଛାନ୍ଦ

( ରାଗ—ଅଷାଢ଼ ଶୁକ୍ଳ )

ଗୋବିନ୍ଦ ବିଚ୍ଛେଦେ ବରଜନାରୀ । କୁରଙ୍ଗ ନୟନୁଁ ବହଇ ବାରି ।
ଫିଟିଲା କବରୀ ତୁଟିଲା ହାର । ଶୁଖିଲା ରଙ୍ଗିମା ଜବା ଅଧର ।
ଅଙ୍ଗୁ ବହେ ଝାଳ । ପାଣ୍ଡୁର ଦିଶେ ହେମଗଣ୍ଡସ୍ଥଳ । ୧ ।

କାହା ବଦନୁ ନ ସ୍ଫୁରଇ ବାଣୀ । କାହାର ନ ଚଳଇ ପାଦ ପାଣି
କାହାର ହୃଦ୍ଧା ହୋଏ ଦମଦମ । କାହା ନାସାରୁ ନ ବହେ ପବନ ।
କେ ଭୂମିରେ ପଡ଼େ । କେହୁ ବେନି ବାହୁ ହୃଦରେ କୋଡ଼େ । ୦ ।

କେ ନେଇ ଶିରରେ ମାରେ ପଥର । କେହୁ ବୋଲେ ସଖି ମଲୁ ଏଥର ।
କେ [illegible] ଲେ କାହିଁକି ପରାଣ ଅଛି । ଦାରୁଣ ଯମ ପାଞ୍ଜି ପକା ଯେ ଛି ।
ମୁଁ ହୁଅଇ ନାଶ । କେ ବୋଲେ ଆସ ଗୋ ଖାଇବା ବିଷ । ୩ ।

କେ ବୋଲେ ଝାସିବା ଯମୁନାଗର୍ଭେ । କେ ବୋଲେ ଅନଳ ଜାଳିବା ପିଣ୍ଡେ
କେ ବୋଲେ କଣ୍ଠେ ଚଳାଇବା ଛୁରୀ । କେ ବୋଲେ ଆଖି ପକାଇବା ଖେଳ
ଅନ୍ଧ ହେଲେ ଭଲ । କେ ବୋଲେ ଅକ୍ରୂର ମାରିବା ଶୂଳ । ୪ ।

କି କରିବ କରୁ ନୃପତି କଂସ । ରହିବା ନାହିଁ ପଛେ ତାର ଦେଶ ।
ସମ୍ପଦେ ଆମ୍ଭର ନାହିଁ ଭରସ । ଅନ୍ୟ ଦେଶେ ଯାଇଁ କରିବା ବସା ।
ଆମ୍ଭ କୃଷ୍ଣ ଥାଉ । ନୋହିଲେ ଅକ୍ରୂର ବାହୁଡ଼ି ଯାଉ । ୫ ।

କାହାର କେଶ ହୋଇଲା ଶିଥିଳ । କାହାର ଖସିଲା କଟି ଦୁକୂଳ ।
କାହା କବରୀ ଚମ୍ପ ଦେଶେ ଲୋଟେ । ସ୍ୱରଭେଦ କାହା କଣ୍ଠ ନ ଫିଟେ ।
କରନ୍ତେ ବିଳାପ । ଧୋଇ ଯାଉଅଛି ସନ୍ତାପ ଅପ । ୬ ।

କେ ବୋଲେ ରସିକ-ସାଗର ହରି । ମରି ତ ଯାଉଛି କୁଳ-କୁମାରୀ ।
କେ ବୋଲେ ଚନ୍ଦ୍ର-ଚଉର-ବଦନ । କେ ବୋଲେ ଷଣ୍ଢ-ଶକଟା-ମର୍ଦ୍ଦନ ।
କେ ବୋଲେ ବକାରି । କେ ବୋଲେ କାଳୀ-ଗର୍ବ-ଖର୍ବକାରୀ । ୭ ।

କେ ବୋଲେ ପୂତନାପରାଣହାରୀ । କୁଳଶ ପରାଏ କରୁଛ ହରି ।
ଛଳରୁ ଅର୍ଦ୍ଧେ ନ କର କରୁଣା । କୃପାସିନ୍ଧୁ ନାମ ଯାଉଛି ଜାଣା ।
ଶୁଷ୍କ ନଦୀମତ । ଏବେ ସେ ଜାଣିଲୁଁ ତୁମ୍ଭର ଚିତ୍ତ । ୮ ।

ନଜନେ ଦୟା ଦୀନ କର ହରି । ଦୀନବନ୍ଧୁ ନାମ ବହୁ କି କରି ?
ଆଜୁଁ ଯେ ବୋଲିବ ଦୀନବାନ୍ଧବ । ମହତ୍ତ୍ୱ ତାର ସାରିବୁଁ ମାଧବ ।
କହୁଅଛୁଁ ସତ । କଇତବବନ୍ଧୁ ନାମ ବହିତ । ୯ ।

ଗୋପୀଙ୍କ ଆରତ ବଚନ ଶୁଣି । ସୁଦାମାକୁ ଚାହିଁ ମୁରଲୀପାଣି ।
ବୋଇଲେ ଗୋପୀଙ୍କି କର ସନ୍ତୋଷ । ନିଶ୍ଚିନ୍ତେ ରହିଥାଅ ବ୍ରଜ ବାସ ।
ମୋ ଆସିବା ଯାଏ । କୃଶ ନ କରିବ ଜନକ କାୟେ । ୧୦ ।

ଶୁଣି ଗୋପାଳେ କହିଲେ ଗୋପୀଙ୍କି । ଅକ୍ରୂର ରଥ ବାହିଲା ଚମକି ।
ନଗରେ ରହିଲେ ବରଜନାରୀ । ଜଳ ଶୁଖିଲେ ଯେସନେ ସଫରୀ ।
ସେହିମତ ହୋଇ । ଏକ ଆରକେ ମୁଖ ଚାହିଁ ଚାହିଁ । ୧୧ ।

ବସନ୍ତ ଗଲେ ଯେସନ୍ତେ ଦିଶେ ବନ । ବରଷା ଶେଷେ ଯେସନ୍ତେ ନଦୀମାନ ।
ଅନ୍ଧାରପକ୍ଷେ ଯେସନ୍ତେ କଳାକର । ପଦ୍ମ ଯେସନେ ପଡ଼ିଲେ ଶିଶିର ।
ହୋଇଯାଏ କ୍ଷୀଣ । ଚନ୍ଦ୍ର ବିନୁ ଯେସନ୍ତେ କୁମୁଦବନ । ୧୨ ।
କାନ୍ତ ବିହୁନେ ଯେସନେ ରମଣୀ । ଧର୍ମ ବିହୁନେ ଯେସନେ ଧରଣୀ ।
ବେଦ ବିହୁନେ ଯେସନ୍ତେ ଦ୍ୱିଜବର । ଧନ ବିହୁନେ ଯେସନ୍ତେ ଦିଶେ ନର ।
ପୁତ୍ର ବିନେ ନାରୀ । ରାଜ୍ୟ ବିହୁନେ ଯେସନ୍ତେ ଦଣ୍ଡଧାରୀ । ୧୩ ।
ବିଦ୍ୟା ପସୋରିଲେ ଯେସନ୍ତେ ପଣ୍ଡିତ । ମାତା ବିହୁନେ ଯେସନେ ବାଳୁତ ।
ଚକ୍ଷୁ ବିହୁନେ ଶୋଭାବନ୍ତ ଜନ । ଭୂଷଣ ବିନୁ ଯେସନ୍ତେ ନାରୀମାନ ।
ଦିଶେ ଅସୁନ୍ଦର । ବୃକ୍ଷ ବିହୁନେ ଯେସନ୍ତେ ଗିରିବର । ୧୪ ।
କୃଷ୍ଣ ବିହୁନେ ସେହିମତ ଗୋପୀ । ଚନ୍ଦ୍ରାବଳୀଙ୍କରେ ହୋଇଲେ ତାପୀ ।
ଦିଗ ନ ଦିଶି ଦିଶିଲା ଅନ୍ଧାର । ଅମାସ୍ୟାଦିନ ଯେସନେ ଚକୋର ।
ହୁଅଇ ଅଜ୍ଞାନ । କୁଲାଲଚକ୍ର ପ୍ରାୟେ ଭ୍ରମେ ମନ । ୧୫ ।
ସକଳ ବିଷୟ ମଣନ୍ତି ବିଷ । ହରଷ ତେଜି ଲଭିଲେ ବିରସ ।
ଶିରିଷ କୁସୁମ ଯେସନେ ହିମେ । ବ୍ରଜ ବିନୁ ବ୍ରଜ ନାଗରୀମାନେ ।
ହୋଇଗଲେ କୃଷ୍ଣ । ଭୃଙ୍ଗ ବିନୁ ଯେସନ୍ତେ ଚମ୍ପକ ପୁଷ୍ପ । ୧୬ ।
ହାର ହେଲା ଗରୁ ବସନ ଅହି । ଚନ୍ଦନ କର୍ପୂର ରୁଚଇ ନାହିଁ ।
ହୁତାଶନ ପରି ଜଳଇ ଅଙ୍ଗ । କୃଷ୍ଣ ବିଚ୍ଛେଦେ ଦ୍ୱିଗୁଣ ଅନଙ୍ଗ ।
ମରମେ ସନ୍ଧିଲା । ପ୍ରାଣ ନେବାକୁ ଅଧିକେ ରୁନ୍ଧିଲା । ୧୭ ।
ଆରତେ କାତର ହରିଣନେତ୍ରୀ । ବାତୁଳ ପରାୟେ କନକଗାତ୍ରୀ ।
ଚଉଦିଗକୁ ଦିଅନ୍ତି ଅନାଇ । ହା କୃଷ୍ଣ ବୋଲି ପଡ଼ନ୍ତି ବୁଲଇ ।
ପ୍ରଖର ନିଶ୍ୱାସ । କ୍ଷଣକୁ କ୍ଷଣ ଉଠଇ ସାହସ । ୧୮ ।
ବସିଲେ ଉଠି ନ ପାରନ୍ତି ଦମ୍ଭେ । ଉଠିଲେ ପଡ଼ନ୍ତି ନ ରହି ଦମ୍ଭେ ।
ଏକ ଆରକେ ଧରାଧରି ହୋଇ । ବଚନ କହିଲେ ମାରଇ ଝାଇଁ ।
ଅଙ୍ଗୁ ଶ୍ରମଜଳ । ଫିଟି ପଡ଼ୁଛି କବରୀ ଅଞ୍ଚଳ । ୧୯ ।
କାନ୍ଦି ଲୋଡ଼ିଲେ କାନ୍ଦି ନ ପାରନ୍ତି । ଆରତେ ଶୂନ୍ୟକୁ କୋଳ କରନ୍ତି ।
ଶ୍ୟାମଘନ ସଙ୍ଗ ପ୍ରସଙ୍ଗମାନ । ଚତ୍ତେ ଚତ୍ତୋଇ ବୁଜନ୍ତି ନୟନ ।
ଥର ଥର ତନୁ । ବାରିଜ ଯେସନେ ନ ଦେଖି ଭାନୁ । ୨୦ ।
କହଇ ଭଗତଚରଣ ଦାସ । ଗୋବିନ୍ଦ ବିନୁ ଗୋପୀଏ ନିରାଶ ।
ସଦନେ ପ୍ରବେଶ ହୋଇଲେ ଯାଇ । ରଙ୍ଗିମାଚରଣ ଯୁଗଳ ଧ୍ୟାୟି ।
ନିଶି ଦିବସରେ । ଦୁଃଖେ ରହିଲେ ଆସିବା ଆଶାରେ । ୨୧ ।

## ଦଶମ ଛାନ୍ଦ

( ବାଣୀ—କଳସା )

ଏଥୁ ଅନନ୍ତରେ ଶୁଣ ବିଚିତ୍ର ଚରିତ
ରାମକୃଷ୍ଣ ସଙ୍ଗେ ଯେନ୍ତେ ସଫଲାର ସୁତ । ୧ ।
ବାହିଲା ଅପୂର୍ବ କରି ଗୋପଦାଣ୍ଡେ ରଥ
କି ଅବା ମାତଳି ସଙ୍ଗେ ବିଜେ ଶଚୀନାଥ ? ୨ ।
ମଦନ ବିଜୟେ କି ଏ ଶମ୍ବର ସମରେ ?
ଚନ୍ଦ୍ର କି ଗମନ କରି ଯାଉଛି ଅମ୍ବରେ ? ୩ ।
ଶବଦ କରନ୍ତି ବାଦ୍ୟ ରଥାଙ୍ଗ ସମୂହ ।
ଶିଙ୍ଗା ବେଣୁଘାତେ ଟୁଟୁଅଛି ଗହ ଗହ । ୪ ।
ଗୋପସିନ୍ଧୁ ମଧ୍ୟେ କିଏ ସୁବର୍ଣ୍ଣ ବୋଇତ ?
ଭାସି ଆସୁଛି, ବୋଇତକାର ନନ୍ଦସୁତ । ୫ ।
କି ଅବା ଗୁଣ୍ଡିଚାକୁ ବିଜେ କଲେ ଜଗନ୍ନାଥ ?
ପଦ୍ମୋଦ୍ଭବ ମନ୍ତ୍ରେ କିବା ହୋଇଲେ ଆଗତ ? ୬ ।
ଶିଙ୍ଗା ବେଣୁ ପଡିରକାହାଳୀ ତୂରୀ ବାଜେ
ମଥୁରା ଯିବାକୁ ବ୍ରଜସିଂହ ରଙ୍ଗେ ସାଜେ । ୭ ।
ଅକ୍ରୂର ବାହଇ ରଥ ଅଶ୍ୱକୁ ହାଙ୍କୋଲି ।
ତତକାଳେ ଗୋପର ସୀମାନ୍ତ ଗଲା ବଳି । ୮ ।
କୃଷ୍ଣମୁଖ ଚାହିଁଣ କହଇ କଂସଚର ।
ଯମୁନାରେ ସ୍ନାନଦାନ କରିବି, ଆଜ୍ଞା କର । ୯ ।
ଶୁଣି ଗୋବିନ୍ଦ ବୋଲନ୍ତି କର ଅବଗାହ ।
ବିଳମ୍ବ ନ କର ଆସି ରଥୁଁ ବାହ । ୧୦ ।
ଶୁଣି ଗମନବାହିଣୀ ତଟେ ମନ୍ତ୍ରୀମଣି ।
ଦଣ୍ଡବତ କରି ହୃଦେ ଚିନ୍ତି ଚକ୍ରପାଣି । ୧୧ ।
ଆନନ୍ଦ ହୋଇଣ ଜଳେ କରେ ଅବଗାହ ।
ଦେଖିଲା ଅପୂର୍ବ କଥା, କମ୍ପଇ ବିଗ୍ରହ । ୧୨ ।
ଉଦକ ଭୁବନେ ବିଜୟେ ବରଜସୁନ୍ଦର ।
ନବୀନ-ନୀରଦ-ତନୁ ଅତି ମନୋହର । ୧୩ ।
ଅକ୍ରୂର ସେ ରୂପ ଦେଖି କରଇ ବିଚାର
କଂସଭୟରେ ପଳାଇ କି ଅଇଲେ ଶ୍ରୀଧର । ୧୪ ।
ଉଠିଲେ ଆସି ଲୁଚିଅଛି କି ବୁଦ୍ଧି କରିବି ।
ବାହୁଡ଼ିଗଲେ କଂସକୁ କି ବୋଲି କହିବି ? ୧୫ ।

ଏମନ୍ତ ବିଗ୍ରହ ଜଳୁ ଉଠି ଦେଲା ଚାହିଁ ।
ଦେଖିଲା ତହିଁରେ ବସେ ରାମ ଭାବଗ୍ରାହୀ । ୧୬ ।
ଚକିତ ଚିତ୍ତରେ ପୁଣି ଭାଳଇ ମନରେ ।
କି ଦେଖିଲି ବାଉଳି କେ କଲା କି ମୋରେ । ୧୭ ।
ଯାହାକୁ ଦେଖିଲି ଜଳେ ସେ ତ ଅଛି କୂଳେ ।
ଦେଖି ପରୀକ୍ଷା କରଇ କନା ଆର·ବେଳେ । ୧୮ ।

ଏତେ ବୋଲି ବୁଡ଼ିଲା ସେ ସଫଲା ତନୁଜ ।
ଦେଖିଲା ବଇକୁଣ୍ଠ ପୁର କୋଟି ସୂର୍ଯ୍ୟତେଜ । ୧୯ ।
ମଧ୍ୟରେ ବିଜୟ କରିଛନ୍ତି ଦେବରାଜେ ।
ଶିରେ ସପ୍ତଶାଖା ହେମ ମୁକୁଟ ବିରାଜେ । ୨୦ ।
ବାଳଭୃଙ୍ଗ-ପନ୍ତି ପ୍ରାଏ ଦିଶଇ ଅଳକା ।
ମୁଖପଦ୍ମ ବେଢ଼ି କି ଚୁମ୍ବନ୍ତି ମଧୁରଙ୍କା । ୨୧ ।
ସୁନ୍ଦର ଦିଶଇ ନୀଳ ଇନ୍ଦୀବର ପରା ।
ନାସାରେ ମୁକୁତା କି ସେ ଚନ୍ଦ୍ରପଶେ ତାରା । ୨୨ ।

ଶ୍ରୁତିମୂଳେ ମକରକୁଣ୍ଡଳ ନିନ୍ଦେ ରବି ।
ଜବା କୁସୁମକୁ ନିନ୍ଦେ ବିମ୍ବ ଧର ଛବି । ୨୩ ।
କମ୍ବୁକଣ୍ଠେ ମୋତିଦାମ ଦିଶଇ ମଞ୍ଜୁଳ ।
ନୀଳ ଜୀମୂତ ଅଙ୍କେ କି ବା ବକମାଳ । ୨୪ ।
କରିକର ଜିଣି ଚାରି ଭୁଜଦଣ୍ଡ ସଜେ ।
ଶଙ୍ଖ ଚକ୍ର ଗଦା ପଦ୍ମ କରତେ ବିରାଜେ । ୨୫ ।
କଟିରେ ଶୋଭଇ ପୀତ ସୁଝୀନ ଅମ୍ବର ।
କାଳମେଘ କୋଳେ କି ଏ ସ୍ଥକିତ ଅଗିର ? ୨୬ ।

ଚରଣଯୁଗଳେ ଶୋଭା ବାଙ୍କେଣୀ ନୂପୁର ।
ଅ ନଖ ଯେଉଁ ପଦ୍ମପଦେ ଦରଶ୍ରର । ୨୭ ।
ଚଉପାଶେ ବଳାସିନୀ କରନ୍ତି ଗାୟନ ।
କଳରେ ବଜାନ୍ତି ବୀଣା ଦେଇ ତାଳମାନ । ୨୮ ।
ଲକ୍ଷ୍ମୀ ଆଦି ସରସ୍ୱତୀ କରନ୍ତି ମଙ୍ଗଳ ।
ନାରଦ ସହିତେ ଛନ୍ତି ଅନେକ ଅମର । ୨୯ ।
ସ୍ତୁତି ପଢ଼ୁଛନ୍ତି ଚଉମୁଖେ ବେଦବର ।
ଅନନ୍ତ ମସ୍ତକେ ଧରି କରନ୍ତି ବିହାର । ୩୦ ।
ଏମନ୍ତ ସ୍ୱରୂପ ଦେଖି ଆନନ୍ଦ ଅକ୍ରୂର ।
ପ୍ରେମେ ଥର ଥର ତନୁ କି ରମ୍ଭାପତର । ୩୧ ।

ଆନନ୍ଦ ମନରେ ବହୁମତେ କଲା ସ୍ତୁତି ।
କହଇ ଭଗତ ଦାସ ବେ ଭକ୍ତ ମତି । ୩୨ ।

---

## ଏକାଦଶ ଛାନ୍ଦ

( ରାଗ—କାଳୀ )

ଅକ୍ରୂର ସ୍ତବ ଶୁଣି ମାଧବ ଜଳୁଁ ଅନ୍ତର ହୋଇ ।
ନୀଳଜଳଦ ଅଙ୍କେ ଜଳଦ ଅଂଶ ଯେସନେ ଯାଇ । ୧ ।
ତକ୍ଷଣେ ନୀର ଭିତରୁ ଧୀର ହୋଇ ତାହାର ଯଦୁ ।
ଗୋବିନ୍ଦ ପାଶେ ମିଳ ହରଷେ, ପୁଚ୍ଛନ୍ତି ବ୍ରଜବନ୍ଧୁ । ୨ ।
ଗଲ ଯେ ନଦୀ ଶୁଣ ହେ ଦାଦ କି କି ଦେଖିଲ କହ ।
କପଟ ଦୂର କରି ସେ କଥା ବିସ୍ତାରି ରଥ ବାହ । ୩ ।
ଏ ବାଣୀ ଶୁଣି ସେ ମନ୍ତ୍ରୀମଣି କହେ ବିନୟ ହୋଇ ।
ତୁମ୍ଭେ ଦେବ ତୋତେ ଦେଖିଲି ନେଷେ ଜଳଭିତରେ ଯାଇ । ୪
ଜାଣୁ ତ ହରି, ପୁଣି ପଚାରି ବୁଝୁ ଚତୁରପଣେ ।
ଦୀନବାନ୍ଧବ ଜାଣି ତା ଭାବ ହସିଲେ ଚନ୍ଦ୍ରାନନେ । ୫ ।
ସଫଳସୁତ ବସିଲା ରଥ, ବାହିଲା ବେଗ କରି ।
ତୁରିତେ ଯାଇ ମଥୁରା ଗଡ଼ ନିକଟେ ଯାନ ମିଳା । ୬ ।
ଅକ୍ରୂର କର ଧରି ଶ୍ରୀଧର ବୋଲନ୍ତି ଶୁଣ ବୀର ।
ଦଣ୍ଡେ ବିଳମ୍ବ କର, ଆସନ୍ତୁ ମାତା ପିଅର ମୋର । ୭ ।
ଗୋରସମାନ ଘେନାଇ ଆସୁ-ଅଛନ୍ତି ପଛେ ପଛେ ।
ସଙ୍ଗେ ବିରଜ ବାଳକମାନେ ଗଲ ଅସନ୍ତି ଦୁଃଖେ । ୮ ।
ଏମନ୍ତ କହୁଁ କହୁଁ ସକଳ ଗୋପାଳେ ହେଲେ ମେଳ ।
ବଜାନ୍ତି ନାନା ରଙ୍ଗେ ମୁରଲୀ ନାଚନ୍ତି ଗେଲ ଗେଲ । ୯ ।
ଅକ୍ରୂର କହେ, ହେ ଦେବ ରାଏ, ଆସ ମୋ ପୁରେ ଯିବା ।
ରାମକୁ ରହ ପ୍ରଭାତୁଁ ଯାଇଁ କଂସକୁ ଭେଟି ହେବା । ୧୦ ।
ଶାର୍ଙ୍ଗଧର କହନ୍ତି ଧୀର କରି ଅମିୟ ଚିର ।
ଏ କଥା ତାତ ନୋହେ ଉଚିତ, ନ ଯିବ ତୋର ଘର । ୧୧ ।
ଶୁଣିଲେ କଂସ କରିବ ଦ୍ୱେଷ, ସେ ଯେ ଦୁର୍ଜନମତି ।
ଆଣିଛୁ ଧରି ମାରିବ ବୋଲି, ଅଜ୍ଞାନ ଭୋଜପତି । ୧୨ ।
ବସ ଜାଣିବ, କସ ବୋଲିବ, ଜାଣିମା ତାହା କାଲି ।
ତୁ ଏବେ ନିଜ ଭୁବନେ ଯାଅ, ବୋଇଲେ ବନମାଲୀ । ୧୩

ଆଗ ମୁଁ କଂସ କରଇ ନାଶ, ତୋଷଇ ବନ୍ଧୁଜନ ।
ତେବେ ତୋ ପୁର ଯିବା ନକର, ସତ୍ୟ ସଫଳ ଜାନ । ୧୪ ।
ଆଜକ ମଧୁବନେ ରହଣି କରନ୍ତୁ, ତୁମ୍ଭେ ଯାଅ ।
ଶୁଣି ସାନନ୍ଦ ହୋଇ ଅକ୍ରୂର ନୟନୁ ବହେ ଲୁହ । ୧୫ ।
ଚରଣତଳେ ପଡ଼ି କାତରେ ଉଠି ମେଲାଣି ମାଗି ।
ଚଢ଼ିଲା ରଥେ, ମଥୁରା ପଥେ ଗମଇ ବେଗି ବେଗି । ୧୬ ।
କଂସର ଗଡ଼— ଦୁଆରେ ବଡ଼ ମାର୍ଗରେ ବୀର ପଶି ।
ଦେଖିଣ କଂସ ହେଲା ହରଷ ପାଛୋଟି ନେଲା ଆସି
ଅସନ ଦେଇ, ପାଖେ ବସାଇ କହଇ କର୍ଣ୍ଣମୂଳେ ।
ହେଲା କି କାର୍ଯ୍ୟ ? ନନ୍ଦତନୁଜ ଆସିଲେ ଠିକ ଭଲେ ? ୧୮ ।
କହଇ ଦାନ କମ୍ପାଇ ଗାତ୍ର, ଆଜ୍ଞା ପ୍ରମାଣେ ଗଲି ।
ରାମ ଗୋବିନ୍ଦ ସହିତେ ନନ୍ଦ ଆଣିଲି ଦଣ୍ଡଯାତ୍ରୀ । ୧୯ ।
ଶୁମୁଁରେ ମୁହିଁ କହିବା ପାଇଁ ଅଇଲ ନରେଶ୍ୱର ।
ହେ ଦେବ ବୀର—ମୁକୁଟମଣି ଯେ ଇଚ୍ଛା ଏବେ କର । ୨୦ ।
ଶୁଣି ଭୂପତି ପ୍ରସନ୍ନମତି ହୋଇଲା ଅକ୍ରୂରକୁ ।
ଧନ ବସନ ମାଳା ଚନ୍ଦନ ବହୁତ ଦେଲା ତାକୁ । ୨୧ ।
ବୋଇଲା ରଜା; ବଜାଇ ବାଜା ମିଳକୁ ଛଡ଼ି ଆସ ।
ଏହା ପ୍ରସାଦେ ବଇରୀ ମାରି ଭୁଞ୍ଜିବି ସୁଖ ଯଶ । ୨୨ ।
ଏସନ ଭଣି ଦେଲା ମେଲାଣି, ଅକ୍ରୂର ଗଲା ଘର ।
କହେ ଭଗତ-ଚରଣ ଦାସ ସୁମରି ଗିରିଧର । ୨୩ ।

---

## ଦ୍ୱାଦଶ ଛାନ୍ଦ

( ରାଗ—କାଫି । ଅବକାଶ ବୃତ୍ତେ—୧ )

ମନ୍ତ୍ରୀ ମେଲାଣି ଅନ୍ତେ କଂସାସୁର । ଅସୁରଙ୍କୁ ରାଇ କରେ ବାହାର ।
ବୋଲଇ ଶୁଣ ହେ ବଳିଷ୍ଠମାନେ । ନନ୍ଦନନ୍ଦନ ଆସି ମଧୁବନେ ।
ଯେହୁଁଟି, ପୂତନାକୁ ମାରିଲେ । କାଳନ୍ଦୀହ୍ରଦେ କାଳୀକି ଦଳଲେ ।
ଶକଟା ତୃଣା ବକା କଲେ ହତ । ବସ୍ତ ବ୍ୟୋମା ଷଣ୍ଢ କେଶୀ ସହିତ ।
ଏହିରୂପେ ଯେତେ ଦଇତ ଗଲେ । ତାହାଙ୍କୁ ମାରି ଗୋପପୁରେ ଥିଲେ ।
ଏବେ ମୁଁ, ତାଙ୍କୁ ଆଣିଲି ଧରି । କହ କେମନ୍ତେ ପକାଇବା ମାରି ।
ସାନ ନୁହନ୍ତି ସେ ଦୁଇ ସୋଦର । ଇନ୍ଦ୍ର ଜିଣିଲେ ଟେକି ଗିରିବର ।
ଧେନୁକା ବୀର କେଡ଼େ ବଳୀଆର । ତାକୁ ମାରିଲା ଭାଇ ହଳଧର ।
ଏଣୁ ମୁଁ ଭୟ କରଇ ମନେ । ହେ ବୀରେ କହ ମାରିବା କେସନେ ।

ଏହା ଶୁଣି ଦୁଷ୍ଟମାନେ ବୋଲନ୍ତି । ଭୟ ନ କର ଅହେ ଭୋଜପତି ।
ଛାର ବାଳକେ କି ଜାଣନ୍ତି ଯୁଦ୍ଧ । ମୁଠେ ମାରି ପ୍ରାଣେ କରିବୁ ବଧ ।
ନୁହନ୍ତି, ରାଜକୁମାର ସେହୁ । ମାଲଙ୍କ ବନ୍ଧାଣ ଜାଣିବେ କାହୁଁ ।୪।
ଆଢ଼ଣ ତାଡ଼ଣ ସରଳ ଯିବା । ଅଦୃଶ୍ୟ ହୋଇ ଠଣା ଧରିଥିବା ।
ଉଲଟ ପଞ୍ଝାଣ ଡାକିବା ଠାର । ମୁଥ ବନ୍ଧାଣ ପ୍ରହାର ପଯୃର ।
ମୁଣ୍ଡରୁ, ମୁଣ୍ଡ ମାରିବା ଗତି । ସେ କାହୁଁ ଜାଣିବେ ଗଉଡ଼ ଜାତି ।୫।

ପାଦେ ପାଦେ ଛନ୍ଦ କର୍କଶ ଭିଡ଼ି । ପଡ଼ି ଉଠିବ ଜଗି ପିଠି ବାଡ଼ି ।
ମର୍ମ୍ମ ସ୍ଥାନକୁ ଲୁଚାଇ ରଖିବା । ସମ୍ମୁଖେ ଥାଇ ପଛକୁ ଡେଇଁବା ।
ସାଧନ, ଏହି ପ୍ରକାରେ ଯେତେ । ଭେ ଦେବ ତୋ ଆଗେ କହିବୁ କେତେ ।୬
ମୁଷ୍ଟି ଉଞ୍ଚାଇ ନ ମରି ମାରିବ । ଆଗେ ଦେଖା ଦେଇ ପଛୁ ଧରିବ ।
ବାହାସ୍ଫୋଟ ମାରି ଝାଡ଼ିବ ଅଙ୍ଗ । ପାଶେ ରଖିଥିବ ଆପଣା ସଙ୍ଗ ।
ରାଜନ, ମାଲବନ୍ଧାଣ କଥା । ଚଉଷଠି ବନ୍ଧେ ଯେତେ ବ୍ୟବସ୍ଥା ।୭।

ଏତେ ପ୍ରକାର ସାଧିଅଛୁ ଆମ୍ଭେ । ଛାମୁରେ ବୀରେ ନ ରହନ୍ତି ଦମ୍ଭେ ।
କାଠ ପ୍ରାୟେ କରି ମୋଡ଼ିବୁଁ ଶିର । ବହନ ଆଜ୍ଞା ଦିଅ ନୃପବର ।
ଏ ବାଣୀ, ଶୁଣି ବୋଲଇ କଂସ । ମୁଁ ବୁଦ୍ଧି ଦେଉଛି, ସକଳେ ବସ ।୮।

ଯାହା କହିଲ ସେ କଥା ପ୍ରମାଣ । ତୁମ୍ଭ ଛାମୁରେ କେ କରିବ ରଣ ।
କେବଳ ଅଭାଗ୍ୟ ହୋଇବ ଯେବେ । ସାଧନମାନେ କେହି ନ ରହିବେ ।
ଏଣୁ ମୁଁ, କହୁଅଛି ତୁମ୍ଭଙ୍କୁ । ଯେମନ୍ତେ ମାରିବା ନିଜ ଶତ୍ରୁକୁ ।୯।

ସିଂହଦୁଆରେ କୁବଳୟା ଥିବ । ପାରିବ ଯେବେ ଦୁହିଁଙ୍କି ମାରିବ ।
ସେଠାରୁ ବଳି ଆସିଲେ ଗୋବିନ୍ଦ । ଦ୍ୱିତୀୟ ଦ୍ୱାରେ ଥିବ ମାଲବୃନ୍ଦ ।
ସଂଗ୍ରାମ, କରି ସାଧିବ ରିପୁ । ଉଦ୍ଧରିବ ମୋତେ ମାଲେ ସନ୍ତାପୁଁ ।
ରଙ୍ଗସଭାରେ ବସିଥିବେ ରାଜା । ବାଜୁଥିବ ନାନା ଜାତିର ବାଜା ।

ଦେବକୀ ବସୁଦେବ ଆଣି ଥିବେ । ବେନି ପୁତ୍ରଙ୍କ ମରଣ ଦେଖିବେ ।
ଖଡଗ, ଧରି ଥିବଇଁ ମୁହିଁ । ଗାଢ଼ ଦେଖିଲେ ପଡ଼ିବଇଁ ଧାଇଁ ।୧୧।

ମଣ୍ଡଣି କରି ଯାଇଁ ଧନୁଘର । ପାହାରୀ ଜଗିଥିବେ ବଳପୁର ।
ନ ପୁଣ ଗୋପାଳେ କରନ୍ତି ଜୁର । ଧନୁ-ମଣ୍ଡଣି ଗାଲା ହେମଦ୍ୱାର ।
ତୁହିଁକି କରିଥିବ ଆକଟ । ମାଛି ଗଳିବାକୁ ନ ଥିବ ବାଟ ।୧୨।

ନନ୍ଦ ଯଶୋଦାଙ୍କୁ ଭେଟାଇ ଆସି । ଆସିଛନ୍ତି ଯେତେ ବରଜବାସୀ ।
ମଞ୍ଚାରେ ବସାଇ ଥିବା ସଭିଙ୍କି । ସୁତଙ୍କ ମରଣ ଦେଖିବେଟିକି ।
ଏମନ୍ତ, ଯହୁଁ କହିଲା କଂସ । ଶୁଣି ରାକ୍ଷସେ ହୋଇଲେ ହରଷ ।୧୩

ସମସ୍ତ ଜନ ମନକୁ ଅଇଲା । ଯେଉଁ କଥା ନରବର କହିଲା ।
ଠାବେ ଠାବେ ସେହି ପ୍ରକାରର ଜଣେ । ଯେ ଯାହା ମତେ ଲାଗିଣ ରହିଲେ ।
କହଇ, ଭକ୍ତଚରଣ ଦାସ । ପବନଙ୍କୁ ପାଉ ଅଛନ୍ତି ପାଶ । ୧୪ ।

---

## ତ୍ରୟୋଦଶ ଛାନ୍ଦ

( ରାଗ — କଲ୍ୟାଣ ଆହାରୀ )

ଏଥି ଅନନ୍ତରେ ବରଜ ବରଜ ସଙ୍ଗେ ମଧୁବନେ ରହିଲେ ।
ବସନ ସଦନ ସାଜିଲେ ବନ୍ଧନ, ନାନା ରନ୍ଧନମାନ କଲେ ।
ଭୋଜନ, କଲେ ସେ ନନ୍ଦର ନନ୍ଦନ ।
ଗୋପସୁତମାନେ ବେଢ଼ି ରହିଛନ୍ତି ଚନ୍ଦ୍ରମାଗେ ତାରା ଯେସନ । ୧ ।
ହସି ବନମାଲୀ ବୋଲନ୍ତି ମଥୁରା କଟକ ଛଟକ ଦେଖିବା ।
ଗ୍ୱାଲ ସକଳେ ଏକମେଳ ହୋଇଣ ବାହାର ଯାଇଣ ଆସିବା ।
ଗୋବିନ୍ଦ, ବଚନେ ସଜ ହେଲେ ସୁତେ ।
ଯୋଡ଼ ଯୋଡ଼ ହୋଇ କର ଛନ୍ଦାଛନ୍ଦି ଦେଖି ହସନ୍ତି ଗୋପୀନାଥେ । ୨ ।
କାଠତାଳ ତାଳୀ ପଟର କାହାଳୀ ବେଣୁ ବଇଁଶୀ ଶିଙ୍ଗା ବାଜେ
ମଥୁରା ଭୁବନ କି ଭାଗ୍ୟ କରିଛି ଆଜ ଦେଖିବେ ଦେବରାଜେ ।
ରୋହିଣୀ-ନନ୍ଦନ ହୋଇଲେ ଆଗର ।
ଧୀରେ ଧୀରେ ବଳେ, କିଏ କରିରାଜେ ମେଦିନୀ ପାଉଛି ଧୂଳିର । ୩ ।
ଶିରେ ଭୁଜଙ୍ଗଭୁଜ-ପୁଚ୍ଛ ଶୋହିଛି, ନିନ୍ଦଇ ଇନ୍ଦ୍ର ଶରାସନ
ଅଳକାପନ୍ତି ବାଲ ଅଳି ଗଞ୍ଜଇ ଦେଖି କେ ନୋହିବ ଉଛନ୍ନ ।
ଭ୍ରୂଲତା, କି ଅବା ମଦନ କୋଦଣ୍ଡ
ଅଞ୍ଜନ-ଲତାକୁ ଗୁଣ କରିଅଛି କଞ୍ଜନୟନ ପଞ୍ଚକାଣ୍ଡ । ୪ ।
ତିଳଫୁଲ ନାସା ଦକ୍ଷିଣ ପୁଡ଼ରେ ଶୋହୁଛି ବର୍ତ୍ତୁଳ ମୁକୁତା ।
କଳାକର କୋଳେ କି ଅବା ନକ୍ଷତ୍ରେ ଉଦେ ହୋଇଅଛି ସବିତା ।
କର୍ଣ୍ଣରେ, କୁଣ୍ଡଳ କି ଏ ମାରତଣ୍ଡ ।
ଚନ୍ଦନ ତିଳକର ଆଦରଶ ପ୍ରାୟେ ଶୋଭା ପାଉଛି ବେନି ଗଣ୍ଡ । ୫ ।
ପଦ୍ମଲପନକୁ ଜିଣଇ ଧରିଛି ଅଧର ରକତ ମନ୍ଦାର ।
କୁଳବତୀ ଦେଖି ଚେତା ହରାଇବେ, ଗୋଟିବ ମଦନ ଅନ୍ଧାର ।
କଣ୍ଠରେ, ମୁକୁତାମାଳ ବକପନ୍ତି ।
ମଉଦନ୍ତୀ ଶୁଣ୍ଡ ଜିଣି ଭୁଜଦଣ୍ଡବେନି ଆଜାନୁ ବଳିଛନ୍ତି । ୬ ।
କଟିପ୍ରଦେଶରେ କନକ ବସନ ଅନେକ ବିଜୁଳି ଜିଣଇ ।
ଓଡ଼ଆଣୀ ବାଣୀ ମନ କିଏ କିଣି ଜାନୁ ରମ୍ଭାଠାଣି ଆଣଇ ।

ଚରଣ, ଯୁଗଳେ ଅପୂର୍ବ ମଞ୍ଜରୀ ।
ଧୀର ଗମନକୁ ମଧୁର ନିସ୍ୱନ କରଇ ଜନ ମନ ଚୋର । ୭ ।

ଏହି ପ୍ରକାରେ ଶୋଭାବନେ ଦିଶନ୍ତି ରାମ ଗୋପାଳମାନ ଆଦ ।
ସଙ୍ଗେ ଦେବବୃନ୍ଦ ଯେନି କି ମେଦିନୀ ମଣ୍ଡି ଆସଇ ଜମ୍ଭଭେଦୀ ।
କି ଅବା, ବିଜୟେ ମଦନ ରାଜନ ।
ଦେଖି ନନ୍ଦନ ମନ ବଶ ହେଉଛି, ଛଡ଼ାଉଛି ଲକ୍ଷ୍ମୀ ସଦନ । ୮ ।

ମଥୁରା ଗଡ଼ ଦ୍ୱାରେ ଯାଇଁ ହୋଇଲେ; ଦେଖିଲେ ଅପୂର୍ବ ପ୍ରାଚୀର ।
ଲୁହାର କଳଣି, ତମ୍ବାର କବାଟ, ଜଗ ରହିଛନ୍ତି ପହାରି ।
ସଦନ, ଉପରେ ଉଡ଼ଇ ପତାକା ।
ନର ଅସୁର ଅମରଗଣ ଗଣେ ଦୂରୁ ଦେଖି ହେବେ ଚାଟକା । ୯ ।

ଦ୍ୱାର ଦେଖି ରାମ-ରସବଦନମାନେ କରନ୍ତି ବହୁତ ପ୍ରଶଂସା ।
"ଧନ୍ୟ ମାମୁଁ କଂସ ! କେତେ ତପ କଲୁ, ଏ ପୁରେ କରୁଅଛୁ ବସା ।
ଯେସନେ, କନକପଞ୍ଜୁରୀ ଭିତର ।
କାକ ରଖିଥାଇ, ପୟପାନ ଦେଇ ସେ କିକ ଜାଣେ ସୁଖ ତା'ର ? ୧୦ ।

ନାନାପ୍ରକାରେ ବିସ୍ତାର କରୁଥାଇ, କେମନ୍ତେ ଯିବଇଁ ପଳାଇ ।
ସେହିରୂପେ ମଧୁ-ନଗର ଏ ନରବର କଂସକୁ ନ ବୁଝଇ ।
ଦଇବ, ବଳେ ଯେବେ ହେବ ଅନ୍ତର ।
ପଛେ ପଛେ କାଳଚକ୍ର ଗୋଡ଼ାଇବ, ବାନ୍ଧିନେବ ଯମ ଡଗର । ୧୧ ।"
ଦୁର୍ଜନ ଜନକୁ ସୁଜନ ନ ରୁଚେ, ମୂର୍ଖକୁ ନ ରୁଚଇ ବେଦ ।
କପଟୀ ନାରୀକି ପତି ନ ରୁଚଇ, କେଳ ନ ଜାଣେ ରମ୍ଭାସ୍ୱାଦ ।
କୁକୁର, ଯଜ୍ଞଶାଳେ ଠୁଳେ ଯେମନ୍ତ ।
ଦର୍ପିଷ୍ଠ ଦ୍ରୁମିଳ-ନନ୍ଦନକୁ ମଧୁ-କଣ୍ଟକ ଦିଶଇ ତେମନ୍ତ । ୧୨ ।
ଦଇବ ବିହିଲା, ଅଭାଗ୍ୟ ହୋଇଲା, ମେ ତେ ଅଣାଇଲା ଧରାଇ ।
କାଳବେଳ ଆସି ନିକଟ ହୋଇଲା, ମରିବ ସମସ୍ତ ହସାଇ ।
କେବଳ, ଅଜକ କରୁ କଇଭୋଗ ।
"ରାଜ ପାହିଲେ ସର୍ବ ଦୂର ହୋଇବ, ଉଗ୍ରସେନକୁ ହେବ ଯୋଗ" । ୧୩ ।

ଏମନ୍ତ ବିସ୍ତରି ଦ୍ୱାରୀକି ପଚାରି, "କହ ରାଜାଙ୍କ ସର୍ବ ଶୁଭ ।
ଆମ୍ଭେ ଆସିଅଛୁ ଦର୍ଶନ ନିମନ୍ତେ ଭେଟାଇବ ଯେବେ ଦଇବ ।
କହିବୁଁ, ଆମ୍ଭ ଦୁଃଖ ସୁଖ ଯେତେକ ।
ଭୟ କରୁଅଛୁଁ, କିଛିହିଁ ନ ଜାଣୁ, ଆମ୍ଭେ ସାନ ବ୍ରଜବାଳକ । ୧୪ ।
ହରିବାଣୀ ଶୁଣି, ଦ୍ୱାରପାଳ ଭଣି, କାହିଁକି କହିଲ ଏମନ୍ତ ।
ସାନ ବଡ଼ ହେଲେ କି କାର୍ଯ୍ୟ ହୋଇବ, ଯେଉଁ ଜନ ବୃଦ୍ଧି ଯେମନ୍ତ

କୃଷ୍ଣ ହେ, ତୁମ୍ଭେ ତ ତେମନ୍ତ ନ ଦଶ ।
ଜାଣିଲୁ ବୁଦ୍ଧି ବଳ ଅଛି ଅନେକ, ସମାନ ନୋହିବେ ଗିରୀଶ । ୧୫ ।
ଏତେ କହି ଦ୍ୱାର ଛାଡ଼ି ଦେଲା, ଧାଇଁ ପଶିଲେ ଜଗତଜୀବନ ।
ସଙ୍ଗେ ସଙ୍ଗେ ରାମ ଗୋପାଳ ତନୁଜ ବଜାଇ ନାନା ବାଦ୍ୟମାନ ।
ଚମକି, ପଡ଼ିଲା ମଥୁରା-କଟକ,
ବୋଲେ ବଇରାଗୀ ଭକତଚରଣ ଦେଖି ମନ ହେଲା ଅଠକ । ୧୬ ।

## ଚତୁର୍ଦ୍ଦଶ ଛାନ୍ଦ

( ରାଗ—କାଳୀ )

କ ମତ୍ତ-କରୀ ଗମନ କରି ଆସଇ ଧୀରେ ଧୀରେ ।
ଶୁଣି ମଥୁରା-ନଗର-ବାସୀ ଧାଇଁଲେ ଦେଖିବାରେ । ୧ ।
ବାଜିଲା ଗୋଳ ଲୋକ ଗହଳ, ପୂରିଲେ ରାଜପଥେ ।
କେ ବୋଲେ ସଖି ! ପୁରାଇ ଆଖି ଦେଖିବା ଗୋପୀନାଥେ । ୨ ।
ଏ ପରା, ସହୁ, ପୂତନା ଧାଇ ପ୍ରାଣ ଶୋଷିଲେ ରଙ୍ଗେ ।
ଶକଟ, ତୃଣା, ବକ, ଅର୍ଜୁନ ଭାଙ୍ଗିଲେ ପାଦଯୁଗେ । ୩ ।
କାଳୀକି ଦଳ ପଙ୍କଜ ଟୋଳ ତୋଳିଲେ ଗୋବର୍ଦ୍ଧନ ।
ଶୁଣିଲୁ ଥିଲୁ, ଦେଖା ନ ଥିଲୁ, ଏବେ ଗୋ ଭଲେ ଚାହୁଁ । ୪ ।
କେଉଁ ନାଗରୀ ରସସାଗରୀ ଅନାଇ ଦେଲା ଗାଳି ।
ରହିଲା ବାଳୀ ନ ପାରେ ଚଳି, ଚାହିଁଲେ ବନମାଳୀ । ୫ ।
ମଦନ ରାଣୀ ବଜିଲା ବାଣ, ଠାଣ ଭାଙ୍ଗିଲା ତାର ।
ସାରବରମା ହାର କାଞ୍ଚୁଲି ତିନ୍ତିଲା ବହୁ ଝାଳ । ୬ ।
କେଉଁ ନାୟିକା ସୁଖ ଦାୟିକା କାନ୍ତ ସଙ୍ଗରେ ରଙ୍ଗେ ।
ଖେଳଇ ପଶା ଫୁଲାଇ ନାସା, ସାରି ବାହାଇ ବେଗେ । ୭ ।
ଶୁଣିଲା ହରି, ମଥୁରା-ପୁରୀ ବିଜୟେ କଲେ ବୋଲି ।
ଧାଇଁଲା ବେଗେ ଗୋବିନ୍ଦଲାଗେ, ହୋଇଲା ବହୁଅଥିର । ୮ ।
କେବଣ ରାମା ସଙ୍ଗରେ ବାମା ଘେନି ଯମୁନା ଜଳେ ।
କରେ ସ୍ନାନ ଅଙ୍ଗ ମର୍ଦ୍ଦନ, ଶୁଣିଲା କର୍ଣ୍ଣଗଲେ । ୯ ।
ଧାଇଁଲା ଗୃହେ ବାଲୁକାପିଣ୍ଡେ ପଡ଼ି ଦଶଇ ଶୋଭା ।
ହେମ ଟରଣୀ ଉପରେ ଆଣି କର୍ପୂରଗୁଣ୍ଡି କି ବା । ୧୦ ।
ଉଡ଼ା ହୁକାଳ ଫୁଟି ପ୍ରଜ୍ୱଳ ଦଶଇ ବେଢ଼ ତୁଙ୍ଗ ।
କି ଅବା କାମବାଣକୁ ଡରି ଲୁଚିଛି ଶମ୍ଭୁଲିଙ୍ଗ । ୧୧ ।

ରମଣୀ ରାମ-ଅନୁଜ ପାଶେ ହୋଇଲେ ବେଗେ ଯାଇ ।
ନବଜୀମୂତ ବରନ ବେଶ ସରସ ହେଲେ ଚାହିଁ ।୧୨।
କର୍ଣ୍ଣ ନାସିକା କେଳପତାକା କାନ୍ତିକି କରି ମାନ ।
ମଞ୍ଜି ଦୃଷ୍ଟି କରି ବିମ୍ବୋଷ୍ଠୀ ବଦନେ ଛମ ଛମ ।୧୩।
କୃଷ୍ଣ ଗମନ ଶୁଣି ବନ୍ଧନ ମାନକୁ ଛାଡ଼ି ଧାଇଁ ।
ପଥରେ ଥିଲେ ଲୋକେ ପଚାରେ, ଗୋବିନ୍ଦ ଗଲେ କାହିଁ ? ୧୪।
କେବଣ ବୀଣା—ବଚନୀ ବୀଣା ବଜାଇ ଗାଉଥିଲା ।
କହିଲେ ଆଳୀ ଧାଇଁଲେ ବାଳୀ, ସାରଙ୍ଗ ପାସୋରିଲେ ।୧୫।

କେବଣ ଜବା ଅଧରୀ ରବା ଧରି କରଇ ଡାନ ।
ଗୋପୀଙ୍କ ନାଥ ଆସିବା ଶୁଣି ସେହି ହୋଇଲେ ଛନ୍ନ ।୧୬।
କେ ବସି ରସେ ନାୟକ ପାଶେ କରଇ ପରିହାସ ।
ଛାଡ଼ିଲେ ଲାଜ ଧାଇଁଲେ ବେଗ ବ୍ରଜବଲ୍ଲଭ ପାଶ ।୧୭।
କେ ଜଳ ଅନ୍ନ କରନ୍ତେ ପାନ ନ ଭୁଞ୍ଜି ପଳାଇଲେ ।
କୃଷ୍ଣ ଦର୍ଶନ ଆଶେ ଲାଲସେ ମନକୁ ବଳାଇଲେ ।୧୮।

କେବଣ ସାତ—କୁମ୍ଭ-ବରନା ଜଳକୁ ଯାଇଥିଲେ ।
କୁମ୍ଭ ପକାଇ ନନ୍ଦନନ୍ଦନ ଦର୍ଶନେ ଧାଇଁଗଲେ ।୧୯।
କେବଣ ପିକ—ବଚନୀ ଶୁକ ସାରୀ ପଢ଼ାଇ ରଙ୍ଗେ ।
ବରଜବର ପାରୁଶେ ଗଲେ, ସଖୀ ନାହାନ୍ତି ସଙ୍ଗେ ।୨୦।
କାହାର ପାଦ ଚଳନ୍ତେ ନାଦ କରେ ହଂସକମାନ ।
କାହାର କଟୀ କିଙ୍କିଣୀ ଫିଟି ପଡ଼ିଲା କେଉଁ ସ୍ଥାନ ।୨୧।

ଜାଣଇ ନାହିଁ ଯାଉଛି ଧାଇଁ ବୋଲେ ସଖୀଙ୍କି ଚାହିଁ ।
କହ ଗୋ ସତ ପରମ୍ପରିତ କୃଷ୍ଣ ହେଲେକ କାହିଁ ? ୨୨।
କେବଣ ଚନ୍ଦ୍ର—ବଦନୀ ଛନ୍ଦ—ଗୀତକୁ ଗାଉଥିଲା ।
ତୁଟିଲା ଧାଡ଼ି ଧାଇଁଲା ଛାଡ଼ି ଇକ୍ଷଣ ପଡ଼ିଗଲା ।୨୩।
କାହାର କରୁ କଙ୍କଣ ଖସି ପଡ଼ିଲା ମହୀତଳେ ।
ଚାହିଁଲା ନାହିଁ ସାରସମୁଖୀ ଗଲା ଗୋବିନ୍ଦ ଲାଗେ ।୨୪।

କେବଣ ଏଣୀ-ନୟନା ବେଣୀ ପଡ଼ିଛି ପଛଭାଗେ ।
ସୁବର୍ଣ୍ଣମହୀ ଉପରେ କିଏ ଖେଳଇ କଳା ନାଗେ ।୨୫।
କେବଣ ଚମ୍ପା—ବରଣୀ ଚମ୍ପା ଦାମ କଣ୍ଠରୁ ଛାଡ଼ି ।
କେବଣ ମୋତି-ଦଶନୀ ମୋତି-ହାର ଗଳେ ପଡ଼ି ।୨୬।
କେବଣ ରମ୍ଭା-ଜଘନୀ ରମ୍ଭା ପରାଏ କମ୍ପେ ତନୁ ।
ଅଙ୍ଗ ଅଙ୍କୁରେ ଧାଏଁ ଜାତରେ ଦେଖିବା ପାଇଁ କାହ୍ନୁ ।୨୭।

କେବଣ ଈଶ-ମୋହିନୀ କେଶ କୁରୁଳୁଥିଲା ବସି ।
ଅର୍ଦ୍ଧବନ୍ଧନ କରି ବନ୍ଧନ ଗଲା କୁରଙ୍ଗଦୃଶୀ । ୨୮ ।
କେଉଁ କରକା-ଦନ୍ତୀ କରକା ପରାଏ ଗଳି ଗଲା ।
ଦୁଆରେ ରହିଥିଲା ଅନାଇଁ ପଥକୁ ବିହ୍ୱଳି । ୨୯ ।

କେବଣ କଣା ଏଣାକ୍ଷୀ କଣା ହୋଇଲା ଭିଡ଼େ ପଶି ।
ଆକୁଳ ହୋଇ ବୋଲଇ କାହିଁ ଭେଟିବ ବ୍ରହ୍ମରାଶି । ୩୦ ।
କେବଣ ଋଷି-ମୋହିନୀ ଋଷେ ପରାଏ କଲା ମନ ।
ଗହନ ପଥେ ଯାଇ ନ ପାରି ହୃଦରେ କଲା ଧ୍ୟାନ । ୩୧ ।
କେଉଁ ଦର୍ପଣ-ମୁଖୀ ଦର୍ପଣ ଧରି ହୁଅଇ ବେଶ ।
ଚଳଲା ତୁଣ୍ଡେ ସିନ୍ଦୂର ଗଣ୍ଡେ କଜ୍ଜ୍ୱଳ ଭାଲ ଦେଶ । ୩୨ ।
କର୍ଣ୍ଣେ ବସଣୀ ନାସାରେ ଆଣି ଡାହିକ ଲଗାଇଲା ।

କଟିକିଙ୍କିଣୀ କଣ୍ଠେ ଭୂଷଣ ଚେତନା ହଜାଇଲା । ୩୩ ।
ଚରଣ ଆଭରଣସଙ୍କୁଳ କରେ ଖଞ୍ଜିଲା ନେଇ ।
କର କଙ୍କଣ ପାଦେ ଝୁଣ୍ଟିକ ଗାଣ୍ଠୀ ବାନ୍ଧିଲା ତହିଁ । ୩୪ ।
ଦେଖି ବଚନ ସଙ୍ଗ ଜନନୀ ବୋଲନ୍ତି କିସ ଏହୁ ।
ସେ କଥାମାନ ନ ଶୁଣି ରାଜ-ପଥେ ଧାଇଁଛି ସେହୁ । ୩୫ ।
କେବଣ କୁଳ-ଅଙ୍ଗନା କୁଳ-ଲଜ୍ଜାକୁ କଲା ଦୂର ।
କରଇ ଗଢ କରର ମନ୍ତ ଭେଟିଲା ବେଣୁଧର । ୩୬ ।

କେବଣ ନାରୀ ସୁକ୍ଷୀଣ ଶାଢ଼ୀ ଭୂଷଣ ହେଉଥିଲା ।
ଅଧେ ଧରିଛି ଅଧେ ପିନ୍ଧିଛି ବସ୍ତ୍ରୁନେ ପଳାଇଲା । ୩୭ ।
କେଉଁ ବାରିଦ-କେଶୀ ବାରିଦ-ବରନ ଦେଖି ଭୋଳେ ।
କମ୍ପିଲା ଅଙ୍ଗ ସଜନୀ ସଙ୍ଗ ଛାଡ଼ି ରହିଲା ଭୋଳେ । ୩୮ ।
କାହାର ବାସ ଖସିଣ ସ୍ତନ ମଣ୍ଡଳ ଦିଶୁଅଛି ।
କାହାର ଜୂଡ଼ା ଫିଟିଣ ପିଠି ଉପରେ ପଡ଼ିଅଛି । ୩୯ ।
କେବଣ ହେମ-ବରଣୀ ଜାନୁ ଦେଖାଇ କାଛ ଟେର ।
କେ ହାଇ ମାରି ନୟନଠାରି ତୋଳଇ ବେନି କର । ୪୦ ।
ନାସା ଫୁଲାଇ ମୁଖ ହଲାଇ କେବଣ ପ୍ରେମଶୀଳା ।
ବାଣୀକୁ ଜିଣି କହଇ ବାଣୀ, ଗୃହାନ୍ତ ନନ୍ଦବାଳା । ୪୧ ।
କେବଣ ସ୍ୱର୍ଣ୍ଣ-ଅଧରୀ କୁଚ ଧରି ଧାଇଁଛି ବେଗେ ।
ଯେସନେ ରଙ୍ଗ କରଇ ଗଜ ମକରଧ୍ୱଜ ଆଗେ । ୪୨ ।
ଏହି ପ୍ରକାରେ ମଥୁରାପୁର ନାୟିକା ହେଲେ ବାଇ ।
ତୃଷା ଆରତେ ଯେସନେ ନର ଜଳ ସମୀପେ ଯାଇ । ୪୩ ।

ଦେଖି ଅନଳ ପତଙ୍ଗକୁଳ ପଡ଼ନ୍ତି ଯେଉଁମତେ ।
ହୋଇ ଉଛୁଳ ସକଳ ଜନ ଧାଇଁଲେ ସେହିମତେ । ୪୪ ।
ବନ୍ଧ ହାବୋଡ଼ି ଯେସନେ ବର୍ଷା ଜଳ ରହଇ ସ୍ଥିରେ ।
କୃଷ୍ଣଙ୍କୁ ଦେଖି ମୃଗାଙ୍କମୁଖୀମାନେ ରହିଲେ ଧୀରେ । ୪୫ ।
ମତ୍ତନାଗେନ୍ଦ୍ର ଦେଖିଲେ ମତ୍ତ—କରିଣୀ ଯେହ୍ନେ ହୋଏ ।
ଜଳେ ଜଳଜେ ତପନତେଜେ ଯେହ୍ନେ ପ୍ରଫୁଲ୍ଲକାଏ । ୪୬ ।
ପାଇଲେ ଗୁଡ଼ ଯେସନେ ବେଢ଼ି-ଥାନ୍ତି ପିମ୍ପୁଡ଼ିମାନେ ।
ସେହି ପ୍ରକାରେ କୃଷ୍ଣଙ୍କୁ ବେଢ଼ି ରହିଲେ ନାରୀଜନେ । ୪୭ ।
କରନ୍ତି ନାଟ ନନ୍ଦର ଗୃହ ବାଟ ପାଉଛି ଶୋଭା ।
ଅମରବୃନ୍ଦ ସହିତେ ଇନ୍ଦ୍ର ସଙ୍ଗତେ ଦେଖି ଲୋଭା । ୪୮ ।
ବାଜେ ଦୁନ୍ଦୁଭି ନାଚେ ଗନ୍ଧର୍ବୀ କରନ୍ତି ଜୟସ୍ୱନ ।
ମଙ୍ଗଳ ବାଣୀ ଭଣି ଦେବଙ୍କ ଗୁରୁ ଚତୁରାନନ । ୪୯ ।
ପଢ଼ନ୍ତି ସାମବେଦ ଶବଦ କରି ମୋହନ୍ତି ଜନ ।
ବୋଲେ ଭଗବତଚରଣଦାସ ବିଜୟେ ଜନାର୍ଦ୍ଦନ । ୫୦ ।

---

## ପଞ୍ଚଦଶ ଛାନ୍ଦ

( ରାଗ—କାଫି, ଅବକାଶ ବୃତ୍ତ )

ଶ୍ରୀକୃଷ୍ଣ ବିଜୟେ ଅବନୀ ଶୋଭା । ଦେଖି ମନ ନେଇ ହୁଅଇ ଲୋଭା ।
ଦେଖିଲେ ଆସଇ ରାଜା-ରଜକ । କାନ୍ଧେ ଘେନିଅଛି ବସ୍ତ୍ର ଅନେକ ।
ଆଗରେ, ଶଙ୍ଖ ବାଜଇ ତାର । ପରିଜନେ ଅଡ଼ କରନ୍ତି ନର । ୧ ।
ଦେଖି ଡାକନ୍ତି ଜଗତଜୀବନ । ରହ ଭାଇ ଆମ୍ଭ ବଚନ ଘେନ ।
ରାଜାରି ଭଣଜ ଅଟଇ ମୁହିଁ । ଦେଖ ମୋ ଉଜ୍ଜ୍ୱଳ ବସନ ନାହିଁ ।
ଏଣୁ ମୁଁ, କହୁଅଛି ତୁମ୍ଭଙ୍କୁ । ଉତ୍ତମ ବସ୍ତ୍ର ଦେଇ ଯା ଆମ୍ଭଙ୍କୁ । ୨ ।
ଶୁଣି ନରବର ହୋଇବେ ତୋଷ । ଆନନ୍ଦେ ତୋତେ ଦେବେ ଗ୍ରାମ ଦେଶ
ବସନ ପିନ୍ଧି ଆମ୍ଭେ ଚାଲିବୁଁ । ରାଜା ଭଣଜା ପରାଏ ଦିଶିବୁଁ ।
ବୋଲୁଛୁ, ଏତେ ମାୟିକ କର । ମନେ ତୋହର କିଛି ନ ବିଚାର । ୩ ।
ମୂଢ଼ ନ ଶୁଣଇ ଗୋବିନ୍ଦବାଣୀ । ଯେସନେକ ଜନ୍ମବଧିର ପ୍ରାଣୀ ।
ଗେଲ ହେଲ ହୋଇ ଚାଲେ ଗରବେ । ଦେଖି ଗୋବିନ୍ଦ ରାଗିଲେ ଆଗେ
ପୁଅଙ୍କୁ, କହି ବୋଲନ୍ତି ହରି । ସବୁ ବସନ ନିଅ କାଢ଼ି କରି । ୪ ।
ଶୁଣି କ୍ରୋଧରେ ହେଲେ ଲାଗ ଲାଗ । ଅନାଇଁ ରଜକ ହୋଇଲା ରାଗ ।
ବୋଲଇ ଶୁଣ ହେ ନନ୍ଦର ସୁତ । ଯେତେ କହୁଛ ସବୁ ବିପରୀତ ।
ରାଜାର, ଅଙ୍ଗଭୋଗ ଦୁକୂଳ । ସୁନ୍ଦର ଦେଖି ହୋଉଛ ବିକଳ । ୫ ।

କର୍ମେ ଯାହାର ଯଉଁ କଥା ଥାଇ । କାଳ ଜାଣି ତାହା ଭୋଗ କରଇ
ତୁମ୍ଭ କରମରେ ଏମନ୍ତ ଅଛି । ଜାତିରେ ହୀନ ଗଉଡ଼ କରିଛି ।
ଖାଇବ ନାହିଁ ସୁବର୍ଣ୍ଣ ପାତ୍ରେ । ଖାଇଲେ ଖାଅ ଟିକିଲେ ଜାନାପତ୍ରେ ।୬।
ମିଳଇ ନାହିଁ ଉତ୍ତମ ବସନ । ସୁସ୍ୱାଦୁ ହୋଇଣ ନାନା ଅଶନ ।
ଶୟନକୁ ଶଯ୍ୟା ପାଇବ ନାହିଁ । ତୁମ୍ଭ ଲଲାଟେ ଏହା ଅଛି ଲିହି ।
ତାହା ମୁଁ, ଭଲେ ଅଛଇ ଜାଣି । ବନଜନ୍ତୁ ସଙ୍ଗେ ତୁମ୍ଭଙ୍କୁ ଗଣି ।୭।
ଆଜ ଯାଏ ଥିଲ କେବଣ ଦେଶ । ଅଭାଗ୍ୟ ବେଳକୁ ମଥୁରା ଆସ ।
ରାଜ୍ୟରେ କିଅର୍ଥେ କରୁଛ ଗୋଳ । ଶୁଣିଲେ କଂସ ମାରିବ ସକଳ ।
ଏହା କି, ଗୋପପୁର କରିଛ । ଦୁଷ୍ଟ ସ୍ୱଭାବ ଛାଡ଼ି ନ ପାରୁଛ ।୮।
ଲାଜ ନ ମାଡ଼ଇ ମୁଖେ ତୁମ୍ଭର । ଓଗାଳିଛ ନେବ ନୃପତି ଚୀର ।
ଛାଡ଼ ଦିଅ ମୋତେ ହେବ ବୋଲଣା । ରାଜ ଅସ୍ତ୍ରେ ସର୍ବେ ହୋଇବ ହଣା ।
ପଳାଇ ଗଲେ ପଶିବ କାହିଁ । ପ୍ରତାପୀ କଂସ ମାରିବ ଗୋଡ଼ାଇ ।୯।
ଶୁଣି ଗୋବିନ୍ଦ କୋପେ ଥରହର । ଓଷ୍ଠ କାମୁଡ଼ି ଧାଇଁଲେ ପ୍ରଖର ।
ବାମ ଭୁଜଦଣ୍ଡେ ଚପୋଡ଼େ ମାରି । ଛିଣ୍ଡିଲା ମୁଣ୍ଡ ମଲା ରଜକାରି ।
ପଶିଲା, ପ୍ରାଣ ଗୋବିନ୍ଦ ଅଙ୍ଗେ । ନୀର ମିଶେ ଯେସନ୍ତେ ପୟୋର ସଙ୍ଗେ ।୧୦।
ଅଶେଷ ଜନ୍ମର ଦୁରିତ ଗଲା । କୃଷ୍ଣ ବଦନ ଯେଣୁ ଚାହିଁ ମଲା ।
କୈବଲ୍ୟ-ମୁକତି ପାଇଲା ଅଳେଶେ । ଯେହୁ ନ ମିଳଇ ସାଧିଲେ କଳେଶେ ।
ଧନ୍ୟ ସେ କେତେ ତପସ୍ୟା କଲା । ଦୁଷ୍ଟ ଭାବରେ ହରିଙ୍କି ପାଇଲା ।୧୧।
ମୃତ୍ୟୁ ଲଭିଲା ଯହୁଁ ସେ ରଜକ । ବେଗେ ବେଢ଼ିଲେ ବ୍ରଜବାଳକ ।
ନନ୍ଦନନ୍ଦନ ଫେଡ଼ି ବସ୍ତ୍ରପୁଡ଼ା । ବାଛି ଘେନିଲେ ମଣିଆଳ ଯୋଡ଼ା ।
ଗୃହିଣନ୍ତି, କାନ୍ଧେ ପକାଇ ହରି । ଆଉ ବସନ ପୋଏ ଜାଲେ ଜୁରି ।୧୨।
କଂସର ବେଶକାରୀ ଆସୁଥିଲା । କୃଷ୍ଣର ରୂପ ଦେଖି ମୋହି ଗଲା ।
ଶିରେ କର ଦେଇ ବୋଲେ ଶ୍ରୀବତ୍ସ । ଆଜ୍ଞା ହୋଇଲେ ପିନ୍ଧାଇବ କଛ ।
ଯାହାକୁ, ଯଉଁ ରୂପେ ଶୋଭିବ । ଶୁଣି ହସିଲେ ଅଳପ ମାଧବ ।୧୩।
ଶାନ୍ତାସ୍ମିତ କରେ ଦେଲେ ବସନ । ତୁରିତ କୃଷ୍ଣଙ୍କ କରି ଯତନ ।
ସିଂହକଟିରେ ଆଚ୍ଛାଦିଲା ନେଇ । ବରଣ କରି କୃଷ୍ଣଙ୍କୁ ପିନ୍ଧାଇ ।
ଉତ୍ତରୀ, କାନ୍ଧେ ପକାଇ ଦେଲା । ବାବୁ ସେ ଛବି ଜଗତ ମୋହିଲା ।୧୪।
ରାମଙ୍କୁ ଶସିହିମନ୍ତ କଲା ସଜ । ବସ୍ତ୍ରେ ମଣ୍ଡିଲା କିଏ ଶ୍ୱେତ ଗଜ ।
ଗୋପସୁତଙ୍କୁ ଭିନେ ଭିନେ ବେଶ । ଯହିଁ ଭାବଗ୍ରାହୀ ହୋଇଲେ ତୋଷ ।
ବୋଲନ୍ତି, ବର ମାଗ ବହନ । ଶାନ୍ତାସ୍ମିତ କହେ ଶୁଣ ମୋହନ ।୧୫।
ଧନ ଜନ ଋଦ୍ଧି ପଦକୁ ଛାଡ଼ି । ତହିଁ ବାଞ୍ଛା ନାହିଁ ଗରୁଡ଼ାରୂଢ଼ ।
ତୋ ପାଦପଙ୍କଜେ କର ମଧୁପ । ହେଉ ବୋଇଲେ ଗୋକୁଳଭୂପ ।
ତୁସଠାରୁ, ନିକଟେ ପୂରବନାରୂପ । ନବପୟୋଦ କି ଉଦୟୁ ବପୁ ।୧୬।

ଗଜ ମନ୍ଦ ମନ୍ଦ ମେଦିନୀ ଶୋଭା । ଚହ୍ନି ଅଶେଷ ଜନ ମନ ଲୋଭା ।
ସୁଦାମା ନାମେ ଏକ ମାଳାକାର । ମିଳିଲେ ପାଇଁ ତାହାର ଦୁଆର ।
ଡାକନ୍ତି, ରାମ ଗୋବିନ୍ଦ ବେନି । ଅଇଲା ଘେନି ଶୋଇଲା ମେଦିନୀ ।୧୭।
ଚରଣ ଧୋଇ ଆନନ୍ଦ ହୋଇଲା । ପୂର୍ବ ବାସନା କଥା ଚହ୍ନୋଇଲା ।
ଆନନ୍ଦେ ଗର୍ଭକୁ ଝେପିଲା ବାର । ଭବକଳୁଷ ପକାଇଲା ହରି ।
ଆନନ୍ଦ, ଜଳ ନେତ୍ରୁ ବରଷେ । ଉଠିଲା ପ୍ରେମ ଗୋବିନ୍ଦ ପରଶେ ।୧୮।
ଭାବେ ଗଦଗଦ ନ ପାରେ କହି । କୃଷ୍ଣ ମୁଖକୁ ରହିଛି ଅନାଇ ।
ଶିର ହୃଦୟକୁ ଠାରିଲେ ହରି । ଦିଅ ମୋତେ ପୁଷ୍ପେ ସୁବେଶ କରି ।
ତକ୍ଷଣେ, ମାଳୀ ସଦନେ ଗଲା । ସଞ୍ଚିଲା କୁସୁମ ତାହି ଆଣିଲା ।୧୯।
ଗୁନ୍ଥି ରଖିଅଛି ଆଗତ ଜାଣି । ଜାଣି ଶରଧା କଲେ ବେଣୁପାଣି ।
ବନ୍ଧୁ ସେ ଭଗତଜନଙ୍କ ବନ୍ଧୁ । ଏଣୁ ନାମ ଗୋଟି କରୁଣାସିନ୍ଧୁ ।
ଆପଣା, ଭୃତ୍ୟ ବୋଲେ ତାରନ୍ତି । ଦୁଷ୍ଟ ଦେଖିଲେ ଅବଧି ମାରନ୍ତି ।୨୦।
ସେହି ଗୋବିନ୍ଦ ଚରଣପଙ୍କଜେ । ବଇରାଗୀ ଭକ୍ତଚରଣ ଭଜେ ।
ଅନ୍ୟ ପ୍ରସଙ୍ଗ ଅନ୍ୟ ଦେବ ପୂଜା । ସକଳ ଦୂରେ କଲି ମୁହିଁ ତେଜ୍ୟା ।
କେବଳ, ନନ୍ଦନନ୍ଦନ ବନେ । ଆନ ନ ରସଇ ମୋହର ମନେ ।୨୧।

——:0:——

## ଷୋଡ଼ଶ ଛାନ୍ଦ

### ( ରାଗ— କେଦାର କାମୋଦୀ )

କୃଷ୍ଣଙ୍କୁ ବେଶ କରି ସୁଦାମା ମାଳୀ । ଚୂଳେ ଖଞ୍ଜିଲା ନେଇ କେତକୀ କଳି ଯେ ।
ଆସେ କି କେଶରାହୁ ରସନା ଟେକି ? ମୁଖଚନ୍ଦ୍ରକୁ ଅବା ଦେବକି ଗିଳି ଯେ ? ।୧।
ବଢ଼ାଇଦେଲା ନବବକୁଳଦାମ । ଶୋଭାକୁ ଶକ୍ରଚାପ ନୋହିବ ସମ ଯେ ।
ଭୁଜଙ୍ଗଭୁଜ ପୁଚ୍ଛ ତହିଁ ଉପରେ । କୋଟି ଚନ୍ଦ୍ରିକା ସମ ନୋହିବ ତାରେ ଯେ ।୨।
ରଙ୍ଗକୁସୁମ ବେଣୀ ପଛକୁ ପଡ଼ି । ଯମୁନାଜଳେ ରକ୍ତକୁମୁଦ ଧାଡ଼ି ଯେ ।
ସେହି ପ୍ରକାରେ ପାଉଅଛି ଶୋଭନ । ପୁଣି ଗଳାରେ ଖଞ୍ଜି ଜାତି କୁସୁମ ଯେ ।୩।
ଅତି ସୁସ୍ପଷ୍ଟ ଦିଶେ ଉର ଲପନ । ଦେଖିଲେ ରମ୍ଭା ତେଜି ଯିବ ଗଗନ ଯେ ।
ରାମଙ୍କୁ ସେହିରୂପେ ବହନ ସାଜି । ଭଲା ସେ ମାଳାକାର ଖଞ୍ଜିଲା ହେଜି ଯେ ।
କି ଅବା ମତ୍ତଗଜ କୁସୁମେ ବେଶ ? ସେହି ପ୍ରକାରେ ରାମଗୋବିନ୍ଦ ବେଶ ଯେ ।
ଦେଖିବା ନାହିଁ କାହିଁ ଏଡ଼େ ବଚନ । ଦେଖିଲେ କହିବ କେ ଯେତେ ବଚନ ଯେ ।
କରି ସୁବେଶ ମାଳୀ ମାଗିଲା ବର । ଅସ୍ତୁ ହେଉ ବୋଇଲେ ବରଦବର ଯେ ।
ସେଠାରୁ ବିଜେ କଲେ ବେନି ସୋଦର । କେଡ଼ିଅଛନ୍ତି ଚଉପାଶେ କୁମର ଯେ ।
ଦେଖି ତା ମଧୁପୁର ନାରୀ ପୁରୁଷ । କାହାରି ମନେ ନାହିଁ କିଛି ହରଷ ଯେ ।
ପଡ଼ି ତନୟ ସ୍ନେହ ଲଜ୍ଜାକୁ ଏଡ଼ି । କନ୍ୟାସ୍ତମ୍ଭ ପରିହରି ଧାଇଁଲେ ଧାଡ଼ି ଯେ । ୭।

ଗୃହିଁଲେ ହରି ଆଗେ କୁବୁଜା ଅଛେ । ତନିବାଙ୍କ ଶରୀର ପ୍ରପଞ୍ଚ ବଶେ ଯେ ।
ଘେନିଛି କଂସ ଅଙ୍ଗଲାଗି ଚନ୍ଦନ । ଗୃହିଁ ହସନ୍ତି ସର୍ବେ ଗୋପ ନନ୍ଦନ ଯେ ।୮।
କୃଷ୍ଣ ବୋଲନ୍ତି ଆଗୋ ଶୁଣ କୁବୁଜା । କସ ନେଉଛୁ ଦେଖା, ଦେଖୁଁ ଅନୁଜା ଗୋ ।
ଆମ୍ଭ ଲୁଏକ ହେଲେ ଆମ୍ଭେ ଭଜିବୁଁ । ନୋହିଲେ ନେଇ କଂସରାଜାକୁ ଦେବୁ ଗୋ
ରାମ ଅନୁଜ ବାଣୀ ଶୁଣିଲା ସହୁଁ । ବକ୍ରନୟନେ ଚାହିଁ କହିଲା ତହୁଁ ଯେ ।
କଂସର ଗନ୍ଧକାରୀ ଅଟଇ ମୁହିଁ । ନିତି ନିତି ତାହାକୁ ଖଟଇ ନେଇ ହେ ।୧୦।

ଯେବେ ମାଗିଲ ମୋତେ ସ୍ମର ଚନ୍ଦନ । ଦୁଇଭାଇଙ୍କୁ କରିଦେବି ଭୂଷଣ ହେ ।
ମୋହର କଥାଏକ ଅଛି ମାଗୁଣି । ଦେବଟି କହନ୍ତେ ମୋତେ ମୁରଲୀପାଣି ହେ ।
ହରି ବୋଇଲେ ହଉ ଦିଅ ଗୋ ଗନ୍ଧି । ଏପେଡ଼ା ଫେଡ଼ିଲା ବେଗେ ହୋଇ ଆନନ୍ଦ
ପ୍ରଥମେ ଚତୁଃସମ ଅଙ୍ଗେ ଲେପିଲା । ସେ ବନ୍ଧ ଅଙ୍ଗଗନ୍ଧ ଶ୍ୱାସେ ଖେପିଲା ଯେ ।୧୨

ଖର ଭାଗରେ ସିଁଥି ଦେଲା ଅଳପ । ତା ସ୍ନେ କରିଥିଲା କେତେ କଳପ ଯେ ।
ଲଲାଟପଟେ ଲେଖେ ଅପୂର୍ବ ଚିତା । ଦେଖିଲେ ଊର୍ଦ୍ଧ୍ୱରେଖା ବୃନ୍ଦିକ ଚେତା ଯେ ।
ଗଣ୍ଡ ଦେଶରେ କଲା ଚର୍ଚ୍ଚିତକଣୀ । ଚନ୍ଦ୍ରଙ୍କୁ ବେଢ଼ିଲେ କି ସେ ତାରାମାଳ ଯେ ?
ଏହି ପ୍ରକାରେ ରାମଚନ୍ଦ୍ରଙ୍କୁ କଲା । ବାଧ୍ୟମତରେ ଗୋପକୁମରେ ଦେଲା ଯେ ।୧୪।
ଦେଖି ପ୍ରସନ୍ନ ଚିତ୍ତେ ଶକଟ ଭଞ୍ଜ । ସଲକ୍ଷ୍ୟ ଦେଲେ ଧରି କୁବୁଜା ଖଞ୍ଜ ଯେ ।
କରି ଲଗନ୍ତେ ତନୁ ହେଲା ସୁନ୍ଦର । ନୟନ ଇନ୍ଦୀବର ମୁଖ ମନ୍ଦାର ଯେ ।୧୫।

ନାସିକା ତିଳଫୁଲ ଠାଣି ଆଣଇ । କର୍ଣ୍ଣଯୁଗଳ କାମପାଶ ଜଣଇ ଯେ ।
ଗଣ୍ଡ ଉପମା ହେମ ଆଦରଶକୁ । ବଚନ ସମ ହେବ ପିକ ଘୋଷକୁ ଯେ ।୧୬।
ଓଷ୍ଠ ସୁରଙ୍ଗ ପକ୍ୱ ବିମ୍ବ କି ଅବା ? ଦଶନ ଲକ୍ଷ କୁନ୍ଦକଳିକାକୁ ଦେବା ଯେ ।
କଣ୍ଠ ତାହାଣାବର୍ତ୍ତି ସାଇଙ୍ଗ ପରି । ଉରଜ ବେନି କିଏ ମାର-ବଇରୀ ଯେ ।୧୭।

ବାହୁ ବଳନ ଭୁଜ ହେମବ୍ରତତୀ । ଅଶୋକକଳିକା ପ୍ରାୟ ଅଙ୍ଗୁଳିପନ୍ତି ଯେ ।
ମଧ୍ୟ ସିଂହଙ୍କ କଟିକି ଲକ୍ଷ୍ୟ । ବେନି ଜଘନ କିଏ କଦଳୀବୃକ୍ଷ ଯେ ।୧୮।
ଚରଣ ପାଦଠାଣି ଅପୂର୍ବ ଶୋଭା । ଦେଖି ଭ୍ରମରଗଣ ହୋଇବେ ଲୋଭା ଯେ ।
ଆପଣା ରୂପରାଶି କୁବୁଜା ଗୃହିଁ । ବକ୍ଷରେ ଏହା ନେଇ ଥୋଇବ କାହିଁ ଯେ ।
କାହାକୁ ସମର୍ପିବ ଅପୂର୍ବ ଧନ । ଏ ଧନ ଦେଲେ ସିନା ନନ୍ଦନନ୍ଦନ ଯେ ।
ଏହା ଅର୍ଜିଲା ବରି ଏହାକୁ ଦେବି । ନ ନେବ ଯେବେ ଅଗ୍ନିଜାଳ ମରିବି ଯେ ।
ଏତେ ବିଗୁରି ନାରୀ ଛାଡ଼ିଲା ଲାଜ । ଧାଇଁ ଧଇଲା ଯାଇଁ ଗୋବିନ୍ଦଭୁଜ ହେ ।
ବୋଲେ ଶୁଣିବା ହେଉ ବ୍ରଜମୋହନ । ଯାହା ମାଗିଛି ତାହା ଦିଅ ବହନ ହେ
ମଧୁବଦନେ ବନମାଳୀ ଭାଷନ୍ତି । କି ବର ମାଗୁଅଛ କହ ଯୁବତୀ ଗୋ ।
ଦେବଇଁ ସତ୍ୟ ମୋର ଆରେ କୁବୁଜା । ବାଳୀ ବୋଇଲା ହେବ ତୋର ଭାରିଯା
ଏ ନବ ଯଉବନ ତୋହର ସିନା । ଦେଖ ମୁଁ ବଶୁଅଛି କେମନ୍ତ ଅନା ହେ ।
ବୁଝିଲା ବୃଷ ଫଳ ଆପଣେ ଭୁଞ୍ଜି । ଜାଣି ବରଷି ତାହା ଅଛଇ ଖଞ୍ଜି ହେ । ୨୩।

ଭୋଗ ନ କଲେ ତାଙ୍କୁ ବୋଲି ଅଯୋଗ୍ୟ । ଲକ୍ଷ ହୁଅଇ ପରେ ହୋଇଲେ ଭୋଗ୍ୟ
ତୁ ସିନା ରୂପବନ୍ତୀ କରିଛୁ ମୋତେ । ଏଣୁ କହୁଛି ହବ ଯୋଗାଇ ତୋତେ ହେ
କହୁଣ ଛଡ଼ି କର ଧର ଉତ୍ତରୀ । ଦେଖି ସଂକୋଚ କଲେ କୁଞ୍ଜବିହାରୀ ହେ ।
ବୋଲନ୍ତି ଦେଖ ସଙ୍ଗେ ଅଛନ୍ତି ହଲୀ । ତୋତେଙ୍କ ଲାଜ ନାହିଁ ମଥୁରାବାଳୀ ଗୋ ।
ଆଗେ ମୁଁ କଂସଦର୍ପ କରଇ ଚୂର୍ଣ୍ଣ । ବନ୍ଧୁଜନଙ୍କ ଦୁଃଖ ସନ୍ତାପ ହରି ଗୋ
ତେବେ ଆସିବି ତୋର ପୁରକୁ ମୁହିଁ । ପୁର ମଣ୍ଡି କରୁଥାଅ ଯା ତୁହି ଗୋ ।୨୬
ଶୁଣି କୁବୁଜା ମନେ ଆନନ୍ଦ ହେଲା । ମେଲାଣି ମାଗି ନିଜ ଭୁବନେ ଗଲା ଯେ ।
ସାଜିଲା ନାନା କୁସୁମରେ ମନ୍ଦିର । ଯେସନେ ଦିଶେ ବାରସ୍ୱର୍ଗ ସୁନ୍ଦର ଯେ ।୨୭
ଗୋବିନ୍ଦ ଆସିବାକୁ ବଢ଼ାଇ ଆଶା । ଆପଣେ ହେଲା ବାଳୀ ବିଚିତ୍ର ବେଶ ଯେ ।
ବାନ୍ଧିଲା କବରୀ ଦେଶେ ଲଗାଇ ଜୁଡ଼ା । ମଲ୍ଲୀକଳିକା ସଙ୍ଗେ ଜାତିପାଖୁଡ଼ା ଯେ ।
ଶିରେ ସୀମନ୍ତି ଚୂର୍ଣ୍ଣକୁନ୍ତଳ ସାଜେ । ଭାଲେ ସିନ୍ଦୁର ନେତ୍ରେ ଅଞ୍ଜନ ରଞ୍ଜେ ଯେ ।
ନାସେ ବସଣୀ କର୍ଣ୍ଣେ ହେମ ତାଟଙ୍କ । କଣ୍ଠେ ମୁକ୍ତାମାଳୀ କଚ୍ରେ ଝଟକ ଯେ ।
ପୟୋଧି ପରେ ପତ୍ରାବଳୀ ଲେଖନ । କଟିରେ ଆଚ୍ଛାଦିଲା ବସ୍ତ୍ର ସୂକ୍ଷ୍ମୀନ ଯେ ।
ବେନି ଭୁଜରେ ଶୋଭେ ସୁବର୍ଣ୍ଣ ଚୂଡ଼ି । ଅଙ୍ଗୁଳି ମାନଙ୍କରେ ମୁଦ୍ରିକାଧାଡ଼ି ଯେ ।
ପାଦେ ଯାବକ ଲେଖି ଖଞ୍ଜି ନୂପୁର । ମନ୍ଦ ଚାଲିକି ନାଦ କଲା ମଧୁର ଯେ ।
ଶେଯ ଶୋଧାଇ ବସି ରହିଲା ବାମା । ବୋଲେ ଆସିବେ ନିଶ୍ଚେ ବିଚିତ୍ରକର୍ମ୍ମା ଯେ
ଭକ୍ତଚରଣ ଦାସ କହଇ ରସେ । କୁବୁଜା ମନ ଥେପି ଗୋବିନ୍ଦ ପାଶେ ଯେ ।
ଲକ୍ଷ୍ୟ ଲଗାଇ ଚାହେଁ ଦିବସ ନିଶି । ବୋଲଇ ହେବି ନିଜ ଶ୍ରୀକୃଷ୍ଣଦାସୀ ଯେ ୩୨

---

## ସପ୍ତଦଶ ଛାନ୍ଦ

( ରାଗ—ବରାଡ଼ି, ଅଷାଢ଼ଶୁକ୍ଳବାଣୀ)

ଏଥୁ ଅନନ୍ତରେ ଶୁଣ ସୁଜନ । ସେଠାରୁ ବିଜେ ଜଗତଜୀବନ ।
ପୁଲକିତ ହୋଇ ଉଠିଲା ଧରା । ବିଚାରଇ ଏବେ ସରିବ ଭାର ।
ପାଇବି ଉଶ୍ୱାସ । ନାଶିବେ କଂସକୁ ରମାବିଳାସ । ୧ ।
ଅମ୍ବରେ ଅମରେ କରନ୍ତି ସ୍ତବ । ଜୟ କେଶବ ଗୋବିନ୍ଦ ମାଧବ
ବଧିବ କରି ରିପୁକୁଳ ନାଶ । ମହିମା ପତାକା କର ପ୍ରକାଶ ।
ସାଧୁଜନ ପାଳ । ନମୋ କ୍ଷତ୍ରିୟକୁଳକାଳାନଳ । ୨ ।
ଦେବଙ୍କ ସ୍ତୁତି ଶୁଣି ଅନ୍ତର୍ଯ୍ୟାମୀ । ମନେ ବିଚାରନ୍ତି ଶାରଙ୍ଗପାଣି
ଦର୍ପିଷ୍ଠ କଂସ ସବୁରି ବଇରୀ । କାଲି ନିଶ୍ଚୟ ପକାଇବି ମାରି ।
ଉଶ୍ୱାସିବ ମହୀ । ସୁଜନଙ୍କ ଦୁଃଖ ନୁହଇ ସହି । ୩ ।

ଏମନ୍ତ ଭାଳ ବଜେ ମନ୍ଦ ମନ୍ଦ । ପୁଷ୍ପ ବରଷନ୍ତି ଅମରବୃନ୍ଦ ।
ବାଜଇ ବେଣୁ ବଇଁଶୀ କାହାଳୀ । ପଶିଲେ ମଥୁନଗରେ ଗ୍ୱାଳେ ।
ଚମକଇ ମହୀ । ଗୋପାଳଙ୍କ ରଙ୍ଗ ନୁହଇ କହି । ୪ ।
କେ ବାଡ଼ି ବୁଲାଇ ଚମକି ଯାଇ । ଗଉଡ଼ନାଟ ଖଣ୍ଡେ କେ ନାଚଇ ।
କେଦଣ ପୁଅ ମାରେ ଗାଲଚୁଁ । କେ ବାଡ଼ି ମେଲି ଡାକେ ଖର କରି ।
କେ ପିଠଭ ନେଇ । କେହୁ ବଞ୍ଚାଇ ବୋଲେ ନାହିଁ ନାହିଁ । ୫ ।
କାହାର ମୁଣ୍ଡରେ ଖୋଲର ପାଗ । ଦୋହଲି ଝୁଲଇ କି ମଣିନାଗ ?
କାହାର ଶିରେ ଗୁଞ୍ଜ ଗୁଞ୍ଜ ମାଳୀ । କାହାର ବେଣୀ ପଛକୁ ଉଗୁଳ ।
କେ କଟୀରେ ଘଣ୍ଟି । କେହୁ ପିନ୍ଧିଅଛି ଜାନକଧଟୀ । ୬ ।
କେହୁ ପିନ୍ଧିଛି କାକଡମ୍ବା ବାସ । କାହାର ନୀଳ କେ ଶୁକଳ ବେଶ ।
କାହାର ରଙ୍ଗ କାହାର କାଳିମ । କେତେ କହିବ ସେ ହଳ ମହିମା ।
ଯାହାକୁ ଯେ ଲଚ୍ଛେ । ସଜ ହୋଇଛନ୍ତି ଗୋବନ୍ଦ କାଛେ । ୭ ।
ହୁଁ ହୁଁ ଗରଜନେ ଧାଇଲେ ସୁତେ । ମଧ୍ୟେ ବଜଦ୍ୟେ ରାମ ଗୋପୀନାଥେ
ପଡ଼ିଲ ଧନୁଘରଦ୍ୱାରେ ହୁରି । ଜଗିଛନ୍ତି ଅନେକ ପାହାରୀ ।
ପକାଇ କବାଟ । ମାଛି ଗଳିବାକୁ ନ ମିଳେ ବାଟ । ୮ ।
ସେଠାରେ ଯାଇ ହେଲେ ରାମ ହରି । ଉଚେ ଡାକନ୍ତି ଶୁଣ ହେ ଦୁଆରୀ ।
ରାଜାର ଭଣଜା ଅଟଇ ମୁହିଁ । ଧନୁ ଉତ୍ସବ ଯାତ୍ରା ମୋର ପାଇଁ ।
କରିଅଛି ମାମୁ । ଛାଡ଼ିଦିଅ ମତେ ଦେଖିବା ଧନୁ । ୯ ।
ଶୁଣି ଦ୍ୱାରପାଳ ପାଇଲେ ଖଙ୍ଗ । ଲାଞ୍ଜ ମାଡ଼ିଲେ ଯେସନ ପନ୍ନଗ ।
ପ୍ରତିଜ୍ଞା କରି କହନ୍ତି ବଢ଼ାଇ । ଭଣଜା ପଣଟି ଦେବୁ ଛଡ଼ାଇ ।
ରେ ଗଉଡ଼ ମୂଢ଼େ । ହୀନ ଜାତି ହୋଇ କହୁଛ କେଡ଼େ । ୧୦ ।
ନ ଜାଣ କି କଂସ କେଡ଼େ ନୃପତି । ତାହା ଦେଶରେ କରୁଛ ଅନୀତି ।
ଶ୍ରୀଅଙ୍ଗ ଲାଗି ବସ୍ତ୍ର ଗନ୍ଧ ପୁଷ୍ପ । ତାହା ଲୁଟି କରି ହୋଇଛ ବେଶ ।
ଏଡ଼େ ଗର୍ବ କର । ପୁଣି ବେଢ଼ୁଚ ଶରାସନ ଘର । ୧୧ ।
ଯାହା ହେବ ତାହା ଜାଣିବ କାଲି । ଏତେ ବୋଲି ଶସ୍ତ୍ର ଧରି ଓଗାଳି ।
ମହାପ୍ରତାପ ରୋହିଣୀନନ୍ଦନ । ସହି ନ ପାରି ଧାଇଁଲେ ବହନ ।
ମାରି ବଜ୍ରମୁଠ । ପଡ଼ିଲେ ଦ୍ୱାରୀ ହୋଇ ଯୂଥ ଯୂଥ । ୧୨ ।
ଥୋକେ ମଲେ ଥୋକେ ପଳାଇଗଲେ । ରାମ ଗୋବିନ୍ଦ ଝସାଇ ପଶିଲେ ।
ଦେଖିଲେ ଧନୁ ଅପୂର୍ବ ସୁନ୍ଦର । ଧରି ଗୁଣ ଦେଲେ କମଳାବର ।
ଆଣିଲେ ଉଚ୍ଚୁଡ଼ି । ଭାଜିଲ ଗୃପ, କଲା ଘୋରରଡ଼ି । ୧୩ ।
ଯେତେ ମଣ୍ଡଣି ସଜମାନ ଥିଲା । ଚୁରି କରିଦେଲେ ଗୋପାଳବଳା ।
ବେନଭାଇ ଘରୁ ହେଲେ ବାହାର । ଭଗ୍ନ କୋଦଣ୍ଡ ଧରିଛନ୍ତି କର ।
ଦେଖି ଦୁଷ୍ଟମାନେ । ପୁଣି ବେଢ଼ିଲେ କୃତାନ୍ତ ସମାନେ । ୧୪ ।

ଧାଇଁଲେ କାଦମ୍ବିନୀମଣ୍ଡଳ । ଅର୍ଦ୍ଧ କାର୍ମୁକରେ କଲେ ପ୍ରହାର ।
ଶମନଭୁବନେ ଚଳଲେ ମୁଢ଼େ । କେ ବଞ୍ଚିବ ପଡ଼ି ତାହାଙ୍କ ଦାଢ଼େ
ଲେଉଟିଲେ ହରି । ଦାଣ୍ଡରେ ଦେଖିଲେ ମଥୁରାନାରୀ ।୧୫।
ମଧୁବନରେ ହୋଇଲେ ପ୍ରବେଶ । ଦେଖି ମାତା ପିତା ହେଲେ ହରଷ ।
କୋଳେ ବସାଇ ମୁଖେ ଦେଲେ ଚୁମ୍ବ । ତେତେବେଳେ ମନ ହୋଇଲା ଦମ୍ଭ ।
ଓହ୍ଲାଇଲେ ବେଶ । ସ୍ନାହାନ ସାରି ଭୁଞ୍ଜି ଷଡ଼ରସ ।୧୬।
ପଲଙ୍କେ ଶୟନ କଲେ ସୋଦର । କ୍ଷୀର ସିନ୍ଧୁରେ କି ନବ ମୁଦିର ।
ସେହି ପ୍ରକାରେ ଦିଶେ ବେନି ତନ । ସୀମନ୍ତାନେ ଦେଇଅଛନ୍ତି ବେଣୁ ।
ନିଦ୍ରା ଗୁରୁତର । ଭକ୍ତ ଚରଣ ଗୁପଇ ପଯୁର ।୧୭।

---

## ଅଷ୍ଟାଦଶ ଛାନ୍ଦ
### ( ରାଗ—କନଡ଼ା )

କୃଷ୍ଣ ଶୟନ ଅନ୍ତେ ନନ୍ଦ ଯଶୋଦା
ଗୋପାଳ ସହିତେ ଶୋଇଲେ,
ଯୋଗମାୟା ମୋହେ ମୋହି ହୋଇଲେ ।
ରଜକ ମାରିବା ଗନ୍ଧ ପୁଷ୍ପ ନେବା
କଂସ ଆଗେ ଡଗର କହିଲେ ହେ ଭୋ ଦେବ । ୧ ।
ଆହେ ମହାରାଜ ନନ୍ଦର ତନୁଜା
ଧନୁକୁ ତୋହର ଭଙ୍ଗିଲା ।
ଦ୍ୱାରପାଳଙ୍କ ଗରବ ଗଞ୍ଜିଲା
ବୀରମାନେ ଦେଖି ନିର୍ବଳ ହୋଇଲେ;
ନଗ୍ରଜନଙ୍କ ମନ ରଞ୍ଜିଲା ହେ ଭୋ ଦେବ । ୨ ।
ଶୁଣି ଦୁର୍ମନ୍ତ୍ରୀ— ନନ୍ଦନ ଦୁଇଦଣ୍ଡ
ଯାଏ ତୁନି ହୋଇ ରହିଲା ।
କଂସ ବୋଲୁ ରେ ବୋଲି ପଚାରିଲୁ ।
ଶୁଣି ବାରତ୍ତୟୀ ଗୋବିନ୍ଦ ପ୍ରଭଙ୍କ
କଥା ନୃପେ ବୁଝାଇ କହିଲା ସେ ଡଗର । ୩ ।
ବୋଲଇ କଂସ ହୋଇଲା ନିଶ୍ଚେ ନାଶ
କାହ୍ନୁ କି ଧରାଇ ଆଣିଲି
ଇଚ୍ଛା ସୁଖେ ନିଜ ଅଙ୍ଗ ହାଣିଲି
ଯଜ୍ଞ ମାନେ ବଳି ଦେଇ କହୁଥିଲେ
ସେମାନଙ୍କୁ ମୁଁ ଏବେ ଜାଣିଲି ରେ ଡଗର । ୪ ।

ଛର ବାଳକ          ଦୁଇଗୋଟା କଟକେ
ପଶି ଏଡ଼େ କର୍ମ କରନ୍ତି ।
ତାଙ୍କୁ ଦେଖିଲେ ଅସୁରେ ଡରନ୍ତି
ବୀରମାନେ ଥାଇ          କି କାର୍ଯ୍ୟ କରିବେ ?
ମିଛେ ମିଛେ ପ୍ରତିଜ୍ଞା କରନ୍ତି ରେ ଡଗର । ୫ ।
ଶତ୍ରୁ ନ ଥିବାର          ବେଳେ ପଛଆଡ଼େ
କହୁଥାନ୍ତି ବଡ଼ ଗାରିମା ।
ଆଗେ ହେଲେ ପଳାନ୍ତି ଛାଡ଼ି ସୀମା ।
ଧନ୍ୟ କ୍ଷତ୍ରିମାନେ !          ସଂଗ୍ରାମେ ଚଉର୍ଯ୍ୟା !
ତାଙ୍କୁ ଦେବଇଁ କେଉଁ ଉପମା ରେ ଡଗର । ୬ ।
ଆପଣା କାର୍ଯ୍ୟ          ଯେବେ ଆପେ ନ କରି
ତାହାକୁ ବୋଲି ନପୁଂସକ ।
ନିନ୍ଦା କରନ୍ତି ତାକୁ ଜନଲୋକ ।
ପରପ୍ରତି ଆଶ          କରି ଯା ମରୁଛି
ମୋହଠାରୁ ନାହିଁ ଅବିବେକ ରେ ଡଗର । ୭ ।
କାଲି ଆପଣେ          ବୀରପଣ କରିବ,
ଶୁଭେ ପାଉ• ଆଜ୍ଞା ସର୍ବେ ।
ରାମ କୃଷ୍ଣଙ୍କୁ ପକାଇବ ମାରି ।
ଯେଉଁ ଦାନ ସୁର          ନରକୁ ଜିଣିଲି,
କେହୁ ନ ଥିଲେ ସଙ୍ଗେ ମୋହୋବି ରେ ଡଗର । ୮ ।
ଏମନ୍ତ ଭାଷି          କ୍ରୋଧଭରେ ନିଶ୍ୱାସ
ଛାଡ଼ଇ ଦୁଷ୍ଟ ନିଶାଚର ।
କରେ କୃପାଣ ବୁଲାଇ ପ୍ରଖର ।
ନୟନ କର୍କଶ          କରି ଥରହର
ହୋଇ କମ୍ପେ ଦ୍ରୁମିଲ-କୁମର ସେ । ଅସୁର । ୯ ।
କଂସର ଅଭିମାନ          କୋପ ଅନଳ
ହୋଇବା ଦେଖି ବୀରମାନ ।
କହୁଅଛନ୍ତି ଶୁଣ ହେ ରାଜନ ।
ବିଅର୍ଥେ କାହାକୁ          ଏଡ଼େ କ୍ରୋଧ କର ?
ଆଜ୍ଞା କର ମାରିବୁଁ ବହନ ନେହ । ରାଜନ । ୧୦ ।
ଗଙ୍ଗଶିଉଳୀ          କୁସୁମକୁ ଦ୍ୱାଦଶ.
ମାରତଣ୍ଡ ଉଦେ କରୁଛି ।
ଭସ୍ମକୁଡ଼କୁ ବତାସ ନେଉଁଛି ।

କାଠକୁ କୁଳିଶ, ଶିରୀଷ କୁସୁମେ
ମହାବରଷାପ୍ରାୟୁ କରୁଛ ହେ । ରାଜନ । ୧୧ ।
ନୀଚଜାତି ଭଜ କାର୍ତ୍ତିକ ମାଇଲୁ;
ସେ ତ ନ ଜାଣଇ ସଂଗ୍ରାମ ।
ମାଲାକାରହିଁ ସିନା ସେହି ସମ ।
କୁବୁଜା ମୂଢ଼ ସ୍ୱଭାବେ ସ୍ତ୍ରୀଜାତି
ତାହାଠାରୁ ତ ନେଲେ ଚନ୍ଦନ ହେ । ରାଜନ । ୧୨ ।
ଅନେକ କାଳ ପୁରୁଣା ଶରାସନ
ଭାଙ୍ଗିଲ ସିନା ନନ୍ଦଗୃହେ ।
ଏହା ଶୁଣିଣ ହୋଉଛ ଉଛାଠ ?
କାଲି ଜାଣିବା କେମନ୍ତେ ବର୍ତ୍ତିବେ,
ଆମ୍ଭ ସମ୍ମୁଖେ ପଡ଼ିଲେ ଭେଟ ହେ । ରାଜନ । ୧୩ ।
ତୋଳି କରୁଅଛୁଁ, ମହତ ସାରକୁ.
ସରିବ ତୋର ଅଭିମାନ ।
ଚନ୍ଦ୍ର ସୂର୍ଯ୍ୟ ସହିତେ ମଘବାନ ।
କୃତ୍ତିବାସ ବହ୍ନି ବରୁଣ, କୃତାନ୍ତ
ତାଙ୍କୁ ରଖିବେ ନାହିଁ ସେମାନ ହେ । ରାଜନ । ୧୪ ।
ଛାଡ଼ ମନବ୍ୟଥା କାଲିର ସେ କଥା,
ଆଜ ତ ହେଲଣି ବିଳମ୍ବ ।
ଶତ୍ରୁ ମାରିବୁଁ, ନୁହ ତୁ ଅଦମ୍ଭ ।
ଦନ୍ତୀପାଳକୁ ସିଂହଦ୍ୱାରେ ରଖାଇ,
ବେଗେ କରଅ ସଭା ଆରମ୍ଭ ହେ । ୧୫ ।
ଏ ବାଣୀ ଶୁଣି ଦନୁଜ ନୃପମଣି,
ଆନନ୍ଦେ ନିଶ୍ଚିନ୍ତେ ରହିଲା ।
ମିଷ୍ଟ କଥାକୁ ସନ୍ତୋଷ ବହିଲା ।
ବୋଲେ ବଇରାଗୀ ଭଗବଚ୍ଚରଣ
ସୁଖେ ଭୁଞ୍ଜି ପଲଙ୍କେ ଶୋଇଲା ସେ ରାଜନ । ୧୬ ।

---

## ଊନବିଂଶ ଛାନ୍ଦ

( ରାଗ—ବଙ୍ଗଳାଶ୍ରୀ )

ଏଥୁ ଅନନ୍ତରେ ରଜନୀଶେଷରେ
ପରଭୃତ ଧୀରେ ଭାଷେ ।

ଶମ୍ଭୁଆଳେ କମ୍ବୁ ଶବଦ ଶୁଭିଲା,
ଜାଣିଲେ ମଥୁରାବାସୀ । ୧ ।
ବାୟସ କହିଲା, କୁକୁଟ ଡାକିଲା,
ଭଗ ଭରଣେ ପରିମଳ ।
କୁଳବଧୂ ଲଜ୍ଜା- ପଥ ଆବୋରିଲେ,
ଶୁଭିଲା ମୁଖ ଚନ୍ଦ୍ରଳ । ୨ ।
ପୁଣ୍ୟ ପ୍ରାଣିମାନେ ଯମୁନାତଟକୁ
ଚଳିଲେ ସ୍ନାହାନ ଅର୍ଥେ ।
ଘୋର ବିଟପୀ ଉଲ୍ଲୁକ ନିଶାଚରେ,
ଭୟ ଆରମ୍ଭିଲେ ଚିତ୍ତେ । ୩ ।
ପୂର୍ବଦିଗେ ରବି ଉଦୟ ହୋଇଲେ
ପ୍ରଫୁଲ୍ଲିତ ହେଲେ କଞ୍ଜ ।
କୁମୁଦ ମୁଦ୍ରିତ ତେଜି ପ୍ରଫୁଲ୍ଲିତ
କାନ୍ତ ବିନୁ ପାଇ ଲଜ୍ଜ । ୪ ।
ଦନ୍ତିଦନ୍ତ ପଲ— ଙ୍କରୁ ଦେବରାଜ
ଉଠିଲେ ନିଦ୍ରା ଆଳସେ ।
ଦରବିକାଶ ତାମରସ ପରାୟେ
ମୁଖତାମରସ ଦିଶେ । ୫ ।
ଗଣ୍ଡ ଚଳ ଚଳ ହାସ ଦରଦର
ପ୍ରକାଶେ ଜବା ଅଧର ।
ନୟନ ଘୂର୍ଣ୍ଣିତ କିବା ପ୍ରଫୁଲ୍ଲିତ
ହୋଇଅଛି ଇନ୍ଦୀବର । ୬ ।
ତତକାଳେ ବାସ- ସଲିଳେ ବଦନ
ପଖାଳିଲେ ବେନି ଭାଇ ।
କଳଧଉତ ପାଦୁକା ଆରୋହଣ
ସ୍ନାହାନ ସ୍ଥାନରେ ଯାଇ । ୭ ।
ଦନ୍ତଧାପନ କରି ଶୀତ ପୟରେ
କଲେ ବେନି ଅବଗାହ ।
ସୂକ୍ଷ୍ମୀନ ବସନେ ଶ୍ରୀଅଙ୍ଗ ପୋଛଣ
ଚନ୍ଦନାଙ୍କିତ ବିଗ୍ରହ । ୮ ।
ଦିବ୍ୟ ହରିତାଳ— ବରନି ସୁକାଳି
ସ୍ଫନ୍ଦକଣ୍ଠରେ ଅଚ୍ଛାଦ ।

ନବଘନ କୋଳେ　　　କି ଅବା ନିଶ୍ଚଳେ
　　ଝଳଇ ବିଜୁଳି ଛବି । ୯ ।
ଶିରେ ଶିଖିଚନ୍ଦ୍ରିକା　　　ଏ ଶେ ଭୁବନ
　　ନିନ୍ଦେ ସହସ୍ରାକ୍ଷ ଧନୁ ।
ଗୁଞ୍ଜ ଗୁଞ୍ଜ ଦାମ　　　ବେଢ଼ି ରହିଅଛି,
　　ଦେଖି ତରଲେ ଅତନୁ । ୧୦ ।

ଅଳକାପନ୍ତି　　　ବାଳଅଳି ପରାୟେ ;
　　ଭ୍ରୂଲତା ମାରକାର୍ମୁକ ।
ନୟନ କାଣ୍ଡ,　　　ଅଞ୍ଜନ ଗୁଣ, ତିଳ-
　　ଫୁଲଠାରୁ ନାସା ଠିକ । ୧୧ ।
ମକରଧ୍ୱଜ—　　　କରପାଶ ପରାୟେ
　　ଝଳଇ ଶ୍ରବଣ-ଠାଣି ।
ତହିଁରେ ମକର—　　　କୁଣ୍ଡଳ ଝୁଲକେ,
　　ନିନ୍ଦେ ଗୁରୁ ଶୁକ୍ର ବୋଲି । ୧୨ ।
ନାସେ ଗଜମୋତି,　　　କଣ୍ଠେ ଝୁଲୁକନ୍ତି
　　ବିବିଧ ରତନ ହାର ।
କେୟୁର କଙ୍କଣ　　　ଶ୍ରୀଭୁଜେ ଭୂଷଣ,
　　ନିନ୍ଦେ ମାରଦଣ୍ଡ ତାର । ୧୩ ।

କଟିକି ଶୋଭିଛି　　　ବଳୟ ପରାୟେ
　　କ୍ଷୁଦ୍ର ଘଣ୍ଟି ଓଡ଼ିଆଣୀ ।
ଚରଣେ ନୂପୁର　　　ଶବଦ ମଧୁର,
　　ନଖପନ୍ତି ନିଶାମଣି । ୧୪ ।
କଟିବ ନାଗବନ୍ଧ　　　ଉଭୁସି ପକାଇ
　　ଶ୍ରୀଭୁଜେ ମୋହନବଂଶୀ ।
ଏହୁରୂପେ ରାମ,　　　ସକଳ ନନ୍ଦନ
　　ଯେଝା ଅଳଙ୍କାରେ ଭୂଷି । ୧୫ ।

ସାରିଲେ ଭୋଜନ,　　　ତାମ୍ବୁଳ ଚର୍ବଣ
　　ବାଳକେ ଅଧରାମୃତ ।
"ସାଜ ସାଜ" ବୋଲି　　　ରାମ ଡାକ ଦେଲେ
　　ସାଜିଲେ ବଳଜୁଥ । ୧୬ ।
ବୋଲନ୍ତି ହରି,　　　"ଶୁଣ; ତାତ ଜନନି !
　　ଦେବାଅ ଗୋରସମାନ ।

ବେଗ ହୋଇ ଯାଇ　　ଶୁଭଲଗ୍ନ ବେଳେ
　　କରିବା ରାଜ ଦର୍ଶନ" । ୧୭ ।
ଶୁଣି ନନ୍ଦରାଏ　　ପରିଜନ ରାଏ,
　　ବୋଲଇ, ଘେନ "ସମ୍ଭାର" ।
ଏମନ୍ତ ସମୟେ　　ପ୍ରବେଶ ହୋଇଲା
　　ଭୋଜନରବର ଗୃହ । ୧୮ ।
କହଇ ଡଗର　　ଶୁଣ ଗୋପବୀର,
　　ରାଜାର ହକାରା, ଆସ ।
ଶୁଣି ରାମ ନନ୍ଦ　　ବୋଲଇ, "ଗୋବିନ୍ଦ,
　　ଘେନାଇ ଆସ ଗୋରସ" । ୧୯ ।
ଏତେ କହି ନନ୍ଦ　　ଯଶୋଦା ସହିତେ
　　ଅନେକ ଗୋପାଳବୃନ୍ଦ
ସଙ୍ଗେ ଘେନି କଂସ　　ସମ୍ମୁଖେ ଭେଟିଲେ,
　　ବୋଲେ କଂସ ମହାମନ୍ଦ । ୨୦ ।
"ଆହେ ପରିଜନେ,　　ଶୁଣ ସାବଧାନେ,
　　ଉପହାର ଦ୍ରବ୍ୟ ନିଅ ।
ଏ ବେନିଙ୍କି ନେଇ　　ବସୁଦେବ ପାଶେ
　　ମଞ୍ଚାରେ ବସାଇ ଦିଅ । ୨୧ ।
ବସୁଦେବର　　ବେନି ପୁତ୍ର ଲୁଚାଇ
　　ରଖିଥିଲା ଯତ୍ନ କରି ।
ଏବେ ଆଣି ମୋତେ　　ସମର୍ପି ଦେଲାନି,
　　ନାହିଁ ନା ଦୋଷ ଏହାରି । ୨୨ ।
ପାଳିଥିଲା ଯେବେ　　ମୃତ୍ୟୁ ଦେଖୁ ଏବେ,
　　ମାରିବି ବେନି ନନ୍ଦନ ।
ବସୁଦେବ ଆଦି　　ମୋ ଭଗ୍ନୀ ଦେବକୀ
　　ଦେଖନ୍ତୁ ମୋ ବାରପଣ" । ୨୩ ।
ରଙ୍ଗସଭାକୁ　　ଅଣାଇ ନୃପବର
　　ବୋଲଇ, "ଶୁଣ ହେ ରାଜେ !
ବସୁଦେବ ବୁଦ୍ଧି　　କରିଥିଲା ମୋତେ
　　ପ୍ରାଣେ ମାରିବାର କାର୍ଯ୍ୟେ । ୨୪ ।
ନନ୍ଦଘରେ ନେଇ　　ଲୁଚାଇ ଅଇଲା
　　କୁମର ମୋହର ରିପୁ ।

ଏଡ଼େ କପଟୀ ଏ　　ଜାଣି ନ ପାରିଲି,
ଜାଣିଲି ମୋହର ତମ୍ଭୁଁ । ୨୫ ।
ଏବେ ଧରାଇ　　ଆଣିଲି, ମାତା ପିତା
ଆଗେ ମାରି ପକାଇବି ।
ଏ ଗୁରୁଜନଙ୍କୁ　　ଶୂଳରେ ବସାଇ,
ଜୟ ଶଙ୍ଖ ବଜାଇବି” । ୨୬ ।
ଏତେ ଭାଷି ନନ୍ଦ　　ଯଶୋଦା ବେନଙ୍କୁ
ମଞ୍ଚାରେ ବସାଇ ଦେଲୁ ।
ବୀର ମହାବୀର　　ମଲ୍ଲ ମହାମଲ୍ଲ-
ମାନ ହୁକାରି କହିଲ । ୨୭ ।
ବୋଲଇ କଂସ　　“ଦନ୍ତାଙ୍କୁ କର ବେଶ
ନାମ ଯାର କୁବଳୟା ।
ସିଂହଦ୍ୱାରକୁ　　ଆବୋରି ରହିଥିବ
ହସ୍ତୀ ପ୍ରବଳ କାୟା । ୨୮ ।
ଅରେ ହସ୍ତିପାଳ　　ନନ୍ଦ ବେନି ବାଳ
ହସ୍ତି ହସ୍ତେ ମରାଇବୁ ।
ଛି ବୋଲି କହୁ　　ଉପ୍ରୋଧ ନ କରି
ବୁଦ୍ଧି ଉଣା ନ କରିବୁ” । ୨୯ ।
ମାଲଙ୍କୁ କହିଲୁ,　　“ଦ୍ୱିତୀୟ ଦୁଆରେ
ବେଗ ହୋଇ ବସିଥିବ ।
ସେଠାରୁ ଚଳିଲେ,　　ଶତ୍ରୁଙ୍କୁ ମୋହର
ମଲ୍ଲଯୁଦ୍ଧେ ନିବାରିବ” । ୩୦ ।
ଶୁଣି ସେ ଯୋଦ୍ଧା　　ପ୍ରତିଜ୍ଞାମାନ କହି
ରହିଲେ ପଥ ଆବୋରି ।
ଭକ୍ତଦାସ ବୋଲେ　　ସିଂହ ମାରିବାକୁ
ଶୃଗାଳ ଉପାୟ କରି । ୩୧ ।

—*—

## ବଂଶ ଛାନ୍ଦ

( ରାଗ—ଆଷାଢ଼ଶୁକ୍ଳ )

ଏଥୁ ଅନନ୍ତରେ ମୋହନ ରାୟେ । ମଥୁରା ଦାଣ୍ଡେ କରନ୍ତି ବିଜୟେ ।
ଘନ ଘନ ଶିଙ୍ଗା ମୁରଲୀ ବାଜେ । ଶମ୍ଭୁର ଯୁଦ୍ଧେ କି ମଦନ ସାଜେ ।
ସେହିମତ ଶୋଭା । ଦେଖି ନରନାରୀ ହୁଅନ୍ତି ଲୋଭା । ୧ ।

ଧାଇଁଲେ ମଥୁରା-ନାଗରୀମାନେ । ପ୍ରଦୀପ ଦେଖିଲେ ପତଙ୍ଗ ଯେହ୍ନେ ।
କାଳଠାରୁ ହୋଇଥିଲେ ଉଚ୍ଛନ୍ନ । ରୁଚୁ ନ ଥିଲା ଅଶନ ବସନ ।
କରୁଥିଲେ ଧ୍ୟାନ ଅନିଦ୍ରା ହୋଇ ନ କରି ଶୟନ । ୨ ।
ଲକ୍ଷ୍ମୀ ବାଳବନି ପ୍ରାୟେ ଭଜିଲା । ଆନନ୍ଦ ବଢ଼ି ଜଳ ବହିଗଲା ।
କାଷ୍ଠ ତୃଣ ପ୍ରାୟେ ପତି ତନୟେ । ସମ୍ଭାଳି ନ ପାରି ପ୍ରବଳ ପୟେ ।
ସେହି ଭସିଗଲେ । କେହି ନିରୋଧ କରି ନ ପାରିଲେ । ୩ ।
କାହାର ନାରୀ କାହାର ନନ୍ଦନୀ । କାହାର ଭଗ୍ନୀ କାହାର ଜନନୀ ।
କାହାର ଖୁଡ଼ୀ କାହା ମଉଳାଣୀ । ଏହି ପ୍ରକାରେ ଅନେକ ରମଣୀ ।
କରନ୍ତି ଗମନ । ଉଚ୍ଚ କି ଧାଏଁ ଦେଖିବ ମଦନ ? ୪ ।
କୃଷ୍ଣ ସମୀପେ ହୋଇଲେ ପ୍ରବେଶ । ମରାଳ ଦେଖି କି ମରାଳୀ ତୋଷ ।
କରୀ ଦେଖି ଯେହ୍ନେ କରିଣୀବୃନ୍ଦ । ନିଶାପତି କି ଭେଟିଲା କୁମୁଦ ?
ତେସନ ଆନନ୍ଦ । ଦିନେଶ ଦେଖି ଯେହ୍ନେ ଅରବିନ୍ଦ । ୫ ।
ପନ୍ତ ପନ୍ତ ହୋଇ ଚୃହାନ୍ତି ତୋଳେ । ବଚନ କହି ନ ପାରନ୍ତି ହେଲେ ।
ଥର ଥର ହୋଇ କମ୍ପଇ ତନୁ । ମରମେ ବିନ୍ଧିଲା ବୀର ଅତନୁ ।
ଶ୍ୟାମରୂପ ଚୃହି । ସମ୍ଭାଳି ନୁହନ୍ତି ଚନ୍ଦ୍ରମାମୁହୀଁ । ୬ ।
କେ ବୋଲେ ଦେଖ ଗୋ ପରାଣସଖି । ଆଖି ଦେଖି ଲୋଭେ ରହୁଛି ଲାଖି ।
କଉଁ ଦଇବ ଗଢ଼ିଥିଲା ବସି । ଯୁବତୀପରାଣ ନେଉଛି ଶୋଷି ।
ଚୃହିଁବାର ଭଙ୍ଗୀ । ହୃଦରେ ବାଜେ କି ମଦନସାଙ୍ଗୀ ? ୭ ।
କେ ବୋଲେ ଏମନ୍ତ ମଣଇ ମୁହିଁ । କାମକୁ ହର ପକାଇଲେ ଦହି ।
ଅନେକ କାଳ ଯାଏ ମରିଥିଲା । ଭାଗ୍ୟବଳେ ନିଜ ପ୍ରାଣ ପାଇଲା ।
ଉଠି ପଳାଇଲା । ରୁଦ୍ର ଡରେ କାହିଁ ରହି ନୋହିଲା । ୮ ।
ସେ ରୂପ ଛାଡ଼ି ଏ ରୂପ ବହିଲା । ନବନାଗରୀଙ୍କ ମନ ମୋହିଲା ।
ତାହା ଶୁଣି ବୋଲେ ଆର ସଜନୀ । ଏହା କାହିଁକି କହିଲୁ କାମିନି
ମନକୁ ନାଇଲା । ମୁଁ ଯାହା କହୁଛି ଶୁଣ ଅବଳା । ୯ ।
କୋଟି କୋଟି କାମ ହୋଇବେ ଯେବେ । ପାଦ ତଳକୁ ସମାନ ନୋହିବେ
କାମକୁ ଦେଖିଲେ କାମୀ ଡରନ୍ତି । ଯୋଗୀମାନେ ଯୋଗ ତେଜି ଚଳନ୍ତି ।
ସେ ଏଡ଼େ ଦୁର୍ଜନ । କାହିଁ ବ୍ରହ୍ମଯାଏ କରେ ଅଞ୍ଜନ । ୧୦ ।
ଏ ନନ୍ଦନନ୍ଦନ ଅପୂର୍ବ ଧନ । ଜାଣିଲେ ଚିନ୍ତାମଣିର ସମାନ ।
ଯେ ଯେଉଁ ରୂପେ ଭାବଇ ଅନ୍ତରେ । ସେ ସେହିରୂପେ ମିଳଇ ତାହାରେ ।
ବାଞ୍ଛା-କଳ୍ପତରୁ । କାମ ଛାର ସଙ୍ଗେ ତୁଳନା ନରୁ । ୧୧ ।
ଶୁଣି ଆର ବାଳୀ ବୋଲେ ବଚନ । କହିଲ ସିନା ନ ରସିଲା ମନ ।
ସାକ୍ଷାତେ କନ୍ଦର୍ପ ଲକ୍ଷଣ ଅଛି । ସ୍ଥାନେ ସ୍ଥାନେ ଶସ୍ତ୍ରମାନ ଥୋଇଛି ।
ଏଣୁ ମଣି ସତ । କାମ ଆମ୍ଭଙ୍କୁ ଭଙ୍ଗ ଅଛି ମିତ । ୧୨ ।

ଛନ୍ଦା ପଡ଼ିବ ବୋଲି ହରଣପୁ । ବାଳକ ପରାଏ କରିଛନ୍ତି ବପୁ ।
ସକଳ ଶସ୍ତ୍ର ଅଙ୍ଗେ ଲୁଚାଇଛନ୍ତି । କାମନାମ ଛାଡ଼ି ଶ୍ୟାମ ହୋଇଛନ୍ତି ।
କହିଲି ମୁଁ ସତ । ଏକା ରଣ ନାହିଁ ଏହି ବଚନ । ୧୩ ।
ଭ୍ରୂଲତା ଶରାସନ ହୋଇଅଛି । ପିଠି ଆଡ଼ରେ ଗୁଣ ଚଢ଼ାଇଛି ।
ମୁଖପଙ୍କଜ ନେତ୍ର ଇନ୍ଦୀବର । ରସାଳ କଣ୍ଠ ଏ ତିନି ଶର ।
ଓଷ୍ଠ ସେ ଅଶୋକ । ଦନ୍ତ କି ଅବା ନିଆଳୀ ସାୟକ । ୧୪ ।
ଏଥି ଉତ୍ତାରୁ ଅନ୍ୟ ଶସ୍ତ୍ରମାନ । ଠାବେ ଠାବେ ଥୋଇଅଛି ଯୋଖିଣ ।
କର୍ଣ୍ଣ ମୋହପାଶ କୁଣ୍ଡଳ ଚକ୍ର । ଛେଦନ କରେ ନାରୀ ମାନ-ଚକ୍ର ।
କସୁଣି ପିଛଡ଼ା । ନାସା କରବାଳ ସଦନଛଡ଼ା । ୧୫ ।
ଗଣ୍ଡ ଆଦରଶ ଅଧର ଜବା । କଣ୍ଠେ ଜମ୍ବୁଗଙ୍ଗ ଥୋଇଛି ଅବା ।
ବେଣୀ ଅହି ଶର ରସନ ପଢ଼ି । ଭୁଜବେନି କି ମୋହନ ଦଉଡ଼ି ।
ନଖପନ୍ତି ଭାଲ । ଗମନ ନାଗରୀ ହୃଦୟଶଲ । ୧୬ ।
ଏମାନ ଥୋଇ ବନ୍ଧି ମାରୁଅଛି । ଚୁହୁଁ ଚୁହୁଁ ଚେତା ହରି ନେଉଛି ।
କେବଳ ବଚନେ ଅମୃତ ରଖି । ମାରି ତାରୁଛି ଶୁଣ ଜଳଜାକ୍ଷି ।
କୁମ୍ଭକାର କାଠ । ଯେସନେ ତେସନେ ନନ୍ଦର ଗୃହ ।
ଏହା ଶୁଣି ବୋଲେ ଆର ବନିତା । ତୁମ୍ଭ ସମାନେ ନାହିଁ ନିର୍ଲଜ୍ଜିତା ।
ଭୁଞ୍ଜିବାବେଳେ ବାରତା ପଚାର । କାନ୍ତ ସଙ୍ଗ ନୋହୁ ଖୋଜ ସଞ୍ଚାର ।
ବଡ଼ମ୍ବଣୀ ଗତି । ବଦ୍ୟା ନ ପଢ଼ି ସମ୍ଭାଳୁଛ ପୋଥି । ୧୮ ।
ତୀର୍ଥ ନ ଯାଇ ତୀର୍ଥବାସୀ ହୁଅ । ଧନ ନ ଥାଇ ଖୋଜୁଅଛ ଜୁଆ ।
ବନ୍ଧ୍ୟା ହୋଇ ପୁତ୍ରବତୀ ବୋଲାଅ । କୁମ୍ଭ ନ ଥାଇ ଜଳ ଆଣି ଯାଅ ।
ଦାସୀପଣ କରି । ସତୀକି ନନ୍ଦ ବୋଲଣ ଦୋଗୁରୀ । ୧୯ ।
ଛାଡ଼ି ଏ ସକଳ ବିଷୟମାନ । ଦର୍ଶନ କର ମଦନମୋହନ ।
ଇଷ୍ଟଦେବଙ୍କୁ ସେବାରେ ମନ ଅ । ବିନୟ ହୋଇ ଚରଣେ ଜଣାଅ ।
ମାଗ ଏହି ବର । ନନ୍ଦସୁତ ହେବେ ପ୍ରାଣଈଶ୍ୱର । ୨୦ ।
କାଞ୍ଚୀଟି ପଦେ କର ଭକତି । ଗୋବିନ୍ଦ ଯେମନ୍ତେ ହୋଇବେ ପତି ।
ଯେବେ ପାଇବା ମା ଛାଡ଼ିବା ଯତଣେ । ଯହିଁ ଯିବେ ତହିଁ ଯିବା ଗହଣେ ।
ଏ ଉପାୟ କର । ଘର ବର ଲଜ୍ଜା କର ଅନ୍ତର । ୨୧ ।
ଏହା ଶୁଣି ବୁଢ଼ା ନାରୀଏ ହସି । ଭଲ କହିଲୁ ଧନ୍ୟ ରେ ସୁକେଶି ।
ଏ ଯେଉଁ ନବ ଲାବଣ୍ୟ ମୂରତି । ଦେଖିଲେ ମନ ହେଉଛି ଧରତି ?
ଯେସନେ ସଫରୀ । ଆନନ୍ଦ ଗଣ୍ଡ ସଲିଳେ ବିହରି । ୨୨ ।
ବୟସ ଗଲାଣି, କରିବି କଷ । ଅଙ୍ଗ ଥର ଥର, ଶୁକଳ କେଶ ।
ଚକ୍ଷୁ ଦୁର୍ବଳ, କହି ପାଖୋରଇ । ଉଠିଲେ ପଡ଼ଇ, ମାରଇ ଝାଉଁ ।
ଦାରୁଣ ବିଧାତା । ଏହି କାଳରୁ କଲା ଏ ଅବସ୍ଥା । ୨୩ ।

ସେ କାଳ ବୟସ ଆଆନ୍ତା ଯେବେ । କଷ୍ଟଯୁ ହରିଙ୍କି ବରନ୍ତୁ ତେବେ ।
ଏକାଳେ ଯାହା ହେଉଅଛି ମନ । ତାହା ଜାଣଇ ମଦନରାଜନ ।
ନ ଜାଣଇ ଆନ । ଦାତା ଜାଣେ ଯେହ୍ନେ ଲୁମର ମନ । ୨୪ ।
ଦେଖ ଏ ଶ୍ରୀକୃଷ୍ଣ ବଦନ ଗୋଟି । ଜଳେ କି ପଙ୍କଜ ରହିଛି ଫୁଟି ।
ମଧୁର ବାଣୀ ବିମ୍ବାଧରେ ଭାଷେ । ଝରି ଝରି ମକରନ୍ଦ ବରଷେ ।
ବେଢ଼ନ୍ତୁ ମଧୁପ । କାହିଁ ତପ କଲେ କେତେ କଲପ । ୨୫ ।
ଏ ମୁଖ ଚୁମ୍ବିବ ଯାହା ବଦନ । ଧନ୍ୟ ହୋଇବ ତାହାର ଜୀବନ ।
ଏ ଗଣ୍ଡ ଯାହା ଗଣ୍ଡରେ ଲାଗିବ । ଇନ୍ଦ୍ରପଦବୀ କି କାର୍ଯ୍ୟ ହୋଇବ ।
ହେବ ଯେଉଁ ସୁଖ । ଦେଖି କାମଦେବ ମୋଡ଼ିବ ମୁଖ । ୨୬ ।
ଯାହାକୁ କହିବ ବଚନ ହସି । ତାହାକୁ କହିବା ରମଣୀ ଶଶୀ ।
ଦେଖ ଏ ବଳୀନ ମୃଣାଳ ଭୁଜ । ଦେଖି କରିବର ପାଇବ ଲାଜ ।
ନ ରହିବ ଦେଶେ । ରହିଲେ ନ ରହିବ ଉପହାସେ । ୨୭ ।
ଯାହାକୁ ଏ ବାହୁଯୁଗେ ଭିଡ଼ିବ । ପଲଙ୍କଉପରେ କନ୍ଦର୍ପରେ ପୀଡ଼ିବ ।
ବୈକୁଣ୍ଠବାସୀ ସୁଖ ଯେତେକ । ଏ ସୁଖ ପାଇଲେ ସେ ସୁଖ ଧିକ ।
ପାଦେ ଫିଙ୍ଗି ଦେବ । ଅମୃତ ପାଇଲେ ଗୁଡ଼ କି ହେବ ? ୨୮ ।
ଅନାଅ କି ନା ବିପୁଳ ହୃଦକୁ । ଯହିଁ ବୋଳିଛନ୍ତି ମୃଗମଦକୁ ।
ଚନ୍ଦନ ଘନସାରକୁ ମିଶାଇ । ଟିକେ ଦେଇଅଛି ମନକୁ ରସାଇ ।
ପାଉଅଛି ଶୋଭା । ଶତ୍ରୁ ଦେଖି ମନେ ହୋଇବ ଲୋଭା । ୨୯ ।
ଏ ଉର ଯାହା ଉରରେ ଲାଗିବ । କାମସନ୍ତାପ ତୁରିତେ ଭାଜିବ ।
ଦେଖ ମଧ୍ୟମର ବଳନ ଠାଣି । ଯହିଁରେ ପୀତପଟ୍ଟ ଉଡ଼ିଯାଣି ।
ଡମ୍ବରୁ ଆକାର । ଦେଖି କାହାର ନୋହେ କାହା ସ୍ଥିର । ୩୦ ।
ଏ କଟି ଆଶ୍ରୟ ପାଇବ ଯେହୁ । ସଂସାର ମଧ୍ୟେ ଧନ୍ୟ ହେବ ସେହୁ ।
ଘର ବର ଲଜ୍ଜା ବିବେକପଣ । ସକଳ ତେଜି ହେବ ଅଚେତନ ।
ନ ରହିବ ବୁଦ୍ଧି । ନିରତେ ବଢ଼ିବ ଭାବପୟୋଧି । ୩୧ ।
ଦେଖ ଶ୍ୟାମବନ୍ଧୁ ବେନି ଜଘନ । ମର୍କତ ରମ୍ଭା କି ବିପରୀତେଣ ।
ଏ ଜାନୁ ଆରୋହିବ ଯେଉଁ ନାରୀ । ତାହା ତପସ୍ୟା କହି ହେଲ ନ ପାରି ।
ସେ ଯୁବତୀବର । ତାକୁ କେ ସମ ହେବ ତିନିପୁର । ୩୨ ।
ପାଦପଦ୍ମ ପଦ୍ମ ପରାୟେ ଛବି । କେହୁ ପାରିବ ଏସ ପାଦକୁ ଭାବି ।
ଯେଉଁ ନାରୀ ତାହା ମର୍ଦ୍ଦନ କରେ । ଆନନ୍ଦେ ପକାଇ ବିପୁଳ ଉରେ ।
ଧନ୍ୟ ଧନ୍ୟ ସେହୁ । ତାହା ସମ ସୁଖୀ ନ ଥିବ କେହୁ । ୩୩ ।
ଏକାଳେ ମୋ ମନ ହେଉଛି ଏତେ । ତୁମ୍ଭ ମନମାନ ହେଉଛି କେତେ
ଦାରୁଣ ଧାତା ବଡ଼ ଅବିବେକୀ । ମୋତେ ଏମନ୍ତ ସେ କଲା କାହିଁକି ?
ନ ରଖନ୍ତି ଲାଜ । ଧାଇଁ ଧରନ୍ତି ମୁଁ ଗୋବିନ୍ଦ ଭୁଜ । ୩୪ ।

ଏତେ କହି ବୃଦ୍ଧା ହୋଇଲା ତୁନି । ଶୁଣି ବୋଇଲା ଏକଇ କାମିନୀ ।
ଆମ୍ଭଙ୍କୁ ଏମନ୍ତ କଲ୍ୟାଣ କର । ବର ହୁଅନ୍ତୁ ବରଜ ସୁନ୍ଦର ।
ଅଟେନି ଗଣ୍ଡ ନାହିଁ । ଶୁଣି ବୃଦ୍ଧା ବୋଲେ ପାଇବ କାହିଁ ? ୩୫ ।
କେ ବୋଲେ ଗଳ ଗଙ୍ଗା ଗୟା ଯିବା । କେ ବୋଲେ ପ୍ରାଗେ ମକର କରିବା
କେ ବୋଲେ କାଶୀରେ ''ାଧିବା ବସି । କେ ବୋଲେ ସାଗରେ ହୋଇବା ଝାସି
ଯେମନ୍ତେ ଲଭିବା । କେ ବୋଲେ ହର ଗଉରୀ ଭଜିବା । ୩୬ ।
ଏହି ପରକାରେ କରନ୍ତି ମନ । ଦେଖି ଗୋବିନ୍ଦ ନୀରଜ ବଦନ ।
ପଛରେ ଲୋକେ ଅଛନ୍ତି ଗୋଡ଼ାଇ । କାମ କ ରନ୍ତିଙ୍କ ନାଏ କଢ଼ାଇ ।
ସେହିମନ୍ତ ଦଶେ । କବି ହୃଦୟରୁ ଏମନ୍ତ ଆସେ । ୩୭ ।
ଗେଲେ ଗେଲେ ରାମ ଗୋବିନ୍ଦ ବେନି । ଶୋଭନ୍ତି ଶୋଭା ଧରଣୀ ସରଣୀ ।
କଂସ ସିଂହଦ୍ୱାରେ ହୋଇଲେ ଯାଇଁ । ନାଚନ୍ତି ପୋଏ ମୁରଲୀ ବଜାଇ ।
ଦେଖି ହସ୍ତୀପାଳ । ବୋଇଲା ଗୋଳ ନ କର ରେ ବାଳ । ୩୮ ।
ରାଜା ଲୋକବାଣୀ ଶୁଣିଲେ ଯହୁଁ । କ୍ରମରେ ବାଦ୍ୟ ରୁହାଇଲେ ତହୁଁ ।
ଅନାଇଛନ୍ତି ପୁର ନରନାରୀ । ଆଗରୁ ହୋଇଲେ କୁଞ୍ଜବିହାରୀ ।
ବୋଲନ୍ତି ବଚନ । ମାହୁନ୍ତ କପାଁ କହିଲୁ ଏସନ । ୩୯ ।
ଛାଡ଼ିଦିଅ ପଥ ଭିତରେ ଯିବୁଁ । ଯାଇ ରାଜାଙ୍କୁ ଦର୍ଶନ କରିବୁଁ ।
ଉଚ୍ଚୁର ହୋଇଲେ କରିବେ ରୋଷ । ନଷ୍ଟ ହୋଇବ ଦର୍ଶନୀ ଗୋରସ ।
ହାତୀ କାଢ଼ି ନିଅ । ବୋଲେ ଭକ୍ତଦାସ କମ୍ପୁଛି ଦେହ । ୪୦ ।

---

## ଏକବିଂଶ ଛାନ୍ଦ

(ରାଗ—କାଫି; ଅବକାଶ ବୃତ୍ତ)

କୃଷ୍ଣବଚନ ଶୁଣି ମୂଢ଼ ଯନ୍ତା । ମନରେ ବହିଲା ଗରୁ ଅହନ୍ତା ।
ବୋଲଇ ଶୁଣ ହେ ନନ୍ଦକୁମର । ତୁମ୍ଭେ ତୋଳଛ ପରା ଗିରିବର ।
ମାରିଛ, ଷଣ୍ଢ଼ା ଶକଟା ବକା । ତୃଣା କେଶୀ ବୀର ବତ୍ସା ଧେନୁକା । ୧ ।
ବ୍ୟୋମା ସହିତେ ପୂତନା ନାଶିଲ । କାଳୀୟ ଗରବ ଜଳେ ଧ୍ୱଂସିଲ ।
ଏଡ଼େ ବୀର ହୋଇ ଡର କାହିଁକି । ଯାହା କରିଛ ତା ମନେ ନାହିଁକି
ରାଜାର, ଲୁଗି ବସନ ନେଲ । ପୁଷ୍ପ ଚନ୍ଦନ ଆହ୍ଦି ଜୁର କଲ । ୨ ।
ସହସ୍ରେ ସିଂହର ବାଳ କାର୍ମୁକ । ତାହା ଭାଙ୍ଗିଲ, ଦେଖିଛନ୍ତି ଲୋକ ।
ଘର କୁବଳୟା ଅଟଇ କେତେ । ପେଲ ଦେଇ ଯାଅ କହୁଛି ଏତେ ।
ମାହୁନ୍ତ; ଏହା କହିଲା ଯହୁଁ । ଜଗନ୍ନଜୀବନ ବୋଲନ୍ତି ତହୁଁ । ୩ ।

କହୁଅଛୁ ଶୁଣ ହସ୍ତିପାଳକ । ଆମ୍ଭେ ଜାଣିଲୁ ତୁ ବଡ଼ ବିବେକ ।
ଯାହା ବୋଇଲୁ ସେ କଥା ପ୍ରମାଣ । ହସ୍ତୀ ସଙ୍ଗେ କାହିଁ ମନୁଷ୍ୟ ରଣ ।
ସ୍ୱଭାବେ, ପୁଣି ବାଳକ ମତି । କାତର ହେଉ ଦେଖି ଘୋଡ଼ା ହାତୀ । ୪ ।

ଗାଈ ଚରାଇ ବନମଧ୍ୟେ ଥାଉଁ । କ୍ଷୁଧା କଲେ ନାନା ଫଳ ଖାଉଁ ।
ରାତ୍ରକାଳେ ଆସି ହେଉଁ ମନ୍ଦିରେ । ଭୋଜନ କରୁ ବଡ଼ାଇ ଅନ୍ଧାରେ ।
ନ ଥାଇ, ସୁଖ ହୋଇ ବ୍ୟଞ୍ଜନ । ଶଯ୍ୟା ନ ଥାଇ ଭୂମିରେ ଶୟନ । ୫ ।

ଆର ଦିନ ପୁଣି ବନକୁ ଯାଉଁ । ସେହି ପ୍ରକାରେ ନାନାଦୁଃଖ ପାଉଁ ।
ଏବେ ସୁଭାଗ୍ୟ ହୋଇଲା ଆମ୍ଭର । ଡାକି ଆଣିଲା ମାମୁଁ କଂସାସୁର ।
ନିଶ୍ଚିନ୍ତ, ହୋଇ ଭୁଞ୍ଜିବୁ ସୁଖ । ଆଜୁଁ ପାସେରିବୁଁ ସକଳ ଦୁଃଖ । ୬ ।

ଏହା ଶୁଣି କହେ ଦାରୁଣମତି । କେତେ ଛଳକୁ ଯାଉଛ ଶ୍ରୀପତି ।
ଆଜଯାଏ ଲୁଚିଥିଲ ଗୋପରେ । ଏବେ ପଡ଼ିଲ କୃତାନ୍ତ ଛାମୁରେ ।
ନିସତ, ହେଲେ ଛାଡ଼ିବ ନାହିଁ । ଏହା କି ଗୋପ କରିଛ କହ୍ନାଇ । ୭ ।

ବଂଶୀ ବଜାଇ ନାନାରଙ୍ଗେ ନାଚ । ଗୋପ କୁମାରୀଙ୍କି ଖୁଆଅ ଲାଞ୍ଚ ।
କୁଞ୍ଜବନେ ନେଇ କର ଅନୀତ କୋମଳ କହି କିଣ ତାଙ୍କ ମତି ।
ସେ କଥା, ନାହିଁ ମଥୁରାପୁରେ । ଯେଉଁ ଦେଶ ଦେଖି ଡରନ୍ତି ସୁରେ । ୮

ଏଥିରେ ଆସି ହୁରଜୁର କର । ହାନି ଲାଭକୁ କିଛି ନ ବିଚାର ।
ଦୁଇଭାଇଙ୍କ ଯେନିବି ଜୀବନ । ହସ୍ତୀ ହସ୍ତରେ କରାଇ ବନ୍ଧନ ।
ନୃପତି, ଆଗେ ଭେଟିବି ଯାଇ । ଶୁଣି ବଧାଇ ଦେବ ଭୋଜରାଇଁ । ୯ ।

ଶୁଣିଲେ ହରି ମାହୁନ୍ତ ବଚନ । କର୍କଶ କରି ବୁଲାଇ ନୟନ ।
ବୋଇଲେ ହସ୍ତିକ କାଢ଼ ତୋହର । ଜାଣିବା କେତେ ବଡ଼ କୁଞ୍ଜର ।
ଏମନ୍ତ, ବୋଲି ହୋଇଲେ କାଛି । ଅଣ୍ଟାରେ ବଂଶୀ ଖୋସିଲେ ଶ୍ରୀବତ୍ସୀ ।୧୦।

ଦେଖି ମାହୁନ୍ତ ଠିପିଲା ମାତଙ୍ଗ । କରାଳ ବଦନ ନୟନ ପିଙ୍ଗ ।
ଧର ଧର ବୋଲି ଅଙ୍କୁଶ ମାରି । ଧାଇଁଲା ନାଗ ଘୋରନାଦ କରି ।
ଊର୍ଦ୍ଧ୍ୱକୁ, ଟେକି ରହିଛି ଶୁଣ୍ଡ । ଦନ୍ତ ଉଭାରି ଦିଶଇ ପ୍ରଚଣ୍ଡ । ୧୧।

ଚରଣ ପଡ଼ନ୍ତେ କମ୍ପଇ ରସା । ସିଂହ ପଛେ ଯେସନ୍ତେ ଖେଳଇ ଶଶା ।
ଗୋବିନ୍ଦ ପଛେ ସେହିମତି ଦିଶେ । ମୃଗାଦନ ପଛେ ଛାଗଳ କି ରସେ ।
ପାମର, ଗଜ ଜାଣଇ ନାହିଁ । ମାରିବ ବୋଲି ରାଗେ ଅଛି ଧାଇଁ । ୧୨ ।

ଯାର ରୋମମୂଳେ ମେଦିନୀମାଳ । ଭ୍ରମନ୍ତି ହୋଇ ଅତି ଅନୁରାଳ ।
ନେତ୍ର ଚନ୍ଦ୍ର ସୂର୍ଯ୍ୟ ଶିର ଅମ୍ବର । କଟି ହିମାଦ୍ରି, ପାତାଳ ପୟର ।
ଶରୀର, ବୃକ୍ଷ ଶଇଳମାନ । ଅଣଗୃହ ନାଭି ନାସା ପବନ । ୧୩ ।

ସୁଜନ ବାନ୍ଧବ, ଦୁର୍ଜନ ଯମ । ଶରଣ ତାରଣ, କାମିନୀ କାମ ।
ରୂପ ଅରୂପ ନାନାଗତି ହୋଏ । ଯା ନାମେ ଅଶେଷ କଳୁଷ ଦହେ ।
ତାହାର, ସଙ୍ଗେ କରଇ ରଣ । ଜାଣଇ ନାହିଁ ଲଭିବ ମରଣ ।୧୪।

ଆଗେ ଧାଇଁଛନ୍ତି ନନ୍ଦ ନୂଜ । ପଛେ ଗୋଡାଇଛନ୍ତି ବଳିଷ୍ଠ ଗଜ ।
ମାୟାଭଣ୍ଡାର ଆରମ୍ଭିଲେ କୁଟ । ଯେସନେ ଇନ୍ଦ୍ରଜାଲିକ କପଟ ।
ଜାଣନ୍ତା, ନୁହେ ଦେଖିବା ଜନ । ସତ ପରାୟେ ବିସ୍ମରନ୍ତି ମନ ।୧୫

ସେହି ପ୍ରକାରେ ଆରମ୍ଭିଲେ ଛନ୍ଦ । ନସଢେ ଧାଇଁ ନ ପାରି ଗୋବିନ୍ଦ ।
ମନ୍ଦଗତି ଦେଖି ପିଟିଲା ଯନ୍ତା । "ନିର୍ବଳ ହେଲଣି, ମାର ରେ ଦନ୍ତା ।"
ବୋଲନ୍ତେ, ଗଜ ଧଇଲା ଯାଇଁ । ଯତନେ ଗୋବିନ୍ଦ ପଡ଼ିଲେ ଶୋଇ ।୧୬।

ପଡ଼ି ଶୂନ୍ୟ ହେଲେ ଜଗତବନ୍ଧୁ । ଅନାଇଅଛନ୍ତି ମଥୁରାବଧୂ ।
ହାହାକାର ଧ୍ୱନି ଶୁଭଇ ଉଚ୍ଚେ । କ୍ଷୀରସିନ୍ଧୁ ମେଳ ହେଲା କି ମଞ୍ଚେ ।
କେ ବୋଲେ, ଅବିବେକ ବିରଞ୍ଚି । କାହାକୁ କେଉଁ ଦଶା ଥାଇ ସଞ୍ଚି ।୧୭।

ତଥାପି ଶିଶୁ ନୁହଇ ଏ ତାର । କିପାଇଁ କଲା ଏଡ଼େ ଅବେଭାର ।
ଦେଖ ଜନମନ ମୋହନ କରେ । ସୁଖୀ ସମ୍ପଦ, ଦୁଖୀ ଦୁଃଖ ହରେ ।
କେମନ୍ତେ, ସତ ବଳିଲା ତାର । ଗଜ ହାତରେ କରାଏ ପ୍ରହାର ।୧୮।

କେ ବୋଲେ ଲାବଣ୍ୟ ଶରୀର ଗୋଟି । ତୀକ୍ଷ୍ଣ ଦନ୍ତ ଲାଗି ଯିବ ଗୋ ଫୁଟି ।
ଦେଖି ଜୀବନ ରହିବ କାହାର । ପିଣ୍ଡକୁ ଛାଡ଼ି ହୋଇବ ବାହାର ।
କେ ବୋଲେ, ସଖି ଶୁଣ ମୋ ବାଣୀ । ଚାଲ ଏଠାରୁ ଯିବା ସର୍ବପ୍ରାଣୀ ।୧୯।

ଏଡ଼େ ପାପପୁରେ ନ ଥିବା ଦଣ୍ଡେ । ଆସ ଗୋ ଅନଳ ଜାଳିବା ପିଣ୍ଡେ ।
ଏ ଘନଶ୍ୟାମ ଦୁଃଖ ନ ଦେଖିବା । ମନ୍ଦୁରୀ ଭଷି ପରାଣ ହରିବା ।
କାହ୍ନୁଙ୍କ, ରଖିଥିବା ଜୀବନ । ଦଣ୍ଡକେ ସରିଲା ଅମୂଲ୍ୟ ଧନ ।୨୦।

କେ ବୋଲେ ସଜନି ଶୁଣ ମୋ କଥା । ଦେଖିଲା ଜନକୁ ଲାଗଇ ବ୍ୟଥା ।
ଗର୍ଭଧାରୀ ତାର କରିବ କିସ । ଏ ପୁତ୍ର ଯେବେ ନଷ୍ଟେଁ ଯିବ ନାଶ ।
ପଡ଼ିବ, ଅଗ୍ନିକୁଣ୍ଡରେ ଡେଇଁ । ଏହା ଶୁଣି ଆର ସଖୀ କହଇ ।୨୧।

ଏ କିପାଁ ନୋହିଲା ଆମ୍ଭ ନନ୍ଦନ । ଦୁଖୀ ଗର୍ଭେ କିମ୍ପା ହେଲା ଜନମ ।
ଇଷ୍ଟ ଦେବତାରୁ କାରନ୍ତୁ ଶ୍ରେଷ୍ଠ । କାହ୍ନୁଁକି ଲଭନ୍ତା ପରମ କଷ୍ଟ ।
ଏ ବାଣୀ, ଶୁଣି ଆରଜ ଭଣି । ଏମନ୍ତ କିପାଁ ବୋଇଲୁ ତରୁଣୀ ।୨୨।

ଯାହାର ଯେ ଭାଗ୍ୟ ଅଭାଗ୍ୟ ଥାଇ । କାଳ ବେଳ ଜାଣି ଭୋଗ କରଇ ।
ମୋ ମନକୁ ସହି, ଏମନ୍ତ ଆସେ । ତା ଶୁଣି ଆର ଚନ୍ଦ୍ରାନନା ଭାଷେ ।
ସଜନି, ଏହା କାହ୍ନୁଙ୍କ କହୁ । ଲେଶେହେଁ ହୃଦୟ ହୁଦେ ନ ବହୁ ।୨୩।

ଜୀବନ ଉଡ଼ି ଯାଉଛି ମୋହର । ନୟନେ ନ ଦେଖି ବରଜବର ।
ଏହିକ୍ଷଣି ହସ୍ତୀ ଆଗରେ ଥିଲେ । ଦନ୍ତ ଲଗନ୍ତେ କାହିଁ କତି ଗଲେ ।
ଏ ବାଣୀ, ଶୁଣି ବୋଇଲେ ବାଳୀ । ପାମର ହସ୍ତୀ ଅବା ଦେଲା ଗିଳି । ୨୪ ।
କେ ବୋଲେ ଅଧରେ ଅଛି ମୂର୍ଚ୍ଛାଇ । କେ ବୋଲେ ପାଦେ ଗୋ ଦେଲା ଉଡାଇ
କେ ବୋଲେ ପଳାଇ ଗଲେ କି ସହି ? କେ ବୋଲେ ତାହା ନ ଦେଖିଲେ କେହି
କେ ବୋଲେ, ଗଜ-ବୁଲେ କାର୍କ କି । କେ ବୋଲଇ ଅବା ପାଇ ନାହିଁକି । ୨୫ ।
ମଥୁରାନାରୀଙ୍କ ବଚନ ଶୁଣି । ଦୟାସାଗର ପ୍ରଭୁ ଚକ୍ରପାଣି ।
ହସ୍ତୀ ଉଦର ତଳେ ଚହଲେ ଯାଇ । ଗର୍ଜଇ କଶି ଅଙ୍ଗବାସ ପାଇ ।
ଫେରାଇ, ପୁଣ ଧାଇଁଲେ ହରି । ମଥୁରାନାରୀ ଜୟ ଜୟ କରି । ୨୬ ।
କେ ବୋଲେ ଦେଖ ଗୋ ପରଶମିତ । ଏହାକୁ ସାହା ହୋଇଛନ୍ତି ବିଧାତ
ଦୁଷ୍ଟ କଂସ ନାଶେଁ ହୋଇବ ନାଶ । ଏହାକୁ ରଖିବେ ରମାବିଳାସ ।
ଏମନ୍ତ, କହି ଆନନ୍ଦ ହେଲେ । ହେ ଧର୍ମଦେବତା ରଖ, ବୋଇଲେ । ୨୭ ।
ହରିଙ୍କି କଶି ଯେ ଥିଲା ଗୋଡ଼ାଇ । ବଳ ତୁଟିଲା ନ ପାରିଲା ଧାଇଁ ।
ଜଗତଜୀବନ ବ୍ୟାପିଲେ ମାୟା । ଚଉଦିଗରେ ବିସ୍ତାରିଲେ କାୟା ।
ଯେଣିକି ଶୁଣ୍ଢେଁ ବଳଷ୍ଟ ହାଥୀ । ତେଣେ ଦେଖଇ ନିଜେ ଦାଶରଥୀ । ୨୮ ।
କାହାକୁ ଧରିବ କରେ ବିଚାର । ଭମେ ବୁଲଇ ଚକ୍କର ଆକାର ।
ପଛଦେଶେ ଥିଲେ ରୋହିଣୀସୁତ । ଧାଇଁ ବାମଭୁଜେ ଧଇଲେ ପୁଚ୍ଛ ।
ସିଂହ କି, ଅବା ଧଇଲା ମୃଗ । ଗରୁଡ଼ କି ବା ଧଇଲା ଉରଗ । ୨୯ ।
ସେହିମନ୍ତ ହଣେ ମତ୍ତ ମାତଙ୍ଗ । ଗୋବିନ୍ଦ ଠାରିଲେ ଉଛୁଡ଼ି ବେଗ ।
ଜାଣି ଟାଣିଲେ ରୋହିଣୀର ବଳା । ଶତେ ଧନୁଯାଏ ଘୋସରି ଗଲା ।
ନସରେ, ଆଣ୍ଟୁ ମାଡ଼ିଲା ମହୀ । ବେଗେ ଧାଇଁଲେ ଛଇଳ କହ୍ନାଇ ୩୦ ।
ବେଣୁ ଠୁଙ୍କିଲେ ହସ୍ତୀଭାଲପଟେ । ପ୍ରାଣ ବାହାରିଲା ନୟନବାଟେ ।
ଦୀନବନ୍ଧୁ ଅଙ୍ଗେ ପଶିଲା ଯାଇଁ । ଅଶେଷ ଜନ୍ମ କଳୁଷ ହରାଇ ।
ବାବୁ ସେ, ଗଜ କି ତପ କଲା । କଅଁତ ଦୋଷେ ପଶୁ ହୋଇଥିଲା । ୩୧ ।
ଯାହା ଊର୍ଦ୍ଧ୍ୱରେତା ପାଇ ନାହାନ୍ତି । ପାଇବାପାଇଁ ଧ୍ୟାନ କରୁଛନ୍ତି ।
ସେଗତି କ୍ଷଣକେ ପାଇଲା ଗଜ । ଅଧମ ଉଦ୍ଧାରଣ ଦେବରାଜ ।
ସୁଜନେ, ସେହି ହରିଙ୍କି ଭଜ । ଭବସନ୍ତାପ ଦୂରେ ବେଗେ ତେଜ । ୩୨ ।
ହସ୍ତୀନିଧନ ଦେଖି ହସ୍ତିପାଳ । କୃଷ୍ଣଙ୍କୁ ଉଞ୍ଚାଇଲା କରବାଳ ।
ଦେଖି ଗୋବିନ୍ଦ ଦନ୍ତା ଦନ୍ତ ତାଡ଼ି । ମୁଣ୍ଡ ମାହୁନ୍ତ ଉପରେ କଚୁଡ଼ି ।
ଛାଡ଼ିଲା, ପ୍ରାଣ ପାଇଲା ହରି । ଅସୁରଜନ୍ମ ଦୁର୍ବାସନା ହରି । ୩୩ ।
ଦେଖି ନରନାରୀ ହୋଇଲେ ତୋଷ । ଗୋଟି ଗୋଟି ହୋଇ ମିଳିଲେ ପାଶ ।
ଗୋପାଳ ପୋଏ ନାନାରଙ୍ଗେ ନାଚି । ଆକାଶୁ ବର୍ଷୋଳା କୁସୁମ ରାଶି ।
ଲଗାଇ, ଦେବେ ଦେବତା ବାଦ୍ୟ । ଡାକନ୍ତି ଅସାଧକୁ କର ସାଧ୍ୟ । ୩୪ ।

ସେଠାରୁ ବିଜୟେ ସୋଦର ବେନି । ଗମନେ ଶୋଭା ପାଉଛନ୍ତି ଧରଣୀ ।
ରଙ୍ଗ ସଭାତଳେ ହୋଇଲେ ଯାଇଁ । ରଙ୍ଗେ ନାଚନ୍ତି ମୁରଲୀ ବଜାଇ ।
ଗୃହାନ୍ତି, ଦେଖି ରାଜନଗଣେ । ପୋଏ ଗୋଡ଼ାଇଅଛନ୍ତି ଗହଣେ । ୩୫ ।
ଅପୂର୍ବ ମୂରତି ନନ୍ଦଇ କାମ । କାନ୍ତି କି କାନଡ଼ କୁସୁମ ସମ ।
ଶିରେ ହରସୁତବାହନ ପୁଚ୍ଛ । ଜମ୍ଭଭେଦୀ ଧନୁ ହୋଇବ ତୁଚ୍ଛ ।
ଲଲାଟେ, ଖେଳେ ଅଳକା ପନ୍ତି । ଅଳି କି ପଦ୍ମକୁ ବେଢ଼ି ଅଛନ୍ତି ? । ୩୬ ।
ନାସେ ଗଜମୋତି, କର୍ଣ୍ଣେ କୁଣ୍ଡଳ । ଗଣ୍ଡେ ମକରୀ, ଅଧରେ ତାମ୍ବୁଳ । ପାନ
କଣ୍ଠେ କଉସ୍ତୁଭ, ଭୁଜେ କଙ୍କଣ । କଟିକି ଘୋଟିଛି ପୀତବସନ ।
ଚରଣେ, ଶୋଭେ ନୂପୁର ଦୁଇ । ମନ୍ଦ ଗମନକୁ ମଧୁର କହି । ୩୭ ।
ଗୃହ ସଭାଜନେ ହୋଇଲେ ଠିଆ । ଉଲସି ଉଠଇ ସବୁର ହିଆ ।
କୋଳ କରିବାକୁ କରନ୍ତି ମନ । ବୁଡ଼ି ଯାଉଛି ଚେତା ଚଇତନ ।
ବାବୁ ସେ, ନବ ନାଗର କାହ୍ନୁ । ଦେଖି ପାସୋରିବ କିଏ ସେ ମନୁ । ୩୮ ।
ଶିଶୁଙ୍କୁ ଦିଶନ୍ତି ଶିଶୁ ପରିଏ । ନାରୀଙ୍କ ଦୃଷ୍ଟିକି ମଦନରିଏ ।
ବୃଦ୍ଧଙ୍କୁ ବାଳକ ସ୍ୱଭାବ ମତି । ଜ୍ଞାନିଙ୍କ ନିର୍ଗୁଣ ରୂପ ଶ୍ରୀପତି ।
ଭକ୍ତଙ୍କୁ, ନନ୍ଦନନ୍ଦନ ପରି । ନାନା ରୂପ ଧରେ ମନ୍ଦରଧରି । ୩୯ ।
ଦୁଷ୍ଟଙ୍କୁ ଯମ ପରିଏ ଦିଶନ୍ତି । ଦେଖି ଡରିଲା କଂସ ନରପତି ।
ମଲ୍ଲେ ଯେ ପ୍ରତିଜ୍ଞାରେ କହୁଥିଲେ । ରୂପ ଦେଖି ଚିତ୍ତୁ ଭୁଲି କହିଲେ ।
କ୍ଷଣକେ, ଫେଡ଼ ନୟନମାନ । ଡାକନ୍ତି ରହ ରହ ରାମ ଶ୍ୟାମ । ୪୦ ।
ଶୁଣି ଅନାଇଲେ ଶାରଙ୍ଗଧର । ବୋଲନ୍ତି କାହିଁକି ଡାକ ହେ ବୀର ।
ରହ ରହ ବାଣୀ ଶୁଣିଲେ ଡରୁଁ । ବାଳକ ସିନା ଦୂରୁଁ ଅପସରୁଁ ।
ସରସା ହେଲେ ରହୁ ପାଲଟି । ବଳିଷ୍ଠ ହୋଇଲେ ଯାଉଁ ଲେଉଟି । ୪୧ ।
ଶୁଣି ମାଲମାନେ ବୋଲନ୍ତି ହସି । କେତେ ସାନକୁ ଯାଅ ନନ୍ଦଶିଶି ।
ଯେ ଯେତେ ବଡ଼ ସେ କହଇ ନାହିଁ । କାର୍ଯ୍ୟ ପଡ଼ିଲେ ଅବଶ୍ୟ କରଇ ।
ଲୁଚଇ, ନାହିଁ କୁସୁମ ପ୍ରାୟେ । ଫୁଟିଲେ ବାସେ ଦେବଆଳେ ଯାଏ । ୪୨ ।
ପ୍ରତ୍ୟକ୍ଷେ ଦିଶୁଛି ସାଧିଲା ପ୍ରାୟେ । ଗୋଟି ଗୋଟି ହୋଇ ଫଳିଛି ବାହେ ।
ଆସ ଆସ ଦେଖି ଲଗିବା ଥରେ । କେହି ଧନ ଦେଇ ନାହିଁ କାହାରେ ।
କ୍ଷତ୍ରିର ବୃତ୍ତି ସାଧିଲେ ସିନା । ଦିନକୁ ଦିନ ବଢ଼ିଲେ ବଢ଼େ ନା । ୪୩ ।
ଶୁଣି ଦୀନବନ୍ଧୁ ବୋଲନ୍ତି ହସି । ମଲ୍ଲଙ୍କ ଅନାଇ ଚରଣ ଘସି ।
ରାଜାର ନନ୍ଦନ ନୋହୁ ନା ଆମ୍ଭେ । ସାଧିବା କଥା ଜାଣ ସିନା ତୁମ୍ଭେ ।
ରାଜାର, ଭାତ ବସ୍ତ୍ରନ ଖାଅ । ବଳିଷ୍ଠ ପଣେ ନେତ ବାନ୍ଧିଥାଅ । ୪୪ ।
ଆମ୍ଭେ ବନରେ ଚରାଉଁ ବାଛୁରୀ । ଅନ୍ନ ଖାଉଁ ପଙ୍କେ ମିଶାଇ ବାରି ।
ସୁନ୍ଦର ଅର୍ଥେ ରଙ୍ଗମାଟି ଅଙ୍ଗେ । ତୋଳି ହୋଇ ଖେଳୁ ବାଳକ ସଙ୍ଗେ ।
ଏଥିକି, ମାଲପଣ ହୁଅଇ । ଏହା ଶୁଣି କ୍ରୋଧେ ଚାଣୁର କହି । ୪୫ ।

ତୁମ୍ଭେ ଦେବକୀ ବସୁଦେବ ନନ୍ଦନ । ଲୁଚି ରହିଥିଲ ଗୋପଭୁବନ ।
ଏତେଦିନେ ଆସି ପଡ଼ିଛ ଭେଟ । ମାରି ସାରିବୁ ନରପତି କଷ୍ଟ ।
କାହିଁକି, ଯିବ କହିଲେ ଏହା । ତୁମ୍ଭେ ଯେ ଆମ୍ଭ ନରେଶ ଦ୍ରୋହୀ । ୪୬
ଏହା ଶୁଣି ବ୍ରଜନନ୍ଦନ ଭଣି । ବୋଲନ୍ତି ଶୁଣ ହେ ଆମ୍ଭର ବାଣୀ ।
ଯାହା ବେ ଇଲ ଦ୍ରୋହୀ ତୁମ୍ଭର । ଏକଥା ସତ ଜାଣନ୍ତି ଅମର ।
କେବଳ, ଆମ୍ଭେ ଶାବକ ଯିନା । ଶତ୍ରୁ ମଇଁଷ ନ ଜାଣୁ ଆମ୍ଭେ ନା । ୪୭
ତୁମ୍ଭେ ଯେବେ ଆମ୍ଭ ସଙ୍ଗେ ଯୁଝିବ । ଅଧର୍ମ କଲ ପରା ଏ ଦିଶିବ ।
ସାକ୍ଷାତେ ଦିଶୁଛ ପର୍ବତ ମତ । ଦେଖି ଡରନ୍ତି ନର ଦାଇବତ ।
ସମାନ, ଆମ୍ଭେ ହୋଇବୁଁ କେହି । ତୁମ୍ଭ ସମାନ ବୀର ଲୋଡ଼ ଯାଇ । ୪୮ ।
ଏହା ଶୁଣି ବୋଲେ ଚାଣୁର ମୂଢ଼ । ଆହେ ମାଲଗଣ କୃଷ୍ଣଙ୍କୁ ବେଢ଼ ।
ଟଣା ଶକଟା ପୂତନାଦି ଯେତେ । ସବୁଙ୍କୁ ଏହି ମାରିଛି କେତେ ।
ଏଠାରେ, ଏହା କହାଇ ରଙ୍ଗେ । ଦେଖ ବୀରଘଣ୍ଟି ବାନ୍ଧିଛି ଜଙ୍ଘେ । ୪୯ ।
ଏତେ ଭାଷି କୃଷ୍ଣ-ଭୁଜ ଧଇଲା । ଦେଖି ମୁଷ୍ଟିକ ପ୍ରଖରେ ଧାଇଁଲା ।
ସୀରପାଣିଙ୍କ ଧଇଲା ଆକର୍ଷି । ଅମ୍ବରେ ଦେଖନ୍ତି ଅମ୍ବରବାସୀ ।
ଲାଗିଲା, ମହାପ୍ରବଳ ଯୁଦ୍ଧ । ରଖ ରଖ ମହା କରେ ଶବଦ । ୫୦ ।
ମୂଢ଼େ ନ ଜାଣନ୍ତି ମାଧବ ବଳ । ଅଗାଧ ଜଳେ ଲୋଡ଼ୁଛନ୍ତି ଥଳ ।
ପ୍ରଚଣ୍ଡ ଅଗ୍ନିରେ ପଶନ୍ତି ଘାସ । ତୁଳା ବାଡ଼ ଦହନ୍ତି ଦେଖି ବତାସ ।
ବଜ୍ରକୁ, ଆଡ଼େ ଶିରୀଷ ପୁଷ୍ପ । ବୋଲେ ଭକ୍ତଦାସ ମାଲେ ବାଳୀଶ । ୫୧ ।

## ଦ୍ୱାବିଂଶ ଛାନ୍ଦ

( ରାଗ—ଆହାରୀ )

କୃଷ୍ଣ ଚାଣୂର ସମର ଗୁରୁତର ଥର ଥର ଧରା ହୋଇଲା ।
କୃଷ୍ଣ ବଳବୀର୍ଯ୍ୟ ଜାଣି ନିଶାଚର ଚିତ୍ତରେ ମରଣ ହୋଇଲା ।
କାହିଁକି, କଳନ୍ତି ରାଜନ ବଚନ ।
ହରି କୋପାନଳ ଅଟଇ ପ୍ରବଳ ଦହିବ ମୋ ତୃଣ-ଜୀବନ । ୧ ।

ଏତେବେଳେ ଯେବେ ନସତ ହୋଇବି ନିନ୍ଦା କରିବେ ରାଜାମାନେ ।
ସମରେ ଜୀବନ ହୋଇଲେ ନିଧନ ସୁଖେ ବସିବି ସ୍ୱର୍ଗସ୍ଥାନେ ।
ଏମନ୍ତ, ଭାଳି କରେ ଗାଢ଼ ସମର,
ମୁଷ୍ଟିକ ମୁଷ୍ଟି ପଡ଼ତାଳ କରନ୍ତେ ଶବଦେ କମ୍ପେ ତ୍ରିପୁର । ୨ ।

ବାହୁ ବନ୍ଧା ବାନ୍ଧ ମୁଣ୍ଡେ କୋଡ଼ାକୋଡ଼ି ହସ୍ତାକୁ ହସ୍ତ ପ୍ରହାରନ୍ତି ।
ଜାନୁକୁ ଜାନୁ ପାଦକୁ ପାଦ ଛନ୍ଦି ପଡ଼ି ଉଠି ପୁଣି ଗଡ଼ନ୍ତି ।

ନାସିକା—ପବନ କି ଅବା ବତାସ ।
ଅଙ୍ଗକୁ ଅଙ୍ଗ ଠେସାଠେସି ହୁଅନ୍ତେ ବାହାର ହୁଅଇ ହୁତାଶ । ୩ ।
ଯେତେ ସାଧନ କଂସକୁ କହୁଥିଲେ ସେ କାହିଁ ହୋଇଲା ଅନ୍ତର ।
କୁଳବତୀ ଯେହ୍ନେ ବିଭଳିତ ହୋଇ କେ କଲେ ମୋହନୀମନ୍ତର ।
ଗୋବିନ୍ଦ, ଅଙ୍ଗ ଲାଗି ହେଲା ତେସନ ।
ମତ୍ତ ନକୁଳକୁ ନୟନେ ଦେଖିଲେ ମୂଷିକା-ମାର୍ଜାର ଯେସନ । ୪ ।
ବସ୍ତ୍ର ରଥଘାତ ପାଇଲେ ଯେମନ୍ତ ନିସତ ହୁଅଇ କୁଣ୍ଡଳୀ ।
ମତ୍ତ ଦ୍ୱୀପିନ ସମ୍ମୁଖେ ପଡ଼ିଗଲେ ଯେହ୍ନେ କାତର ହୋଏ ଛେଳି ।
ମାତଙ୍ଗ, ସଙ୍ଗରେ କିବା ଯୁଝେ ଖର ।
ବନପତି ସଙ୍ଗେ ସ୍ଥିର ଶଶା ସମ ମୂଷିକ ମାର୍ଜାର ସଙ୍ଗର । ୫ ।
ବକ ଶାମଳ କାହିଁ ସମ ହୋଇବେ, ସମୁଦ୍ର ସଙ୍ଗେ କ୍ଷୁଦ୍ର ନଦୀ ।
ଶ୍ୟେନ ସଙ୍ଗରେ ଆନ ଖଗ ତୁଲ କି, ନରେଶ ସଙ୍ଗେ ଜମ୍ବୁଭେଦୀ ।
ତେମନ୍ତ, କୃଷ୍ଣ ସଙ୍ଗେ ଦୁଷ୍ଟ ଅସୁର ।
ବେଳକୁ ବେଳ ବଳ କ୍ଷୀଣ ହୋଇଲା ନିସତେ ହୋଇଛି ଉଭାର ।
ଦେଖି ପୁର ନରନାରୀ ବିଚାରନ୍ତି କଂସଠାରୁ ନାହିଁ ଦାରୁଣ ।
କଉଁ ସୁଖ ଶିରୀ ଅର୍ଜିବ ଏ ନନ୍ଦ-ନନ୍ଦନ ଦୁହିଙ୍କି ମାରଣ ।
ଦଇବ ! ଧର୍ମ ଯେବେ ସତ ହୋଇବ ।
ରାମ ଗୋବିନ୍ଦଙ୍କୁ ସଙ୍କଟୁ ରଖିବ, କଂସକୁ ସପୋଢ଼େ ଦହିବ । ୭ ।
ମଞ୍ଚାରେ ଅନାଇ ଜନକ ଜନନୀ ହୃଦରେ କରନ୍ତି ବିଚାର ।
କରିବୁ ନାନା ଦାନ ଦେବ ଅର୍ଚ୍ଚନା ଏଥର ବଞ୍ଚିଲେ କୁମର ।
ବ୍ରାହ୍ମଣ—ମୁଖେ ଦେବୁ ମିଷ୍ଟ ଭୋଜନ ।
ଏତେ ଭାଳି ନେତ୍ରୁ ଲୋତକ ଗରପେ ମହୀକି ଲମ୍ବାଇ ଆନନ । ୮ ।
ତାତ ମାତ ନର ନାରୀଙ୍କ ବିକଳ ଜାଣିଲେ ଜଗତଜୀବନ ।
ମଲ୍ଲ ମାଲଶିରେ ମୁଥେ ପ୍ରହାରିଲେ ଗିରିପରେ ବଜ୍ର ଯେସନ ।
ଶବଦ, ଶୁଣି ରଙ୍ଗସଭା ଚମକି ।
ବୀରମାନଙ୍କର ମନେ ପ୍ରତେ ହେଲା ଯମରାଜା ବଜେ କାଲି କି ? ୯ ।
ଗୋବିନ୍ଦ ପ୍ରହାର ବାଜି ଝର ଝର ଶ୍ରୋଣି ବହେ ଫାଟି ମୂର୍ଦ୍ଧନି ।
ଜ୍ଞାନ ହରି ମହୀ ଉପରେ ଶୋଇଲା ଆନନ୍ଦ ହେଉଛି ଅବନୀ ।
କ୍ଷଣକେ, ପୁଣି ଚେତା ପାଇ ଉଠିଲା ।
ଗୋପୀନାଥ ଶିରେ ବଜ୍ର ସମ କରି ମୁଟିଏ ନେଇ ପ୍ରହାରିଲା । ୧୦ ।
ମତ୍ତହସ୍ତୀକି କୁସୁମମଣ୍ଡା ପ୍ରହାରିଲେ ସେ ହୁଅଇ ଯେମନ୍ତ ।
ସେହିରୂପେ କୃଷ୍ଣ ଅଙ୍ଗକୁ ଲାଗିଲା ଦୁଷ୍ଟରାକ୍ଷସ ମୁଥଘାତ ।

ସେ ଘାତ, ସହି ଦନ୍ତକର ଧଇଲେ ।
ଚକ୍ରଗଣ୍ଡ କରି ବୁଲାଇ ନିର୍ଘାତ କରି ଭୂମିରେ କଚାଡ଼ିଲେ ।୧୧।
ଛାଡ଼ିଲା ଜୀବନ ହୋଇଗଲା ଲୀନ ଗୋବିନ୍ଦ ଶ୍ରୀଅଙ୍ଗ ଦେଶରେ ।
କାମନା ଦହିଲା, ଶାନ୍ତିକି ବହିଲା, ପାତକ ଖଣ୍ଡିଲା ସତ୍ତ୍ୱରେ ।
ପାମର, ମରନ୍ତା ନାହିଁକି କାଳରେ ।
ରଙ୍ଗଭୁବନରେ ଶ୍ରୀକୃଷ୍ଣ କରେ ମଲ୍ଲ, ରହିଲା ଅପୂର୍ବ ଧାମରେ ।୧୨।
ଚାଣୂର ନିଧନ ଦେଖି ତମ ତମ ହୋଇଲେ ରୋହିଣୀ ନନ୍ଦନ ।
ମୁଷ୍ଟିକ ମୁଣ୍ଡରେ ମୁଷ୍ଟି ପ୍ରହାରିଲେ ଗିରିଶିରେ ବଜ୍ର ଯେସନ ।
ଫାଟିଲା, ମୂର୍ଦ୍ଧନ ଛାଡ଼ିଲା ପ୍ରାଣକୁ ।
ପାଇଲା ସୁଗତି ପରମସମ୍ପତ୍ତି ହରିଲା କଳୁଷଭାରକୁ ।୧୩।
ଅସୁରକୁ ମାରି ଅସୁରବଇରୀ ମୁହୂର୍ତ୍ତେ ବିଶୋଇ ନାହାନ୍ତି ।
କୂକ୍‌କୂଟ ନାମେ ଏକ ଦୈତ୍ୟ ପ୍ରବେଶ ହୋଇଲା ରାମଚନ୍ଦ୍ର କତି ।
ତାହାକୁ, ମୁଷ୍ଟିଘାତେ ରାମ ମାଇଲେ ।
ଆଉ ଯେତେ ମଲେ ପ୍ରଖରେ ଧାଇଁଲେ ସେହି ତାହାଙ୍କ ସଙ୍ଗେ ଗଲେ ।।
ଦେଖି କଂସାସୁର କମ୍ପେ ଥରହର ବୋଲଇ ଶୁଣ ହେ ଭଟରେ ।
ନନ୍ଦ ଯଶୋଦା ଦେବକୀ ବସୁଦେବ ବନ୍ଧନ ବସାଅ ଶୂଳରେ ।
ଯେତେକ, ଯାଦବ ସବୁଙ୍କୁ ବିନାଶ ।
ରାମକୃଷ୍ଣ ଦୁଇ ଭାଇଙ୍କ ଖଗାତେ ମୁହିଁ ପେଶିବି ଯମପାଶ ।୧୪।
ଏହା ଶୁଣି ହରି ଧାଇଁଲେ କେଶରୀ ଯେସନେ ଧରାଇ ମୃଗକୁ ।
କିବା ଖଗବର ଫଣୀଙ୍କି ଗ୍ରାସିଲା ଫଣୀ ଗ୍ରାସିଲା କି ଭେକକୁ ।
ତୈମନ୍ତ, ପରାକ୍ରମେ ଝାମ୍ପିଲେ ମୋହନ ।
ମଞ୍ଚାରେ ଉଠିବେ, ଦେଖି କଂସବୀର କୃପାଣ ଧଇଲା ବହନ ।୧୫।
ଧାଇଁ ପୀତବାସ ବାମ କରେ କେଶ ଧଇଲେ ହୋଇ କୋପମୂର୍ତ୍ତି ।
ଦଇତ ଦଇତାରିମୁଖ ଅନାଇ ଜୀବନ ଛାଡ଼ିଲା ତଡ଼ିତ ।
ନିର୍ବାଣ, ମୁକତିପଥରେ ପଶିଲା ।
ଅଶେଷ ଜନ୍ମର କଳୁଷ ଯେତେକ ଗୋବିନ୍ଦଦର୍ଶନେ ନାଶିଲା ।୧୭।
କଂଶ କବରୀ ଧରି ବ୍ରଜସୁନ୍ଦର ଡେଇଁଲେ କେଶରୀପରିରେ ।
ତଳେ ପଡ଼ିଲେ କଂସକୁ ତଳକରି ଶାମଳାଙ୍କ ବକ ଉପରେ ?
ପତନେ, ବୋଲନ୍ତି ଜଗତଜୀବନ ।
ଛାଡ଼ ଛାଡ଼ ମାମୁଁ ଉଚିତ ନୁହଇ ମୁଁ ତୁମ୍ଭ ବନ୍ଧଣୀନନ୍ଦନ ।୧୮।
ଛାଡିଲେ ବାଳ ନାଚନ୍ତି ନନ୍ଦବାଳ ସଙ୍ଗରେ ଗୋପାଳଶାବକ ।
କୁସୁମ ବରଷି ଜୟ ଜୟ ଭାଷି ଆନନ୍ଦ ହେଲେ ତ୍ରିଲୋକ ।

ଗନ୍ଧର୍ବେ, ଗାଇଲେ, ନାଚିଲେ କିନ୍ନର ।
ବୈଶ୍ୱାନର ଶିଖା-ମାନ ପ୍ରକାଶିଲା, ସଧୀରେ ବହିଲା ସମୀର । ୧୯ ।
ବିଦ୍ୟାଧରକୁଳ ହରଷ ହୋଇଲେ, ସ୍ତୁତି କରଇ ବେଦବର ।
ବସୁମତୀ ମତ ଯାହା ହେଉଅଛି, ତାହା ଜାଣନ୍ତି ଗଦାଧର ।
ବରୁଣ, କୁବେର, ଅରୁଣ, ଶଶାଙ୍କ ।
ଅତି ଆନନ୍ଦରେ ନିମଗ୍ନ ହୋଇଲେ, ଶଙ୍କା ଛାଡ଼ି ହେଲେ ନିଶଙ୍କ । ୨୦ ।
କୃତ୍ତିବାସ ରଙ୍ଗେ ତାଣ୍ଡବ କରନ୍ତି ସରିଲା ଯହୁଁ ଦୁଃଖଭାର ।
ଅଙ୍ଗ ଉଲ୍ଲସାଇ କୁଳଶାଧାରଣ ମୁଖ କଲା ପଦ୍ମଆକାର ।
ଗୋବିନ୍ଦ, ରଖିଲେ ସକଳ ଅମର ।
ବୋଲେ ବଇରାଗୀ ଭକତଚରଣ ଜନଙ୍କ ସମ୍ପଦସାଗର । ୨୧ ।

---

## ବ୍ୟୋବିଂଶ ଛାନ୍ଦ

(ରାଗ—ଦେଶାକ୍ଷ । ମଧୁପଚଉତିଶା ବୃତ୍ତ)

କଂସ ନିଧନ ଯହୁଁ ଦେଖିଲେ । ରାଜାମାନେ ବେଗେ ପଳାଇଲେ ।
କଙ୍କ ଧଙ୍କ ଶଙ୍କୁଜିତ ମହାସେନ ରାମ କୃଷ୍ଣଙ୍କୁ ଯାଇଁ ବେଢ଼ିଲେ ସେ ।
ଅସୁରେ । ୧ ।
ଦେଖି ଧାଇଁଲେ କାଳିନ୍ଦୀଭେଦୀ । ବୃଷ ଯୁଦ୍ଧେ ଯେସନ୍ତେ ଜମ୍ଭଭେଦୀ ।
ଲୋହ ମୁଷଳ ଉଗ୍ର ହୋଇ ପିଟିଲେ ମଲେ ଗଲେ ସେ ଶମନ ଭୂମି ସେ ।
ଅସୁରେ । ୨ ।
ରାଣୀମାନେ ଯେ ଥିଲେ ସଦନେ । ଲୋକେ କହିଲେ, ମଲେ ରାଜନେ ।
ଶୁଣି ରାସାସୁଣୀ ଧାଇଁଲେ ବହନ ଯାଇଁ ହେଲେ କାନ୍ତ ସନ୍ନିଧାନେ ସେ ।
ସୁନ୍ଦରୀ । ୩ ।
କୋଳେ ଧରି ମୃତ କଳେବର । ମୁଖ ଚୁମ୍ବି ହୋଇ ସ୍ନେହଭର ।
ଉଚ୍ଚସ୍ୱରେ କାନ୍ଦି କରେ କର ଛନ୍ଦି ଆହା ସ୍ୱାମୀ ବୋଲି ନେତ୍ରଧାର ସେ ।
ଅସୁରୀ । ୪ ।
ଗୁଣ କାଉନନ୍ତି ଏକେ ଏକେ । ହସ୍ତ ଅଙ୍ଗୁଳି ଭରନ୍ତି ମୁଖେ ।
ନାସା ଶ୍ରବଣ ଅଙ୍ଗୁଷ୍ଠି ଚିହ୍ନ ଦେଖି ବାଳୀ ମହୀରେ ପଡ଼ନ୍ତି ଥୋକେ ସେ ।
ଅସୁରୀ । ୫ ।
ରାଣୀ ବୋଇଲା, ଶୁଣ ସଂଘାତ । ନିଶ୍ଚେ ନାଶିଲେ ମୋହର କାନ୍ତ ।
ଶରୀରେ କାହିଁ ଶସ୍ତ୍ରଘାତ ନାହିଁ, କେସନ୍ତେ ମାଇଲେ ନନ୍ଦର ସୁତ ରେ ।
ସୁନ୍ଦରୀ । ୬ ।

ଶୁଣି ବୋଇଲୁ ଆର ଚତୁରୀ । ପୁତନାକୁ ମାଇଲେ କି କରି ।
ସେହିମତି ଅବା ଯଶୋଦାବାଳକ ପ୍ରାଣନାଥ ପ୍ରାଣ ନେଲେ ହରି ଗୋ ।

ସୁନ୍ଦରୀ । ୭ ।

ଏତେ କହି କରନ୍ତି ରୋଦନ । ଭାଙ୍ଗି ପକାଇଲେ ଚୂଡ଼ମାନ ।
କେଶ ବାସ ସବୁ ଅଶୋଭା ଦଶିଲା ପ୍ରାଣ ବିହୁନେ ପିଣ୍ଡ ଯେସନ ସେ ।

ସୁନ୍ଦରୀ । ୮ ।

ଆହା ସ୍ୱାମୀ, ବୋଲି କେହୁ ପଡ଼େ । ବାହୁ ମୃଣାଳ ହୃଦରେ କୋଡ଼େ ।
ଆହେ ପ୍ରାଣେଶ୍ୱର ମଥୁରାଈଶ୍ୱର ବୋଲି ମୃତପିଣ୍ଡ ନେଇ ଭିଡ଼େ ସେ ।

ସୁନ୍ଦରୀ । ୯ ।

ଧାତା କାହିଁକି ଏମନ୍ତ କଲୁ । କଉଁ ଦୋଷକୁ କ୍ରୋଧ ବହିଲୁ ।
ଯୁବାକାଳେ ଆଣି ବିଧବା କରାଇ କେଉଁ ସୁଖ-ଶିରୀ ଅରଜିଲୁ ସେ ।

ଦଇବ । ୧୦ ।

ଦୁଃଖୀ ନ ଥିବେ ଆମ୍ଭ ସମ ନେ । ଖୋଜି ଆସିଲେ ତିନଭୁବନେ ।
ଏ ଛାର ଜୀବନ କାହିଁକି ରହିଛି କାନ୍ତ ସଙ୍ଗେ ନ ଯାଇ ଶମନେ ହେ ।

ଦଇବ । ୧୧ ।

ଯାକୁ ଦଣ୍ଡେ ନ ଦେଖିଲେ ମରୁ । ଆସିବାକୁ ଗୃହିଁଥାଉଁ ଦୂରୁ ।
ଏବେ ସେ ସକଳ ସୁଖ ଦୂର ଗଲା, ଯେସନ୍ତେ ଛେଦିଲେ ନ ଲଗେ ତରୁ ହେ ।

ଦଇବ । ୧୨ ।

ଆହା ଯଦି ଯଦୁକୁଳଈଶ୍ୱର । କର୍ପା ଦୁଖ ନ ଶୁଣ ଆମ୍ଭର ।
ବଜ୍ରହୁଁ କଠିନ ହୃଦୟ ତୁମ୍ଭର ମୁଦି ରହିଲ ମଧୁର ଟିର ହେ ।

ଭୋ ନାଥ । ୧୩ ।

ଯୁଦ୍ଧ ନ କର ଜିଣିଲ ଦେଶ । ଡର ଅମରେ ଜେଲେ ବାସ ।
ରଣ ଛାଡ଼ି ରଣ-ରଙ୍କା ଏ ପଳାନ୍ତି କର୍ଣ୍ଣେ ଶୁଣି ତୁମ୍ଭ ଧନୁର୍ଘୋଷ ହେ ।

ଭୋ ନାଥ । ୧୪

ତିନଭୁବନେ ପଡ଼ିଲା ହୁରି । ନାମ ଶୁଣି ଦଣ୍ଡପାଣି ଡରି ।
ଅରିକୁଳକୁ କାଳ-ଦଇବତ ପାଦ ବାଜି କମ୍ପେ ବସୁନ୍ଧରୀ ହେ ।

ଭୋ ନାଥ । ୧୫ ।

ଏବେ ସେମାନ ଦୂରକୁ ଗଲା । ଯୁଦ୍ଧ ନ କରି ଶିଶୁ ମାଇଲା ।
ଏହି ଅକୀର୍ତ୍ତି ବଡ଼ ଲାଜ ହୋଇଲା, ଜ୍ୟେଷ୍ଠ ରାଣୀ ଏମନ୍ତ କହିଲା ସେ ।

ସୁନ୍ଦରୀ । ୧୬ ।

ଦ୍ୱିତୀୟ ରାଣୀ କରଇ ବିଳାପ । ଚିତ୍ତେ ଲଭି ଅଛି ଘୋର ତାପ ।
କଂସମୃତ କର ହୃଦରେ ନବେଶି ବୋଲେ କି କଲୁ ଜଗତବାପ ସେ ।

ସୁନ୍ଦରୀ । ୧୭ ।

ଆହା ମହାଯଶୀ ବୀରବର । ତୋତେ ଦେଖି ଡରେ ସୁନାସୀର ।
ମନ୍ତ୍ର ଅନ୍ଧ ହୋଇ ଅଭାଗ୍ୟବେଳକୁ ଏବେ ହୋଇଲ ମ ଟିମାର୍ଜାର ହେ ।
ଭୋ ଦେବ । ୧୮ ।

ହୃତ କହିଲେ ଖଗ୍ଗ ବୁଝିଲ । ପାପ ମନ୍ତ୍ରିଙ୍କ ବୋଲ ନ କଲ ।
ତାଙ୍କ ସୁଖେ ସେ ଗୋପରେ ରହିଥିଲେ, ଦୂତ ପେଷି କପଁା ଅଣାଇଲ ହେ ।
ଭୋ ଦେବ । ୧୯ ।

ଆପେ ପେଷିଲ ଯେତେ ଅସୁର । ତାଙ୍କୁ ମାଇଲେ ବେନି ସୋଦର ।
ତାହା ଜାଣୁ ଜାଣୁ ଏହା କପଁା କଲ, ଜାଣିଥିଲ କି ସମାନ ବୀର ହେ ।
ଭୋ ନାଥ । ୨୦ ।

ଅହି ଅତିକ୍ଷୁଦ୍ର ହୋଇଥାଇ । ବଳ ଦର୍ପରୁ ବାହାର ନୋହି ।
ତା ସମ୍ମୁଖେ ଯେବେ ମଣ୍ଡୁକା ପଡ଼ଇ ଫେଣ ଟେକ ଗର୍ଜି କାମୁଡ଼ଇ ହେ ।
ଭୋ ଦେବ । ୨୧ ।

ସେହିରୂପେ ସେ ନନ୍ଦର ବଳା । ବାଳ ଉରଗ ପରାୟେ ହେଲ ।
ସଦନୁ ବାହାର ମାମୁଙ୍କୁ ସଂହାର କାଲେ କାଳେ କୀର୍ତ୍ତି ରୁହାଇଲ ହେ ।
ଭୋ ଦେବ । ୨୨ ।

କାହା ସଙ୍ଗରେ ପଶା ଖେଳିବୁଁ । କାହା ଅଙ୍ଗେ ଚନ୍ଦନ ବୋଳିବୁ ।
କାହା ଆସିବାକୁ ଦ୍ୱାରବନ୍ଧ ଧରି ଆମ୍ଭେ ପୁଣ ପୁଣ ଚାହୁଁ ଥିବୁଁ ହେ ।
ଭୋ ଦେବ । ୨୩ ।

କାହା ପାଇଁ କରିବୁ ରନ୍ଧନ । ନାନା ବ୍ୟଞ୍ଜନ ସହିତେ ଅନ୍ନ ।
କାହାକୁ ତୃପତ କରି ଭୁଞ୍ଜାଇବୁଁ କାହା ପଛେ କରିବୁଁ ଭୋଜନ ହେ ।
ଭୋ ଦେବ । ୨୪ ।

କାହା କରେ ପାନ ଭାଙ୍ଗି ଦେବୁଁ । କାହା ପାଇଁ ବସ୍ତ୍ର କୁଞ୍ଚିଥିବୁ ।
କାହାକୁ ଅନାଇ ଉଭା ହୋଇଥିବୁଁ ; କାହାକୁ ପଙ୍ଖା ଆମ୍ଭେ କରିବୁଁ ହେ ।
ଭୋ ଦେବ । ୨୫ ।

କାହା ପାଇଁ ଶଯ୍ୟା ଶେଯାଇବୁଁ । କାହା ଅଙ୍କେ ନଟଙ୍କେ ବସିବୁଁ ।
କାହା ସଙ୍ଗେ ନାନା କଉତୁକ କରି ବିଭାବରୀ ଆନନ୍ଦେ ବଞ୍ଚିବୁଁ ହେ ।
ଭୋ ଦେବ । ୨୬ ।

ପୁଷ୍ପେ ମଣ୍ଡିବୁଁ କାହାର ଶିର । କାହା କଣ୍ଠରେ ଖଞ୍ଜିବୁଁ ହାର ।
ସେମାନ ଏବେ ଆଜ୍ଞ ଶୂନ୍ୟ ହୋଇଲ ସ ର ହୋଇ ହୋଇଲୁଁ ଅସାର ହେ ।
ଭୋ ଦେବ । ୨୭ ।

ସ୍ୱରୁ ବସନ କେ ପିନ୍ଧାଇବ । ନାନା ଅଳଙ୍କାର ଖଞ୍ଜାଇବ ।
କାହାକୁ ଅପୂର୍ବ ପଦାର୍ଥ ମାଗିଲେ ମନ ଜାଣି କେହୁ ଆଣିଦେବ ହେ ।
ଭୋ ଦେବ । ୨୮ ।

ଦୁଃଖୀ ହୋଇ ବସି ଥାଉଥିବୁ । ରଙ୍ଗ ବସନ ଭୂଷି ନୋହିବୁ ।
ନାନା ଅଳଙ୍କାର ବିହୁନେ କଦାଗ କାଳ ବୃଥା ପରାଏ ହୋଇବୁଁ ହେ ।
ଦେ ଦେବ । ୨୯ ।

ଭୁଜୀ ହୋଇ ରହିଲ କାହିଁକି । ଆମ୍ଭ ଆରତ୍ତି ଶୁଣ ନାହିଁ କି ? କିମ୍ପା
ନିଷ୍ଠୁର ହୃଦୟ କମ୍ପାଇ ହେଉଛ ସଙ୍ଗେ ଆମ୍ଭଙ୍କୁ ନେବ ନାହିଁ କି ହେ ।
ଦେ ଦେବ । ୩୦ ।

ତୁମ୍ଭ ଲାବଣ୍ୟ ଚନ୍ଦ୍ରମା ମୁଖ । ଦେଖି ପାଉଥାଉଁ ଯେତେ ସୁଖ ।
ସେ ସୁଖ ଆସି ଏବେ ଦୂର ହୋଇଲା ଆମ୍ଭେ ଭୁଞ୍ଜିବୁଁ ଅନେକ ଦୁଃଖ ହେ ।
ଦେ ଦେବ । ୩୧ ।

ଶୋଭା ନ ଦିଶେ ମଥୁରାପୁର । କାହିଁ ଗଲେ ତୋର ଯେତେ ବୀର ।
ବନ୍ଧୁ ସହୋଦର ଗଜ ରଜକାରୀ ଘେନି ଚଳିଲ ଶମନପୁର ହେ ।
ଦେ ଦେବ । ୩୨ ।

ଏତେ କହିଲା କଂସଙ୍କ ରାଣୀ । ପୁଣି କାନ୍ଦନ୍ତି ବାକୁଟି ଆଣି ।
ଧାଇଁ ମୁଦୁସୁଲି ସହିତେ ଯେତେକ ପଦେ ପଦେ କରି ଗୁଣ ଭଣି ସେ ।
କାମିନୀ । ୩୩ ।

ନାରୀମାନଙ୍କ ବିକଳ ଶୁଣି । ଦୟାସାଗର ମୁରଲୀପାଣି ।
କାନ୍ଦିଲା ପରାଏ ହୋଇ ମାଇଁଙ୍କର ମଧ୍ୟେ ହୋଇଲେ ବରଜମଣି ସେ ।
ଗୋବିନ୍ଦ । ୩୪ ।

ବେନି କରେ ପୋଛନ୍ତି ନୟନ । ଶୁଣ ମାଇଁମାନଙ୍କ ବଦନ ।
ଦଇବ କି କଲା ବାରେ ନ ସହିଲା କାଉଁ ଦୋଷରୁ କଲା ଏସନ ସେ ।
ବିଧାତା । ୩୫ ।

ତୁମ୍ଭମାନଙ୍କର କଂସ ଗଲା । ବୀରବର ମାମୁଁ ମୋର ମଲା ।
କାହିଁ ପଶିବି କେଜାଣି ପଳାଇବି ମୋତେ ଜଗ ଅନ୍ଧାର ଦିଶିଲା ହେ ।
ଦଇବ । ୩୬ ।

କାଳ ଯାଉ ଥିଲୁଁ ପରଘରେ । ଗାଈ ଚରାଇ ନାନା କଷ୍ଟରେ ।
ସୁଖ ହୋଇ ଅନ୍ନ ଜଳ ନ ମିଳଇ ଯାହା ଥିଲା ପୋଡ଼ ଅଦୃଷ୍ଟରେ ହେ ।
ଦଇବ । ୩୭ ।

ମନେ କଷ୍ଟରୁ ଥାଇ ମୋହର । ବଡ଼ ହେଲେ ଯିବି ମାମୁଁ ଘର ।
ସୁଖ ପାଇ ସବୁ ଦୁଃଖ ପାସୋରିବି ଏବେ ଅଭାଗ୍ୟ ଗଲା ଅନ୍ତର ହେ ।
ଦଇବ । ୩୮ ।

ବଡ଼ ଆଶା କରି ଆସିଥିଲି । ଆଶା ସମୁଦ୍ର ଭସାଇ ଦେଲି ।
ଏହି କଥା ହେଲା ମାଇଁମାନଙ୍କର ଏବେ ବିଧବା ରୂପ ଦେଖିଲି ହେ ।
ଦଇବ । ୩୯ ।

ମାମୁଁ ଗୁଣ ଅଛଇ ଯେତେକ । କହୁ ବସିଲେ ହେବ ଅନେକ ।
ତାତ ମାତଙ୍କୁ ଶଙ୍ଖୋଳ ଦିଆଇଲା ପୁଣ ମାଇଲା ଷଡ଼ ବାଳକ ହେ ।
ଦଇବ । ୪୦ ।

ତାତ ନିସତେ ଚୋରାଇ ନେଲା । ନନ୍ଦଘରେ ମୋତେ ଲୁଚାଇଲା ।
ସେ କଥା ଜାଣି ମାମୁଁ ମୋର ପୂତନା ପେଷି ଥରେ ମୋତେ ସଙ୍ଖୋଳିଲା ହେ
ଦଇବ । ୪୧ ।

ପୁଣି ଶକଟା ତୃଣାହୁଁ ଗଲେ । ବକା ବ୍ୟୋମା ଅଘା ବତ୍ସା ଭୁଲେ ।
ମାତୁଳ ବୋଲେ ଥରେ ଥରେ ସଙ୍ଖୋଳ ତାଙ୍କ ଉପକାର ସେହୁ କଲେ ହେ ।
ଦଇବ । ୪୨ ।

ସେହୁ ଗୁଣ କେ ଶୁଝି ପାରିବ । ଏହା ପରି ମାମୁଁ କେ ପାଇବ ।
ଆଉ ଯେତେ ଗୁଣ ଅଛି ତା କହିଲେ ତାହା କେ ବା କର୍ଣ୍ଣେରେ ଶୁଣିବ ହେ ।
ଦଇବ । ୪୩ ।

ବଡ଼ ହେଲି ଯହୁଁ ନନ୍ଦଘରେ । ମାମୁଁ ସ୍ନେହ କଲା ମୋହଠାରେ ।
ଅକ୍ରୁରକୁ ପେଷି ଡକାଇ ଆଣିଲା ସୁଖେ ରଖିବ ବୋଲି ବାସରେ ହେ ।
ଦଇବ । ୪୪ ।

ଆଣି କଂସର ଗୋଟିଏ କଲା । ଟୋପେ ଥିଲା ଯେ ବନ୍ଧଣୀବଳା ।
କେତେ ବୀରପଣ ହେଲଣି ଜାଣିମା ବୋଲି ହସ୍ତୀ ଦ୍ୱାରେ ଜଗାଇଲା ହେ ।
ଦଇବ । ୪୫ ।

ଧାଉଁ ଧାଉଁ ଗଜ ପଡ଼ି ମଲା । ମୋହ ନାମରେ ଶବଦ ହେଲା ।
ସେ କଥା ଜାଣି ଭୋଜକୁଳ-ନୃପତି ମାଲଙ୍କର ସଙ୍ଗେ ଯୁଝାଇଲା ହେ ।
ଦଇବ । ୪୬ ।

ମାଲେ ମଲେ ତାଙ୍କ ଅଭାଗ୍ୟରେ । ରାଜା ପ୍ରସନ୍ନ ହେଲେ ମୋହରେ ।
ଆନନ୍ଦ ହୋଇ ବାଜଣା ବଜାଇଲା ହସି ବସିଣ ମଞ୍ଚା ଉପରେ ହେ ।
ଦଇବ । ୪୭ ।

ମୁହିଁ ବିଚାର କଲଇଁ ମନେ । ପୂରି ଅଛନ୍ତି ରାଜନ ମାନେ ।
ତଳେ ଥାଇ ଯେବେ ଦର୍ଶନ କରିବି ମାମୁଁ ଅସୁଖ ଧରିବେ ମନେ ସେ ।
ନୃପତି । ୪୮ ।

ଉଣା ଦଶିବ ଏମନ୍ତ କଲେ । ଇନ୍ଦ୍ର ଡରଇ ଯାକୁ ଦେଖିଲେ ।
ତାହାର ଭଣଜା ତଳେ ଉଭା ହୋଇ ଅଛି ଏମନ୍ତ ବୋଲିବେ କାଳେ ହେ ।
ଦଇବ । ୪୯ ।

ଏହା ଜାଣି ଉପରକୁ ଗଲି । ରାଜା ପାଶେ ପ୍ରବେଶ ହୋଇଲି ।
ସ୍ନେହ କରି ମାମୁଁ ଧରିବା ବେଳକୁ, ଶିଶୁ ସିନା, ତଳ ଘୁଞ୍ଚିଗଲା ହେ ।
ଦଇବ । ୫୦ ।

ଧାଇଁ କୋଳେ କରନ୍ତେ ବନ୍ଧନ । ଦୁହେଁ ପଡ଼ିଲେ ମଥା ଢଳଣ ।
ସୁକୁମାର ସିନା ଦୁମ୍ଭଙ୍କନନ୍ଦନ ଝୁଣ୍ଟି ପଡ଼ନ୍ତେ ଗଲା ଜୀବନ ହେ ।
ଦଇବ । ୫୧ ।

ମୋ ର ଅଭାଗ୍ୟକୁ ଏହୁ ହେଲା । ତୁମ୍ଭମାନଙ୍କର କସ ଗଲା ।
କେତେ ସମ୍ପତ୍ତି ବଇଭୋଗ କରନ୍ତି, ତାହା ମନ ବାହୁ ନ ସହିଲା ଗୋ ।
ସୁମୁଖି । ୫୨ ।

କାହା ଖାଇବା ଅନ୍ନ ଫିଙ୍ଗିଲି । ଶିବଲିଙ୍ଗ କି ଅବା ଭାଙ୍ଗିଲି ।
ଏଣୁକରି ସିନା ଆଖି ନାଶ ଗଲା, ମାନୁଷ୍ୟେଭ୍ରଷ୍ଟ ଦଶା ପାଇଲି ହେ ।
ଦଇବ । ୫୩ ।

କୃଷ୍ଣ କାନ୍ଦିବା ଦେଖି ସକଳେ । ବୁଡ଼ିଗଲେ ମହାଦୁଃଖଜଳେ ।
ରାଣୀମାନେ ତୁନୀ ହୋଇଣ ରହିଲେ ମୁଣ୍ଡପିଣ୍ଡ ଛାଡ଼ି ତଳକାଳେ ସେ ।
କାମିନୀ । ୫୪ ।

କୃଷ୍ଣ ଭୟରେ ଥୋକେ ନିବର୍ତ୍ତି । ଥୋକେ କର୍ମ ଆଦରି ତୃପତି ।
ଥୋକେ ଶ୍ୟାମ ନବଲାବଣ୍ୟମୂରତି ନେନେ ଦେଖିଣ ହୋଇଲେ ଶାନ୍ତ ସେ ।
କାମିନୀ । ୫୫ ।

ଗୃହ ଭିତରେ ପଶିଲେ ଯାଇ । କାନ୍ତ ସ୍ୱରୂପ ମନରେ ଥୋଇ ।
ନନ୍ଦର ନନ୍ଦନ କଂସ କଳେବର ଅଗ୍ନିମୁଖେ ଦହନ କରାଇ ସେ ।
ଗୋବିନ୍ଦ । ୫୬ ।

ଉଗ୍ରସେନକୁ ନୃପତି କଲେ । ମାତା ପିତା ବନ୍ଧନ ଫେଡ଼ିଲେ ।
ନନ୍ଦ ଯଶୋଦାଙ୍କୁ ମେଲାଣି କରିଣ ସୁଖେ ମଧୁକାଠେ ରହିଲେ ସେ ।
ଗୋବିନ୍ଦ । ୫୭ ।

ନାନା କଉତୁକ ଲୀଳାମାନ । କରି ବିହରନ୍ତି କୃଷ୍ଣ ରାମ ।
କେତେଦିନେ ପୁଣ କୁବୁଜାପୁରକୁ ନନ୍ଦନନ୍ଦନ କଲେ ଗମନ ସେ ।
ଗୋବିନ୍ଦ । ୫୮ ।

ରାଜ୍ୟ ହୋଇଲା ଯହିଁ ତାଙ୍କର । ଉଗ୍ରସେନକୁ କଲେ ଈଶ୍ୱର ।
ସେହିକାଳେ କଂସ-ନାରୀମାନେ ତରେ ଗଲେ ଜରାସନ୍ଧରାଜ-ପୁର ସେ ।
କାମିନୀ । ୫୯ ।

ପିତା ଆଗରେ କାନ୍ଦି କହିଲେ । ସ୍ୱାମୀ ନାଶିଲେ ବୋଲି ବୋଇଲେ ।
କହେ ବଇରାଗୀ ଭକ୍ତଚରଣ ନନ୍ଦନନ୍ଦନ ତାଙ୍କୁ ମାଇଲେ ହେ ।
ଜନକ । ୬୦ ।

## ଚତୁର୍ବିଂଶ ଛାନ୍ଦ

( ବାଣୀ କଳଶା—ବନବାସ ଚଉତିଶା ବୃତ୍ତେ ,

ଏଥୁ ଅନନ୍ତରେ କେତେକାଳ ଗଲା ବହି ।
ପଡ଼ିଲେ ଗୋବିନ୍ଦମନେ ଗୋପପୁର ଗୋଷ୍ଠ ।୧।
ଘୋଟିଲା ମଦନନାଶୀ, ଦଶିଲା ଅନ୍ଧାର ।
ବେଢ଼ିଲ ବେଳ କାଳିନ୍ଦୀକୁ ଦାହିଲା ରଭବର ।୨।
ଗୋପୀମାନଙ୍କର ସଙ୍ଗ ରଙ୍ଗ ପରିହାସ ।
ସୁମରନ୍ତେ ରହିଯାନ୍ତି ପଶ୍ଚିମେ ଦିନେଶ ।୩।
ବସୁଦେବପୁରେ ହରି କଲେକ ଭୋଜନ ।
ଦନ୍ତିଦନ୍ତ ପଲଙ୍କରେ କଲେକ ଶୟନ ।୪।
ସପନେ ଦେଖନ୍ତି ଗୋପ ବୃନ୍ଦାବନ ଦେଶ ।
ଶିରିପାଶେ ବେଢ଼ି ରହିଛନ୍ତି ଗୋପଶିଶୁ ।୫।
ପୁଣିହିଁ ଦେଖିଲେ ନନ୍ଦ-ମନ୍ଦିରେ ଅଛନ୍ତି ।
ଜନନୀ ଯଶୋଦା ଅଙ୍ଗେ କୁଙ୍କୁମ ଲେପନ୍ତି ।୬।
ପୁଣିହିଁ ଦେଖିଲେ କୁଞ୍ଜେ ଗୋପୀଙ୍କ ସଙ୍ଗରେ ।
କରନ୍ତି ବିବିଧ କେଳି ବସନ୍ତ କାଳରେ ।୭।
ପୁଣିହିଁ ଦେଖିଲେ ରାଧା ସଙ୍ଗେ କଉତୁକେ ।
ହୋଡ଼ି କରି ପଶାଖେଳ ଖେଳନ୍ତି ଉତ୍ସୁକେ ।୮।
ଏହା ଦେଖି ଶ୍ୟାମଘନ ଚମକି ପଡ଼ିଲେ ।
ଭେଦିଲା ମଦନଶର ଆରତ ହୋଇଲେ ।୯।
ବିଚାରନ୍ତି କେମନ୍ତେ ପାହିବ ବିଭାବରୀ ।
ପେଷିବି ଉଦ୍ଧବ କାଲି ଯିବ ଗୋପପୁରୀ ।୧୦।
ନନ୍ଦ ଯଶୋଦାଙ୍କ ଭଲ ମନ୍ଦ ବୁଝି ଆସୁ ।
ମୋ ବାରତା କହି ଗୋପୀଙ୍କର ଦୁଃଖ ନାଶୁ ।୧୧।
ସେମାନେ ମୋହର ପ୍ରାଣ ମୁହିଁ ତାଙ୍କ ଧନ ।
ମୋହ ବିଚ୍ଛେଦରେ କେହ୍ନେ ବଞ୍ଚିଥିବେ ଜନ ।୧୨।
କହି ଆସିଥିଲି ଶିରିଦିନେ ବାହୁଡ଼ିବି ।
ଏବେ ତ ନ ଗଲି କେହ୍ନେ ବଞ୍ଚିବେ ବାଳବୀ ।୧୩।
ଦଣ୍ଡେ ମାତ୍ର ଅନ୍ତର ହୋଇଲେ ହୋନ୍ତି ଯାହା ।
ଏବେ ଏତେ କାଳ ହେଲା କେ ହୋଇବ ସାହା ।୧୪।
ବନେ ଗଲେ ଚାହିଁଥାନ୍ତି ଆସିବା ପଥକୁ ।
ଏବେ ସେହିରୂପେ ଚାହିଁଥିବେ ମଥୁରାକୁ ।୧୫।

ଏମନ୍ତ ଭାଳନ୍ତେ ନଷ୍ଟ ହୋଇଲା ପ୍ରଭାତ ।
ଡାକିଲେ ଚରଣାୟୁଧ, କହେ ପରଭୃତ । ୧୬ ।
ଘନ ଘନ ଶଙ୍ଖସ୍ୱନ ଶୁଭେ ଦେବଅଳେ ।
ବାୟସ କପୋତ ନାଦ କଲେ କୋଳାହଳେ । ୧୭ ।
ଜଳବଗମାନେ ଉଠି କରନ୍ତି କ୍ରିରଡ ।
ଜୂପାଜୀବାସ୍ଥରୁଁ ଜାର-ପୁରୁଷେ ପଳାନ୍ତି । ୧୮ ।
ଚୋରମାନେ ନିବର୍ତ୍ତିଲେ, ଚକ୍ରବାକେ ସୁଖୀ ।
ଦ୍ରୋଣ ଭରେ ଉଲୂକ ମଣ୍ଡୂକ ବଳେ ଲୁଚି । ୧୯ ।
ପୂର୍ବଦିଗେ ଉଦୟ ହୋଇଲେ ଦିନକର ।
ଫୁଟିଲେ ପଙ୍କଜ, କୁମୁଦିନୀ ଲଜ୍ଜାଭର । ୨୦ ।
ଉଠିଲେ ଆସନ ତେଜି ପ୍ରଭୁ ଚକ୍ରପାଣି ।
ବାସଜଳେ ଆଚମନ କଲେ ଦାନୁଆଣି । ୨୧ ।
ନିତ୍ୟକର୍ମ ସାରି ସ୍ନାନ ସୁବେଶ ହୋଇଲେ ।
ସାତ୍ୟକି ପେଷିଣ ଉଦ୍ଧବଙ୍କୁ ଅଣାଇଲେ । ୨୨ ।
କହନ୍ତି କୋମଳ କରି ବସୁଦେବ ସୁତ ।
ଆମ୍ଭ ଆଜ୍ଞା ଘେନି ତୁମ୍ଭେ ଗୋପେ ହୁଅ ଦୂତ । ୨୩ ।
ଆମ୍ଭର କୁଶଳ ନନ୍ଦ ଯଶୋଦାଙ୍କୁ କହ ।
ବୃନ୍ଦାଆଦି ଗୋପରେ 'ଅଛନ୍ତି ଯେତେ ଗୋଈ । ୨୪ ।
ସୁଦାମ ଶ୍ରୀଦାମ ଘେନି ଯେତେ ମୋର ସଙ୍ଗ ।
ତାହାଙ୍କୁ ମୋହୋର ଶୁଭ କହ ଯାଇ ବେଗ । ୨୫ ।
ସେମାନେ ମୋହର ଦେହ, ମୁହିଁ ତାଙ୍କ ପ୍ରାଣ ।
ତାଙ୍କଠାରେ ଉଦ୍ଧବ ମଣିମ ନାହିଁ ଆନ । ୨୬ ।
ଏତେ ବୋଲି ପତ୍ର ଲେଖି ଭକ୍ତହସ୍ତେ ଦେଲେ ।
ଆଜ୍ଞା ପାଇ ରଥବରେ ଉଦ୍ଧବ ବସିଲେ । ୨୭ ।
ଆନନ୍ଦ ମନରେ ସେ କୁରୁର ନିଜସୁତ ।
ବାହଇ ବଇସଂକର କାଳକେତୁ ରଥ । ୨୮ ।
ବିଚାରଇ ମୋହଠାରେ କୃଷ୍ଣର ସୁଦୟା ।
ତିଳାର୍ଦ୍ଧ ପ୍ରମାଣେ ହୃଦପଦ୍ମେ ନାହିଁ ମାୟା । ୨୯ ।
ଯେଉଁ ଗୋପୀମାନଙ୍କୁ ଭାବନ୍ତି ସୁର ମୁନି
ଯକ୍ଷ, ରକ୍ଷ, ଗନ୍ଧର୍ବ, ଶଙ୍କର, ପଦ୍ମଯୋନି । ୩୦ ।
ଭବ ଲଭ ନାହାନ୍ତି ଯାହାଙ୍କ ପାଦରଜ ।
ତାଙ୍କୁ ସନ୍ତୋଷିବାକୁ ପେଷିଲେ ଦେବରାଜ । ୩୧ ।

ଧନ୍ୟ ମୋର ତାତ ମାତ ଧନ୍ୟ ମୋ ଜୀବନ ।
ଧନ୍ୟ ମୋର ନୟନ ଦେଖିବ ଗୋପୀଜନ । ୩୨ ।
ଏତେ ବୋଲି ଉଦ୍ଧବର ବାହାଇ ବେଗେ ସେ ।
ବେନି ନେତ୍ରୁଁ ଅଶ୍ରୁଧାର ବହଇ ହରଷେ । ୩୩ ।
କୃଷ୍ଣ କୃଷ୍ଣ ବୋଲି ଉଚ୍ଚେ ବୋଲଇ ଆନନ୍ଦେ ।
ପ୍ରେମେ ଥରଥର ତନୁ କ୍ଷଣେ କ୍ଷଣେ କାନ୍ଦେ । ୩୪ ।
ଘନଘନ ଚାହେଁ ଯାନ ମନର ଉତ୍ସୁକେ ।
ଦେଖିଲି ଖେଳନ୍ତି ପଥେ ଗୋପର ବାଳକେ । ୩୫ ।
ଉଦ୍ଧବ ବୋଲନ୍ତି ଆହେ ଶିଶୁମାନେ ଶୁଣ ।
କହ ଏହୁ ଗ୍ରାମର ଅଟଇ କିସ ନାମ । ୩୬ ।
ଏହା ଶୁଣି ବ୍ରଜସୁତେ ବୋଲନ୍ତି ହେ ରଥୀ ।
ଏହି ଶ୍ରୀ ଗୋପନଗର କୃଷ୍ଣ ଥିଲେ ଏଥି । ୩୭ ।
କାଲି ଯାଙ୍କ ସଙ୍ଗ ହୋଇ ଖେଳୁଥିଲୁ ରଙ୍ଗେ ।
ଧାତା ଭଣ୍ଡ କଲା ଗଲେ ଅକ୍ରୂରର ସଙ୍ଗେ । ୩୮ ।
ସେହି ବିନୁ ଅସୁନ୍ଦର ଦିଶିଲା ନନ୍ଦନ ।
ଚନ୍ଦ୍ରମା ନ ଥିଲେ ତାରା ଦିଶନ୍ତି ଯେସନ । ୩୯ ।
ମୂଳ ଗଲେ ଡାଳ ଯେଉଁ ପ୍ରକାରେ ଦିଶଇ ।
ସେହିରୂପେ ଗୋବିନ୍ଦ ବିହୁନେ ଅଛୁ ରହି । ୪୦ ।
ଏମନ୍ତ ସମୟେ ତହିଁ ଏକଇ ନନ୍ଦନ ।
କୃଷ୍ଣ କଥା ଶୁଣି ଆଖି କଲା ଥନଥନ । ୪୧ ।
କାନ୍ଧ ମଣ୍ଡି ଉପରେ ପଡ଼ିଲା ଗୋପସୁତ ।
ଶିରେ କର ତାଡ଼ି ବୋଲେ ଆହା ରେ ବିଧାତା । ୪୨ ।
ଯେତେ ସୁଖେ କୃଷ୍ଣ ସଙ୍ଗେ କରୁଥାଉ ଲୀଳା ।
ଏବେ ସେ ସପନ ଧନ ପ୍ରାୟେ କାହିଁ ଗଲା । ୪୩ ।
ଏହିଠାରେ ଏକଦିନେ ମୋର ସଙ୍ଗେ ହରି ।
ଖେଳେ ଜିଣି କ୍ରୋଧ କରି ନେଲେ ମୋତେ ଧରି । ୪୪ ।
ଯମୁନାରେ ବୁଡ଼ାଇ ବୋଳିଲେ ଅଙ୍ଗେ ବାଲି ।
ଛାଡ଼ି ଦେଲେ ଯାଇଁ ରାଣୀ ଆଗରେ କହିଲି । ୪୫ ।
ଶୁଣି ମାଏ ଛାଟି ଧରି ଗୋଡ଼ାଇଲେ ରାଗେ ।
ଗୋବିନ୍ଦ ପଳାନ୍ତେ ମୁହିଁ ଓଗାଳିଲି ଆଗେ । ୪୬ ।
ଧାଇଁ ଯଶୋବନ୍ତୀ କର ଧଇଲେ ତାଙ୍କର ।
ତହିଁ ଶ୍ୟାମଘନ ବୋଲେ ଯୋଡ଼ି ବେନି କର । ୪୭ ।

ସେ ଯାହା କହିଲେ ମାଏ ହୋଇଲେ ସନ୍ତୋଷ ।
ସେ କଥା ସୁମର ଉଡ଼ି ଯାଉଛି ସାହସ । ୪୮ ।
ଏହିମତେ ପୋଏ ପୂର୍ବ କଥାମାନ କହି ।
ଉଭି ହୋଇଛନ୍ତି ନେତ୍ରୁ ଅଶ୍ରୁ ଯାଏ ବହି । ୪୯ ।
ଏହା ଦେଖି ଉଦ୍ଧବ ବିଚାର କରେ ମନେ ।
ଧନ୍ୟ ଏ ଗୋକୁଳପୁର ଧନ୍ୟ ଏଥି ଜନେ । ୫୦ ।
ଏ ବାଳକେ କୃଷ୍ଣର ଶତଯେ ଏଡ଼େ ଭାବ ।
ଗୋପୀଙ୍କର ମନ ଅବା କେତେ ରସେ ଥିବ । ୫୧ ।
ଏହା ଭାଳୁଁ ଉଦ୍ଧବଙ୍କୁ ବୋଲନ୍ତି ନନ୍ଦନ ।
ତୁମ୍ଭେ କଉଁ ଦେଶରୁ କରିଛ ଆଗମନ । ୫୨ ।
ଏହିମନ୍ତ ଅକ୍ରୂର ଥରେକ ଆସିଥିଲା ।
ରଥେକ ଆରୋହି ଗୋପସମ୍ପଦ ନାଶିଲା । ୫୩ ।
ଏଣୁ କରି ଭୟ ପାଇ କରୁଛୁ ବିଚାର ।
ତଥାପି ଆସିଛ ଆଉ କି ନେବ ଏଥର । ୫୪ ।
କାହାର ନନ୍ଦନ ତୁମ୍ଭେ କହ ହେ ଗୋସାଇଁ ।
ଶୁଣି କୃଷ୍ଣଦୂତ କହେ ଉଦ୍ଧବଟି ମୁହିଁ । ୫୫ ।
ତୁମ୍ଭର ନିମନ୍ତେ ମୋତେ ପେଷିଛନ୍ତି ହରି ।
ଚାଲ ହେ ବାଳକେ ଯିବା ନନ୍ଦଗୋପପୁରୀ । ୫୬ ।
ଶୁଣି ବ୍ରଜବାଳକେ ଆନନ୍ଦମନେ ଧାଇଁ ।
ନନ୍ଦର ନଅର ନେଇ ଦେଲେକ ଦେଖାଇ । ୫୭
ଭିତରେ ପଶି ନନ୍ଦନେ ରାଣୀ ଆଗେ କହି ।
ବୋଲେ ଭକ୍ତଦାସ ନେତ୍ରୁ ଜଳ ଯାଏ ବହି । ୫୮ ।

---

## ପଞ୍ଚବିଂଶ ଛାନ୍ଦ

( ରାଗ କାମୋଦୀ )—( ୧ )

ବୋଲନ୍ତି ନନ୍ଦନେ ଶୁଣ ଗୋ ଜନନି ଅପୂର୍ବ ଚରିତ ।
ରାମକୃଷ୍ଣ ବେନି ଦୂତ ପେଷିଛନ୍ତି କହିବେ ଉଦନ୍ତ । ୧ ।
ରଥେ ଆରୋହି ଉଦ୍ଧବ ଆସି ରହି ଅଛନ୍ତି ଦୁଆରେ ।
ହାର ପରି କରି ପତ୍ରିକା ଖଣ୍ଡିଏ ଲମ୍ବାଇ ହସ୍ତାରେ । ୨ ।
ଶୁଣି ଯଶୋବନ୍ତୀ ଆନନ୍ଦେ ଉଠିଲେ ଆଗରେ ଭ୍ରମରେ ।
ଘରୁ ବାହାରି ଉଦ୍ଧବଙ୍କୁ ଭେଟିଲେ କମ୍ପିଲେ କାତରେ । ୩ ।

କୃଷ୍ଣର ମୂରତି ପଶୁଏ ଦିଶଇ ଉଦ୍ଧବ ବିଭ୍ରାନ୍ତ ।
ପୁଣ ପ୍ରାପ୍ତେ ମଣି ନନ୍ଦର ଘରଣୀ କରଇ ସେନେହ । ୪ ।
ପାରୁଶେ ମିଳ ଦେଖିଲେ ବନମାଳୀ ନୁହନ୍ତି ଜାଣିଲେ ।
ଦାଇବ କାହ୍ନୁ ଗୋବିନ୍ଦ ଭେଟାଇବ ମନରେ ଗୁଣିଲେ । ୫ ।
ବସ ବୋଲି ହେମମଣ୍ଡିତ ଆସନ ତୁରତେ ପକାଇ ।
ସୁବାସିତ ଜଳ ଚରଣ ଧଉତ ନିମନ୍ତେ ଦିଅଇ । ୬ ।
ଆଦର ପାଇ ଚରଣ ବେନି ଧୋଇ ବସିଲେ ଆସନ ।
ବୋଲନ୍ତି ଯଶୋଦା କି କାର୍ଯ୍ୟେ ଆପଣ କରିଛ ଗମନ । ୭ ।
ଅକ୍ରୂରକୁ ପେଷି କୃଷ୍ଣ ଘେନା ଗଲ ସାରିଲ ସମ୍ପତ୍ତି ।
ଏଥି ଉପରେ ବିଗୃହ କରିବାକୁ ନାହିଁ ନା ବିପତ୍ତି । ୮ ।
ତୁମ୍ଭେ ଏବେ କିସ ନେବାକୁ ଆସିଛ ନେବ କି ଜୀବନ ।
ଉତ୍ତମ ହୁଅନ୍ତା ସନ୍ତାପ ସରନ୍ତା ହରନ୍ତି ଦୁର୍ଦ୍ଦିନ । ୯ ।
ଯେତେଦିନୁ ଶ୍ୟାମ—ସୁନ୍ଦର ଗଲେଣି ମଥୁରା ଭୁବନ ।
ସେହିଦିନୁ ଦୁଃଖ, କ୍ଷଣେ ନାହିଁ ସୁଖ ପୋଡ଼ଇ ଜୀବନ । ୧୦ ।
ଅନ୍ଧ ହସ୍ତରୁ ଯଷ୍ଟି ଗଲେ ସେ ଯେସନେ ହୁଅଇ ଉଛବ ।
ସେହିରୂପେ ମୁହିଁ ଭ୍ରମି ମରୁଅଛି ଗଲାରୁ ମାଧବ । ୧୧ ।
ବାରି ବିହୁନେ ବାରିଜ ଯେଉଁ ମତେ ହଂସର କାରଣେ ।
ତପତ-ସଲିଳେ ଥିଲେ ମୀନମାନେ ହୁଅନ୍ତି ଯେସନେ । ୧୨ ।
ମଧୁସୂଦନ ପର ହାତ ହୋଇଲେ ସରଘା ଯେସନ ।
ଦ୍ୱିଜରାଜକୁ ନ ଦେଖିଲେ ଯେମନ୍ତ କୁମୁଦବିପିନ । ୧୩ ।
ସେହିପରି ହୋଇଁ ନିରତେ ବଞ୍ଚଇ ଗଲାରୁ ନନ୍ଦନ ।
କା ଆଗେ କହିବି କେ ଦୁଃଖ ଶୁଣିବ ଦଇବ ଦାରୁଣ । ୧୪ ।
ମୋ ସୁଖ-ସମ୍ପତ୍ତି ଦେଖି ନ ପାରିଲା ବହିଲା ଅହନ୍ତା ।
ଯାହା କଲା ତାହା କ୍ଷଣକେ ଶୁଝନ୍ତି ପାରୁଶେ ଥାଆନ୍ତା । ୧୫
କହୁଁ କହୁଁ ନେତ୍ରୁଁ ବାରି ବରଷଇ ଛନ୍ଦଇ ଧୁଁକାଳ ।
ଯଶୋଦା ବିଳାପ ଦେଖି ହରିଦୂତ ହୋଇଲେ ବିକଳ । ୧୬ ।
ବୋଲନ୍ତି ଉଦ୍ଧବ ଶୁଣ ଗୋ ମାଧବ—ଜନନୀ ମୋ ଗିର ।
ଅବଶ୍ୟ ଆସିବେ ତୁମ୍ଭ ଦୀନବନ୍ଧୁ ଏ ଗୋପନଗର । ୧୭ ।
ସକଳ ଜୀବରେ ବିହାର କରଇ ନାହିଁ ତା ବିକାର ।
ସକଳ ମନ୍ତ୍ର ସକଳ ବେଦାନ୍ତରେ ଯେସନେ ଓଁକାର । ୧୮ ।
ସେହିରୂପେ ଜଳ ସ୍ଥଳ ଆକାଶରେ ପୂରିଛି ଗୋବିନ୍ଦ ।
ତାହା ନ ଥିବାର ସଂସାରେ ନାହାନ୍ତି ବିଅର୍ଥେ ନ କାନ୍ଦ । ୧୯ ।
ତୁମ୍ଭ ଦେହେ ସେହି ମୋର ଦେହେ ସେହି ଜାଣଇ କନ୍ଦାଇ ।

ହସାଇ ହସି, ରସାଇ ରସେ, ବାନ୍ଧି ବନ୍ଧାଇ ହୁଅଇ । ୨୦ ।
ମାରଇ ତାରଇ ସୃଜଇ ସକଳ ତାହାର ଘଟଣା ।
କୀଟୁଁ ବ୍ରହ୍ମଯାଏ ବ୍ୟାପି ରହିଅଛି ନ ଯାଇ ଗଣନା । ୨୧ ।
ଏ ବାଣୀ ଶୁଣି ବୋଲନ୍ତି ନନ୍ଦରାଣୀ ଶୁଣ ହେ ଉଦ୍ଧବ ।
ତାହା କେ ଜାଣଇ ମନକୁ ଆଣଇ ମୋ ପୁତ୍ର ମାଧବ । ୨୨ ।
ସେମାନେ ଊର୍ଦ୍ଧ୍ୱରେତା-ମାନେ ଜାଣନ୍ତି, କରନ୍ତି ସାଧନ ।
ଆମ୍ଭେ ଯେ ଯୁବତୀ ଶୁଦ୍ଧ ନୋହେ ମତ ମୂଳହିଁ ନନ୍ଦନ । ୨୩ ।
ବୋଇଲ ଯେ ମୋହୋ ଦେହରେ ରହିଛି ଏ କଥା ପ୍ରମାଣ
ନିରବଧି ହୃଦେ ନର୍ତ୍ତନ କରଇ ମୋହୋର ନନ୍ଦନ । ୨୪ ।
ଶୁଣି ଏ ବଚନ ଉଦ୍ଧବ ବୋଲନ୍ତି ଶୁଣ ଗୋ ଜନନୀ ।
ବଅର୍ଥେ କି ପାଇଁ ମୋହର ମୋହର ବୋଲୁଛ ନ ଜାଣି । ୨୫ ।
ଜ୍ଞାନମାନେ ଯାର ଚରଣ ପୂଜନ୍ତି ତରିବା ନିମନ୍ତେ ।
ରୂପ ନୁହଇ ସେ ଅରୂପ ନୁହଇ ଶୂନ୍ୟ ସେ ଅନନ୍ତେ । ୨୬ ।
ଏଣୁକରି ବ୍ରହ୍ମଜ୍ଞାନମାନେ ଠୁଳ ବେ ଲିଣ ବୋଲନ୍ତି ।
ତୁମ୍ଭେ ତାହା ଜାଣି ନ ପାରିବ ଶୁକ ସନକେ ଜାଣନ୍ତି । ୨୭ ।
ଭବ ବିରଞ୍ଚି ନାରଦ ଶେଷ ଜାଣି ନ ଜାଣି ଭ୍ରମନ୍ତି ।
ଏଡ଼େ ପ୍ରଭୁଙ୍କୁ ପୁତ୍ର କରି ଭାବୁଛ ଦଇବେ ଯୁବତୀ । ୨୮ ।
ଶୁଣି ଗୋବିନ୍ଦ-ଗର୍ଭଧାତ୍ରୀ ବୋଲନ୍ତି ଶୁଣ ହେ ଯାଦବ ।
ତାହା କେ ଜାଣଇ ଯେତେ ବୁଝାଇଲେ ମୋ ପୁତ୍ର ମାଧବ । ୨୯
ଠୁଳ ଶୂନ୍ୟ ବୋଲି ଯାହାକୁ ବୋଲୁଛ ସେ ନୋହେ ଗୋଚର ।
ତୁମ୍ଭେ ତାହାକୁ କି କରି ବଶ କଲ ସେ ନୋହେ କାହାର । ୩୦ ।
ପବନକୁ ଯେହ୍ନେ ଧରି ରଖିବାକୁ ଉପାୟ ନ ଦିଶେ ।
ଜଳେ ଯେହ୍ନେ ଚନ୍ଦ୍ର-କାନ୍ତି ସେହିମତି ଦେହରେ ପ୍ରକାଶେ । ୩୧ ।
ଛାଡ଼ ସେ ବିଷୟ ନ କର ସଂଶୟ ଗୋବିନ୍ଦ ଉପର ।
ବ୍ରହ୍ମ ବ୍ରହ୍ମ ବୋଲି କେତେ ବୋଲ ତାକୁ ସେ ମୋର କୁମର । ୩୨ ।
ତଥାପି ଯୋଗୀ ବ୍ରହ୍ମ ଧ୍ୟାନ କରନ୍ତି ମୁକ୍ତିର ନିମତ୍ତ ।
ସେ କଥା କାହିଁକି ଏଠାରେ ପଡ଼ିଛି ନୁହଇ ଏମନ୍ତ । ୩୩ ।
ଯେବେ ସେ କଥା କାହାକୁ ବତୁର ଗୋପରେ ନ ଥାଅ ।
ଯହିଁ ଥିବେ ବ୍ରହ୍ମ ଜ୍ଞାନ ଥିଲୁ ଲୋକେ ତାହାଙ୍କୁ ବୁଝାଅ । ୩୪ ।
ମୋହର ନନ୍ଦନ ଘନବରନଆ ପ୍ରସଙ୍ଗ ଶୁଣାଇ ।
ଚିତ୍ତ ଶାନ୍ତ କର, ନୋହିଲେ ବାହୁଡ଼, ସ୍ୱରୂପ କହଇ । ୩୫ ।
ଯହିଁକି ଆସିଛ ସେ କଥା ନ କହ କହୁଛ ଏମାନ
କେ ଜାଣଇ ଜ୍ଞାନ କେ ଜାଣଇ ବ୍ରହ୍ମ କେ ଜାଣେ ଭଜନ । ୩୬ ।

ଯଉଁ ଯଉଁ ଜ୍ଞାନ ଭଜନ ସାଧନ କରୁଛ କହଇ ।
ଏକା ଶ୍ୟାମଘନ—ବରନ ମୋ ଧନ ଏହିକି ଜାଣଇ । ୩୭ ।
ତାହାର ରୂପକୁ ଧ୍ୟାନ କରୁଅଛି କହିଲି ତୁମ୍ଭଙ୍କୁ ।
ତାହାର କଥାକୁ ଶ୍ରବଣ ଦେଉଅଛି ନ ଶୁଣି ଆନକୁ । ୩୮ ।
ସତେ କି ଦଇବ ଥରେ ଭେଟାଇବ ମୁଁ ଦୁଃଖୀ ନାରୀକି ।
ସୁନା ପରି କରି ଦେଖେ ବନ୍ଧିଥିବ ମୁରଲୀଧାରୀକି । ୩୯ ।
କହ ହେ ଉଦ୍ଧବ ସତେ କି ମାଧବ ଆସିବେ ମୋହର ।
ଏତେ କହି ନାରୀ ମହୀରେ ପଡ଼ିଲ ବିଚ୍ଛେଦ ସ୍ଥାବର । ୪୦ ।
ଉଠେ ଛିରେ କର ମାରଇ ଅପାର କରଇ ବିଳାପ ।
କୃଷ୍ଣ କୃଷ୍ଣ ବୋଲି ଉଚ୍ଚେ ବୋଲେ ଯେସନ୍ତେ ବାତୁଳ ପ୍ରଳାପ । ୪୧ ।
ନୀରଜ ନୟନୁ ନୀର ବହିବାରେ ତିନ୍ତିଲା ଦୁକୂଳ ।
ଯଶୋଦା ଅବସ୍ଥା ଦେଖି ହରିଦୂତ ହୋଇଲେ ବିକଳ । ୪୨ ।
ବୋଲନ୍ତି ହେ ମାତ ନୁହ ଗୋ ଆରତ ଆସିବେ ମୁକୁନ୍ଦ ।
ଏହା ଶୁଣି ରାଣୀ ଶାନ୍ତିକି ଲଭିଲେ ହୋଇଣ ଆନନ୍ଦ । ୪୩ ।
ଉଦ୍ଧବ—ମୁଖକୁ ଅନାଇ ବୋଇଲେ ସତ୍ୟ କି ଏ ବାଣୀ ।
ନ ପୁଣ କୃଷ୍ଣ ପରାଏ ତୁମ୍ଭେ ହୁଅ ଏମନ୍ତ ବଖାଣି । ୪୪ ।
ସେ ଯେସନ୍ତେ ଗୃହଜନକୁ କଷ୍ଟ କରି ନଇଲେ ଗୋପରୁ ।
ସେହିରୂପେ ତୁମ୍ଭ ବରନ ହୋଇଲେ କହିବି କାହାକୁ । ୪୫ ।
ଏମନ୍ତ ଶୁଣି ଉଦ୍ଧବ କହେ ବାଣୀ ନୁହଇ ଏମନ୍ତ ।
ଆମ୍ଭେ ତାଙ୍କ ସଙ୍ଗେ ସମାନ କେମନ୍ତେ ସେ ପ୍ରଭୁ ଅନନ୍ତ । ୪୬ ।
ଯାହା ପ୍ରେମମଦେ ମାଲ ମାଲ ହୋଇ ଭ୍ରମନ୍ତି ମେଦିନୀ ।
ସତକୁ ମିଛ ମିଛକୁ ସତ କରି ପାରେ ସେ ଜନନୀ । ୪୭ ।
ଆଦ୍ୟ ମଧ୍ୟ ପ୍ରାନ୍ତ ଗୋଚର ନୁହଇ ଅଶେଷ ଶ୍ରୁତିଙ୍କି ।
ମନ ବଚନେ ଭେଦ କେହୁ ପାରିବ ତାହାର ଗତିକି । ୪୮ ।
ଆଦି ଅନାଦି ନିରାକାର ପରମ—ପୁରୁଷ ବୋଲାଇ ।
କାହିଁ ବ୍ରହ୍ମ ପାଏ ବ୍ୟାପି ରହିଅଛି ଗୋଚର ନୁହଇ । ୪୯ ।
ଶୁଣି ଏ ବଚନ ଯଶୋଦା ଶ୍ରବଣ ଛୁଇଁଲେ କାତରେ
ହାୟ ଦମଦମ ମନ ତମତମ ବୋଲନ୍ତି କୋପରେ । ୫୦ ।
ଆହେ ଉଦ୍ଧବ କି ଗୁଡ଼ାଏ ବୋଇଲ ପୁତ୍ରକୁ ମୋ ହର ।
ସେମାନ ସଙ୍ଗେ ସମାନ କଲେ ନିଜ ଏ ଭଲ ବିଚାର । ୫୧ ।
ସାକ୍ଷାତେ ଜଠରୁ ଜନମ କରିଛି ଏ ଗଲା ମିଛକୁ ।
ବ୍ରହ୍ମ ବୋଲି କେତେ ଉଚ୍ଚ କରୁଅଛ ମୋହର ବତ୍ସକୁ । ୫୨ ।
ଦେଖିବ କି ଏହିକ୍ଷଣି ମଥୁରାକୁ ଯିବଇଁ ବହନ ।

କାଖରେ ବସାଇ ଘେନି ଆସିବ କି ମଦନମୋହନ । ୫୩ ।
ତୁମ୍ଭେ ଯେ ବୋଇଲ ବ୍ରହ୍ମକୁ କେ ଏବା ପାଇବ ଧ୍ୟାଇଲେ ।
ଯାମଳା ଅର୍ଜ୍ଜୁନେ ବାନ୍ଧିଥିଲ କପାଁ ଅନ୍ତର ନୋହିଲେ । ୫୪ ।
ସଂସାରେ ସକଳ ଶରୀର ପୂରିଛି, ବୋଇଲେ କାହ୍ନି କି ।
ମୋ ହୋ ହୃଦରେ ନିରନ୍ତରେ ରହିଛି କେମନ୍ତେ ଗଲା କି । ୫୫ ।
ସକଳ କଥା ଦୂର କରି ଉଦ୍ଧବ ମୋ କଥା ଶୁଣିମା ।
ମୋତେ ଯେବେ ତାଙ୍କୁ ଅଣାଇ ଦିଅନ୍ତ ଜାଣନ୍ତି ମହିମା । ୫୬ ।
କହୁଛି ସତ୍ୟ ବଚନ ସେବା କରିଥାନ୍ତି ମୁଁ ତୁମ୍ଭଙ୍କୁ ।
ଯାଅ ବାହୁଡ଼ି ବହନେ ଘେନି ଆସ ଗୋକୁଳଚନ୍ଦ୍ରଙ୍କୁ । ୫୭ ।
ଉଦ୍ଧବ ବୋଲନ୍ତି ସାବଧାନେ ଶୁଣ ବ୍ରଜ-ଜନନୀ ।
କେ ଅଣି ପାରିବ ତ୍ରୈଲୋକ୍ୟନାଥଙ୍କୁ କହୁଛ ନ ଜାଣି । ୫୮ ।
ଇଚ୍ଛାରେ ସଂସାରେ ବିହାର କରଇ ହରଇ ବିପତ୍ତି ।
ଶେଷ ଶଙ୍କର ପିତାମହ ଯାହାଙ୍କ ବଚନେ ଅଛନ୍ତି । ୫୯ ।
ଏହା ଶୁଣି ନନ୍ଦ-ରାଣୀ କ୍ରୋଧ କରି ବୋଲନ୍ତି ବଚନ ।
ମଥୁରାବାସୀ ଯେତେକ ତୁମ୍ଭେ ନାନା ବଚନ ବଖାଣ । ୬୦ ।
ଏହିରୂପେ ଥରେ ଅକ୍ରୂର ଅଇଲା କହିଲା ଯେମନ୍ତ ।
କଂସ ଆଜ୍ଞା ବୋଲି ଧରି ଘେନିଗଲା ଦୁହିଁର ସଂଘାତ । ୬୧ ।
ଗଳାରେ ଖୁର ଲଗାଇ ଦେଇଗଲା ସଫଳ ନନ୍ଦନ ।
ତୁମ୍ଭେ ଆସି ତହିଁ ଚୂନ ଲଗାଉଛ ପୋଡ଼ିଲା ଜୀବନ । ୬୨ ।
ପୁତ୍ରବିଚ୍ଛେଦ-ଅନଳ ଜଳୁଅଛି ନୁହଇ ନିବୃତ୍ତି ।
ତହିଁ ପରେ ଘୃତ ଢାଳି ଦେଉଅଛ ଏ ନିକି ବିହିତ । ୬୩ ।
ଏମନ୍ତ ଭାଷି ଯୁବତରହରଗି ଊର୍ଦ୍ଧ୍ୱକୁ ଅନାଇ ।
କାହ୍ନୁ କାହ୍ନୁ ବୋଲି ହୃଦରେ କୋଡ଼ନ୍ତି ନିଶ୍ୱାସ ପକାଇ । ୬୪ ।
ପୁଣିହିଁ ବସିଲେ କର ନିବେଶିଲେ ଗଣ୍ଡରେ ବଦନ ।
ପୁତ୍ରରୁ ଚିନ୍ତି କୁରରୀ ପରାଏ କରନ୍ତି ରୋଦନ । ୬୫ ।
ତଇଳ ଭାଣ୍ଡେ ମାଛ ପଡ଼ି ଶରୀର ହୁଅଇ ଯେସନ ।
ସେହିପରି ରାଣୀ ଶ୍ରୀଅଙ୍ଗ ତିନ୍ତିଲା ଲୋତକ ପଡ଼ିଣ । ୬୬ ।
ଶୋକ ସମ୍ଭାଳି ଧୀର ହୋଇ ରହିଲେ କେତେକ ବେଳରେ ।
ଉଦ୍ଧବଙ୍କୁ ଚାହିଁ ପୁଣି ପଚାରନ୍ତି ବିସ୍ମୟମନରେ । ୬୭ ।
ଏମନ୍ତ ସମୟେ ଏକଇ ଗୋପିକା ଜଳର ନିମନ୍ତେ ।
କାଖେ କୁମ୍ଭ ଘେନି ଗମନ କରନ୍ତେ ଚାହିଁଲା ତୁରିତେ । ୬୮ ।
ଦେଖିଲା ନନ୍ଦଦ୍ୱାରେ ରଥେ ରହିଅଛି ଅପୂର୍ବ ଶୋଭନ ।
ମନେ ବିଚାରିଲା କୁରଙ୍ଗୀନୟନା କାହାର ଏ ଯାନ । ୬୯ ।

କି ଅବା ଗୋବିନ୍ଦ ଗୋପକୁ ଅଇଲେ ଆମ୍ଭଙ୍କୁ ଲୁଚାଣ ।
ଗୁପତେ ମାତା ପିତାଙ୍କୁ ନେବେ ପରା ମଥୁରା ଭୁବନ । ୭୦ ।
ଦେଖଇଁ ବୋଲି ବାଳୀ ଗୃହଁଦେଲେ ସେ ଗବାକ୍ଷ ମାର୍ଗରେ ।
ଦେଖିଲେ ଉଦ୍ଧବ ଭାଳେଣି ଭଳନ୍ତି ଯଶୋଦା ସଙ୍ଗରେ । ୭୧ ।
ଦଇବେ ନୀଳ ବଳାହକ ପରାଏ ଦିଶଇ ଶରୀର ।
ଶିରେ ହାଟକ-ମୁକୁଟ ଶୋଭିବନ ଗଞ୍ଜଇ ମିହିର । ୭୨ ।
ନାସା ଶ୍ରବଣ ଓଷ୍ଠ କଣ୍ଠ ଶ୍ରୀଭୁଜ ହୃଦୟ ଉଦର ।
କଟି ଊରୁ ଜାନୁ ପାଦ ନଖ ପନ୍ତ କି ଅବା କୃଷ୍ଣର । ୭୩ ।
ଚାହିଁବା କହିବା ହସିବା ବସିବା ଗୋବିନ୍ଦ ପରାଏ ।
ଦେଖି ବ୍ରଜବଧୂ ଜାଣିଲେ ଶ୍ରୀକୃଷ୍ଣ କଲେ କି ବିଜୟେ । ୭୪ ।
ଆନନ୍ଦମନେ ସାତକୁମ୍ଭବରନା କୁମ୍ଭକୁ ପକାଇ ।
ଗୋପ ଦାଣ୍ଡେ ଗୃଣ୍ଡେ ଧାଇଁ ଡାକେ ତୁଣ୍ଡେ ଅଇଲେ କହ୍ନାଇ । ୭୫ ।
ଆଗୋ ସଖିମାନେ ସଦନେ କିଂପାଇଁ ରହିଛ ନିଶ୍ଚିନ୍ତେ
ଆସିଲେଣି ଶ୍ୟାମ ଘନବରନୀୟା ଧାଅଁ ଗୋ ସଧାତେ । ୭୬ ।
ଜନନୀ ସଙ୍ଗତେ ଗୁପତେ ମନ୍ଦିରେ କରନ୍ତି ବିଚାର ।
ଏହିକ୍ଷଣି ଦେଖି ଅଇଲି ବଧାଇ ଦେଲି ଗୋ ମୋହୋର । ୭୭ ।
ଏମନ୍ତ ଶୁଣି ବ୍ରଜକୁଳରମଣୀ ଧାଇଁଲେ ତୁରିତେ ।
କାହୁଁ କାହୁଁ ମନ ମୀନ ବୁଡ଼ିଗଲେ ଆନନ୍ଦ ସରିତେ । ୭୮ ।
ପାଞ୍ଚ ସାତ ଦଶ ବିଂଶ ମେଳ ହୋଇ କରନ୍ତି ଗମନ ।
ଦୂରହୁଁ ଡାକନ୍ତି ଦେଖ ଆମ୍ଭ ଦୁଃଖ ମଦନମୋହନ । ୭୯ ।
ଅଶନ ବସନ ନ ରୁଚଇ ବନ ଦିଶଏ ସଦନ ।
କୃଶ ହେଲୁ ତନୁ ଅବଶ ହେଲୁ, ନେତ୍ରୁ ଲୋତକ ବହିଣ । ୮୦ ।
ତପତଜଳେ ସଫରୀ ରହିଥିଲେ ପରାଏ ହୋଇଛୁଁ ।
ଦ୍ୱିଜରାଜ ବିନେ କୁମୁଦିନୀ ଯେସନ୍ତେ ତେମନ୍ତେ ରହିଛୁଁ । ୮୧ ।
ନୀର ଶୁଖିଲେ କର୍ଦ୍ଦମ ଯେଉଁ ରୂପେ ପତଙ୍ଗ କରଣେ ।
ସେହିମନ୍ତ ହିଆ ଫାଟି ଯାଉଅଛି ତୁମର ବିହୁନେ । ୮୨ ।
ଘୃତ ନ ପାଇ କୃପୀଟଯୋନି ଯେସନ୍ତେ ଦିଶଇ ମଳିନ ।
ସେହିରୂପେ ଅଙ୍ଗ ବିବର୍ଣ୍ଣ ନ ଦେଖି ତୁମ୍ଭର ବଦନ । ୮୩ ।
ମଦନ କଦନ କରଇ ନିରତେ କହିବୁଁ କାହାକୁ ।
ଏବେ ପଳାଇବ ଦେଖିଲେ ମର୍କତ—କେତନ ହିଆକୁ । ୮୪ ।
ଏହିରୂପେ ଗୋପୀ ଆରତେ ଦୂରହୁଁ ଡାକନ୍ତି ଉର୍ଦ୍ଧ୍ୱରେ ।
ନଗର ନବରେ ପ୍ରବେଶ ହୋଇଲେ ଦେଖିବା ଆଶାରେ । ୮୫ ।

ହୋଇଲା ଗହଳ ନାରୀ ହେଲେ ଠୁଲ ପୂରଲେ ପୁରରେ ।
ଭଗବଚ୍ଚରଣ ଦାସ ମନ ଗଲା ଗୋପୀଙ୍କ ସଙ୍ଗରେ । ୮୨ ।

—–※—–

## ଷଡ଼୍‌ବିଂଶ ଛାନ୍ଦ

### ( ରାଗ—କଳଶା )

ଏଥିଅନନ୍ତରେ ଗୋପୀ ଦେଖିଲେ ଉଦ୍ଧବ ।
ଶଙ୍କିଲେ ନୁହଁନ୍ତୁ ପ୍ରାଣେଶ୍ୱର ମାଧବ । ୧ ।
ବୁଡ଼ିଲେ ଦୁଃଖସାଗରେ ହରାଇଲେ ଜ୍ଞାନ ।
ଅମାବସ୍ୟା ରାତିରେ ହୋଏ ଚକୋର ଯେସନ । ୨ ।
କେ ବୋଲଇ ଦେଖ ସଖି କର୍ମର ଭବଷ ।
ପୀୟୁଷ ବର୍ଷୁଥିଲୁ ବଦଳିଲା ବିଷ । ୩ ।
କି ବୁଦ୍ଧି କରିବା ନ ଦିଶଇ ଦଶ ଦିଶ ।
ଭଗ୍ନହୃଦ ପ୍ରହାର କଲା ଅଶରୀର । ୪ ।
ଶୁଖିଲା ସମିଧ ପ୍ରାୟେ ତନୁ ହୋଇଥିଲା ।
ଉଦ୍ଧବ ଭଳିଙ୍କ ଅଗ୍ନି ପରାଏ ହୋଇଲା । ୫ ।
ଦହଇ ବିରହ ନନ୍ଦନନ୍ଦନ ସକଳ ।
ସେ ଆସିଲେ ଲଭିଯିବ ନୋହିଲେ ପ୍ରବଳ । ୬ ।
ଏହା ଶୁଣି ବୋଇଲେ ଆରକ ନତମୁଖୀ ।
ଏମନ୍ତ କହିଲୁ କେବେ ହାଟକବଦନୀ । ୭ ।
ଲଲାଟପଟରେ ଯାହା ଲହଣ୍ଟି ବିରଞ୍ଚି ।
କେ କରିବ ଆନ ତାହା ଉପାୟ କାହିଁକି । ୮ ।
ସେହି ଅନୁକ୍ରମେ ଦ୍ରୋଣ ଘନ ଘୋଟାଇଲା ।
ନୀର ନ ଦେଇ ଅଶନି ଝଟାଇ ମାଇଲା । ୯ ।
ପଡ଼ି ଚୂର ହେଲା ଆମ୍ଭ ମନ-ମହୀରୁହ ।
ଏବେ ଲଭି ମଦାଳସୀ ହେଲୁ କୋହ କୋହ । ୧୦ ।
ଆର ପ୍ରେମଶୀଳା ବୋଲେ ଶୁଣ ହେ ଲଳନା ।
ଘୃତ ଛଣ ସଜଳସ ଅଗ୍ନିରେ ଜାଳ ନା । ୧୧ ।
ନ ପକାଅ କୁବୁଜାଙ୍କ ପ୍ରାଣପତି କଥା ।
ଏବେ କହ କ୍ରୋଧେ ସେ ମହୀକି କଲା ମଥା । ୧୨ ।
ଏମନ୍ତ ଦେଖିଲା ଯହୁଁ ଆର ଖଞ୍ଜନାକ୍ଷୀ ।
ଉଦ୍ଧବକୁ ଅନାଇ କହେ ହୋଇ ଦୁଃଖୀ । ୧୩ ।

ବିଧାତା କି କଲା ଧନ ଦେଖାଇ ହରିଲା ।
ମୃଗତୃଷ୍ଣା ଜଳ ପ୍ରାୟେ ଆଶାରେ ମାଇଲା । ୧୪ ।
ଶୁଣି ତିଳୋତ୍ତମା ବୋଲେ ଶୁଣ ରେ ସଙ୍ଗାତ ।
ଏକଥା ହୋଇଲା ଗଜ ଗିଳିଲା କପିତ୍ଥ । ୧୫ ।
ସେ ଯେସନ୍ତେ ଉଦର ଶୂନ୍ୟ ବାହାରକୁ ତୋରା ।
ଲୁପାତ୍ରିଙ୍କ ଭୁଞ୍ଜା କୁମ୍ଭ ଦେଲା ପ୍ରାୟ ହେଲ । ୧୬ ।
ସରଳାଙ୍ଗୀ ବୋଲେ ଅଗୋ କହୁଛ ଶୁଣିମା ।
ରମ୍ଭାବୃକ୍ଷ ପ୍ରାୟ କଥା ମନକୁ ଆଣିମା । ୧୭ ।
ହୃଦୟ ଶୀତଳ, ଅଙ୍ଗ ଶୋଭା ଦିଶୁଥିଲା ।
ଫଳବା ବେଳକୁ ମୁଖ ମଳିନ ହୋଇଲା । ୧୮ ।
ଏମନ୍ତ କହନ୍ତେ ଯହୁଁ ପୂର୍ଣ୍ଣଚନ୍ଦ୍ରାନନା ।
ତହୁଁକ ଉତ୍ତର ଦେଲା ଅଶୋକମାଳିନୀ । ୧୯ ।
ମୁଁ ଜାଣଇ ପୋତକାର ପ୍ରାୟ ସଖୀ ହେଲା ।
ଆଶା କରିଥିଲୁଁ ଧନ କର୍ମେ ବୁଡ଼ିଗଲା । ୨୦ ।
ଗୋପୀଙ୍କ ଆରତ ଶୁଣି ବିସ୍ମୟେ ଉଦ୍ଧବ ।
ଧନ୍ୟ ଏ ଆଭୀର ନାରୀ ମହିମା ଦୁର୍ଲଭ । ୨୧ ।
ଭାବେ କିଣିଛନ୍ତି ଦୀନବାନ୍ଧବ କୃଷ୍ଣଙ୍କୁ ।
ନ ଜାଣି କି ହେଉ ପେଷିଛନ୍ତି ବୋଧିବାକୁ । ୨୨ ।
ଏତେ ଭାଳି ବୋଲନ୍ତି ଶୁଣ ଗୋ ବ୍ରଜନାରୀ ।
କି ଅର୍ଥେ କମ୍ପାଉଁ ନିନ୍ଦା କର ଦଇତାରି । ୨୩ ।
ପତିତ-ପାବନବାନା ଅଛଇ ଯାହାର ।
ସର୍ବ ଅଙ୍ଗେ ଥାଇ ଏକା ନୋହଇ କାହାର । ୨୪ ।
ଏକମନ ହୋଇ ଶୁଣ କହଇ ବୃତ୍ତାନ୍ତ ।
ଯହୁଁ ପାଇଁ ମୋତେ ପେଷିଅଛନ୍ତି ଅନନ୍ତ । ୨୫ ।
ଶୁଣି ଗୋପୀମଣ୍ଡଳୀ ପନ୍ତି ପନ୍ତି ହୋଇ ।
ବସିଲେ ପୁରପ୍ରାଙ୍ଗଣେ ଉଦ୍ଧବଙ୍କୁ ଗୃହୁଁ । ୨୬ ।
ଭଦ୍ରା ସାରଣୀ ବୃନ୍ଦା ମନସହାରିଣୀ ।
ହରି ଲୀଳା କମଳା ସାରଳା ସୁଲକ୍ଷଣୀ । ୨୭ ।
କୁରଙ୍ଗାକ୍ଷୀ କପର୍ଦ୍ଦି ଅଶୋକମାଳିନୀ ।
ସମ୍ମୁଖେ ରହିଲେ ଏତେ ହାଟକବରଣୀ । ୨୮ ।
ମେଧା ସୁମେଧା ସରଳା ସ୍ମିତ ପଦ୍ମାକ୍ଷିତା ।
ଲବଙ୍ଗଲତିକା ଚମ୍ପା ମାଧବୀ ଶୋଭିତା । ୨୯ ।

ଦକ୍ଷିଣ ଆବୋର ବସିଲେ ଏ ନାୟିକା ।
ରୂପ ଗୁଣେ ବଳୀୟାର କେଳରେ ପତାକା । ୩୦ ।
ପଦ୍ମା ମଞ୍ଜୁଳା କୁଶଳା ସୁଶୀଳା ରଙ୍ଗିଣୀ ।
ବିଳମ୍ବିନୀ ଅମ୍ବିକା ମଧୁଳୀ କୃଷ୍ଣସ୍ତୁନୀ । ୩୧ ।
ଉତ୍ତରଦ୍ୱାରେ ବିଜୟୁ ଏ ନୀରଦକେଶୀ ।
ରୂପରେ ମୋହନ କରି ପାରନ୍ତି ଏ ଦାସୀ । ୩୨ ।
ତାରକା ବକୁଳା ଜାତିମାଳା ଶତାବରୀ ।
ଏ ଗୃହ ରହିଲେ ପଛପାରୁଶ ଆବୋର । ୩୩ ।
ମଧ୍ୟରେ ଗୋବିନ୍ଦଦୂତ କହନ୍ତି ଚରିତ ।
ବୃନ୍ଦା ଆଦି ଗୋପୀମାନେ ଶୁଣନ୍ତି ସମସ୍ତ । ୩୪ ।
ବୃନ୍ଦା ପଚାରନ୍ତି କିସ କହିବ ହେ କହ ।
ଗୋବିନ୍ଦ ବଚସ୍ୟୁକୁ ଶୁଣାଇ ରଖ ଦେହ । ୩୫ ।
ଆଉ କଥାମାନ ଥାଉ ତହିଁ ନାହିଁ ଲଭ ।
ଶୁଣି ଅଶ୍ରୁ ନେତ୍ର ହୋଇ କହନ୍ତି ଉଦ୍ଧବ । ୩୬ ।
ଶୁଣ ବ୍ରଜବଧୂମାନେ ଗୋବିନ୍ଦ ଆସିବେ ।
ତୁମ୍ଭମାନଙ୍କର ଦୁଃଖ ନିକଟେ ନାଶିବେ । ୩୭ ।
ନନ୍ଦ ନା ଆରତ ସତ କହିଲୁ ତୁମ୍ଭଙ୍କୁ ।
ଏ ଶୁଭ ବାରତା ଦେଇ ଅଛନ୍ତି ଗୋପକୁ । ୩୮ ।
ଶୁଣି ଭଦ୍ରା ବୋଲଇ ଶୁଣ ହେ ହରଗୃର ।
ସତ କହ କେତେ ଦିନେ ଆସିବେ ଶ୍ରୀଧର । ୩୯ ।
କେତେଦିନ ଯାଏ ପିଣ୍ଡେ ପ୍ରାଣ ରଖିଥିବୁଁ ।
ଭଗତଚରଣ କହେ ନଇଲେ ମରିବୁଁ । ୪୦ ।

---

## ସପ୍ତବିଂଶ ଛାନ୍ଦ

( ରାଗିଣୀ—ବଙ୍ଗସଂଧ୍ୟା ଚୌତିଶା ବାଣୀ )

କୋପିକା ବଚନ ଶୁଣି ଉଦ୍ଧବ କହନ୍ତି ବାଣୀ
ଆସିବେ ଅଳପ ଦିନେ ଶ୍ୟାମ
ଆରତ ନ ହ ଗୋ ବାଳୀ ଅନ୍ତର୍ଯାମୀ ବନମାଳୀ
ସବୁଘଟେ ତାହାଙ୍କ ବିଶ୍ରାମ । ଗୋ ଗୋପୀମାନେ
ଜାହାର ନୃହନ୍ତି ସେହୁ ବଶ, ଭକ୍ତଙ୍କ ଜନଙ୍କୁ ଏକା ଦୃଶ୍ୟ । ୧ ।

ରୂପ ରେଖ ନାହିଁ କଛ   ଚନ୍ଦ୍ରମା ପ୍ରାୟ ବ୍ୟାପିଛ
ସେ ଯେହ୍ନେ ଦଟଇ ଜଳଘଟେ
ସେ ଘଟ ବିନାଶ ଗଲେ   ଶୂନ୍ୟ ହୋଏ ଶାସ୍ତ୍ର ବୋଲେ
ପୁଣ ଅନ୍ୟ ଘଟେ ଯାଇ ଘୋଟେ, ଗୋ ଗୋପୀମାନେ
ଏଣୁ ରୂପ ହୋଇ ରୂପ ନୋହ୍ନ, ଭବେ ପାଇ ଅଭବେ ନ ପାଇ ଗୋ । ୨ ।
ସେ ବ୍ରହ୍ମକୁ କର ଧ୍ୟାନ   କାମନା ହେଉ ଦହନ
ହୃଦରେ ରଖିବ ନିରଞ୍ଜନ
ଏ ଯେ ମିଥ୍ୟା କଳେବର   କ୍ଷଣକେ ହୋଏ ଭଙ୍ଗୁର
ଏଣୁ କହୁଅଛ ତାଙ୍କୁ ଚନ୍ଦ୍ର, ଗୋ ଗୋପୀମାନେ
ଷଡ଼ଚକ୍ର ଭେଦଲେ ପାଇବ, ଚଷୁ ବୁଜ ହୃଦରେ ଗୃହିବ ଗୋ । ୩ ।
ମଣିମୟ ମଣ୍ଡପରେ   ରତ୍ନସିଂହାସନ ପରେ
ପଞ୍ଚାଶ ଦଳ ପାଖଡ଼ା ପଦ୍ମ
ତା କେଶର ମଧ୍ୟେ ହରି   ଚତୁର୍ଭୁଜ ରୂପ ଧରି
ସେହି ପ୍ରଭୁ ପାଦେ କର ସଦ୍ମ, ଗୋ ଗୋପୀମାନେ
ତେବେ ସିନା ମିଳବେ ତୁମ୍ଭଙ୍କୁ, ଭୟ ନ ରହିବ ଏ ଭବକୁ ଗୋ । ୪ ।
ଉଦ୍ଧବ ବଚନ ଶୁଣି   ବୋଲନ୍ତି ଗୋପ-ରମଣୀ
ଏ ଯେଉଁ ଜ୍ଞାନକୁ ବୁଝଇଲ
କ୍ଷୀରଭାଣ୍ଡେ ଦଧି ଦେଲେ   ନାଶ ଯାଇ ସେହୁ ଭଲେ
ଜ୍ଞାନକଥା ଆମ୍ଭମାନଙ୍କୁ କହିଲ, ହେ ହରିଦୂତ
ଅମୃତ ଭଗତ ରଙ୍ଗାଧର, ଜ୍ଞାନଜଗା ତହିଁ ସମ କର ହେ । ୫ ।
ଅଭାଗ୍ୟ ହୋଇଲୁ ଯେଣୁ   ଏ କଥା ଶୁଣିଲୁଁ ତେଣୁ
ଆମ୍ଭ ଆଗେ ସେମାନ ନ କହ
ବ୍ରହ୍ମକୁ ଭାବନ୍ତି ଯେହୁ   ଏ ଭାବ ଜାଣନ୍ତି ସେହୁ
ଆମ୍ଭେ ତ ନ ଜାଣୁ ତୁମ୍ଭ ଭାବ, ହେ ହରିଦୂତ
ଯେସନେ କପିତ୍ଥ ଗଜ ଖାଇ, ପୁଣି ତାହା ବାହାର କରଇ ହେ । ୬ ।
ଦେଖିଲେ ଦଶେ ସୁନ୍ଦର   ନ ଥାଇ କଛ ଉଦର
ସେହିରୂପେ ରସହୀନ ଜ୍ଞାନ
ସେ କଥାକୁ ତୋତେ ଭଣ   ଏ ବହୁ ଆନ ନ ଜାଣ
ସ୍ତ୍ରୀସଙ୍ଗେ କରବାକୁ ଗଣ, ହେ ହରିଦୂତ
ସେ ପୁଣି କ୍ଷଣକ ମାତ୍ରେ ସଢ଼େ, ରୂପ ରେଖା ଯାଏ କେଉଁ ଆଡ଼େ ହେ । ୭ ।
ହେମନ୍ତ ମୁକ୍ତ ଗୃହ   ପ୍ରେମ ବନେ ଦନହଇ
ଭଗତ ପଚ୍ଛରେ ଭ୍ରମୁଥାଇ
ତାସବୁ ଅଟନ୍ତି ହୀନ   ସେ ଗୁହାକ କେତେ ଗୋନ

ଆମ୍ଭଙ୍କୁ ସେମାନ ନ ରୁଚଇ, ହେ ହରିଦୂତ
ଯେଉଁ ଜନ ସୁଧା ଥାଇ ଖାଇ, ସେ କି ମହୁଲ ପଶେ ଯାଇ ହେ ? ୮।

ଚିନ୍ତାମଣି କଣ୍ଠେ ଯାର    ସଦା କରଥାଇ ହାର
ସେ କିକ ଲେଖଇ ଆନ ରତ୍ନ ?
ଜାତିପୁଷ୍ପ ଯେ ଘେନଇ    ସେ କି ବାସଙ୍ଗ ଗୃହିଁ
ସେହିରୂପ ତୁମ୍ଭ ବ୍ରହ୍ମଜ୍ଞାନ, ହେ ହରିଦୂତ
ସେମାନ ନ କହ ଆମ୍ଭ ଆଗେ, ମଥୁରା ବାହୁଡ଼ି ଯାଅ ବେଗେ ହେ ।୯।

ବ୍ରହ୍ମ ବୋଲି ଯାହା କହ    ପ୍ରକୃତି ତାହାର ଦେହ
କୁଳଶ ପରମ୍ୟେ ରସହୀନ
ଭୂମି ପ୍ରାୟୁ ଭକ୍ତ ପୁଣି    ଏବେ ନାନା ରସମାନ
ଯେ ଭାବଇ ଏକାନ୍ତ ଭାବେଣ, ହେ ହରିଦୂତ
କେବଳ ସେ ରସର ଭଣ୍ଡାର, ବ୍ରହ୍ମଜ୍ଞାନ ତାହାଙ୍କ କିଙ୍କର ହେ ।୧୦।

ଆମ୍ଭ ବୋଲ କର ଏବେ    ଧନ ବଷ୍ଟ ଭକ୍ତିଭାବେ
ନାମ ରୂପ ବୟସ ଭୂଷଣ
ନାନା ରଙ୍ଗେ ସେବା କର    ଗାଢ଼ ଲୋଭ ହୃଦେ ଭରି
ଦମ୍ଭ, ଲଜ୍ଜା, ଜାତି, ଦାରା, ଧନ, ହେ ହରିଦୂତ
ଏମାନ ତେଜିଲେ ପାଇ ପ୍ରେମ, ବ୍ରହ୍ମଜ୍ଞାନେ ବିଅର୍ଥେ ନ ଭ୍ରମ ହେ ।୧୧।

ତଥାପି ମଧୁର ରସେ    ଜ୍ଞାନ ଯେବେ ଅଳ୍ପ ମିଶେ
ତାଙ୍କୁ ସେ କରଇ ବେଗେ ନାଶ
ପତିବ୍ରତା ନାରୀ ଯେସନ୍ତେ    ପରପୁରୁଷର ସନେ
ସଂଯୋଗ ହୋଇଲେ ହେଏ ଭ୍ରଂଶ, ହେ ହରିଦୂତ
ସେହିମତି ଭକ୍ତିରସେ ଜ୍ଞାନ, ଆମ୍ଭେମାନେ ନ ଜାଣୁ ସେମାନ ହେ ।୧୨।

ଜାଣୁ ଯାହା ଶୁଣ ତାହା    ତୁମ୍ଭେ ଯେ ପବିସଦେହା
ତେଣୁକରି କହୁବା ସେ କଥା
ଅନ୍ୟ ଜନ ହେଲେ ତାକୁ    ନ କହନ୍ତୁ ଭଜୁଁ ଯାକୁ
ସେ ତ ଆତ୍ମା ସମ୍ପୁଟର କଥା, ହେ ହରିଦୂତ
ବ୍ରହ୍ମଜ୍ଞାନୀ ନ ଜାଣନ୍ତି ତାହା, ଶୁକ୍ଳଦାରୁ ପ୍ରାପ୍ତ ତାଙ୍କ ହଅ ହେ ।୧୩।

ସେହି ରୂପେ ତୁମ୍ଭ ମନ    ଜାଣିଲୁ ଶୁଣି ବଚନ
ବ୍ରହ୍ମ ବୋଲି କହିଲ ବେଳରୁ
ସଚ୍ଚିଦାନନ୍ଦ ଅଙ୍ଗରୁ    ସବ ବ୍ରହ୍ମ ସେହିଠାରୁ
ତାଙ୍କ ବିନେ କିଛି ନ ପରୁରୁ, ହେ ହରିଦୂତ
ସେହି କୃଷ୍ଣଙ୍କୁ ନ ଜାଣୁ ଆମ୍ଭେ, ତାଙ୍କ ଭାବ କଥା ଜାଣ ତୁମ୍ଭେ ହେ ।୧୪।

କାଳିନ୍ଦୀ ହ୍ରଦରେ ପଶି  ଯେହୁ କାଳୀଦର୍ପ ଧ୍ୱଂସି
ଯେ ଭଞ୍ଜିଲେ ଶକଟ ଅର୍ଜୁନ
ପୂତନା ପରାଣ ଶୋଷି  ଏଣୁ ବକା ଅଘା ନାଶି
ଯେ ନାଗର ଆମ୍ଭ ମୂଳ ବନ୍ଧୁ, ହେ ହରିଦୂତ
ଆନ ବ୍ରହ୍ମେ ନ ରୁଚଇ ମନ, ତୁମ୍ଭେ କପଟ କହୁଛ ସେମାନ ହେ ।୧୫।

ଯେ ଗିଳିଲ ଦାବାନଳ  ରଖିଲା ବରଜକୁଳ
ଇନ୍ଦ୍ରଛଳେ ଟେକି ଗୋବର୍ଦ୍ଧନ
ଆମ୍ଭ ବ୍ରହ୍ମ ସେହୁ ଜାଣୁ  ଆନ ବ୍ରହ୍ମକୁ ନ ଗଣୁ
ନିତ୍ୟେ ଭଜୁଁ ତାହାଙ୍କ ଚରଣ, ହେ ହରିଦୂତ
ସ୍ୱରୂପ କହିଲୁଁ ତୁମ୍ଭ ଆଗେ, କେବେହେଁ ନ ପଶୁଁ ବ୍ରହ୍ମଭାଗେ ହେ ।୧୬।

ତୁମ୍ଭେ ଯେ ବୋଇଲ ସବୁ  ହୃଦୟରେ ବ୍ରହ୍ମ ଠାବ
ତେବେ ଆଉ ଭଜୁଛ କାହାକୁ
ତୁମ୍ଭର ଶରୀରେ ଅଛି  ବୋଲଇ ପରମପକ୍ଷୀ
କେହୁ ସୁଖ ପେଷିଛି ତୁମ୍ଭଙ୍କୁ, ହେ ହରିଦୂତ
କାହା ବୋଲେ ଗୋପକୁ ଆଇଲ, କାହା ଆଜ୍ଞା ଆମ୍ଭଙ୍କୁ କହିଲ ହେ ।୧୭।

ଉଦ୍ଧବ ବୋଲନ୍ତି ଶୁଣି  ପେଷିଛନ୍ତି ବେଣୁପାଣି
ତୁମ୍ଭଙ୍କୁ ପ୍ରବୋଧି ଯିବା ପାଇଁ
ଶୁଣି ହସିଲେ ଗୋପିନୀ  ଏବେ ସେ ପାରିଲୁଁ ଜାଣି
ଆମ୍ଭ ବ୍ରହ୍ମ ସବୁର ଗୋସାଇଁ ; ହେ ହରିଦୂତ
ତୁମ୍ଭ ବ୍ରହ୍ମ କୃଷ୍ଣ ବୋଲେ ଛନ୍ତି, ଆଜ୍ଞା ପାଇଁ ସମସ୍ତ କରନ୍ତି ହେ ।୧୮।

ଏମନ୍ତ ଶୁଣିଲେ ଯହୁଁ  ଉଦ୍ଧବ ନବେଦ ତହୁଁ
ମନ ମଧ୍ୟେ କରନ୍ତି ବିଗ୍ରହ
ଏତେ କଥାମାନ କିକେ  ଜାଣିଲେ କହିଲେ ଠିକେ
ନଷ୍ଟେ ଏହୁ ଗୋବିନ୍ଦ ଶରୀର, ହେ ଗୋପୀମାନେ
ଯାଙ୍କ ପରେ ନାହାନ୍ତି ସଂସାରେ, ବ୍ରହ୍ମା ଶେଷ ଶଙ୍କର ଅମରେ ସେ ।୧୯।

ଅଶେଷ ଭୁବନ ପୂର  ରହିଛନ୍ତି ବ୍ରହ୍ମପୁର
ସିଦ୍ଧ ଊର୍ଦ୍ଧ୍ୱରେତା ଯୋଗୀମାନେ
ସେମାନେ ଯାକୁ ନ ପାନ୍ତି  ଜ୍ଞାନଯୋଗେ ଭ୍ରମି ହୋନ୍ତି
ତାଙ୍କୁ ବଶ କଲେ ଗୋପୀମାନେ ଯେ ଧନ୍ୟ ଧନ୍ୟ
କି ଉପମା ଦେବି ବୁଝି ନାହିଁ, ଏହାଙ୍କ ସମାନ ହେବ କେହି ସେ ।୨୦।

ଏତେ ଭାଳି କୃଷ୍ଣଦୂତ  ବୋଲନ୍ତି ଶୁଣ ଉଚିତ
ଆମ୍ଭେ ଆସିଥିଲୁଁ ଦୂତପଣେ

ବାରତା କହିବା ପାଇଁ ପେଷିଥିଲେ ଭବଗ୍ରାହୀ
ତୁମ୍ଭେ କଳିକର ଜଣେ ଜଣ; ଗୋ ଗୋପୀମାନେ
ଏ କଥା ଅଟଇ କାହୁ ଛଳ, ଏବେ ତୁମ୍ଭ କଥା ପୂରେ ଫଳ ଏଗୋ ।୨୧।
ଏହା ଶୁଣି ଗୋପନାରୀ କହନ୍ତି ମନେ ବିଗୁରି
ତୁମ୍ଭେ ଯିନା ଲଗାଉଛ ଦ୍ୱନ୍ଦ
ସିଂହ ସଙ୍ଗେ ଗଜ ଲେଖ ସିନ୍ଧୁ ସଙ୍ଗେ ନଦୀ ଯେ ଖ
ଏ ତାହୁଁ ହୋଇଛି ସମଭାଗ, ହେ ହରଦୂତ
ଏମନ୍ତ ଟିକା କହୁ କାହିଁକି, ତୁମ୍ଭେ ଦୁଃଖ କରୁଛ ଜାହିଁକି ହେ ।୨୨।
ଏବେ ଆମ୍ଭ କଥା ଶୁଣ କହିବୁ ଗେ ବ୍ରହ୍ମ ଗୁଣ
ମନେ ଭେଦ ଥିଲେ ଏକଥ ଥରେ
କହିଲେ କ ପ୍ରତେ ଯିବ ଜାଣନ୍ତି ଏକା ମାଧବ
ଆନ ଜାଣିବାକୁ କେହୁ ନାହିଁ, ହେ ହରଦୂତ
ତହୁଁ କଛୁ ଜାଣିଅଛୁ ଆମ୍ଭେ, ଏବେହେଁ ଥୋକାଏ ଶୁଣ ତୁମ୍ଭେ ହେ ।୨୩।
ଏତେ ଭାଷି ବ୍ରଜବାଳୀ ନୟନୁ ଲୋତକ ଗଳି
ଗଦଗଦ ହୋଇ କହେ ବାଣୀ
ପୂର୍ବର ଭାବନା ଗୁଣି ଉଠେ ପ୍ରେମ-ତରଙ୍ଗିଣୀ
କୃଷ୍ଣ ବୋଲି ଲୋଟିଲି ଧରଣୀ, ସେ କୁନ୍ତଳତା
ଦେଖି କୋଳେ ଧଇଲେ ସମ୍ଭାଳି, ହୃଦକୁ ଲଗାଇ ପ୍ରାଣ ଆଳୀ ସେ ।୨୪।
ଦେଖି ଭଦ୍ରା ଆଗସ ହୋଇଣ କହେ ଚତୁରୀ
ଶୁଣ ଆହେ ଟୋବନ୍ଧ ଉଗର
କ କହିବୁ ତାଙ୍କ ଗୁଣ ମନେ ପଡ଼ି ଦହେ ପ୍ରାଣ
ଯେସନେ ଅନଳ ଯୋଗେ ପୁର, ହେ ହରଦୂତ
ସେହିମତ ହୋଇଅଛୁ ତନୁ, ଆଜ ଏକା ନୋହେ ଗଲି ଦନୁ ହେ ।୨୫।
ଦିନେ ଏହି ବୃନ୍ଦାବନେ ଡାକିଲେ ମୁରଲୀ ସ୍ୱନେ
କୁଳବଧୂ ଶୁଣି ହେଲୁ ବାଇ
ନିଶାକାଳେ ଗଲୁ ବନେ ତା ରୂପ ଦେଖି ନୟନେ
ବଶ ହେଲୁ ସବୁ ଗୋପଗୋଇ, ହେ ହରଦୂତ
ପୁଣ କଉତୁକ ଭଆଇଲେ, ବୃନ୍ଦାବନ ଘେନି ଜାହିଁ ଗଲେ ହେ ।୨୬।
ପ୍ରବଳ ଅନ୍ଧାର ନିଶି ଉରିଲୁ ସବୁ ସୁକେଶୀ
ଆଉ ପଥ ପାଇଲୁ ଦୁଃଖୀ ହୋଇ
ଏହା ଶୁଣି ଭବଗ୍ରାହୀ ମଧ୍ୟରେ ହୋଇଲେ ଯାଇ
କଉତୁକେ ଆଲିଙ୍ଗନ ଦେଇ, ସେ ଶ୍ୟାମଘନ
ନାନାରଙ୍ଗେ କଲେ ରାସଲୀଳା, ଶାନ୍ତ ହେଲୁ ସକଳ ଅବଳା ସେ ।୨୭।

ଏମନ୍ତ କହନ୍ତେ ଭଦ୍ରା — ଶୁଣି କହେ ଲୋପାମୁଦ୍ରା
ମୋହଠାରୁ ଶୁଣ ହେ ଉଦ୍ଧବ
ଏହି ନୀପମୂଳେ ଦିନେ — ବସିଥିଲେ ନନ୍ଦକାହ୍ନେ
ଉଦୟେ କି କନ୍ଦର୍ପ ସମ୍ଭବ, ହେ ସାଧୁମଣି
ତହୁଁ ଅତିଶୟ ମନୋହର, ଯାହା କଲେ ରହିଛି ମନର ହେ ।୨୮।

ଆହୁରି ଦିନେ ଜଳରେ — ଜଳକ୍ରୀଡ଼ା କରିବ ରେ
ଯାହା କଲେ କହି ନୋହେ ତାହା
ଦିନ ଦିନକର କଥା — ମନେ ପଡ଼ି ଲାଗେ ବ୍ୟଥା
ଦାରୁଣ ବିଧାତା କଲା ଏହା, ହେ ହରିଦୂତ
କାହାକୁ କହିବୁଁ କର୍ମ ଊଣା, ତାଙ୍କ ପ୍ରକୃପଣ ଗଲା ଜଣା ହେ ।୨୯।

ଏତେ ଭାଷି ଚନ୍ଦ୍ରାନନୀ — ମହୀକି ଅନାଇ ତୁନି
ହେମମାଳା ବୋଇଲା ତହିଁକି ।
ତୁ ଯାହା କହିଲୁ ଧନୀ — ପ୍ରମାଣ ଅଟଇ ଏ ବାଣୀ
ଉପମା ଏ ଅଛଇ ତହିଁକି, ଗୋ ରସବତୀ
କହଇ ମୁଁ ଶୁଣ ସାବଧାନେ, ଶୁଣିଲୁ ଅଛନ୍ତି ଯେତେ ଜନେ ଗୋ ।୩୦।

କୁଞ୍ଜବାସ ନଗରର — କୁବେର କୁଳନାଥର
ବ୍ୟାସ ବିନାୟକ ଶଚୀ ନାଥ
ଯଉଁ ଯେ ତାଙ୍କ ଗତି — ସେ ସାବେ ତା ଜାଣିଛନ୍ତି
କୃଷ୍ଣକଥା ହୋଇଲା ସେପରି, ଗୋ ରମାଗାଣି
ତାଙ୍କୁ କେହି ବାନ୍ଧିବ କ୍ଷମିଲେ, ବାନ୍ଧିଲେ ମାରନ୍ତି ବାହୁବଳେ ସେ ।୩୧।

ତେଡ଼ି ସବୁ ପାରି ଯାଇ — ସାନନ୍ଦରେ କଳଙ୍କ ହୋଇ
ଏହି କଥା ମନେ ଧରିଥିବ
ଏମନ୍ତ ବୋଲନ୍ତେ ମହିଳା — ବାଣୀକି ମୁଦି ରହିଲା
ଆଗସରି ହୋଇଲା ଆବେଶ, ସେ କୋମଳାଙ୍ଗୀ
ଅଧର କମ୍ପାଇ କହେ ବେଗେ, ଭିଡ଼ ଭେଦ ବସେ ଦୂତ ଆଗେ ସେ ।୩୨।

ଶୁଣ ହେ ଗୋବିନ୍ଦ ଚର — ଯାହା କଲେ ଗିରିଧର
କାହା ବେଳେ କହିପାରେ ତାହା
କଂସ ମାରି ଗଲେ ପୁର — ଦିନରେ ଆସିବୁଁ ଫେର
ଏବେ ହେଲେ କୁବ୍ଜାଙ୍କ ନାହା, ସେ ନନ୍ଦବାଳା
କଳି ଗୁଣେ ରସିଲେ ତାହାକୁ, ତ ... ମନ ନ କଲେ ଗୋପଙ୍କୁ ସେ ।୩୩।

ଏହା ଶୁଣି ସୁରଙ୍ଗିଣୀ — ଦରହାସେ କହେ ବାଣୀ

ଯାହାକୁ ଯେ ଦ୍ରବ୍ୟ ରୁଚେ     ସେ କାହିଁ ତାହାକୁ ମୁଞ୍ଚେ
ମଧୁକର ସ୍ୱଭାବକୁ ଅନା, ଗୋ ବୀଣାଭାଷି
ସେ ଯେସନ୍ତେ କମଳ ଚୁମ୍ବୁଥାଇ, ପୁଣି ଯାଇ ବାସଙ୍ଗେ ବସଇ ଗୋ । ୩୪ ।
ସେହିରୂପେ ନନ୍ଦବଳା     ଆମ୍ଭଠାରେ କରି ହେଳା
କୁବୁଜାଙ୍କୁ ପ୍ରାଣପ୍ରିୟା କଲେ
ତଥାପି ତାହାର ସଙ୍ଗ     କଲେହେଁ ଶ୍ରୀରଙ୍ଗ ଅଙ୍ଗ
ଲଗି ତନୁ ସୁନ୍ଦର ହୋଇଲା, ସେ କୁନ୍ଦଦନ୍ତୀ
ଆଉ କମ୍ପା ତେଜିବ ସେ ସୁଖ, ଗୋପକୁ ଛାଡିଲା ଏବେ ଦେଖ ଗୋ । ୩୫ ।
ଧନ୍ୟ ମଥୁରାସ୍ତ୍ରୀମାନେ     ଭଜିଲେ ଯନ୍ତ୍ର କୃଷ୍ଣଙ୍କନେ
ଭଲ ସେ ଜାଣନ୍ତି ଅଭସନ୍ଧି
ବଚନେ ଭୁଲାଇ ଦେଲେ     ସ୍ତମ୍ଭନ ମୋହନ କଲେ
କାହ୍ନୁ ଏତେ ବଦ୍ୟା କଲେ ସିଦ୍ଧି, ସେ ଯଦୁନାରୀ
ପରଧନେ ବଡ଼ପଣ କଲେ, ଯାହା ଧନ ସେହି ଝୁରି ମଲେ ଗୋ । ୩୬ ।
ଏତେ କହି ମଲ୍ଲିହାସୀ     ମହୀକି ଅନାଇ ବସି
କର ଉର୍ଦ୍ଧ୍ୱ କରି କହେ ଲୀଳା
ଉଦ୍ଧବ ଶୁଣିବା ହେଉ     ଯାହା କଲେ ମହାବାହୁ
ତାଙ୍କୁ ବୋଲି ସୀନା ପାର ଗଲା, ହେ ଶୁଦ୍ଧଚେତା
ଦେଖିଅଛୁ ପୂତନା ମାଇଲେ, ଗୋଷ୍ଠେ ପକ୍ଷୀ ଗଣ୍ଡା କଚୁଡ଼ିଲେ ସେ । ୩୭ ।
କିଛି ଦୋଷ ନା ଲାଗିଲା     ଏତେଣେ ପାପ ପାରି ଗଲା
ସତ ଭଗ୍ନ ହେଲେ ହେବ କିମ
ଏମନ୍ତ ବିଚାର କରି     ରହିଲେ ମଥୁରା ପୁରୀ
ଆମ୍ଭଠାରେ କରି ଅବିଶ୍ୱାସ, ହେ ଶୁଦ୍ଧଚେତା
କି କହିବ ତୁମ୍ଭର ସମ୍ମୁଖେ, ଏ କଥା କହିବ ତାଙ୍କୁ ଥିରେ ହେ । ୩୮ ।
ଏତେ କହି ପିକଭାଷୀ     ମହୀକି ଅନାଇଁ ବସି
କାନ୍ତିମାଳା କହଇ ବିଚାର
ଶୁଣ ହେ ଯାଦବବୀର     ଯାହା କଲେ ବ୍ରଜବର
ମନ୍ତ୍ର ନିକି ହୋଇବ ପାସୋର, ହେ ଶୁଦ୍ଧଚେତା
ବହିବଟି ଗଲେ ମଥୁରାକୁ, କୁବୁଜାଙ୍କ ନାଗରବରଙ୍କୁ ହେ । ୩୯ ।
ଏମନ୍ତ ସମୟେ ଶୁଣ     ବିଚିତ୍ର କଥାୟେ ପୁଣ
ଗଗନେ ଭ୍ରମର ଯାଉଥିଲା
ଗୋପୀଙ୍କ ଅଙ୍ଗ ସୁବାସ     ପାଇ ମନେ ହେଲା ତୋଷ
[illegible]

ଦେଖିଲା ବଚନ କଥା     ମୁଖୁଁ ନ ସ୍ଫୁରିଲ କଥା
ପଦ୍ମରେ ବସିଲେ ଚମ୍ପାକଳି
ଆନନ୍ଦେ ବହୁଳ ହେଲା     ଲୋଟିଣ ନଖରେ ବସିଲା,
. ଦେଖି ଗୋପୀ ଚରଣ ସଞ୍ଜାଡ଼, ସେ ଷଟ୍‌ପଦ
ଉଡ଼ିଯାଇ ପୁଣି ବାହୁଡ଼ିଲା, ଗନ୍ଧଭୋଳେ ଚରଣ ଚୁମ୍ବିଲା ସେ ।୪୧।
ଏହା ଦେଖି ଚନ୍ଦ୍ରାନନା     କୃଷ୍ଣଦୂତ ପ୍ରାୟେ ମଣି
କ୍ରୋଧ କରି ବୋଇଲା ବଚନ
ଯାଅରେ କାଳିଆ ଭୃଙ୍ଗ     ଯହିଁ ଥିବେ ତୋ ଶ୍ରୀରଙ୍ଗ
କହିଁ ଅଛୁ ଆମ୍ଭର ଭୁବନ, ରେ ଷଟ୍‌ପଦ
ତୁମ୍ଭ ସମ ଅବିଶ୍ୱାସୀ ନାହିଁ, ଚରଣ ଧରୁଛୁ କାହିଁ ପାଇଁ ରେ ।୪୨।
କୋକିଳ କାଳିଆ ଫଣୀ     ତୋର ଜାତି ବନ୍ଧୁ ଘେନି
ଗୋବିନ୍ଦ ସହିତେ ଏହିତେ ଜଣ
କେବେହେଁ ବିଶ୍ୱାସ ନୋହି     ଆଗେ ପ୍ରୀତି ପଛେ ଦହି
ଏବେ ତୁମ୍ଭ ଗୁଣମାନ ଶୁଣ, ରେ ମଧୁକର
ତୁ ଯେହ୍ନେ କୁସୁମ ପୁଷ୍ପ ଦେଖି, ମଧୁ ବସୁ ହୋଇ ମହାସୁଖୀ ରେ ।୪୩।
ନାନାରଙ୍ଗେ ପ୍ରୀତି କରୁ     ତାର ମକରନ୍ଦ ହରୁ
ତୋର ମନ ହୁଅଇ ସମ୍ପୂର୍ଣ୍ଣ
ପ୍ରାନ୍ତେ ତାକୁ କାଟିଦେଉ     ଅନ୍ୟ ପୁଷ୍ପ ପାଶେ ଯାଉ
ସେହିମତ କଲେ ଶ୍ରୀପତି, ରେ ମଧୁକର
ତାହାଆଗେ କରିବୁଁ ଗୁହାରି, କରେଣ ହୋଇଲୁଁ ଗୋପନାରୀ ରେ ।୪୪।
ଯେସନେ କାଳୀ-କୁଣ୍ଡଳୀ     ଶାବକ ବନରୁ ପାଳି
ନିତ୍ୟ ପୟ ଆହାର ଖୁଆଇ
କ୍ରମେ ସେ ହୋଇଲେ ପ୍ରବଳ     ଉଦ୍‌ଗାର କରେ ଗରଳ
ପାଳକର ଜୀବନ ନିଅଇ ରେ ମଧୁକର
ତାର ପ୍ରାୟେ କଲେ ପୀତବାସ, ଆମ୍ଭଙ୍କୁ ନିଶ୍ଚୟେ କଲେ ନାଶ ରେ ।୪୫।
ବାଳକାଳୁଁ ପାଳିଥିଲୁ     ତନୁ ଧନ ସମର୍ପିଲୁ
ଜନାକେତେ କରିଥିଲେ ଭୋଗ,
କାଳେ କାମବ୍ୟାଳମୁଖେ     ଦେଇଗଲେ ଅଛୁଁ ଦୁଖେ
ଆଉ କି ଆସିବେ ହେବ ଭାଗ୍ୟ, ରେ ମଧୁକର
ଏହି ବିଷକୁ ସେହି ସେ ଜାଙ୍ଗଳୀ, ଚରଣମାନଙ୍କେ ଥିବ ଝଡ଼ିରେ ।୪୬।

ଦ୍ରୋଣଘରେ କାଳ ବଞ୍ଚେ ବଡ଼ ହେଲେ ତାକୁ ମୁଞ୍ଚେ
ଦୂବ ନ କ କୂଳ ଆଦରଇ, ରେ ଷଟ୍‌ପଦ
ପାଳ ଖଗ ହୁଅଇ ନଗଣ, ସେହିରୂପେ କଲେ ଶ୍ରୀନିବାସ ରେ ୪୭ ।

ଦିନେଶ କିରଣ ଗୃହିଁ ପଦ୍ମିନୀ ଆନନ୍ଦ ହୋଇ
ଜଳେ ଥାଇ ବିକାଶଇ ଅଙ୍ଗ,
ମାନସେ ବିସ୍ତର କରେ ସଙ୍ଗ ହେବା ଆଶେ ଝୁରେ
ବୋଲେ କି ସମର୍ପି ଦେବି ଅଙ୍ଗ, ସେ ତାମସ
ଦୂରେ ଥାଇ ତାର ପ୍ରୀତି ଦେଢ଼େ, ସେ ସୁନ୍ଦି ବାରି ଶୁଖିଲେ ପୋଡ଼େ ସେ ।୪୮।

ସେହିମତ ଆଶା କରି ରହିଛୁ ଗୋକୁଳନାରୀ
ମାରିଡଣ୍ଡ ପ୍ରାଏ ନାଶ କଲେ,
ପ୍ରୀତିଜଳ ଶୁଖିଗଲା ଅଙ୍ଗ କର୍ଦ୍ଦମ ଫାଟିଲା
ଗୋପୀଜନ ସୂର୍ଯ୍ୟରେ ନୋହିଲେ, ରେ ମଧୁକର
ଏହିରୂପ ହୃଦୟମାନଙ୍କର, ଦୂର ହୁଅ ଛାଡ଼ ମୋ ପଦ୍ମର । ୪୯ ।

ଏବେ ତୁ ମଥୁରା ଯାଅ ମିତଙ୍କ ପାରୁଶେ ଥାଅ
ନିମୁଣ୍ଡି ଜୁଡ଼ାରେ ଚୁମ୍ବୁଥିବୁ
ଯେବେ ସେ କହିବେ ଆଜ୍ଞା ଯିବୁ ନ କରି ଅବଜ୍ଞା
ମଧୁନାରୀମାନଙ୍କୁ କହିବୁ, ରେ ମଧୁକର
କଇତବବାନ୍ଧବ ତୁ ପେଣୁ. ଗୋପକୁ ଆସିବୁ ନାହିଁ ଦେଣୁ ରେ ।୫୦ ।

ଦେଖ ଗୋ ସଜନମାନେ ଶିଳୀମୁଖର ବଦନେ
କୁସୁମପରାଗ ଲାଗିଅଛି
ମଥୁରା ନାରୀଙ୍କ ମେଳେ କୃଷ୍ଣର ବିଳାସକାଳେ
ଆଲିଙ୍ଗନ କଲେ ଚଉ ଇଚ୍ଛି, ଗୋ ସଖୀମାନେ
ଟାଢ଼ ପାଇ କୁସୁମ ଛିଡ଼ିଲା । ତାହା ଚୁମ୍ବି ଏମନ୍ତ ହୋଇଲା ଗୋ ।୫୧।

ସେ ସଙ୍କେତ ଦେଖାଉଛି ଆମ୍ଭ ହୃଦୟ ଦହୁଛି
ସପତ୍ନୀ ଯିନା ଅମ୍ଭେମାନେ,
ତାଙ୍କ ସୁଖ କଥା କହି ବନାଗ୍ରର ଏଥି ରହି
ପୁଣି ଯିବ ତାଙ୍କର ଭୁବନେ, ଗୋ ସଖୀମାନେ
ଶଠପଣ କରି ଆସିଅଛି, ଯତନେ ମୋ ଚରଣ ଚୁମ୍ବୁଛି ଗୋ । ୫୨ ।

ଶୁଣ ରେ ଅସିତ ଅଳି ଯାହା କଲେ ବନମାଳୀ
ମନରୁ ପାସୋର ଯଉ ନାହିଁ
ପ୍ରଦୀପ ତଳେ ଅନ୍ଧାର କେବେହେଁ ନୋହେ ଅନ୍ତର
ଛାୟା ଯେସନ୍ତେ ଅଙ୍ଗ ଭିନ୍ନ ନୋହି, ରେ ମଧୁକର
ସେହିରୂପେ ଗୋପୀ-କୃଷ୍ଣ ପ୍ରୀତି, ଖୀର ନୀର ଯେସନ୍ତ ହୁଅନ୍ତି ରେ ।୫୩।

ସେ ଏବେ କଲେ ଅନ୍ତର — କୁବୁଜା ନାଗରବର
ଯହିଁ ଦନଠାରୁ ସେ ହୋଇଲେ
କାମଜ୍ୱରକୁ ଔଷଧି — ପାଇଲେ କରୁଣାନିଧି
ଗୋପ ଗଂନା ଅପଥ୍ୟ ହୋଇଲେ, ରେ ମଧୁକର
ଏକଥା ଏମନ୍ତ ହେବ କିନା, ଯା ଅଂତେ କୃଷ୍ଣଙ୍କୁ କହ କନା ରେ ।୫୪।

ତଥାପି କହୁଛୁ ତୋତେ — ଯାଅ ବା ନ ଯାଅ ପ୍ରତେ
ଜଳ ରେ ବିଶ୍ୱାସ ଦିବୁ ନାହିଁ
ତୁ ବା ବୋଲିବୁ ମୋ ମନ — ଜାଣିଥ ଟଙ୍କଜନେ
କି ନ କଲେ ଅମ୍ଭ ମନ ହୋଇ, ରେ ମଧୁକର
ଏମନ୍ତ କହି ଦିଅଛୁ ତୋତେ, କାଜନେ ନ ଦିବୁ ପରତେ ରେ ।୫୫।

ଦେଖ କଲା ନନ୍ଦନନ୍ଦନ — ଆମ୍ଭ ଜାତି କୁଳ ଜନଙ୍କ
କଲେ କାଲେ ରଖିଲ୍ଲ ଦୂଷଣ
ଫୁଲଗଭାପ୍ରାଏ କରି — ଫିଙ୍ଗିଦେଲ୍ଲ ବେଗ ସରି
କେ ସହିବ ଏ ଦୁଃଖ ଦାରୁଣ, ରେ ମଧୁକର
ଶରଦକୋକଳପ୍ରାଏ ହେଲୁ, ପ୍ରୀତି କୁଳ ମର୍ଯ୍ୟାଦା ତେଜିଲୁ ରେ ।୫୬।

ଚନ୍ଦ୍ରକୁ ଆଶ୍ରୟ କଲ୍ଲ — ଶଶ ଯେଉଁରୂପେ ମଲ୍ଲ
ସେହିରୂପେ ମଲୁ ଗୋପିକା
କଳଙ୍କ ବହିବେ ହରି — କଥା ଥିବ ଯୁଗ ଗୃତ
ପଢିବେ କହିବେ କଣ୍ଠେ କୁଣ୍ଡି, ରେ ମଧୁକର
ସ୍ତ୍ରୀହତ୍ୟା ଲଗାଇ ବାନ୍ଧିବେ, ଏହି କଥା କହ ଯାଇ ଏବେ ରେ ।୫୭।

ଥିଲ୍ଲ ଯେବେ ମନ ତାର — ମାରିବାକୁ ଗୋପୀକୁଳ
କିମ୍ପା କରୁଥିଲେ ଏଡ଼େ ପ୍ରୀତି
କରି ପ୍ରେମ ଆଲିଙ୍ଗନ — ଗଣ୍ଡେ ଦେଇଣ ଚୁମ୍ବନ
ବାହାରିଲେ ଘେନି ହବାଗତି, ରେ ମଧୁକର
ଏଡ଼େ ବଡ଼ କଥା ଆଚରିଲେ, କରି କାଚପ୍ରାଏ କଗୁଡ଼ିଲେ ।୫୮।

ଯେଉଁ ବହ୍ନି ଦାବାନଳ — ଗିଳିଦେଲ୍ଲ ନନ୍ଦବାଳ
ସେହି ବହ୍ନି ଭଜୁଥାଉଁ ଚଡ଼େ
ଏ ତ ନୁହଇ ମନୁଷ୍ୟ — କେଉଁ ଦେବତା ପ୍ରକାଶ
ହୋଇ ଗୋପେ ଅଛନ୍ତି ଗୁପତେ, ରେ ମଧୁକର
ସର୍ପଶିରେ ନାଚେ କି ମାନବ ! କାହା ବୋଇଲ ବିଷ ସୁଧା ହେବ ରେ ।
ଯେଉଁରୂପେ ଡରୁଥିଲୁଁ — ସେହିରୂପେ ଏବେ ମଲୁ
ଆଉ କାହା କହ ହେବ କିସ,

ଯେଉଁ ପ୍ରାଣୀ ଯହିଁ ବଢ଼େ      ତହିଁ ତାକୁ ନିନ୍ଦା ପଡ଼େ
ଅଗସ୍ତ୍ୟ ଜୀବନେ ପାଇ ନାଶ, ରେ ମଧୁକର ।
ଯୂଷ ଗରବେ ହେଲୁ ବାଇ, ଆମ୍ଭେ ନାଶ ନ ଯିବୁଁ କମ୍ପାଇ ରେ । ୬୦ ।
ନ ମାନିଲୁ ଗୁରୁଜନ      ନ କଲୁ ପଣ୍ଡି ବଚନ
ନ ମାନିଲୁ ଭଲ ମନ୍ଦ ବୋଧ
ନ ଜାଣିଲୁ ଦିବା ନିଶି      ନିରନ୍ତେ ତା ସଙ୍ଗେ ରସି
କୁଲଟା ହୋଇଲୁ ବ୍ରଜବାଳୀ, ରେ ମଧୁକର
ତହିଁରୁ ମିଳିଲ ଏହି ସୁଖ, ମିଥ୍ୟା ନୋହେ ସ ସାତରେ ଦେଖ ରେ । ୬୧ ।
ଜାଣିଥିଲେ ତାଙ୍କ ରୀତି      ନ କରନ୍ତୁ ଏତେ ପ୍ରୀତି
କପଟିଆ କପଟେ ଚଳିଲୁ ।
ସୁଧାବୃକ୍ଷ ବୋଲି ତାଙ୍କୁ      ଅଶ୍ରୟ କଲୁଁ କାଳକୁ
ଫଳିଲା ଗରଳ ଖାଇ ମଲୁ, ରେ ମଧୁକର
କର୍ମକୁ ବୋଲିବା ବିନା ମନ, ନୋହିଲେ କି ତେଜନ୍ତେ ଗୋବିନ୍ଦ ରେ । ୬୨ ।
କୃପଣ ସାମନ୍ତ ବାଣୀ      ଶୁଣି ଯେଉଁ ଲୋକ ପ୍ରାଣୀ
ମହାକଷ୍ଟେ ରଖଇ ଧନକୁ
ତାଲେ ସେ ନରଗ ହୋଇ      ସେହ୍ନେ ତ ନୋହିଲୁ ଗୋଇ
ଆଶା କରି ମାଧବ ବୋଲକୁ, ରେ ମଧୁକର
ଆସିବାକୁ କରିଛୁଁ ଭରସା, କେତେ ଦିନେ ଯିବ ଏ ଦୁର୍ଦ୍ଦଶା ରେ । ୬୩ ।
ମଧୁପ ଶୁଣିବୁ ଯେବେ      କର୍ଣ୍ଣେ କର ଦେବୁ ତେବେ
ଯେଉଁ ଦୁଃଖ ଦେଇ ଯାଇଛନ୍ତି ।
କାଷ୍ଠ ପାଷାଣ ହୋଇଲେ      ସହି ଯିବ ସିନା ଭଲେ
ନିର୍ଲଜ୍ଜୀ ଗୋପୀଏ ବଞ୍ଚିଛନ୍ତି, ରେ ମଧୁକର
କାହାବେଳେ ସହୁ ଏ ବେଦନା, କି କହିବୁ ପ୍ରତ୍ୟକ୍ଷରେ ଅନା ରେ । ୬୪ ।
ଛାଡ଼ିଲୁ ବେଶ ଭୋଜନ      ନିରତେ କରୁ ରୋଦନ
ବୃନ୍ଦାବନଚନ୍ଦ୍ର ଗଲୁ ଚିନ୍ତି ।
ଗୁଣ ଗୁଣି ଗୁଣି ଦିନ      ନ ସରୁ ହୋଇଲୁ କ୍ଷୀଣ
ପଦ୍ମ ଯେହ୍ନେ ନ ଦେଖିଲେ ଭାନୁ, ରେ ମଧୁକର
କମଠ କୋଷ ପରି ଏ ହେଲୁ, କହ ତାଙ୍କ କଉଁ ଦୋଷ ଜାଲୁ ରେ । ୬୫ ।
ଦେଖ ରେ ଷଟ୍ଚରଣ      କୁଚଯୁଗରେ ଭୂଷଣ
କରିଅଛୁ କରଜଚିହ୍ନକୁ
ନୟନେ ନ ଦେଖି ନିରତେ      କୁନ୍ଦନ୍ଦୁ ଦେଖି କରତେ
ପାସୋରି ନୋହିଲା ଏଣୁ ତାଙ୍କୁ, ରେ ମଧୁକର
ଏଥୁ ବଡ଼ ପ୍ରମାଦ ହୋଇଲା, କହି ବାଣୀ କ୍ରୋଧଭର ହେଲା ରେ । ୬୬

ଏମନ୍ତ ବୋଲି ସେ ବାଳୀ    ଯା ବୋଲି ଚରଣ ଗୃହି
ଖଣ୍ଡୁପୁରେ ପଡ଼ିଲା ମଧୁପ ।
ଉଠିଲା ଝଙ୍କାର ନାଦେ    ଉଡ଼ିଲା ଗଗନ ମଧ୍ୟେ
ଦେଖି ବୃନ୍ଦା ତେଜି ମନୁ କୋପ, ସେ ଚମ୍ପାଗୋରୀ
ସୁଖୀଙ୍କି ଦେଖାଇ ଦେଲା ବାଳା, ଦେଖ ଅଳି ସେହୁ ଦ୍ୱାରେ ଗଲା ଗୋ ।୬୭।

ଏମନ୍ତ ଚରିତ ଦେଖି    ଉଦ୍ଧବ ବୁଜିଲେ ଆଖି
ବିସ୍ମରନ୍ତି ଧନ୍ୟ ଏ ଗୋପିକା ।
ଏତେ ଭାବ କୃଷ୍ଣଠାରେ    ନ ଦେଖିବା ତିନିପୁରେ
ଏହା ଭଳି ହୋଇଲେ ତାଙ୍କା, ସେ ଯଦୁବୀର
ଆସନ୍ତୁ ଉଠିଲେ ଗଦଗଦେ, ନମସ୍କାର କଲେ ଗୋପୀପାଦେ ସେ ।୬୮।

ଦେଖି ଗୋପୀ ଧାଇଁପଡ଼ି    ତୋଳି ଧରି କର ଯୋଡ଼ି
ବୋଲନ୍ତି ଉଦ୍ଧବ ହେଲ କାଇଁ
ତୁମ୍ଭେ ଯେ ଗୋବିନ୍ଦ ଭକ୍ତ    ଜାଣ ନାନା ଶାସ୍ତ୍ରତତ୍ତ୍ୱ
ଏ କର୍ମ ତୁମ୍ଭର ନ ଯୋଗାଇ, ହେ ଶୁଦ୍ଧଚେତା
ଅମ୍ଭେମାନେ ସ୍ୱଭାବେ ଯୁବତୀ, ଏହା ଶୁଣି ଉଦ୍ଧବ ବୋଲନ୍ତି ଯେ ।୬୯।

ଶୁଣ ଗୋ ଗୋବିନ୍ଦ ପ୍ରିୟେ    କୃଷ୍ଣଭକ୍ତି ତୁମ୍ଭ ଦେହେ
ଯେଣୁ ଅଛି ତେଣୁ ତୁମ୍ଭେ ବଡ଼ ।
ଆମ୍ଭେ ନ ଜାଣୁ ଏ ରସ    ଶେଷ ବିରଞ୍ଚି ମହେଶ
ଯଉଁ ପ୍ରେମ ଅନ୍ତର୍ହେ ନଗୂଢ଼, ଗୋ ଗୋପୀମାନେ
ତୁମ୍ଭେ ତା କରୁଛ ଦେହେ ବହି, ତୁମ୍ଭ ସମ ହେବୁଁ ଆମ୍ଭେ କାହିଁ ଗୋ ।୭୦।

ଏହା ଭାଷି ପ୍ରେମଭରେ    ପୁଣି ଗୋପୀ ପାଦ ଧରେ
ପ୍ରେମେ ତନୁ କମ୍ପେ ଥରହର ।
ଆନନ୍ଦେ ବୋଲଇ ହରି,    ଉଠି ନାଚେ କର ତୋଳି
ପ୍ରେମମଦେ ହେଲା ଜରଜର ସେ ହରିଦୂତ,
ଗୋପୀଙ୍କ ବଦନ ଚାହିଁ କାନ୍ଦେ, ଜ୍ଞାନ ଛାଡ଼ି ଭକ୍ତି ପାଦେ ବନ୍ଦେ ସେ ।୭୧।

ଦେଖି ଗୋପୀମାନେ ଉଠି    ଉଦ୍ଧବଙ୍କ କର ଗୋଟି
ଧରି କୁଞ୍ଜବନେ ଘେନିଗଲେ ।
ବୋଲନ୍ତି ଦେଖ ଉଦ୍ଧବ    ଏହି ଠାବରେ ମାଧବ
ଘଇଠ ବୋଲି ଯେତେ ରଙ୍ଗ କଲେ, ହେ ହରିଦୂତ
କହିଲେ ସରିବ ନାହିଁ ତାହା, ଦାନପଣେ କଲେ ଯାହା ଯାହା ସେ ।୭୨।

ଏହି କଦମ୍ବ ମୂଳରେ    ଏହି ଯମୁନା କୂଳରେ
ଏହି କୁଞ୍ଜେ ବସନ୍ତ ସମୟେ ।

କରୁଥିଲେ ଯେତେ ଲୀଳା    ଏବେ ସେ ସ୍ୱପନ ହେଲା
ଏତେ ଭାଷି କମ୍ପାଇଲ କାୟେ, ସେ ମଲ୍ଲୀହାସୀ
ଢୋଳାକୁ ଦୂରଇ ଲଲାଟରେ , ପଡ଼ି ଗଡ଼େ ଯମୁନା ତଟରେ ସେ ।୭୩।
ଦେଖି ପାଶ ବ୍ରଜାଙ୍ଗନା    ଧରି କଲେ ସମ୍ଭାଳନା
ଉଦ୍ଧବଙ୍କୁ ଅନାଇ ଶ୍ୱାସ ଛାଡ଼ି ।
ହା ହା ବ୍ରଜରାଜ-ସୂନୁ ,    ଏତେ ଦଶା ତୁମ୍ଭ ବିନୁ
ଏତେ ଭଷି ପଡ଼ିଲା କଗୃଣ୍ଡ, ସେ ନାଗରବର
କୃଷ୍ଣଗୁଣ ବାହୁନି କାନ୍ଦଇ, ଭୁଜ ସଖୀଗଳାରେ ଛନ୍ଦଇ ସେ ।୭୪।
ଉଠିଲେ ଦୁଇ ଲଳନା    କେତକୀଦଳବରନା
ପୁଣ ଉଦ୍ଧବକୁ ଦେଖାବନ୍ତି
ଏହି କାଳିନ୍ଦରେ ଦିନେ    ତେଇଁ ପଡ଼ିଲେ ସଘନେ
ପଦ୍ମ ତୋଳି କାଳୀ ମର୍ଦ୍ଦିଛନ୍ତି, ସେ ପ୍ରାଣନାଥ
ଏହି ବନେ ଗିଳିଲେ ଅନଳ, ରକ୍ଷା କଲେ ଗୋରୁ ଗୋପବାଳ ସେ ।୭୫।
ଦେଖ ଗିରି ଗୋବର୍ଦ୍ଧନ    ଏହା ଟେକିଥିଲେ କାହ୍ନ
ପାସୋରି ନୋହିବ ଉପକାର ।
ସାତ ଦିନ ସାତ ରାତ୍ରି    ଆଖଣ୍ଡଳ କୋପେ ଆସି
ବରଷିଲା ଶିଳ ନୀର-ଧାର, ସେ ଶଚୀବର
ବଜ୍ର ଆଦି ଯେତେକ ମାଇଲା, ସେ ସଙ୍କଟ କିଛିହିଁ ନୋହିଲା ସେ ।୭୬।
ଦେଖ ହେ ଭଗତସାର    ଦିନେ ବସି ଏହି ଠାବ
କଉତୁକ କରି ବଂଶୀ ବାଇ ।
ଶୁଣି ଧ୍ୱନି କର୍ଣ୍ଣପୁଟେ    ଧାଇଁଲୁ ଗୋପୀ ଉଚାଟେ
ଘର ବର ଲଜ୍ଜା ଦୂରେ ଥୋଇ, ହେ ହରିଦୂତ
ଏବେ ମନେ ପଡ଼ୁଛି ସେ କଥା, କୃଷ୍ଣ ବଳିଥିଲେ ଯେଉଁ ବ୍ୟଥା ।୭୭।
ଏହିରୂପେ କେଳିସ୍ଥାନ    ଦେଖାଇ ବ୍ୟାକୁଳମନ
ଏକ ସ୍ଥାନେ ବସିଲେ ସକଳେ ।
ସମସ୍ତ ଜାଣି ଉଦ୍ଧବ    ଲେଖିଥିଲେ ଯେ ମାଧବ
ସେ ପତ୍ରିକା ବୃନ୍ଦାଙ୍କରେ ଦେଲେ, ସେ ହରିଦୂତ
ବୋଲନ୍ତି ଶୁଣ ଗୋ ବ୍ରଜବାଳା, ପତ୍ର ଲେଖିଛନ୍ତି ବନମାଳୀ ଗୋ ।୭୮।
ଶୁଣି ଗୋପୀ ତୋଷ ହୋଇ    ଚନ୍ଦ୍ରାବଳୀ କରେ ଦେଇ
ଧରି ବାଳୀ ହୃଦେ ଲଗାଇଲା ।
ତନୁ କରି କମ୍ପମାନ    ମୁଦ ଭାଙ୍ଗିଲା ବଦନ
ଚୁମ୍ବ ଦେଇ ଆନନ୍ଦ ହୋଇଲା, ସେ କାଶହାସୀ
ଯାହା ହେଲା କି କହିବ ତାହା, ମନରେ ସୁମରି ପ୍ରାଣନାହା ସେ ।୭୯।

ଖଞ୍ଜି ଧଇଲେ ଯତନେ ପଢ଼ିଗଲେ ମନେ ମନେ
ଦେଖି ସଙ୍ଗ ସଖୀମାନେ ଭାଷି ।
ବୋଲନ୍ତି ବିସ୍ତାରି କହ ଶୁଣି ଶାନ୍ତ ହେଉ ଦେହ
କି କି ଲେଖିଛନ୍ତି ବ୍ରହ୍ମରାଶି, ଗୋ ଜୀବେଶ୍ୱରି
ଶୁଣି ରାଜସୁତା ଉଚ୍ଚେ କହ । ଭକ୍ତ ଦାସ ଚରଣେ ନମଇ ଗୋ । ୮୦ ।

---

## ଅଷ୍ଟବିଂଶ ଛାନ୍ଦ

( ରାଗ—କୌଶିକ )

( ଶ୍ରୀକୃଷ୍ଣଙ୍କ ପତ୍ର )

ଲେଖିଅଛନ୍ତି ବ୍ରଜପୁର ମଣ୍ଡନ ବ୍ରଜନାରୀ ରାଧାଙ୍କୁ
ଅଗୋ ପ୍ରାଣେଶ୍ୱରି ନବୀନ କିଶୋରି ଯିବି ମୁଁ ତୋର ଭେଟକୁ, ରେ କାନ୍ତା ।
ମନେ ନ କରିବୁ କିଛି ଚିନ୍ତା ରେ ।
ତୋହ ବିନେ କାମ ବଳବନ୍ତା ରେ । ମୋହଠାରେ କରିଛି ଅହନ୍ତା ରେ । ୧ ।
ଯେଣୁ କରି ବଳି ନ ପାରଇ ଚଳି ଯିବାକୁ ତୋହର ପାଏ ।
ମନସିଜସଙ୍ଗୀ ଅରେ ପ୍ରାଣସଙ୍ଗି ଖଣ୍ଡ ଖଣ୍ଡ କଲା କାୟେ, ରେ ଧନ ।
ନିରବଧି ପୋଡ଼ଇ ଜୀବନ ରେ
ଭାଗ୍ୟ ଥିଲେ ହେବ ଦରଶନ ରେ । ତୋର ଶରଦଚନ୍ଦ୍ର ବଦନ ରେ । ୨ ।
ନୀରଜନୟନି ଦ୍ୱିରଦଗମନି ହାଟକବରନି ବାଳା ।
ବଲ୍ଲକୀବଚନି ସୁଶ୍ରୋଣିବସନି ରସବନ୍ତି ପ୍ରେମଶୀଳା, ଗୋ ସଖି ।
ମୋ ବିଷୟ ମନେ ଥିବୁ ରଖି ରେ ।
ମୋହ ବିଣତି ନୋହିବୁ ଦୁଖୀ ରେ । ତୋର ପ୍ରୀତି-ଅନ୍ଧ ମୁହ ଭୋଖା ରେ ।୩
ଏହି କଥା ମାତ୍ର ମନେ ରଖିଥିବୁ ଅରେ ଖଞ୍ଜନଲୋଚନା ।
ଖଞ୍ଜନେକୁ କେତୁପରାଏ ଘୋଟିଛି ଏକା ତୋ ବିନେ ଲଲନା, ରେ ବନ୍ଧୁ ।
ତୁ ମୋ ବିଳାସଲାବଣ୍ୟସିନ୍ଧୁ ରେ ।
ଥରେ ଥରେ ରଖୁ ଯେତେ ଦ୍ୱନ୍ଦ୍ୱ ରେ । କୁଞ୍ଜବାସରପୁ ବାନ୍ଧୁ ବନ୍ଧୁ ରେ । ୪ ।
ଏବେ ସେ ସୁଖ ସମସ୍ତ ଯାଇ ଚିର ବିପତ୍ତି ହୋଇଲା ମୂଳ ।
ଦିନୁ ଦିନୁ ତନୁ କୃଶ ହେଲା ଦୃଶ୍ୟ ନୁହଇ ସୂର୍ଯ୍ୟମଣ୍ଡଳ, ରେ ବାଳା ।
ଦିନ ଶର୍ବରୀ ପରାଏ ହେଲା ରେ ।
ଯେଣୁ ନୋହିଲା ତୋ ସଙ୍ଗଲୀଳା ରେ । ସୁଧାପାନ ହେଲା ହଳାହଳ, ରେ ବାଳା । ୫
ଶିରୀଷକୋମଳା କାମିନୀଶ୍ରେଣୀ ଉଲଟରମ୍ଭାଜଘନ ।
ମନ୍ଥରଗମନ ହାଟକବରନି ଖଞ୍ଜନଗଞ୍ଜନ ଲୋଚନି, ରେ ପ୍ରିୟା ।

ସବ ପ୍ରାୟ ନ କରିବୁ ହୁଅ ।
ନିରବଧି କରିଥିବୁ ଦୟା । ତୋର ସିନା ମୋ ଜୀବନ କାୟା ରେ । ୬ ।
ତୋ ମୃଣାଳବାହା ସାହା ପାଇ ଯାଇ ବିଗୃଣୁଥାଇ ମନରେ ।
ସେ କଥା ଏବେ ବିଅର୍ଥକୁ ଲଭିଲା ପଡ଼ିଲି ମାରମୁଖରେ, ମୁଁ କେହ୍ନେ ।
ବଞ୍ଚିବାକୁ ବୁଦ୍ଧି ଦିଶୁନାହିଁ ।
ଆହା ବୋଲିବାକୁ କେହି ନାହିଁ । ନିଷ୍ଟେଁ କାମାନଳେ ହେଲି ଦହ ମୁଁ । ୭ ।
ପଦ୍ମକା ପଦ୍ମପତ୍ରପରି ଆକୃତି ବନ୍ଧୁ ତୋହର ଉଦର ।
ଗଣ୍ଡଶୋଭକୁମୃମୂକୁର ବଚନ ନିନ୍ଦଇ ବନପ୍ରିୟର, ରେ ବାମା ।
ଭଙ୍ଗେ ଅଧର ଜବାଗାରିମା ରେ ।
ଭଲ ଗଢ଼ିଥିଲା ବିଶ୍ୱକର୍ମା ରେ । ନାହିଁ କାହିଁ ଦେବାକୁ ଉପମା ରେ । ୮ ।
ନାସାଠାଣି ତିଳକୁସୁମ ଗଞ୍ଜଇ କଣ୍ଠ କାମମୋହପାଶ ।
ଲଲାଟ ସିନ୍ଧୁରବିନ୍ଦୁକୁ ସମାନ ନୋହିବେ ଅନେକ ହଂସ, ରେ ଧନ ।
ଭ୍ରୂରୁ ମନସିଜଶରାସନ ରେ ।
ଗୃରୁ ଅଞ୍ଜନ ତହିଁକି ଗୁଣ । ବେନି ନୟନ ସୁତୀକ୍ଷ୍ଣ ବାଣ ରେ । ୯ ।
ପିଛୁଡ଼ା କପଣି ବଙ୍କିମ ଗୃହାଁଣି ଝାଙ୍କ ବନ୍ଧିଲା ପରିଯେ ।
କୁମୁକାର କାଟପରିଯେ ବିଚାର ସେ ଯେବେ ମାରି ଜୀଆଏଁ, ରେ ରାମା ।
ଏହି କଥା ବଡ଼ ପ୍ରିୟତମା ରେ ।
ଦୋଷ କରିଥିଲେ କରୁ କ୍ଷମା । ତୋରେ ଲଚ୍ଛିଯାଇ ରାଜଜେମା ରେ । ୧୦ ।
ବାଳଭୃଙ୍ଗପନ୍ତି ପରିଏ ବିରାଜେ ବନ୍ଧୁ ତୋ ଚୂର୍ଣ୍ଣକୁନ୍ତଳ ।
ମୋ ମନକୁ ପ୍ରତେ ଆସଇ କି ବା ଏ ଚୁମ୍ବନ୍ତି ମୁଖକମଲ, ରେ କନ୍ଧୁ ।
ଦେଖି ଉଛୁଳଇ କାମସିନ୍ଧୁ ରେ ।
ମାଟଦୋଣକୁ ପଦ୍ମାଇ କନ୍ଧୁ । ଲଗେ ପଳାଇ କେତକୀବନ୍ଧୁ ରେ । ୧୧ ।
ନବଜଳଧର ପରିଏ ଦିଶଇ ବନ୍ଧୁ ତୋ ଗୃରୁକବରୀ ।
କୁରୁବକପୁଷ୍ପ ବନ୍ଧୁଁଲି ତାକାନ୍ତି ଗୃହିଁଲେ ଚିତ୍ତ ତରଳ, ରେ ଧନ ।
ଦେଖି ଯୋଗଭଙ୍ଗ ହେବେ ମୁନି ରେ ।
ସାଜିଥାଉଁ କଙ୍କତିକା ଘେନି । ଗୃରପାଶକୁ ବନ୍ଧାଇ ବେଣୀ ରେ । ୧୨ ।
ଘନେ ଘନେ ଜୁଡ଼ା ସାଜିଥାଇ ମଲ୍ଲୀକୁସୁମ ବେଢ଼ାଇ ରସେ ।
ଲୋଭେ ମଧୁକର ମକରନ୍ଦ ଆଶେ ବେଢ଼ି ରହୁଥାନ୍ତି ପାଶେ, ସେ ଶୋଭା ।
ମନେ ପଡ଼ିବାକୁ ଅଛି ଲୋଭା ।
ପାଶେ ଥିଲେ କି ନୁହନ୍ତା ଅବା ସେ । ଦେଖି ସଙ୍କୋଚ ପାଇବ ରମ୍ଭା ସେ ।୧୩।
କେଳିକାଳେ ଫିଟି ଚମ୍ପ ଦେଶେ ଲୋଟି ଯେସନେ କାଳୀଭୁଜଙ୍ଗୀ ।
ଝସି ସୁମନସ ମୋହ ପଡ଼ୁଥାଇ ଗମନ୍ତୁ କି ତାରିବଳ, ସେକାଳେ ।

ମଧୁବନକୁ ଆମୋଦ କରେ ସେ ।
ଅଙ୍ଗ ପୂରଇ କୁସୁମଜାଳେ ସେ । ପଡ଼େ ବିଟଙ୍କ ପରେ ପ୍ରବଳେ ସେ ।୧୪।
କେଶରୀକଟୀକି ନୀଳଘନପଟ ଭଲ ରହିଥାଇ ଘୋଟି ।
ଶମ୍ବରଅରିର ସମରପ୍ରତାପେ ସ୍ୱେଦ ବିନ୍ଦୁ ଦିଶେ ଫୁଟି, ସେ ଉରୁ ।
ଯେଣୁ ଅମ୍ବର ଅପୂର୍ବ ସରୁ ସେ ।
ଦେଖି ମଦନ ଭାଜିବ ଦୂରୁ ସେ । ହରାଇଲି ମୋହ ଅଭାଗ୍ୟରୁ ସେ ।୧୫।
ବିପରୀତ ରମ୍ଭା ପରାୟେ ଦିଶଇ ବନ୍ଧୁ ତୋ ବେନି ଜଘନ
ନାନା କମନୀୟ ହଂସକ ଚରଣେ କରଇ ମଧୁର ସ୍ୱନ, ଗୋ ହରୁ ।
ଯେବେ ସଧୀରେ ଗମନ କରୁ ଗୋ ।
ମୋର ବିରହ ସନ୍ତାପ ହରୁ ଗୋ । ଯେତେ ରତିଙ୍କ ପରିହାସ କରୁ ଗୋ ।୧୬।
ଯେଉଁ ଦିନ ତୋତେ ବିପରୀତ ରତି ଶେଷେ ମାଗିଲି ଚୁମ୍ବନ ।
ନ ଜାଣଇ ବୋଲି ନାସିକା ଫୁଲାଇ କହିଲୁ ଯେଉଁ ବଚନ, ରେ ଧନ ।
ତାହା ଚିନ୍ତି ଆରତ ଜୀବନ ରେ ।
ଆଉ କାହିଁ ଦେଖିବି ସେମାନ ରେ । ନଷ୍ଟେ ମଦନ ନେଲା ଜୀବନ ରେ ।୧୭।
ବେଗ ହୋଇ ଯେତେବେଳେ କାଶହାସି ଆସୁ ଧୀରଗତି କରି ।
ଖଞ୍ଜନ ନୟନ ନ ଚାହିଁ ଲଘୁପଦ ଚାହିଁ ଥାଉ ଜୀବେଶ୍ୱରୀ, ରେ ତୁହି ।
ଚନ୍ଦ୍ରପ୍ରତିମା ପରାଏ ହୋଇ ରେ ।
ଦୃଷ୍ଟି ମେଦିନୀଉପରେ ଦେଇ ରେ । ଲଜ୍ଜା ଭରେ ବଚନ ନ କହି ରେ ।୧୮।
ପଦ ଜ୍ୟେଷ୍ଠ ଅଙ୍ଗୁଳିର ଅଗ୍ରେ ମହୀ ଲେଖିଲା ପରାଏ କରୁ ।
ଆସି ଅଙ୍କେ ବସ ବୋଲନ୍ତେ ସାରସବଦନା ଭଙ୍ଗି ଆଚରୁ, ତୁ ହସୁ ।
କାହିଁପାଇଁ ବୋଲି ରସେ ଭାସୁ ତୁ ।
ଖଣ୍ଡେ ଦୂରେ ଘୁଞ୍ଚିଯାଇ ବସୁ ତୁ । ମିଥ୍ୟା ଭାବରେ ଅଳପ ରୁଷୁ ତୁ ।୧୯।
ଶରେ ବଜ୍ରାଘାତ ହୋଇଲା ପରାଏ ମଣଇ ଉଠାଇ ଝଟି ।
ହୃଦୟ ଗମନଦେଶକୁ ଲଗାଇ ଭିଡ଼ଇ ନେଇ ତଡ଼ିତ, ମୁଁ ତୋତେ ।
ଗୃହୀ ବଚନ କହଇ ଯେତେ ମୁଁ ।
ଭଙ୍ଗି କରି ପେଲିଦେଇ ମୋତେ ମୁଁ । ବୋଲୁ ଏମାନ ନ କର ମୋତେ ମୁଁ ।୨୦।
ଚୁମ୍ବନ ମାଗିଲେ ନ ଜାଣଇ ବୋଲି ବଦନେ ନବେଶୁ ବାସ ।
ବଳେ ଆଶ୍ଳେଷ କରନ୍ତେ ଇଷି ବୋଲି କମ୍ପାଉ ମୁଖସାରସ, ରେ ଧନ ।
ତୁ ମୋ ଶିରୀଷକୁସୁମସମ ରେ ।
ତୋର ବିହନେ ନିର୍ଦ୍ଦୟ କାମ ରେ । ଚକ୍ରାକାର କରି ଶରାସନ ରେ ।୨୧।
ପଞ୍ଚବିଶିଖ ପ୍ରହାର କରୁଅଛି ନ ରଖଇ ଭଲ ପଣ ।
କେବଳ ଏଥିକି ଯୁବତୀରତନ ତୁହି କରିବୁ ତାରଣ, ରେ ବାଳା ।

ତୁ ମୋ ବିରହନଦୀକ ଭେଳା ରେ ।
ତୋର ବିନା କେ ବା ପ୍ରେମଶୀଳା ରେ । କୁନ୍ଦଦନ୍ତହାସୀ ଘନକୁନ୍ତଳା ରେ ।୨୨।
ଯହୁଁ ଦିନ ବନ୍ଧୁ ଗବାକ୍ଷମାର୍ଗରେ ଗୃହୁଁ ଥିଲୁ ଜୀବେଶ୍ୱର ।
ଦେଖି ନ ଦେଖିଲୁ ପରାୟେ ମୁଁ ଯାହା ବୋଇଲୁ ତେତେ ଚତୁର, ରେ ସଖି ।
ଜାଣି ଯେତେ ଭଙ୍ଗି କଲୁ ଆଖି ରେ ।
ସେହି କଥାକୁ ମଦନ ସାକ୍ଷୀ ରେ । ହୃଦେ ଏତେ ବେଳେ ଅଛୁ ଲାଖି ରେ ।୨୩।
ସକଳଗୁଣସମ୍ପୂର୍ଣ୍ଣ ନୀରଜାକ୍ଷି ତୁମ୍ଭକୁ ଲେଖିବି କିସ ।
ସକଳ ସଜନୀମାନଙ୍କୁ କହିବୁ କେହି ନୋହିବେ ବିରସ, ଗୋ ଯିବି ।
ଦିନାକେତେ ଏଥିମଧ୍ୟେ ଥିବି ମୁଁ ।
ତୁମ୍ଭମାନଙ୍କୁ ଦର୍ଶନ ଦେବି ମୁଁ । ନିରବଧି ତୁମ୍ଭ ସଙ୍ଗେ ଥିବି ମୁଁ ।୨୪।
ଆଗୋ ତିଲୋତ୍ତମା ଆଗୋ ଚନ୍ଦ୍ରଲେଖା ଅମ୍ବିକା ଶୋଭା ବଉଳା ।
ହୀରବଦନା ସୁମନା ସୁନାଗାନ୍ଧୀ ସରଳା ସୀତା ବିମଳା, ଗୋ ବୀରା ।
ହେମହାସ ଶତାବଳୀ ଲୀଳା ଗୋ ।
ଚମ୍ପାଲତିକା ଶ୍ରିୟା ଚଞ୍ଚଳା ଗୋ । ବଣଦୁର୍ଗିକା ଶାନ୍ତ କାନ୍ତିମାଳା ଗୋ ।୨୫।
ସୁରଙ୍ଗଣିକା ଶ୍ରୀମତୀ ଶାରଦାପ୍ରିୟୀ ମାଧବୀ କାଶୀମୋହିନୀ ।
ଯମୁନା କାଳିନ୍ଦୀ ପଦ୍ମିନୀ ନର୍ମଦା ପ୍ରମଦ କଞ୍ଚନୟନୀ, ଗୋ ବୃନ୍ଦା ।
ହେମବର୍ମା କାମକ୍ରୀଡ଼ାଫନ୍ଦା ଗୋ ।
ଶ୍ୟାମା ମଞ୍ଜୁଳା କାବେରୀ ବୃନ୍ଦା ଗୋ । ହୀର ଲୀଳା ଚନ୍ଦ୍ରରେଖା ବୋଧା ଗୋ ।୨୬।
ଏହିରୂପେ ଷୋଳସହସ୍ର ବ୍ରଜାଙ୍ଗନା ନାମ ଜଣ ଜଣ ଧରି ।
ପ୍ରୀତି କରି ନାନା ବନ୍ଧେ ଲେଖିଛନ୍ତି ପଢ଼ିଲେ ନବକିଶୋରୀ, ସେ ରାଧା ।
ଅଙ୍ଗେ ଭେଦିଲା ମଦନବାଧା ସେ ।
ଜାଣି କୋଳ କଲା ଆସି ମେଧା ସେ । ଆଜ୍ଞାପଣ ସମ୍ଭାଳିଲା ଶ୍ରଦ୍ଧା ସେ ।୨୭।
ଗଦଗଦ ହୋଇ ନିଶ୍ୱାସ ପକାଇ କ୍ଷଣକେ ଲଭିଲେ ଶାନ୍ତ ।
ଉଠିଲେ ସକଳ ହୋଇ ଏକ ମେଳ ନିଜ ନିକେତନେ ଯାନ୍ତ, ସେ ବାଳୀ ।
ଉଦ୍ଧବହିଁ ତାଙ୍କ ସଙ୍ଗେ ଚଳି ସେ ।
ଯେଝା ବିଷୟେ ରହିଲେ ଆଳୀ ସେ । ନିଜ ନିତ୍ୟକର୍ମମାନ ସାରି ସେ । ୨୮।
ଉଦ୍ଧବ ନନ୍ଦ ମନ୍ଦିରେ ପରିବେଷି କଲେ ସ୍ନାହାନ ଭୋଜନ ।
ହେମଜଡ଼ିତ ପଲଙ୍କରେ ଶୋଇଲେ ସୁମରି ନନ୍ଦନନ୍ଦନ, ସେ କାଳେ ।
ଭକ୍ତଚରଣ ବସିଲା ତଳେ ସେ ।
ପାଦ ଚୁପଇ ଆନନ୍ଦଭୋଳେ ସେ । ସାଧୁ ସେବଇ କି ଭାଗ୍ୟବଳେ ସେ । ୨୯ ।

## ଊନବିଂଶ ଛାନ୍ଦ

( ରାଗ—କଲ୍ୟାଣ ଆହାରୀ )

( ଶ୍ରୀକୃଷ୍ଣଙ୍କୁ ରାଧିକାଙ୍କର ପତ୍ର ଲେଖନ, ଉଦ୍ଧବଙ୍କର ବିଦାୟ )

ଏମନ୍ତେ ଦିନ ନନ୍ଦମନ୍ଦିରେ ଆନନ୍ଦେ ରହିଲେ ଶ୍ୟାମଘନ-ଦୂତ ।
ମେଲାଣି ହୋଇ ଗୋପଭୂପ ସ୍ଥାନୁରୁ ସାଜିଲା ଚଢ଼ି କରି ରଥ ।
ଅନେକ, ଅଳଙ୍କାର ଦେଲେ ଗୋପେଶ ।
ଗୋବିନ୍ଦ ସ୍ଥାନୁକୁ ଉଦନ୍ତ ବହୁତର କହିଲେ ଯେତେ ନୋହେ ଶେଷ । ୧ ।
ଉଦ୍ଧବ ମଥୁରା ଯିବା ସଜ ଦେଖି ବିଚାର କଲେ ବ୍ରଜନାରୀ ।
ଆମ୍ଭ ବେଦନା ଗିରିଧର ସ୍ଥାନୁକୁ ଲେଖିବା ସଖି କଥା ଚାରି ।
ଶୁଣି ସେ, କରିବେ ହୃଦେ ଅବା ଦୟା ।
ଏତେ ଭାଳି ସର୍ବ ଗୋପସୀମନ୍ତିନୀ ଆନନ୍ଦେ ପ୍ରଫୁଲ୍ଲିତ ହୋୟା । ୨ ।
ଚକୋରନୟନୀ ଚନ୍ଦ୍ରମାବଦନୀ ଚାରୁ ଚାମୀକରବରନା ।
କରିକୁମ୍ଭସ୍ତନା କରକରଦନା କଳକଣ୍ଠଭାଷୀ ନବୀନା ।
କୁଟିଳ—କୁନ୍ତଳା ମରାଳଗମନା ।
ବୀଣାକ୍ୱଣଭାଷୀ ବୃଷଭାନୁଜେମା ଆଗେ କହିଲେ ବ୍ରଜାଙ୍ଗନା । ୩ ।
ଲେଖ ଗୋ ଗୋବିନ୍ଦ ସ୍ଥାନୁକୁ ଚିଠାଉ ଏ ଆମ୍ଭର ଯେତେ ବିଷୟ ।
ଶୁଣି ଗୁଣବତୀ ଆନନ୍ଦ ହୋଇଲେ ବୋଲେ ଲେଖନ ପତ୍ର ଦିଅ ।
ଶୁଣି ସେ, ସୁରଙ୍ଗିଣୀ ବେଗେ ଉଠିଲା ।
ତତକ୍ଷଣେ କରେ ସମର୍ପଣ କରାଇ ଲିହ ବୋଲି ପାଦେ ଲୋଟିଲା । ୪ ।
ଶୁଣି ଚନ୍ଦ୍ରାନନୀ ଧଇଲେ ଲେଖନୀ ବାମ କରେ ପତ୍ର ଶୋହଇ ।
ପ୍ରଥମେ ଗୋପୀନାଥ ପାଦେ ଶରଣ ବୋଲି ଖଞ୍ଜନାକ୍ଷୀ ଲିହଇ ।
ଗୋକୁଳ—ସୁନ୍ଦର ବରଜନନ୍ଦନ ।
ନବଜଳଧରବରନ ଯଶୋଦାନନ୍ଦନ ଜଗତଜୀବନ । ୫ ।
ଅନାଥର ନାଥ ହୋଇଣ ଅନାଥ କରିଗଲ ହସ୍ତିନାଗର ।
ସାରସନୟନ ମୁରଲୀବଦନ ଦୁଃଖହରା କୃପାସାଗର ।
ଦୁରିତ—ଦହନ ମଦନମୋହନ ।
ପୂତନା ଷଣ୍ଡା ଶକଟା ତୃଣା ବକା ଯାମଳାଅର୍ଜୁନ-ଭଞ୍ଜନ । ୬ ।
ଏମାନଙ୍କ ଦଣ୍ଡ ଯେତେକ ବଡ଼ ତାହା ଆପଣେ ଜାଣିଛ ଗୋବିନ୍ଦ ।
ତେତେକ ବିପତ୍ତିମାନଙ୍କରୁ ସମ୍ଭାଳି ରଖିଛ ବୃନ୍ଦାବନଚନ୍ଦ୍ର ।
ଏବେ ସେ, ଲେଉଟିଲେ କିସ କରିବୁଁ ।
କେ ଅବା ରଖିବ ଅବଶ୍ୟ ଗୋପୀଙ୍କି ବିରେଖ ହୋଇ ପ୍ରାଣ ଦେବୁଁ । ୭ ।

ତୁମ୍ଭେ ଗଲଦିନୁ ଯାହା ହୋଇଲୁଣି ତାହା ଜାଣନ୍ତା ନାହିଁ କେହି ।
ତୁମ୍ଭ ବିନୁ ତିନଲୋକରେ କେ ଅଛି ଜାଣିମାରୁ ନନ୍ଦକହ୍ନାଇ ।
ସତେ କି, ଥରେ ବିଜେ ହେବ ଏଥିକି ।
ଛାମୁରେ ତୁମ୍ଭର ବଂଶୀ ଶୁଣାଇବୁଁ ଦୁଖ ରତ୍ନାକର ପୋଥିକି । ୮ ।
ଅଶନ ବିଷ ବସନ ଅହିସମ ଝୁଣ୍ଟେକ ଗଲଣି ଅଙ୍ଗରୁ ।
ତାଟଙ୍କ ହାରଭାର ବହି ନ ପାରୁ ତୁମ୍ଭ ଅଙ୍ଗସଙ୍ଗଭଙ୍ଗରୁ ।
କୃଷ୍ଣ ହେ, ନ ଯାଉଁ ଯମୁନାଜଳକୁ ।
ଯେବେ ଯାଉଁ ତେବେ ନେଇ ବୁଜିଥାଉଁ ନ ଚାହୁଁ କଦମ୍ବମୂଳକୁ । ୯ ।
ନିଶାକାଳେ ନିଶାକରକୁ ନ ଚାହୁଁ ନ ଘେନୁ କର୍ପୂର ଚନ୍ଦନ ।
ଝର ପରି ହୋଇ ଜରତେ ନୟନୁ ଲୋତକ ଝରଇ ମୋହନ ।
ନାଥ ହେ, ଏଣୁ ନ ଘେନୁଛୁ ଅଞ୍ଜନ ।
ମସ୍ତକେ ସିନ୍ଦୂରବିନ୍ଦୁକୁ ନ ଘେନୁ ନ କରୁ ମକରୀ ଲେଖନ । ୧୦ ।
କବରୀ ନ ସାଜୁ ଅଙ୍ଗକୁ ନ ମାଜୁ କୃଶ ହେଲୁଣି ଗୋପୀକୁଳ ।
ଅଧର ରଙ୍ଗିମା ବଚନ ଭଙ୍ଗିମା ତୁମ୍ଭ ବିନୁ ସର୍ବ ନିଷ୍ଫଳ ।
ନାଥ ହେ, ଦିବା ନିଶି ଏକ ସମାନ ।
ସଦନ ବନ ପରି ଏ ନ ରୁଚଇ ଶୀତଜଳ ଅଗ୍ନି ସମାନ । ୧୧ ।
ପକ୍ଷପ ନିଶିରେ ଚକୋର ଯେସନ ହୋଇଥାଇ ଚନ୍ଦ୍ର ନ ଦେଖି ।
ତହୁଁ ଅଧିକ ଦଶାକୁ ଲଭିଲୁଣି ତୁମ୍ଭ ବିହୁନେ ପଙ୍କଜାକ୍ଷୀ ।
ନାଥ ହେ, କଉଁ ଅଭାଗୀ ନାରୀ ଆମ୍ଭେ ।
ପ୍ରାଣ ନ ଯାଇ କଉଁ ଗୁଣେ ରହିଛି ନିର୍ଲଜ୍ଜପଣେ ମହାଦମ୍ଭେ । ୧୨ ।
ପୂର୍ବେ କେତେ ତପ କରିଥିଲୁ ଦିନାକେତେ ତୁମ୍ଭ ସଙ୍ଗେ ବଂଚିଲୁ ।
ସେ ସୁକୃତ କ୍ଷୟ ହୋଇଲାରୁ କର ପାଇଲୁ ନିଧି ହରାଇଲୁ ।
ନାଥ ହେ, ଆମ ସମ ଦୁଖୀ ନ ଥିବେ ।
ଏଡ଼େ ନିର୍ଲଜ୍ଜ କଉଁ ଜନେ ହୋଇବେ ଏଡ଼େ କଷ୍ଟେ ଦେହ ରଖିବେ । ୧୩
କା ଆଗେ କହିବୁ ଯାହା ହେଉଅଛୁଁ କହିଲେ କେ ଅବା ଶୁଣିମ ।
ଏକା ତୁମ୍ଭ ବିନା ଏ ହୀନା ଗୋପୀଙ୍କ କଥା କେ ମନରେ ଘେନିମ ।
ନାଥ ହେ, ଏତକ କେବଳ କରିବ ।
ମଥୁରା ନାରୀଙ୍କ ସଙ୍ଗ ଦିନେ ମାତ୍ର ଛାଡ଼ି ଦର୍ଶନ ଦେଇଯିବ । ୧୪ ।
ତୁମ୍ଭ କୃପାସିନ୍ଧୁ ପ୍ରାୟେ ହୋଇଥିଲା ବୁଡ଼ିଥିଲୁଁ ଗୋପୀ-ସଫରୀ ।
ସଫଳାନନ୍ଦନ ଅଗସ୍ତି ହୋଇଲା ଶୋଷିଲା ଅହଙ୍କାର କରି ।
ନାଥ ହେ, କେମନ୍ତେ ବଞ୍ଚିବୁ ବିଚାର ।
ଯାହା କହିଥିଲ ତାହା ପାସୋରିଲ ଚିତ୍ତରେ କମ୍ପା ନ ବିଚାର । ୧୫ ।

ଆମ୍ଭ ଭାଗ୍ୟକୁ ରସଦାନୀ ଜୀମୂତ ପ୍ରବଳ ହୋଇ ଉଦେ ହେଲା ।
କଂସଭଗର ତହିଁକି ମହାବାତ ମଥୁରା ଦିଗେ ଉଡ଼ାଇଲା ।
ନାଥ ହେ, ନିର୍ବିଷ ହୋଇଲୁ ଗୁଆଳୀ ।
ସତେ କାଳ ଆଉ ଲେଉଛି ଆସିବ କୃପାଜଳକୁ ଦେବ ଢାଳି । ୧୬ ।

ତୁମ୍ଭ ନନ୍ଦନ ଯଉଁ ରୂପେ ପର୍ବତମାନଙ୍କୁ ସତ୍ୟ କରାଇଲେ ।
ଦକ୍ଷିଣେ ଯାଇ ନିଶ୍ଚିନ୍ତ ହୋଇ ରହି କେବେହେଁ ବାହୁଡ଼ି ନଇଲେ ।
ନାଥ ହେ, ସେହିରୂପେ ହେଲ ପରାଏ ।
ତୁମ୍ଭେ ଅଗସ୍ତି ଅମ୍ଭେମାନେ ଶିଖରୀ ସତ୍ୟକୁ ବହିଅଛୁଁ କାୟେ ।୧୭ ।

ତଥାପି ବଡ଼ଲୋକଙ୍କର ବିଗ୍ରହ ଏମନ୍ତ ପରାୟେ ଦିଶଇ ।
ଦିଗବାସ ବନ୍ଧୁ ଶଚୀ ସୁରପତି ଏହାଙ୍କଠାରେ ପ୍ରକାଶଇ ।
ତାହାଙ୍କୁ, କେ ଅବା ନିନ୍ଦିବ ମହୀରେ ।
ସେମାନଙ୍କ ସଙ୍ଗେ ତୁମ୍ଭେ ଏବେ ହେଲ କି ହେବ ଆଉ ତା କହିଲେ ।୧୮।

ତୁମ୍ଭେ ସେହି ରୂପେ ହେଲେହେଁ କେ ଅବା ନିନ୍ଦା କରିବ ବଡ଼ପଣ ।
ଏଣୁ କରି ମନେ ବିଗ୍ରହ କରୁଛୁଁ ନ ପୁଣ ନ ଆସ ମୋହନ ।
ନାଥ ହେ, ଦୀନଜନେ ଦୟା କରିବ ।
ତେବେ ସିନା ଦୀନବାନ୍ଧବ ନାମକୁ କାଳେ କାଳେ ନିଶ୍ଚେ ବହିବ ।୧୯।

ଦଇବେ ଅମ୍ଭେ ଅହିରନାରୀ ସିନା ଭଲ ମନ୍ଦ ଦୁଇ ନ ଜାଣୁ ।
ମହତ ପୁରୁଷ ହୋଇ ତ ଆପଣ ନିରାଗ କଲ ଜାଣୁ ଜାଣୁ ।
ନାଥ ହେ, କି କହିବୁଁ କର୍ମ ଅସାର ।
ଦଇତାରି ହୋଇ ଦଇତ ପରାଏ ମାରିବାକୁ ମନ ବିସ୍ତର ।୨୦ ।

ତୁମ୍ଭ କନ୍ଦର୍ପଜ୍ୱରକୁ ମଧୁପୁର-ନାୟିକା ହୋଇଲେ ସୁପଥି ।
ଅମ୍ଭେମାନେ ସିନା କୁପଥ୍ୟ ହୋଇଲୁ ଯେତେକ ବରଜଯୁବତି ।
ନାଥ ହେ, କୁବୁଜା ଔଷଧ ହୋଇଲା ।
କାହାକୁ କହିବୁଁ ଦାରୁଣ ଦଇବ ଦେଲା ସମ୍ପଦକୁ ହରିଲା । ୨୧ ।

ଜାଣିଛ ତ ଯେତେ ପ୍ରକାରେ ଆମ୍ଭଙ୍କୁ ବାରେ ବାରେ ରକ୍ଷା କରିଛ ।
ଯେବେ ସେହିରୂପେ ତତକାଳେ ଆସି ଆଶା ପୂରାଅ ନନ୍ଦବତ୍ସ ।
ନାଥ ହେ, ଯେହ୍ନେ ଥିଲେ ଅମ୍ଭେ ତୁମ୍ଭର ।
କୃପାସିନ୍ଧୁ, ଥାଉଁ ଥାଉଁ ତୃଷା ଭରେ ମରୁଅଛୁଁ ଗୋପୀନିକର । ୨୨ ।

ପ୍ରତିପାଳିଲା ଜନକୁ ନାଶ କଲେ ନିଶ୍ଚୟ ହୋଇବ ଦୂଷଣ ।
ଜ୍ୟେଷ୍ଠ କନିଷ୍ଠ ମଧ୍ୟମ କିବା ହେଉ କେବେହେଁ ନୁହଇ ଭୂଷଣ ।
ନାଥ ହେ, ତୁମ୍ଭେ କି ନ ଜାଣ ସେମାନ ।
ଅମ୍ଭେ ସିନା ବନଗୃହବାସୀମାନେ ନ ଜାଣୁ କେ ଜ୍ଞାନ ଅଜ୍ଞାନ । ୨୩ ।

ତୁମ୍ଭେ ଥିଲାବେଳେ ବାମଦେବ ପ୍ରାୟେ କାମକୁ ନଷ୍ଟ କରୁଥାଉ ।
ଯହୁଁ ବାମ ହେଲ ବରଜସୁନ୍ଦରୀ ନରତେ ତାକୁ ପୂଜୁଥାଉଁ ।
ନାଥ ହେ, ଜୟ କର ହୃଦଦେଶରେ ।
ନ ପୁଣ ପଞ୍ଚବିଶିଖ ପ୍ରହାରଇ ପୂର୍ବ କଲ୍ଲ କଥା ରୋଷରେ । ୨୪ ।

ତଥାପି ଯେବଣ ସୁନ୍ଦରୀ ତୁମ୍ଭର ଚନ୍ଦ୍ରବଦନ ଦେଖିଥିବ ।
ବଚନ ମଧୁର ସୁମରି ସୁମରି ପ୍ରାଣ ନାଙ୍କ ରଖି ପାରିବ ।
ନାଥ ହେ, କୋହିଏ କାମ ପ୍ରହାରିବ ।
ଯେତେ ପ୍ରକାରେ ପ୍ରବୋଧି ସେବା କଲେ କାହିଁତେ ଦୟା ନ କରିବ । ୨୫ ।

ଆସିବାର ହେଲେ ବାହୁନ ଆସିବ ନଇଲେ ଏମନ୍ତ ଜାଣିବ ।
କର୍ପୂର ପଇଡ଼ ଲେମ୍ବୁ ଏକ କରି ଦୂତ ଗୋଟିକ ହାତେ ଦେବ ।
ନାଥ ହେ, କବଳ କରିବୁଁ ଗୁଆଳୀ ।
ଆମ୍ଭ ବିଷୟ ଏତେକେହେଁ ସରିବ ନିଶ୍ଚିନ୍ତ ହେବ ବନମାଳୀ । ୨୬ ।

ପୁଣ ବିଚାରୁଛୁଁ ତୁମ୍ଭ ବିମ୍ବାଧରୁ ଅମିୟ ଆମ୍ଭଙ୍କୁ ଦେଇଛ ।
ବିଷ ଭକ୍ଷିଲେ ନ ମରି ଜ୍ୱାଳା ଜଳେ କି କରିବୁ ହେ ନନ୍ଦବତ୍ସ ।
ଅନଳ, ଉପରେ ଅନଳ ପଡ଼ିବ ।
କେ ସହିପାରିବ ଏ ଘୋର ବିପତ୍ତି ଦ୍ୱିଗୁଣେ ଶରୀର ପୋଡ଼ିବ । ୨୭ ।

ଆମ୍ଭ ବିଷୟ ଉଦ୍ଧବଙ୍କ ମୁଖରୁ ଶୁଣିବ ସେ ଯାହା କହିବେ ।
ମନେ ବିଚାରିବ ବରଜବନିତା କେମନ୍ତେଟି ସୁଖୀ ହୋଇବେ ।
ନାଥ ହେ, ଦୁଃଖ-ସରିତରେ ଭାସୁଛୁ ।
କେବଳ ତୁମ୍ଭ ନାମଭେଳା ଆଶ୍ରୟ କରି ବିପତ୍ତି ବିନାଶୁଛୁଁ । ୨୮ ।

ଏହି କଥାଗୋଟି ମନରେ କରିବ କେମନ୍ତ ପ୍ରକାରେ ବଞ୍ଚିବୁ ।
ଦୟା କରି ଯେବେ ଥରେ ଭେଟ ଦେବ ମୁଖ ଦେଖି ପ୍ରାଣ ମୁଞ୍ଚିବୁ ।
ନାଥ ହେ, ତେବେ ସର୍ବ ଦୁଃଖ ସରନ୍ତା ।
ଦାରୁଣ ଅତନୁ ଯାହା ଦହୁଅଛି ସେ କଥା କେବେହେଁ ନୁହନ୍ତା । ୨୯ ।

ତୁମ୍ଭଙ୍କୁ ଉତ୍ତମ ହୁଅନ୍ତା ନିଶ୍ଚିନ୍ତେ ମଥୁରାନଗରେ ରହନ୍ତ ।
କୁବୁଜାଙ୍କ ସଙ୍ଗେ ନାନା ଭାବରଙ୍ଗେ ରଜନୀ ଦିବସ ନଅନ୍ତ ।
ନାଥ ହେ, ଦିନୁଁ ଦିନୁଁ ସୁଖ ବଢ଼ନ୍ତା ।
ଦୀନ ଗୋପୀଙ୍କ ଜଞ୍ଜାଳ ଯହିଁ ଦୂର ହୋଇ ଛାଡ଼ିକରି ରହନ୍ତା । ୩୦ ।

ଜାଣିଥିଲୁଁ ବଡ଼ଲୋକଙ୍କ ବଚନ ପାଷାଣଗାର ପ୍ରାୟ ହୋଇ ।
ଏବେ ଜାଣିଲୁଁ ସଲିଳଗାର ପ୍ରାୟେ ସେ ଯେବେ ମୁହୂର୍ତ୍ତେ ନ ରହି ।
ନାଥ ହେ, ଜାଣିଥିଲେ କେହୁ ଛାଡ଼ନ୍ତା ।
ଲୁଇତବପଣ କରି ଭଙ୍ଗି ଗଲ ନାମ ବହି ସୁଖକରତା । ୩୧

ଏବେ ଆଜଠାରୁ ଦୀନବନ୍ଧୁ ନାମ ଛାଡ଼ ସୁଖୀବନ୍ଧୁ ହୋଇବ ।
କହୁଅଛୁଁ ସତ ଯେ ବୋଲିବ ଦୀନବନ୍ଧୁ ଆମ୍ଭ ପ୍ରାୟେ ହୋଇବ ।
ନାଥ ହେ, ଏଣିକି ତୁମ୍ଭର ବେଭାର ।
ସୁନାରୀ ପରାଏ ପ୍ରୀତି କରି ପ୍ରାନ୍ତକାଳକୁ କଲ ଦୁର୍ବସ୍ଥର । ୩୨ ।
ସେ ଯେତେକେ ଧନ ହରିବା ପରଯନ୍ତେ ନାନାମତେ ସୁଖ କରଇ ।
କି କି କରି ତାଙ୍କ ସଞ୍ଚିଲା ପଦାର୍ଥ ଘେନି ତ୍ରାସ ଦେଇ ଚଳଇ ।
ନାଥ ହେ, ସେହିମତି ତୁମ୍ଭ ବିଚାର ।
ତଥାପି ସୁନାରୀମାନଙ୍କୁ ଭଣ୍ଡିଲ ଏ କଥା ସିନା ଅଗୋଚର । ୩୩ ।
ଶୁଣିଛୁ ଅତି ଧାର୍ମିକପଣ କଲେ କାଳେ ଅଧର୍ମ ଆଚରନ୍ତି ।
ଅତିଶୟ ଦାନପଣ ଯେ କରନ୍ତି ସେ ପୁଣି କୃପଣ ହୁଅନ୍ତି ।
ଏମନ୍ତ ହେ, କୈତବ ଗୁଣ ନ ଛାଡ଼ନ୍ତି ।
ଦାନୀ ଧାର୍ମିକ ହୋଇ କିସ ହୋଇବ ଯେଣୁ ବଚନ ନ ପାଳନ୍ତି । ୩୪ ।
ଏବେ ତତକାଳେ ଗୋପକୁ ଆସିବ ନଇଲେ ଜୀବନ ଗଲାଟି ।
ଯୁଗେ ଯୁଗେ ସ୍ତ୍ରୀ-ହତ୍ୟା ଦୋଷ ତୁମ୍ଭ ନାମରେ ପ୍ରକଟ ହେଲାଟି ।
ନାଥ ହେ, ଏହା ବିଚାରିବା ହୋଇବ ।
ଆମ୍ଭ ପ୍ରାଣଟି ରସିକରତ୍ନାକର ଆଉ ବିଳମ୍ବ ନ କରିବ । ୩୫ ।
ସେ ଦେଶେ କି ଷଡ଼ ଋତୁଏ ନାହାନ୍ତି, ନାହାନ୍ତି କି ରସଗାୟକ ।
ଚନ୍ଦ୍ର କୋକିଳ କେକି-କେକା ରସାଳ ଜୀମୂତଗର୍ଜ୍ଜନ ଡାହୁକ ।
ନାଥ ହେ, ନୟନେ କି ଦେଖି ନ ଶୁଣ ।
ସେ ଦେଶେ କି ଫୁଲଧନୁ ଧରି କାମଦେବ ନ କରଇ ଭ୍ରମଣ । ୩୬ ।
ତଥାପି ଏ ଶ୍ରେଣୀ ଥିଲେ କି ହୋଇବ ମଧୁପୁରନାରୀ ଅଛନ୍ତି ।
ଯେତେ କଥା ଏହା ଦେଖି ଜାତ ହୋଏ ତୁମ୍ଭଙ୍କୁ କି କରି ପାରନ୍ତି
ତହିଁ କି, ଭୟ ନାହିଁ ତୁମ୍ଭ ମନରେ ।
ଅଉ ସେମାନ କହ କିସ ହୋଇବ ରହିଲ କୁବ୍ଜା ସ୍ନେହରେ । ୩୭ ।
ଏତେକ ଲେଖି ନବୀନନୀରଜାକ୍ଷୀ କଉତୁକ କରି ମୁଦିଲେ ।
କୁସୁମମଣ୍ଡାଭିତରେ ଥୋଇ ବାଲୀ କି କି ମନରେ ବିଚାରିଲେ ।
ତା ପରେ, ଉରଗ ଗୋଟିଏ ଲିହିଲେ ।
ପୁଣି ଅଞ୍ଜନାନନ୍ଦନ ଚନ୍ଦ୍ରଚୂଡ଼ ତହିଁ ପାରୁଶେ ବସାଇଲେ । ୩୮ ।
ଗୁପତ କରି ଉଦ୍ଧବଙ୍କ ହସ୍ତରେ ଦେଲେ ସେ ପୀନପୟୋଧରୀ ।
ଗୋପୀନାଥଙ୍କ ସମ୍ମୁଖରେ ଦେବ ବୋଲି ବୋଇଲେ ବରଜକିଶୋରୀ ।
ମଥୁରା, ନାଗରୀଏ ଥିଲେ ନ ଦେବ ।
ବୋଲେ ବଇରାଗୀ ଭଗତିଚରଣ ଜଣାଗଲେ ଦ୍ୱନ୍ଦ ହୋଇବ । ୩୯ ।

## ତ୍ରିଂଶ ଛାନ୍ଦ

( ରାଗ—ପଞ୍ଚମ ବରାଡ଼ି । ବାପ୍ରର୍ଦ୍ଧି ବାଣୀରେ )

ଗୋପୀଙ୍କ ଉଦନ୍ତ ଘେନି ଉଦ୍ଧବ ହୋଇ ମେଲାଣି
ମଥୁରାନଗରେ ପରବେଶ ।
ଶ୍ରୀକୃଷ୍ଣପାରୁଶେ ହୋଇ ଚରଣେ ପ୍ରଣାମ କଲା
ଦେଖି ଦୀନବନ୍ଧୁ ହେଲେ ତୋଷ, ସେ ବ୍ରଜବୀର
ଆଲିଙ୍ଗନ କରି ବସାଇଲେ । ଗୋପର କୁଶଳ ପଚାରିଲେ ସେ ।୧।
ଶୁଣ ହେ ଭଗତବର ଯାଇଥିଲ ଗୋପପୁର
କହ ଗୋପୀ କି କରୁଅଛନ୍ତି ।
ସେ ଯେ ମୋର ପ୍ରାଣସମ ବାହ୍ୟ କରାଇଲା ବାମ
ଦିବା ନିଶି କରୁଥିବେ ଚିନ୍ତା, ସେ ଗୋପୀମାନେ
ଉତ୍ପାତ ନାହିଁ ନା ବୃନ୍ଦାବନେ । ସୁଖେ ଛନ୍ତିଟିକି ଜୀବମାନେ ସେ ।୨।
ନନ୍ଦ ଯଶୋଦା ସହିତେ ମୋର ପ୍ରିୟସଖା ଯେତେ
କୁଶଳଟିକି ତାଙ୍କର କହ ।
ଗୋବିନ୍ଦ ବଚନ ଶୁଣି ଉଦ୍ଧବ ଯୋଡ଼ିଲେ ପାଣି
ପ୍ରେମେ ଥରଥର କମ୍ପେ ଦେହ, ସେ ଯଦୁବୀର
କହଇ ଗୋପୀଙ୍କ କଥାମାନ । କ୍ଷଣେ କ୍ଷଣେ ବୁଜଇ ନୟନ ସେ ।୩।
ଶୁଣ ହେ କରୁଣାସିନ୍ଧୁ ଧନ୍ୟ ସେ ବରଜବଧୂ
ଯାହା ମୁଁ ଦେଖିଲି ତାହାଙ୍କର ।
ଅଶେଷ ଭୁବନ ପୁରି ଯେତେକ ଛନ୍ତି ବ୍ରହ୍ମଚାରୀ
ସତୀ ଯତି ଶଙ୍କର ଅମର, ସେ ଶେଷ ଆଦି
ସମାନ ନୋହିବେ ତାଙ୍କ ସଙ୍ଗେ । ଧନ୍ୟ ମୁଁ ଦେଖିଲି ନେତ୍ରଯୁଗେ ସେ ।୪।
ମୋଠାରେ ସୁଦୟା କରି ପେଷିଲେ ବରଜପୁରୀ
ଭାଗ୍ୟବଳେ କଲି ଦରଶନ ।
ଏବେ ଏହି କୃପା କର ଆଜ୍ଞା ଦିଅ ଗିରିଧର
ଫେରିଯିବି ସେହି ବୃନ୍ଦାବନ, ହେ ଦୀନବନ୍ଧୁ
ଗୋପୀଙ୍କ ସଙ୍ଗରେ ରହିଥିବି । ଏଥେ ଥାଇ କି ସୁଖ ଭୁଞ୍ଜିବି ସେ ।୫।
କରୁଥିବି ତାଙ୍କ କର୍ମ ସାଧୁଥିବି ତାଙ୍କ ଧର୍ମ
କାନ୍ଦୁଥିବି ତାଙ୍କର ପଛରେ ।
ହେଉଥିବି ତାଙ୍କ ବେଶ କରୁଥିବି ବ୍ରଜେ ବାସ
କରୁଥିବି ତବ ରୂପ ଧ୍ୟାନ, ହେ ଦୀନବନ୍ଧୁ
କୃଷ୍ଣ ବୋଲି ଗାଉଥିବି ମୁଖେ । ଥିବି ସେ ଗୋପୀଙ୍କ ପାଖେ ପାଖେ ହେ ।୬।

ଏତେକ କହି ଯଦୁମଣି — ନୟନୁ ବରଷେ ପାଣି
ଦେଖି ପଚାରନ୍ତି ନନ୍ଦବଳା ।
କି କି କହିଛନ୍ତି ଗୋପୀ — ତାହା ସେ କହ ସଂପି
ଶୁଣିଲେ ତୁଟିବ ଦୁଃଖକଳା, ହେ ଯଦୁମଣି
ଗୋପୀଙ୍କ ସମାନେ ଦୁଃଖୀ ନାହିଁ । ଗୋବିନ୍ଦ ବଚନ ଶୁଣି କହି ସେ । ୭ ।

କି କହିବି ଗୋପକଥା — କହିଲେ ଲାଗଇ ବ୍ୟଥା
ଅଶୋଭା ଦିଶୁଛି ବୃନ୍ଦାବନ ।
କାନ୍ଦୁଛନ୍ତି ବୃକ୍ଷମାନେ — କୃଶ ହୋଇ ବନେ ବନେ
କ୍ଷୀର ନ ଦିଅନ୍ତି ଧେନୁମାନେ, ହେ ଦୀନବନ୍ଧୁ
କୃଷିମାନେ ନ ଫଳନ୍ତି ଭଲେ । ବୃଷ୍ଟି ନ କରନ୍ତି ମେଘମାଳେ ହେ । ୮ ।

କୂପେ ନ ଦିଅନ୍ତି ଜଳ — ବୃକ୍ଷେ ନ ଫଳନ୍ତି ଫଳ
ସୁଗନ୍ଧ ପବନ ନ ବହଇ ।
ଏକା ତୁମ୍ଭ ବିଚ୍ଛେଦରୁ — ଚିନ୍ତା ହେଲା ମହାଗୁରୁ
କାହାର ମନେ ହରଷ ନାହିଁ, ହେ ଦୀନବନ୍ଧୁ
ରଜନୀ ଦିବସେ ଝୁରୁଛନ୍ତି । ମହାକଷ୍ଟେ ଗୋପୀଏ ବଞ୍ଚନ୍ତି ହେ । ୯ ।

ନ ଭେନନ୍ତି ଗନ୍ଧପୁଷ୍ପ — ନାନା ଅଳଙ୍କାର ବେଶ
ସ୍ୱସ୍ୱାଦୁ ପଦାର୍ଥ ନ ଭୁଞ୍ଜନ୍ତି ।
ନ ପିନ୍ଧନ୍ତି ଝୀନବାସ — ଉଚେ ଛାଡ଼ନ୍ତି ନିଶ୍ୱାସ
ହା ଗୋବିନ୍ଦ ବୋଲିଣ ରୋଦନ୍ତି, ହେ ଦୀନବନ୍ଧୁ
କ୍ଷଣେ କ୍ଷଣେ ପଡ଼ନ୍ତି ମହୀରେ । ନ ଶୁଣନ୍ତି କର୍ଣ୍ଣରେ କହିଲେ ହେ । ୧୦ ।

ବୃକ୍ଷ ନ ଥିଲାରୁ ଗିରି — ଦିଶନ୍ତି ଯେମନ୍ତ ପରି
ବସନ୍ତ ବିହୀନେ ଯେହ୍ନେ ଲତା ।
ଜଳ ବିନେ ଯେହ୍ନେ ମୀନ — ସୂର୍ଯ୍ୟ ବିନେ ପଦ୍ମବନ
କାନ୍ତ ବିନେ ଯେସନେ ବନିତା, ହେ ଦୀନବନ୍ଧୁ
ସେହିରୂପେ ହୋଇଛନ୍ତି ଗୋପୀ । କେ କହିବ ସେ ଦୁଃଖ ସଂପି ହେ । ୧୧ ।

ଶଙ୍ଖାରି ତାମ୍ବୁଲମାନେ — କାଚରି ବଣିକଗଣେ
ସୁନାରି ସହିତେ ପାଞ୍ଚ ଜାତି ।
ଗୋପପୁରୁଁ ପଳାଇଲେ — ଅନ୍ୟ ଅନ୍ୟ ଦେଶେ ଗଲେ
ଯେଣୁ ଗୋପୀ ସୁବେଶ ନୁହନ୍ତି, ହେ ଦୀନବନ୍ଧୁ
ତାଙ୍କ ସଙ୍ଗେ ଗଲା ମାଳାକାର । ଯହିଁ କହେ ନ ଗଲା ତାଙ୍କର ହେ । ୧୨ ।

ପୁଣି ଦେଖିଲି ବିଚିତ୍ର — ଯେତେ ହ୍ରଦେ ପଦ୍ମପତ୍ର
ବୃକ୍ଷର କୋମଳ ପତ୍ର ଆଦି ।

ବୃନ୍ଦାବନେ ନ ମିଳନ୍ତି ଶୁଣିମା ହେଉ ଶ୍ରୀପତି
ତବ ବନେ ବରଜସାଧବୀ, ହେ ଦୀନବନ୍ଧୁ
ବିରହ-ଅନଳେ ତାପି ହୋଇ । ଶଯ୍ୟା କରି ତହିଁ ପରେ ଶୋଇ ହେ । ୧୩ ।
ରାଜହଂସଶ୍ରେଣୀ ମୃଗ ଚନ୍ଦ୍ରମା ରାଜା ଅନଙ୍ଗ
ବନନ୍ଦ୍ରିୟ ଆଦି କେତେ କେତେ ।
ସାରଙ୍ଗ ନ କରେ ସ୍ୱନ ହୋଇଣ ଆନନ୍ଦ ମନ
ଦେଖି ଦୁଃଖୀ ବରଜଯୁବତୀ, ହେ ଦୀନବନ୍ଧୁ
କି କହିବି ଗୋପର ଉଦନ୍ତ । କୃଶ ହୋଇଅଛନ୍ତି ସମସ୍ତ ହେ । ୧୪ ।
ଚମ୍ପା ଜାତି କୁରୁବକ ନଆଳୀ ମଲ୍ଲୀ ଅଶୋକ
ଏ ଆଦି ଯେତେକ ପୁଷ୍ପମାନ ।
ଫୁଟନ୍ତି ଝଡ଼ନ୍ତି ତଳେ ସଢ଼ନ୍ତି ଅତି ପ୍ରବଳେ
ଯେଣୁ ଗୋପୀ ନୁହନ୍ତି ମଣ୍ଡନ ହେ ଦୀନବନ୍ଧୁ
ଗୋପପୁର ବାରତା ଏମନ୍ତ । ଶୁଣିଲେ ଶ୍ରବଣେ ଦେବ ହସ୍ତ ହେ ।୧୫।
ପୁଣିହିଁ ଅଭି ବଚନ ଦେଖିଲି ରାଜୀବନେତ୍ର
ଯମୁନା ପ୍ରବଳ ହୋଇଅଛି ।
କୂଳକୁ ଲଙ୍ଘି ତରଙ୍ଗ ଶୁଣି ବୋଲନ୍ତି ଶ୍ରୀରଙ୍ଗ
କହ ଏଥି କି ବିଷୟ ଅଛି, ହେ ଯଦୁବୀର
ଶୁଣି କହେ ଶିରେ ଦେଇ ପାଣି । ଶୁଣ ସାବଧାନେ ସେ କାହାଣୀ ।୧୬।
ତବ ବିଛେଦକୁ କରି ରୋଦନ୍ତି ବ୍ରଜନାରୀ
ନୟନୁ ଲୋତକ ବହି ଯାଇ ।
ମିଶଇ ଯମୁନା ସଙ୍ଗେ ଏଣୁ ସେ ବଢ଼ଇ ବେଗେ
କୃତାନ୍ତଭଗିନୀ ଦୋଷ ନାହିଁ , ହେ ଦୀନବନ୍ଧୁ
ବୃନ୍ଦାବନ କଥା ନ ପଚାର । ମନେ ପଡ଼ି କମ୍ପେ ମୋର ଉର ହେ ୧୭।
ଏ ବାଣୀ ଶୁଣି ଗୋବିନ୍ଦ ବୃଜି ନେତ୍ର ଅରବିନ୍ଦ
ହୃଦରେ ସୁମରି ଗୋପୀଭାବ ।
ଟିକାକ ଅନ୍ତରେ ଭାଷି ଧନ୍ୟ ସେ ଗୋପବାସୀ
ମୋହୋଠାରେ ଏଡ଼େ ବଡ଼ ଭାବ, ସେ ଗୋପୀମାନେ
ସତେ କି କରିବେ ସୁରଜ୍ୟେଷ୍ଠ । ସେମାନଙ୍କ ସଙ୍ଗେ ହେବ ଭେଟ ହେ ।୧୮
ଏତେ ବୋଲି ଭାବଗ୍ରାହୀ ଉଦ୍ଧବେ ମେଲାଣି ଦେଇ
ନିଜ ପୁରେ ରହିଲେ ମାଧବ ।
ସେ ଗୋବିନ୍ଦ ପାଦଯୁଗେ ଯେଉଁ ଜନ ଅନୁରାଗେ
ସେହୁ ଜନ ସଂସାରୁ ତରିବ, ହେ ନରମାନେ
ଆନ ଦେବାଦେବୀ ଦୂରେ ତେଜ । ନିରବଧି ହରିପାଦେ ମଜ ହେ । ୧୯ ।

ଦେଖ ଏ ଅନିତ୍ୟ ଅଙ୍ଗ କ୍ଷଣକେ ହୁଅଇ ଭଙ୍ଗ
ଶରଣ ହୋଇ କେବେହେଁ ନ ରହେ ।
ଧନ ଜନ ତାତ ମାତ ଏ ଯେନ ବିଜୁଳି ମତ
କେହି କାହା ସଙ୍ଗତେ ନ ଯାଏ, ହେ ନରମାନେ
ଏଣୁ ଭଜ ଗୋବିନ୍ଦ ଚରଣ । ନ ପାଇବ ଯମର କଷଣ ହେ । ୨୦ ।
ସର୍ବ ଜୀବେ ଦୟା ବହି ମୁଖେ ହରେ କୃଷ୍ଣ କହି
କାମ କ୍ରୋଧ ଲୋଭ ମୋହ ମଦ ।
ମାତ୍ସର୍ଯ୍ୟ ସହିତେ କର ତେଜ ଏ ଷଡ଼ ଅରି
ସଦାକାଳେ କରନ୍ତି ଏ ବାଦ, ହେ ନରମାନେ
ବାସୁଦେବ ସ୍ମରଣେ ଘୁଞ୍ଚନ୍ତି । ଯେ ଭଜନ୍ତି ତାହାଙ୍କୁ ମୁଞ୍ଚନ୍ତି ହେ । ୨୧ ।
ଦେଖୁ ତ ଅଛ ସାକ୍ଷାତେ ମରି ଯାଉଛନ୍ତି ଯେତେ
କେହି କିଛି ସଙ୍ଗେ ନ ନଅନ୍ତି ।
ବିଅର୍ଥେ ହେଉଛ ବଣା ଚର୍ମୁ ଥାଉଁ ହୁଅ କଣା
ଭଜ ଯାହା ଗୁରୁ କହୁଛନ୍ତି, ହେ ନରମାନେ
ଯେବେ ଡର ଅଛଇ ଯମକୁ । ତେବେ ଆଶ୍ରେ କର ଗୋବିନ୍ଦଙ୍କୁ ହେ ।
ନର୍କସ୍ଥ ଜନ୍ତୁଙ୍କ ରଜା କରଇ ଯେତେ ତରଜା
ଛଳେହେଁ ଔପ୍ରଧ ନ କରଇ ।
ଶୁଣୁ ତ ଅଛ ପୁରାଣେ କୃଷ୍ଣ ନ ଭଜନ୍ତିମାନେ
ନର୍କରେ ତାହାଙ୍କୁ ବୁଡ଼ାଇ, ହେ ନରମାନେ
ଯେହ୍ନା ଜାଣି ଛାଡ଼ ଗର୍ବ ମାନ । କର ରାଧା ଗୋବିନ୍ଦଙ୍କୁ ଧ୍ୟାନ ହେ ।୨୩।
ଭକ୍ତଚରଣ ଦାସ ହୋଇଲି ବଡ଼ ନିରାଶ
ଯେଣୁ ନ ପାଇଲି ସାଧୁସଙ୍ଗ ।
ସଂସାରସାଗରେ ପଡ଼ି ନିରତେ ରହିଲି ବୁଡ଼ି
ମଲି ବାଜି ବିଷୟତରଙ୍ଗ, ହେ ସାଧୁଜନେ
ଅଧମକୁ ଦେଖି ଦୟା କର । ତୁମ୍ଭ ପାଦ ଦିଅ ମୋର ଶିର ହେ । ୨୪ ।

ସମାପ୍ତ

# ମଙ୍ଗଳ ଦୀପିକା

## ପ୍ରଥମ ଛାନ୍ଦ

ମଥୁରାମଙ୍ଗଳ—ମଥୁରାର ଅପର ନାମ ମଧୁପୁରୀ । ଏହି ରାଜ୍ୟ କଂସ ଓ ତାହାର ଅନୁଚର ପ୍ରଭୃତିଙ୍କ ତାପରେ ବିଶେଷ କଷ୍ଟ ପାଇଥିଲା । କୃଷ୍ଣଚନ୍ଦ୍ର କଂସ ଓ ତାହାର ଅନୁଚରମାନଙ୍କୁ ନାଶ କରି ମଥୁରାର ମଙ୍ଗଳ କରିଥିଲେ; ଏଥିହେତୁ କାବ୍ୟର ନାମ ମଥୁରାମଙ୍ଗଳ । "ମଥୁରା ଭଗବାନ ଯତ୍ର ନିତ୍ୟଂ ସନ୍ନିହିତୋ ହରିଃ ।"

୧ । ଜୟ—ଉତ୍କର୍ଷଖ୍ୟାପକ ଶବ୍ଦ—ତେଣୁ ନମସ୍କାର ବୁଝାଉଅଛି । ଗୋବିନ୍ଦ—ଗୋରକ୍ଷକ ବା ପୃଥିବୀ, ସ୍ୱର୍ଗ ଓ ବେଦର ପାଳକ ଶ୍ରୀକୃଷ୍ଣ । ଭାଗବତ ମତରେ 'ଗୋବିନ୍ଦ' ଶବ୍ଦ 'ଗୋପେନ୍ଦ୍ର' ର ଅପଭ୍ରଂଶ । ଗୋବର୍ଦ୍ଧନ ଧରିଲା ପରେ ଶ୍ରୀକୃଷ୍ଣଙ୍କୁ ସୁରଭି 'ତ୍ୱଂ ନ ଇନ୍ଦ୍ର' ବୋଲି ସ୍ତବ କରିଥିଲେ । ତହୁଁ ଶ୍ରୀକୃଷ୍ଣଙ୍କର ନାମ ଗୋବିନ୍ଦ । ଗୋକୁଳସୁନ୍ଦର—ଗୋପପୁରର ଶୋଭାବର୍ଦ୍ଧକ । ରାମଅନୁଜ—ବଳରାମଙ୍କର ସାନ ଭାଇ । ଦାମୋଦର—ଦାମ ( ଜ୍ୟୋତିରେଖା ) ଉଦରରେ ଥିବାରୁ ତାହାଙ୍କର ନାମ ଦାମୋଦର ।

୨ । କଂସାରି—କଂସର ଶତ୍ରୁ । ମାଧବ—ଲକ୍ଷ୍ମୀଙ୍କର ପତି । ନନ୍ଦକ—ଶ୍ରୀକୃଷ୍ଣଙ୍କ ଖଡ୍ଗର ନାମ ।

୩ । ରମାରମଣ—ରମା—ଲକ୍ଷ୍ମୀ, ତାଙ୍କ ରମଣ ପତି । ଦଇତାରି—ଦୈତ୍ୟାରି—ଦୈତ୍ୟମାନଙ୍କ ଶତ୍ରୁ । ଅନନ୍ତ—ଯାହାଙ୍କର ଅନ୍ତ କି ସୀମା ନାହିଁ । ଅଖିଳବିହାରୀ—ବ୍ରହ୍ମାଣ୍ଡରେ ସର୍ବତ୍ର ବ୍ୟାପିଅଛନ୍ତି; ଅନ୍ତର୍ଯ୍ୟାମୀ ।

୪ । ଖଗବାହନ—ଗରୁଡ଼ ଯାହାଙ୍କର ବାହନ । ପୀତବାସ—ହଳଦିଆ ଲୁଗା ଯାହାଙ୍କର । ବକାରି—ବକ ଅସୁରର ଶତ୍ରୁ, କଂସ ଅନୁଚର ବକକୁ ଶ୍ରୀକୃଷ୍ଣ ମଧୁବନରେ ନାଶ କରିଥିଲେ । ନରକ—ପ୍ରାଗ୍ ଜ୍ୟୋତିଷପୁରର ଅଧିପତି ଅସୁର । ସେ ଇନ୍ଦ୍ରମାତା ଅଦିତିଙ୍କର ଦୁଇ କୁଣ୍ଡଳ ଓ ଇନ୍ଦ୍ରଙ୍କ ଛତ୍ର ହରଣ କରିଥିଲା ଓ ଇନ୍ଦ୍ରଙ୍କୁ ମଧ୍ୟ ମେରୁ ପର୍ବତରୁ ସ୍ଥାନଚ୍ୟୁତ କରିଥିଲା । ଇନ୍ଦ୍ର ଶ୍ରୀକୃଷ୍ଣଙ୍କୁ ନରକର ଅତ୍ୟାଚାର ବିଷୟ ଜଣାଇଥିଲେ । କୃଷ୍ଣଚନ୍ଦ୍ର ନରକକୁ ମାରି ଅଦିତିଙ୍କ କୁଣ୍ଡଳ ଓ ଇନ୍ଦ୍ରଙ୍କର ଛତ୍ର ଉଦ୍ଧାର କରିଥିଲେ ଓ ନରକର ଅନ୍ତଃପୁରରେ ଥିବା ଷୋଳ ସହସ୍ରରୁ ଅଧିକ ଦେବ-ଗନ୍ଧର୍ବ-ମାନବ କନ୍ୟା ଓ ଅପ୍ସରାମାନଙ୍କୁ ନିଜ ଅନ୍ତଃପୁରରେ ରଖିଥିଲେ ।

୫ । ମୁରାରି—ମୁରଅସୁରର ଶତ୍ରୁ ; ସେ ଅସୁର ନାରକାସୁରର ପ୍ରଧାନ ସେନାପତି ଥିଲା । କାରଣ-ସଲିଳ-ବିହାରୀ—ସଙ୍କର୍ଷଣ ରୂପରେ କାରଣାର୍ଣ୍ଣବରେ ଶୟନ କରନ୍ତି ।

୬ । ଜଗତଜୀବନ—ସଂସାରର ପ୍ରାଣରୂପୀ । ମୋହନ—ଲୀଳାରେ ସମସ୍ତଙ୍କୁ ମୁଗ୍ଧ କରି ରଖିଅଛନ୍ତି । ନୃସିଂହହିରଣ୍ୟଧ୍ୱଂସନ—ହିରଣ୍ୟ ଅସୁର କଶ୍ୟପ ଓ ଦିତିଙ୍କର ପୁତ୍ର । ସେ ବ୍ରହ୍ମାଙ୍କ ବରରେ ଅତି ପ୍ରତାପୀ ହୋଇଥିଲା । ଇନ୍ଦ୍ରଙ୍କ ଇନ୍ଦ୍ରତ୍ୱ ହରଣ କରି ତ୍ରିଲୋକକୁ ପୀଡ଼ା ଦେବାକୁ ଲାଗିଲା । ତାର ପୁତ୍ର ବିଷ୍ଣୁଙ୍କୁ ଉପାସନା କଲାରୁ ସେ ରାଗି ଯାଇ ପୁତ୍ରକୁ ବହୁ ଶାସ୍ତି ଦେଲା ଓ ବିଷ୍ଣୁଙ୍କୁ ନିନ୍ଦା କଲା । ପୁତ୍ର ପ୍ରହ୍ଲାଦର କାତର ଆହ୍ୱାନରେ ବିଷ୍ଣୁ ସ୍ତମ୍ଭରୁ ନୃସିଂହରୂପେ ବାହାରି ହିରଣ୍ୟକୁ ନାଶ କରିଥିଲେ ।

୭ । ଯାଦବ—ଯଦୁବଂଶରେ ଜାତ । ବରଜଚନ୍ଦ୍ରମା—ବରଜ ( ବ୍ରଜ ) ଗୋକୁଳ ତାହାର ଚନ୍ଦ୍ରମା—ତାହାର ଆହ୍ଲାଦଦାୟକ । କରଣକୁ—କାର୍ଯ୍ୟକୁ । ବିଶ୍ୱକର୍ମା—ଦେବଶିଳ୍ପୀ ।

୧୦ । ଆତ୍ମାରାମ—ସର୍ବ ଆତ୍ମାରୂପ ନିଜ ଆତ୍ମାରେ ଯେ ବିଳାସ କରନ୍ତି ।

୧୧ । ଶ୍ରୁତି—ବେଦଉପନିଷଦାଦି । ସ୍ମୃତି—ମନୁ ଯାଜ୍ଞବଲ୍କ୍ୟ ପ୍ରଭୃତି ଧର୍ମଶାସ୍ତ୍ର ।

୧୨ । ବିରଞ୍ଚି—ବ୍ରହ୍ମା । ଚତୁର୍ଦ୍ଦଶ ଭୁବନ—ଅତଳ, ବିତଳ, ସୁତଳ, ରସାତଳ, ତଳାତଳ, ମହାତଳ, ପାତାଳ, ଭୂଃ, ଭୁବଃ, ସ୍ୱଃ, ମହଃ, ଜନଃ, ତପଃ, ସତ୍ୟମ୍ ।

୧୩ । ବିକତା—ବ୍ୟକ୍ତ । ୧୫ । ବ୍ୟତିରେକେ—ବ୍ୟତିରେକେ; ବିନା ।

୧୬ । ପଙ୍କଜପୟରେ—ପଦ୍ମପାଦରେ । ୧୭ । ଦାରିଦ୍ର୍ୟ ଜୀବନ—ଦରିଦ୍ରତାମୟ ଜୀବନ ।

୧୯ । ଜ୍ଞାନ...ମୁନିଗଣେ—ମୁନିମାନେ ଜ୍ଞାନଯୋଗରେ ଓ ଭକ୍ତିଯୋଗରେ ମୁକ୍ତି ପାଇଅଛନ୍ତି । ଜ୍ଞାନ—ଜ୍ଞାନଯୋଗ । ସ୍ମରଣ, ପଠନ, ଶ୍ରବଣେ—ଭକ୍ତି-ଯୋଗ; ନବଧାଭକ୍ତିର ଅଙ୍ଗବିଶେଷ । ନବଧାଭକ୍ତି ଯଥା:—ଶ୍ରବଣ, କୀର୍ତ୍ତନ, ସ୍ମରଣ, ଭଜନ, ପୂଜନ, ଅଭିବନ୍ଦନ, ଦାସ୍ୟ, ସଖ୍ୟ, ଆତ୍ମନିବେଦନ ।

୨୧ । ଭବକଳୁଷସନ୍ତାପ—ସଂସାରର ପାପତାପ । ୨୨ । ଭବବନରେ—ସଂସାର-ଜଳରେ ( ଭବସାଗରରେ ) ବା ସଂସାରରୂପ ଅରଣ୍ୟରେ ।

୨୩ । ପାପଅନଳ—ପାପରୂପ ଅଗ୍ନି । ପିଣ୍ଡକାଷ୍ଠ—ଶରୀର ହେଲା କାଠ ।

୨୮ । ବାରିଧି—ସମୁଦ୍ର ।

୩୧ । କେଶୀ—କଂସର ଅନୁଚର । କୃଷ୍ଣ ଭାଣ୍ଡୀରବନରେ କେଶୀ ଦୈତ୍ୟକୁ ହତ୍ୟା କରିଥିଲେ । ସାମ୍ବଳ—ନାଶକଳ । ୩୨ । ରାଗଛନ୍ଦରେ—ଛନ୍ଦବନ୍ଧରେ ଅର୍ଥାତ୍ କାବ୍ୟାକାରରେ ।

୩୬ । ଉପତ — ଆନନ୍ଦ ୭ (କ୍ଳୃଷ୍ଟ ବା କ୍ଳିଷ୍ଟିତ ଶବ୍ଦରୁ ଅପଭ୍ରଷ୍ଟ)

୩୭ । ଦୁର୍ମିଳା ବା ଦ୍ରୁମିଳା — ଜନୈକ ବିଦ୍ୟାଧର ଭୃତ୍ୟରୂପରେ ଇନ୍ଦ୍ରଙ୍କୁ ସେବା କରୁଥିଲା । ତାଙ୍କଠାରେ ଅପରାଧୀ ହେବରୁ ଅଭିଶପ୍ତ ହୋଇ ମର୍ତ୍ତ୍ୟରେ ଦାନବରୂପ ଧରି ଦ୍ରୁମିଳା ନାମରେ ଅଭିହିତ ହେଲା । ସେ ସୌଭ ଦେଶର ରାଜା ହୋଇ ଗୋମତୀ ତୀରରେ ବାସ କରୁଥିଲା । ଏକଦା ମଥୁରା ରାଜା ଉଗ୍ରସେନଙ୍କର ପାଟମହଷୀ ଇନ୍ଦୁମତୀ ପୁଷ୍ପବତୀ ହୋଇ ଶୁଦ୍ଧସ୍ନାନ କରିବା କାମରେ ଯମୁନାକୁ ଯାଇଥିଲେ । ତାଙ୍କର ପ୍ରତ୍ୟାବର୍ତ୍ତନ କାଳରେ ଦ୍ରୁମିଳା ଇନ୍ଦୁମତୀଙ୍କ ରୂପରେ ମୁଗ୍ଧ ହୋଇ କପଟରେ ଉଗ୍ରସେନଙ୍କ ରୂପ ଧାରଣ କରି ଇନ୍ଦୁମତୀଙ୍କ ସଙ୍ଗ ରମଣ କଲା । ତହୁଁ ଇନ୍ଦୁମତୀଙ୍କ ଗର୍ଭରେ କଂସ ଜାତ ହୋଇଥିଲା ।

୪୨ । ସୁନାସୀର—ଇନ୍ଦ୍ର । ୪୩ । ପିତାମହ—ବ୍ରହ୍ମା । ୪୪ । ଅନନ୍ତ—ମହାବିଷ୍ଣୁ । ଦେବନ୍ତ—ଦେବତାମାନେ ।

୪୫ । ଯିବ ମାରି—ମୃତ୍ୟୁ ଲଭିବ । ୪୭ । ବେଦବର—ବ୍ରହ୍ମା ।

୫୬ । ନାଗଶୟନ—ଅନନ୍ତଶଯ୍ୟା । ୫୯ । ପୂତନା—ଅଘା ଓ ବକର ଭଉଣୀ । ସେ ସ୍ତନରେ ବିଷ ପୂରାଇ କୃଷ୍ଣଚନ୍ଦ୍ରଙ୍କୁ ମାରିବାକୁ ଯାଇଥିଲା । କୃଷ୍ଣଚନ୍ଦ୍ର ତା ହାର ସ୍ତନ୍ୟ ପାନ କରି ଜୀବନ ଶୋଷଣ କରିଥିଲେ । ସେଲ୍ଲା—କବଚ । ବଜ୍ରସେଲ୍ଲା—ଏଠାରେ ବଜ୍ରପ୍ରାୟ ଶରୀର ଯାହାଙ୍କର ।

୬୦ । ତୃଣା, ଶକଟା, ବକା, ଅଘା,—କଂସର ଅନୁଚର ଅସୁରମାନେ । ଏମାନଙ୍କୁ ଶ୍ରୀକୃଷ୍ଣ ବଧ କରିଥିଲେ । (ରସକଲ୍ଲୋଳ ଟୀକା ୫ମ ପୃଷ୍ଠା ଦ୍ରଷ୍ଟବ୍ୟ) । କୁବେରକୁମର—କୁବେରଙ୍କର ଦୁଇ ପୁତ୍ର ନଳକୁବର ଓ ମଣିଗ୍ରୀବ ସୁରାପାନ କରି ଗନ୍ଧର୍ବସ୍ତ୍ରୀଙ୍କ ସହ ଜଳକ୍ରୀଡ଼ାରେ ମତ୍ତ ଥାଇ ନାରଦଙ୍କୁ ସମ୍ମାନ ପ୍ରଦର୍ଶନ ନ କରିବାରୁ ତାଙ୍କର ଅଭିଶାପରେ ସେମାନେ ଏକଶତ ବର୍ଷ କୃଷ୍ଣସାନ୍ନିଧ ଲାଭ ପର୍ଯ୍ୟନ୍ତ ଯାମଳାର୍ଜ୍ଜୁନ ବୃକ୍ଷରୂପରେ ଗୋପନରେ ରହିଥିଲେ । କୃଷ୍ଣଚନ୍ଦ୍ରଙ୍କୁ ଯଶୋଦା ଯାମଳାର୍ଜ୍ଜୁନ ବୃକ୍ଷରେ ବନ୍ଧନ କରିଥିଲେ । ଏହି ଅବସରରେ ଶ୍ରୀକୃଷ୍ଣ ଯାମଳାର୍ଜ୍ଜୁନ ଭାଙ୍ଗି ସେମାନଙ୍କୁ ଉଦ୍ଧାର କରିଥିଲେ ।

୬୧ । କାଳୀ...ଦଳଲେ—ଏଠାରେ କବି କାଳୀୟଦମନକୁ ଲକ୍ଷ୍ୟ କରି-ଅଛନ୍ତି । ବନ ଅନଳ...ଗିଳଲେ—ଏରଣ୍ଡବନରେ ଅଗ୍ନି ଉତ୍ଥିତ ହୋଇ ବ୍ରଜବାସୀଙ୍କୁ ଚାରିଆଡ଼ୁ ଘେରି ଦଗ୍ଧ କରିବାକୁ ଆରମ୍ଭ କଲା । ସେମାନେ ସେହି ଅବସ୍ଥାରେ କୃଷ୍ଣଙ୍କୁ ପ୍ରାର୍ଥନା କରିଥିଲେ; ତେଣୁ ସେ ସେହି ଅଗ୍ନି ପାନ କରିଥିଲେ । (ଭାଗବତ ଦଶମସ୍କନ୍ଧ ୭ମ ଅଧ୍ୟାୟ)

୭୨ । ବସ୍ତ ..ଜାତ—ରସକଲ୍ଲୋଳ ଟୀକା ୧୭ ପୃଷ୍ଠା ଦ୍ରଷ୍ଟବ୍ୟ ।

୭୩ । ନନ୍ଦରାଜାଙ୍କୁ ...ରମାରମଣ —ନନ୍ଦ ଦ୍ୱାଦଶୀ ଦିନ ଆସୁରୀ ବେଳା ଅଗ୍ରାହ୍ୟ କରି ରାତିରେ କାଳିନ୍ଦୀର ଜଳରେ ସ୍ନାନ କରୁଥିଲେ । ଏଥି ହେତୁ ବରୁଣର ଜଣେ ଭୃତ୍ୟ ତାହାଙ୍କୁ ଧରି ବରୁଣଙ୍କ ନିକଟକୁ ନେଇ ଯାଇଥିଲା । କୃଷ୍ଣଚନ୍ଦ୍ର ବରୁଣାଳୟକୁ ଯାଇ ନନ୍ଦଙ୍କୁ ମୋଚନ କରିଥିଲେ ।

୭୪ । ଇନ୍ଦ୍ରବିବାଦେ...ଜଗତ ଜୀବନ—ରସକଲ୍ଲୋଳ ଟୀକା ୧୭ ପୃଷ୍ଠା ଦ୍ରଷ୍ଟବ୍ୟ ।

୭୭ । କେଶୀ—କୃଷ୍ଣ ଭାଣ୍ଡୀରବନରେ ଅଶ୍ୱରୂପୀ କଂସର ଅନୁଚର କେଶୀକୁ ହତ୍ୟା କରିଥିଲେ ।

୭୮ । ବ୍ୟୋମା—ଥରେ ଗୋପାଳମାନେ ପଶୁପାଳକ ଓ ମେଷରୂପ ଧରି ଚୋରଖେଳ ଆରମ୍ଭ କଲେ । ବ୍ୟୋମାସୁର ଏହି ଅବସରରେ ପଶୁପାଳକ-ରୂପ ଧରି ଗୋପବାଳକମାନଙ୍କୁ ଚୋରି କରି ଗିରିଗହ୍ୱରରେ ରୁନ୍ଧ କଲା । କୃଷ୍ଣଚନ୍ଦ୍ର ତାହା ଜାଣି ତାକୁ ନାଶ କଲେ ଓ ଗୋପାଳମାନଙ୍କୁ ଉଦ୍ଧାର କଲେ (ଭାଗବତ ୧୦-୩୭) । ବତ୍ସାସୁର—କଲ୍ଲୋଳ କୌମୁଦୀ ୧୫ ପୃଷ୍ଠା ଦ୍ରଷ୍ଟବ୍ୟ । କନ୍ଦମ୍ବା—ମନସିଜନାମା ସ୍ୱର୍ଗର ଜନୈକ ଗନ୍ଧର୍ବ । ସେ ମେନକାଙ୍କଠାରେ ରମଣେଚ୍ଛୁ ହେବାରୁ ଇନ୍ଦ୍ରଙ୍କଦ୍ୱାରା ଅଭିଶପ୍ତ ହୋଇଥିଲା ଓ ମର୍ତ୍ତ୍ୟରେ ଦାନବରୂପ ଧାରଣ କରି ଗୋମତୀ ନଦୀତୀରରେ ବାସ କରୁଥିଲା । ତାକୁ ବଳରାମ ବଧ କରିଥିଲେ (ଅଚ୍ୟୁତ ନନ୍ଦଙ୍କ ହରିବଂଶ) । ଧେନୁକା—କଂସର ଅନୁଚର ଗର୍ଦ୍ଦଭରୂପୀ ଅସୁର । ଧେନୁକାକୁ ବଳରାମ ତାଳବନରେ ବିନାଶ କରିଥିଲେ ।

୮୨ । ବରଷକର ରତ୍ତିଜ ବସାଣ—ବସାଣ (ବସିଥିବା କି ଧାର୍ଯ୍ୟ ହୋଇଥିବା ) ରତ୍ତିଜ (ରାଜ୍ୟବୃତ୍ତି ବା ରାଜଦେୟ ଜମା) ବରଷକର—ଏକବର୍ଷର ।

୮୬ । ଶୂନ୍ୟମଣ୍ଡଳେ—ଆକାଶରେ । ୮୭ । କୂଢ଼—ରାଶି । ୮୮ । ଦାହ୍ଜ—ଦାହ୍ୟ, ଦଗ୍ଧ । ୯୩ । ଦଣ୍ଡଧାତ୍ରୀ—ରାଜା, କଂସ । ୯୫ । ମନ୍ତ୍ରୀଗଳାରେ...ମନ୍ଦର—ମନ୍ତ୍ରୀ ଗଳାରେ ପଦିକା ଲମ୍ୱାଇ ଆନନ୍ଦିତ ମନରେ ମନ୍ଦିରରୁ ବାହାର ହେଲା । ୧୦୦ । ଝାଇଁ—ତତଲା, ତପ୍ତ ।

୧୦୧ । ଶଙ୍ଖଶବଦ . . ଗମନ—ନିଃଶ୍ୱାସ ଶଙ୍ଖ ଶବ୍ଦ ପରି ଶୁଣା ଯାଉଛି ।

୧୦୩ । କବରୀ—ଜୁଡ଼ା । ଚର୍ମ—ଚରମ— ପୃଷ୍ଠଭାଗ । ୧୦୪ ।ଶୃଗାଳ—ବିଲୁଆ । ଶ୍ୱାନ—କୁକ୍କୁର । ପେଚ—ପେଚା । ଗୃଧ୍ର—ଶାଗୁଣା । ଅହି—ସାପ । ମଞ୍ଜାର—ବିରାଡ଼ି । ୧୦୮ । ଭାନୁ—ସୂର୍ଯ୍ୟ ।

# ଦ୍ୱିତୀୟ ଛାନ୍ଦ

୧ । ସଫଳୀଭୂତ—ଅକ୍ରୂର । ୨ । ବାଗ ଦଉଡ଼ି—ଲଗାମ । ମଠକ—ପଲକ । ଛଠକ—ଶୋଭା, ଏଠାରେ ଚଞ୍ଚଳତା ଓ ଶୋଭା ଉଭୟ ଅର୍ଥ ବୁଝାଉଛି ।

୩ । ରଥବର—ରଥଶ୍ରେଷ୍ଠ । ଦେବଙ୍କ ରାଜେ—କୃଷ୍ଣଚନ୍ଦ୍ର । ବିଜେ କରିବେ —ଯାତ୍ରା କରିବେ । ୪ । ତଗର—ଦୂତ । ତାତ—ପିତା ।

୫ । ଜଳଦତନୁ—ମେଘ ପରି ଦେହ ଯାହାଙ୍କର । ୮ । ବିଶ୍ୱାସମାନ— ବିଶ୍ୱାସକଥାସବୁ ।

୯ । ଶ୍ରୀପତି—ଶ୍ରୀ ( ଲକ୍ଷ୍ମୀ ) ତାଙ୍କର ପତି—ଶ୍ରୀକୃଷ୍ଣ । ଭବବନ୍ଧ—ସଂସାର ବନ୍ଧନ, ମାୟା ।

୧୦ । ଏମନ୍ତ ଭାଳ...ପଦ୍ମପାଦ—ଶ୍ରୀକୃଷ୍ଣଚନ୍ଦ୍ରଙ୍କର ପାଦରେ ଅଷ୍ଟାଦଶ ଚିହ୍ନ ଅଛି । ସେଥିମଧ୍ୟରୁ କପି, ଧ୍ୱଜ (ପତାକା), ଅଙ୍କୁଶ (ଆଙ୍କୁଡ଼ି) ଓ ଚକ୍ର ଏ ଚିହ୍ନୋଟି ମାନ ନିର୍ଦ୍ଦେଶ କରିଅଛନ୍ତି ।

୧୧ । ଶିରେ—ମୁଣ୍ଡରେ । ନଉଡ଼େ—ବୋଲେ ବା ଡାକେ । ୧୨ । ୧୩ । କହି ହୁଡ଼ଇ...ଅଚେତନ—କହି ହୁଡ଼ଇ—କହିବାରେ ହୁଡ଼ୁଛି ଅର୍ଥାତ୍ ସ୍ପଷ୍ଟ କହି ପାରୁନାହିଁ—ସ୍ୱରଭଙ୍ଗ; ଉଠି ପଡ଼ଇ—ଉନ୍ମାଦ । ଶୂନ୍ୟକୁ କୋଳ କରି ଆକୁଳ କମ୍ପଇ ପ୍ରେମଭରେ—ବେପଥୁ; ଚକ୍ଷୁ ବୁଜଇ...ଲୀଳାମାନ—ତନ୍ମୟତା ଓ ଧ୍ୟାନ; ଉଚ୍ଚେ ଗର୍ଜଇ—ପ୍ରଳାପ, ବାତୁଳ ହୋଇ—ଉନ୍ମାଦ;, ଅଚେତନ—ମୂର୍ଚ୍ଛା । ୧୪ । ଅଲପ ଗୁହିଁ .. ଭାବେ—ତନ୍ମୟଭାବ ।

୧୫ । ରାଢ଼—କୃପଣ, ନିର୍ଦ୍ଦୟ । ଗୋପମାର୍ଗ—ବ୍ରଜଦାଣ୍ଡ । ୧୬ । ଦ୍ରହାସେ— ଦରହାସରେ ବା ଅଳ୍ପ ହାସରେ । ୧୭ । ସୀମାନ୍ତରେ—ପ୍ରାନ୍ତରେ, ଶେଷ ଭାଗରେ । ୧୮ । ମେଣ୍ଟେ—ମେଳରେ । ଜୀମୂତ—ମେଘ । ବିଜୁ—ବିଜୁଳି ।

୧୯ । ତ୍ରିମୁଣ୍ଡୀ—ଏକପ୍ରକାର ଜୁଡ଼ା । ସେଥିରେ ଫୁଲର ଚଭା ଥାଏ ।

୨୦ । ଅଳକା—ଚୂର୍ଣ୍ଣକୁନ୍ତଳ, ଚୂନ୍‌ଚୁନିଆ ବାଳ । ଝଳି—ଶୋଭା । ପୁଷ୍ପଚାପ— ଫୁଲଧନୁ । ଧାପ—ଦଉଡ଼ି । ନୟନ ହେଲା ବାଣ; ଅଞ୍ଜନ ଅର୍ଥାତ୍ କଜ୍ଜଳ ଲାଞ୍ଛି ହେଲା ଗୁଣ ବା ଦଉଡ଼ି । ୨୧ । ତିଳକୁସୁମ—ଖସାଫୁଲ । ଅଧର— ଓଷ୍ଠ । ପାରିଜାତ—ସ୍ୱର୍ଗମନ୍ଦାର । ଶତପତ୍ର—ପଦ୍ମ । ରବି (ସୂର୍ଯ୍ୟ) ମଣ୍ଡଳ ରୂପ କର୍ଣ୍ଣକୁଣ୍ଡଳ ପଦ୍ମକୁ ନିନ୍ଦା କରେ ।

୨୨ । ଡାଳିମ୍ବବୀଜ—ଡାଳିମ୍ବମଞ୍ଜି । ରଦନତେଜ—ଦନ୍ତର କାନ୍ତି । ରୁଚି— ଶୋଭାକାନ୍ତି । ଡାଳିମ୍ବବୀଜ...ଇନ୍ଦୁ—ଡାଳିମ୍ବମଞ୍ଜି ସଦୃଶ ତାଙ୍କର ଦାନ୍ତଗୁଡ଼ିକ ଶୋଭାରେ ଇନ୍ଦୁଙ୍କ ଚନ୍ଦ୍ରଙ୍କୁ ନିନ୍ଦା କରୁଛନ୍ତି । ୨୩ । ଦାମମାଳା—ଏଠାରେ ବନମାଳା । ଦୋହନ କାଳେ—ଗାଈ ଦୁହିଁଲା ବେଳେ । କଙ୍କଣ ଶବ୍ଦ କରେ—"କଙ୍କଣ ଝିଙ୍କ ବାଜେ" ( ରହସ୍ୟମଞ୍ଜରୀ ) ।

୨୪ । ପରଧାପନ—ପରଧାନ । ଅଙ୍ଗିର—ଅଗ୍ନି, ବଜୁଳ ଅର୍ଥରେ ମଧ୍ୟ ବେଦରେ ଏ ଶବ୍ଦ ବ୍ୟବହୃତ ହୋଇଅଛି । ୨୫ । ରୋହିଣୀବଳା—ରୋହିଣୀ ପୁଅ (ବଳରାମ) । ୨୭ । ନୟନ ଘୂମ—ମଦପାନରେ ଆଖି ଢୁଳୁଢୁଳୁ । ଗୋଧୀର—ଦୁଗ୍ଧ । ମାରତଣ୍ଡ—ସୂର୍ଯ୍ୟ । ବଳରାମଙ୍କ କାନର ବର୍ଣ୍ଣ ଚନ୍ଦ୍ରମା ସଦୃଶ ଓ ତହିଁରେ ଥିବା କୁଣ୍ଡଳ ସୂର୍ଯ୍ୟରୂପ ।

୨୭ । କଞ୍ଜ—ପଦ୍ମ । ଜବା—ମନ୍ଦାର । ୨୮ । ନୀଳପଟ—ନେଳିଆ ଲୁଗା । ମଞ୍ଜୀର—ନୂପୁର । ୨୯ । ସୋଦର—ଭାଇ । ଲହନ୍ତେ—ଗୃହନ୍ତେ ।

୩୦ । ଗୃଣ୍ଡ୍ରେ—ଶୀଘ୍ର, ଚଞ୍ଚଳେ ।

୩୧ । ମନ୍ତ୍ରୀମଣି—ଅକ୍ରୂର । ୩୩ । ତାତଭ୍ରାତ—ଖୁଡୁତା । ୩୪ । ମାୟା ସଦ୍ଭର—କୃଷ୍ଣଚନ୍ଦ୍ର, ମାୟା ଦୂର କରିବାରୁ । ୩୬ । ଭର—ସ୍ତୁତି ।

୩୭ । ତ୍ରିଯାଦବେ—ରାମ, କୃଷ୍ଣ ଓ ଅକ୍ରୂର ।

୩୮ । ପୁରପିଷ୍ଟକ—ପୁର ପିଠା । ୪୦ । ବତ୍ସଳ—ପ୍ରିୟ । ୪୧ । କ୍ଷୀନ (କ୍ଷୀଣଶବ୍ଦଜ) ସରୁଲୁଗା; ସୀମାସ୍ଥନ—ମାଣ୍ଡି, ତକିଆ । ସୀମାସ୍ଥାନ ଅର୍ଥ ମଧ୍ୟ ଶିର—"ଉତ୍ତରକୁ ହେବ ସୀମସ୍ଥାନ ସ୍ଥାନ ।" ବଦଗ୍ଧଚନ୍ତାମଣି (୮-୧୫) ।

୪୪ । ଏଥ—ଏଠାରେ । ୪୫ । ଭୋଜସାଇଁ—କଂସ ।

୪୬ । ଦୁମ୍ମିଳାସୁତ—ଦୁର୍ମିଲପୁଅ କଂସ । ଅଜ୍ଞାନ—ଜ୍ଞାନହୀନ; ନଷ୍ଟ, ପତିତ, ଧର୍ମହୀନ,

୪୮ । ନରେଖ—ନରକ୍ଷ, ଅସହାୟ । ଭଙ୍ଗି—ଛଳ । ୪୯ । ବାଗେ—ପ୍ରକାରେ, କୌଶଳରେ । ୫୦ । ଶାରଙ୍ଗ—ଧନୁ । (ଶୃଙ୍ଗନିର୍ମିତ କୃଷ୍ଣଙ୍କ ଧନୁ) ହସ୍ତରେ ଯାହାଙ୍କର—କୃଷ୍ଣଚନ୍ଦ୍ର ।

୫୨ । ଦାଉ—ସନ୍ତାପ, ଦୁଃଖ । ୫୩ । ବ୍ରହ୍ମାଣ୍ଡମାଳେ—ଅସଂଖ୍ୟ ଅସଂଖ୍ୟ ବ୍ରହ୍ମାଣ୍ଡ । ଅମ୍ବର—ଆକାଶ । ଶ୍ରୁତି—ବେଦ । ଭଗବାନଙ୍କର ବିରାଟମୂର୍ତ୍ତି ।

୫୬ । ଭ୍ରାନ୍ତି—ଭ୍ରମ । ୫୭ । କୋପଚଣ୍ଡ—କ୍ରୋଧରେ କହୁଛି । ୫୮ । କଂସର ପାନ—କଂସର ଲୋକ । ୫୯ । ଯେଉଁମାନ—ଯେଉଁ ବିଷୟଗୁଡ଼ିକ । ୬୦ । ଗାଢ଼—ଅତିଶୟ, ଅତିବିକ୍ତ ।

---

## ତୃତୀୟ ଛାନ୍ଦ

୨ । ଅଇରିକୁଳକୁ କେତୁ—ଶଙ୍ଖ, କୁଳକୁ ଧୂମକେତୁ । ରଣରାଜପୁତେ—ରଣପ୍ରିୟ ରାଜପୁତମାନେ ମୋର ପ୍ରତାପରେ ରଣ ତେଜି ମୃତ୍ୟୁ ଲଭନ୍ତି । ଜନ୍ମପତି—ଯମ । ୪ । ଭୂଧର—ପର୍ବତ । ଅଇତ—ଶତ୍ରୁ । ଭର—ସ୍ତୁତି । ଶଲ—ଦୁନ୍ତ । ୫ । ସୁନାସୀର—ଇନ୍ଦ୍ର । ଜଳଧି—ସମୁଦ୍ର । ଦେବଗୁରୁ—ବୃହସ୍ପତି ।

ବିଧି—ବ୍ରହ୍ମା । ୬ । ତାତ—ବ୍ରହ୍ମା । ୭ । ମୂଳ—ପ୍ରଧାନ କଥା ।
୮ । କଟକାଇ—ଯୁଦ୍ଧଆୟୋଜନ କଲେ ବା ସୈନ୍ୟ ସହିତ ଗଡ଼ ଆକ୍ରମଣ କଲେ
୯ । ଯାଦବକୁଳ—ଯଦୁବଂଶ । କୁମୁଦବନ—କଇଁସମୂହ । ନିଶାମଣି—ଚନ୍ଦ୍ର । ଚନ୍ଦ୍ର କଇଁମାନଙ୍କୁ ପ୍ରଫୁଲ୍ଲିତ କଲାପରି ମୁଁ ଯଦୁବଂଶର ଆନନ୍ଦଦାତା ଅଟେ । ସହିବା-ପଣେ—ସହିଷ୍ଣୁତାରେ ।
୧୨ । ଅଷ୍ଟଭୁଜ—ବ୍ରହ୍ମା । ୧୩ । ଧାପ—ରଣଯାତ୍ରା । ୧୪ । ଜରାସନ୍ଧ—ମଗଧର ରାଜା । ଭୀମସେନଦ୍ୱାରାରେ କୃଷ୍ଣଚନ୍ଦ୍ର ତାଙ୍କୁ ମରାଇଥିଲେ । ୧୫ । ସଙ୍ଗାତ—ମିତ୍ର ବା ସଙ୍ଗାତ ସ୍ଥାନରେ 'ପ୍ରଳମ୍ବ' ଙ୍କ ପୋଥିର ପାଠ ଗ୍ରହଣୀୟ । ଦୁବନ୍ଦ—ଅସୁରବିଶେଷ । ଦୁମ୍ଭିଳା ଅସୁର ବୋଧହୁଏ ଦୁବନ୍ଦ ରୂପରେ କଥିତ ହୋଇଅଛି । ଚାଣୁର, ମୁଷ୍ଟିକ, ଶଲ୍ଲ—କଂସର ମାଲମାନେ । ଶଲ୍ଲ ସ୍ଥାନରେ ମଲ୍ଲ ବା ମାଲ ପାଠ ଗ୍ରହଣୀୟ । ହନ୍ତକାର—ଘାତକ ।
୧୬ । ମହାପ୍ରଳୟ ବରଷା—ସମ୍ବର୍ତ୍ତମେଘ । ୧୭ । ସମ୍ଭାର—ଦ୍ରବ୍ୟୋପହାର ।
୧୮ । ଗୋଟିକା, ଅଧାମ - ମିଷ୍ଟାନ୍ନବିଶେଷ । ୨୧ । ପରତେ—ଚନ୍ଦ୍ରା (ପ୍ରତ୍ୟୟ ଜନକ) । ୨୨ । ଗିରୀପତି—କୃଷ୍ଣ । ୨୫ । ପରିଜନ—ଭୃତ୍ୟ । ଗାଈ—ଡାକ । ଗୋପସାଇଁ—ଗୋପରାଜା, ନନ୍ଦ ।

---

## ଚତୁର୍ଥ ଛାନ୍ଦ

୨ । ସାୟକପୂଜା—ଧନୁପୂଜା । ୩ । ଥାବର—ସ୍ଥାବର, ପର୍ବତବୃକ୍ଷାଦି । ଗୋଈ—ଗୋପୀ । ୬ । ଏଣଦୃଗୀ—ମୃଗନୟନା । ବେନ ଚକ୍ଷୁ—ଏଠାରେ କୃଷ୍ଣଚନ୍ଦ୍ର ।
୭ । କୁମୁଦ ମରିବେ—କଇଁସବୁ ମରିବେ । କୁମୁଦରମଣ—ଚନ୍ଦ୍ର । କୁମୁଦ—ନୈଋତ କୋଣ (ନୈଋତ କୋଣର ଦିଗ୍‌ଗଜର ନାମ କୁମୁଦ । ତେଣୁ ସେହି ଦିଗ୍ କୋଣ କୁମୁଦ ନାମରେ କବିଙ୍କ ଦ୍ୱାରା କଥିତ ହୋଇଅଛି) । ଅନ୍ଧକାରକୁ ବାଢ଼ିବ—ଅନ୍ଧାରକୁ ବଢ଼ାଇଦେବେ ଅର୍ଥାତ୍ ଅଗେଇ ଦେବେ । ଚନ୍ଦ୍ରମା ଚନ୍ଦ୍ରମଣିକୁ ଛାଡ଼େ ନାହିଁ । ଏଠାରେ ସତେ ଛାଡ଼ିବକି ? କୃଷ୍ଣଙ୍କ ପକ୍ଷରେ—କାଲିଠାରୁ କୁମୁଦ ମରିବେ କି କୁମୁଦରୂପୀ ଗୋପୀମାନେ ମରିବେ । କୁମୁଦରମଣ—କୃଷ୍ଣଚନ୍ଦ୍ର । କୁମୁଦକୁ—ଗୋପପୁରରୁ ମଥୁରାକୁ ଅର୍ଥାତ୍ ଦକ୍ଷିଣ-ପଶ୍ଚିମକୋଣକୁ ଯିବେ । ଅନ୍ଧାରକୁ ବାଢ଼ିବ ଅର୍ଥାତ୍ କୃଷ୍ଣଙ୍କ ଅଭାବରେ ଗୋପପୁରରେ ଦୁଃଖ-ଅନ୍ଧକାର ଘୋଟିବ । ସତେ କି... ଛାଡ଼ିବ—କୃଷ୍ଣ ଗୋପୀମାନଙ୍କୁ ଅର୍ଥାତ୍ ଆମ୍ଭମାନଙ୍କୁ ସତେ ଛାଡ଼ିଯିବେ କି ?

୮ । କାମିନ୍ ଗମନା—ଗଜରାଜଗତି—ଗୋପୀ । ଭୂମିକି ଅନାଇ..... ବସିବୁ—ଭୂଇଁକି ଅନାଇଁ ଗୋପୀ କହୁଅଛି, "ରେ ଭୂଇଁ, ତୋହର ଭୂଷଣରୂପ ଯେ କୃଷ୍ଣଚନ୍ଦ୍ର ସେ ମଥୁରାକୁ ଯାଉଛନ୍ତି । ତୋହର ଦେହ ଆମ୍ଭମାନଙ୍କ ପରି ତାହାଙ୍କ ଅଭାବରେ ଶିରୀଛଡ଼ା ହେବ" ।

୧୦ । ଭୋଜପତି—କଂସ । ଆୟୁ ନେଉ—ଆମ୍ଭଙ୍କୁ ମାରୁ ।

୧୧ । ଲୀଳା—କୃଷ୍ଣଙ୍କ ଖେଳ କଉତୁକ । ବାଖାନ—ଉଚ୍ଚସ୍ୱରରେ ବର୍ଣ୍ଣନା କର । କୋଳେ—ମାରେ । ୧୨ । ସ୍ତକିତ—ଥିର ( ସ୍ତମ୍ଭ, ସାତ୍ତ୍ୱିକଭାବ ) । ଭଣ୍ଡାଇ—ନିଷେଧ କରି, ମନା କରି, ଭୁଣ୍ଡିଆ କରି । ୧୩ । ସାରେଣୀ—ଜଣେ ଗୋପୀ । ପ୍ରତିବାଣୀ—ପ୍ରତ୍ୟୁତ୍ତର । ମଧୁପୁର—ମଥୁରା । ଭେଲକି—କୁହୁକ, ଭୋଜବିଦ୍ୟା । ୧୪ । ହେମମାଳା—ଜଣେ ଗୋପୀ । ୧୫ । ଭେଳା—ଆଜ୍ଞା ବା ଅଶ୍ରୁ । ଧାତା ଛଡ଼ିଲା—ଦଇବ ଛାଡ଼ିଲା, ବିଧି ବାମ ହେଲା । ନିଯୁତ—ନିଶ୍ଚୟ ।

୧୭ । ଅକ୍ରୂର .....ଗମନ—ଅକ୍ରୂର କାହିଁକି ଗୋପକୁ ଗମନ କରିଛି ଯାହା । କରିଛି ଅଟିତ୍ ଆସିଛି ? ଗୋରସରେ—ଦୁଧରେ । ୧୮ । ବରଜ—କୃଷ୍ଣଚନ୍ଦ୍ର ( ବରଜସୁନ୍ଦର ବା ବରଜରାଜ ଶବ୍ଦର ଏକଦେଶ ଗ୍ରହଣ ) । ବରଜ ଚତୁରୀ—ଗୋପୀ । ବରଚିଛି—ପଠାଇଛି ।

୨୦ । ରମଣ—କାନ୍ତ, ଗୋପୀରମଣ ଅର୍ଥରେ । ଚିନ୍ତା-ରତ୍ନାକରେ—ଚିନ୍ତାରୂପ ସମୁଦ୍ରରେ । ମନମୀନ—ମନରୂପ ମାଛ ବୁଡ଼ିଗଲା । କାରୁଣ—କାରୁଣ୍ୟ, ବେଦନ ।

---

## ପଞ୍ଚମ ଛାନ୍ଦ

୧ । ମୁଖଅରବିନ୍ଦ—ମୁଖପଦ୍ମ । ୩ । ନିଶ୍ଚିନ୍ତାଲେ—ନିଶ୍ଚିନ୍ତରେ । ୭ । ବାରିଦ—ଘନ । ଜୀବନଜ—ପଦ୍ମ (ଜୀବନ—ଜଳ) ।

୧୦ । ମଣିଚୂଡ଼—ଶଙ୍ଖଚୂଡ଼; ରାମ ଓ କୃଷ୍ଣ [illegible] ଗୋପୀମାନଙ୍କ ସଙ୍ଗରେ କ୍ରୀଡ଼ା କରିବା ସମୟରେ କୁବେରର ଭୃତ୍ୟ ଶଙ୍ଖଚୂଡ଼ ଉପସ୍ଥିତ ହୋଇ ରାମକୃଷ୍ଣଙ୍କ ସମ୍ମୁଖରେ ଗୋପୀମାନଙ୍କୁ ଉତ୍ତର ଦିଗକୁ ତଡ଼ି ନେଇ ଯାଉଥିଲା । ତାହା ଦେଖି କୃଷ୍ଣଚନ୍ଦ୍ର ତାକୁ ମାରିଥିଲେ ଓ ତାହାର ମସ୍ତକରେ ଥିବା ମଣି ଆଣି ରାମଙ୍କ ଦେଇଥିଲେ । କୃଷ୍ଣଙ୍କ ହାତରେ ମରିବାରୁ ସେ ମୁକ୍ତି ଲାଭ କରିଥିଲା ।

୧୧ । ଲାଠ—ଶୁଳ୍କ, କର । ବଲୋଳିବ—ସ୍ନିଗ୍ଧ କରିବ, ରଙ୍ଗାଇବ । ୧୩ । କାଇବ—ବଢ଼ାଇବ । ଶୁକ୍ଳକେଶୀ—ଉଜ୍ଜ୍ୱଳ କଳାବର୍ଣ୍ଣ କେଶ ଯେଉଁ

ମାନଙ୍କର । ବ୍ରହ୍ମବନି—ବ୍ରହ୍ମବନ, ଯେଉଁ ବନ ଏକ କଳ୍ପ ପର୍ଯ୍ୟନ୍ତ ବ୍ୟାପି-ଥିଲା । ଯେଉଁ ବନରେ କୃଷ୍ଣଚନ୍ଦ୍ର ଯୋଗମାୟାକୁ ଆଶ୍ରୟ କରି ରାସଲୀଳା କରୁଥିଲେ । ୧୫ । ଘିଅ—ଘୃତ । ୧୬ । ଜୁଭା—ଜୁଆ, ପଶା ସହିତ ପଶାଖେଳ । ୧୭ । ନିଧୁବନ—କାମକ୍ରୀଡ଼ା ବା ବିହାରସ୍ଥାନ । ଶଶିଖଣ୍ଡ-ଗଣ୍ଡ—ଚନ୍ଦ୍ରଖଣ୍ଡତୁଲ୍ୟ କପୋଳ । ୧୮ । ଭୂତ ଛଡ଼ାଇବ—ଦୀନକୃଷ୍ଣଙ୍କ ଭୂତକେଳି ଦ୍ରଷ୍ଟବ୍ୟ । ୧୯ । କେହ୍ନ—କପରି । ବହେଣୀ—ଭଉଣୀ ( ଯମ ଓ ଯମୁନା ଉଭୟେ ସୂର୍ଯ୍ୟଙ୍କର ସନ୍ତତି ) ୨୦ । ମହୀରୁହ—ବୃକ୍ଷ । ଖଗ—ପକ୍ଷୀ । ୨୧ । ଗରୁ—ଭାରୀ । ୨୨ । ଫଗୁ—ଅବିର । ୨୩ । ରୁଚିର—ସୁନ୍ଦର । ୨୪ । ଯାତ୍ରା—ଧନୁଯାତ ।

---

## ଷଷ୍ଠ ଛାନ୍ଦ

୧ । ଶ୍ୟାମଘନ—କଳାମେଘ ବା କୃଷ୍ଣଚନ୍ଦ୍ର । ଜୀବନ—ଜଳ । ଝଷ—ମାଛ । ୨ । ଚତୁଃସମ—ଚନ୍ଦନ, ଅଗୁରୁ, କସ୍ତୂରୀ, କୁଙ୍କୁମର ଲେପ । ସୁଷମ—ସୁନ୍ଦର । ହରି—ଚନ୍ଦ୍ର । ୩ । କାଞ୍ଚି—ଶ୍ରେଷ୍ଠ ଲୁଗା । ୪ । ଗଣ୍ଡଜଳେ—ଗଭୀର ଜଳରେ । ଛଲେ—ନିମେଷକରେ । ୫ । ପକ୍ୱ-ରମ୍ଭା—ପାଚିଲା କଦଳୀ । ସୁଧା—ଅମୃତ । ନାଳଆଇଁ—କାଅଁ ଲେଇ, ନମ୍ର କରି କହୁ ଅର୍ଥାତ୍ ନୁଆଁ ଲେଇ । ବଳଆଇ—ବଳାଇ ବଳାଇ । ୬ । ପାବଚ୍ଛି—ପାହାଚ । ୯ । ଅର୍ଜ୍ଜୁନର—ଯାମଳାର୍ଜ୍ଜୁନଗଛର । ୧୨ । ନୀପ—କଦମ୍ବ । ଚଳହେବେ—ଚଡ଼ିବେ, ରାଗିବେ । ୧୩ । ନୀଳାମ୍ବର—ବଳରାମ । ୧୪ । ଠଣା—ସ୍ଥାନ । ୧୫ । ହୁରଜୁର—ଧୂମ୍‌ଧାମ । ୧୬ । ରୋହିଣୀ—ବଳରାମଙ୍କ ମାତା । ଲୁଚିଯାଇ—ଶୁଖିଯାଇ—ରୋହିଣୀଙ୍କ ଖେଦୋକ୍ତି । 'ଲୁଚିଯାଇ' ଏ ପାଠ ଗ୍ରହଣ କଲେ ମଥୁରାକୁ ଗଲେ ମୁଖ ଲୁଚିଯିବ—ଏହି ଅର୍ଥ ହେବ । ଦ୍ୱନ୍ଦ୍ୱ—କଳି । ୧୮ । ଓଗାଳିବା—ଆଗରେ ଠିଆ ହେବା ( ଅର୍ଗଳିବା ଶବ୍ଦଜ ) । ବିଚିତ୍ର କାଛେଣୀ—ଲୁଗା ପିନ୍ଧି ସୁନ୍ଦର ସଜ ହୋଇଛନ୍ତି । ୧୯ । ମତ୍ତସିଂହ—ମତୁଆଲି ସିଂହ, ଏଠାରେ ରାମ ଓ କୃଷ୍ଣ । ମତ୍ତଗଜ—ମତୁଆ ହାତୀ, ଏଠାରେ ଗୋପବାଳକମାନେ । ସିଂହର ଘରଣୀ—ଏଠାରେ ଗୋପୀମାନେ । ଭାରା—କଂସଭାରା । ବସୁମତୀ—ପୃଥିବୀ

# ସପ୍ତମ ଛାନ୍ଦ

୧ । ଗଉରବ—ମାନ୍ୟଲୋକ । ସଙ୍ଗୀ—ଦର୍ଶକେର ମାଛ । ସଙ୍ଗୀନୟନା—ଚଞ୍ଚଳନୟନା । ବାରିଧରବରନା—ମେଘସଦୃଶ ବର୍ଣ୍ଣ ଯାହାଙ୍କର; କୃଷ୍ଣ-ଚନ୍ଦ୍ର । ଆମ୍ଭେ ଗୋପୀମାନେ ପୂତନା ସଦୃଶ କପଟ ସ୍ନେହ କଲୁ ନାହିଁ ନୋହୁଁ; ତହୁଁ ଆମ୍ଭମାନଙ୍କୁ ମାରି ଯାଅ ନାହିଁ । ୨ । ଦଶରଥସୁତ—ରାମଚନ୍ଦ୍ର । ନନ୍ଦସୁତ—କୃଷ୍ଣଚନ୍ଦ୍ର । ବାଳକ—କିଷ୍କିନ୍ଧ୍ୟାର ରାଜା ବାଳିଙ୍କୁ ଶ୍ରୀରାମଚନ୍ଦ୍ର ମାରିଥିଲେ । ୪ । ସୁମନ୍ତ୍ର—ସୁମନ୍ତ, ଦଶରଥଙ୍କ ମନ୍ତ୍ରୀ । ରହ୍ୱବର—ରଥ । ମଧୁବନ—ମଥୁରା । ଏଠାରେ ସୀତାଦେବୀ । ୬ । ବୃନ୍ଦାବନ-ନଗାମଣି—ବୃନ୍ଦାବନଚନ୍ଦ୍ର, ଶ୍ରୀକୃଷ୍ଣ । କାକ କୋକିଳପଣ୍ଡାଏ—କୋଇଲିର ଡିମ୍ବକୁ କାଉ ଯତନରେ ଫୁଟାଏ । ପରେ କୋଇଲିଛୁଆର ପର ହେଲେ ସେ କାଉବସା ଛାଡ଼ି ପଳାଏ ।

୭ । କେ ବୋଲେ...ପ୍ରାଣେ ମରଇ—କୃଷ୍ଣଚନ୍ଦ୍ର ହେଲେ ସମୁଦ୍ର ପରି । ସମୁଦ୍ର ଯେପରି ଅନେକ ରତ୍ନ ଗର୍ଭରେ ରଖିଛି, ସେହିପରି ଶ୍ରୀକୃଷ୍ଣଙ୍କଠାରେ ଅନେକ ଗୁଣ ଅଛି । ନାନା ରତ୍ନ ଥିଲେହେଁ ସମୁଦ୍ରର ଜଳ ଲୁଣିଆ ହେବାରୁ ତାହା ତୃଷାର୍ତ୍ତର ତୃଷା ନିବାରଣ କରି ପାରେ ନାହିଁ । ଆମ୍ଭେ-ମାନେ ସେହିପରି କୃଷ୍ଣଚନ୍ଦ୍ରଙ୍କ ଭାବକୁ ଶୁଦ୍ଧ ମନେ କରି, ଆତ୍ମସମର୍ପଣ କରିଥିଲୁ । ସେହି ଭାବ କୁଟିଳ ହେବାରୁ ଅଧୁନା ଆମ୍ଭେମାନେ ମରୁଛୁଁ ।

୮ । କେ ବୋଲେ...ହେବ ଊଣା—ଶ୍ରୀକୃଷ୍ଣଚନ୍ଦ୍ର ନିଷ୍କଳଙ୍କ । ଚନ୍ଦ୍ରଙ୍କଠାରେ କଳଙ୍କ ଅଛି; ତହୁଁ ସେ ଏହି ଗୋଟିକ ଗୁଣରେ ଊଣା । ଏହା ଆମ୍ଭମାନଙ୍କର ବିଶ୍ୱାସ ଥିଲା । କିନ୍ତୁ କୃଷ୍ଣଙ୍କଠାରେ ସେହି ଦୋଷ ଅଛି; କାରଣ ସେ ବର୍ତ୍ତମାନ ଆମ୍ଭମାନଙ୍କଠାରେ କରୁଣା କରୁ ନାହାନ୍ତି ।

୯ । ମହତ—ବଡ଼ପଣ । ୧୦ । ସୁଖସଦନ—ସୁଖନିଧି, କୃଷ୍ଣଚନ୍ଦ୍ର । କୁହର—ଗର୍ତ୍ତ । ୧୧ । ସେ କେଳି ଗୋବିନ୍ଦ..ପରାଏ—ରାସଲୀଳାକାରୀ ଗୋବିନ୍ଦ-ଚନ୍ଦ୍ରଙ୍କ ପରି ।

୧୨ । ବାରିଜ-ଅରି-ବଇରି-ଧ୍ୱଜର ପତିଙ୍କି—ବାରିଜ—ପଦ୍ମ; ତାହାର ଅରି—ଶତ୍ରୁ ହସ୍ତୀ । ତାହାର ବଇରି ଶତ୍ରୁ ସିଂହ; ସେ ଧ୍ୱଜ—ବାହନ ଯାହାଙ୍କର ଦୁର୍ଗା, ତାଙ୍କର ପତି—ସ୍ୱାମୀ ମହାଦେବ । ମଧୁରିପୁକ—ମନ୍ମଥଙ୍କୁ ।

୧୩ । ଆମ୍ଭେ—ଗୋପୀମାନେ ମତ୍ସ୍ୟମାନେ; ତୁମ୍ଭେ—କୃଷ୍ଣଚନ୍ଦ୍ର, ସଙ୍ଗତ ମତ୍ସ୍ୟ,ଅକ୍ରୂର—ଧୀବର । ୨୨ । ଦେଖ ନିରମାଣି—ଦୁଃଖିନୀ; ଆଶ୍ରୟହୀନା ।

୧୪ । ଶିରୀଷ ଉପରେ—ଅତି ସୁକୁମାର ଶିରୀଷଫୁଲ ଉପରେ । ଗିରୀଶ ଅରିଜନକ-ମଇତ-ବାହନ—ଗିରୀଶ—ମହାଦେବ; ତାଙ୍କର ଅରି ଯେ ମଦନ ( ପ୍ରଦ୍ୟୁମ୍ନ ), ତାଙ୍କର ଜନକ ଯେ ଶ୍ରୀକୃଷ୍ଣ (ବିଷ୍ଣୁ);ତାଙ୍କର ମଇତ ଯେ ଇନ୍ଦ୍ର ବିଷ୍ଣୁ ଇନ୍ଦ୍ରଙ୍କୁ ବଳିଠାରୁ ରକ୍ଷା କରିବା ଉଦ୍ଦେଶ୍ୟରେ ଅଦିତିଙ୍କର ପୁତ୍ର ଓ ଇନ୍ଦ୍ରଙ୍କର ଭାଇ ହୋଇ ଉପେନ୍ଦ୍ର ରୂପରେ ଜନ୍ମଗ୍ରହଣ କରିଥିଲେ । ସେହି ଉପେନ୍ଦ୍ର ବାମନରୂପ ଧାରଣ କରି ବଳଙ୍କି ପାତାଳରେ ଚୁପିଥିଲେ ଓ ଇନ୍ଦ୍ରଙ୍କୁ ଅଭୟ ଦାନ କରିଥିଲେ । ତେଣୁ ସେ ଇନ୍ଦ୍ରଙ୍କ ମିତ୍ର ; ଇନ୍ଦ୍ରଙ୍କର ବାହନ ମେଘ ସଂବର୍ତ୍ତ ତାହା ରସ—ଜଳ ବର୍ଷିଲେ ଶିରୀଷଫୁଲ ମଉଳିଯାଏ । ତପନ—ସୂର୍ଯ୍ୟ । ଗଙ୍ଗଶିଉଳୀ—ଶିର୍ଙ୍ଗଭାହାର । ୧୫ । କମଠ—କଇଁଛ । କୋଷ—ତମ୍ବୁ ।

"କମଠ ନିଜ କୋଷ କଲା ପ୍ରାୟେ ଟେସ ବେଶ
କେବଳ ତୁମ୍ଭେ ନ ଦେଖିବ । ହେ କୃପାନିଧି ।" ର.କ. ୨୭ । ୧୧ ।
"କମଠ ମଣ୍ଡୂକ ଧ୍ୟାନରେ ବିବେକ କୋଷେ ପୋଷେ ଦୂରେ କରି ବାସ ।"
ବି,ଚି, ୬୧।୨୫। ଉଣାଇଶେ ଏକ ମିଶାଇଲେ ହେଲା ବିଂଶ; ଉଣାଇଶେ ଏକ ମିଶାଇ ଖାଇବୁ ଅର୍ଥାତ୍ ବିଷ ଖାଇବୁ (ବିଂଶକୁ ବିଷ କରିବା କବିଙ୍କ କ୍ଳିଷ୍ଟ କଳ୍ପନା ) ।

୦୬ । ଆଭଙ୍ଗ—ଗଭକୂର୍ଣ୍ଣ । ଗୁଆଁର—ଜ୍ଞାବୁକି (ପାମର ଶବ୍ଦଜ); ହୀନ-ଗମାର । ଅକ୍ରୂର...ନେଉଛୁ—ରେ ଅକ୍ରୂର,ତୁ ତ କ୍ରୂର—ନିଷ୍ଠୁର ନୋହୁ । କ୍ରୂର ସ୍ୱଭାବ—ନିଷ୍ଠୁରସ୍ୱଭାବ କାହିଁକି ବହୁଛୁ ? ପକ୍ଷାନ୍ତରରେ—ରେ ଅକ୍ରୂର, ତୁ କ୍ରୂର ଛଞ୍ଚାଣ ନୋହୁ । ତେବେ କାହିଁକି ଆମ୍ଭର ଦୁଇ ଆଖିସ୍ୱରୂପ ଯେ ରାମଗୋବିନ୍ଦ ତାଙ୍କୁ ଚଞ୍ଚୁରେ—ଥଣ୍ଟରେ ଛଞ୍ଚାଣ ପରି ବାହାର କରି ନେଇ ଯାଉଅଛୁ ।

୧୮ । ପ୍ରୀତିଲତା—ଆମ୍ଭମାନଙ୍କ ମଧ୍ୟରେ ଯେ ପ୍ରୀତି ସେ ଲତାସ୍ୱରୂପ,ପ୍ରୀତିଯୁକ୍ତ ପୁରୁଷ କୃଷ୍ଣଚନ୍ଦ୍ରଙ୍କୁ ଏଠାରୁ ନେଇଯାଇ ତୁ କୁରାଢ଼ିରେ ପ୍ରୀତିଲତାକୁ ମୂଳରୁ କାଟି ଦେଉଛୁ ।

୧୯ । ତଥାପି...ଅଙ୍କୁଛଇ—ଦୁଷ୍ଟ ଲୋକ ନିଜ ସ୍ୱଭାବ ଛାଡ଼ି ପାରେ ନାହିଁ, ଭେଳକି ମନ୍ତ୍ର ପରି ଟେସ ନରମା ଲୋକ ପାଇଲେ ନିଜର ଦାଉ ସାଧି ନିଏ ଓ ନିଜର

ସ୍ୱଭାବର ଲୋକ ସଙ୍ଗେ ସହଜେ ମିଳିଯାଏ । ଯେପରି ଛାଇକୁ ଦେହରୁ ଅଲଗା କରି ହୁଏ ନାହିଁ, ସେହିପରି ମନ୍ଦ ଲୋକ ନିଜ ନୀଚ ପ୍ରକୃତିକୁ ଛାଡ଼ି ପାରେ ନାହିଁ । ୨୦ । କମ୍ବୁ—ଶଙ୍ଖ । ନୀଚବଦନେ—ନୀଚଲୋକମୁଖରେ, ବାଉରି ମୁହଁରେ । ବଡ଼ଲୋକ—ସାଗର ତୀର୍ଥରାଜ ହେତୁ । ୨୧ । ସରିତ—ନଦୀ । ସଦନ—ଘର ।

---

## ଅଷ୍ଟମ ଛାନ୍ଦ

୧ । କୁମୁଦବନ୍ଧୁ—ଚନ୍ଦ୍ର । ଭୃଙ୍ଗ—ଭଅଁର । ୨ । ଜୀମୂତ—ମେଘ । କମୃତ—ନଷ୍ଟକରୁ, ଠିକ୍ କର ।୮। ଶଶିଭୂଷଣରିପୁପିତୃର—ଶଶିଭୂଷଣ ମହାଦେବ, ତାଙ୍କ ରିପୁ କାମଦେବ, ତାଙ୍କ ପିତୃର କି ପିତା ବିଷ୍ଣୁ—ଏଠାରେ କୃଷ୍ଣଚନ୍ଦ୍ର ।
୧୦ । ଘନସାର—ଶରଦମିଶା କର୍ପୂର । କୁଟଜ—ପିତାଳୁରେଇ ଫୁଲ ।
୧୧ । କଳଧଉତ—ସୁନା । ୧୨ ଆରମ୍ଭେ—ଦମ୍ଭରେ । ୧୪ । ନିଙ୍କ—ସତେ ।
୧୬ । ସାରଙ୍ଗ—ମୃଗ । ସାରଙ୍ଗନେତ୍ରୀ—ମୃଗନୟନା । କନକ—ସୁନା ।
୨୦ । ସୁସ୍ୱର—କୋମଳ ମଧୁର ବାଣୀ । ରମାରମଣ—ବିଷ୍ଣୁ ।

---

## ନବମ ଛାନ୍ଦ

୧ । କୁରଙ୍ଗ—ହରିଣ । କବରୀ—ଜୁଡ଼ା । ରଙ୍ଗିମା—ଲାଲ । ଜବା—ମନ୍ଦାର । ପାଣ୍ଡୁର—ଧଳା, ଶ୍ୱେତା । ହେମ—ସ୍ୱର୍ଣ୍ଣ ।
୬ । ଦୁକୂଳ—ପାଟଲୁଗା । ସ୍ୱରଭେଦେ—ସ୍ୱରଭଙ୍ଗ ଅର୍ଥରେ । ଆପ—ଜଳ । ପକ୍ଷାନ୍ତରରେ ସନ୍ତାପ-ଦୁଖ-ଆପ—ଆପଣାର ଧୋଇଯାଉଛି ।
୭ । ରାହୁବଇରିବଦନ—ଚନ୍ଦ୍ରବଦନ । ୮ । କୁଳିଶ—ବଜ୍ର । ହୁଆ—ଛୁଟ ।
୯ । କଇତବ ବନ୍ଧୁ—କପଟବନ୍ଧୁ । ୧୦ । କନକ କାନ୍ତେ—ସୁନା ପରି ଦେହକୁ ।
୧୨ । କଳାକର—ଚନ୍ଦ୍ର । ୧୩ । ଦଣ୍ଡଧାରୀ—ରାଜା । ୧୫ । ରତ୍ନାକର—ସମୁଦ୍ର । ଅମାବାସ୍ୟା—ଉଆଁସ, ଅମାବାସ୍ୟାଦିନ—କବି 'ଦିନ' ଅହୋରାତ୍ର ଅର୍ଥରେ ବ୍ୟବହାର କରିଅଛନ୍ତି । ଅମାବାସ୍ୟା ରାତିରେ ଚନ୍ଦ୍ର ଦେଖାଯାନ୍ତି ନାହିଁ । ଚକୋର ଚନ୍ଦ୍ରଙ୍କ କିରଣ ପିଏ; ତେଣୁ ସେ ସେଦିନ ତାଙ୍କ ଅଭାବରେ ଦୁଃଖୀ ହୁଏ । କୁରାଳ—କୁମ୍ଭାର ।
୧୯ । ଅଞ୍ଚଳ—ଲୁଗାକାନି । ଝାଉଁ—ମୂର୍ଚ୍ଛା । ୨୦ । ଶୂନ୍ୟକୁ—ଆକାଶକୁ । ଚଉଁରାଇ—ସରଣ କରି । ବାରିଜ—ପଦ୍ମ ।

---

## ଦଶମ ଛାନ୍ଦ

୧ । ସଫଲାର ସୁତ—ଅକ୍ରୂର । ୨ । ମାତଳି—ଇନ୍ଦ୍ରଙ୍କର ସାରଥି । ଶଚୀ-ନାଥ—ଇନ୍ଦ୍ର ।

୩ । ଶମ୍ବର—ଶମ୍ବର ନାମକ ଦୈତ୍ୟ ମଦନର ସ୍ତ୍ରୀ ରତିକୁ ହରଣ କରିବାରୁ ମଦନ ତାହା ସଙ୍ଗେ ଯୁଦ୍ଧ କରି ତାକୁ ନାଶ କରିଥିଲେ । ଅମ୍ବର—ଆକାଶ ।

୪ । ରଥାଙ୍ଗ—ଚକ୍ରବାକ । ଗହ୍ଵ ଗହ୍ଵ—ଘୋ ଘୋ । (ସଂସ୍କୃତ—ତୁମୁଳ ନାଦ) ।

୫ । ବୋଇତକାର—କର୍ଣ୍ଣଧାର । ୭ । ପୟୋଧି—ସମୁଦ୍ର । ବିଷ୍ଣୁ ସମୁଦ୍ର ମନ୍ଥନ ସମୟରେ କୂର୍ମ୍ମରୂପ ଧରିଥିଲେ ଓ ପୃଷ୍ଠରେ ମନ୍ଦରକୁ ଧାରଣ କରି ସମୁଦ୍ର ମନ୍ଥାଇଥିଲେ ।

୭ । ବ୍ରଜସିଂହ—କୃଷ୍ଣଚନ୍ଦ୍ର । ୮ । ହାନ୍ଦୋଳି—ଇତସ୍ତତ ଚଳାଇ । ୧୦ । ଅବଗାହ—ସ୍ନାନ ।

୧୧ । ଶମନବହଣୀ—ଯମୁନା, ବହଣୀ—ଭଉଣୀ । ୧୨ । ବିଗ୍ରହ—ଶରୀର ।

୧୩ । ନୀରଦ—ମେଘ । ନବୀନ-ନୀରଦ-ତନୁ—ନୂତନ ମେଘପରି ଦେହ ।

୧୪ । ଶ୍ରୀଧର—ବିଷ୍ଣୁ, ଏଠାରେ ଶ୍ରୀକୃଷ୍ଣ । ୧୭ । ଭାବଗ୍ରାହୀ—କୃଷ୍ଣ ।୨୧। ମଧୁଚଷା—ଭଅଁର । ୨୨ । ଇନ୍ଦୀବର—ନୀଳକଇଁ । ୨୩ । ଶ୍ରୁତିମୂଳେ—କାନତଳେ

୨୪ । କମ୍ବୁ—ଶଙ୍ଖ । ମଞ୍ଜୁଳ—ସୁନ୍ଦର । ନୀଳଜୀମୂତ—ନୀଳମେଘ ।

୨୫ । କରିକର—ହାତୀଶୁଣ୍ଢ । ୨୭ । ଅମ୍ବର—ବସ୍ତ୍ର । ଚପଳା—ବିଜୁଳି ।

୨୭ । ଅଷ୍ଟନିଧି—ପଦ୍ମ, ଶଙ୍ଖ, ମକର, କଚ୍ଛପ, ମୁକୁନ୍ଦ, କୁନ୍ଦ, ନୀଳ, ଖର୍ବ । ପରିଚର୍ଯ୍ୟା—ସେବା । ୨୯ । ମଙ୍ଗଳ—ମଙ୍ଗଳ ଗାନ ବା ପାଠ ।

୩୧ । ରମ୍ଭା ପତର—କଦଳୀ-ପତ୍ର ।

---

## ଏକାଦଶ ଛାନ୍ଦ

୧ । ମାଧବ—କୃଷ୍ଣ । ମାଧବ...ଯାଇ—ମେଘରେ ମେଘ ଯେପରି ମିଶିଯାଏ ସେହିପରି କୃଷ୍ଣଙ୍କ ରୂପ ଜଳରୁ ବାହାରି ରଥରେ ବସିଥିବା କୃଷ୍ଣଙ୍କଠାରେ ମିଶିଗଲା ।

୨ । ଯଦୁ—ଯଦୁବଂଶଜାତ ଅକ୍ରୂର । ବ୍ରଜବନ୍ଧୁ—ଗୋପସଖା, କୃଷ୍ଣ ।

୩ । ବିସ୍ତାର—ବିସ୍ତାର କରି କହ । ୧୧ । ଅମିୟ—ଅମୃତମୟ । ( ଅମୃତ ଶବ୍ଦର ଅପଭ୍ରଂଶ ) । ଭୋଜପତି—କଂସ । ୧୨ । ରୋଷ—କ୍ରୋଧ ।

୧୪ । ନିକର—ନିଶ୍ଚୟ । ସଫଲାନାନ—ସଫଲାପୁତ୍ର, ଅକ୍ରୂର ( ନାନ-ନନ୍ଦନ ଶବ୍ଦର ଅପଭ୍ରଂଶ । ୧୭ । ବଡ଼ମାର୍ଗ—ରାଜଦାଣ୍ଡ ।

୧୮ । ନନ୍ଦତନୁଜ—ନନ୍ଦପୁଅ, କୃଷ୍ଣ । ୧୯ । ପାତ୍ର—ରାଜକର୍ମଚାରୀ । ଦଣ୍ଡଧାରୀ—ରାଜା । ୨୦ । ବୀରମୁକୁଟମଣି—ବୀରଶ୍ରେଷ୍ଠ । ୨୩ । ଗିରିଧର—ଗୋବର୍ଦ୍ଧନ ଧାରୀ ବା ମନ୍ଦରଧାରୀ କୃଷ୍ଣଚନ୍ଦ୍ର ।

---

## ଦ୍ୱାଦଶ ଛାନ୍ଦ

୨ । ବଳଷ୍ଠ—ବଳୁଆ । ହୃଦ ଦନ୍ତ । ୩ । ସୋଦର—ସହୋଦର ଭାଇ । ଗିରିବର—ଗୋବର୍ଦ୍ଧନ । ୪ । ବନ୍ଧାଣ—ମଲ୍ଲଯୁଦ୍ଧ ।

୫ । ଆଡ଼ଣ—ଢାଲଆଦିରେ ଆଡ଼ିବା କାର୍ଯ୍ୟ ଶର ପ୍ରଭୃତିରୁ ଶରୀରକୁ ରକ୍ଷା କରିବା ଲାଗି ଜଗିବା । ତାଡ଼ଣ—ଆଘାତ କରିବା । ସରଳ ଯିବା—ସମ୍ମୁଖଭାଗରେ ସିଧା ହୋଇ ପଶିଯିବା । ଠଣା ଧରିଥିବା—ସ୍ଥାନ ଧରି ରହିବା, ଜଗି ରହିବା । ଉଲଟପଞ୍ଚାଣ—ଡାକିବା ଠାର—ଓଲଟା ବଗୃରରେ ଡାକିବା ସଙ୍କେତ । ଠାର—ଅନ୍ୟ ଲୋକ ଯେପରି ବୁଝି ନ ପାରିବ ସେପରି ଭାଷାରେ କଥା କହିବା । ମୁଥବଞ୍ଚାଣ—ଶତ୍ରୁର ମୁଥ ପ୍ରହାରରୁ ନିଜକୁ ବଞ୍ଚାଇବା । ଆଡ଼ ହୋଇଯାଇ ନିଜକୁ ଅନ୍ୟର ମୁଥମାଡ଼ରୁ ରକ୍ଷିବା । ପୟର—ପାଦ ।

୭ । କର୍କଶ—କଠିନ, ଜୋର । ପିଠିବାଡ଼—ପିଠିପାଖ । ମର୍ମସ୍ଥାନ—ହୃଦୟ ପ୍ରଭୃତି ପ୍ରାଣର ସ୍ଥାନ । ବାହାସ୍ଫୋଟ—ବାହୁ ଓ ବାହ ସଂସ୍କୃତ ଶବ୍ଦ, ବାହୁ+ଆସ୍ଫୋଟ=ବାହାସ୍ଫୋଟ) ବାହାପଟ—(କୀଚକ ବାହାପଟ ମାରନ୍ତେ ନେଇ ହୁଦେ-କୃ,ଭା) । ହସ୍ତ ସଙ୍କୋଚ କରି ବାହୁରେ ଆଘାତ କରିବା—ବାହୁ ଠୁକିବା । ଝାଡ଼ିବ—ଥରେଇବ, ଦୋହଲାଇବ, ଝୁଣିବ । 'କାନ୍ଧ ଝାଡ଼ିଲ ନାଦ ମାରି ଗଗନେ ପଡ଼ୁଅଛି ହରି—ଭା,ଦ.ସ୍କ. । ସାଧିଅଛୁ—ସାଧନ କରିଅଛୁ—ଶିକ୍ଷା କରିଅଛୁ । ସାଧନ—ଯୁଦ୍ଧର ଉପାୟ ବା ଯୁଦ୍ଧର ଉପକରଣ ।

୧୦ । କୁବଳୟା—କଂସ ହାତୀ । ସାଧିବ—ନାଶକରିବ । ୧୧ । ଗାଢ଼—ପ୍ରବଳ, ଅତିଶୟ । ୧୨ । ମଣ୍ଡଣି କର—ସାଜ, ସଜାଇ ରହ । ପାହାର—ପ୍ରହରୀମାନେ । ଜନପୁର—ଜନ ବେଢ଼ା ବା ଜନ ଲୋକ । ହେମଦ୍ୱାର—ସୁନାଦ୍ୱାର । ଆକଟ—ନିରୋଧ, ଅଟକ ।

---

## ତ୍ରୟୋଦଶ ଛାନ୍ଦ

୧ । ବ୍ରଜ—କୃଷ୍ଣ । ବରଜସଙ୍ଗେ—ଗୋପାଳଙ୍କ ସଙ୍ଗରେ । ବସନସଦନ—ତମ୍ବୁ, ବସ୍ତ୍ରଗୃହ । ୨ । ଛଟକ—ଶୋଭା ।

୩ । ଦେବରାଜ—କୃଷ୍ଣଚନ୍ଦ୍ର । ରୋହଣୀନନ୍ଦନ—ବଳରାମ । କରିରାଜ—କରି-ଶ୍ରେଷ୍ଠ, ଐରାବତ ଓ ବାମନ ହସ୍ତୀଦ୍ୱୟଙ୍କ ଦ୍ୱାରା (ଐରାବତ ପୂର୍ବଦିଗର ହସ୍ତୀ ଥିଲା, ବାମନ—ଦକ୍ଷିଣ ଦିଗର ହସ୍ତୀ ଥିଲା) ପୃଥ୍ୱୀ ଶୋଭା ପାଉଛି—ଏଠାରେ କୃଷ୍ଣଚନ୍ଦ୍ର ବାମନ ସଙ୍ଗେ, ବଳରାମ ଐରାବତ ସଙ୍ଗେ ତୁଳନୀୟ ।

୪ । ଭୁଜଙ୍ଗଭୁଜ-ପୁଚ୍ଛ—ମୟୂରପୁଚ୍ଛ । ଇନ୍ଦ୍ରଶରାସନ—ଇନ୍ଦ୍ରଧନୁ । ଅଳକ—ଚୂର୍ଣ୍ଣକୁନ୍ତଳ । ଅଳି—ଭଅଁର । ଗୁଣ—ଦଉଡ଼ି, ଜ୍ୟା । କଞ୍ଜନୟନ—ପଦ୍ମନୟନ । ପଞ୍ଚବାଣ—ପଞ୍ଚଶର ।

୫ । ତିଳଫୁଲ—ଖସାଫୁଲ ପରି ନାକ । ବର୍ତ୍ତୁଳ—ଗୋଲ । କଳାକର—ଚନ୍ଦ୍ର । ସବିତା—ସୂର୍ଯ୍ୟ । ମାରତଣ୍ଡ—ସୂର୍ଯ୍ୟ । ମନସିଜ—କାମଦେବ । କରି ଆଦରଣ—ହାତଦର୍ପଣ । ୬ । ଲପନ—ମୁଖ । ବକପନ୍ତି—ବଗପଲ । ଆଜାନୁ ବଳଛନ୍ତି—ଆଜାନୁଲମ୍ବିତ ବାହୁ । ୭ । କଟିପ୍ରଦେଶରେ—ଅଣ୍ଟାରେ । ଜନକ ବସନ—ସୁନା ବର୍ଣ୍ଣର ହଳଦିଆ ଲୁଗା । ଓଡ଼ିଆଣୀ କମରବନ୍ଧ, କଟିମେଖଳା । ରମ୍ଭାଠାଣି—କଦଳୀ ଗଛର ଶୋଭା । ମଞ୍ଜୀର—ନୂପୁର । କାଃସ୍ୱନ—ଶବ୍ଦ । ୮ । ଜମ୍ଭଭେଦୀ—ଇନ୍ଦ୍ର । ୧୦ । ତାମରସବଦନୀୟ—ପଦ୍ମମୁଖ, କୃଷ୍ଣଚନ୍ଦ୍ର । ପୟ—ଦୁଧ । ୧୨ । କୋଳ—ଘୁଷୁରି, ଶୂକର । ରମ୍ଭାସ୍ୱାଦ—ପାଚିଲାକଦଳୀ ସ୍ୱାଦ । "ଘୁଷୁରିଙ୍କ ପାଚିଲା କଦଳୀ" ପ୍ରବଚନ । ୧୩ । ବଇଭୋଗ—ବୈଭବ ଶବ୍ଦଜ, ଐଶ୍ୱର୍ଯ୍ୟଭୋଗ କରୁ । ୧୫ । ଗିରୀଶ—ମହାଦେବ । ୧୬ । ଜଗତଜୀବନ—କୃଷ୍ଣ । ଗୋପାଳତନୁଜ—ଗଉଡ଼ପିଲା । କଟକ—ନଗର । ଅଟକ—ବନ୍ଦୀ ।

---

## ଚତୁର୍ଦ୍ଦଶ ଛାନ୍ଦ

୧ । ମତ୍ତକରୀ—ପାଗଳ ହାତୀ (ଝୁଲି ଝୁଲି ଚାଲିବା ହେତୁ) ସଙ୍ଗେ କୃଷ୍ଣଚନ୍ଦ୍ରଙ୍କ ତୁଳନା । ୫ । ରସସାଗରୀ—ରସମୟୀ । ଢଳ—ବଙ୍କାଇ ଚାଲିଦେବା ।

୬ । ଘଣ—ଭଜା । ୭ । ସାର—ଗୋଟି । ୮ । ଲଗେ—ସମୀପକୁ । ବନ୍ଧୂକ—ବନ୍ଧୁଲି । ୯ । ତୃଣେ—ଶୀଘ୍ରରେ । ହେମଧରଣୀ—ସୁନାର ଭୂଇଁ । ୧୧ । ଦୁକୂଳ—ପାଟଲୁଗା ବା ଲୁଗା । ବେନି ତୁଙ୍ଗ—ଦୁଇ ଉଚ୍ଚ କୁଚ । ୧୫ ।

ରାମଅନୁଜ—କୃଷ୍ଣ । ନବଜୀମୁତବରନ ବେଶସାରସ—ନୂଆ ମେଘବର୍ଣ୍ଣ କୃଷ୍ଣଙ୍କ ବେଶ ଓ ମୁଖପଦ୍ମ । ୧୩ । କେଳିପତାକା—କେଳିପ୍ରବୀଣା, କେଳିଚତୁରା । ବିମ୍ବୋଷ୍ଠୀ—ବିମ୍ବଫଳ ଗୋରୁଖିଆ ଫଳ ପରି ଲାଲ ଓଠ ଯାହାର । ମୂଳ ଦେଖ । ତମ ତମ—କ୍ରୋଧରେ ଲାଲବର୍ଣ୍ଣ । ୧୫ । ବୀଣାବଚନୀ—ବୀଣାସ୍ୱର ପରି କଥା ଯାହାର । ଆଲୀ—ସଖୀମାନେ । ସାରଙ୍ଗ—ବୀଣା ।

୧୬ । ଜବାଅଧରୀ—ଜବା ମନ୍ଦାରଫୁଲ ପରି ଲାଲ ଓଠ ଯାହାର । ରବା—ତାରଯନ୍ତ୍ରବିଶେଷ । ତାନ—ଗାନାଙ୍ଗବିଶେଷ । ୧୭ । ବ୍ରଜବଲ୍ଲଭ—ଗୋପନାୟକ ବା ଗୋପପ୍ରିୟ କୃଷ୍ଣଚନ୍ଦ୍ର । ୧୮ । ଲାଳସେ—ଲାଳସାରେ, ଅତି ଲୋଭରେ ବା ଅତ୍ୟଧିକ ଇଚ୍ଛାରେ ।

୧୯ । ଶାତକୁମ୍ଭ—ସୁନା । ପିକ—କୋଇଲି । ୨୧ । ହଂସକ—ନୂପୁର, ହଂସ ଇବ କାୟତି (ଶବ୍ଦାୟତେ), ହଂସପରି ଶବ୍ଦ କରେ ବୋଲି ନାମ ହଂସକ । ୨୩ । ହୁଡ଼ିଲା—ପାସୋରିଲା, ଭୁଲିଗଲା । ଈକ୍ଷଣ—ଆଖି ।

୨୪ । କଙ୍କଣ—ବଳୟ, କରଭୂଷଣବିଶେଷ । ଭାଗ—ପ୍ରଦେଶ, ସ୍ଥାନ । ସାରସମୁହାଁ—ପଦ୍ମମୁହାଁ । ୨୫ । ଏଣୀନୟନା—ହରିଣୀ ପରି ଚଞ୍ଚଳ ଆଖି ଯାହାର । କଳା ନାଗ—କାଳୀୟନ୍ତୀ ସାପ । ୨୬ । ଚମ୍ପାଦାମ—ଚମ୍ପାମାଳ । ମୋତିଦଶନୀ—ମୋତିପରି ଶୁଭ୍ର ଦନ୍ତ ଯାହାର । ଗହଳେ—ଜନତା, ବହୁଲୋକ ସମାଗମ ମଧ୍ୟରେ । ୨୭ । ରମ୍ଭାଜଘନୀ—କଦଳୀକାଣ୍ଡ ପରି ଜଙ୍ଘ ଜାନୁ ଯାହାର—( "ଜଘନ" ଶବ୍ଦ ପ୍ରାଚୀନ ) ରମ୍ଭା ପତ୍ରଏ—କଦଳୀପତ୍ର ପରି ୨୮ । ଈଶମୋହନୀ—ଯେ ନିଜ ରୂପରେ ମହାଦେବଙ୍କୁ ମୋହି ପାରେ । କଉଁ......କହିଗଲା—କେଉଁ ତାଳିମ୍ବଦନ୍ତୀ ନାରୀ ଦ୍ୱାରଦେଶରେ ରହି ନିଜର ହୃଦୟକୁ କୁଆପଥର ପରି କଲା । କୁଆପଥର ଯେପରି ତରଳିଯାଇ ବହିଯାଏ ସେହିପରି କୃଷ୍ଣଙ୍କୁ ଦେଖି ତା ମନ ତରଳିଯିବାରୁ ସେ ଘରେ ରହି ନ ପାରି ପଥକୁ ବାହାରିଗଲା ।

୩୦ । ଏଣାକ୍ଷୀ—ମୃଗନୟନା । ବ୍ରହ୍ମରାଶି—ସଚ୍ଚିଦାନନ୍ଦ ବା ଜ୍ଞାନର ମଣ୍ଡଳ ବା ଆଧାର ସ୍ୱରୂପ କୃଷ୍ଣଚନ୍ଦ୍ର ।

୩୧ । ଋଷିମୋହନୀ—ଅତିସୁନ୍ଦରୀ (ଯେ ସ୍ୱରୂପଲାବଣ୍ୟରେ ଋଷିଙ୍କୁ ବିଚଳିତ କରି ପାରେ) ଋଷି ପରାୟ—ଯୋଗୀଙ୍କ ତୁଲ୍ୟ । ୩୨ । ଦର୍ପଣମୁଖୀ—ଦର୍ପଣ (ଆରଶି) ପରି ନିର୍ମଳ ମୁଖ ଯାହାର । ବିଭ୍ରମ ହେତୁ କପୋଳରେ, କପାଳରେ ଦେବା କଥା )ସିନ୍ଦୂର ଓ କପାଳରେ କଜ୍ଜଳ (ଆଖିରେ ଦେବାର କଥା) କର୍ଣ୍ଣରେ ବସଣୀ (ନାକରେ ଦେବାର କଥା) ନାକରେ ତାଟଙ୍କ (କର୍ଣ୍ଣରେ

ଦେବାର କଥା) କଣ୍ଠରେ ଦେବା କଙ୍କଣୀକୁ କଣ୍ଠରେ ଭୂଷଣ କଲା । ପାଦ ଗହଣା ସବୁ ହାତରେ ଖଞ୍ଜିଲା ଓ ହାତ ବଳୟ ପାଦରେ ଦେଲା । ଝିଙ୍କ ଗାନ୍ଧୀ—ଶୋଭାଙ୍ଗୀ; ଯାହାର ଦେହ ଦାଉ ଦାଉ ହୋଇ ଶୋଭା ପାଉଛି । ବିଭ୍ରମ—ବିଭ୍ରମ ସ୍ତ୍ରୀରଙ୍ଗ କାଲେ ଭୂଷାସ୍ଥାନବିପର୍ଯ୍ୟୟଃ ।

୩୬ । କରଇ ଗତି କରିର ମତି—କରିର ପରି ହସ୍ତୀ ପରି ଚାଲଇ । ସୁକ୍ଷୀନ —ଅତି କ୍ଷୀଣ; ଅତି ପତଳା । ୩୮ । ବାରିଦ—ଘନ; ବାରିଦକେଶୀ —ମେଘ ଭଳି କଳା ବାଳ ଯାହାର । ବାରିଦବରନ—ମେଘବର୍ଣ୍ଣ କୃଷ୍ଣଙ୍କୁ । ୩୯ । ଚୀର—ପିନ୍ଧାଶାଢ଼ୀ । ୪୨ । ସଞ୍ଚ—ସୁନ୍ଦର । ମକରଧ୍ୱଜ— କନ୍ଦର୍ପ । ୪୪ । ଅନଳ ଦେଖିଣ ପତଙ୍ଗ, ଯେହ୍ନେ ଧାମନ୍ତି ଉଦବେଗ, ଭାଗବତ ।

୪୫ । ମୃଗାଙ୍କମୁଖୀ—ଚନ୍ଦ୍ରମୁଖୀ । ୪୬ । ନାଗେନ୍ଦ୍ର—ହସ୍ତୀଶ୍ରେଷ୍ଠ । ଜଳଜ—ପଦ୍ମ । ତପନତେଜେ—ସୂର୍ଯ୍ୟତାପରେ, କିରଣରେ । ୪୯ । ଗୁରୁ—ବୃହସ୍ପତି । ଚତୁରାନନ—ବ୍ରହ୍ମା (ବ୍ରହ୍ମା ଦେବତାଙ୍କ ପିତା ହେତୁ—ଦେବଗୁରୁ ରୂପେ କଥିତ) । ୫୦ । ଜନାର୍ଦ୍ଦନ—କୃଷ୍ଣଚନ୍ଦ୍ର ।

---

## ପଞ୍ଚଦଶ ଛାନ୍ଦ

୧ । ରଜା ରଜକ—ହଂସ ଧୋବା । ପରିଜନେ—ଭୃତ୍ୟମାନେ ଆଡ଼—ଦୂର ।

୨ । ଜଗତଜୀବନ—କୃଷ୍ଣଚନ୍ଦ୍ର । ଉତ୍କଳ—ପରିଷ୍କାର । (ଉତ୍କ୍ଷିପ୍ତ ନେପଥ୍ୟ—କାଳିଦାସ)

୩ । ଆଡ଼ମ୍ବେ—ଆଡ଼ମ୍ବରରେ, ଗର୍ବରେ । ୪ । ଜନ୍ମବଧିର—ଜନ୍ମରୁ କାଲ । ୫ । ଲଗଲଗ—ପାଖ ପାଖ । ଶିଳେ—ଶିଳାରେ, ପଥରରେ । ନାନା ପତ୍ରେ—ନାନା ଜାତି ଗଛର ପତ୍ରରେ ।

୭ । ଅଶନ—ଭୋଜନାଦି । ବୋଲଣ—ଭର୍ତ୍ସନା, ଗାଳି । ରଜକାରି—ଧୋବା । ପଶିଲା...ସଙ୍ଗେ—ଭୂଧରେ ପଣି ମୁଶ ଇଲା ପରି କୃଷ୍ଣ ଅଙ୍ଗରେ ଧୋବା ପ୍ରାଣ ମିଶିଲା । ପୟ—ଦୁଧ । ୧୧ । ଦୁରିତ—ପାପ । କୈବଲ୍ୟ ମୁକତି—(କୈବଲ୍ୟ ପରମାତ୍ମା ସଙ୍ଗରେ ଏକ ହୋଇଯିବା ) ସାଯୁଜ୍ୟ ମୁକ୍ତି । ଦୁଷ୍ଟଭାବରେ— ଶତ୍ରୁଭାବରେ ।

୧୨ । ମଣ୍ଡଆଳ—ଫୁଲୁଣା ଲୁଗା । ଏଠାରେ ଲୁଗାମାତ୍ରର ଅର୍ଥରେ ବ୍ୟବହୃତ ।

୧୩ । ଶ୍ରୀକଣ୍ଠ—ଶ୍ରୀବତ୍ସଧାରୀ କୃଷ୍ଣ । ପିନ୍ଧାଇବ କାଛି—ଛନ୍ଦଣି କରି ବା ସଜାଇ କରି କାଛ ପିନ୍ଧାଇବ । ଗଛିବ—ଶୋଭା ପାଇବ । ୧୪ । ଗନ୍ଧାଦ୍ରିତ— ସରଘଣ୍ଠା । ସିଂହ କଟିରେ—ସିଂହର କଟି ପରି ସରୁ କଟିରେ, ( ଅଣ୍ଟାରେ ) । ୧୫ । ଶ୍ୱେତଗଜ—ଐରାବତ ।

୧୭ । ଗରୁଡ଼ାରୂଢ଼—ଗରୁଡ଼ବାହନ, କୃଷ୍ଣ । ପଦପଙ୍କଜେ—ପାଦପଦ୍ମରେ ।
ଉଡ଼ୁପ—ଚନ୍ଦ୍ର । ନବପୟୋଦ—ନୂଆ ଉଠିଲା ମେଘ । ବପୁ—ଦେହ ।
୮ । ଭାବୋଇଲା—ମନେ ପକାଇଲା । ଭବକଳୁଷ—ସଂସାରପାପ । ପରଶ—
ସ୍ପର୍ଶ । ତାହ—ତାଲ । ଅବଧି—ଯତ୍ନରେ ବା କ୍ଷେପ କରି ।

---

## ଷୋଡ଼ଶ ଛାନ୍ଦ

୧ । ଚୂଳ—ମସ୍ତକ ଶିଖା । କେତକୀକଳି—କେତକୀ ଫୁଲର କଢ଼, ଏଠାରେ
ଛୋଟ ପାଖୁଡ଼ା । କେଶ ହେଲା ରାହୁ, କେତକୀପାଖୁଡ଼ା ହେଲା ରାହୁର
ଜିଭ, କୃଷ୍ଣଙ୍କ ମୁଖ ହେଲା ଚନ୍ଦ୍ର ।

୨ । ବକୁଳଦାମ—ବଉଳହାର । ଶକ୍ରଚାପ—ଇନ୍ଦ୍ରଧନୁ । ଭୁଜଙ୍ଗଭୁକ—ମୟୂର,
ସର୍ପଭକ୍ଷକ । ଚନ୍ଦ୍ରିକା—ଚନ୍ଦ୍ରଙ୍କ ଜ୍ୟୋତ୍ସ୍ନା । ତାରେ—ତା ସଙ୍ଗରେ । ୩ ।
ରଙ୍ଗକୁସୁମ—ଲାଲ ଫୁଲ ବା ରଙ୍ଗଣୀଫୁଲ । ରକ୍ତକୁମୁଦ—ଲାଲିଆ କଇଁ ।
ବେଣୀ ହେଲା ଯମୁନା, ରଙ୍ଗ ଫୁଲ ହେଲା ଲାଲ କଇଁ । ଜାତିକୁସୁମ—
ଜାଇଫୁଲ । ୪ । ସୁଶ୍ରୀ—ଅତି ସୁନ୍ଦର । ଉର—ଛାତି । ଲପନ—ମୁଖ ।
ରମ୍ଭା—ଅପ୍ସରାବିଶେଷ । ଗଗନ—ସ୍ୱର୍ଗ; ମର୍ତ୍ତ୍ୟରେ କୃଷ୍ଣଚନ୍ଦ୍ରଙ୍କ ଶୋଭା
ଦେଖି ସେ ସ୍ୱର୍ଗ ଛାଡ଼ିବ । ହେଜ—ବୁଦ୍ଧି ଚଳାଇ ।

୭ । କନ୍ୟାସ୍ତମ୍ଭ—ଚନ୍ଦ୍ରପ୍ରତିମା । ୮ । କୁପଞ୍ଚ—ଅଘଟଣା, ଅସୁନ୍ଦର । ଅନୁଜା—
ଭଉଣୀ ।

୯ । ନାଏକ—( ନାୟକ ) ଗ୍ରହଣୀୟ ବା ଲାଏକ୍ ଶବ୍ଦର ଅପଭ୍ରଂଶ—ଲାୟକ ।
( ଲ ରୁ 'ନ' ହୁଏ; ଯଥା:—ଲୁଣ—ନୁଣ; ଲବଙ୍ଗ—ନବଙ୍ଗ,
ଲଡା—ନଠା ) ।

୧୦ । ବକ୍ରନୟନେ—କଣିଆଇ । ଗନ୍ଧକାରୀ—ଚନ୍ଦନାଦି ଗନ୍ଧଦ୍ରବ୍ୟର
ନିଯୋଗିଆ । ଚଉସମ—ଚତୁଃସମର ଅପଭ୍ରଂଶ; ଚଉସମ ମଧ କହନ୍ତି ।
୧୨ । ଶ୍ୱାସେ ଘେପିଲା—ଶୁଙ୍ଘି ନେଲା । ୧୩ । ଶିରଗଭା—ମୁଣ୍ଡର ଫୁଲମାଳା ।
ଊର୍ଦ୍ଧ୍ୱରେତା—ଯୋଗିମାନେ ବା ଶିବ ।

୧୪ । ଚନ୍ଦ୍ରମକରୀ—ଚଦାପାଟିର ଶେଷଭାଗକୁ ମଗର ପରି କରି ଦିଅନ୍ତି ।
ରାମଚନ୍ଦ୍ର—ବଳରାମ । ୧୫ । ଖଞ୍ଜା—ଖଞ୍ଜା ହାଡ଼ । ପ୍ରସନ୍ନଚିତ୍ତେ—
ପ୍ରଫୁଲ୍ଲ ହୃଦୟରେ । ଇନ୍ଦୀବର—ନୀଳକଇଁ । ମନ୍ଦାର—ଏଠାରେ
ଦେବମନ୍ଦାର—ପାରିଜାତ । କବି ବୋଧହୁଏ ମୁଖର ଦୀପ୍ତି ବୁଝାଇବା
ଅର୍ଥରେ ଏ ଶବ୍ଦ ପ୍ରୟୋଗ କରିଅଛନ୍ତି । "ଚନ୍ଦ୍ରର ପାଟରେ ଦୋପାପତ୍ତି
ନାହିଁ । ୧୬ । ଡଳ—ଖସା । ଠାଣି—ଶୋଭା, ରୂପଭଙ୍ଗୀ । ଆଦରଶ—

ଦର୍ପଣ, ଆରଶି । ପିକ—କୋଇଲି । ଘୋଷ—ବାଣୀ, ରବ । ଦଶନ—ଦାନ୍ତ । କୁନ୍ଦହାର—ଶାଣରେ ବସିଥିବା ହାର "ଖାଦଶୋଜ୍ଝୀର୍ଣ୍ଣ ହାରକଖଣ୍ଡ" । ସାରଙ୍ଗ—ଶଙ୍ଖ । ଡାହାଣାବର୍ତ୍ତି—( ଦକ୍ଷିଣାବର୍ତ୍ତି ) ଯେଉଁ ଶଙ୍ଖର ମୁହଁ ଡାହାଣ ତରଫକୁ ଖୋଲା; ଶଙ୍ଖତୁଲ୍ୟ ତ୍ରିରେଖାବିଶିଷ୍ଟ କଣ୍ଠ । ଉରଜ—ସ୍ତନ । ମାରବଇରୀ—ମହାଦେବ । ୧୮ । ବର୍ତ୍ତୁଳ—ବର୍ତ୍ତୁଳ ଓ ଦୃଢ଼ । ହେମବ୍ରତତି—ସୁନାଲତା । ମଧ୍ୟମତୃଣଅଙ୍କ କଟିକି ଲକ୍ଷ୍ୟ—ଅତି ସରୁ କଟି ।

୨୨ । ବଧୂ—ଚନ୍ଦ୍ର । ୨୩ । ବିରଞ୍ଚି—ବ୍ରହ୍ମା । ୨୪ । ରୂପବନ୍ତୀ—ରୂପବତୀ ଶବ୍ଦର ଅପଭ୍ରଂଶ । ୨୫ । ସଙ୍କୋଚ—ଲଜ୍ଜା । କୁଞ୍ଜବିହାରୀ—କୃଷ୍ଣ । ହଳୀ—ବଳରାମ ।

୨୯ । ପୁରମଣ୍ଡଣି...ତୁହି—ତୁ ବାସକସଜ୍ଜା ହୋଇ ରହିଥିବୁ । ନାରସ୍ଥଳୀ—ସ୍ୱର୍ଗ । ୩୦ । ପୟୋଧର—ସ୍ତନ; "ଉରଉପରେ" କେବଳ ମୁଦ୍ରିତ ଗ୍ରନ୍ଥଗୁଡ଼ିକରେ; ପୟୋଧର—ସ୍ତନ ଅର୍ଥରେ ପ୍ରୟୋଗ କବିଙ୍କର କବିତାରେ ସୁଗୃହୀତ ଅଛି । ପତ୍ରାବଳୀ—ମକରିକା [ ଚନ୍ଦନ, କସ୍ତୁରୀ ପ୍ରଭୃତି ଦ୍ୱାରା ରଚନା କରିବା ] । ୩୧ । ଯାବକ—ଅଳତା । ବଶନକର୍ମୀ—ଶ୍ରୀକୃଷ୍ଣ ।

---

# ସପ୍ତଦଶ ଛାନ୍ଦ

୧ । ରମାବିଳାସ—ଲକ୍ଷ୍ମୀରମଣ, କୃଷ୍ଣଚନ୍ଦ୍ର ।

୨ । ଅମ୍ବରେ—ଆକାଶରେ । ଅମରେ—ଦେବତାମାନେ । ବହନ—ଶୀଘ୍ର । କ୍ଷତ୍ରିୟକୁଳକାଳାନଳ—ତୁମ୍ଭେ କ୍ଷତ୍ରିୟକୁଳର କାଳାଗ୍ନିସ୍ୱରୂପ ଅର୍ଥାତ୍ ଜମଦଗ୍ନିଙ୍କ ପୁତ୍ର ପରଶୁରାମ ରୂପରେ ଏକୋଇଶ ଥର କ୍ଷତ୍ରିୟକୁଳକୁ ନାଶ କରିଥିଲ ବା କ୍ଷତ୍ରିୟକୁଳ କି ଶତ୍ରୁପକ୍ଷର ଧ୍ୱଂସକାରକ ।

୩ । ଶାରଙ୍ଗପାଣି—ଶାରଙ୍ଗ ନାମକ ଧନୁ ଯାହାଙ୍କ ହାତରେ ଅଛି, ଏଠାରେ କୃଷ୍ଣଚନ୍ଦ୍ର । ଦର୍ପିଷ୍ଠ—ଅତ୍ୟନ୍ତ ଅହଙ୍କାରୀ ।

୪ । ବେଣୁ—ଦ୍ୱାଦଶ ଅଙ୍ଗୁଳି ଦୀର୍ଘ ଓ ଅଙ୍ଗୁଷ୍ଠ ପରିମିତ ସ୍ଥୂଳ ଛଗୋଟି ଛିଦ୍ରଯୁକ୍ତ ବଂଶକୁ ବେଣୁ କହନ୍ତି । ବଂଶୀ—ଅର୍ଦ୍ଧ ଅଙ୍ଗୁଳି ବ୍ୟବଧାନରେ ଅର୍ଦ୍ଧ ଅଙ୍ଗୁଳି ପରିମିତ ଅଷ୍ଟଛିଦ୍ର; ତତ୍ପରେ ସାର୍ଦ୍ଧ ଅଙ୍ଗୁଳି ଅନ୍ତରରେ ଏକ ଅଙ୍ଗୁଳି ପରିମିତ ମୁଖଛିଦ୍ର । ଛିଦ୍ର ଉପରିଭାଗରେ ଚାରି ଅଙ୍ଗୁଳି ଓ ନିମ୍ନଭାଗରେ ତିନି ଅଙ୍ଗୁଳି ଏବଂ ଗ୍ରନ୍ଥିର ପରେ ଅର୍ଦ୍ଧ ଅଙ୍ଗୁଳି—ଏପରି ନବଛିଦ୍ରସମନ୍ୱିତ ସପ୍ତଦଶ ଅଙ୍ଗୁଳି ପରିମିତ ବଂଶକୁ ବଂଶୀ କହନ୍ତି । ହାଲ୍ଲୋଳ—କୋଳାହଳ ।

୫ । ଗାଲଢୁଟ୍ରୀ—ମୁଖବାଦ୍ୟବିଶେଷ । ୬ । ଖୋଲର ପାଗ—ପଗଡ଼ି । କନକାଷଟ୍ଟି—ହଳଦିଆ ଲୁଗା । ମତ୍ତନାଗ—ମତ୍ତହସ୍ତୀ ।

୭ । କାକଡ଼ମ୍ବୁ—ଈଷତ୍ ନୀଳବର୍ଣ୍ଣ; କାଉଡ଼ମ୍ବର ବର୍ଣ୍ଣ ପରି ବର୍ଣ୍ଣ ଯାହାର । ଗଛେ—ସାଜେ, ଭଲ ଦିଶେ ।

୧୦ । ଖଙ୍ଗ—ଅପମାନ ବା ରୋଷ । ପନ୍ନଗ—ସର୍ପ । ୧୧ । ଶରାସନ—ଧନୁ ।

୧୩ । ଝସାଇ ପଡ଼ିଲେ—ପେଲି ପଶିଲେ, ଧୃଷ୍ ଧର୍ଷଣ ଅର୍ଥରେ । କମଳାବର—ଲକ୍ଷ୍ମୀପତି, କୃଷ୍ଣଚନ୍ଦ୍ର । ଉତ୍ପୁଡ଼ି ଆଣିଲେ—ଝିଙ୍କି ଆଣିଲେ ।

୧୪ । କୋଦଣ୍ଡ—ଧନୁ । କୃତାନ୍ତ—ଯମ । ୧୫ । କାଦମ୍ବରୀ—ମଦ୍ୟବିଶେଷ । କାର୍ମୁକ—ଧନୁ । ଶମନ—ଯମ । ଦାଢ଼େ—ପ୍ରତାପରେ ଦଂଷ୍ଟ୍ରାଶବ୍ଦଜ ।

୧୬ । ଷଡରସ—ମଧୁର, ଲବଣ, କଷା, ତିକ୍ତ, ଅମ୍ଳ, କଟୁ ।

୧୭ । ପଲଙ୍କରେ ଦୁଇ ଭାଇ ରାମକୃଷ୍ଣ ଶୋଇଲେ । କବି ଉତ୍ପ୍ରେକ୍ଷା କରୁଅଛନ୍ତି—'କ୍ଷୀର ସମୁଦ୍ରରେ ନୂଆ ମେଘକୁ ରଖିଲେ ଯେପରି ଦେଖାଯିବ, ସେହିପରି ରାମ ଓ କୃଷ୍ଣଙ୍କ ଦେହ ଦେଖା ହେଲା । ସୀମନ୍ତାନେ—ମୁଣ୍ଡତଳେ ।

## ଅଷ୍ଟାଦଶ ଛାନ୍ଦ

୧ । ଯୋଗମାୟା—ସୃଷ୍ଟିକ୍ରିୟାରେ ଭଗବାନଙ୍କ ଶକ୍ତି; ଦୁର୍ଘଟ-ଘଟନା-ପଟୀୟସୀ ଶକ୍ତି । ସଚ୍ଚିଦାନନ୍ଦ—ଶକ୍ତିବିଶେଷ । ୨ । ତନୁଜ—ପୁଅ । ୩ । ଦୁମିଳ-ନନ୍ଦନ—କଂସ । ବାରତିଆ—ସମ୍ବାଦଦାତା, ଡଗର ।

୫ । କଟକେ—ନଗରରେ, ଗଡ଼ରେ । ୬ । ଚଉର୍ଯ୍ୟ—ଚୋରଧର୍ମ, ଲୁଚିବା ।

୭ । ନପୁଂସକ—ଅଶକ୍ତ । ଅବିବେକ—ବିଚାରହୀନ, ନବୁଝିଆ ।

୮ । ଶର୍ବରୀ—ରାତି । କୃପାଣ—ଖଣ୍ଡା । ୧୧ । ଗଙ୍ଗଶିଉଳି—ଶିଙ୍ଗଡ଼ାହାରର ଫୁଲ; ସେ ଫୁଲ ସକାଳକୁ ଅର୍ଥାତ୍ ସୂର୍ଯ୍ୟଙ୍କ ଉଦୟକାଳରେ ଝଡ଼ିଯାଏ; ସେହି ଫୁଲକୁ 'ଦ୍ୱାଦଶ' ମାରତଣ୍ଡ ୧୨ଟି ସୂର୍ଯ୍ୟଙ୍କୁ ଲୋଡ଼ୁଛି । କୃଷ୍ଣ ରାମ ଗଙ୍ଗଶିଉଳି ପରି, ତାଙ୍କୁ ମାରିବା ଅତି ସହଜ, ଆପଣ ୧୨ଟା ସୂର୍ଯ୍ୟ ତୁଲ୍ୟ । ଭସ୍ମକୂଟ—ପାଉଁଶଗଦା । କୁଳିଶ—ବଜ୍ର ।

୧୩ । ଉଚାଟ—ଉତଲା, ବ୍ୟଗ୍ର । ୧୪ । ମଘବାନ—ଇନ୍ଦ୍ର । କୃତ୍ତିବାସ—ମହାଦେବ । ହୁତାଶ—ଅଗ୍ନି । ଦନ୍ତୀପାଳ—ହସ୍ତୀପକ, ମାହୁନ୍ତ ।

## ଊନବିଂଶ ଛାନ୍ଦ

୧ । ପରଭୃତ—କୋକିଳ । ଶମ୍ଭୁଆଳେ—ମହାଦେବଙ୍କ ମନ୍ଦିରରେ । କମ୍ବୁ—ଶଙ୍ଖ । ୨ । ଧବମଳ—ଉଜ୍ଜ୍ୱଳ, ନିର୍ମଳ ।

୩ । ବିଟପୀ—ଗଛ । ପଲ୍ଲବ—ପତ୍ର । ଆରମ୍ଭିଲେ—ଜନ୍ମାଇଲେ ।

୪ । କଞ୍ଜ—ପଦ୍ମ । ପ୍ରଫୁଲ୍ଲିତ—ଫୁଟିଲା । କୁମୁଦ—କଇଁ । ମୁଦ୍ରିତ—ବୁଜି ହୋଇଗଲା । କାନ୍ତ—ପ୍ରିୟ; ଚନ୍ଦ୍ର ।

୫ । ଦନ୍ତୀଦନ୍ତ—ହାତୀଦାନ୍ତ । ଦେବଦ୍ରୁମ—କୃଷ୍ଣ । ଦରବିକାଶ—ଅଳ୍ପକରେ ଫୁଟିଲା । ତାମରସ—ପଦ୍ମ । ୬ । ଦର ଦର—ଅଳ୍ପ ଅଳ୍ପ । ଜବା ଅଧର—ମନ୍ଦାରଫୁଲ ସଦୃଶ ଲାଲ ଓଠ । ଘୂର୍ମିତ—ବୁଲୁଥିବା (ଘୂର୍ଣ୍ଣିତ ଶବ୍ଦରୁ ଅପଭ୍ରଂଶ)

୭ । ବାସ ସଲିଳ—ଗନ୍ଧଯୁକ୍ତ ଜଳ, ପଣାର ଜଳ ପ୍ରଭୃତି । କଳଧଉତ—ସୁନା । ପାଦୁକା—କାଠପାଉ । ୮ । ଦନ୍ତଧାପନ—ଦାନ୍ତଘଷା । ଶୀତ ପୟୂ—ଥଣ୍ଡା ଜଳ । ଅବଗାହ—ସ୍ନାନ । ଅଙ୍କିତ—ଲେପିତ, ରଞ୍ଜିତ । ବିଗ୍ରହ—ଦେହ ।

୧୦ । ଶିଖିଚନ୍ଦ୍ରିକା—ମୟୂରଚନ୍ଦ୍ରିକା । ସହସ୍ରାକ୍ଷ—ଇନ୍ଦ୍ର । ବୁଞ୍ଜ ଗୁଞ୍ଜଦାମ—( ବୁଞ୍ଜ-ସୁନ୍ଦର, ଗୁଞ୍ଜ—କାଇଁଚ, ଦାମ—ମାଳା ) ସୁନ୍ଦର କାଇଁଚମାଳା । ତରଳେ—ତରଳଯାଏ, ଲଜ୍ଜାରେ ଦ୍ରବୀଭୂତ ହୁଏ । ଅତନୁ—କାମଦେବ ( ନିଜର ଧନୁକୁ ଗଞ୍ଜୁଥିବାରୁ ) । ୧୧ । ଅଳକାପନ୍ତି—ଚୂର୍ଣ୍ଣକୁନ୍ତଳ ସବୁ ( ଚୁନଚୁନିଆ କୁଞ୍ଚିକୁଞ୍ଚିଆ ବାଳସବୁ ) । ବାଳଅଳି—ଛୁଆ ଭଅଁର । ମାର-କାର୍ମୁକ—କାମର ଧନୁ । "ମୌର୍ବୀ ରୋଲମ୍ବମାଳା ଧନୁରଥ ବିଶିଖାଃ କୌସୁମାଃ ପୁଷ୍ପକେତୋଃ" ( କନ୍ଦର୍ପର ଧନୁରେ ଦଉଡ଼ି ହେଲେ ଭଅଁର-ମାନେ, ଶର ସବୁ ହେଲେ—ଅରବିନ୍ଦ, ଅଶୋକ, ନୀଳୋତ୍ପଳ, ଚୂତ, ନବମଲ୍ଲିକା । ନୟନ ହେଲା ଶର; ଅଞ୍ଜନ ହେଲା ଗୁଣ ଦଉଡ଼ି । ଠିକି—ଶୋଭା, ଉତ୍ତମ । ୧୨ । ମକରଧ୍ୱଜ—କନ୍ଦର୍ପ । କରପାଶ—ହାତର ଫାଶ । ଠାଣି—ଆକୃତି । ମକର କୁଣ୍ଡଳ—ମକର ଆକାରର କୁଣ୍ଡଳ । ଝଲକେ—ଝଟକୁଛି, ଶୋଭା ପାଉଛି । ଗୁରୁ, ଶୁକ୍ର—ଦୁଇ ନକ୍ଷତ୍ର ( ଉଜ୍ଜ୍ୱଳତାରେ ବଳିପଡ଼ୁଛି ) । ୧୩ । ଗଜମୋତି—ହାତୀ ମୁଣ୍ଡରୁ ବାହାରିବା ଉତ୍କୃଷ୍ଟ ମୁକ୍ତା; "ନ ମୌକ୍ତିକଂ ଗଜେ ଗଜେ" । କେୟୂର—ତାଡ଼ । ମାରତଣ୍ଡ-ତାର—(ମାରତଣ୍ଡ-ସୂର୍ଯ୍ୟ; ତାର-ଉଜ୍ଜ୍ୱଳତା ଦୀପ୍ତି ) ସୂର୍ଯ୍ୟଙ୍କ ଦୀପ୍ତି । ୧୪ । ଓଡ଼ିଆଣୀ—କମରବନ୍ଧ, ମେଖଳା । ୧୫ । ନାଗବନ୍ଧ ଉତ୍ତରୀ—ଏକ ପ୍ରକାର ଚଦର ( ଯଥା—ନାଗବନ୍ଧୀ ଶାଢ଼ୀ ) । ଭୂଷି—ସାଜି ହୋଇ । ୧୭ । ଅଧରାମୃତ—ଅଇଁଠା । ୧୮ । ପରିଜନ—

ଭୃତ୍ୟ । ଘଏ—ତାଙ୍କେ । ଭୋଜନରବର—କଂସ । ୧୯ । ହକର—ଡାକର । ରାଜ୍ଞ—ରାଜା । ୨୮ । ଦନ୍ତା—(ଦନ୍ତୀ) ହାତୀ । ୩୦ । ନିବାରବ—ନାଶ କରବ ।

---

## ବିଂଶ ଛାନ୍ଦ

୧ । ମୋହନ ରାୟେ—କୃଷ୍ଣ । ଶମ୍ବର...ସାଙ୍ଗେ—ମଦନର ସ୍ତ୍ରୀ ରତିକୁ ଶମ୍ବର ନାମକ ଅସୁର ହରଣ କର ନେଇଥିବାରୁ ମଦନ ତାହା ସଙ୍ଗେ ଯୁଦ୍ଧ କରିଥିଲା । ୩ । ନଈବଢ଼ି ହେଲେ ବଢ଼ି ପାଣିରେ କାଠ, ଘାସ, ବାଉଁଶସବୁ ଭାସିଗଲା ପରି—ମଥୁରା ନାରୀଙ୍କ କୃଷ୍ଣ ଦେଖିବାରେ ଆନନ୍ଦ ଏତେ ବଳିପଡ଼ିଲା ଯେ ସ୍ୱାମୀ ପୁତ୍ରଙ୍କ ବାରଣ ନ ମାନି ବାହାରକୁ ଗଲେ ଓ ତାଙ୍କ ସଙ୍ଗେ ସଙ୍ଗେ ସେମାନେ ମଧ୍ୟ ଗଲେ । ୪ । ମଉଳାଣୀ—ମଉଳାଣୀ, ମାଈ (ମାତୁଳାନୀ ଶବ୍ଦର ଅପଭ୍ରଂଶ) । ୫ । ମରାଳ—ହଂସ । ମରାଳୀ—ହଂସୀ (ହଂସୁଲୀ) । କରଣୀ—ମାଈ ହାତୀ; ହାତୁଣୀ । ଦିନେଶ—ସୂର୍ଯ୍ୟ । ଅରବିନ୍ଦ—ପଦ୍ମ । ୬ । ମଦନ ସାଙ୍ଗୀ—କାମର ବନ୍ଧୁ । (ସଙ୍ଗିନ୍ ହିସାବରେ କହନ୍ତି) । ୮ । ରୁଦ୍ର—ମହାଦେବ ।

୧୧ । ଚିନ୍ତାମଣି—ପଥର ବିଶେଷ, ତାକୁ ଧରି ଯାହା ମାଗିବ ତାହା ମିଳିବ । ବାଞ୍ଛା କଳ୍ପତରୁ—ବାଞ୍ଛାତରୁ ବା କଳ୍ପତରୁ କହିଲେ ହୋଇ ଥାଆନ୍ତା; କାରଣ ବାଞ୍ଛା ଓ କଳ୍ପର ଏକ ଅର୍ଥ । ୧୩ । ହରରିପୁ—କାମ ।

୧୪-୧୫ । ଶରାସନ—ଧନୁ । କାମଧନୁର ଗୁଣ ହେଉଛି ଭଅଁରମାଳା । ଏଠାରେ ବୋଧହୁଏ ମୁଣ୍ଡର ପଛ ବାଳକୁ ଭଅଁର ସଙ୍ଗେ ସମାନ କରି କବି କହି ଅଛନ୍ତି । ମୁଖ ହେଲା ପଦ୍ମ; ଆଖି ନୀଳ କଇଁ । କିରୀଟ—ମୁକୁଟ । ସାୟକ—ଶର । ନାରୀମାନନକ୍ର—ନାରୀଙ୍କ ଦମ୍ଭ ବା ଅଭିମାନ ସେ ହେଲା କୁମ୍ଭୀର । କଷୁଣି—ଧନୁର୍ଗୁଣ ଆକର୍ଷଣ କରିବା ନିମନ୍ତେ ଅଙ୍ଗୁଳିରେ ଲଗାଇବା ମୁଦ୍ରିକା; ଯଥା—

> ସେ ବାମା ନାସାରେ ବିରାଜେ ନଥ
>
> ଭୁଣୀର ଉପରେ ସ୍ୱକର କଷୁଣି ଥୋଇଛି କି ମନମଥ ।

ପିଛଡ଼ା—ଚକ୍ଷୁର ପଲକପାତ । ଚକ୍ଷୁର ପଲକ ମାରିବା ହେଲା କଟୁଣି । କରବାଲ-ସଦନ—ତରବାରି ଖୋଳ । ଛଡ଼ା—ତରବାରି ଖୋଳକୁ ଅନ୍ତର କି ଦୂର କରି ଦେଇଅଛି । ତାକୁ ବଳି ପଡ଼ିଅଛି । ବା ଉନ୍ମୁକ୍ତ ଖଣ୍ଡା—ବା ଲଙ୍ଗଳା ତରବାରି । ୧୬ । ଆଦରଶ—ଦର୍ପଣପରି ସ୍ୱଚ୍ଛ । ଜବା—ମନ୍ଦାର ପରି ଲାଲ । କଣ୍ଠ ହେଲା ଶଙ୍ଖ, ବେଣୀ ହେଲା ଅହି [ ସାପ ], ଶର ହେଲା

ରସନା । କଟିମେଖଳା—କମରପଟି [ ବା ବେଣୀ ଓ ରସନା ସର୍ପ ଶର ରୂପେ ] ପଡ଼ୁଛି—ଗଳୁଛି । ଭାଲ—ଭଲ୍ଲ; ଶସ୍ତ୍ରବିଶେଷ । ଗମନ—ଶୂଳ । ସେହେଲ ସ୍ତ୍ରୀମାନଙ୍କ ହୃଦୟକୁ ଶେଳ । ୧୭ । ଜଳଜାକ୍ଷି—ପଦ୍ମାକ୍ଷି । କୁମ୍ଭକାର କୀଟ—କୁମ୍ଭାରୁଆ ପୋକ ଅନ୍ୟ କୀଟ ଆଣି ମାରିପକାଏ ଓ ପରେ ନିଜରୂପ ଦେଇ ଛାଡ଼ିଦିଏ । ସେହିପରି ନନ୍ଦସୁତ ( କୃଷ୍ଣଚନ୍ଦ୍ର ) । ୧୮ । ବନିତା—ସ୍ତ୍ରୀ । କଳଙ୍କିତା—କଳଙ୍କିତାଯୁକ୍ତ ସ୍ତ୍ରୀ; (ଏପରି ପ୍ରୟୋଗ ପ୍ରାଚୀନ ଓଡ଼ିଆ ସାହିତ୍ୟରେ ବହୁଳ କଳଙ୍କୀ । ସମ୍ପାଦକମାନେ ଏହାକୁ ସଂଶୋଧନ କରି ନିଜର ସଂସ୍କୃତ ସାହିତ୍ୟର ସ୍ୱାର୍ଥରେ ପ୍ରାଚୀନ ଭାଷାକୁ ପରିବର୍ତ୍ତନ କରୁଅଛନ୍ତି । ବାରତା ପଚାର—ଖାଦ୍ୟବିଷୟ ପ୍ରଶ୍ନ କର । ଖେଳ ସଞ୍ଚାର—ଗମନ ଲୋଡ଼ୁଛ । ବିଡ଼ମ୍ବଣ—[ ବିଡ଼ମ୍ବନା ଶବ୍ଦରୁ ଅପଭ୍ରଷ୍ଟ ] —ଉପହାସଯୋଗ୍ୟ; ବଞ୍ଚନା । ୧୯ । ଦୋଗ୍ଧ୍ରୀ—ଭ୍ରଷ୍ଟା । ୨୧ । କାଶୀପତି —ମହାଦେବ । ଗହଣେ—ସାଙ୍ଗରେ । ୨୨ । ଧରନ୍ତି—[ ଧୃ + ତ ] ଲାଗି ରହିଛି । ସଫରୀ—ଦଣ୍ଡିକିରି ମାଛ । ଗଣ୍ଡ ସଲିଳେ—ଗଭୀର ଜଳରେ ।

୨୩ । ଝାଇଁ ମାରଇ—ମୂର୍ଚ୍ଛା ହୁଏ । ୨୫ । ମକରନ୍ଦ—ମଧୁ । ମଧୁପ—ଭଅଁର ପଦବୀ—ସ୍ଥାନ । ୨୭ । ରମଣୀଶରୀ—ସ୍ତ୍ରୀଶ୍ରେଷ୍ଠ । ବଳୀନ—ଗୋଲ; ବଳଯୁକ୍ତ । ବିଶାଳ, ସ୍ଥୂଳ, ମୋଟା । କରିକର—ହାତୀଶୁଣ୍ଢ । ୨୮ । ରତ୍ନସାନୁବାସୀ—ସୁମେରୁ ପର୍ବତରେ ବାସ କରେ ଯେ, ସ୍ୱର୍ଗବାସୀ ।

୨୯ । ବିପୁଳ—ବିଶାଳ । ମୃଗମଦ—କସ୍ତୁରୀ । ଘନସାର—କର୍ପୂର । ୩୦ । ମଧ୍ୟମ—କଟି, ଅଣ୍ଟା । ୩୧ । ଭବପୟୋଧି—ଭବରୂପ ସମୁଦ୍ର । ୩୨ । ମର୍କତରମ୍ଭା—ନୀଳମଣିନିର୍ମିତ କଦଳୀ ଗଛ । ବିପରୀତେଣ—ଓଲଟା ଭାବରେ ।

୩୩ । ପାଦପଦ୍ମ ପଦ୍ମ ପରାୟେ ଛନ୍ଦ—ପାଦପଦ୍ମ ଏହି ଶବ୍ଦଦ୍ୱାରା ପାଦ ପଦ୍ମ ସଙ୍ଗରେ ତୁଳନା ହୋଇଅଛି । ପୁଣି ପଦ୍ମ ପରାୟ ଶୋଭା କହିଲେ ପୁନରୁକ୍ତି ଦୋଷ ହେଉଛି । କିନ୍ତୁ ସ୍ୱ ଇଷ୍ଟଙ୍କ 'ପାଦକୁ' କେହି ପାଦ ବୋଲି କହନ୍ତି ନାହିଁ, ସର୍ବଦା ପାଦପଦ୍ମ ବୋଲି କହନ୍ତି । ପାଦପଦ୍ମର ଅର୍ଥ କୃଷ୍ଣଙ୍କ ପାଦ ।"ପାଦଯୁଗ" ପୂର୍ବମୁଦ୍ରିତ ପୁସ୍ତକମାନଙ୍କରେ ଅଛି । ଏହା କୌଣସି ପୋଥିରେ ନାହିଁ । ସମ୍ପାଦକମାନଙ୍କ ସ୍ୱଇଚ୍ଛା ଅନୁସାରେ ଛନ୍ଦ ପରିବର୍ତ୍ତନ କରିବାର ଏ ଗୋଟିଏ ଜ୍ୱଳନ୍ତ ନିଦର୍ଶନ । ମର୍ଦ୍ଦିବ—ମୋଡ଼ିବ, ଘଷିବ । ୩୭ । ପ୍ରାଗେ—ପ୍ରୟାଗେ । ମକର କରିବ—ମାଘ ମାସରେ ବୁଡ଼ ଦେବା; ମାଘସପ୍ତମୀ ବୁଡ଼ ପ୍ରସିଦ୍ଧ । ସାଧିବା—ଯୋଗ ସାଧନ କରିବା । ହର ଗଉରୀ—ଶିବ ପାର୍ବତୀ । ୩୭ । ଗାରଜ-

ବଦନ—ପଦ୍ମମୁଖ । ହସ୍ତୀପାଳ—ମାହୁନ୍ତ । ୩୮ । ସରଣୀ—ମାର୍ଗ । ୩୯ । ରାଜାଲୋକ—ରାଜାଙ୍କ ଭୃତ୍ୟ । ରୁନ୍ଧାଇଲେ—ବନ୍ଦ କଲେ । ୪୦ । ଦର୍ଶନୀ—ଭେଟି ।

---

## ଏକବିଂଶ ଛାନ୍ଦ

୧ । ଯନ୍ତ—ହାତୀମାହୁନ୍ତ । ଅହଙ୍କ୍ରା—କ୍ରୋଧ । ଗିରିବର—ଗୋବର୍ଦ୍ଧନ । ୩ । କାର୍ମୁକ—ଧନୁ । ୪ । ଶବେକ—ଶଙ୍କରଶୀଳ । ୫ । ବଢ଼ାଇ—ବେଶି । ନ ଥାଇ...ବ୍ୟଞ୍ଜନ—ତରକାରୀ ସୁଖ ଜନକ ବା ସୁଖକର ହୋଇ ନ ଥାଏ । ୭ । କୃତାନ୍ତ—ଯମ । ସମ୍ମୁରେ—ଆଗରେ [ ସମ୍ମୁଖ ଶବ୍ଦଜ ] ନିସତ—ଦୁର୍ବଳ [ ନିଃସତ୍ତ୍ୱଶବ୍ଦଜ ] "ଯେହ୍ନ ନିସତ ତାଙ୍କୁ ମାର"—କୋ: ବ୍ର: । ୯ । ହସ୍ତୀ ହସ୍ତରେ—ହାତୀଶୁଣ୍ଢରେ । ବଧାଇ—ପୁରସ୍କାର । ୧୦ । କାଚ୍ଛି—ମାଲକଚ୍ଛ ମାରି; ଭିଡ଼ାଭିଡ଼ ହୋଇ । ୧୧ । ଟିପିଲା—ଆଘାତ କଲା । କରାଳ ବଦନ—ଭୀଷଣ ମୁଖ । ପିଙ୍ଗ—ପିଙ୍ଗଳ ବର୍ଣ୍ଣ; ଆରକ୍ତ । ଭଉରି—ଠେକ, ଟିଆ କରାଇ । ୧୨ । ଇଳା—ପୃଥିବୀ । ମୃଗାଦନ—ସିଂହ ।

୧୩ । ହୋଇ ଅନ୍ତରାଳ—ଛଡ଼ା ହୋଇ, ଦୂର ଦୂର ହୋଇ । ଶରୀରରୁହ—ଲୋମ । ଅଣଚୃଶ ନବ ପବନ—ଶରୀରରେ ୧୦ ବାୟୁ ପ୍ରଧାନ; ଯଥା:—ପ୍ରାଣ, ଅପାନ, ସମାନ, ଉଦାନ, ବ୍ୟାନ, ନାଗ, କୂର୍ମ, କୃକର, ଦେବଦତ୍ତ, ଧନଞ୍ଜୟ । ଏମାନଙ୍କ ମଧ୍ୟରେ ପ୍ରଥମ ପାଞ୍ଚଟି ମୁଖ୍ୟ । ଏହି ଦଶ ବାୟୁକୁ ପ୍ରଥମ ପଞ୍ଚବାୟୁ ସଙ୍ଗରେ ଗୁଣନ କଲେ ୫୦ ହୁଏ । ସେଥି ମଧ୍ୟରୁ ପ୍ରାଣରୁ ପ୍ରାଣ ବାଦ ଦେଲେ ୪୯ ପବନ ହୁଏ । ଅଣଚୃଶ ବହୁଲାବେଳେ ଲୋକର ପ୍ରାଣ ଥାଏ । ନବବାୟୁ—୯ଟି ପବନ; ପ୍ରାଣ ଛଡ଼ା ଉପରୋକ୍ତ ୯ ପବନ ବା ନବଦ୍ୱାରରେ ନବ ପବନ ବା ଅଣଚୃଶକୁ ନାସା ପବନରୂପେ ଗ୍ରହଣ କର । "ଅଣଚୃଶ ସର", "ଅଣଚୃଶ ବାତ", "ଅଣଚୃଶ କହେ","ଅଣଚୃଶ ପେଲେ" ଏ ପାଠମାନ ମଧ୍ୟ ଚଳନୀୟ । ୧୪ । ମାୟାଭଣ୍ଡାର—ମାୟାଧର, କୃଷ୍ଣ । କୂଟ—କପଟ । ଇନ୍ଦ୍ରଜାଲିକ—ବାଜିଗର । ୧୭ । ଜଗତ୍‌ବନ୍ଧୁ—କୃଷ୍ଣ । କ୍ଷୀରସିନ୍ଧୁ—ଦୁଧ ସମୁଦ୍ର; ମଥୁରା ନାରୀମାନେ ଶୁକ୍ଲାଙ୍ଗୀ—ସେମାନେ ଏକତ୍ରିତ ହେବାରୁ ଦୁଧ ସମୁଦ୍ର ପରି ଦେଖା ଯାଉଛନ୍ତି । କ୍ଷୀରସିନ୍ଧୁ ମନ୍ଥିଲାବେଳେ କାଳକୂଟ ବିଷ ବାହାରିବାରୁ ଯେପରି ହାହାକାର ଧ୍ୱନି ହୋଇଥିଲା, ସେହିପରି

ମଥୁରା ନାରୀମାନେ ହାହାକାର କଲେ । ଅବିବେକୀ—ନିର୍ବୋଧ । ବିରଞ୍ଚି—ବ୍ରହ୍ମା । ୧୯ । ଲାବଣ୍ୟ—ସୁନ୍ଦର । ୨୬ । ଅଙ୍ଗବାସ—ଦେହଗନ୍ଧ । ଫେରାଇ—ଫେରିପଡି । ୨୭ । ରମାବିଳାସ—ବିଷ୍ଣୁ । ୨୮ । ଦାଶରଥି—ଦଶରଥଙ୍କ ପୁତ୍ର ରାମ, ଏଠାରେ କୃଷ୍ଣଚନ୍ଦ୍ର ( ତାଙ୍କର ଅବତାର ) । ୨୯ । ରୋହଣୀ-ବତ୍ସ—ବଳରାମ । ଉରଗ—ସର୍ପ । ୩୦ । ମତ୍ତମାତଙ୍ଗ—ମତୁଆ ହାତୀ । ଉଙ୍କୁଡ଼ି—ଝିଙ୍କି । ଧନୁ—ଗୁରୁ ହାତ । ୩୧ । ଠୁଙ୍କିଲେ—ମାରିଲେ । ୩୨ । ଊର୍ଦ୍ଧ୍ୱରେତା—ଯୋଗୀ । ଦ୍ରୁହିଣ

୩୩ । କରବାଲ—ଖଣ୍ଡା । ଦନ୍ତୀଦନ୍ତ—ହାତୀଦାନ୍ତ । ଛାଡ଼ିଲ...ହରି—ଅସୁରଜନ୍ମର ମନ୍ଦ ମନୋବୃତ୍ତି ଦୂର କରି ପ୍ରାଣତ୍ୟାଗ କଲା ଓ ହରିଙ୍କି ପାଇଲା । ୩୪ । ବଡ଼ୌଜା—ଇନ୍ଦ୍ର । ୩୬ । କାନଡ଼ କୁସୁମ—କନାଗିରି, କନାଗିରିଫୁଲ; କୃଷ୍ଣଚନ୍ଦ୍ରଙ୍କ ବର୍ଣ୍ଣ ଏ ଫୁଲ ପରି, ଏହା ଅନେକ ସ୍ଥଳରେ ବର୍ଣ୍ଣିତ ଅଛି । "କନାଗିରି ପୁଷ୍ପ ପରାୟେ ଜ୍ୟୋତି, ତହିଁରେ ବିଜେ ବାଳଗୋପାଳ ମୂରତି ।" ହରସୁତବାହନ—ହରସୁତ ( କାର୍ତ୍ତିକ ) ତାଙ୍କ ବାହନ ମୟୂର । ଜମ୍ଭଭେଦୀ—ଇନ୍ଦ୍ର ( ଜମ୍ଭନାମକ ଦୈତ୍ୟର ହନ୍ତା ) । ୩୭ । ମକରୀ—ମକରିକା । ଛତାପାଟିର ଶେଷ ମଗର ଆକୃତିର; ଏହାକୁ ପତ୍ରାବଳୀ ମଧ୍ୟ କହନ୍ତି ।

୩୯ । ୪୦ । ମଲ୍ଲାନାମଶନିର୍ନୃଣାଂ ନରବରଃ ସ୍ତ୍ରୀଣାଂ ସ୍ମରୋ ମୂର୍ତ୍ତିମାନ୍
ଗୋପାନାଂ ସ୍ୱଜନୋଽସତାଂ କ୍ଷିତିଭୁଜାଂ ଶାସ୍ତା ସ୍ୱପିତ୍ରୋଃ ଶିଶୁଃ ।
ମୃତ୍ୟୁର୍ଭୋଜପତେର୍ବିରାଡ଼ବିଦୁଷାଂ ତତ୍ତ୍ୱଂ ପରଂ ଯୋଗିନାମ୍
ବୃଷ୍ଣୀନାଂ ପରଦେବତେତି ବିଦିତୋ ରଙ୍ଗଂ ଗତଃ ସାଗ୍ରଜଃ ।।

ଭାଗବତର ୧୦ମ ସ୍କନ୍ଧ ୪୩ ଅଧ୍ୟାୟସ୍ଥ ଏହି ୧୭ ଶ୍ଳୋକର ଭାବରେ ଲକ୍ଷିତ । ଶାରଙ୍ଗଧର—କୃଷ୍ଣ । ବିଷ୍ଣୁଙ୍କ ଧନୁର ନାମ ଶାରଙ୍ଗ । ୪୧ । ସରିସା—ସଦୃଶ, ତୁଲ୍ୟ । ରହୁ ପାଲଟି—ଫେରି ଆସୁ । ୪୩ । ସାଧିଲା—ମଲ୍ଲବିଦ୍ୟା ସାଧନ କଲା ପ୍ରାୟେ । ଗୋଟି...ବାହେ—ଗୋଟି ଗୋଟି ହୋଇ ସାଧନାର ଫଳ ବାହୁରେ ଦେଖା ଯାଉଛି ବା ଗୋଟି ଗୋଟି ବାହୁରେ ସାଧନାର ଫଳ ଦେଖାଯାଉଛି । କ୍ଷତ୍ରିର...ସିନା—କ୍ଷତ୍ରିୟର ଧର୍ମ ଲଢ଼େଇରେ ସିନା ଥାଏ । ହନନ୍ତୁ...ନା—ହନନ୍ତୁ ହନ ବଢ଼ି । ୪୪ । ନେତ—ଶାଢ଼ୀ । ୪୬ । ନରେଶ ଦୋରେହା—ରାଜା କଂସର ଶତ୍ରୁ । ୪୮ । ଦଇବତ—ଦେବତା (ଦୈବତ) । ୫୦ । ସୀରପାଣି—ହଳ ହସ୍ତରେ ଯାହାଙ୍କର (ବଳରାମ) । ଅମ୍ବରେ—ଆକାଶରେ, ସ୍ୱର୍ଗରେ । ୫୧ । ବାଳିଶ—ମୂର୍ଖ ।

## ଦ୍ୱାବିଂଶ ଛାନ୍ଦ

୧ । ଧରା—ପୃଥିବୀ । ନିଶାଚର—ରାକ୍ଷସ । ୨ । ନିସତ—ଦୁର୍ବଳ । ପଦ୍ମତାଳ-

ପ୍ରହ୍ଲାଦ ( ପ୍ରହ୍ଲାଦ ଶବ୍ଦରୁ ଅପଭ୍ରଷ୍ଟ ) । ୩ । କୋଡ଼ାକୋଡ଼—ମହାମଲ୍ଲ । କୃତାଶ—ଅଗ୍ନି । ୪ । ସାଧନ—ମଲ୍ଲଯୁଦ୍ଧ । କୁଳବତୀ—କୁଳସ୍ତ୍ରୀ, ସତୀ । କବଳିତ—ମଢ଼ିବଢ଼ି ଭକ୍ଷଣ । ମୋହନମନ୍ତ୍ର—ମୋହିବା ମନ୍ତ୍ର । ମୃତ୍ତିକା-ମାର୍ଜାର—ମାଟିବିରାଡ଼ି ସାପ, କାଣ୍ଡନାଳ । ନେଉଳକୁ ଦେଖିଲେ ଯେପରି ମାଟିବିରାଡ଼ି ସାପ ପଡ଼ିଯାଏ, ସେହିପରି କୃଷ୍ଣଙ୍କୁ ଦେଖି ହତଜ୍ଞାନ ହୋଇ ପଡ଼ିଗଲେ । ୫ । ବିଷ୍ଣୁରଥ—ଗରୁଡ଼ । କୁଣ୍ଡଳୀ—ସର୍ପ । ଦ୍ୱିପିନ—(ଦ୍ୱୀପୀ) ବାଘ । ମାତଙ୍ଗ—ହସ୍ତୀ । ଖର—ଗଧ । ବନପତି—ସିଂହ । ୬ । ଶାମଳ—ଶ୍ୟାମଳ । କଳାଭଅଁର—ବଡ଼ଭଅଁର । ଶ୍ୟେନ—ବାଜପକ୍ଷୀ । ନରେଶ—ରାଜା । ଜମ୍ଭଭେଦୀ—ଇନ୍ଦ୍ର । ଭ୍ରମର—ଚିଆ । ୭ । ସମ୍ମୋଡ଼େ—ଅବହେଳାରେ, ଲୀଳାରେ । "ଅନ୍ଧକ ନିବାରଣ ହୁ କଲ୍ପ ଯେ ସମ୍ମୋଡ଼େ" ସା: ମ: ସ: । ୯ । ଜଗତଜୀବନ—କୃଷ୍ଣଚନ୍ଦ୍ର । ୧୦ । ଶ୍ରୋଣି—ଶୋଣିତ, ରକ୍ତ । ୧୦ । ପୁଷ୍ପମଣ୍ଡା—ପୁଷ୍ପଗୁଚ୍ଛ ବା ଗୁମ୍ଫ । ଦକ୍ଷ କର—ଡାହାଣ ହାତ । ନିର୍ଘାତ—ନିଷ୍ଠୁର କର । ୧୨ । କାମନା—ବିଷୟବାସନା । ଅପୂର୍ବ ଧାମରେ—ବୈକୁଣ୍ଠରେ ବା ବିଷ୍ଣୁଙ୍କ ଶରୀରରେ । ୧୩ । ଡମଡମ—ରାଗରେ ଜରଜର । ରୋହିଣୀନନ୍ଦନ—ବଳରାମ । ବିଶୋଇ—ବିଶ୍ରାମ କରି ।
୧୫ । ସଙ୍ଘାତେ—ସହିତରେ । ୧୬ । କେଶରୀ—ସିଂହ । ଖଗବର—ଗରୁଡ଼ । ଫଣୀ—ସର୍ପ । ଝାମ୍ପିଲେ—ଉପରକୁ ହଠାତ୍ ଆକ୍ରମଣ କଲେ । କୃପାଣ ଖଣ୍ଡା । ୧୭ । ଦଇତ—ଦୈତ୍ୟ କଂସ । ଦଇତାରି—ଦଇତ୍ୟାରି କୃଷ୍ଣ । ତଡ଼ିତ—ଶୀଘ୍ର । ନିର୍ବାଣ—ବିଷୟମାନଙ୍କରୁ ନିବୃତ୍ତିରୂପ ଶାନ୍ତିମଯ୍ୟ ।
୧୮ । କବରୀ—ବାଳମେଣ୍ଢା, ବାଳଫେଣ୍ଟା । ବହୁଣୀ—ଭଗିନୀ । ୧୯ । ବୈଶ୍ୱାନର—ଅଗ୍ନି । ୨୦ । ବେଦବର—ବ୍ରହ୍ମା । ବସୁମତୀ—ପୃଥିବୀ । ଗଦାଧର—କୌମୁଦକୀ ନାମକ ଗଦାକୁ ଧରନ୍ତି, କୃଷ୍ଣ । ଶଶାଙ୍କ—ଚନ୍ଦ୍ର ।
୨୧ । କୃତ୍ତିବାସ—ମହାଦେବ । ତାଣ୍ଡବ—ଭୀଷଣ ନୃତ୍ୟ । କୁଳିଶ ଧାରଣ—ବଜ୍ରଧାରୀ, ଇନ୍ଦ୍ର । ସମ୍ପଦସାଗର—ସମ୍ପଦଭଣ୍ଡାର, ସୁଖଦାତା ।

—o—

## ଷଟତ୍ରିଂଶ ଛାନ୍ଦ

୧ । କଙ୍କ, ଧଙ୍କ, ଶଙ୍କଜିତ, ମହାସେନ—ଏମାନଙ୍କ ମଧ୍ୟରୁ କେବଳ କଙ୍କ କଂସଭ୍ରାତା, ଅନ୍ୟମାନେ ନୁହନ୍ତି । ୨ । କାଳିନ୍ଦୀଭେଦୀ—ଯମୁନାକୁ ଲଙ୍ଗଳରେ କର୍ଷଣ କରିଥିବାରୁ ଏହା ବଳରାମଙ୍କ ନାମ । କୃତ—କୃତାସୁର । ଶମନଭୁବ—ଯମପୁର । ୫ । ବାଉନନ୍ତି—ବର୍ଣ୍ଣନା କରନ୍ତି ।
୬ । ସଙ୍ଗୀତ—ସଙ୍ଗୀତ, ଗୀତ । ଶସ୍ତ୍ର—ଶସ୍ତ୍ର । ୯ । ମୃଣାଳ—ପଦ୍ମନାଡ଼ ।

ବାହୁକୋମଳତାରେ ପଦ୍ମନାଡ଼ ସଙ୍ଗେ ସମାନ । ୧୧ । ଶମନେ—ଯମଦ୍ୱାର ।
୧୨ । ଛେଦିଲେ ତରୁ—ଗଛକୁ କାଟିଦେଲେ ଯେପରି ସେ ଆଉ ମୂଳଦେହରେ ଲାଗି ରହେ ନାହିଁ, ସେହିପରି ଆମ୍ଭମାନଙ୍କ ସୁଖ ଗଲା । ୧୩ । ମୁଦି..... ଗିର—ମଧୁର କଥା ବନ୍ଦ କରି ରହିଲ । ୧୪ । ରଣରଙ୍ଗା—ଯୁଦ୍ଧପ୍ରିୟ, ବୀର । ୧୫ । ଦଣ୍ଡପାଣି—ଯମ । ଅଇର-ଦଇବତ—ଶତ୍ରୁକୁଳର ଯମ ।
୧୬ । ଜଗତବାପ—ବିଧାତା, ପିତାମହ । ୧୯ । ଶଙ୍କ—ଦୁଃଖ । ୨୦ । ସମାନ—ତୁଲ୍ୟ ବା ସାମାନ୍ୟ ବୀର । ୨୧ । ବିଳ—ଗାତ । ମଣ୍ଡୁକା—ବେଙ୍ଗୁଲି ବା ବେଙ୍ଗ । ୨୨ । ଉରଗ—ସାପ । ରୁହାଇଲା—ରଖାଇଲା ।
୨୬ । ବିଭାବରୀ—ରାତ୍ରି । ୨୯ । ଭୂଷି ନୋହିବୁ—ଭୂଷିତ ହେବୁ ନାହିଁ । ନିଦାଘକାଳ—ଖରାଦିନ । ବାଳୁଟିଆଣୀ—ଅନ୍ୟ ସ୍ତ୍ରୀମାନେ । 'ଘ'ରେ ସବିତରୁଣୀ । "ଚ,ଠ"ରେ ସକଳ ସ୍ତ୍ରୀ । 'ଜ' ରେ "ବାଳୁଟିସ୍ତ୍ରୀ" ପାଠମାନ ଅଛି । ଏ ଶବ୍ଦର ଅର୍ଥ ( ବାପୁଡ଼ି ସ୍ତ୍ରୀ ଶବ୍ଦରୁ ହୋଇପାରେ ) ବାଳୁଟିଆଣୀ—ପାଗଳବତ୍ ପ୍ରଳାପ କରି । ୩୩ । ମୁଦୁସୁଲୀ—ଦାସୀ । ୪୧ । ସଙ୍ଗୋଳିଲା—କୁଶଳପ୍ରଶ୍ନ ପତ୍ରିକା ପଠାଇଲା । ୪୮ । ବାସରେ—ଗୃହରେ ।
୫୬ । ବଇଭୋଗ—ବିଶେଷ ଭୋଗ କରନ୍ତି । ଛେଉଣ୍ଡ ( ସଂସ୍କୃତ ଛମଣ୍ଡ ଶବ୍ଦଜ) —ମାତୃପିତୃହୀନ ବାଳକ—ଏଠାରେ ମାମୁଁତୁଲ୍ୟ ହେଲ । ୫୯ । ଈଶ୍ୱର—ରାଜା । ଜବାସନ୍ଧ ରାଜାପୁର—ପିତୃଘର । ୬୨ । ନାଶିଲେ—ନାଶ କଲେ ।

—○—

## ଚତୁର୍ବିଂଶ ଛାନ୍ଦ

୨ । ରତିବର—ମଦନ । ୩ । ହେମସାନୁ—ସୁମେରୁ ପର୍ବତ । ଦିନେଶ—ସୂର୍ଯ୍ୟ ।
୮ । ହୋଡ଼—ପଣ କରି, ବାଜି ରଖି । ୧୬ । ଚରଣାୟୁଧ—କୁକୁଡ଼ା । ପରଭୃତ—କୋଇଲି । ୨୯ । ସକାଳେ ଚକୁଆ ଚକୋଇର ମିଳନ ହୁଏ ଓ ରାତ୍ରିରେ ବିରହ ହୋଇଥାଏ । ଦ୍ରୋଣ—କାଉ । ଉଲୂକ—ପେଚା । ମଣ୍ଡୁକ—ବେଙ୍ଗ । "ଲୂଚ" ସବୁ ପୋଥିରେ । ଲୂକି ସ୍ଥାନରେ ଲୂଚ ପଢ଼ିଲେ ଚଳିପାରେ । ୨୦ । କୁମୁଦିନୀ—କଇଁ ସବୁ । ଲଜ୍ଜାଭର—ସକାଳେ ବୁଜି ହୋଇଯିବାରୁ ସଂକୁଚିତ ହେବାରୁ କବି "ଲଜ୍ଜାଭର" କହିଅଛନ୍ତି ।
୨୧ । ଚକ୍ରପାଣି—କୃଷ୍ଣ । ଆଚମନ କଲେ—ମୁଖ ଧୋଇଲେ । ("ଆଚମ୍ବିନ" ସବୁପୋଥିରେ) । କଲେ...ଦାନ୍ତୁଆଣି—ଦାନ୍ତ ଘଷିଲେ । ସାତ୍ୟକି-ଯାଦବ-ବୀର—କୃଷ୍ଣଙ୍କ ସାରଥି । ୨୫ । ସୁଦାମ, ଶ୍ରୀଦାମ—ଶ୍ରୀକୃଷ୍ଣଙ୍କ ସଖାଦ୍ୱୟ ।
୨୬ । ରହିବରେ—ରଥଶ୍ରେଷ୍ଠରେ । ୨୮ । ଉଦ୍ଧବ—ଲୁରୁର ନିଜପୁନେ । ରଥର ନାମ କାଳକେତୁ । ୩୦ । ଶଙ୍କର—ମହାଦେବ । ପଦ୍ମଯୋନି—ବ୍ରହ୍ମା ।

୩୯। ଆମେ ଗୋପନନ୍ଦନମାନେ ସେହିବନ୍ଧୁ ଅସୁନ୍ଦର ଦେଖା ହେଲୁ। "ଦଶିଲ ଭୁବନ" ଅପପାଠ।

—o—

## ପଞ୍ଚବିଂଶ ଛାନ୍ଦ

୧। ଉଦନ୍ତ—ସମ୍ବାଦ। ୨। ଦୁଆରେ—ଶ୍ଳଭରେ। ୪। ବଗ୍ରହ—ଦେହ।
୬। ହେମଜଡ଼ିତ—ସ୍ୱର୍ଣ୍ଣଖଚିତ। ୭। କରିଛ ଗମନ—ଏଠାକୁ ଯାତ୍ରା କରିଛ, ଏଠାରେ ବିଜୟ କରିଛ। ୯। ଦୁର୍ଦ୍ଦିନ—ମନ୍ଦ ସମୟ। ୧୧। ଯଷ୍ଟି—ବାଡ଼ି।
୧୨। ବାରିଜ—ପଦ୍ମ। ହଂସ—ସୂର୍ଯ୍ୟ। ଝଷମାନେ—ମାଛସବୁ।
୧୩। ମଧୁସୂଦନ—ମହୁଗୃହ (ମଧୁଚକ୍ର), ମହୁଫେଣା। ସରଘା—ମହୁମାଛି। ଦ୍ୱିଜରାଜଙ୍କୁ—ଚନ୍ଦ୍ରଙ୍କୁ। ୧୫। ଦୁକୂଳ—ଲୁଗା। ୧୮। ସକଳ... କରଇ—ଅନ୍ତର୍ଯ୍ୟାମୀ ପୁରୁଷ। ନବୈଶ୍ୱାନର—ଅଗ୍ନି ଯେପରିକି ସର୍ବ ଖାଇ, ବସ୍ତୁରେ ଗୁଣ ଦୋଷ ନାହିଁ। ସବୁ ମନ୍ତ୍ର ଓ ସବୁ ତନ୍ତ୍ରଙ୍କ ମଧ୍ୟରେ ଯେପରି ଓଁକାର ବିଦ୍ୟମାନ, ସେହିପରି ସେ।
୧୮। ୨୦। ଏକୋ ଦେବଃ ସର୍ବଭୂତେଷୁ ଗୂଢ଼ଃ ସର୍ବବ୍ୟାପୀ ସର୍ବଭୂତାନ୍ତରାତ୍ମା। କର୍ମାଧ୍ୟକ୍ଷଃ ସର୍ବଭୂତାଧିବାସଃ ସାକ୍ଷୀ ଚେତା କେବଳୋ ନିର୍ଗୁଣଶ୍ଚ। ଏହି ଉପନିଷଦ ଶ୍ଳୋକର ଭାବରେ ଲିଖିତ ବା "ଈଶ୍ୱରଃ ସର୍ବଭୂତାନାଂ ହୃଦ୍ଦେଶେଽର୍ଜୁନ ତିଷ୍ଠତି। ଭ୍ରାମୟନ୍ ସର୍ବଭୂତାନି ଯନ୍ତ୍ରାରୂଢ଼ାଣି ମାୟୟା।"
୨୩। ଊର୍ଦ୍ଧ୍ୱରେତା—ଯୋଗୀ। ସାଧନ—ଯୋଗସାଧନ। ଶୁଦ୍ଧ ନୋହେ—ବିଶୁଦ୍ଧ ସତ୍ତ୍ୱଗୁଣବିଶିଷ୍ଟ ନୁହେଁ। ମୁଳହିଁ ନନ୍ଦନ—ରଜଗୁଣରେ ଯୁକ୍ତ ହୋଇ ପୁତ୍ରଠାରେ ଅନୁରାଗବତୀ। ୨୪। ନିରବଧି—ସଦା ସର୍ବଦା। ସେ ଅନ୍ତର୍ଯ୍ୟାମୀ ଏହା ସତ; କାରଣ ସେ ସର୍ବଦା ମୋ ହୃଦୟରେ ନାଚୁଛି, ସେ ମୋହର ପୁତ୍ର। ୨୫। ଏହି 'ମମତ୍ୱ, ମମତା' ଅଜ୍ଞାନବଶରୁ କରୁଛି।
୨୬। ଚରଣ ପୂଜନ୍ତ—ଧ୍ୟାନ କରନ୍ତି, ସେବା କରନ୍ତି। ତରିବା କାମନେ—ମୁକ୍ତି ପାଇଁ। ସେ ରୂପ ନୁହେଁ, ସେ ରୂପଶୂନ୍ୟ ମଧ୍ୟ ନୁହେଁ, ସେ ଶୂନ୍ୟ ଓ ସେ ଏପରି ଯାହାର କି ଅନ୍ତ ନାହିଁ, କେହି କଳି ପାରିବ ନାହିଁ।
୨୭। ତହୁଁ ସେ ଠୁଳ—ଠୁଳ ଶୂନ୍ୟ, ରୂପ ଓ ଅରୂପର ସନ୍ଧିସ୍ଥଳ; ସ୍ୱ ଚକ୍ରର ଅଧିଷ୍ଠାତା—ବାସୁଦେବ। ଶୁକ—ବ୍ୟାସପୁତ୍ର, ଆଜନ୍ମ ବ୍ରହ୍ମଚାରୀ। ସନକେ—ସନକ, ସନାତନ, ସନନ୍ଦନ, ସନତ୍କୁମାର। ସିଦ୍ଧପୁରୁଷ—ଯୋଗୀ ପୁରୁଷ।
୨୮। ଭବ—ମହାଦେବ। ବିରଞ୍ଚି—ବ୍ରହ୍ମା। ନାରଦ—ବ୍ରହ୍ମାଙ୍କ ପୁତ୍ର,

ଦେବର୍ଷି । ଶେଷ—ଅନନ୍ତ, ବାସୁକି, ସଙ୍କର୍ଷଣ, ବଳରାମ । ୨୯ । ମୁଁ ସେ କଥାସବୁ ଜାଣେ ନାହିଁ, ମୁଁ ଜାଣେ ଯେ ମୋ ପୁଅ କୃଷ୍ଣ ।
୩୦ । ଯଶୋଦା କହିଲେ:—ହେ ଜ୍ଞାନୀ ଉଦ୍ଧବ ! ଧନ୍ୟ ତୁମ୍ଭର କଳନା ! ଯାହାକୁ ମୂଳଶୂନ୍ୟ କହୁଛ, ସେ ବୁଦ୍ଧି ଓ ଇନ୍ଦ୍ରିୟର ଅତୀତ । ସେ ତ କାହାର ନୁହେଁ । ତୁମ୍ଭେ ପୁଣି ତାକୁ କି ଉପାୟରେ ବଶ କଲ ? ୩୧ । ଯେପରି ପବନକୁ ଧରିବାର କୌଣସି ଉପାୟ ନାହିଁ, ସେପରି ତାଙ୍କୁ ମଧ୍ୟ ଧରିବାର ଉପାୟ ନାହିଁ । ଜଳରେ ଚନ୍ଦ୍ରକିରଣ ଯେପରି ଶୋଭା ପାଏ, ସେହିପରି ସେ ଦେହରେ ପ୍ରକାଶ ପାଆନ୍ତି । ଚନ୍ଦ୍ର ଜଳର ନୁହନ୍ତି, କିନ୍ତୁ ଜଳରେ ଥିଲାପରି ଜଣାଯାନ୍ତି; ସେହିପରି ସେ ଦେହର ବିଷୟ ନୁହନ୍ତି ।
୩୨ । ସେ ଜ୍ଞାନର ବାହାର କଥା । ଜ୍ଞାନରେ ସନ୍ଦେହ ଜନ୍ମିବ । ଯାହାକୁ ବ୍ରହ୍ମ ବୋଲି କହୁଛ ସେ ମୋ ପୁଅ । ଏହା ବାତ୍ସଲ୍ୟର ପୂର୍ଣ୍ଣ ଅଭିବ୍ୟକ୍ତି । ଯୋଗୀମାନେ ମୁକ୍ତି ନିମିତ୍ତ ବ୍ରହ୍ମଧ୍ୟାନ କରନ୍ତି । ଆମ୍ଭେମାନେ ଜ୍ଞାନୀ ନୋହୁଁ । ଆମ୍ଭେ ମୁକ୍ତି ଲୋଡ଼ୁନାହୁଁ । ସେ କଥା ଏଠାରେ କହିବାର ପ୍ରୟୋଜନ ନାହିଁ; କାରଣ ପ୍ରକୃତ ବିଷୟ ଏହା ନୁହେଁ । ଯେବେ ବ୍ରହ୍ମଜ୍ଞାନ କଥା ପକାଇବାକୁ ଇଚ୍ଛା କର, ତେବେ ଗୋପ ଛାଡ଼ି ଚାଲିଯାଅ । ସ୍ୱରୂପ—ପ୍ରକୃତ କଥା ।
୩୬ । ଆମ୍ଭେ ସବୁ ଜ୍ଞାନ, ବ୍ରହ୍ମ, ଭଜନ ଜାଣୁନାହୁଁ । ଆମ୍ଭେମାନେ ଯୋଗମାର୍ଗରେ ଅଧିକାରୀ ନୋହୁଁ । କେବଳ କୃଷ୍ଣଙ୍କୁ ଜାଣୁ । ତାଙ୍କର ଠାରେ ଆତ୍ମସମର୍ପଣ କରିଛୁଁ । ୩୭ । ମୋର ପ୍ରାଣର ଧନ କୃଷ୍ଣହିଁ ମୋର ଜ୍ଞାନ, ଭଜନ ଓ ସାଧନ ସବୁ । ୪୦ । ବିଚ୍ଛେଦ ସ୍ଥାବର—କାଠ ଗଛ ପରି । ୪୧ । ବାତୁଳ ପ୍ରଳାପ—ପାଗଳର ବାଉଳି କଥା, ବାତୁଳିଆ କଥା । ୪୨ । ନୀରଜନୟନୁଁ—ପଦ୍ମଆଖିରୁ । ଦୁକୂଳ—ଶାଢ଼ୀ । ୪୭ । ଯାର...ମେଦିନୀ—ଯାହାଙ୍କର ଦେହର ରୋମକୂଳରେ ଅସଂଖ୍ୟ ପୃଥିବୀ ବୁଲୁଛନ୍ତି ( ତଦେକଂସ୍ଥଂ ଜଗତ୍ କୃତ୍ସ୍ନଂ ପ୍ରବିଭକ୍ତମନେକଧା । ଗୀତା ୧୧...୧୩; ଯଃ କାରଣାର୍ଣ୍ଣବ ଜଲେ ଭଜତି ଚ ଯୋଗନିଦ୍ରାମନନ୍ତଜଗଦଣ୍ଡସରୋମକୂପାତ୍ ଆଧାର ଶକ୍ତିମବଲମ୍ବ୍ୟ ପରାଂ ସ୍ୱମୂର୍ତ୍ତିଂ ଗୋବିନ୍ଦମାଦିପୁରୁଷଂ ତମହଂ ଭଜାମି—ବ୍ରହ୍ମସଂହିତା । ସତକୁ ମିଛ ମିଛକୁ ସତ କରି ପାରନ୍ତି—ଯାହାର ଶକ୍ତି ଅଘଟନ ଘଟନ ପଟୀୟସୀ, ସେ ଜଳକୁ ଧଳା ଧଳାକୁ କଳା ସ୍ୱଇଚ୍ଛାରେ କରିପାରନ୍ତି, ସେ ନିରଙ୍କୁଶ ଓ ସ୍ୱେଚ୍ଛାଚାରୀ । ୪୮ । ଶ୍ରୁତି—ବେଦ । ଭେଦ—ନିର୍ଣ୍ଣୟ କରି । ୪୯ । ଆଦି—ମୂଳ କାରଣ । ଅନାଦି—ଯାହାଙ୍କର ଆଦି ନାହିଁ । ନିରାକାର—ଆକାରଶୂନ୍ୟ । ପରମ ପୁରୁଷ—ଉତ୍କୃଷ୍ଟ ପୁରୁଷ ( ଲୀଳା ଅର୍ଥେ ପୁରୁଷ ରୂପ ଧାରଣ କରନ୍ତି ତହୁଁ ସାକାର ) ଈଶ୍ୱରଃ ପରମଃ କୃଷ୍ଣଃ ସଚ୍ଚିଦାନନ୍ଦବିଗ୍ରହଃ । ଅନାଦିରାଦିର୍ଗୋବିନ୍ଦଃ ସର୍ବକାରଣକାରଣମ୍ । ଜାଣି ନୁହଇ—ଅନ୍ତର୍ଯାମୀ ଓ ଇନ୍ଦ୍ରିୟଗ୍ରାହ୍ୟ ବିଷୟ ନୁହନ୍ତି ।

୬୯ । ଶେଷ—ଅନନ୍ତ, ବଳଦେବ । ଶଙ୍କର—ମହାଦେବ । ପିତାମହ—ବ୍ରହ୍ମା ।
୭୩ । ନିବର୍ତ୍ତି—ନିବୃତ୍ତି; ଉଣା ହେଉ ନାହିଁ । ୭୪ । ଯୁବତୀରତ୍ନମଣି—ଯୁବତୀ-ଶିରୋମଣି । ୭୬ । କୁରରୀ—ପକ୍ଷୀବିଶେଷ; କ୍ରନ୍ଦନଶୀଳ ପକ୍ଷୀ ।
୭୭ । ବଳାହକ—ମେଘ । ହାଟକ—ସୁନା । ମିହିର—ସୂର୍ଯ୍ୟ । ୭୮ । ଶାତକୁମ୍ଭ—ସୁନା । ୭୯ । ବଧାଇ—ପୁରସ୍କାର । ୮୦ । ଦ୍ୱିଜରାଜ—ଚନ୍ଦ୍ର ।
୮୨ । ପତଙ୍ଗ—ସୂର୍ଯ୍ୟ । ୮୩ । କୃପୀଟଯୋନି—ଅଗ୍ନି । ୮୪ । କଦନ—ପୀଡ଼ା । "ମକର କେତନ" ପାଠ ଶୁଦ୍ଧ ।

## ଷଡ଼୍‌ବିଂଶ ଛାନ୍ଦ

୨ । ଅମାସ୍ୟା—ଅମାବାସ୍ୟା, ଉଁଆସ । ଚକୋର ଚନ୍ଦ୍ରିକା ପାନ କରେ ।
୩ । ସମିଧ—କାଠ । ୬ । ବିଗ୍ରହ—ଦେହ । କୃଷ୍ଣ ହେବେ ଜଳ ।
୭ । ନିତମ୍ବିନୀ—ସ୍ତ୍ରୀ । ହାଟକବରଣୀ—ସୁନାଗୋରୀ । ୯ । ଅନୁକ୍ରମେ—ଅନୁସାରେ । ଦ୍ରୋଣ ଘନ - ଜଳପୂର୍ଣ୍ଣ ମେଘବିଶେଷ; ଯେ ମେଘ ମୁଷଳ ପ୍ରମାଣରେ ଜଳ ବର୍ଷେ । (ମେଘ ଚାରି ପ୍ରକାର:—ଆବର୍ତ୍ତିକ, ସଂବର୍ତ୍ତିକ, ଦ୍ରୋଣ ଓ ପୁଷ୍କର ) । ଅଶନି—ବଜ୍ର । କଠାଇ—ଦୃଢ଼ଭାବରେ । ୧୦ । ମନ-ମହୀରୁହ—ମନରୂପ ଗଛ । ମନ ଚୂନା ହେଲା । ମଦାଳସୀ—ମଦବିହ୍ୱଳା ସୁନ୍ଦରୀ । କୋହକୋହ—କାନ୍ଦକାନ୍ଦି । ୧୧ । ଲଳନା—ନାରୀ । ସଜଳସ—ଝୁଣା ( ସର୍ଜରସର ଅପଭ୍ରଂଶ ) । ୧୨ । କୁବୁଜାଙ୍କ ପ୍ରାଣପତି କଥା—ସୋଲୁଣ୍ଠୋକ୍ତି; ଆକ୍ଷେପୋକ୍ତି (ironical) । ମହୀ···ମଥା—ମୁହଁରୁ ଭଲରୁ ପୋଡ଼ିଲା । ୧୩ । ଖଞ୍ଜନାକ୍ଷୀ—ଖଞ୍ଜନ; ଘୁଞ୍ଚାଳିକା ପକ୍ଷୀର ପୁଚ୍ଛ ଯେପରି ସର୍ବଦା ଚଞ୍ଚଳ ସେହିପରି ଚଞ୍ଚଳ ଆଖି ଯାହାର ·ବା ଖଞ୍ଜନ ପକ୍ଷୀର ଚକ୍ଷୁପରି ଚକ୍ଷୁ ଯାହାର । ୧୪ । ମୃଗତୃଷ୍ଣା—ମରୀଚିକା, ହରଣୀନାଟ ।
୧୬ । ତିଲୋତ୍ତମା—କୌଣସି ଗୋପୀର ନାମ ( ଅତିସୁନ୍ଦରୀ ସ୍ତ୍ରୀ ) କପିତ୍ଥ—କଇଁଥ । ୧୭ । ଢୋଗ—ଷୋଭ, ଦୋଷଶୂନ୍ୟ । ତୃଷାର୍ତ୍ତିକ—ପାଣି ପିଇବାକୁ ଆକୁଳ ଲୋକକୁ । ୧୮ । ହୃଦୟ ଶୀତଳ—କଦଳୀ ଗଛରେ ପାଣି ଥିବାରୁ ତା ଭିତର ଥଣ୍ଡା ଓ ମୂଳରୁ ମୋଟ ହୋଇ ଅଗକୁ ଅଗକୁ ସରୁ ହେଉଥିବାରୁ ଦେହ ସୁନ୍ଦର । ୧୯ । ପୋତକାର—ସୌଦାଗର, ଯେ ଜାହାଜରେ ବେବସା କରେ । ପୋତ—ଜାହାଜ । ୨୭ । ଗୋପସୀମନ୍ତିନୀ—ଗୋପସ୍ତ୍ରୀ । ପୁରପ୍ରାଙ୍ଗଣ—ଘର ଅଗଣା । ୨୮ । ହାଟକ—ସୁନା । ୨୯ । ଶୋଣିତ—(ଶ୍ରୋଣିତ ଶବ୍ଦର ଅପଭ୍ରଂଶ) ପ୍ରାପ୍ତ-ଯୌବନା ସ୍ତ୍ରୀ । ୩୦ । କେଳରେ ପତାକା—କେଳ ପ୍ରବୀଣା । ୩୧ ।

କୂଟ—ପର୍ବତ ଶିଖର । ୩୨ । ନୀରଦକେଶୀ—ମେଘତୁଲ୍ୟ କଳା ବାଳ ଯାହାର । କାଶୀ—କାଶୀପତି, ମହାଦେବଙ୍କ ନାମର ଏକଦେଶ ଗ୍ରହଣ ।

୩୪। ବାରତା—ବାର୍ତ୍ତା । ୩୯ । ଶ୍ରୀଧର—କୃଷ୍ଣଚନ୍ଦ୍ର ।

---

# ସପ୍ତବିଂଶ ଛାନ୍ଦ

୧ । ଅନ୍ତର୍ଯ୍ୟାମୀ...ବିଶ୍ରାମ—ଏକୋ ଦେବଃ ସର୍ବଭୂତେଷୁ ଗୁଢ଼ଃ ସର୍ବବ୍ୟାପୀ ସର୍ବଭୂତାନ୍ତରାତ୍ମା । କର୍ମାଧ୍ୟକ୍ଷଃ ସର୍ବଭୂତାଧିବାସଃ ସାକ୍ଷୀ ଚେତା କେବଳୋ ନିର୍ଗୁଣଶ୍ଚ । ୨ । ରେଖ—ଚିହ୍ନ । ଘଟ—ମାଟିଆ, ଶରୀର । ସେ ଅନ୍ତର୍ଯ୍ୟାମୀ ପୁରୁଷ ଚନ୍ଦ୍ରପରି ସର୍ବତ୍ର ବ୍ୟାପିଛନ୍ତି । ଚନ୍ଦ୍ର ପାଣି ମାଟିଆରେ ବସିଲା ପରି ସେ ସର୍ବ ଶରୀରରେ ପ୍ରକାଶ ପାଆନ୍ତି । ମାଟିଆ ଭାଙ୍ଗିଗଲେ ପାଣି ବହିଯାଏ, ଚନ୍ଦ୍ର ଆଉ ପ୍ରତିବିମ୍ବିତ ହୁଅନ୍ତି ନାହିଁ । ସେହିପରି ଦେହନାଶରେ ତାଙ୍କର ତିରୋଭାବ ହୁଏ । ସେ ଅନ୍ୟ ଘଟ କି ଶରୀର ଆଶ୍ରୟ କରନ୍ତି । "ବାସାଂସି ଜୀର୍ଣ୍ଣାନି ଯଥା ବିହାୟ ନବାନି ଗୃହ୍ଣାତି ନରୋଽପରାଣି । ତଥା ଶରୀରାଣି ବିହାୟ ଜୀର୍ଣ୍ଣାନ୍ୟନ୍ୟାନି ସଂଯାତି ନବାନି ଦେହୀ" ଜଳରେ ଚନ୍ଦ୍ରଙ୍କ ଅଧ୍ୟାସବତ୍ ଶରୀରରେ ବ୍ରହ୍ମର ଅଧ୍ୟାସ । ସେ ସାକାର ଓ ନିରାକାର । ନିର୍ଗୁଣ ହେତୁ ଅରୂପ ଓ ଗୁଣ ଆଶ୍ରୟ କଲେ ରୂପବାନ୍, ସାକାର । ଭାବେ—ହୃଦୟର ଅନୁରାଗରେ, ଭକ୍ତିରେ ସେ ବଶ ହୁଅନ୍ତି । ଅଭାବରେ—ହୃଦୟର ଭକ୍ତିଶୂନ୍ୟତାରେ । ୩ । ନିରଞ୍ଜନ—ଅବିଦ୍ୟାଦୋଷରହିତ; ଶୁଦ୍ଧ ବ୍ରହ୍ମ । ଭଙ୍ଗୁର—କ୍ଷଣସ୍ଥାୟୀ । ଚକ୍ର—ଆଧାର, ସ୍ୱାଧିଷ୍ଠାନ, ମଣିପୁର, ଅନାହତ ବିଶୁଦ୍ଧାଖ୍ୟ, ଆଜ୍ଞା । ପଦ୍ମମାନ ଯଥାକ୍ରମରେ ଗୁହ୍ୟ, ଲିଙ୍ଗ, ନାଭି, ହୃଦୟ, କଣ୍ଠ, ଭ୍ରୂମଧ୍ୟ (କେତେକଙ୍କ ମତରେ ଚକ୍ଷୁ) ଚକ୍ର—ଏମାନ ଷଡଚକ୍ରରୂପରେ କଥିତ । ଏହି ଆଜ୍ଞାଖ୍ୟ ଚକ୍ରର ଊର୍ଦ୍ଧ୍ୱଭାଗରେ ଶଙ୍ଖିନୀ ନାଡ଼ୀର ଶିରୋଦେଶରେ ଯେ ଶୂନ୍ୟାକାର ସ୍ଥାନ ଅଛି, ସେଠାରେ ନିର୍ବାଣ ଶକ୍ତି ବିଦ୍ୟମାନ; ଏହି ଶକ୍ତିର ନିମ୍ନଦେଶରେ ସହସ୍ରଦଳପଦ୍ମ ବିରାଜିତ । ଏହି ପଦ୍ମ ଅକାରାଦି ପଞ୍ଚାଶଦକ୍ଷରାତ୍ମକ ଓ ନିତ୍ୟ ସୁଖସ୍ୱରୂପ । ଏହି ସହସ୍ରଦଳ ମଧ୍ୟରେ ସର୍ବଦେବପୂଜ୍ୟ ପରମୋତ୍ତମ ଶୂନ୍ୟସ୍ଥଳ ବିରାଜିତ । ଆକାଶରୂପୀ ପରମାତ୍ମା ସ୍ୱରୂପ ସଦାଶିବ ଏହି ସ୍ଥାନରେ ଅବସ୍ଥିତ । ଶୈବମାନେ ଏହି ଶୂନ୍ୟସ୍ଥଳକୁ ଶିବଙ୍କ ସ୍ଥାନ, ବୈଷ୍ଣବ ମାନେ ଏହା ବିଷ୍ଣୁଙ୍କ ସ୍ଥଳ ଓ ଅନ୍ୟମାନେ ଏହା ହରିହର ସ୍ଥାନ,

ଏରୂପ କହିଥାନ୍ତି । (ଷଟ୍‌ଚକ୍ର ନିରୂପଣ ସହସ୍ର ଦଳପଦ୍ମ ଦ୍ରଷ୍ଟବ୍ୟ ) । ୩-୪ । ଷଡ଼ଚକ୍ରକୁ ଧ୍ୟାନରେ ଅତିକ୍ରମ କରି ସହସ୍ରଦଳ ପଦ୍ମର ମଧ୍ୟବର୍ତ୍ତୀ ମଣିମୟ ମଣ୍ଡପରେ ରତ୍ନସିଂହାସନସ୍ଥ ପଞ୍ଚାଶଦଳ ପଦ୍ମ [ ପଞ୍ଚାଶ ବର୍ଣ୍ଣ ବର୍ଣ୍ଣାକ୍ଷର ] କେଶର ମଧ୍ୟରେ ଚତୁର୍ଭୁଜ ହରି ବିଦ୍ୟମାନ । ଚକ୍ର ମାନଙ୍କରେ ଅବସ୍ଥିତ ବର୍ଣ୍ଣମାନଙ୍କର ମୂଳଭୂତ ସୂକ୍ଷ୍ମରୂପୀ ବର୍ଣ୍ଣମାନଙ୍କର ଦଳମୟ ପଦ୍ମର କେଶରରେ ବିଦ୍ୟମାନ ଯେ ହରି ସେ ଯୋଗଗମ୍ୟ ପୁରୁଷ । ସେ ସର୍ବଭୂତସ୍ଥ—ବ୍ୟଷ୍ଟିଜୀବର ଅର୍ଥାତ୍ ପୃଥକ୍ ପୃଥକ୍ ରୂପରେ ପ୍ରତ୍ୟେକ ଦେହର ସେ ଅନ୍ତର୍ଯ୍ୟାମୀ ପୁରୁଷ, ସେ କ୍ଷୀରୋଦଶାୟୀ ବିଷ୍ଣୁ ଓ ଅନିରୁଦ୍ଧ ନାମରେ ଖ୍ୟାତ । "କେଚିତ୍ ସ୍ୱଦେହାନ୍ତର୍ହୃଦୟାବକାଶେ ପ୍ରାଦେଶମାତ୍ରଂ ପୁରୁଷଂ ବସନ୍ତମ୍ ଚତୁର୍ଭୁଜଂ କଞ୍ଜରଥାଙ୍ଗଶଙ୍ଖଗଦାଧରଂ ଧାରଣୟା ସ୍ମରନ୍ତି । ଭାଗବତ ୨ୟ ସ୍କନ୍ଧ ।" ଚକ୍ଷୁ...ଗୃହ୍ନିବ—ଅନ୍ତର୍ଦ୍ଦୃଷ୍ଟିରେ ଦେଖିବ । ସଦ୍ମ—ମନ ରଖ । ଭବକୁ—ସଂସାରକୁ । ୫ । ଗଙ୍ଗାଧର—ଗୋପୀଙ୍କ ଭକ୍ତି ଗଙ୍ଗାରୂପେ ଧରି ଅର୍ଥାତ୍ ଘେନି । ଅନ୍ୟଜ୍ଞାନ—ନଦୀ ବା ଗଙ୍ଗାଧର—ଶିବ; ସେ ଗଙ୍ଗାକୁ ଧାରଣ କରିଅଛନ୍ତି, ଅନ୍ୟ ନଦୀଙ୍କୁ ଧାରଣ କରନ୍ତି ନାହିଁ । ତହୁଁ ଗଙ୍ଗାରୂପିଣୀ ଭକ୍ତି ଅନ୍ୟ ନଦୀରୂପ ଜ୍ଞାନଠାରୁ ଶ୍ରେଷ୍ଠ । "ଭକ୍ତି ରତ୍ନାକର" ମୁଦ୍ରିତ ପୁସ୍ତକ ଦ୍ୱୟରେ ଅଛି । ଏହା କୌଣସି ପୋଥିରେ ନାହିଁ । ଭକ୍ତି—ସମୁଦ୍ର । ଜ୍ଞାନ—ସାମାନ୍ୟ ନଦୀ । ପ୍ରଥମ ଅର୍ଥ ସମୀଚୀନ । ୬-୭ । ବ୍ରହ୍ମଜ୍ଞାନ ରସହୀନ, ତଦ୍ଦ୍ୱାରା ଲୋକହୃଦୟ ଦ୍ରବେ ନାହିଁ । ହାତୀ ଖାଇଲା କଇଁଥ ଯେପରି ବାହାରକୁ ପୂର୍ବ ପରି ସୁନ୍ଦର ଦେଖାଯାଏ ଓ ଭିତରେ ରସ ନ ଥାଏ, ସେହିପରି ଜ୍ଞାନବଳରେ ଭଗବତ୍ ବିଷୟ ଆଲୋଚନା କଲେ ତାହା କହିବାକୁ ଭଲ ଲାଗେ, କିନ୍ତୁ ହୃଦୟରେ ଅନୁରାଗ ଜନ୍ମାଏ ନାହିଁ; କାରଣ ତାହା ରସହୀନ । ତଥା ସାରହୀନ—କେବଳ ସନ୍ଦେହ ପଦେ ପଦେ ଆଣି ପହଞ୍ଚାଏ । ଭଗବତ୍ ବିଷୟକ ଜ୍ଞାନ ସମ୍ପର୍କରେ ଅନ୍ତଃସାରଶୂନ୍ୟ ହୋଇଯାଏ । ସ୍ଥିର ଭକ୍ତି ସଙ୍ଗେ, କରକା ଜ୍ଞାନ ସଙ୍ଗେ ତୁଳନୀୟ । କରକା—କୁଆପଥର କ୍ଷଣକେ ମିଳାଇଯାଏ; ସେହିପରି ଜ୍ଞାନର ଯେ ବିଷୟ ତାହାର (ବ୍ରହ୍ମର) ସତ୍ତା ଉପଲବ୍ଧିଯୋଗ୍ୟ ନୁହେଁ । ୮ । ମୁକତି ଚାରି—ସାରୂପ୍ୟ, ସାଲୋକ୍ୟ, ସାମୀପ୍ୟ ଓ ସାଯୁଜ୍ୟ ଚାରିପ୍ରକାର ମୁକ୍ତି । ୯ । ଜାତି—ଜାଇ, ଚମେଲି ୧୦ । ବ୍ରହ୍ମ—ଚିତ୍‌ସ୍ୱରୂପ । ପ୍ରକୃତି—ଜଡ଼ ପ୍ରକୃତି । ବୀଜଟି—ବୀଜ । ଭକ୍ତି—କୃଷ୍ଣ ରସର ଭଣ୍ଡାର । କିଙ୍କର—ଚାକର । ୧୧ । ଅହଙ୍କାର ତ୍ୟାଗ କଲେ କୃଷ୍ଣପ୍ରେମ ମିଳଇ । ବ୍ରହ୍ମଜ୍ଞାନ ଥିଲେ ଲୋକର ମନରେ ଅହଙ୍କାର ଜନ୍ମେ, ତହୁଁ ଲୋକ ସଂସାରରେ ବୃଥାତର ଭ୍ରମରେ ପଡ଼େ ।

ମଧୁର ରସ—ପଞ୍ଚଭକ୍ତ । ସନେ—ସଙ୍ଗରେ । ୧୩ । ଆତ୍ମା ସମ୍ପୁଟ—
ଆତ୍ମାରୂପ ସଫୁଆ; ଆତ୍ମାର ଭିତର କଥା । ହିଆ—ହୃଦୟ । ୧୪ ।
ସଚ୍ଚିଦାନନ୍ଦ—ସତ୍, ଚିତ୍ ଓ ଆନନ୍ଦମୟ ଭଗବାନ୍ ।

ଈଶ୍ୱରଃ ପରମଃ କୃଷ୍ଣଃ ସଚ୍ଚିଦାନନ୍ଦବିଗ୍ରହଃ ।
ଅନାଦିରାଦିର୍ଗୋବିନ୍ଦଃ ସର୍ବକାରଣକାରଣମ୍ ॥ ବ୍ରହ୍ମସଂହିତା ।

ଈଶ୍ୱର ସତ୍ତ୍ୱମୟ, ଜ୍ଞାନମୟ ଓ ଆନନ୍ଦମୟ । ତାଙ୍କର ଅଙ୍ଗରୁ ବ୍ରହ୍ମର ଜନ୍ମ । ବ୍ରହ୍ମ ଭଗବାନଙ୍କ ଶରୀରର କିରଣ । ଏହା ବ୍ରହ୍ମସଂହିତାରେ କଥିତ ହୋଇଅଛି ।

ଯସ୍ୟ ପ୍ରଭା ପ୍ରଭବତୋ ଜଗଦଣ୍ଡକୋଟି
କୋଟିଷ୍ୱଶେଷବସୁଧା ଦିବ ଭୂତିଭିନ୍ନମ୍ ।
ତଦ୍‌ବ୍ରହ୍ମ ନିଷ୍କଲମନନ୍ତମଶେଷଭୂତମ୍
ଗୋବିନ୍ଦମାଦିପୁରୁଷଂ ତମହଂ ଭଜାମି ॥

ପୁନଶ୍ଚ ଚୈତନ୍ୟଚରିତାମୃତରେ—

"ଯଦଦ୍ୱୈତଂ ବ୍ରହ୍ମୋପନିଷଦି ତଦପ୍ୟସ୍ୟ ତନୁଭା
ଯ ଅନ୍ତର୍ଯାମୀ ପୁରୁଷ ଇତି ସୋଽସ୍ୟାଂଶବିଭବଃ
ଷଡୈଶ୍ୱର୍ଯୈଃ ପୂର୍ଣ୍ଣଃ ଯ ଇହ ଭଗବାନ୍ ସ୍ୱୟମୟଂ
ନ ଚୈତନ୍ୟାତ୍ କୃଷ୍ଣାଜ୍ଜଗତି ପରତତ୍ତ୍ୱଂ ପରମିହ ॥

୧୬ । ସ୍ୱରୂପ—ଯଥାର୍ଥ । ବ୍ରହ୍ମଭାଗେ—ବ୍ରହ୍ମ ବିଷୟରେ । ୧୭ । ପରମପକ୍ଷୀ—
ଜୀବ ଓ ପରମ ଦୁଇଗୋଟି ପକ୍ଷୀ ରୂପରେ କଳ୍ପିତ । ଜୀବବ୍ରହ୍ମ ଓ
ପରମ ବ୍ରହ୍ମ—ପ୍ରଥମଟି ଭୋକ୍ତା ଦ୍ୱିତୀୟଟି ଉଦାସୀନ ।

ଦ୍ୱା ସୁପର୍ଣ୍ଣା ସଯୁଜା ସଖାୟା ସମାନଂ ବୃକ୍ଷଂ ପରିଷସ୍ୱଜାତେ ।
ତୟୋରନ୍ୟଃ ପିପ୍ପଲଂ ସ୍ୱାଦ୍ୱତ୍ତ୍ୟନଶ୍ନନ୍ନନ୍ୟୋ ଅଭିଚାକଶୀତି । ୧ ।
ସମାନେ ବୃକ୍ଷେ ପୁରୁଷୋ ନିମଗ୍ନୋଽନୀଶୟା ଶୋଚତି ମୁହ୍ୟମାନଃ ।
ଜୁଷ୍ଟଂ ଯଦା ପଶ୍ୟତ୍ୟନ୍ୟମୀଶମସ୍ୟ ମହିମାନମିତି ବୀତଶୋକଃ । ୨ ।

(ମୁଣ୍ଡକୋପନିଷଦ୍ ପ୍ରଥମ ଖଣ୍ଡ)

୧୮ । ଆତ୍ମ ବ୍ରହ୍ମ—ଆମ୍ଭମାନଙ୍କର ଉପାସ୍ୟ ଦେବତା କୃଷ୍ଣ । ୧୯ । ନିର୍ବେଦ—
ବୁଦ୍ଧିଶୂନ୍ୟ । କି କେ—କି ହେତୁ । ଟିକେ—ନିଶ୍ଚୟ କର । ଶେଷ—
ଅନନ୍ତ, ବାସୁକି । ୨୦ । ଊର୍ଦ୍ଧ୍ୱରେତା—ଜିତେନ୍ଦ୍ରିୟ । ୨୨ । ଦ୍ୱନ୍ଦ୍ୱ—
କଳହ । ୨୪ । ପ୍ରାଣଆଳି—ପ୍ରାଣସଖୀ । ୨୫ । ପୁର—ଗୃହ । ୨୮ ।
ନୀପ—କଦମ୍ବ । ସମ୍ଭବ—ଜନ୍ମ । ୩୧ । କୃତ୍ତିବାସ—ମହାଦେବ ।
ନରକାର—ବିଷ୍ଣୁ । କୁଳିଶଧର—ବଜ୍ରଧର, ଇନ୍ଦ୍ର । ବିନାୟକ—ଗଣେଶ ।
ଶଚୀ—ଇନ୍ଦ୍ରଙ୍କ ସ୍ତ୍ରୀ । (ରସକଲ୍ଲୋଳ ୩୨ ଛାନ୍ଦ ୨୨-୨୬ ପଦ ଦେଖ)
କୃତ୍ତିବାସ—ମହାଦେବ, ଶ୍ମଶାନବାସୀ, ଗଜାସୁରକୁ ମାରି ତାର ଚର୍ମକୁ

ସଂହାର କରିଥିଲେ । ତାଙ୍କର ପଞ୍ଚମୁଖ, ତ୍ରିନେତ୍ର ଓ ବୃଷଭବାହନ । ସେ ମାତୃହରଣ କରିଥିଲେ ଓ ଗୋ-ବ୍ରାହ୍ମଣ ହତ୍ୟା କରିଥିଲେ ।

ନବୀକାର—ବିଷ୍ଣୁ, ଚତୁର୍ଭୁଜ ଏକମୁଖ, ପକ୍ଷୀବାହନ, କନ୍ଦର୍ପର ପିତା, ଚଞ୍ଚଳପତି । ଅବତାର ହୋଇ ସେ ସଂସାରରକ୍ଷା ଭୋଗ କରନ୍ତି । ସେ ବୃନ୍ଦାବତୀଙ୍କର ସତୀତ୍ୱ ନଷ୍ଟ କରିଥିଲେ । ଇତ୍ୟାଦି ଇତ୍ୟାଦି ।

କୁବେର—କୁତ୍ସିତ ରୂପ, ତାଙ୍କର ତିନି ଗୋଡ଼, ଆଠ ଦାନ୍ତ ଓ ଏକ ଚକ୍ଷୁ । ଅନ୍ୟଚକ୍ଷୁ ସ୍ଥାନରେ ହଳଦିଆ ଦାଗ ଅଛି । ସେ କୈଳାସବାସୀ ଓ ଧନପତି ।

କୁଳିଶଧର—ବଜ୍ରଧର, ଇନ୍ଦ୍ର । ତାଙ୍କର ସହସ୍ର ଚକ୍ଷୁ, ସହସ୍ର ଯୋନି । ଗୁରୁପତ୍ନୀ ହରଣ କରିବା ଅଭିଶାପରେ ସହସ୍ର ଯୋନି ବା ସହସ୍ରଚକ୍ଷୁ ହେଲେ ।

ବ୍ୟାସ—କୈବର୍ତ୍ତୀ ପୁତ୍ର ଏବଂ ନିଜର ଭାଇବୋହୂମାନଙ୍କୁ ହରଣ କରିଥିଲେ ।

ବିନାୟକ—ଗଣେଶ । ସେ ହସ୍ତୀମୁଖ, ମୂଷିକବାହନ; ତନ୍ଦୁ କୁରୂପ ।

ଶଚୀ—ଇନ୍ଦ୍ରମାନଙ୍କ ପତ୍ନୀ । ଶୟୃଲେ—ସଂସାରରେ ।

୩୨ । ବାଣୀକି ମୁଦି ରହିଲା—ଚୁପ୍ ହୋଇ ରହିଲ । ଆବେଶ ଭାବରେ—ଅଭିଭୂତ ବା ଭାବଗ୍ରସ୍ତ ହେଲା । ତଡ଼ ଭେଦି—ଗୋପୀମାନଙ୍କର ଗହଳି ମଧରେ ପଶି । ୩୩ । କାହା—କେଉଁ ଲୋକ । ବେଳେ—କେଉଁ ସମୟରେ । ତାଲେ—ତିଳକେ । ୩୪ । ଦର—ଅଳ୍ପ, ଈଷତ୍ । ବାସଙ୍ଗ—(ସଂ) ବାସକ । ୩୫ । ତଥାପି...ହୋଇଲା—ସେ କୁବୁଜା ଅସୁନ୍ଦରୀ ହେଲେ ସୁଦ୍ଧା ତାହାର ସଙ୍ଗ କରିବାଠାରୁ ବା କରିବା ମାତ୍ରେ ( କଲେହେଁ—ଏଠାରେ 'ହେଁ' ନିଶ୍ଚୟାର୍ଥକ ବା ମାତ୍ର ଅର୍ଥରେ ବ୍ୟବହୃତ ) । ଶ୍ରୀରଙ୍ଗ—କୃଷ୍ଣଚନ୍ଦ୍ର । ମଧୁନାରୀ—ମଥୁରାସ୍ତ୍ରୀ । ଭଣ୍ଡିଲେ—ଠକିଲେ । ୩୬ । ଯନ୍ତ୍ର-କୁଞ୍ଚନେ—ଯନ୍ତ୍ରମନ୍ତ୍ରାଦିରେ ବଶ କରିବା ମନ୍ଦ ବିଦ୍ୟା । ସ୍ତମ୍ଭନ—ଜଡ଼ । ମୋହନ—ମୁଗ୍ଧ କରିଦେବା ପ୍ରଭୃତି, ଯନ୍ତ୍ରମନ୍ତ୍ର ଓ ଔଷଧବଳରେ ଅପରକୁ ବଶୀକରଣ କ୍ରିୟା; (ମାରଣ, ମୋହନ, ସ୍ତମ୍ଭନ, ବିଦ୍ୱେଷଣ, ଉଚ୍ଚାଟନ ଓ ବଶୀକରଣ ପ୍ରଭୃତି ବିଦ୍ୟା) । ଯଦୁନାରୀ—ଯାଦବରମଣୀ । ପରଧନେ—ଗୋପୀଙ୍କ ଧନେ—କୃଷ୍ଣଚନ୍ଦ୍ରଙ୍କୁ ନେଇ । ୩୭ । ଲୀଳା—ଭଙ୍ଗୀ । ୩୮ । ସତ ଭଗ୍ନ—"ଶୀଘ୍ର ବନେ ଆସିବା" କହି ନ ଆସିବାରୂପ ସତ୍ୟଭଗ୍ନ । ୩୯ । କୁବୁଜାଙ୍କ ନାଗରବରକୁ—କୃଷ୍ଣଙ୍କୁ । ୪୦ । ଅଙ୍ଗସୁବାସ—ଶରୀରର ସୁଗନ୍ଧ; ସେମାନେ ସମସ୍ତେ ପଦ୍ମିନୀ କନ୍ୟା । "ପଦ୍ମିନୀ ପଦ୍ମଗନ୍ଧା ଚ ।" ଘୋଣା—ନାସିକା । ୪୧ । ବୃନ୍ଦା—ବୃନ୍ଦାବତୀ, ଜଣେ ଗୋପୀ । ପଦ୍ମରେ—ଏଠାରେ ପାଦ ହେଲା ପଦ୍ମ । ଚମ୍ପାକଳି—ପାଦର ଅଙ୍ଗୁଳି ହେଲା ଚମ୍ପାକଳି । ଜ୍ୟେଷ୍ଠ ନଖ—ବୁଢ଼ା ଆଙ୍ଗୁଠିର ନଖରେ । ୪୨ । କୃଷ୍ଣଭୂତ—କାଳିଆ

ହେତୁ କୃଷ୍ଣଙ୍କ ପରି ଶଠତା ଓ ଲମ୍ପଟତା ଆଚରଣ କରିବା ହେତୁ ।
ପ୍ରଥମରେ କାକୂକ୍ତିପୂର୍ଣ୍ଣ ଖନ୍ଦ କରି ପରେ ପାଦରେ ପଡ଼ିବା ଶଠତାର ଚିହ୍ନ ।
୪୩ । ଫଣୀ—ସାପ । ଦନୁଜ—ଦୈତ୍ୟ ( କାଳିଆ ) । ୪୪ । ନିପୁଣ—ନିପୁଣର ଅପଭ୍ରଂଶ । ନିରେଖ—ନୀରକ୍ଷ; ଅସହାୟ । ୪୫ । ଯେସନେ........କଲେ ନାଶ—ରସକଲ୍ଲୋଳ ୨୧ ଛାନ୍ଦର ଦଶମ ପଦ ଦେଖ । କଲାନାଗ ରୀତି ଅଛନ୍ତି ଅନୀତି ପଯ୍ୟ ଦେଲେ ହୋଏ ପ୍ରବଳ । କେତେ ନ ଛାଡ଼ଇ ଅଙ୍ଗ ଗରଳ । କୁଟିଳ ବଶହିଁ ପୁଣି ହେଲେ ସେହି ଲୋକଙ୍କୁ କରେ ତରଳ । ଗୋ ସଜନ । କୃଷ୍ଣର ନାଗର ନାଗ ସେହି ମତ । ଇତ୍ୟାଦି । ସଂବର୍ଦ୍ଧିତୋଽପି ଭୁଜଗଃ ପୟସା ନ ବଶ୍ୟସ୍ତିଷ୍ଠ ପାଳକାନପି ହନ୍ତି ବଳେନ ସଂହୃଃ । ଦୁଷ୍ଟଃ ପରୈରୁପକୃତସ୍ତଦନଷ୍ଟକାଷ୍ଠ ବିଶ୍ୱାସଲେଶ ଇହ ନୈବ ବୁଧୈର୍ବିଧେୟଃ । କାଳୀକୁଣ୍ଡଳୀ—କାଳୀୟନ୍ତ ନାଗ ସାପ । ଉଦ୍‌ଗାର—ବାନ୍ତି ।
୪୬ । କାମବ୍ୟାଳ—କନ୍ଦର୍ପରୂପ ସର୍ପ । ଜାଙ୍ଗୁଳି—ବିଷବୈଦ୍ୟ, ସାପୁଆ କେଳା ।
୪୭ । ଦ୍ରୋଣ—କାକ । ମୁହିଁ—ଛାଡ଼େ । ଖଗ—କାକ । ଶ୍ରୀନିବାସ—କୃଷ୍ଣ । ଆମ୍ଭେମାନେ ହେଲୁ କାକ । ଯଦୁବଂଶରେ ଜାତ ହୋଇ କୃଷ୍ଣଚନ୍ଦ୍ର ଗୋପରେ ବଢ଼ିଥିଲେ; ପୁନର୍ବାର ଯାଦବମାନଙ୍କ ସଙ୍ଗରେ ରହିବାରୁ ଗୋପୀମାନେ ଏପରି କହିଲେ । ୪୮ । ଦିନେଶ—ସୂର୍ଯ୍ୟ । ବିକାଶଇ—ପ୍ରସ୍ଫୁଟିତ କରେ । ତାମରସ—ପଦ୍ମ । ୪୯ । ମାର୍ତ୍ତଣ୍ଡ—ସୂର୍ଯ୍ୟ । ପ୍ରୀତିଜଳ—ପ୍ରୀତିରୂପକ ଜଳ । ଗୋପୀଜନ ସୂର୍ଯ୍ୟରେ—ଗୋପୀମାନେ ସୂର୍ଯ୍ୟରୂପ କୃଷ୍ଣଚନ୍ଦ୍ରଙ୍କର ଦୃଷ୍ଟିରେ ବା ଭୋଗରେ ହେଲେ ନାହିଁ । ଏହିରୂପେ—ଏପରି କାର୍ଯ୍ୟ । ପଯ୍ୟର—ପାଦ । ୫୦ । ମିହିରଙ୍କ—କାଳିଆ ହେତୁ ମିହିର କୃଷ୍ଣଚନ୍ଦ୍ର । ନିମୁଣ୍ଡି ଜୁଡ଼ା—ଏକପ୍ରକାର ଜୁଡ଼ା, ଦ୍ୱିଗୁଣ କରି ବାନ୍ଧିବା ଜଟ । ମଧୁନାରୀ—ମଥୁରାନାରୀ—ମଥୁରାନାରୀଙ୍କ ନିକଟରେ ଦୂତର କାର୍ଯ୍ୟ କରିବୁ । କଇତବବାନ୍ଧବ—କପଟିଆ କୃଷ୍ଣଙ୍କର ବନ୍ଧୁ ।
୫୧ । ଶିଳୀମୁଖ—ଭ୍ରମର । କୁସୁମପରାଗ—ଫୁଲକେଶରର ଧୂଳି । ୫୨ । ସଂକେତ—ଚିହ୍ନ । ସପତ୍ନୀ—ମଥୁରାନାରୀଙ୍କର । ଯତନେ—ଜାଣିଶୁଣି; କେଡ଼େ ସୁନ୍ଦରରେ । ୫୩ । ଅସିତ—କାଳିଆ । ଆଲୁଅ ଅନ୍ଧାର ଓ ଦୁଧ ପାଣି ପରି କୃଷ୍ଣ ଗୋପୀଙ୍କ ପ୍ରୀତି ଅଖଣ୍ଡ ଅଭେଦ୍ୟ; ଗାଢ଼ ପ୍ରୀତି । ୫୪ । ଅନ୍ତର—ଦୂର । ଗୋପୀ ତାଙ୍କ ବ୍ୟାଧି ଲୁପଥି । "ଆମ୍ଭେ ତାଙ୍କ ବ୍ୟାଧିକି ନିଷେଧ ଲୁପଥି" । ଦ୍ୱାରକାରମଣୀଙ୍କ ଉକ୍ତି ( ରହସ୍ୟମଞ୍ଜରୀ ସପ୍ତମ ଛାନ୍ଦ ୮ମ ପଦ ଦ୍ରଷ୍ଟବ୍ୟ ) । ୫୫ । ପଙ୍କଜନେତ୍ର—ପଦ୍ମଆଖି, କୃଷ୍ଣ । ୫୬ । ଦୂଷଣ—କଳଙ୍କ । କଷଣ—ପୀଡ଼ା । ଶରଦକୋକିଳ ପ୍ରାୟ—କୋଇଲି ଶରତ୍‌କାଳରେ ନିଜର ପାଳକକୁ ଛାଡ଼ି ଚାଲିଯାଏ । ଏଠାରେ ଗୋପୀମାନେ ନିଜପତି, ଶ୍ୱଶୁରାଦିଙ୍କୁ ଛାଡ଼ି ଦୂରକରିହେଲେ ଛାଡ଼ିଲେ ।

୫୭ । ଶଶୀ ଚନ୍ଦ୍ରଙ୍କୁ ଜଳମଗ୍ନ ମନେ କରି ଧାଇଁଲା । କିନ୍ତୁ ଚନ୍ଦ୍ରଙ୍କୁ ନ ପାଇ ପ୍ରାଣ ହରାଇଲା ପରେ ଚନ୍ଦ୍ରଙ୍କ ଶରୀରରେ କଲଙ୍କରୂପେ ରହିଲା । ୫୮ । କରି... କଶୃଙ୍ଗଲେ—କାଚ ପ୍ରାପ୍ତ କରି କଶୃଙ୍ଗଲେ; 'କରକାର' ପାଠରେ ହସ୍ତରେ ଥୋଇଥିବା କାଚ ଦ୍ରାପ୍ତ ଭାଙ୍ଗିଲେ । ( କରି କଂସ ପ୍ରାପ୍ତେ କଶୃଙ୍ଗଲେ—ଏ ପାଠ ମଧ୍ୟ ହୋଇ ପାରେ ) । ୬୧ । ଲୁଳଚା—ତୃଷ୍ଣା ।

୬୨ । ସୁଧା ବୃକ୍ଷ—ଅମୃତ ଗଛ ।
ବିଷମପ୍ୟମୃତଂ କ୍ୱଚିଦ୍ ଭବେଦମୃତଂ ବା ବିଷମୀଶ୍ୱରେଚ୍ଛୟା ( ରଘୁ-୮-୪ ) ।

୬୩ । କୃପଣ ସାମନ୍ତ—କୃପଣ ଦ୍ରବ୍ୟ, "କୃପଣ ସେବକ ପ୍ରାପ୍ତେ ମହାଶୋକ କଲ୍ଲ ହୃଦେ ଆଭରଣ" ( ରସକଲ୍ଲୋଳ ୩୪-୧୨ ) । ୬୫ । କମଠକୋଷ ପରିଏ ହେଲୁ—କଇଁଛ ନିଜର ଛୁଆଙ୍କୁ ପଙ୍କରେ ପୋତି ଦୂରକୁ ଚାଲିଗଲେ ଯେପରି ସେହି ଛୁଆମାନେ ଅନାଥ ହୁଅନ୍ତି, ସେହିପରି କୃଷ୍ଣଙ୍କ ହରି ଆମ୍ଭେମାନେ ଅନାଥ ହେଲୁଁ । ୬୬ । ଷଡ଼ଚରଣ—ଭଅଁର । କରଜ—ନଖ । ନିରନ୍ତେ—ସର୍ବଦା । ପ୍ରମାଦ—କଷ୍ଟ । ୬୭ । ତାଟକା—ବିସ୍ମୟରେ ଜଡ଼ ହେଲା । ୬୯ । ନ ଯୋଗାଇ—ଯୋଗ୍ୟ ନୁହେଁ । ୭୦ । ରସ—ପ୍ରୀତିଭକ୍ତି । ନଗୂଢ଼—ଗୁପ୍ତ । "ବ୍ରହ୍ମା ଇନ୍ଦ୍ର ଯୋଗୀନ୍ଦ୍ର ମୁନି ଯତି । ନ ଜାଣନ୍ତି ଏମାନେ ମୋର ପ୍ରୀତି" [ ରହସ୍ୟମଞ୍ଜରୀ ୫ମ ଛାନ୍ଦ ୨୨ ପଦ । ପୁନଶ୍ଚ ରହସ୍ୟମଞ୍ଜରୀ ୬ଷ୍ଠ ଛାନ୍ଦ ୧୩-୧୭ ପଦ ଦ୍ରଷ୍ଟବ୍ୟ ] । ୭୧ । କୃଷ୍ଣ ପ୍ରେମଭରରେ ଉଦ୍ଧବଙ୍କ ଶରୀରରେ ସାତ୍ତ୍ୱିକଭାବ ଜନ୍ମିଲା । ଭବୋତ୍ଥ ପ୍ରେମର ଲକ୍ଷଣ ଯଥା—ଏବମ୍ବ୍ରତଃ ସ୍ୱପ୍ରିୟନାମକୀର୍ତ୍ତ୍ୟା ଜାତାନୁରାଗୋ ଦ୍ରୁତଚିତ୍ତ ଉଚ୍ଚୈଃ । ହସତ୍ୟଥ ରୋଦିତି ରୌତି ଗାୟତ୍ୟୁନ୍ମାଦବନ୍ନୃତ୍ୟତି ଲୋକବାହ୍ୟଃ; ଭାଗବତ ୧୧ଶ ସ୍କନ୍ଧ । ଜ୍ଞାନକୁ ଛାଡ଼ି ଭକ୍ତିରସରେ ଏଠାରେ ଉଦ୍ଧବ ଆପ୍ଲୁତ ହେଲେ । ୭୨ । ଘଟ ( ଘାଟ )—ଶୁଳ୍କ ବା କର ମାଗିବା ସ୍ଥାନ । ଦାନପଣେ—କୃଷ୍ଣଚନ୍ଦ୍ରଙ୍କ ଦାନ କି କରଗ୍ରହଣଲୀଳା । ରାଧାଙ୍କ ପ୍ରାପ୍ତି ଉଦ୍ଦେଶ୍ୟରେ ଶ୍ରୀକୃଷ୍ଣଙ୍କ ଦାନର—ଦାନଗ୍ରହୀତାର କ୍ରିୟା ଓ ରାଧାକୃଷ୍ଣଙ୍କ ମିଳନ ଏବଂ ସମ୍ଭୋଗ । ୭୬ । ଆଖଣ୍ଡଳ—ଇନ୍ଦ୍ର । ଶିଳ—ଲୁଆପଥର । ଶଚୀବର—ଇନ୍ଦ୍ର । ୭୭ । ଭଗତସାର—ଭକ୍ତଶ୍ରେଷ୍ଠ । କୁନ୍ତ—ପକ୍ଷବିଶିଷ୍ଟ ବାଣ ।

୭୯ । ମୁଦ ଭାଙ୍ଗିଲା—ଚଟାଉ ଫିଟାଇଲା । ପ୍ରାଣନାହା—ପ୍ରାଣନାଥ, କୃଷ୍ଣ ।

୮୦ । ବ୍ରହ୍ମରାଶି— କୃଷ୍ଣ । ରାଜସୁତା—ବୃଷଭାନୁସୁତା, ଚନ୍ଦ୍ରାବଳୀ ।

---

## ଅଷ୍ଟତ୍ରିଂଶ ଛାନ୍ଦ

୧ । ଭୁଜଗଭୂଷଣ—ରେଖାପ୍ରତ ଭୂଷଣରୂପ କୃଷ୍ଣ । ବଳବନ୍ତା—ବଳବାନ୍

ହୋଇ ମୋ ଉପରେ ଦାଉ ସାଧୁଛି । ୨ । ମନସିଜସଙ୍ଗୀ—ମଦନର ସଙ୍ଗୀ ( ବା ସାଙ୍ଗୀ ); ଶସ୍ତ୍ରବିଶେଷ bayonet ( ହିନ୍ଦୀ ସଙ୍ଗୀନ୍, ପାରସ୍ୟ ଶବ୍ଦଜ ) । ଶରଦଚନ୍ଦ୍ରବଦନ—ଶରତ୍‌କାଳର ନିର୍ମଳ ଚନ୍ଦ୍ରପରି ମୁଖ ଯାହାର, କୃଷ୍ଣ ! ୩ । ନୀରଜନୟନା—ପଦ୍ମପରି ଆଖି ଯାହାର । ଦ୍ୱିରଦ-ଗମନା—ଗଜଗମନା । ହାଟକବରନୀ—ସୁନାପରି ବର୍ଣ୍ଣ ଯାହାର । ବଲ୍ଲକା—କ୍ଷୀଣା । ସୂକ୍ଷ୍ମନିବସନା—ଅତି ସରୁଲୁଗା ପିନ୍ଧିଲି ସ୍ତ୍ରୀ । ୪ । ଝଷବିଲୋଚନା—ମାଛ ପରି ଆଖି ଯାହାର, ନିର୍ନିମେଷନୟନା । ଝଷକେତୁ—କନ୍ଦର୍ପ । କେତୁ—ଦୈର୍ଘ୍ୟ; ଧ୍ୱଜର ଅଧୋଦେଶ । ଲଲନା—ସ୍ତ୍ରୀ । ବିଳାସଲାବଣ୍ୟସିନ୍ଧୁ—ଲୀଳାମାଧୁର୍ଯ୍ୟର ଆଧାର ବା ନିଧି । ବନ୍ଧୁ—କଳହରୁ । କୃତ୍ତିବାସରିପୁ—ମହାଦେବଙ୍କ ଶତ୍ରୁ, ମଦନ । ୫ । ଦୃଶ୍ୟ ନୁହଇ ସୂର୍ଯ୍ୟମଣ୍ଡଳ—ସବୁ ଅନ୍ଧାରମୟ ଦିଶୁଛି । ଶର୍ବରୀ—ରାତି । ହଳହଳା—ହଳାହଳ ବିଷ । ୬ । ଶିରୀଷକୋମଳା—ଶିରୀଷ ପୁଷ୍ପ ପରି କୋମଳ ଅଙ୍ଗ ଯାହାର; ଶିରୀଷମୃଦ୍ୱୀ । କାମନଦୀଭେଳା—କାମ ହେଲା ନଦୀ; ତାକୁ ପାର ହେବାକୁ ସେ ଭୁଙ୍ଗୀ । ଉଲଟ ରମ୍ଭାଜଘନ—ଉଲଟା କଦଳୀ ପରି ଊରୁ ଯାହାର, ରମ୍ଭୋରୁ । ମନ୍ଥରଗମନା—ସ୍ଥିର ଗତି ଯାହାର । ଖଞ୍ଜନଗଞ୍ଜନଲୋଚନ—( ଖଞ୍ଜନାକ୍ଷୀ ) ଖଞ୍ଜନ ପକ୍ଷୀକି ହଟାଇ ଦେଉଛି ଚଞ୍ଚଳତାରେ ଚକ୍ଷୁ ଯାହାର । ପବି—ବଜ୍ର । ନିରବଧି—ସଦାସର୍ବଦା । ୭ । ମୃଣାଳ—ପଦ୍ମନାଡ଼, ସେପରି ବାହା, ଅତିକୋମଳ ବାହୁ । ମାର—କନ୍ଦର୍ପ । କେହୁ—କପର ।

୮ । ପଦ୍ମିନୀ—ଉତ୍ତମ ଶ୍ରେଣୀର ସ୍ତ୍ରୀ । ପଦ୍ମିନୀ ପଦ୍ମଗନ୍ଧା ଚ କ୍ଷାରଗନ୍ଧା ଚ ଚିତ୍ରିଣୀ । ବା

କମଲମୁକୁଲମୃଦ୍ୱୀ ଫୁଲ୍ଲରାଜୀବଗନ୍ଧା, ସୁରତପୟସି ଯସ୍ୟାଃ ସୌରଭଂ ଦିବ୍ୟମଙ୍ଗେ ।
ଚକିତମୃଗଦୃଶାଭେ ପ୍ରାନ୍ତରକ୍ତେ ଚ ନେତ୍ରେ, ସ୍ତନଯୁଗଲମନର୍ଘ୍ୟଂ ଶ୍ରୀଫଳଶ୍ରୀବିଡ଼ମ୍ବି

( ରତିରହସ୍ୟ । )

ନାରୀମାନେ ଯଥାକ୍ରମେ ପଦ୍ମିନୀ, ଶଙ୍ଖିନୀ, ଚିତ୍ରିଣୀ ଓ ହସ୍ତିନୀରୂପେ ଚାରି ଭାଗରେ ବିଭକ୍ତ । ଶାତକୁମ୍ଭ ମୁକୁର—ସୁନାର ଦର୍ପଣ । ବନପ୍ରିୟ—କୋକିଳ । ଗାରିମା—ଠେକ । ଉପମା—ଉପମାନ; ଚନ୍ଦ୍ର, ପଦ୍ମ ପ୍ରଭୃତି । ୯ । ଠାଣି—( ସ୍ଥାନ ଶବ୍ଦଜ ) ଭଙ୍ଗୀ । ଚଳ—ଖସା । କାମମୋହ-ପାଶ—ମୋହ କରିବା ନିମନ୍ତେ ମଦନ କାନକୁ ଫାଶ କରି ଥୋଇଛି । ହଂସ—ସୂର୍ଯ୍ୟ । ମନସିଜ—ମଦନ । ପିଚ୍ଛିକା—କେଶପଲ୍ଲବପାତ; ଯଥା—ଚକ୍ଷୁ ପିଚ୍ଛିକାକେ ଯେ ମାରେ ଲକ୍ଷେ ଯୁବା । ୧୦ । ଦ୍ୱିଗୁଣି—ଧନୁର ଗୁଣ ଟାଣିବା ନିମନ୍ତେ ଅଙ୍ଗୁଳିରେ ଲଗାଇବା ମୋଡ଼ିଥା ( ମୁଦ୍ରିକା ) । କୁମ୍ଭକାର ଚକ୍ର—କୁମ୍ଭାରୁଆ ଚକ ଯୋଡ଼ସଚ

ମାରଆଣି ତା ବସାରେ ରଖେ, ପୁଣି ତାଙ୍କୁ ଜୀଆଁଇ ନିଜରୂପ ଦେଇ ଛାଡ଼ିଦିଏ । ତୋରେ—ତୋ ଲାଗି । ଲୁଚିଯାଇ—ମରି ଅମୃତରେ ହୁଏ ବା ମରି ସଢ଼ିଯାଏ । ୧୧ । ବାଳଭୃଙ୍ଗପନ୍ତି—ଛୋଟ ଛୋଟ ଭଅଁରସବୁ । ଚୂର୍ଣ୍ଣକୁନ୍ତଳ—ଚୁନଚୂନିଆ ବାଳ, ଅଳକ । ମାରତୋଣ—କନ୍ଦର୍ପର ତୂଣୀର । ତୂଣୀର ଶବ୍ଦର ଅପଭ୍ରଂଶ—ତୋଣ; ଶର ରଖିବା ତୁଣା ) । କେଳିଶ୍ରୀବନ୍ଧୁ—ରତିପ୍ରିୟ, କାମଦେବ । ୧୨ । କୁରୁବକ—ଦାସ-କେରଣ୍ଡା ( ଉତ୍ତଶୋଣେ କୁରୁବକଃ ପୀତେ କୁରୁଣ୍ଟକଃ ); ଈଷତ୍ ରକ୍ତବର୍ଣ୍ଣର ଫୁଲ, ଯଥା—"ଅଗ୍ରେ ସ୍ତ୍ରୀନଖପାଟଳଂ କୁରୁବକମ୍" ବକ୍ରମୋହିନୀ । ବିଦ୍ୟୁଲ୍ଲତା—ବିଜୁଳି ( ବିଦ୍ୟୁତ୍ ଲତା ପରି ) । କାନ୍ତି—ଶୋଭା । କଙ୍କତିକା—ପାନିଆ । ୧୩ । ରମ୍ଭା—ଅଛିନ୍ନ ସୁନ୍ଦରୀ ସ୍ୱର୍ଗ ଅପ୍‌ସରୀ ।

୧୪ । ଚର୍ମଦେଶ—ଚରମ କି ପୃଷ୍ଠଦେଶ । କାଳକୁଣ୍ଡଳୀ—କାଳସର୍ପିଣୀ ନାଗ । ସୁମନସ—ଫୁଲ । ମୋହ ପଡ଼ୁଥାଇ—ମୂର୍ଚ୍ଛାପାଇ ପଡ଼ିଯାଏ । ନିଧୁବନ—କେଳିସ୍ଥାନ । ଜାଲ—ସମୂହ । ବିଟଙ୍କ—ପାରାଭିଡ଼ି, ଉଚ୍ଚଭୂମି; ଏଠାରେ ଉଚ୍ଚ ଶଯ୍ୟା । ସୁମନସକୁ ପାରା ସଙ୍ଗରେ ତୁଳନା କରି କବି ବୋଧହୁଏ ଏପରି କହିଛନ୍ତି । ୧୫ । କେଶରୀକଟି—ସିଂହପରି ସରୁ କଟି । ନୀଳ—ଘନପଟ—ନୀଳ ମେଘପରି ଶାଢ଼ୀ । ଘୋଟି—ଆବୋରି । ଶମ୍ବରଅରି—(ମଦନର ସ୍ତ୍ରୀକୁ ଶମ୍ବରାସୁର ହରଣ କରିବାରୁ ମଦନ ତାକୁ ମାରିଥିଲା) —କନ୍ଦର୍ପ । ସମର ପ୍ରତାପେ—କେଳି ପ୍ରତାପରୁ । ଅମ୍ବର—ଲୁଗା ।

୧୬ । ବିପରୀତ ରମ୍ଭା—ଓଲଟା କଦଳୀଗଛ; ମୂଳଟା ଉପରକୁ ଓ ଅଗଟା ତଳକୁ । କମନୀୟ—ସୁନ୍ଦର । ହଂସକ—ନୂପୁର, (ହଂସ ଭଳି କାକୃତି, ହଂସପରି ଶବ୍ଦ କରେ ବୋଲି ତା ନାମ ହଂସକ) । ୧୭ । ବିପରୀତରତି—ପୁରୁଷାୟିତ ।

୧୮ । କାଶହାସି—କାଶତଣ୍ଡି ଫୁଲ ପରି ହାସ ଯାହାର । "ଯଶସି ଧବଳତା ବର୍ଣ୍ଣ୍ୟତେ ହାସକୀର୍ତ୍ତ୍ୟୋ"—ସାହିତ୍ୟ-ଦର୍ପଣ । ୧୯ । ଭଙ୍ଗି—ଲୀଳା ।

୨୦ । ଝାଟ—ଝଟିତ, ଶୀଘ୍ର । ଶୃଙ୍ଗବଚନ— ତୋଷାମଦ କଥା । ୨୧ । ଆଶ୍ଳେଷ—ଆଲିଙ୍ଗନ । ମୁଖସାରସ—ମୁଖପଦ୍ମ । ୨୨ । ପଞ୍ଚବିଶିଖ—ପଞ୍ଚଶର—ଅରବିନ୍ଦ, ଅଶୋକ, ଚୂତ, ନବମାଳିକା, ନୀଳୋତ୍ପଳ କାମର ପଞ୍ଚଶର । କୁନ୍ଦଦ୍ୟୁହାସୀ —କୁନ୍ଦଫୁଲ ପରି ଅଳ୍ପ ହାସ ଯାହାର । ଏଠାରେ କୁନ୍ଦ ଦାନ୍ତ ସଙ୍ଗରେ ତୁଳନା ହେବୁ ହସ ବୁଝାଉଛି । ଘନକୁନ୍ତଳା—ମେଘପରି କାଳିଆ ବାଳ ଯାହାର । ୨୩ । ଗବାକ୍ଷ—ଝରକାବାଟ, ଝରକା । ନୀରଜାକ୍ଷୀ—ପଦ୍ମାକ୍ଷୀ । ୨୮ । କେତକନ—